


ଉତ୍କଳ ପ୍ରସଙ୍ଗ
ସାଧାରଣତନ୍ତ୍ର ଦିବସ ବିଶେଷାଙ୍କ
୧୯୮

Licence No. C. R. N. P. 5—Licensed to post without Pre-Payment




କୋରାପୁଟର
ଅଗମ୍ୟ ଗ୍ରାମରେ....





ଲାକ୍ଷାଦ୍ୱୀପର ଲୋକନୃତ୍ୟଶିଳ୍ପୀଙ୍କ ଗହଣରେ ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀ ଓ ଶ୍ରୀମତୀ ଗାନ୍ଧୀ



ମିନିକଏ ଦ୍ୱୀପ ନିକଟରେ ପ୍ରଧାନମନ୍ତ୍ରୀଙ୍କ ନୌବିହାର

# ଉତ୍କଳ ପ୍ରସଙ୍ଗ

ମାର୍ଗଶିର-ପୌଷ ୧୯୦୯ ଶକାବ୍ଦ ୪୩ ଭାଗ ୫ମ/୬ଷ୍ଠ ସଂଖ୍ୟା ଡ଼ିସେମ୍ବର/ଜାନୁଆରୀ ୧୯୮୮

**ସମ୍ପାଦନା ମଣ୍ଡଳୀ**
ନିର୍ଦ୍ଦେଶକ : ଶ୍ରୀ ସୁବାସ ପାଣି
ସମ୍ପାଦକ : ସମର ବିଳାସ ପଟ୍ଟନାୟକ
ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ
ସହଯୋଗୀ ସମ୍ପାଦକ : ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ

**ମୁଖ୍ୟ ସମ୍ପାଦକ**
ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରଚ୍ଛଦପଟ**
ଶ୍ରୀ ଅନନ୍ତ କୁମାର ପାଣ୍ଡେ

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

**ମୁଦ୍ରଣ :** ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ପଞ୍ଚମ ଦଶନ୍ଧିରେ ପଦାର୍ପଣ .. | ଶ୍ରୀ ରାଜୀବ ଗାନ୍ଧୀ | .. ୧ |
| ଶତାବ୍ଦୀ ସ୍ମରଣେ : ପଣ୍ଡିତଜୀ .. | ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ | .. ୬ |
| ଭାରତର ବାଣୀ : ସୁଧୈବ କୁଟୁମ୍ବକମ୍ .. | ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ | ୭ |
| ଜବାହର ଏକ ଅମ୍ଳାନ ବ୍ୟକ୍ତିତ୍ୱ .. | ଡଃ ସତ୍ୟନାରାୟଣ ରାଜଗୁରୁ | .. ୯ |
| ପଣ୍ଡିତ ନେହେରୁ ଓ ସମାଜବାଦ .. | ଡଃ ବୈଦ୍ୟନାଥ ମିଶ୍ର | .. ୨୨ |
| ସଂଗ୍ରାମର ସ୍ମୃତି .. | ଶ୍ରୀ ଉଦୟନାଥ ଷଡଙ୍ଗୀ | .. ୨୭ |
| ଇତିହାସର ଏକ ମର୍ମନ୍ତୁଦ ଅଧ୍ୟାୟ .. | ଡଃ ଜଗନ୍ନାଥ ପଟ୍ଟନାୟକ | .. ୩୦ |
| ମୂଲ୍ୟବୋଧଭିତ୍ତିକ ଗ୍ରାମ ପରିକଳ୍ପନା .. | ଶ୍ରୀ ଫଣୀଭୂଷଣ ଦାସ | .. ୩୪ |
| ଜବାହରଲାଲ ନେହେରୁ ଓ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ | ଡଃ ଶ୍ରୀଧାକର ସୂପକାର | .. ୩୭ |
| ଧର୍ମନିରପେକ୍ଷ ରାଷ୍ଟ୍ର ଓ ସ୍ୱାଧୀନ ନାଗରିକ .. | ଅଧ୍ୟାପକ ଶତ୍ରୁଘ୍ନ ନାଥ | .. ୩୯ |
| ଜୀବନ ଜଞ୍ଜାଳ .. | ୰ ଚିଦାନନ୍ଦ କର | .. ୪୫ |
| ବୌଦ୍ଧପୀଠ ଲଳିତଗିରି .. | ଡଃ ହରିଶ୍ଚନ୍ଦ୍ର ଦାସ | .. ୪୭ |
| ପଞ୍ଚମ ଆନ୍ତର୍ଜାତିକ ଶିଶୁ ଚଳଚ୍ଚିତ୍ର ଉତ୍ସବ .. | ଶ୍ରୀ ରଣଧୀର ଦାସ | .. ୫୦ |
| ଦୁଃଖିନୀ ଜନନୀର ଶହୀଦ ବାସୁ ଓ ବିଶୁନି .. | ଡଃ ଜଗନ୍ନାଥ ମହାନ୍ତି | .. ୫୩ |
| ସାର୍ଥକ ସ୍ୱପ୍ନ .. | | ୫୭ |
| ସମ୍ବାଦ ପରିକ୍ରମା .. | | ୬୩ |
| ମୋ ଭାରତ .. | ଶ୍ରୀ ବିଜୟ କୁମାର ମିଶ୍ର | .. ୭୧ |

## • ଜାତୀୟ ସଙ୍ଗୀତ

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା

ପଞ୍ଜାବ-ସିନ୍ଧୁ-ଗୁଜରାଟ-ମରାଠା
ଦ୍ରାବିଡ଼-ଉତ୍କଳ-ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା-ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶୀଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳଦାୟକ ଜୟ ହେ,
ଭାରତ-ଭାଗ୍ୟ-ବିଧାତା
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ।

# ଭାରତର ସଂଶୋଧିତ ପ୍ରସ୍ତାବନା

ଭାରତୀୟ ସମ୍ବିଧାନର ପ୍ରସ୍ତାବନା (PREAMBLE) ବା ଉପକ୍ରମଣିକା ୪୨ତମ ସମ୍ବିଧାନ ସଂଶୋଧନ ବିଲ୍ ଅନୁଯାୟୀ ୧୯୭୬ ଡିସେମ୍ବର ୧୮ ତାରିଖରୁ ସଂଶୋଧିତ ହୋଇ କାର୍ଯ୍ୟକାରୀ ହେଉଛି ।

ତାହା ହେଲା ●●

"ଆମେ ଭାରତର ଜନସାଧାରଣ ଭାରତକୁ ଗୋଟିଏ ସାର୍ବଭୌମ, ଗଣତାନ୍ତ୍ରିକ, ଧର୍ମନିରପେକ୍ଷ, ସମାଜବାଦୀ, ସାଧାରଣତନ୍ତ୍ର ରୂପେ ଗଠନ କରିବା ନିମିତ୍ତ ଏବଂ ଏ ଦେଶର ସମସ୍ତ ନାଗରିକଙ୍କ ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା ଅଭିବ୍ୟକ୍ତି, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସାମାଜିକ ପ୍ରତିଷ୍ଠା ଓ ସୁଯୋଗ ଦିଗରେ ସମତା ହାସଲ କରିବା ତଥା ବ୍ୟକ୍ତିବିଶେଷର ମର୍ଯ୍ୟାଦା ଓ ଜାତିର ଏକତା ଏବଂ ଅଖଣ୍ଡତା ପାଇଁ ନିଶ୍ଚିତ ବ୍ୟବସ୍ଥା କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବର ବିକାଶ ସାଧନ ନିମନ୍ତେ ଦୃଢ଼ ସଂକଳ୍ପ ହୋଇ -- ଆମ୍ଭମାନଙ୍କର ଏହି ସମ୍ବିଧାନ ସଭାରେ ଅଦ୍ୟ ୧୯୪୯ ମସିହା ନଭେମ୍ବର ମାସର ଷଡ଼ବିଂଶ ଦିବସରେ ଏତଦ୍ଦ୍ୱାରା ଏହି ସମ୍ବିଧାନକୁ ଅଙ୍ଗୀକୃତ, ଅଧିନିୟମିତ ଓ ଆତ୍ମାର୍ପିତ କରିଛୁ ।"

# ଆମ ଜାତୀୟ ପତାକା

ଭାରତୀୟ ଜାତୀୟ ପତାକାର ଆଦ୍ୟଭାଗ କେଶରୀ, ମଧ୍ୟଭାଗ ଶ୍ୱେତ ଏବଂ ନିମ୍ନଭାଗ ସବୁଜ ରଙ୍ଗ । କେଶରୀ ରଙ୍ଗ ହେଲା ସାହସ ଓ ତ୍ୟାଗର ପ୍ରତୀକ । ସତ୍ୟ, ଶାନ୍ତି ଓ ପବିତ୍ରତା ପାଇଁ ଶ୍ୱେତ ରଙ୍ଗ ଉଦ୍ଦିଷ୍ଟ । ସବୁଜ ରଙ୍ଗ ବୀରତ୍ୱ, ବିଶ୍ୱାସ, ଶ୍ରଦ୍ଧା ଓ ଭକ୍ତିର ନିଦର୍ଶନ । ଶାନ୍ତି ଓ ପ୍ରଗତିର ପ୍ରତୀକ ରୂପେ ପତାକାର ମଧ୍ୟଭାଗରେ ଅଶୋକଚକ୍ର ବିଦ୍ୟମାନ ।

**ଆକାର**—ଜାତୀୟ ପତାକା ପାଞ୍ଚଗୋଟି ଆକାରରେ ମିଳିଥାଏ—

(୧) ୨୧ × ୧୪ (୨) ୧୨ × ୮ (୩) ୬ × ୪
(୪) ୩ × ୨ ଓ (୫) ୯ × ୬

**ପତାକା ପ୍ରଦର୍ଶନର ନିୟମାବଳୀ:—**

* ସରକାରୀ କୋଠାମାନଙ୍କରେ ଜାତୀୟ ପତାକା ଉଡାଇବାକୁ ହେଲେ ଏହା ରବିବାର ଓ ଛୁଟିଦିନ ସମେତ ସବୁଦିନ ଉତ୍ତୋଳିତ ଓ ପାଗର ଅବସ୍ଥା ଯେପରି ହୋଇଥାଉ ପଛକେ ସୂର୍ଯ୍ୟୋଦୟ ଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଉଡୁଥିବ । ଅତି ବିଶିଷ୍ଟ ଅବସରରେ ଏହା ରାତିରେ ମଧ୍ୟ ଉଡା ଯାଇ ପାରେ ।
* ଯଦି କୌଣସି ସଭାମଞ୍ଚରେ ପତାକା ଉଡ଼ା ଯାଉଥାଏ, ତେବେ ତାହା ବକ୍ତାଙ୍କ ଡାହାଣ ପଟକୁ ରହିବ । ଯଦି ଏହା ଅନ୍ୟ ଭାବେ ପ୍ରଦର୍ଶିତ ହୋଇଥାଏ ତେବେ ପତାକାଟି ବକ୍ତାଙ୍କ ପଛପଟେ ଓ ଊର୍ଦ୍ଧ୍ୱରେ ରହିବ ।
* କୌଣସି ଶୋଭାଯାତ୍ରା ବା ପରେଡରେ ନିଆଗଲାବେଳେ ପତାକାଟି ଶୋଭାଯାତ୍ରାର ଅଗ୍ରଭାଗରେ ଡାହାଣ ପଟକୁ ରହିବ ଅର୍ଥାତ୍ ପତାକାଟି ନିଜର ଡାହାଣ ପଟକୁ ରହିବ । ଯଦି ଅନ୍ୟ କେତେକ ପତାକା ଗୋଟିଏ ଧାଡ଼ିରେ ନିଆଯାଉଥାଏ, ତେବେ ଧାଡ଼ି ସାମ୍ନାର କେନ୍ଦ୍ର ସ୍ଥାନରେ ଜାତୀୟ ପତାକାଟି ରହିବ ।
* ନଷ୍ଟ ହୋଇଯାଉଥିବା କିମ୍ବା ଅବ୍ୟବସ୍ଥିତ ବା ମୋଡ଼ି ମକଚି ହୋଇଯାଇଥିବା ପତାକା ପ୍ରଦର୍ଶନ କରାଯିବ ନାହିଁ ।
* କୌଣସି ବ୍ୟକ୍ତି ବା ବସ୍ତୁକୁ ପ୍ରଣାମ ଜଣାଇବା ଉଦ୍ଦେଶ୍ୟରେ ପତାକା ନତ କରାଯିବ ନାହିଁ ।
* କୌଣସି ପତାକା ଜାତୀୟ ପତାକା ସହିତ ଉଡାଯାଇ ପାରିବ ନାହିଁ ।
* ସଭା ସମିତିରେ ବକ୍ତାଙ୍କ ଟେବୁଲର ଆଚ୍ଛାଦନ ରୂପେ କିମ୍ବା ସଭାମଞ୍ଚ ଉପରେ ଝାଲର ଆକାରରେ ଜାତୀୟ ପତାକା ବ୍ୟବହାର କରାଯିବ ନାହିଁ ।
* ଜାତୀୟ ପତାକାକୁ ଭୂମି କିମ୍ବା ଘର ତଳ ସ୍ପର୍ଶ କରିବାକୁ କିମ୍ବା ପାଣିରେ ବୁଡୁବୁଡିବାକୁ ଦିଆଯିବ ନାହିଁ ।
* ଜାତୀୟ ପତାକା ଉତ୍ତୋଳନ ବା ଅବତରଣ ଉତ୍ସବ ସମୟରେ ସେଠାରେ ଉପସ୍ଥିତ ସମସ୍ତ ଲୋକ ପତାକା ଆଡକୁ ମୁହଁ କରି ସାବଧାନ ହୋଇ ଠିଆ ହେବେ । ଯେଉଁମାନେ ୟୁନିଫର୍ମ୍ ପିନ୍ଧି ଉପସ୍ଥିତ ଥିବେ ସେମାନେ ପତାକାକୁ ଯଥାରୀତି ଅଭିବାଦନ ଜଣାଇବେ ।

# ଜାତୀୟତାର ପ୍ରତୀକ

କାଶ୍ମୀରରୁ କନ୍ୟାକୁମାରୀ ଯାଏଁ ଓ କାମରୂପଠାରୁ ଦ୍ୱାରକା ଯାଏଁ ଆମର ୬୮ କୋଟି ଲୋକଙ୍କୁ ଆଜି ଏକାଠି ବାନ୍ଧି ରଖିଛି ତିନୋଟି ମମତାର ଡୋରି :


## • ଜାତୀୟ ପତାକା



## • ଜାତୀୟ ସଙ୍ଗୀତ

ଜନଗଣ ମନ ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା !
ପଞ୍ଜାବ ସିନ୍ଧୁ ଗୁଜରାଟ ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ ହିମାଚଳ ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ ତବ ଶୁଭ
ଆଶିଷ ମାଗେ
ଗାଏ ତବ ଜୟ ଗାଥା ।
ଜନଗଣ ମଙ୍ଗଳ-ଦାୟକ ଜୟହେ !
ଭାରତ-ଭାଗ୍ୟ-ବିଧାତା !
ଜୟହେ, ଜୟହେ, ଜୟହେ, ଜୟ ଜୟ ଜୟ ଜୟ ହେ!

## • ଜାତୀୟ ସଙ୍କେତ




ଏ ତିନୋଟିର ପଛରେ ଅଛି—ଯୁଗ-ଯୁଗର ଇତିହାସ, ଆମର ପ୍ରାଚ୍ୟ ପରମ୍ପରା ଓ ଆତ୍ମତ୍ୟାଗର ମହନୀୟତା । ବଂଶାନୁକ୍ରମେ ସମଗ୍ର ଜାତି ତଥା ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ଏ ତିନୋଟି ଗୋଟିଏ ଗୋଟିଏ ପବିତ୍ର ନ୍ୟାସ ବା ଦାୟ; ସେଗୁଡ଼ିକର ସୁରକ୍ଷା ପାଇଁ ଏ ଜାତି ଯୁଗେ ଯୁଗେ ପ୍ରାଣ ପଣ କରି ଆସିଛି, କରୁଛି ଓ କରୁଥିବ । ନିଜର ବିଶ୍ୱାସରେ ଅଟଳ ରହି ଯେଉଁ ଜାତି ଯୂପକାଠରେ ହସି ହସି 'ଶିର' ଦେଇପାରେ, ସାରା ବିଶ୍ୱକୁ କରୁଣ ଦୃଷ୍ଟିରେ ଦେଖି ଯେ ବିଶ୍ୱ ମଞ୍ଚରେ ନିରପେକ୍ଷତାର ମଶାଲ ଜାଳି ଧରେ, ଯାର ଆତ୍ମଶକ୍ତି ଆଗରେ ସଙ୍ଗୀନ୍ ମୁନ ମଥା ନତ କରେ—ତା'ର ଆତ୍ମା ଅଜେୟ, ଅମର ।

ଆ
ମ
ର

ପ
ତା
କା



—ଚିହ୍ନଟିର ପରିଚୟ ସମସ୍ତେ ଜାଣନ୍ତି ।



# ୧୯୮୮ ସାଧାରଣତନ୍ତ୍ର ଦିବସରେ

## ରାଜ୍ୟପାଳଙ୍କ ବାର୍ତ୍ତା

ସାଧାରଣତନ୍ତ୍ର ଦିବସରେ ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଛି ।

୩୮ ବର୍ଷ ପୂର୍ବେ ଏହି ଐତିହାସିକ ଦିବସରେ, ଆମେ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠିତ କରିବା ପାଇଁ ଦୃଢ଼ ସଂକଳ୍ପ କରିଥିଲୁ ଏବଂ ଏହାର ସମସ୍ତ ନାଗରିକଙ୍କର ନ୍ୟାୟ, ସ୍ୱାତନ୍ତ୍ର୍ୟ, ସମାନତା ଓ ଭ୍ରାତୃତ୍ୱ ସୁରକ୍ଷିତ କରିବା ପାଇଁ ଶପଥ ନେଇଥିଲୁ ।

ଆଜି ଆମେ ଏହି ସୁଖଦ ଘଟଣାର ଉତ୍ସବ ପାଳନ କରୁଥିବା ବେଳେ ଆମର ଚିନ୍ତାଧାରା ଆମ ମୁକ୍ତିର ସ୍ଥପତି, ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଆଡକୁ ଆପେ ଆପେ ପ୍ରବାହିତ ହୋଇଯାଏ, ସ୍ୱାଧୀନତା ସଂଗ୍ରାମ କାଳରେ ସେ ଥିଲେ ଆମ ବତୀଘରର ଦୀପ ଶିଖା, ଆମର ଦିଗ୍‌ଦର୍ଶକ ଓ ଦାର୍ଶନିକ । ଆସନ୍ତୁ, ଆମେ ଏହି ମହାନ ଆତ୍ମାଙ୍କ ପ୍ରତି ଆମର ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା, ଯାହାଙ୍କର ସତ୍ୟ, ଅହିଂସା, ପ୍ରେମ, ସହିଷ୍ଣୁତା ଓ ଶାନ୍ତିର ବାର୍ତ୍ତା ଆଜି ମଧ୍ୟ ସେତିକି ପ୍ରଯୁଜ୍ୟ ଯେତିକି ସଂଗ୍ରାମର ସେହି ଘଟଣାବହୁଳ ବର୍ଷମାନଙ୍କରେ ଥିଲା ।

ଯେଉଁ ସବୁ ସହିଦମାନେ ସେମାନଙ୍କର ବୀରତ୍ୱପୂର୍ଣ୍ଣ ବଳିଦାନ ଓ କଷ୍ଟ ସ୍ୱୀକାର ଦ୍ୱାରା ସ୍ୱାଧୀନତାର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିଛନ୍ତି ସେମାନଙ୍କ ପ୍ରତି ମଧ୍ୟ ଆମେ ଏହି ଅବସରରେ ମୁଣ୍ଡ ନୁଆଁଇଁ କୃତଜ୍ଞତା ଜ୍ଞାପନ କରିବା ।

ଆମ ଓଡ଼ିଶା ରାଜ୍ୟ ପ୍ରାକୃତିକ ସଂପଦରେ ଅତ୍ୟନ୍ତ ବିଭବଶାଳୀ । ଏଠାରେ ଲୁହାପଥର, ବକ୍‌ସାଇଟ୍, କ୍ରୋମାଇଟ୍, ଚୂନପଥର ଓ କୋଇଲାର ବିଶାଳ ଭଣ୍ଡାର ରହିଛି । ଏହାର ଏକ ସୁପ୍ରସାରିତ ଉପକୂଳ ଓ ଅନେକ ଚିରସ୍ରୋତା ନଦୀ ଅଛି । ଏହାର ସୁବିସ୍ତୃତ ଅରଣ୍ୟାଞ୍ଚଳ ରହିଛି । ଏହା ଅତ୍ୟନ୍ତ ଆନନ୍ଦର ବିଷୟଯେ ଗତ ବର୍ଷମାନଙ୍କରେ ମୋର ସରକାର ଏହି ପ୍ରାକୃତିକ ବିଭବଗୁଡ଼ିକର ଅନୁକୂଳ ବିନିଯୋଗ ପାଇଁ ବହୁସଂଖ୍ୟକ ପଦକ୍ଷେପ ନେଇଛନ୍ତି ଏବଂ ବହୁକ୍ଷେତ୍ରରେ ପ୍ରଗତି ଲାଭ କରିଛନ୍ତି । ତଥାପି ଆହୁରି ବହୁତ କିଛି କରିବାକୁ ଅଛି । ଦାରିଦ୍ର୍ୟ ଓ ନିରକ୍ଷରତାକୁ ଦୂର କରିବାକୁ ହେବ । ଆଗାମୀ ବର୍ଷମାନଙ୍କରେ ପ୍ରତ୍ୟେକ କ୍ଷେତ୍ରରେ ଆମର ପ୍ରୟାସକୁ ଦ୍ୱିଗୁଣିତ କରିବାକୁ ହେବ ଯଦ୍ଦ୍ୱାରା ଅଭିବୃଦ୍ଧିର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ହେବ ଏବଂ ଆମ ରାଜ୍ୟ ଦେଶର ଅଗ୍ରଗାମୀ ରାଜ୍ୟମାନଙ୍କ ମଧ୍ୟରେ ସମୁଚିତ ସ୍ଥାନ ଲାଭ କରି ପାରିବ ।

ଓଡ଼ିଶା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି । ଖାଦ୍ୟ ଶସ୍ୟ ଉତ୍ପାଦନ, ଯାହାକି ୧୯୭୯-୮୦ ବେଳେ ୩୯ ଲକ୍ଷ ମେଟ୍ରିକ୍ ଟନ୍‌ରୁ କମ୍ ଥିଲା, ପ୍ରାୟ ଦ୍ୱିଗୁଣିତ ହୋଇଛି, ହେକ୍ଟର ପିଛା ହାରାହାରି ସାର ପ୍ରୟୋଗ ମଧ୍ୟ ତଦନୁରୂପ ବୃଦ୍ଧି ପାଇଛି । ସରକାରଙ୍କର ବାସ୍ତବବାଦୀ ଓ ବିକାଶୋନ୍ମୁଖୀ ଶିଳ୍ପନୀତି ଦ୍ୱାରା ଦ୍ରୁତ ଔଦ୍ୟୋଗୀକରଣ ସମ୍ଭବ ହୋଇଛି, ବୃହତ୍ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକର ଉନ୍ନତି କରିବା ସଙ୍ଗେ ସଙ୍ଗେ କ୍ଷୁଦ୍ର ଓ କାରିଗରୀ ଉଦ୍ୟୋଗଗୁଡ଼ିକୁ ମଧ୍ୟ ଯଥାବିଧି ଗୁରୁତ୍ୱ ଦିଆଯାଇଛି । ରାଜ୍ୟରେ ୧୯୮୦ର ମଧ୍ୟମ ଓ ବୃହତ୍ ଉଦ୍ୟୋଗମାନଙ୍କରେ ହୋଇଥିବା ମୋଟ ପୁଞ୍ଜି ଲଗାଣ ୧୮୦୦ କୋଟି ଟଙ୍କା ବୋଲି ଅଟକଳ କରାଯାଇଛି । ଅଧିକନ୍ତୁ ଏହି ଅବଧିରେ ୨୦,୦୦୦ କ୍ଷୁଦ୍ରଶିଳ୍ପ ତଥା ୫ ଲକ୍ଷରୁ ଅଧିକ କାରିଗରୀ ଉଦ୍ୟୋଗ ପ୍ରତିଷ୍ଠିତ ହୋଇ ପ୍ରାୟ ୯ ଲକ୍ଷ ଲୋକଙ୍କ ପାଇଁ ନିଯୋଜନ ସୃଷ୍ଟି କରାଯାଇଛି ।

ରାଜ୍ୟ ସରକାର ଜଳସେଚନ ଶକ୍ତି ବୃଦ୍ଧି ପାଇଁ ସଂକଳ୍ପ କରିଛନ୍ତି । ଅନେକ ବୃହତ୍ ମଧ୍ୟମ ଓ ଲଘୁ ଜଳସେଚନ ପ୍ରକଳ୍ପ ଓ ଉଠାଜଳସେଚନ ଉତ୍‌ଖନନ କୂପ ଓ ଜଳ ଅମଳ ଯୋଜନା କାର୍ଯ୍ୟାନ୍ୱିତ ହୋଇଛି ।

ରାଜ୍ୟର ଲୋକସଂଖ୍ୟାର ପ୍ରାୟ ଶତକଡା ୩୮ ଭାଗ ଅନୁସୂଚିତ ଜାତି ଓ ଜନଜାତି/ ଆଦିବାସୀମାନଙ୍କ ସାମାଜିକ-ଅର୍ଥନୈତିକ ଏବଂ ଶିକ୍ଷାଗତ ଅଭିବୃଦ୍ଧି ପାଇଁ ବିଶେଷ ଉଦ୍ୟମ କରାଯାଉଛି । ଉଚ୍ଚ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ସ୍ତରରେ ଆଦିବାସୀ ଛାତ୍ରମାନଙ୍କୁ ଦିଆଯାଉଥିବା ଛାତ୍ରବୃତ୍ତିର ଯଥେଷ୍ଟ ବୃଦ୍ଧି କରାଯାଇଛି । ରାଜ୍ୟର ଲୋକସଂଖ୍ୟାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ଶତକଡା ୨୪ ଭାଗ ହେଲେ ବି ଆଦିବାସୀ ଉପଯୋଜନା କ୍ଷେତ୍ରରେ ଯେଉଁ ରାଶି ବିନିଯୋଗ କରା ଯାଇଛି ତାହା ରାଜ୍ୟ ଯୋଜନାର ପ୍ରାୟ ଶତକଡା ୩୦ ଭାଗ । ୧୮୪ଟି ଆଦିବାସୀ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିସହିତ ସେମାନଙ୍କ ସାମାଜିକ-ଅର୍ଥନୈତିକ ଅବସ୍ଥାର ଉନ୍ନତି ପାଇଁ ଆଦିବାସୀ ଉପଯୋଜନା, ଅନୁସୂଚିତ ଜାତି ଉପାଦାନ ଯୋଜନା, ମାଇକ୍ରୋ ପ୍ରକଳ୍ପ, ମାଡ଼ା ଏବଂ ସ୍ୱତନ୍ତ୍ର ଶିକ୍ଷାଗତ କାର୍ଯ୍ୟକ୍ରମ ଆଦି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ଗ୍ରାମାଞ୍ଚଳମାନଙ୍କରେ ପାନୀୟ ଜଳ ଯୋଗାଣ ପାଇଁ ଆମ ରାଜ୍ୟ ଏକ ବ୍ୟାପକ କାର୍ଯ୍ୟକ୍ରମ ଗ୍ରହଣ କରିଛି । ୧୯୮୦ ମସିହା ପର୍ଯ୍ୟନ୍ତ ମାତ୍ର ୩,୪୬୧ଟି ଗ୍ରାମରେ ନଳ କୂପ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୫,୦୦୦ ଗ୍ରାମକୁ ଏକ ବା ଏକାଧିକ ନଳକୂପ ଯୋଗାଇ ଦିଆ ଯାଇଛି । ବାୟୋ-ଗ୍ୟାସ ପ୍ଲାଣ୍ଟ ପ୍ରତିଷ୍ଠା କ୍ଷେତ୍ରରେ ଆମର କାର୍ଯ୍ୟ ଦେଶରେ ସର୍ବୋତ୍ତମ ସ୍ଥାନ ଲାଭ କରିଛି, ଅଗତାନୁଗତିକ ଶକ୍ତି ଉତ୍ସର ଅଭିବୃଦ୍ଧି ରାଜ୍ୟରେ ଅଗ୍ରଗତି ଲାଭ କରିଛି ।

ଆମ ସରକାର ଆଇ.ଆର.ଡ଼ି., ଇ.ଆର୍.ଆର୍.ପି., ଆର.ଏଲ୍.ଇ.ଜି.ପି., ଏନ୍.ଆର୍.ଇ.ପି. ଆଦି ଦାରିଦ୍ର୍ୟ ନିରାକରଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ଦିଗରେ ଦୃଢ଼ ପଦକ୍ଷେପ ନେଇଛି ଏବଂ ସଡ଼କ ଓ ପ୍ରାଥମିକ ବିଦ୍ୟାଳୟ ଆଦି ସାମାଜିକ ଆସ୍ତି ସୃଷ୍ଟି କରିବା ସଙ୍ଗେ ସଙ୍ଗେ ବହୁ ସଂଖ୍ୟକ ଉପକୃତଙ୍କୁ ମଜୁରି ଯୋଗାଇ ଦେଇଛି । ନିଃସ୍ୱ ଓ ଶାରୀରିକ ଅକ୍ଷମମାନଙ୍କ ପାଇଁ ବହୁ କଲ୍ୟାଣକାରୀ ଉପାୟ ମଧ୍ୟ ଗ୍ରହଣ କରାଯାଇଛି ।

ଆଜିର ଏହି ପବିତ୍ର ସାଧାରଣତନ୍ତ୍ର ଦିବସରେ ମୁଁ ସମସ୍ତ ଓଡ଼ିଶାବାସୀଙ୍କୁ ନିବେଦନ କରୁଛି ଯେ ସେମାନେ ରାଷ୍ଟ୍ର ଗଠନର ଆହ୍ୱାନକାରୀ ପ୍ରୟାସରେ ଏବଂ ଏକ ପ୍ରଗତି ଓ ସମୃଦ୍ଧି ଯୁଗର ଉଦ୍‌ଘୋଷଣା କରିବା ଦିଗରେ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରନ୍ତୁ ।

—ଜୟହିନ୍ଦ୍—

ଗ୍ରହଣ କରିଛନ୍ତି । ଦେଶର ସ୍ୱାଧୀନତା ଓ ଅଖଣ୍ଡତା ଅକ୍ଷୁଣ୍ଣ ରଖିବା ପାଇଁ ପଞ୍ଜାବ, ଆସାମ, ମିଜୋରାମ ଓ ସିଂହଳ ସମସ୍ୟାର ସମାଧାନ କରିବା ପାଇଁ ତାଙ୍କର ଉଦ୍ୟମ ଉଲ୍ଲେଖଯୋଗ୍ୟ । ଦଳବଦଳ ନିରୋଧ ଆଇନ ପ୍ରଣୟନ ଓ କାର୍ଯ୍ୟକାରୀ କରି ସେ ଦୁର୍ନୀତି ବିରୁଦ୍ଧରେ ଏକ ବିଶାଳ ପଦକ୍ଷେପ ଗ୍ରହଣ କରିଛନ୍ତି । ଅଗାମୀ ତେର ବର୍ଷ ମଧ୍ୟରେ ଦେଶରୁ ବେକାରୀ ଓ ଦାରିଦ୍ର୍ୟ ଦୂର କରି ସ୍ୱାସ୍ଥ୍ୟ, ଶିକ୍ଷା, ବାସଗୃହ ଆଦି କ୍ଷେତ୍ରରେ ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ଯୋଗାଇଦେବା ପାଇଁ ସେ ସଂକଳ୍ପ ନେଇଛନ୍ତି । ଏହି ଶତାବ୍ଦୀର ଶେଷରେ ଭାରତ ଯେପରି ଏକ ସମୃଦ୍ଧ ରାଷ୍ଟ୍ରରେ ପରିଣତ ହେବ, ତାହାହିଁ ହେଉଛି ତାଙ୍କର ଏବଂ ଆମ ସମସ୍ତଙ୍କର ଆଜିର ସଂକଳ୍ପ ।

ଓଡ଼ିଶାରେ ଏବର୍ଷ ଏକ ଭୟାବହ ମରୁଡ଼ି ଦେଖାଦେଇଛି ଏବଂ ଏହା ଆମକୁ ଚେତାଇ ଦେଇଛି ଯେ, ଜଳସେଚନ କ୍ଷେତ୍ରରେ ଆମେ ଏବେ ମଧ୍ୟ ବହୁ ପଛରେ ପଡ଼ିଛେ । ମରୁଡ଼ି ପରିସ୍ଥିତିର ମୁକାବିଲା କରିବା ପାଇଁ ରାଜ୍ୟରେ ଜଳସେଚନ ବ୍ୟବସ୍ଥା ଓ ବିଦ୍ୟୁତ୍‌ଶକ୍ତିର ପ୍ରସାର, କୃଷି ଉତ୍ପାଦନ ଓ ଶିଳ୍ପର ବିକାଶ ଉପରେ ଆମକୁ ଯଥେଷ୍ଟ ଗୁରୁତ୍ୱ ଦେଇ ଆଗେଇ ଯିବାକୁ ପଡ଼ିବ । ଏ ସମସ୍ତ କ୍ଷେତ୍ରରେ ଏହି କେତେବର୍ଷ ମଧ୍ୟରେ ଓଡ଼ିଶାରେ ବିପୁଳ ଅଗ୍ରଗତି ଘଟିଛି । ଶିକ୍ଷା, ପର୍ଯ୍ୟଟନ ଶିଳ୍ପ ଏବଂ ଆଦିବାସୀ ଓ ହରିଜନ ସଂପ୍ରଦାୟର ଲୋକଙ୍କ ସାମାଜିକ ତଥା ଅର୍ଥନୈତିକ ବିକାଶ କ୍ଷେତ୍ରରେ ବିଶେଷ ଉଦ୍ୟମ ଚାଲୁ ରହିଛି । ଗ୍ରାମାଞ୍ଚଳରେ ବାସ କରୁଥିବା ଦରିଦ୍ରତମ ଲୋକଙ୍କର ଅର୍ଥନୈତିକ ଥଇଥାନ ପାଇଁ ଗତ ସାତ ବର୍ଷ ଧରି ଚାଲିଥିବା ଆମର କାର୍ଯ୍ୟକ୍ରମ ଜରିଆରେ ଲକ୍ଷ ଲକ୍ଷ ଦରିଦ୍ର ଜନସାଧାରଣଙ୍କର ଉନ୍ନତି ସାଧନ କରାଯାଇଛି । ସର୍ବୋପରି, ରାଜ୍ୟରେ ବେକାର ସମସ୍ୟାର ସମାଧନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ବିପୁଳ ଉଦ୍ୟମ ଆରମ୍ଭ କରାଯାଇଛି । ତଥାପି ଆମକୁ ଦୀର୍ଘ ପଥ ଅତିକ୍ରମ କରିବାକୁ ହେବ, ଭାରତରେ ଓଡ଼ିଶାକୁ ସର୍ବଶ୍ରେଷ୍ଠ ରାଜ୍ୟ ରୂପେ ପ୍ରତିଷ୍ଠିତ କରିବା ପାଇଁ । ଏହି ପବିତ୍ର ଜନରାଜ୍ୟ ଦିବସରେ ଏହାହିଁ ଆମର ସଂକଳ୍ପ ।

ଜୟହିନ୍ଦ୍



# ୧୯୮୮ ସାଧାରଣତନ୍ତ୍ର ଦିବସରେ

# ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଆଜି ୩୯ତମ ଜନରାଜ୍ୟ ଦିବସ ଉପଲକ୍ଷେ ମୁଁ ଓଡ଼ିଶାର ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ସ୍ୱାଧୀନତା ପରେ ଭାରତ କିପରି ଭାବରେ ଶାସିତ ହେବ, ତା'ର ଲକ୍ଷ୍ୟ ଓ ଆଦର୍ଶ କ'ଣ ହେବ, ଭାରତର ସମ୍ବିଧାନ ତା'ର ସୂଚନା ଦେଇଛି ଏବଂ ଜନରାଜ୍ୟ ଦିବସ ହେଉଛି ସେହି ଆଦର୍ଶ ଓ ମୂଲ୍ୟବୋଧର ପ୍ରତୀକ । ପୃଥିବୀର ପ୍ରଧାନ ଗଣତାନ୍ତ୍ରିକ ରାଷ୍ଟ୍ରମାନଙ୍କ ମଧ୍ୟରେ ଭାରତ ଅନ୍ୟତମ । ବହୁ ଧର୍ମ, ବହୁ ଜାତି, ଭାଷା ଓ ସଂପ୍ରଦାୟ ମଧ୍ୟରେ ଭାରତର ଏକତା ଓ ଅଖଣ୍ଡତା ଅକ୍ଷୁଣ୍ଣ ରଖିବାକୁ ହେଲେ ଏ ଦେଶରେ ଗଣତନ୍ତ୍ର ଶାସନ ଛଡ଼ା ଅନ୍ୟ ପନ୍ଥା ନାହିଁ । କୋଟି କୋଟି ଗରିବ ଲୋକଙ୍କୁ ଓ ଅନଗ୍ରସର ରାଜ୍ୟମାନଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିବାକୁ ହେଲେ ସମାଜବାଦ ତା'ର ହେଉଛି ଏକମାତ୍ର ରାସ୍ତା । ତେଣୁ ଗଣତାନ୍ତ୍ରିକ ସମାଜବାଦ ଓ ଧର୍ମନିରପେକ୍ଷତା ହେଉଛି ଏହି ମହାନ୍ ଦିବସର ଘୋଷଣା । ଏହା ସହିତ ସାମ୍ରାଜ୍ୟବାଦ, ନବ୍ୟ ଉପନିବେଶବାଦ ଓ ବର୍ଣ୍ଣବୈଷମ୍ୟର କବଳରୁ ପୃଥିବୀର ନରନାରୀଙ୍କୁ ମୁକ୍ତ କରି ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିବା ମଧ୍ୟ ଭାରତର ଅନ୍ୟତମ ଲକ୍ଷ୍ୟ ।

ଭାରତର ଏହି ଆଦର୍ଶ ଓ ଲକ୍ଷ୍ୟର ସାଧନ ପାଇଁ ପଣ୍ଡିତ ଜବାହରଲାଲ ନେହରୁ, ଶ୍ରୀ ଲାଲବାହାଦୁର ଶାସ୍ତ୍ରୀ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧି ଉଦ୍ୟମ କରି ଆସିଛନ୍ତି ଓ ଜୀବନ ବଳିଦାନ କରିଛନ୍ତି । ବର୍ତ୍ତମାନ ଦେଶର ଯୁବ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧି ଦୃଢ଼ତାର ସହିତ ଏହି ରାସ୍ତାରେ ଚାଲିଛନ୍ତି ଓ ଦେଶରେ ଯୁଗ ଯୁଗ ଧରି ରହିଥିବା ବହୁ ସମସ୍ୟାର ସମାଧାନ ପାଇଁ ଦୃଢ଼ ପଦକ୍ଷେପ

# ମୋ ଦୃଷ୍ଟିରେ ....

ଆଜିର ଐତିହାସିକ ଦିବସରେ ଆମର ସଂବିଧାନ ପ୍ରଣୟନ ହୋଇଥିଲା । ଭାରତବାସୀଙ୍କ ମଧ୍ୟରେ ନ୍ୟାୟ, ସାମ୍ୟ, ଭ୍ରାତୃତ୍ୱ ପ୍ରତିଷ୍ଠାର ମହାନ ଶପଥ ଏଇଦିନ ଆମେ ଗ୍ରହଣ କରିଥିଲୁ ।

ଏକ ବିଂଶ ଶତାବ୍ଦୀ ଆଡକୁ ଆମ ଯାତ୍ରାର ପ୍ରସ୍ତୁତି ପର୍ବ ଆରମ୍ଭ ହୋଇ ଯାଇଛି । କେବଳ ଆରମ୍ଭ ହୋଇନାହିଁ, ଭାରତ ଆନ୍ତର୍ଜାତିକ କ୍ଷେତ୍ରରେ ଆମର ବରେଣ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ନେତୃତ୍ୱରେ ମୂଲ୍ୟବୋଧ ଭିତ୍ତିକ ବିଶ୍ୱ ପ୍ରଗତିକୁ ଦୃଷ୍ଟିରେ ରଖି ମାନବିକତାର ବିଜୟ ନିମନ୍ତେ ଯହୂଦରାନାତ୍ରି ଉଦ୍ୟମ କରୁଛି ।

ଏଇ ଅବସରରେ 'ଉତ୍କଳ ପ୍ରସଙ୍ଗ' ତା'ର ଅଗଣିତ ପାଠକ ପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଶ୍ରୀ ରାଜୀବ ଗାନ୍ଧୀଙ୍କ ''ପଂଚମ ଦଶନ୍ଧିରେ ପଦାର୍ପଣ'', ମାନ୍ୟବର ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭରନାଥ ପାଣ୍ଡେଙ୍କ ''ଶତାବ୍ଦୀ ସ୍ମରଣେ : ପନ୍ଥଜୀ'', ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ 'ଭାରତର ବାଣୀ : ବସୁଧୈବ କୁଟୁମ୍ବକମ୍', ଡଃ ସତ୍ୟନାରାୟଣ ରାଜଗୁରୁଙ୍କ '' ଜବାହାର : ଏକ ଅମ୍ଳାନ ବ୍ୟକ୍ତିତ୍ୱ '' ଏବଂ ଡଃ ବୈଦ୍ୟନାଥ ମିଶ୍ରଙ୍କ ''ପଣ୍ଡିତ ନେହେରୁ ଓ ସମାଜବାଦ'' ପ୍ରଭୃତି ଚିନ୍ତାଦୀପ୍ତ ନିବନ୍ଧ ପରିବେଷଣ କରୁଛି ।

ଜାତୀୟ ସ୍ରୋତରେ ରହି ରାଜ୍ୟ ନିର୍ମାଣର ଯେଉଁ ମହାନ ସ୍ୱପ୍ନରେ ଆମେ ମନୋନିବେଶ କରିଛୁ, ସାମୂହିକ ପ୍ରଚେଷ୍ଟାରେ ତାହା ସାର୍ଥକ ହେଉ, ଏତିକି ପ୍ରାର୍ଥନା ।

ସେ ନିଃଶ୍ୱାସରୂପକ ଗଣତନ୍ତ୍ର ଆଣିଦେଲେ । ଜାତିର ହୃଦୟରେ ସେ ଧର୍ମନିରପେକ୍ଷତାର ସ୍ପନ୍ଦନ ଆଣିଲେ । ସେ ଆମକୁ ଯୋଜନା ଓ ସମାଜବାଦ ପ୍ରଦାନ କଲେ । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନରେ ନୀତି ଓ ଦର୍ଶନର ସେ ବ୍ୟାଖ୍ୟାକଲେ । ଆମର କଠିନ ପରିଶ୍ରମ ତଥା ତ୍ୟାଗ କେବଳ ଆମ ପାଇଁ ନୁହେଁ– ସମଗ୍ର ମାନବଜାତିର କଲ୍ୟାଣ ପାଇଁ ମଧ୍ୟ ଏହା ଉଦ୍ଦିଷ୍ଟ, ଜବାହରଲାଲ ନେହରୁ ଏହା ଆମକୁ ସ୍ମରଣ କରାଇଦେଲେ ।

ଇନ୍ଦିରା ଗାନ୍ଧୀ ଏହି ମହାନ୍ ଉଦ୍ୟମକୁ ଆହୁରି ଆଗେଇ ଦେଲେ । ମାନବିକ ଅଧିକାର ଓ ମାନବିକ ମର୍ଯ୍ୟାଦା ପାଇଁ ସେ ସଂଗ୍ରାମ କରିଗଲେ । ଦୁଃଖ, ଦାରିଦ୍ର୍ୟ ତଥା ଯନ୍ତ୍ରଣା ପୀଡିତ ସମସ୍ତଙ୍କ ପାଇଁ ତାଙ୍କର ଏହି ସଂଗ୍ରାମ ଥିଲା । ସେ ଆମର ଆତ୍ମପ୍ରତ୍ୟୟ ନୀତିକୁ ଏକ ଅର୍ଥନୈତିକ ବାସ୍ତବତାରେ ପରିଣତକଲେ । ଗରିବୀ ହଟାଓ ଆହ୍ୱାନ ଦେଇ ସେ ଦେଶବାସୀଙ୍କ ମନରେ ତଡିତ୍ ସଂସ୍ପର କରିଥିଲେ । ସେ ତାଙ୍କର କାର୍ଯ୍ୟକଳାପ ମାଧ୍ୟମରେ ସମସ୍ତ ଭାରତୀୟଙ୍କ ହୃଦୟରେ ଗୌରବର ଭାବନା ସୃଷ୍ଟି କରିଥିଲେ ଓ ଆମର ଭବିଷ୍ୟତରେ ଆତ୍ମବିଶ୍ୱାସ ଭରି ଦେଉଥିଲେ । ସେ ତାଙ୍କର ସମଗ୍ର ଉତ୍ସାହ ତଥା ଉଦ୍ଦୀପନା ଖଟାଇ ଭାରତର ଐକ୍ୟ ଓ ସଂହତିର ସୁରକ୍ଷା କରିଥିଲେ ଏପରିକି ସେଥିପାଇଁ ସେ ତାଙ୍କର ଜୀବନ ମଧ୍ୟ ଦେଇଦେଲେ ।

## ପୁନଃ ସମର୍ପଣ

ସ୍ୱାଧୀନତାର ସଂଗ୍ରାମର ଆଦର୍ଶ, ନୀତି ଓ ଚିରନ୍ତନ ମୂଲ୍ୟବୋଧ ପ୍ରତି ଆମେ ଆମ ନିଜକୁ ପୁନଃ ସମର୍ପଣ କରୁଛୁ । ମୁକ୍ତି, ସାମ୍ୟ ତଥା ମୈତ୍ରୀ ଆଦର୍ଶ ଠାରୁ ଅଧିକ ଭାବଧାରାରେ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଅନୁପ୍ରାଣିତ । ସତ୍ୟ, ଅହିଂସା ତଥା ମହତ୍ ଲକ୍ଷ୍ୟ ହାସଲ ନିମନ୍ତେ ଆବଶ୍ୟକୀୟ ପବିତ୍ରତା ପାଇଁ ଭାରତୀୟ ସ୍ୱାଧୀନତା ସଂଗ୍ରାମ ଉଦ୍ଦିଷ୍ଟ । ମଣିଷ ଠାରୁ ମଣିଷକୁ ଅଲଗା କରୁଥିବା ଚିନ୍ତାଧାରାର ଧୂଳିସାତ୍ ପାଇଁ ଏହା ଉଦ୍ଦିଷ୍ଟ । ବରଂ ମଣିଷ ମଣିଷ ମଧ୍ୟରେ ସୁଦୃଢ଼ ପ୍ରତିଷ୍ଠା ପାଇଁ ଏହା ଉଦ୍ଦିଷ୍ଟ । ଧର୍ମ, ଜାତି, ବର୍ଣ୍ଣ ତଥା ଲିଙ୍ଗ ନିର୍ବିଶେଷରେ ଏହା ସମସ୍ତଙ୍କୁ ଆବୋରି ନେଇଛି ।

ଗତ ପ୍ରକିଶି ବର୍ଷ ମଧ୍ୟରେ ଏକ ନୂତନ ଭାରତ ଗଠନ କରିଛୁ । ସେଥିପାଇଁ ଆମେ ଗର୍ବ କରିବା ଉଚିତ୍ । ଆମର ଜୀବନ୍ତ ଗଣତନ୍ତ୍ର ସମସ୍ତଙ୍କ ମନରେ ସ୍ପନ୍ଦନ ସୃଷ୍ଟି କରେ । ବ୍ୟବସ୍ଥାପକ ସଭା ମାଧ୍ୟମରେ ଜନସାଧାରଣଙ୍କ ସ୍ୱରହିଁ ଆମକୁ ଶାସନ କରେ । ଆଇନର ଶାସନ ବଳବତ୍ତର ହୁଏ । ଦେଶର ପ୍ରତ୍ୟେକ ନାଗରିକଙ୍କ ଅଧିକାରକୁ ଆମର ବିଚାରାଳୟ ସୁରକ୍ଷା କରେ । ଆମର ସମ୍ବାଦପତ୍ରମାନେ ମଧ୍ୟ ସ୍ୱାଧୀନ ।

ଆମ ଦେଶ ହେଉଛି ଧର୍ମ ନିରପେକ୍ଷତା ତଥା ଗଣତନ୍ତ୍ରର ପ୍ରତୀକ । ଏହି ଦେଶରେ ପ୍ରତ୍ୟେକ ଗୋଷ୍ଠୀର ପ୍ରତ୍ୟେକ ନାଗରିକ ହେଉଛି ଜଣେ ଜଣେ ସମାନ ଭାରତୀୟ । ନାଗରିକ ତଥା ରାଜନୈତିକ ଅଧିକାର ସାବ୍ୟସ୍ତ କରିବାରେ ମଧ୍ୟ ସେ ସମାନ ସୁଯୋଗର ଅଧିକାରୀ । ଜାତିର ଜୀବନଧାରାରେ ଅଂଶ ଗ୍ରହଣ କରିବାରେ ମଧ୍ୟ ସେ ସମାନ । ନିଯୁକ୍ତି ତଥା ବିକାଶ ହାସଲରେ ମଧ୍ୟ ସେ ଅନ୍ୟମାନଙ୍କ ସହ ସମାନ । ଦେଶ ନିର୍ମାଣ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମଧ୍ୟ ତା'ର ସମାନ ଅଧିକାର ଅଛି ।

## ଆତ୍ମ ପ୍ରତ୍ୟୟ

ଆମର ଅର୍ଥନୀତି ଦେଶର ସ୍ଥାଣୁତ୍ୱକୁ ଦୂର କରିବାରେ ସହାୟକ ହୋଇଛି । କୃଷି, ଶିଳ୍ପ, ବିଜ୍ଞାନ ଓ ବିଶେଷତଃ ଆମର ଦୃଷ୍ଟି ଭଙ୍ଗୀରେ ମଧ୍ୟ ଆତ୍ମପ୍ରତ୍ୟୟତା ସୃଷ୍ଟି ହୋଇଛି । ଆମ ଜନତାର ଅଧିକାଂଶ ଶ୍ରେଣୀଙ୍କ ପାଇଁ ଅଭୂତପୂର୍ବ ସୁଯୋଗ ସୃଷ୍ଟି ହୋଇଛି । ପୁରାତନ ସାମନ୍ତବାଦୀ ମନୋବୃତ୍ତି ଭାଙ୍ଗିଚୁରି ଯାଉଛି । ଜନସାଧାରଣଙ୍କ ସ୍ୱେଚ୍ଛାକୃତ ଅଂଶଗ୍ରହଣ ତଥା ସ୍ୱୀକୃତି ମୁତାବକ ଏହି ପରିବର୍ତ୍ତନ ଅଣାଯାଇଛି । ଏଗୁଡିକ ଯେ ଆମର ମହତ୍ତ୍ୱପୂର୍ଣ୍ଣ ସାଫଲ୍ୟ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ତଥାପି ଆମକୁ ଆହୁରି ସୁଦୂର ପଥ ଅତିକ୍ରମ କରିବାକୁ ହେବ । ବିକାଶର ପୂର୍ଣ୍ଣ ଫଳ ଉପଭୋଗ କରିବାକୁ ଆହୁରି ନିଯୁତ ନିଯୁତ ଜନସାଧାରଣ ଅପେକ୍ଷାରତ । ସଂଗଠିତ ସାମାଜିକ ଅନ୍ୟାୟ ତଥା ଅକ୍ଷମତା ରହିଛି । ମହାତ୍ମାଗାନ୍ଧୀ ଇନ୍ଦିରାଜୀ ଓ ଅନେକ ଛୋଟ ବଡ ସହୀଦଙ୍କ ରକ୍ତପାତ କରି ମଧ୍ୟ ସାମ୍ପ୍ରଦାୟିକ ଅଗ୍ନି ସନ୍ତୁଷ୍ଟ ହୋଇ ନାହିଁ ।



# ପଞ୍ଚମ ଦଶନ୍ଧିରେ ପଦାର୍ପଣ

ରାଜୀବ ଗାଂଧୀ

ଆଜକୁ ଚାଳିଶ ବର୍ଷ ପୂର୍ବେ ଏକ ମଧ୍ୟରାତ୍ରରେ ଏହି ପବିତ୍ର ଗୃହରେ ସ୍ୱାଧୀନତା ଆମର ହସ୍ତଗତ ହୋଇଥିଲା । ବିଶ୍ୱର ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଜବାହରଲାଲ ନେହରୁ ଏହି ଗୃହରେ ନିଜ ମୁଖରେ ଏହା ଘୋଷଣା କରିଥିଲେ । ସେଦିନ ସାମ୍ରାଜ୍ୟର ପରିସମାପ୍ତି ଘଟି ଏକ ସ୍ୱାଧୀନ ଭାରତ ଜନ୍ମ ଗ୍ରହଣ କରିଥିଲା । ଜବାହରଲାଲ ନେହରୁଙ୍କ ନିଜ ବାଣୀ ଓ ସ୍ୱରର ରେକର୍ଡ ଶୁଣାଇ ଏହି ସ୍ମାରକୀ ଅଧିବେଶନର ଶୁଭାରମ୍ଭ ହେବା ବାସ୍ତବିକ ଯଥୋଚିତ ହୋଇଛି ।

ଠିକ୍ ଏହି ଗୃହରେ ଆମର ପୂର୍ବପୁରୁଷମାନେ ଆମକୁ ପବିତ୍ର ସମ୍ବିଧାନ ପ୍ରଦାନ କରିଥିଲେ । ଏହିଠାରେ ଆମେ ଆମର ସାଧାରଣତନ୍ତ୍ର ପ୍ରତିଷ୍ଠା କରିଥିଲୁ । ଆଜି ଆମେ ଏହି ଗୃହରୁହିଁ ସ୍ୱାଧୀନତା ପଂଚମ ଦଶନ୍ଧିକୁ ଯାତ୍ରା ଆରମ୍ଭ କଲୁ ।

ଆଜକୁ ଚାଳିଶି ବର୍ଷ ପୂର୍ବେ ଅଗଷ୍ଟର ଏହି ମଧ୍ୟବର୍ତ୍ତୀ ମୁହୂର୍ତ୍ତରେ ଆମ୍ଭମାନଙ୍କ ମଧ୍ୟରୁ ଏପରିକି ଅର୍ଦ୍ଧାଧିକ ଭାରତୀୟ ଜନ୍ମଗ୍ରହଣ କରି ନ ଥିଲେ । କିନ୍ତୁ ଆବାଳବୃଦ୍ଧବନିତା ଆମେ ସମସ୍ତେ ମୁକ୍ତି ସଂଗ୍ରାମର ବୀରତ୍ୱ ତଥା ଦୁଃସାହସିକତାର କାହାଣୀ ମନେପକାଉଁ । ଭାରତୀୟ ମୁକ୍ତି ସଂଗ୍ରାମର ପ୍ରବର୍ତ୍ତକ ତଥା ସହିଦ ଓ ଆଧୁନିକ ଭାରତ ରାଷ୍ଟ୍ରର ଜନଗଣକୁ ଆମେ ଆମ ଅନ୍ତରର ଗଭୀରତମ ପ୍ରଦେଶରୁ ଭକ୍ତି ନୈବେଦ୍ୟ ଅର୍ପଣ କରୁଁ । ବିଜ୍ଞତା, ସାହସିକତା ତଥା ନୈତିକତାର ସେମାନେ ଉଜ୍ଜ୍ୱଳ ତାରକା ପୁଞ୍ଜ ସଦୃଶ ଥିଲେ । ମହାତ୍ମା ଗାଂଧୀ, ଜବାହରଲାଲ ନେହରୁ, ରାଜାଜୀ, ସୁଭାଷ ଚନ୍ଦ୍ର ବୋଷ, ବି. ଆର. ଆମ୍ବେଦକର ଓ ଖାଁ ଅବଦୁଲ୍ ଗଫୁର ଖାଁ ପ୍ରମୁଖ ସେହି ସମ୍ମାନିତ ବିଶିଷ୍ଟ ବ୍ୟକ୍ତିଗଣ ସତେ ଯେପରି ଆଜି ଆମ୍ଭମାନଙ୍କ ପାଖରେ ଅଛନ୍ତି ବୋଲି ମନେହୁଏ ।

ଜାତିର ଜନକ ମହାତ୍ମାଗାଂଧୀଙ୍କ ପ୍ରତି ସମ୍ମାନ ତଥା କୃତଜ୍ଞତାରେ ଆମର ମଥା ନତ ହୋଇଯାଏ । ଦୁର୍ବଳଠାରେ ସାହସ, ଦୁର୍ବଳ ହୃଦୟରେ ନିର୍ଭୀକତା ଓ ସନ୍ଦେହୀ ମନରେ ଧ୍ରୁବ ବିଶ୍ୱାସ ସେ ଜଗାଇଲେ । କୃଷି କାର୍ଯ୍ୟରେ ଲିପ୍ତଥିବା କୃଷକର ଜମିକୁ, ଶ୍ରମିକମାନଙ୍କ କଳ କାରଖାନାକୁ, ଆମର ମହିଳାମାନେ ପାଣି ଟାଣୁଥିବା କୂଅମୂଳକୁ ଅଧ୍ୟୟନରତ ଛାତ୍ରମାନଙ୍କ ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟକୁ ସେ ଜାତିର ବାର୍ତ୍ତା ନେଇ ପହଂଚିଥିଲେ । ଦରିଦ୍ର ତଥା ହତଭାଗ୍ୟ ଦେଶବାସୀଙ୍କ ଉଦ୍‌ବେଗ ଆମ ରାଜନୈତିକ ଜୀବନରେ ଚିନ୍ତାର ବିଷୟ ହେଲା । ସତ୍ୟ ଓ ଅହିଂସାର ପତାକା ପଛରେ କୋଟି କୋଟି ଜନତା ଏକତ୍ର ହେଲେ । ସମଗ୍ର ବିଶ୍ୱ ବ୍ୟାପୀ ଔପନିବେଶିକତା ଭୁଶୁଡ଼ି ପଡ଼ିବାକୁ ଆରମ୍ଭ କଲା ।

ଆଧୁନିକ ଭାରତ ନିର୍ମାତା ଜବାହରଲାଲ ନେହରୁଙ୍କୁ ଆମେ ସ୍ମରଣ କରୁଁ । ଜାତିର ଜୀବନକୁ

Phone : 52828
GRAM : INFRA

PBX : 55464
TELEX : 0675—305

# IDCO

## ORISSA INDUSTRIAL INFRASTRUCTURE DEVELOPMENT CORPORATION (IDCO) BHUBANESWAR

### OFFERS

***A Dynamic Industrial Policy (1986) with Attractive Offers for LAND & BUILT UP SHEDS at***

STRATEGIC INDUSTRIAL CENTRES : ROURKELA, CUTTACK, BHUBANESWAR AND BARIPADA.

N. I. Ds. : BALASORE, BALANGIR AND PHULBANI.

NALCO IMPACT ZONES : SUNABEDA, ANGUL AND TALCHER.

**FUNCTIONAL INDUSTRIAL ESTATES AT SELECTED GROWTH CENTRES OF**

(1) JHARSUGUDA for CERAMIC COMPLEX
(2) BALASORE & BHUBANESWAR. for POLYMER COMPLEX
(3) GANJAM for CHEMICAL COMPLEX
(4) BHUBANESWAR for ELECTRONICS COMPLEX
(5) PARADEEP for FOOD PROCESSING COMPLEX

*FOR FURTHER DETAILS PLEASE CONTACT :*

**MANAGING DIRECTOR**
ORISSA INDUSTRIAL INFRASTRUCTURE DEVELOPMENT CORPORATION (IDCO)
*IDCO TOWERS*
*JANAPATH, BHUBANESWAR*
PIN : 751007

ସ୍ୱାଧୀନତା ପାଇଁ ବର୍ଷ ବର୍ଷ ଧରି ସଂଗ୍ରାମ ଓ ନବ ଭାରତ ନିର୍ମାଣ ପାଇଁ ଗତ ସୁରୋଟି ବର୍ଷଧରି ଯେଉଁ ପ୍ରଗାଢ ପ୍ରଚେଷ୍ଟା ଏହା ଆହ୍ୱାନର କିପରି ମୁକାବିଲା କରାଯାଏ ଓ ସେଥିରୁ ରକ୍ଷା ମିଳେ, ତାହା ଆମକୁ ଶିକ୍ଷା ଦେଇଛି । ଥରେ ନୁହେଁ କି ଦୁଇଥର ନୁହେଁ ବାରମ୍ବାର ପାଇଁ ଆମର ସ୍ୱାଧୀନତା, ଐକ୍ୟ ଓ ଆଂଚଳିକ ସଂହତିର କିପରି ସୁରକ୍ଷା କରାଯାଏ, ତାହା ପ୍ରଦର୍ଶନ କରିଛୁ । ଯଦି କୌଣସି ଆହ୍ୱାନ ଆସେ, ତେବେ ଆମେ ତାହାର ମୁକାବିଲା କରିବାକୁ ବଦ୍ଧପରିକର । ଯଦି ଆମ ଉପରେ କୌଣସି ଚାପ ପ୍ରୟୋଗ ହୁଏ, ତେବେ ଆମେ ତାହାର ବିରୋଧ କରିବୁ ।

**ଦୁଇଟି ଆହ୍ୱାନ**

ଆଜି ଆମ ସମ୍ମୁଖରେ ଦୁଇଟି ଶକ୍ତିଶାଳୀ ରାଜନୈତିକ ଆହ୍ୱାନ ଦେଖାଦେଇଛି । ପ୍ରଥମଟି ହେଉଛି ପ୍ରକୃତି ଦତ୍ତ । ତାହା ହେଉଛି ଚଳିତ ବର୍ଷର ନାହିଁ ନ ଥିବା ଭୟଙ୍କର ମରୁଡି । ଦେଶର ଅଧିକାଂଶ ଅଂଚଳକୁ ଏହା ଗ୍ରାସ କରିଛି । ଏହା ଯେତେ ଭୟଙ୍କର ହେଲେ ବି ଏହାର ମୁକାବିଲା ପାଇଁ ଆମେ ପ୍ରସ୍ତୁତ ଅଛୁଁ । ଆମେ ଏକ ଶକ୍ତିଶାଳୀ ତଥା ସ୍ଥିତିସ୍ଥାପକ ଅର୍ଥନୀତି ପ୍ରତିଷ୍ଠା କରିଛୁଁ । ଗ୍ରାମାଂଚଳର ଅଧିବାସୀମାନଙ୍କ ପାଇଁ ନିଯୁକ୍ତି, ପାନୀୟ ଜଳ ଓ ଖାଦ୍ୟ, ଗ୍ରାମ୍ୟ କାରିଗରଙ୍କ ପାଇଁ ବଜାର ଏବଂ ଗାଈଗୋରୁଙ୍କ ନିମନ୍ତେ ଗୋଖାଦ୍ୟ ଇତ୍ୟାଦି ଆମେ ନିଶ୍ଚିତ ଭାବେ ଯୋଗାଇଦେବୁ ।

ଅନ୍ୟ ଆହ୍ୱାନ ହେଉଛି ସଂପୂର୍ଣ୍ଣଭାବେ ମାନବକୃତ ତାହା ହେଉଛି ଚରମପନ୍ଥୀଙ୍କ କାର୍ଯ୍ୟକଳାପ । ସାଂପ୍ରଦାୟିକତା ଆଗରେ ଆମେ କେବେ ମୁଣ୍ଡ ନୁଆଁଇବୁ ନାହିଁ । ଭୀରୁ, କାପୁରୁଷ, ହତ୍ୟାକାରୀଙ୍କୁ ଆମ ଦେଶରେ ଅତିଥିର ସମ୍ମାନ ଦେବୁ ନାହିଁ । ରାଜନୀତିରୁ ଧର୍ମକୁ ପୃଥକୀକରଣ ସମେତ ଆମର ଧର୍ମନିରପେକ୍ଷତା ସମସ୍ତ ଗୋଷ୍ଠୀଙ୍କ ପାଇଁ ସମ୍ମାନ ପ୍ରଦାନ କରିବାରେ ସହାୟକ ହେବ ।

ଆମେ ଯେଉଁ ଦିନ ସ୍ୱାଧୀନତା ହାସଲ କଲୁ, ସେଦିନ ଜବାହରଲାଲ ନେହରୁ ଘୋଷଣା କରି କହିଲେ ''ସ୍ପଷ୍ଟ ତଥା ବନ୍ଧୁତାପୂର୍ଣ୍ଣ ଚକ୍ଷୁରେ ଆମେ ବିଶ୍ୱବାସୀଙ୍କ ଆଡେ ଦୃଷ୍ଟି ପକାଉଛୁଁ'' । ଏକ ଯୁଦ୍ଧ ତଥା ପରମାଣୁ ଅସ୍ତ୍ରଶସ୍ତ୍ର ମୁକ୍ତ ବିଶ୍ୱର କାର୍ଯ୍ୟକାରିତା ପାଇଁ ଆମେ ପୁନଶ୍ଚ ଶପଥ ଗ୍ରହଣ କରିଛୁ । ସ୍ୱାଧୀନ ରାଷ୍ଟ୍ରମାନଙ୍କର ଗଣତନ୍ତ୍ର, ଯାହା ଶାନ୍ତି ତଥା ସମୃଦ୍ଧିକୁ ସ୍ୱୀକୃତି ପ୍ରଦାନ କରେ, ଆମେ ସେପରି ବିଶ୍ୱର କାର୍ଯ୍ୟକାରିତା ପାଇଁ ପୁନଶ୍ଚ ନିଜକୁ ସମର୍ପଣ କରୁଛୁ ।

ଆଜିର ଏହି ପବିତ୍ର ବାର୍ଷିକୀରେ ଏହି ଐତିହାସିକ ଗୃହରେ ମୁଁ ସମସ୍ତ ସାଥୀ ଭାରତୀୟଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ତଥା ଶୁଭେଚ୍ଛା ଜ୍ଞାପନ କରୁଛି । ଆଧୁନିକ ଭାରତ ନିର୍ମାଣ ତଥା ବହୁ କଷ୍ଟାର୍ଜିତ ଆମର ସ୍ୱାଧୀନତା ସୁରକ୍ଷା ଉଦ୍ୟମରେ ଆମେ ଆମ ନିଜକୁ ପୁନଃ ପୁନଃ ସମର୍ପଣ କରୁଛୁ । ଦାରିଦ୍ର୍ୟ, ଅନ୍ଧବିଶ୍ୱାସ ତଥା କୁସଂସ୍କାର, ଧର୍ମାନ୍ଧତା ଓ ହିଂସା ଏବଂ ସମସ୍ତ ପ୍ରକାର ଅତ୍ୟାଚାର ଓ ପାତର ଅନ୍ତର ମନୋଭାବ ବିରୁଦ୍ଧରେ ଅବିଶ୍ରାନ୍ତ ସଂଗ୍ରାମ ଚଳାଇବାକୁ ଆମେ ପୁନଃ ସମର୍ପଣ କରୁଛୁ । ଆମେ ଆମର ଗଣତାନ୍ତ୍ରିକ ଧର୍ମନିରପେକ୍ଷ ତଥା ସମାଜବାଦୀ ସାଧାରଣତନ୍ତ୍ର ଦେଶକୁ ଆଗେଇନେବା । କଠିନ ପରିଶ୍ରମ ଓ ଅବାରିତ ଇଚ୍ଛାଶକ୍ତି ବଳରେ ଆମେ ଏହି ଲକ୍ଷ୍ୟ ହାସଲ କରି ପାରିବା ।

**ଜୟହିନ୍ଦ୍**

ସ୍ୱାଧୀନତାର ୪୦ ତମ ବାର୍ଷିକୀ ଉପଲକ୍ଷେ ନୂଆଦିଲ୍ଲୀଠାରେ ୧୯୮୭ ଅଗଷ୍ଟ ୧୫ରେ ସଂସଦର ସ୍ୱାଇକୀ ଅଧିବେଶନରେ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ଭାଷଣ ।

"ହେ ମୋର ଚିର ପୁଣ୍ୟ ତୀର୍ଥ ଜାଗରେ ଧୀରେ
ଏହି ଭାରତର ମହାମାନବର ସାଗର ତୀରେ ।"

ରବିନ୍ଦ୍ରନାଥ ଠାକୁର

ଦେଇଥିଲେ । ବିକ୍ଷୋଭକାରୀମାନେ 'ସାଇମନ୍ ଫେରିଯାଅ' ବୋଲି ଧ୍ୱନି ଦେଉଥାନ୍ତି । ଲାଠି ଚାର୍ଜ କରିବା ପାଇଁ ସର୍ଜେଣ୍ଟମାନଙ୍କୁ ଡକାଗଲା । ଏଥିରୁ ଜଣେ ହେଲେ ଛାଡ଼ ପାଇ ନ ଥିଲେ । ଜବାହରଲାଲ ନେହରୁ ଓ ପନ୍ତଜୀଙ୍କ ଉପରେ ମୂଳ ଲକ୍ଷ୍ୟ ଥିଲା । ପନ୍ତଜୀଙ୍କ ଉପରେ ଭୀଷଣ ପ୍ରହାର ହୋଇଥିଲା, କାରଣ ସଦାବେଳେ ସେ ପଣ୍ଡିତ ନେହରୁଙ୍କ ସୁରକ୍ଷା କରୁଥିଲେ । ପନ୍ତଜୀଙ୍କ ସୁରକ୍ଷା ସତ୍ତ୍ୱେ ପଣ୍ଡିତ ନେହରୁ ଅନେକ ଲାଠି ମାଡ଼ ଖାଇଥିଲେ । ଲାଠିମାଡ଼ରେ ତାଙ୍କର ପିଠି ନୀଳ ପଡ଼ିଗଲା । ଆମେ ମଧ୍ୟ ଲାଠିମାଡ଼ ଖାଇଥିଲୁ । ଏହି ଲାଠିମାଡ଼ର ପ୍ରଭାବ ପନ୍ତଜୀଙ୍କ ଉପରେ ସବୁଦିନ ପାଇଁ ରହିଗଲା । ସାରା ଜୀବନ ପାଇଁ ତାଙ୍କର ମୁଣ୍ଡ ଏବଂ ହାତ ସବୁବେଳେ ଥରୁଥିଲା ।

୧୯୩୭ ମସିହାରେ ପନ୍ତଜୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନିଜ ହାତରେ ସ୍ୱରାଷ୍ଟ୍ର ବିଭାଗ ରଖିଥିଲେ । ସେତେବେଳେ ଜଣେ କଠୋର ବ୍ରିଟିଶ୍ ପ୍ରଶାସକ ଗୋରଖପୁର ଜିଲ୍ଲାର କଲେକ୍ଟର ଥାଆନ୍ତି । ବିଭିନ୍ନ ପ୍ରଗତିମୂଳକ ପରିକଳ୍ପନା କାର୍ଯ୍ୟକାରୀ କରିବାରେ ସେ ସବୁପ୍ରକାର ପ୍ରତିବନ୍ଧକ ସୃଷ୍ଟି କରୁଥାଆନ୍ତି । ପନ୍ତଜୀଙ୍କ ମନ୍ତ୍ରୀ ପରିଷଦର ସଦସ୍ୟମାନେ ଉକ୍ତ କଲେକ୍ଟରଙ୍କୁ ବଦଳି କରିଦେବାକୁ ଚାହିଁଲେ । ପନ୍ତଜୀ ସଦସ୍ୟମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ କଲେକ୍ଟରଙ୍କୁ ବଦଳି କରିବା ପାଇଁ ସେ କୌଣସି ଉପାୟ ଖୋଜି ବାହାର କରିବେ ।

ମୁଖ୍ୟମନ୍ତ୍ରୀଙ୍କ ସୁପାରିଶରେ ଜଣେ ବ୍ରିଟିଶ୍ ଆଇ.ସି.ଏସ୍. ଅଫିସରଙ୍କୁ ବଦଳି କରିବାକୁ ତତ୍କାଳୀନ ରାଜ୍ୟପାଳ ଚାହିଁ ନ ଥିଲେ । ପନ୍ତଜୀ ରାଜ୍ୟପାଳଙ୍କ ଉପରେ ଚାପ ପକାଇଲେ ଏବଂ ଏହି ଘଟଣାକୁ କେନ୍ଦ୍ର କରି ସେ ଇସ୍ତଫା ଦେବେ ବୋଲି ଧମକ ଦେଲେ । ଏଥିରେ ରାଜ୍ୟପାଳଙ୍କୁ ମୁଣ୍ଡ ନୁଆଁଇବାକୁ ପଡ଼ିଥିଲା ଏବଂ ଶେଷରେ ସେ ଇଂରେଜ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ବଦଳି କରିବାକୁ ବାଧ୍ୟ ହୋଇଥିଲେ ।

ପନ୍ତଜୀ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବା ବେଳେ ସେ ଯେତେବେଳେ ଯେ କୌଣସି ଜିଲ୍ଲାକୁ ଗସ୍ତରେ ଯାଆନ୍ତି, ସେଠାରେ କଂଗ୍ରେସ କର୍ମୀମାନଙ୍କୁ ନିଶ୍ଚିତ ଭାବରେ ସାକ୍ଷାତ କରନ୍ତି । ଏହା ତାଙ୍କର ଗୋଟିଏ ନିର୍ଦ୍ଦିଷ୍ଟ ନିୟମ ଥିଲା । ସେ କଂଗ୍ରେସ କର୍ମୀମାନଙ୍କ ସହ କଂଗ୍ରେସର ଆଦର୍ଶ ଏବଂ ସରକାର ତଥା ଜନସାଧାରଣଙ୍କ ସମସ୍ୟାଗୁଡ଼ିକ ସଂପର୍କରେ ଆଲୋଚନା କରନ୍ତି । ଲୋକମାନଙ୍କ ସହିତ ନିବିଡ଼ ସଂପର୍କ ରକ୍ଷାକରି ଗ୍ରାମ ସ୍ତରରେ କାର୍ଯ୍ୟ କରିବାକୁ ସେ କଂଗ୍ରେସ କର୍ମୀମାନଙ୍କୁ ସଦାବେଳେ ଉତ୍ସାହିତ କରୁଥିଲେ । ବିଶିଷ୍ଟ ବ୍ୟକ୍ତିମାନଙ୍କ ନିମନ୍ତ୍ରଣକୁ ଉପେକ୍ଷା କରି କଂଗ୍ରେସ କର୍ମୀମାନଙ୍କ ଦ୍ୱାରା ଆୟୋଜିତ ପଂକ୍ତି ଭୋଜନରେ ଯୋଗଦେବାକୁ ସେ ଅଧିକ ପସନ୍ଦ କରୁଥିଲେ । କର୍ମୀମାନଙ୍କ ସଙ୍ଗେ ଏକାଠି ତଳେ ବସି ସେ ଭୋଜନ କରନ୍ତି । ପନ୍ତଜୀଙ୍କର ଲୋକତାନ୍ତ୍ରିକ ସ୍ୱଭାବ ଯୋଗୁ ସେ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଅତୀବ ଲୋକପ୍ରିୟ ହୋଇପାରିଥିଲେ ।

---

ସର୍ବଶ୍ରେଷ୍ଠ ସ୍ୱପ୍ନ ହେଲା ବିବର୍ତ୍ତନର ଧାରାରେ ଏପରି ଏକ ପଦକ୍ଷେପ ନେବା, ଯାହା ମନୁଷ୍ୟକୁ ଏକ ଉଚ୍ଚତର ଓ ବିଶାଳତର ଚେତନାକୁ ଉନ୍ନୀତ କରିବ ଏବଂ ସେହି ସବୁ ସମସ୍ୟାର ସମାଧାନ ଆଣିବ ଯେଉଁ ସମସ୍ୟା ସକଳ ମନୁଷ୍ୟକୁ ବ୍ୟସ୍ତ ଓ ବିଚଳିତ କରିଛି, ଯେହେତୁ ସେ ବ୍ୟକ୍ତିଗତ ପୂର୍ଣ୍ଣତା ଓ ସାମାଜିକ ପୂର୍ଣ୍ଣତାର କଥା ଚିନ୍ତା କରିଛି ଓ ସ୍ୱପ୍ନ ଦେଖିଛି । ଅବଶ୍ୟ ଏହା ଏବେ ବି ଏକ ବ୍ୟକ୍ତିଗତ ଆଦର୍ଶ ଓ ବିଶ୍ୱାସ, ଯଦିଓ ଏହା ଭାରତ ଓ ପାଶ୍ଚାତ୍ୟର ଅଗ୍ରଗାମୀ ଚିନ୍ତାଶୀଳ ବ୍ୟକ୍ତିଙ୍କ ହୃଦୟରେ କ୍ରମଶଃ ପ୍ରବେଶ କରୁଛି । ମନୁଷ୍ୟର ଅନ୍ୟାନ୍ୟ ଉଦ୍ୟୋଗ -କ୍ଷେତ୍ର ଅପେକ୍ଷା ଏ କ୍ଷେତ୍ରରେ ବାଧା ବିପତ୍ତି ଅଧିକ ଦୁର୍ଜ୍ଜୟ କିନ୍ତୁ ବାଧା ବିପତ୍ତିର ଅର୍ଥ ତାକୁ ଅତିକ୍ରମ କରାଯିବା, ଆଉ ଯଦି ଭଗବାନଙ୍କର ଇଚ୍ଛାଥାଏ, ତେବେ ଏହି ବାଧା-ବିପତ୍ତିକୁ ଅତିକ୍ରମ କରାଯାଇ ପାରେ, ପୁନଶ୍ଚ ଯଦି ବିବର୍ତ୍ତନରେ ଏହି ପଦକ୍ଷେପକୁ ଗ୍ରହଣ କରିବାକୁ ହୁଏ ଏବଂ ଯେହେତୁ ଏହା ସଙ୍ଗଠିତ ହେବ କେବଳ ଅନ୍ତର୍ଚେତନା ଓ ଅନ୍ତରାତ୍ମାର ବିକାଶ ଦ୍ୱାରା, ତେଣୁ ଏ କ୍ଷେତ୍ରରେ ମଧ୍ୟ ଭାରତ ପ୍ରଥମେ ଉଦ୍ୟମ ଆରମ୍ଭ କରିବ ଯଦିଓ ଏହାର ପରିସର ବହୁ ବ୍ୟାପକ, ତଥାପି କେନ୍ଦ୍ରୀୟ ଗତି ହିଁ ଭାରତରୁ ଆରମ୍ଭ ହେବା ନିଶ୍ଚିତ ।

ଶ୍ରୀ ଅରବିନ୍ଦ

# ଶତାବ୍ଦୀ ସ୍ମରଣେ : ପନ୍ଥଜୀ

ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ

ମୋର ଯେତେଦୂର ମନେ ପଡୁଛି, ୧୯୨୮ ମସିହା ମାର୍ଚ୍ଚ ମାସ ବୋଧହୁଏ ହେବ । ନେହରୁ କମିଟିର ଡ୍ରାଫ୍ଟିଂ ସବ୍‌କମିଟିର ନିୟମିତ ବୈଠକ ଆଲ୍‌ହାବାଦ ଆନନ୍ଦ ଭବନରେ ଅନୁଷ୍ଠିତ ହେଉଥିଲା । ମୁଁ ମୋର ସ୍ୱେଚ୍ଛାସେବୀ ଦଳକୁ ନେଇ ବୈଠକର ଆୟୋଜନ ଓ ସୁବିଧା ଦେଖାଶୁଣା କରୁଥିଲି । ମୋତିଲାଲ ନେହରୁ ନବନିର୍ମିତ ଆନନ୍ଦ ଭବନକୁ ଆସିଯାଇଥିଲେ ।

ଦିନେ ବୈଠକ ଅବସରରେ ଏମ୍.ଏ. ଆନ୍‌ସାରୀ, ଜେ.ଏମ୍. ସେନ୍‌ଗୁପ୍ତ, ଶ୍ରୀନିବାସ ଆୟାଙ୍ଗର, ତେଜ୍‌ବାହାଦୁର ସାପ୍ରୁ ଓ ଅନ୍ୟ କେତେଜଣଙ୍କ ସହିତ ମୋତିଲାଲ ନେହରୁ ବାରଣ୍ଡାରେ ବସି କଫି ପିଉଥିଲେ । ଏହି ସମୟରେ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ ପଶି ଆସି ମୋତିଲାଲ ନେହରୁଙ୍କୁ ମଥାନତ କରି ପ୍ରଣାମ ଜଣାଇ ଚୁପ୍‌ଚାପ୍ ବସିଲେ । ସେତେବେଳେ ତାଙ୍କୁ କେହି ଭଲଭାବରେ ଚିହ୍ନି ନ ଥାନ୍ତି । ଶ୍ରୀନିବାସ ଆୟାଙ୍ଗର ଆଗନ୍ତୁକ ଜଣକର ପରିଚୟ ବିଷୟରେ ଚୁପ୍ କରି ପଚାରିଲେ । ମୋତିଲାଲ ନେହରୁ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କୁ ପରିଚିତ କରାଇ କହିଲେ, ''ଏଇ ପାହାଡ଼ିଆ ଓଟଟି ମୋର ଆବିଷ୍କାର ।'' ଏକଥା ଶୁଣି, ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ସମେତ ଅନ୍ୟମାନେ ମଜାରେ ହସୁଥିବା ବେଳେ ମୋତିଲାଲ ନେହରୁ ପୁଣି କହିଲେ, ''କିନ୍ତୁ ସେ ଜଣେ ଅତି ଉତ୍ତମ ପାର୍ଲାମେଣ୍ଟାରିଆନ୍ ।''

ଏମିତି ପ୍ରଥମ ଥର ପାଇଁ ମୁଁ ପନ୍ଥଜୀଙ୍କ ଦର୍ଶନ ଲାଭ କରିଥିଲି ।

ପନ୍ଥଜୀଙ୍କ ସହିତ ଗୁରୁକୁଳ କଙ୍ଗ୍ରୀଠାରେ ଦ୍ୱିତୀୟ ଥର ପାଇଁ ସାକ୍ଷାତ ହୋଇଥିଲା । ୧୯୨୮ ଜୁନ୍ ମାସରେ ଗୁରୁକୁଳ କଙ୍ଗ୍ରୀ ଜାତୀୟ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ଦେବା ପାଇଁ ପଣ୍ଡିତ ପନ୍ଥ ନିମନ୍ତ୍ରିତ ହୋଇଥିଲେ । ସେ କୁଳପତି ପ୍ରଫେସର ସତ୍ୟବ୍ରତ ଲଖନପାଲଙ୍କ ଅତିଥି ହୋଇଥିଲେ । ଛାତ୍ରମାନଙ୍କ ସମାରୋହରେ ଯୋଗ ଦେବା ପାଇଁ ମୋତେ ମଧ୍ୟ କୁଳପତି ନିମନ୍ତ୍ରଣ କରିଥିଲେ । ମୁଁ ମଧ୍ୟ ତାଙ୍କର ଅତିଥି ହୋଇଥିଲି । ଏହିପରି ଭାବରେ, ତିନି ଦିନ ପର୍ଯ୍ୟନ୍ତ ପନ୍ଥଜୀଙ୍କୁ ଅତି ନିକଟରୁ ଦେଖିବା ପାଇଁ ମୋତେ ସୁଯୋଗ ମିଳିଥିଲା ।

ମଧ୍ୟାହ୍ନ ଭୋଜନ ସମୟ ହେବାରୁ, ସତ୍ୟବ୍ରତ ଲଖନପାଲଙ୍କ ସହଧର୍ମିଣୀ ଶ୍ରୀମତୀ ଚନ୍ଦ୍ରାବତୀ ଲଖନପାଲ ରନ୍ଧା ସରିଗଲାଣି ବୋଲି କହିଥିଲେ ଏବଂ ପନ୍ଥଜୀ ଡାଇନିଂ ଟେବୁଲରେ ଖାଇବେ କି ନାହିଁ ପଚାରିଥିଲେ । ପନ୍ଥଜୀ ଉତ୍ତର ଦେଇଥିଲେ, ''ନା, ମୁଁ ରୋଷେଇ ଘର 'ଚୌକା'ରେ ଖାଇବି'' । ସେ ତାଙ୍କ ଲୁଗାପଟା ବଦଳି ହାତଗୋଡ଼ ଧୋଇଲେ ଏବଂ ରୋଷେଇ ଘର ପାଖକୁ ଲାଗି ଗୋଟିଏ କାଠଚୌକିରେ ବସି ଚୁପ୍‌ଚାପ୍ ଖାଇଲେ ।

ମୋର ଧାରଣା ହେଲା ଯେ କୁମାୟୁନ ବ୍ରାହ୍ମଣମାନଙ୍କର ପୁରୁଣାକାଳିଆ ଲମ୍ବା ଧୋତିରେ ପନ୍ଥଜୀଙ୍କର ଏବେବି ବିଶ୍ୱାସ ରହିଛି । କିନ୍ତୁ ମୋର ଧାରଣା ଭୁଲ ବୋଲି ପ୍ରମାଣିତ ହେଲା ।

କ୍ରମେ ମହାତ୍ମା ଗାନ୍ଧୀ ଓ ପଣ୍ଡିତ ନେହରୁଙ୍କ ସହିତ ପନ୍ଥଜୀଙ୍କର ଘନିଷ୍ଠତା ଗଢ଼ି ଉଠିଲା । ସେ ୧୯୩୦ ଓ ୧୯୩୨ ମସିହାରେ କାରାଦଣ୍ଡ ଭୋଗିଥିଲେ । ଗାନ୍ଧିଜୀ ଯେତେବେଳେ ତାଙ୍କର 'ହରିଜନ ଉନ୍ନତି କାର୍ଯ୍ୟକ୍ରମ' ଆରମ୍ଭ କଲେ, ପନ୍ଥଜୀ ଅଛୁଆଁ ବିରୋଧୀ ଆନ୍ଦୋଳନରେ ଯୋଗ ଦେଇଥିଲେ । ସେତେବେଳେ ସେ ବଦଳି ଯାଇଥିଲେ ।

୧୯୩୭ ମସିହାରେ ଉତ୍ତର ପ୍ରଦେଶ ବିଧାନ ପରିଷଦରେ କଂଗ୍ରେସ ସଂଖ୍ୟା ଗରିଷ୍ଠତା ଲାଭକଲା । ପନ୍ଥଜୀ ଦଳର ନେତା ନିର୍ବାଚିତ ହେବା ସଙ୍ଗେ ସଙ୍ଗେ ଉତ୍ତର ପ୍ରଦେଶର ପ୍ରଥମ ମୁଖ୍ୟମନ୍ତ୍ରୀ ହେଲେ । ମୁଖ୍ୟମନ୍ତ୍ରୀ ହିସାବରେ ସେ ଥରେ ଆଲ୍‌ହାବାଦ ପରିଦର୍ଶନରେ ଯାଇଥିଲେ । ସେ ଡଃ କୈଳାସନାଥ କାଟଜୁଙ୍କ ସହ ରହୁଥିଲେ । ମୁଁ ଯେତେବେଳେ ଡଃ କାଟଜୁଙ୍କ ବଙ୍ଗଳାରେ ପନ୍ଥଜୀଙ୍କ ସହ ସାକ୍ଷାତ କରିବାକୁ ଗଲି, ସେତେବେଳେ ମଧ୍ୟାହ୍ନ ଭୋଜନ ସମୟ ହୋଇଥିଲା । ପନ୍ଥଜୀଙ୍କୁ ଦେଖିମୁଁ ଆଶ୍ଚର୍ଯ୍ୟ ହୋଇଗଲି । ସେ ପୁରା କୋଟ ଜାମା ପ୍ୟାଣ୍ଟ ପିନ୍ଧି ଟେବୁଲରେ ଖାଉଥିଲେ । ଏ ଦୃଶ୍ୟ ଦେଖି ବିଗତ ନଅ ବର୍ଷ ତଳର ଘଟଣା ମୋ ମନରେ ଉଙ୍କି ମାରିଲା । ପନ୍ଥଜୀ ମୋତେ ଦେଖି ହସିପକାଇ କହିଲେ, ''ବିଶ୍ୱମ୍ଭରନାଥ; ତୁମେ ତୁମର ପୂର୍ବ ଧାରଣା ବଦଳାଇ ଦିଅ । ମୁଁ ଆଉ କୁମାୟୁନର ପୁରୁଣାକାଳିଆ ବ୍ରାହ୍ମଣ ହୋଇ ରହିନାହିଁ ।''

ଗୋରା ସାଇମନ କମିଶନ ସମସ୍ତ ପ୍ରଦେଶର ରାଜଧାନୀ ଗସ୍ତ କରୁଥିବା ସମୟରେ ଲକ୍ଷ୍ନୌ ଗସ୍ତରେ ଆସିବା ପାଇଁ କାର୍ଯ୍ୟକ୍ରମ ସ୍ଥିର ହୋଇଥାଏ । ଆମେମାନେ ମଧ୍ୟ ଲକ୍ଷ୍ନୌ ଯିବା ପାଇଁ ଠିକ୍ କଲୁ । ଉତ୍ତର ପ୍ରଦେଶ କଂଗ୍ରେସ କମିଟି କମିଶନକୁ ବହିଷ୍କାର କରିବା ପାଇଁ ଯୋଜନା ପ୍ରସ୍ତୁତ କଲେ । ଉତ୍ତର ପ୍ରଦେଶ ବିଧାନ ପରିଷଦର ବିରୋଧୀ ଦଳ ନେତା ରୂପେ ନେତୃତ୍ୱ ନେବା ପାଇଁ ପନ୍ଥଜୀଙ୍କୁ ଅନୁରୋଧ କରାଗଲା । ସମଗ୍ର ଉତ୍ତର ପ୍ରଦେଶରୁ ଆସିଥିବା ପ୍ରାୟ ୨୫ ହଜାର କଂଗ୍ରେସ କର୍ମୀଙ୍କ ସହ ପଣ୍ଡିତ ଜବାହରଲାଲ ନେହରୁ ଏହି ବିକ୍ଷୋଭ ପ୍ରଦର୍ଶନରେ ଯୋଗ

ଅସ୍ପୃଶ୍ୟତା ନାହିଁ । ନାରୀ ପୁରୁଷ ମଧ୍ୟରେ ସମାନତାକୁ ସ୍ୱୀକାର କରାଯାଇଛି । ନାରୀଙ୍କୁ ସମାଜରେ ଉଚ୍ଚ ସ୍ଥାନ ଦିଆଯାଇଛି । ଭାରତବର୍ଷ ବିଶ୍ୱକୁ ପରିବାର ଭାବରେ ଗ୍ରହଣ କରିଛି । ବିଶ୍ୱଶାନ୍ତିକୁ ଜୀବନର ବ୍ରତ ଭାବରେ ଧରି ନେଇଛି । ଭାରତ ଚାହିଁଛି ସମସ୍ତ କ୍ଷେତ୍ରରେ ଶାନ୍ତି– ପୃଥିବୀ, ଆକାଶ, ବାୟୁ, ଜଳ, ବନସ୍ପତି, ଔଷଧି ସବୁ ଶାନ୍ତିମୟ ହେଉ ।

ଆଜି ଆମର ପରିବେଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି । ପରିବେଶ ଶାନ୍ତ ନରହିଲେ, ମନୁଷ୍ୟ ସମାଜ ବଞ୍ଚି ପାରିବ ନାହିଁ । ଏକଥା ହଜାର ହଜାର ବର୍ଷତଳେ ଭାରତବର୍ଷର ବୈଦିକ ମୁନିଋଷିମାନେ କହିଥିଲେ । ବାୟୁମଣ୍ଡଳ, ଆକାଶ, ଜଳ ଏବଂ ସର୍ବୋପରି ପୃଥିବୀର ପରିବେଶ ଯଦି ଶାନ୍ତ ନ ରହିବ, ମନୁଷ୍ୟ ମଧ୍ୟ ଶାନ୍ତିରେ ରହି ପାରିବ ନାହିଁ ।

ଉନବିଂଶ ଶତାବ୍ଦୀର ଶେଷ ଭାଗରେ ଏହି ପବିତ୍ର ଭାରତବର୍ଷରେ ଦେଖାଦେଇଥିବା ଭୟକାତରତା, ଅସ୍ପୃଶ୍ୟତା, ସତୀଦାହ ଭଳି ଘୃଣ୍ୟ ପ୍ରଥା ଏବଂ ନାରୀ ନିର୍ଯ୍ୟାତନା ବିରୁଦ୍ଧରେ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ଶ୍ରୀ ଅରବିନ୍ଦ ଓ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଭଳି ମହାପୁରୁଷମାନେ ସ୍ୱର ଉତ୍ତୋଳନ କଲେ ଓ ଆସିଲେ ଭାରତବର୍ଷକୁ ଅନ୍ଧକାର ମଧ୍ୟରୁ ଉଠେଇବା ପାଇଁ । ଭାରତବର୍ଷର ଜନସମୁଦ୍ର ମଧ୍ୟରୁ ଅନ୍ତର୍ନିହିତ ଶକ୍ତି ରୂପେ ମହାତ୍ମାଗାନ୍ଧୀଙ୍କର ଅଭ୍ୟୁଦୟ ହେଲା । ସ୍ୱାଧୀନତା ସଂଗ୍ରାମ କରି ଦେଶକୁ ସେ ସ୍ୱାଧୀନ କଲେ ।

ଏ ଦେଶର ଆଦର୍ଶକୁ ଫେରାଇ ଆଣିବା ପାଇଁ ପଣ୍ଡିତ ଜବାହରଲାଲ ନେହେରୁ ନିଜକୁ ନିୟୋଜିତ କଲେ । ସେ ଆଦର୍ଶବାଦର ଘୋଷଣା କରି କହିଲେ, ଭାରତବର୍ଷ ଏକ ଏବଂ ଅଖଣ୍ଡ । ଏହାର ଜାତୀୟତା ଅଖଣ୍ଡ ଏବଂ ଏଠାରେ ସମସ୍ତେ ସମାନ । ସମ୍ବିଧାନରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଗଲା; ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏଥିରେ ସମସ୍ତଙ୍କର ସମାନ ଅଧିକାର ରହିଛି । ପଣ୍ଡିତ ନେହେରୁ ଘୋଷଣା କଲେ, ଗଣତନ୍ତ୍ର ହେଉଛି ଏକମାତ୍ର ପନ୍ଥା, ଯେଉଁଥିରେ ସବୁଠାରୁ ଯିଏ ତଳେ ରହିଛି, ଆମେ ତାକୁ ସ୍ୱୀକୃତି ଓ ସମ୍ମାନ ଦେଇ ପାରିବା । ଭାରତରେ ଯଦି ଅର୍ଥନୈତିକ ସ୍ୱରାଜ୍ୟ ନ ଆସିବ, ତେବେ ଏ ସ୍ୱରାଜ୍ୟର କୌଣସି ମୂଲ୍ୟ ନାହିଁ । ବିଶ୍ୱଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଆମକୁ ଗୋଷ୍ଠୀ ନିରପେକ୍ଷତା ସ୍ୱୀକାର କରିବାକୁ ହେବ । ପୃଥିବୀର ନବ ସ୍ୱାଧୀନ ଦେଶମାନଙ୍କୁ ନେଇ ସାମ୍ରାଜ୍ୟବାଦ ବିରୁଦ୍ଧରେ ଅବିରତ ସଂଗ୍ରାମ ଚାଲିଲେ, ବିଶ୍ୱଶାନ୍ତି ପ୍ରତିଷ୍ଠା ହୋଇପାରିବ ।

ମହାତ୍ମାଗାନ୍ଧୀଙ୍କ ପରେ ଭାରତବର୍ଷର ନେତୃତ୍ୱ ପଣ୍ଡିତ ଜବାହାରଲାଲ ନେବେ ବୋଲି ସମସ୍ତେ ଜାଣିଥିଲେ । କିନ୍ତୁ ପଣ୍ଡିତ ନେହେରୁଙ୍କ ପରେ କିଏ ତାଙ୍କର ଉତ୍ତରାଧିକାରୀ ହେବ, ତାହା ଏକ ଅମୀମାଂସିତ ପ୍ରଶ୍ନ ହୋଇ ରହିଥିଲା । ବହି ଲେଖାଗଲା 'AFTER NEHRU WHO' । ଜଣାଗଲା, ସତେ ଯେପରି ଭାରତର ଜନସମୁଦ୍ର ମଧ୍ୟରୁ କେହି ବାହାରୁ ନାହାନ୍ତି ଏ ଦେଶର ନେତୃତ୍ୱ ନେବା ପାଇଁ । ଅଳ୍ପ ସମୟ ପାଇଁ ପ୍ରଧାନମନ୍ତ୍ରୀ ହେଲେ ଶ୍ରୀ ଲାଲବାହାଦୁର ଶାସ୍ତ୍ରୀ । କିନ୍ତୁ ତାଙ୍କ ପରେ ଯେଉଁ ଶୂନ୍ୟତା ଉପୁଜିଲା, ତାହାକୁ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପୂରଣ କଲେ । ଏ ଭାରତବର୍ଷର ଭଉକୋଟିର ଆଦର୍ଶ ତଥା ଅଖଣ୍ଡତା ରକ୍ଷା କରିବା, ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା, ଦୁର୍ବଳ, ପତିତ, ନିଷ୍ପେସିତ ଜନସାଧାରଣଙ୍କୁ ନ୍ୟାଯ୍ୟ ଅଧିକାର ଦେବା ପାଇଁ ସେ ଯେଉଁ ସଂଗ୍ରାମ କଲେ, ତାହା ପୃଥିବୀର ଇତିହାସରେ ବିରଳ । 'ଇନ୍ଦିରା' ଶବ୍ଦ ଲକ୍ଷ୍ମୀର ପ୍ରତିଶବ୍ଦ ।

"ଇନ୍ଦିରା ଲୋକମାତା ମା କ୍ଷୀରାବ୍ଧିତନୟା ରମା ।।"

ଆଜି ସମଗ୍ର ଦେଶ ଇନ୍ଦିରା ଗାନ୍ଧୀଙ୍କୁ ଲୋକମାତା ହିସାବରେ ଗ୍ରହଣ କରିଛି । ସେ କ୍ଷୀରାବ୍ଧିତନୟା । ଭାରତର ଜନସମୁଦ୍ର ଭିତରୁ ତାଙ୍କର ଜନ୍ମ ହୋଇଥିଲା । ଭାରତବର୍ଷକୁ ପ୍ରାଣର ସହିତ ସେ ଏତେ ଭଲ ପାଉଥିଲେ ଯେ ସତେ ଯେପରି ତାଙ୍କର ସାରା ଜୀବନ ଭାରତ ପାଇଁ ଦେଶ ତାଙ୍କବିନ୍ଦୁ ଦେବାକୁ ସେ ପ୍ରସ୍ତୁତ ହେଉଥିଲେ ।

ଇନ୍ଦିରା ଗାନ୍ଧୀ ଭାରତର ପ୍ରଧାନମନ୍ତ୍ରୀ ହେବା ପରେ ସମାଜରେ ଅର୍ଥନୈତିକ ସମାନତା ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିଥିଲେ । ଆଦିବାସୀ, ହରିଜନ ଓ ଗରିବ ଲୋକଙ୍କ ଅବସ୍ଥାର ଉନ୍ନତି ନ ହେବା ପର୍ଯ୍ୟନ୍ତ ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ ବୋଲି ସେ କହୁଥିଲେ । ସେଥିପାଇଁ ବ୍ୟାଙ୍କ୍ ଜାତୀୟକରଣଠାରୁ ଆରମ୍ଭ କରି ବହୁ କାର୍ଯ୍ୟକ୍ରମ ସେ ଗରିବ ହରିଜନ ଆଦିବାସୀମାନଙ୍କ ପାଇଁ ଗ୍ରହଣ କରିଥିଲେ ।

୧୯୬୭ ମସିହା ବେଳକୁ ଭାରତବର୍ଷ ଏକ ବିକ୍ଷୁବ୍ଧ ଅବସ୍ଥାରେ ଥିଲା । ଦେଶ ଭିତରେ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ନଥିଲା । ଇନ୍ଦିରା ଗାନ୍ଧୀ ଭାରତବର୍ଷର ବିଭ୍ରାନ୍ତିକୁ ଦୂରୀଭୂତ କରି ଗଣତନ୍ତ୍ର ଓ ସମାଜବାଦର ଆଦର୍ଶରେ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ କରାଇଲେ । ବିଶ୍ୱଶାନ୍ତି ପାଇଁ ନିରପେକ୍ଷ ରାଷ୍ଟ୍ର ଗୋଷ୍ଠୀକୁ ଏକତ୍ରିତ କରି ଏକ ଟାଣୁଆ ନେତୃତ୍ୱ ଦେଇଥିଲେ । ଜବାହାରଲାଲଙ୍କ ସମୟରେ ତୃତୀୟ ଶକ୍ତି ଭାବରେ ଭାରତ ନିଜର ପରାକାଷ୍ଠା ଯେପରି ପ୍ରତିପାଦିତ କରିଥିଲା, ଇନ୍ଦିରା ଗାନ୍ଧୀଙ୍କ ସମୟରେ ତାହା ଶୀର୍ଷ ସୀମାରେ ପହଞ୍ଚିଲା ।

ମିଷ୍ଟର ନିକ୍ସନ୍ ଆମେରିକାର ରାଷ୍ଟ୍ରପତି ଥିବା ସମୟରେ ତାଙ୍କର ବୈଦେଶିକ ମନ୍ତ୍ରୀ ଥିଲେ ଡଃ ହେନେରୀ କିସିଞ୍ଜର । ସେ ତାଙ୍କର ଜୀବନର ଅଭିଜ୍ଞତା ବର୍ଣ୍ଣନା କରି ଇନ୍ଦିରା ଗାନ୍ଧୀଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି । ସେଥିରେ ସେ ଲେଖିଛନ୍ତି ଯେ ଜବାହର ନେହେରୁଙ୍କ କନ୍ୟା ଯେତେବେଳେ ଆମେରିକାକୁ ଆସିଲେ, ନିକ୍ସନ୍ ଅଥୟ ହେଲେ କିପରି ଭାବରେ ତାଙ୍କ ସହିତ କଥାବାର୍ତ୍ତା କରିବେ । ସେ ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିତ୍ୱର ବର୍ଣ୍ଣନା କରି ଲେଖିଛନ୍ତି ଯେ ଶ୍ରୀମତୀ ଗାନ୍ଧୀ ପୃଥିବୀର ଏକ ଶ୍ରେଷ୍ଠ ସ୍ୱାଧୀନ ଜାତିର ପ୍ରତିନିଧିଭାବରେ ଅତ୍ୟନ୍ତ ଗାମ୍ଭୀର୍ଯ୍ୟ ଓ ଅଭିମାନର ସହିତ ଆମେରିକା ରାଷ୍ଟ୍ରପତିଙ୍କ ସହ କଥାବାର୍ତ୍ତା କରିଥିଲେ । ଇନ୍ଦିରା ଗାନ୍ଧୀ ଭାରତବର୍ଷର ସମ୍ମାନକୁ ପୃଥିବୀରେ ବହୁଗୁଣିତ କରି ଦେଇଥିଲେ । ପୃଥିବୀର ସମସ୍ତ ରାଷ୍ଟ୍ର ତାଙ୍କର ଶ୍ରେଷ୍ଠତ୍ୱ ସ୍ୱୀକାର କରିଛନ୍ତି । ଇନ୍ଦିରା ଗାନ୍ଧୀ ପ୍ରମାଣିତ କରିଦେଲେ ଯେ ଭାରତର ଶାନ୍ତି ନୀତି ଅନ୍ୟ ଦେଶକୁ ଆକ୍ରମଣ କରିବା ପାଇଁ ନୁହେଁ, ବରଂ କେହି ଯଦି ଏ ଦେଶକୁ ଆକ୍ରମଣ କରେ, ତା'ହେଲେ ଭାରତବର୍ଷ ନିଶ୍ଚୟ ତା'ର ଉଚିତ ଜବାବ ଦେବ । ଆମର ପ୍ରାଚୀନ ଭାରତବର୍ଷରେ ଅଛି, ଖାଲି ବେଦ ଦ୍ୱାରା ହେବ ନାହିଁ, ଧର୍ମ ଦ୍ୱାରା ହେବ ନାହିଁ, ସେଥିପାଇଁ ଆମକୁ ଶକ୍ତି ସଂଚୟ କରିବାକୁ ହେବ ।

ଅଗ୍ରତଶ୍ଚତୁରୋ ବେଦାଃ
ପୃଷ୍ଠତଃ ସଶରଂ ଧନୁଃ ।

କେବଳ ଚାରି ବେଦ ହେଲେ ହେବ ନାହିଁ, ତା ସହିତ ଧନୁଶର ରହିବା ଦରକାର । ଇନ୍ଦିରା ଗାନ୍ଧୀ ତାଙ୍କର ଜୀବନ କାଳ ମଧ୍ୟରେ ପ୍ରମାଣିତ କଲେ ଯେ ଭାରତବର୍ଷ ନିର୍ବୀର୍ଯ୍ୟ ନୁହେଁ । ଯଦି କେହି ଭାରତବର୍ଷ ଉପରେ ଦୃଷ୍ଟିପାତ କରି ସ୍ୱାଧୀନତା ଅପହରଣ କରିବା ପାଇଁ ଚେଷ୍ଟା କରେ ତେବେ ତାକୁ ଉଚିତ ଶିକ୍ଷା ଦିଆଯିବ । ପାକିସ୍ଥାନ ଅନୁରୂପ ଶିକ୍ଷା ଲାଭ କରିଥିଲା । ପାକିସ୍ଥାନ ଭାରତବର୍ଷକୁ ଖଣ୍ଡବିଖଣ୍ଡିତ କରିଥିଲା କିନ୍ତୁ ନିଜେ ଖଣ୍ଡବିଖଣ୍ଡିତ ହୋଇଗଲା । ଭାରତର ସମ୍ମାନ ଗୋଟିଏ ଯୁଦ୍ଧରେ ଏପରି ବଢ଼ିଗଲା ଯେ ବିଦେଶରେ ଥିବା ଅନେକ ଭାରତୀୟ ଇନ୍ଦିରା ଗାନ୍ଧୀଙ୍କ ନିକଟକୁ ଚିଠିପତ୍ର ଲେଖି ଭୂୟସୀ ପ୍ରଶଂସା କରିଥିଲେ । ଇନ୍ଦିରା ଗାନ୍ଧୀ ପୃଥିବୀର ପ୍ରଧାନ ରାଷ୍ଟ୍ରଗୁଡ଼ିକ ନିକଟରେ ପ୍ରମାଣିତ କରିଦେଲେ ଯେ ଭାରତ ନିର୍ଧନ ରାଷ୍ଟ୍ର ହୋଇପାରେ କିନ୍ତୁ ବିଜ୍ଞାନ, ମନୀଷା ଓ ଗବେଷଣା କ୍ଷେତ୍ରରେ ଭାରତ ବିଶ୍ୱର ଯେ କୌଣସି ଶକ୍ତି ସହିତ ତୁଳନୀୟ । ସେ ନିଜର ଜୀବନକାଳ ମଧ୍ୟରେ ଭାରତକୁ ବିଶ୍ୱରେ ଏତେ ଉଚ୍ଚସ୍ଥାନ ଦେଇଛନ୍ତି ଯେ ତାହା କେହି ଭୁଲି ପାରିବ ନାହିଁ । ତାଙ୍କର ନିରଳସ ଦେଶ ସେବା ପାଇଁ ସେ ଯୁଗଯୁଗ ଧରି ଭାରତବର୍ଷର ଜନଗଣଙ୍କର ଆଦର୍ଶ ହୋଇ ରହିବେ ।

[ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ବାର୍ଷିକୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣରୁ
ସଂଗୃହୀତ—ମୁଖ୍ୟ ସମ୍ପାଦକ ।]

# ଭାରତର ବାଣୀ : ବସୁଧୈବ କୁଟୁମ୍ବକମ୍



ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଜୀବନର ଶେଷ କେତୋଟି ଦିନ ଓଡ଼ିଶାରେ କଟାଉଥିଲେ । କୌଣସି ବ୍ୟକ୍ତିର ମୃତ୍ୟୁ ସମୟ ନିକଟ ହୋଇଆସିଲେ, ସେ ତା'ର ପ୍ରିୟଜନମାନଙ୍କୁ ଖୋଜେ । ସେମାନଙ୍କ ପାଖକୁ ଯିବା ପାଇଁ ଇଚ୍ଛା କରେ । ଶ୍ରୀମତୀ ଗାନ୍ଧୀଙ୍କର ଓଡ଼ିଶା ଥିଲା ସବୁଠାରୁ ପ୍ରିୟ । ସେଥିପାଇଁ ସେ ଜୀବନର ଶେଷ ଦୁଇ ଦିନ ତାଙ୍କର ପ୍ରିୟ ଆଦିବାସୀ ହରିଜନ ଭାଇଭଉଣୀଙ୍କୁ ଦେଖିବା ପାଇଁ ଓଡ଼ିଶା ଆସିଥିଲେ । ଓଡ଼ିଶାର ପ୍ରାଚୀନ କଳାଚାତୁର୍ଯ୍ୟ ଦେଖି ସେ ଏପରି ମୁଗ୍ଧ ହୋଇ ଯାଉଥିଲେ ଯେ, ରାଜ୍ୟ ସଂଗ୍ରହାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗ ଦେଇ କହିଥିଲେ— "ମୁଁ ଦିନେ ଜଣେ ପର୍ଯ୍ୟଟକ ଭାବରେ ଓଡ଼ିଶାକୁ ଆସିବି ଏବଂ ଓଡ଼ିଶାର ଅପୂର୍ବ ବିଭବ ଅନୁପମ ସୌନ୍ଦର୍ଯ୍ୟ ଉପଭୋଗ କରିବି ।" ସେ ଜାତି ଉଦ୍ଦେଶ୍ୟରେ ଜୀବନର ଶେଷ ବାର୍ତ୍ତା ଓଡ଼ିଶାରେ ଦେଇଥିଲେ । ଏହା ଆଜି ସମଗ୍ର ପୃଥିବୀରେ ପ୍ରସିଦ୍ଧ—"ମୋର ଶେଷ ରକ୍ତବିନ୍ଦୁ ଏ ଦେଶକୁ ଦୃଢ଼ୀଭୂତ କରିବ ଏବଂ ଦେଶର ସେବାରେ ନିୟୋଜିତ ହେବ ।" ଆବ୍ରାହମ୍ ଲିଙ୍କନ୍‌ଙ୍କର ଗେଟିସ୍‌ବର୍ଗ ଭାଷଣ ଯେପରି ଆମେରିକାର ପ୍ରତ୍ୟେକ ଛାତ୍ର ମୁଖସ୍ଥ କରେ, ସେହିପରି ଇନ୍ଦିରା ଗାନ୍ଧୀଙ୍କ ଭାଷଣ ଭାରତବର୍ଷର ପ୍ରତ୍ୟେକ ବ୍ୟକ୍ତିର ମୁଖସ୍ଥ ହେବା ଦରକାର । କାରଣ ଦେଶ ପାଇଁ ଏପରି ଚରମ ତ୍ୟାଗର ବାର୍ତ୍ତା କେବେ କୌଣସି ବ୍ୟକ୍ତି ଦେଇ ନାହାନ୍ତି ।

ଇନ୍ଦିରା ଗାନ୍ଧୀ କହିଥିଲେ—"ମୋର ଶେଷ ରକ୍ତବିନ୍ଦୁ ଏ ଦେଶକୁ ଶକ୍ତିଶାଳୀ କରିବ ।" ଏ ଦେଶର ଆଦର୍ଶ କ'ଣ ? କାହିଁକି ସେ ତାଙ୍କର ଶେଷ ରକ୍ତବିନ୍ଦୁ ଦେବା ପାଇଁ ଘୋଷଣା କରିଥିଲେ । ଏ ଭାରତବର୍ଷ ଦିନେ ସାରା ପୃଥିବୀର ନେତୃତ୍ୱ ନେଇଥିଲା ଏବଂ ପୁଣିଥରେ ନେବ । ଏକଥା ଭାରତବର୍ଷର ସମସ୍ତ ମହାପୁରୁଷ ଊନବିଂଶ ଶତାବ୍ଦୀର ଶେଷ ଭାଗରୁ ଏପର୍ଯ୍ୟନ୍ତ ଘୋଷଣା କରି ଆସିଛନ୍ତି । ଭାରତବର୍ଷ ଦିନେ ସାରା ପୃଥିବୀର ପ୍ରେରଣାର ଉତ୍ସ ଥିଲା । ମନୁସ୍ମୃତିରେ ମନୁ କହିଥିଲେ—

ଏତଦ୍ ଦେଶପ୍ରସୂତସ୍ୟ ସକାଶାଦଗ୍ରଜନ୍ମନଃ<br>ସ୍ୱଂ ସ୍ୱଂ ଚରିତ୍ରଂ ଶିକ୍ଷେରନ୍ ପୃଥିବ୍ୟାଂ ସର୍ବମାନବାଃ ॥

ଏ ଭାରତବର୍ଷ ସମଗ୍ର ପୃଥିବୀର ଶିକ୍ଷାଭୂମି । ପୃଥିବୀର ବିଭିନ୍ନ ଦେଶର ଲୋକ ଭାରତବର୍ଷକୁ ଆସିବେ । ସଭ୍ୟତା କ'ଣ, ଜୀବନର ଆଦର୍ଶ କ'ଣ, ତାହା ସେମାନେ ଶିଖିକରି ଯିବେ । ଭାରତବର୍ଷର ଆଦର୍ଶ, ଉଚ୍ଚ ଆଧ୍ୟାତ୍ମବାଦର ଆଦର୍ଶ, ଶାନ୍ତିର ଆଦର୍ଶ । ଏକ ଆଦର୍ଶ ପରିବାର, ସମାଜ, ରାଷ୍ଟ୍ର ଓ ବିଶ୍ୱର ପରିକଳ୍ପନା । ଏଇ ଭାରତବର୍ଷରେ ମଧ୍ୟ କୁହାଯାଇଥିଲା, ନାରୀ ଓ ପୁରୁଷ ସମାନ ଏବଂ ନାରୀ ଜାତିକୁ ସମ୍ମାନ ପ୍ରଦର୍ଶନ କରିବାକୁ ହେବ ।

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ଦେବତାଃ ॥

ଯେଉଁଠି ନାରୀମାନଙ୍କ ପ୍ରତି ଅବଜ୍ଞା କରାଯାଏ, ସେ ଦେଶ ତଥା ଜାତିର କଦାପି ଅଗ୍ରଗତି ହେବନାହିଁ । ଏଇ ଭାରତବର୍ଷ ଏକଥା ମଧ୍ୟ ପ୍ରଚାର କରିଥିଲା ଯେ ସମସ୍ତ ପୃଥିବୀ ହେଉଛି ଗୋଟିଏ କୁଟୁମ୍ବ ।

"ବସୁଧୈବ କୁଟୁମ୍ବକମ୍ ।"

କେବଳ ମୋର ପରିବାର ଯଥେଷ୍ଟ ନୁହେଁ, ଏ ପୃଥିବୀକୁ ମୁଁ ପରିବାର ରୂପେ ଗ୍ରହଣ କରୁଛି । ଏଇ ଭାରତବର୍ଷର ବାଣୀ—

ମାତା ଚ ପାର୍ବତୀ ଦେବୀ ପିତା ଦେବ ମହେଶ୍ୱରଃ<br>ବାନ୍ଧବା ଶିବଭକ୍ତାଶ୍ଚ ସ୍ୱଦେଶୋ ଭୁବନଂ ତ୍ରୟମ୍ ॥

ଏ ସଂସାର ମୋର ନିଜର ପରିବାର । ମୁଁ କେବେହେଲେ ମୋର ପରିବାରକୁ ସଂସାରଠାରୁ ଭିନ୍ନ ରୂପରେ ଦେଖେ ନାହିଁ । ଆମରି ଭାରତ ଦିନେ ଅସ୍ପୃଶ୍ୟତାର ନିନ୍ଦା କରିଥିଲା । କିନ୍ତୁ ଦୁଃଖର ବିଷୟ, ଆଜି ଶଙ୍କରାଚାର୍ଯ୍ୟଙ୍କ ଉତ୍ତରାଧିକାରୀମାନେ ଅସ୍ପୃଶ୍ୟତା ଓ ନାରୀ ନିର୍ଯ୍ୟାତନାର ପ୍ରଶଂସା କରୁଛନ୍ତି । ଶଙ୍କରାଚାର୍ଯ୍ୟ କହିଥିଲେ, ବ୍ରହ୍ମ ଗୋଟିଏ ଏବଂ ତାହା ତଥା କଥିତ ସ୍ପୃଶ୍ୟ ଓ ଅସ୍ପୃଶ୍ୟ ସମସ୍ତଙ୍କଠାରେହିଁ ବିଦ୍ୟମାନ ।

ଏହି ମହାନ୍ ଶିକ୍ଷା ଶଙ୍କରାଚାର୍ଯ୍ୟ କାଶୀରେ ଲାଭ କରିଥିଲେ । ସେ ଗଙ୍ଗାରୁ ଜଳ ନେଇ ଫେରିବା ପଥରେ ଜଣେ ମ୍ଳେଚ୍ଛ ପୋଷାକ ପରିହିତ ବୃଦ୍ଧ, ଜରାଜୀର୍ଣ୍ଣ ଚଣ୍ଡାଳ ତାଙ୍କୁ ଜଳ ମାଗିଥିଲା । ଶଙ୍କରାଚାର୍ଯ୍ୟ ତାଙ୍କୁ ଜଳ ଦେବା ପାଇଁ ମନା କରି ଦେଇଥିଲେ । କିନ୍ତୁ କାଶୀ ବିଶ୍ୱନାଥ ଶଙ୍କରାଚାର୍ଯ୍ୟଙ୍କୁ ସ୍ୱପ୍ନରେ କହିଲେ— ଏହିଭଳି ଭାବରେ ତୁମେ ବ୍ରହ୍ମର ସନ୍ଧାନ କରୁଛ, ବ୍ରହ୍ମ ଦର୍ଶନ ପାଇଁ ଚେଷ୍ଟା କରୁଛ । ତୁମେ ସାଧାରଣ ବ୍ୟକ୍ତିକୁ ଅସ୍ପୃଶ୍ୟ ଚଣ୍ଡାଳ ବୋଲି ଘୃଣା କରୁଛ । ତୁମର ସାଧନା କଦାପି ସିଦ୍ଧ ହେବ ନାହିଁ ।

ଏହାପରେ ଶଙ୍କରାଚାର୍ଯ୍ୟ ବ୍ରହ୍ମସୂତ୍ରର ଯେଉଁ ଭାଷ୍ୟ ରଚନା କଲେ, ସେଥିରେ ସେ ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ଯେ ପ୍ରତ୍ୟେକ ମନୁଷ୍ୟ ଭିତରେ ବ୍ରହ୍ମ ବିଦ୍ୟମାନ । ଏ ସେହି ଭାରତବର୍ଷ, ଯେଉଁଠି

ମୋତିଲାଲ ଯେଉଁ ସମୟରେ କଲେଜରେ ପଢୁଥିଲେ, ସେତେବେଳେ ଓକିଲାତି କରିବା ଅଭିଳାଷ ପ୍ରାୟ ଅଧିକାଂଶ ଶିକ୍ଷିତ ଭାରତୀୟଙ୍କ ମଧ୍ୟରେ ପ୍ରବର୍ତ୍ତିତ ହୋଇଥାଏ । ମୋତିଲାଲ ମଧ୍ୟ ସେଥିରେ ଅନୁପ୍ରାଣିତ ହେବା ସ୍ୱାଭାବିକ । ଯେତେବେଳେ ସେ ଆଇନ୍ ପାଶ କରି ଆଇନ୍ ବ୍ୟବସାୟରେ ପ୍ରବେଶ କରନ୍ତି, ସେତିକି ବେଳେ ତାଙ୍କ ଜ୍ୟେଷ୍ଠ ଭ୍ରାତା ନନ୍ଦଲାଲଙ୍କ ମୃତ୍ୟୁ ହେଲା । ତେଣୁ ପରିବାରର ପରିଚାଳନା ଭାର ପୁରାପୁରି ତାଙ୍କ ଉପରେ ହିଁ ପଡ଼ିଲା ।

କ୍ରମେ ତାଙ୍କ ଆଇନ୍ ବ୍ୟବସାୟ ପ୍ରସାରିତ ହେଲା ଯେତେବେଳେ ସେ କାନପୁର ଜିଲ୍ଲାକୋର୍ଟରେ ଓକିଲାତି ଆରମ୍ଭ କଲେ । କଠିନ ପରିଶ୍ରମ ହେତୁ ଅଳ୍ପ କାଳରେ ଓକିଲମାନଙ୍କ ମଧ୍ୟରେ ତାଙ୍କର ସୁନାମ ବଢ଼ିବାକୁ ଲାଗିଲା । ଯୌବନରେ ମୋତିଲାଲଙ୍କ ଉଚ୍ଚାଭିଳାଷ ତାଙ୍କୁ କାନପୁରର ଜିଲାକୋର୍ଟ ମଧ୍ୟରେ ସ୍ଥିର କରି ପାରିଲା ନାହିଁ । ୧୮୮୬ ମସିହାରେ ସେ ତାଙ୍କ ଆଇନ୍ ବ୍ୟବସାୟ କାନପୁରରୁ ଆହ୍ଲାବାଦ ହାଇକୋର୍ଟକୁ ଉଠାଇ ନେଲେ । ପ୍ରଥମେ ସହରର ପୁରୁଣା ଅଞ୍ଚଳ ମିରଗଞ୍ଜରେ ସେ ବାସ ସ୍ଥାପନ କରିଥିଲେ । କିନ୍ତୁ ବ୍ୟବସାୟ ଯଥେଷ୍ଟ ବଢ଼ିବାରୁ ଆହ୍ଲାବାଦର ଏକ କେନ୍ଦ୍ର ଜନବସତି ଅଞ୍ଚଳକୁ ଉଠିଗଲେ ।

ସେଠାରେ ହିଁ ୧୮୮୯ ସାଲ ନଭେମ୍ବର ୧୪ ତାରିଖ ଦିନ ଜବାହରଲାଲ ଜନ୍ମଗ୍ରହଣ କରନ୍ତି । ଏଥିର ୧୦ ବର୍ଷ ପରେ ମୋତିଲାଲ 'ଆନନ୍ଦ ଭବନ' ନାମକ ଏକ ବିରାଟ ପ୍ରାସାଦ କ୍ରୟ କରି ଯେଉଁ ଅଞ୍ଚଳରେ ଅଧିକାଂଶ ୟୁରୋପୀୟମାନେ ରହନ୍ତି, ସେଠାରେ ସ୍ଥାୟୀଭାବେ ବାସ ସ୍ଥାପନ କରେ । 'ଆନନ୍ଦ ଭବନ' ଏକ ପ୍ରଶସ୍ତ ଓ ସୁନ୍ଦର ପ୍ରାସାଦ । ସେଥିରେ ସୁରମ୍ୟ ବଗିଚ୍ଚା ଓ ସନ୍ତରଣ ପାଇଁ ପୁଷ୍କରିଣୀ ରହିଥାଏ, ଯେଉଁଠି ଶିଶୁ ଜବାହରଲାଲ ଗ୍ରୀଷ୍ମକାଳରେ ସନ୍ତରଣ କରିବା ସ୍ମୃତି ମନରୁ ଭୁଲି ନ ଥିଲେ । ସେ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି–"ଦୀର୍ଘ ଗ୍ରୀଷ୍ମ ଋତୁରେ ମୁଁ ପ୍ରତ୍ୟହ କେତେଥର ଯାଇ ପୁଷ୍କରିଣୀ ଭିତରେ ପଶି ପହଁରୁ ଥାଏ । ସନ୍ଧ୍ୟାବେଳେ ବାପାଙ୍କର କେତେ ସାଙ୍ଗ ସେଠାକୁ ଆସନ୍ତି–ଏହା ଏକ ଉନ୍ନତ ଆଭିଜାତ୍ୟର ନିଦର୍ଶନ । ସେଠାରେ ବିଜୁଳି ବତୀ ପ୍ରଜ୍ଜ୍ୱଳିତ ହୋଇଥାଏ । ସେ ସମୟରେ ଆହ୍ଲାବାଦରେ ଆମ ଗୃହଟି ଥିଲା ଏକ ନୂତନ ଆଦର୍ଶ ଘର ।"

ସନ୍ତରଣରେ ଜବାହରଲାଲ ଯଥେଷ୍ଟ ଦକ୍ଷତା ଲାଭ କରି ଥିଲେ । କିନ୍ତୁ ତାଙ୍କ ପିତା ମୋତିଲାଲଙ୍କ ତାହା ଥିଲା ଅତ୍ୟନ୍ତ ପ୍ରିୟ ପୁଷ୍କରିଣୀ । ତଥାପି ସେ ସନ୍ତରଣରେ ଦକ୍ଷତା ପାଇ ନ ଥିଲେ ।

ନେହରୁଙ୍କ ପରିବାରକୁ ଆଦରରେ ରଖିଲାପରି ଆଇନ୍ କୋର୍ଟକୁ ମଧ୍ୟ ମୋତିଲାଲ ନିଜ ଅଧିକାରରେ ରଖି ପାରିଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୦୫ ସାଲରେ ସେ ଏକ ପତ୍ରରେ ଲେଖିଥିଲେ "ମୋର ଧନ ଆବଶ୍ୟକ; ସେଥିପାଇଁ ମୁଁ କାମକରେ; ତାହା ମୁଁ ପାଉଛି ।"

("I want money, I work for it and I get it")

ଜବାହରଲାଲଙ୍କ ମାଙ୍କ ସମ୍ବନ୍ଧରେ ବିଶେଷ କିଛି ଜଣା ଯାଇ ନାହିଁ । କିନ୍ତୁ ସେ ଥିଲେ ଜଣେ ଅତି ଧୀର ଓ ଧୈର୍ଯ୍ୟଶାଳୀ ଭାରତର ସ୍ୱାଧୀନତା ସଂଗ୍ରାମବେଳେ ପତି ଓ ପୁତ୍ର ଉଭୟେ ଯେତେବେଳେ ଜେଲ୍‌ରେ ଆବଦ୍ଧ ହୋଇଥିଲେ, ସେତେବେଳେ ସେ ଧୈର୍ଯ୍ୟ ସହକାରେ ପରିବାରକୁ ସମ୍ଭାଳି ରହି ପାରିଥିଲେ ।

ମୋତିଲାଲ ବହୁବାର ୟୁରୋପ ଯାତ୍ରା କରିଥିଲେ । ୧୯୦୫ ମସିହାରେ ତାଙ୍କର ପ୍ରବଳ ଇଚ୍ଛା ହେଲା ଯେ ପୁତ୍ର ଜବାହରଲାଲଙ୍କୁ ସେ ଇଂଲଣ୍ଡରେ ପ୍ରସିଦ୍ଧ 'ହାରୋ' (Harrow) ସ୍କୁଲରେ ପଢ଼ାଇବେ । କିନ୍ତୁ ଯେହେତୁ ପରିବାର ସମସ୍ତେ ଏକାଠି ମିଳିମିଶି ରହି ଥିବାରୁ ଜବାହରଲାଲଙ୍କୁ ଏକାକୀ ଦୂର ଦେଶକୁ ପଠାଇ ଦେବା ସମ୍ଭବ ହେଲନାହିଁ । ତେଣୁ ପିତା, ମାତା, ପୁତ୍ର ଓ ଛୋଟ କନ୍ୟା ସମସ୍ତେ ମିଶି ଇଂଲଣ୍ଡ ଯାତ୍ରା କରନ୍ତି ୧୯୦୫ ମସିହାରେ ।

୧୮୫୭ ମସିହାରେ 'ସିପାହୀ ବିଦ୍ରୋହ' ଆରମ୍ଭ କାଳରୁ ଭାରତରେ ସ୍ୱାଧୀନତା ସଂଗ୍ରାମର ସୂତ୍ରପାତ ହୋଇଥାଏ । ବିଦେଶୀ କବଳରୁ ଭାରତକୁ ଉଦ୍ଧାର କରିବା ପାଇଁ ଚିନ୍ତାଶୀଳ ମନୀଷୀମାନେ ଭାରତରେ ଉଦ୍ୟମ ଚଳାଇଥାନ୍ତି । ୧୯୦୫ ମସିହାରେ 'ବନ୍ଦେ ମାତରଂ' ଆନ୍ଦୋଳନ ଭାରତର ଗୋରା ଶାସକମାନଙ୍କୁ ଅଥୟ କରୁଥାଏ । ଭାରତର ଜାତୀୟ କଂଗ୍ରେସ ନେତାମାନେ ଖୋଜି ବୁଲୁଥାନ୍ତି ଏପରି ଜଣେ ନେତା ଯେ' କି ଜାତୀୟ ସ୍ୱାଧୀନତା ବ୍ରିଟିଶ କବଳରୁ ଉଦ୍ଧାର କରି ପାରିବ । ସେମାନଙ୍କ ସେହି ଅଭିଳାଷକୁ ପ୍ରାଣବନ୍ତ କରିବା ପାଇଁ ଭାରତମାତା ହୁଏତ ଅପେକ୍ଷା କରିଥିଲେ ଦୁଇ ମହାପୁରୁଷଙ୍କୁ ମହାତ୍ମାଗାନ୍ଧୀ ଓ ଜବାହରଲାଲ ।

ଆନନ୍ଦ ଭବନ—ପ୍ରାସାଦରେ ଯେଉଁ ବାଳକ ଜବାହରଲାଲ ବହୁ ଦାସଦାସୀଙ୍କ ସେବାରେ ଲାଳିତ ହୋଇ ଶୈଶବ କଟାଇ ଥିଲେ, ସେ ଏବେ କଠୋର ନିୟନ୍ତ୍ରଣ ଭିତରେ ଇଂଲଣ୍ଡର ସୁପ୍ରସିଦ୍ଧ ଆବାସିକ ସ୍କୁଲରେ ରହି ନିଜେ ନିଜର ସେବା କରିବା ଶିକ୍ଷାପାଇ ଦୀର୍ଘ ଦୁଇବର୍ଷ କଟାଇଲେ । ସେ ଥିଲେ ଜଣେ ଆଦର୍ଶ ଛାତ୍ର । କଠୋର ପରିଶ୍ରମ କରି ଅନ୍ୟ ସହପାଠୀମାନଙ୍କ ମଧ୍ୟରେ ସେ ଅଗ୍ରଣୀ ହୋଇ ପାରିଥିଲେ । କିନ୍ତୁ ଖେଳରେ ସେ ଯଥେଷ୍ଟ ପାରଦର୍ଶିତା ଲାଭ କରି ପାରି ନଥାନ୍ତି । ଗୋଟିଏ ପତ୍ରରେ ସେ ଲେଖିଥିଲେ; "I played, or at least tried to play footer". କିନ୍ତୁ ବରଫରେ ସେଟ୍ (Skate) ପାଦରେ ଲଗାଇ ଖସିବା କୌଶଳ ସେ ଯଥେଷ୍ଟ ଅଭ୍ୟାସ କରିଥିଲେ । ତାଙ୍କ ସହପାଠୀଙ୍କ ସଙ୍ଗେ ଶୀତ ଋତୁରେ ଘନ ବରଫ ପୋଖରୀରେ ଥରେ ତାଙ୍କୁ ପ୍ରଶଂସା କରି ଟ୍ୟୁସନ ମାଷ୍ଟର ଲେଖିଥିଲେ "Nehru was a very nice boy; quiet and very refined. He was not demonstration but one felt there was great strength of character" (ନେହରୁ ଅତି ଉତ୍ତମ ପିଲା ଶାନ୍ତ ଓ ଶିଷ୍ଟ । ସେ କେବେ ଆତ୍ମ ବଡ଼ିମା ଦେଖାଏ ନାହିଁ; କିନ୍ତୁ ତା ଭିତରେ ଯେ ପ୍ରବଳ ଚାରିତ୍ରିକ ଶକ୍ତି ପୂରି ରହିଛି, ତାହା ଅନୁଭୂତ ହେଉଥିଲା) .

ମୋତିଲାଲଙ୍କ ଇଚ୍ଛାଥିଲା ଜବାହରଲାଲ ବନ୍ଧୁକ ଚାଳନାରେ ଦକ୍ଷତା ଅର୍ଜ୍ଜନ କରନ୍ତୁ । କିନ୍ତୁ ତା ପରିବର୍ତ୍ତେ ସେ କ୍ରିକେଟ ଖେଳିବାକୁ ବିଶେଷ ଆଗ୍ରହୀ ଥିଲେ । ସେହି ସ୍କୁଲରେ କେତେକ ଭାରତୀୟ ଛାତ୍ରଙ୍କ ମଧ୍ୟରେ କ୍ରିକେଟ ଏକ ପ୍ରିୟ ଖେଳ ହୋଇଥିଲା ।



# ଜବାହର ଏକ ଅମ୍ଳାନ ବ୍ୟକ୍ତିତ୍ୱ

ଡାଃ ସତ୍ୟନାରାୟଣ ରାଜଗୁରୁ

ଭାରତର ଭୂସ୍ୱର୍ଗ କାଶ୍ମୀର ପୂର୍ବେ ବ୍ରହ୍ମାବର୍ତ୍ତର ଏକ ଅଂଶ ହୋଇ ଆର୍ଯ୍ୟ ସଂପ୍ରଦାୟର ବାସସ୍ଥଳୀ ଥିଲା । ସେଠାରେ ଅତି ପ୍ରାଚୀନ କାଳରୁ ବେଦାଧ୍ୟାୟୀ ବ୍ରାହ୍ମଣମାନେ ବାସ କରୁଥିଲେ । କାଳକ୍ରମେ ସେଠାରୁ ବହୁ ସଂଖ୍ୟାରେ ଆର୍ଯ୍ୟମାନେ ପୂର୍ବାଞ୍ଚଳକୁ ଉଠି ଆସି ଗଙ୍ଗା-ଯମୁନା ପ୍ରବାହିତ ଉର୍ବର ଆର୍ଯ୍ୟାବର୍ତ୍ତରେ ବାସ ସ୍ଥାପନ କଲେ । ସେତେବେଳେ ପ୍ରୟାଗ (ଆହ୍ଲାବାଦ) ଏକ ପବିତ୍ର କ୍ଷେତ୍ରରେ ପରିଣତ ହେଲା । ଗଙ୍ଗା, ଯମୁନା ଓ ସରସ୍ୱତୀର ମିଳନ ହେତୁ ତାହା 'ତ୍ରିବେଣୀ' ନାମରେ ପରିଚିତ ହୋଇ ବିଭିନ୍ନ ଅଞ୍ଚଳର ନୈଷ୍ଠିକ ବେଦାଧ୍ୟାୟୀ ବ୍ରାହ୍ମଣ ଓ ତୀର୍ଥଯାତ୍ରୀ ମାନଙ୍କୁ ଆହ୍ୱାନ କରୁଥିଲା ।

ପଣ୍ଡିତ ଜବାହରଲାଲଙ୍କ ପୂର୍ବ ପୁରୁଷ କାଶ୍ମୀରରେ ପ୍ରଥମେ ବାସ କରୁଥିଲେ । ସେହି ବ୍ରାହ୍ମଣ ପରିବାରର ସଂଜ୍ଞା ଥିଲା 'କାଉଲ' । ୧୭୧୬ ଖ୍ରୀଷ୍ଟାବ୍ଦରେ ଜବାହରଲାଲଙ୍କ ପ୍ରପିତାମହଙ୍କ ପ୍ରପିତାମହ ପଣ୍ଡିତ ରାଜ କାଉଲଙ୍କ ସଂସ୍କୃତ ଓ ପାର୍ଶି ସାହିତ୍ୟରେ ପାଣ୍ଡିତ୍ୟର ପରିଚୟ ପାଇ ସମ୍ରାଟ ଫରୁକ୍‌ସିଆର ତାଙ୍କୁ ଦିଲ୍ଲୀକୁ ନିମନ୍ତ୍ରଣ କଲେ । ତେଣୁ ସେ ନିଜ ପରିବାର ସହ ଦିଲ୍ଲୀରେ ବାସ କରିବାକୁ ଲାଗିଲେ । ସମ୍ରାଟ ନିଜେ ଅନୁଗ୍ରହ କରି ତାଙ୍କୁ ଦିଲ୍ଲୀରେ ଗୋଟିଏ ବାସ ଗୃହ ଓ ଭରଣପୋଷଣ ନିମନ୍ତେ 'ନହର' ନାମକ କେନାଲ ସମୀପରେ କେତେକ ଗ୍ରାମ ଦାନ କରିଥିଲେ । 'ନହର' ନାମକ ଜାଗିରର ମାଲିକାନା ପାଇବାରୁ ତାଙ୍କ ନାମ ହେଲା 'ରାଜକାଉଲ୍ ନେହୁରୁ' । ସଂକ୍ଷେପରେ ତାଙ୍କ ପାରିବାରିକ ସଂଜ୍ଞା 'ନେହରୁ'ରେ ପରିଣତ ହେଲା ।

କିଛିକାଳ ଦିଲ୍ଲୀରେ ରହିଲା ପରେ ରାଜନୈତିକ ସଂଘର୍ଷ ହେତୁ ଦିଲ୍ଲୀର ସମ୍ରାଟ ପରିବାର ବିଧ୍ୱଂସ ହେବା ଯୋଗୁ 'ନେହରୁ' ପରିବାରର ଭାଗ୍ୟ ପରିବର୍ତ୍ତିତ ହେଲା । ସେମାନେ ଯେଉଁ ଜାଗିର ଭୋଗ କରୁଥିଲେ ତାହା ଜମିଦାରୀ ଉଚ୍ଛେଦର ଶରବ୍ୟ ହେଲା । ସେତେବେଳେ ମୋତିଲାଲ ନେହରୁଙ୍କ ପ୍ରପିତାମହ ପଣ୍ଡିତ ମୌସରାମ ଥିଲେ ନେହରୁ ପରିବାରର ମୁଖ୍ୟ ଓ ନେହରୁ ମୌଜାର ସର୍ବଶେଷ ଜାଗିରଦାର ।

ଜବାହରଲାଲଙ୍କ ପିତାମହ ପଣ୍ଡିତ ଗଙ୍ଗାଧର ନେହରୁ ବ୍ରିଟିଶ୍ ରାଜତ୍ୱକାଳରେ ଦିଲ୍ଲୀର ଏକ ପୁଲିସ ଫାଣ୍ଡିର 'କତାଲ' (ଆଧୁନିକ ଥାନା ଅଫିସର) ରୂପେ ନିଯୁକ୍ତ ହୋଇଥିଲେ । ଏହା ୧୮୫୭ ସାଲ୍‌ର ପ୍ରସଙ୍ଗ; ଅର୍ଥାତ୍ ଭାରତରେ ସିପାହୀ-ବିଦ୍ରୋହର ଅଳ୍ପକାଳ ପୂର୍ବର ଘଟଣା । ଗଙ୍ଗାଧରଙ୍କୁ ଗୋଟିଏ ପୁରୁଣା ଚିତ୍ରପଟରେ ଦେଖିବାକୁ ମିଳେ । ତାଙ୍କ ଅଙ୍ଗରେ ମୋଗଲ ଦରବାରୀ ଭଦ୍ର ଲୋକଙ୍କ ପୋଷାକ ଥିବା ସେଥିରେ ଅଙ୍କିତ ହୋଇଅଛି । ତାଙ୍କ ଶରୀରର ବର୍ଣ୍ଣ ଗୌର ଦାଢ଼ି ଲାଲ ଓ ଚକ୍ଷୁ ନୀଳ ।

୧୮୫୭ ମସିହା ସିପାହୀ ବିଦ୍ରୋହ ବେଳେ ନେହରୁ ପରିବାର ସର୍ବସ୍ୱାନ୍ତ ହୋଇ ଦିଲ୍ଲୀରୁ ଆଗ୍ରା ପଳାୟନ କଲେ । ସେଠାରେ ୩୪ ବର୍ଷ ବୟସରେ ଗଙ୍ଗାଧରଙ୍କ ମୃତ୍ୟୁ ହେଲା । ସେତେବେଳେ ତାଙ୍କ ସ୍ତ୍ରୀ ଅନ୍ତଃସତ୍ତ୍ୱା ଥିଲେ । ପିତାଙ୍କ ମୃତ୍ୟୁର ତିନିମାସ ପରେ ମୋତିଲାଲ ଜନ୍ମଲାଭ କଲେ ଆଗ୍ରାରେ । ପରିବାରର ପରିଚାଳନା ଭାର ପଡ଼ିଲା ମୋତିଲାଲଙ୍କ ଉପାର୍ଜ୍ଜନକ୍ଷମ ଜ୍ୟେଷ୍ଠ ଭ୍ରାତା ନନ୍ଦଲାଲ ନେହରୁଙ୍କ ଉପରେ ।

ମୋତିଲାଲ ପ୍ରଥମେ ପାର୍ଶି ଓ ଉର୍ଦ୍ଦୁ ଭାଷା ଶିକ୍ଷା କରି ପରେ ଇଂରାଜୀ ଶିକ୍ଷା କଲେ । ସେ ଆହ୍ଲାବାଦଠାରେ ପ୍ରତିଷ୍ଠିତ ମୁଇର-କେନ୍ଦ୍ର କଲେଜରେ ନାମ ଲେଖାଇ ଉଚ୍ଚ ଶିକ୍ଷା ଲାଭ କରିବାକୁ ଲାଗିଲେ । ସେଠାର ସାହେବ ଅଧ୍ୟାପକମାନେ ମୋତିଲାଲଙ୍କ ରୂପ, ଗୁଣ ଓ ବ୍ୟବହାର ଦେଖି ତାଙ୍କୁ ଅତି ଆଦର କରୁଥାନ୍ତି । ଭାରତର ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେବା ପୂର୍ବରୁ ସେ ଇଂରାଜୀମାନଙ୍କପରି ପୋଷାକ ବ୍ୟବହାର କରୁଥିଲେ ।

ବେଳେ ମିସେସ୍ ଆନିବେସନ୍ତଙ୍କ ପରି ଜଣେ ଇଂରାଜୀ ମହିଳା ଭାରତୀୟ କଂଗ୍ରେସରେ ଯୋଗ ଦେଇ Home Rule League (ହୋମ୍ ରୁଲ୍ ଲୀଗ୍) ନାମରେ ଏକ ସ୍ୱତନ୍ତ୍ର ଦଳ ଗଠନ କରିବାରୁ ତାଙ୍କୁ ବନ୍ଦୀ ଗୃହରେ ଆବଦ୍ଧ କରାଗଲା । ଏଥିରେ ପ୍ରତିବାଦ କରି ଜବାହରଲାଲ୍, ମୋତିଲାଲ୍ ଓ ଆଉ ଅନେକ ମାନ୍ୟ କଂଗ୍ରେସ କର୍ମୀ 'ଭାରତ ରକ୍ଷା' ଅନୁଷ୍ଠାନରେ ଯୋଗ ନ ଦେଇ ତାହା ପ୍ରତ୍ୟାଖ୍ୟାନ କଲେ । ଜବାହରଲାଲ୍ ବୁଝି ପାରିଲେ ଯେ ଧୀରେ ଧୀରେ ତାଙ୍କ ପିତା ମୋତିଲାଲ୍‌ଙ୍କ ବ୍ରିଟିଶ୍ ଲୋକଙ୍କ ପ୍ରତି ବିଶ୍ୱାସ ଶିଥିଳ ହୋଇ ଭାରତର ଜାତୀୟ କଂଗ୍ରେସକୁ ଦୃଢ଼ କରିବା ଚେଷ୍ଟା ଜାଗ୍ରତ ହେଉଛି ।

୧୯୧୬ ସାଲରେ ଲକ୍ଷ୍ନୌଠାରେ କଂଗ୍ରେସ ସଭାରେ ସର୍ବ ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ସଙ୍ଗେ ଜବାହରଲାଲ୍‌ଙ୍କ ଦେଖା ସାକ୍ଷାତ୍ ହେଲା । ସେତେବେଳେ ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କୁ ସାହାଯ୍ୟ କରିବାକୁ ଯାଇ ଗାନ୍ଧୀ ଅପାର ତ୍ୟାଗ ସ୍ୱୀକାର କରିଥିବା ପ୍ରସଙ୍ଗ ଭାରତର ସର୍ବତ୍ର ପ୍ରଚାରିତ ହୋଇଥାଏ ଏବଂ ଗାନ୍ଧୀଙ୍କ ପ୍ରତି କଂଗ୍ରେସ କର୍ମୀଙ୍କ ଭକ୍ତି ଓ ବିଶ୍ୱାସ ପ୍ରସାରିତ ହୋଇଥାଏ । କିନ୍ତୁ କଂଗ୍ରେସ ସଭାକୁ ଗଲାବେଳେ ସାଧାରଣ ଖଣ୍ଡେ ଧୋତି ଓ ଲମ୍ବା ପୁରୁଣା କୁର୍ତ୍ତା ପିନ୍ଧିଥିବା ସେହି ପତଳା ମୂର୍ତ୍ତି ପ୍ରତି କାହାରି ହେଲେ ନଜର ପଡ଼ି ନ ଥିଲା । ତଥାପି ସେହି ମୂର୍ତ୍ତି ଭିତରରେ ପ୍ରଚ୍ଛନ୍ନ ପ୍ରତିଭା ସାହେବୀ ପୋଷାକ ପରିହିତ ମୋତିଲାଲଙ୍କ ଚକ୍ଷୁ ଏଡ଼ାଇ ପାରିଲା ନାହିଁ । ସେତେବେଳେ ବ୍ରିଟିଶ୍ ସରକାରଙ୍କ ପକ୍ଷରୁ 'ରାଉଲଟ୍ ଆକ୍ଟ' ଗୃହୀତ ହୋଇ ତୁର୍କୀର ଖିଲାପତ୍ ମୁସଲମାନ୍ ସଂପ୍ରଦାୟ ବ୍ରିଟିଶ୍ ବିପକ୍ଷରେ ଉତ୍ତେଜିତ ହୋଇ ଭାରତରେ ଖିଲାପତ୍ କମିଟି ( Khilafat Committee ) ଗଠନ କରିଥିଲେ । ସେହି କମିଟିର ସଭ୍ୟମାନେ ଭାରତରେ ଜାତୀୟ କଂଗ୍ରେସର ସମର୍ଥନ କରିବା ଫଳରେ ରାଜନୈତିକ ସଙ୍କଟ ଭାରତ ରେ ଘନୀଭୂତ ହେଲା । ସେଥିର ନିରାକରଣ ପାଇଁ ବ୍ରିଟିଶ୍ ପକ୍ଷରୁ ନିର୍ମମ ପନ୍ଥା ଗ୍ରହଣ କରାଗଲା । ୧୯୧୯ ଏପ୍ରିଲ ୬ ତାରିଖ ଦିନ କଂଗ୍ରେସ ପକ୍ଷରୁ ସତ୍ୟାଗ୍ରହ ଦିବସ ପାଳିତ ହେଲା । ସେଦିନ ବିଭିନ୍ନ ଅଞ୍ଚଳରେ ସଭା-ସମିତି ହୋଇ ସ୍ୱାଧୀନତା ଦାବୀ ଘୋଷିତ ହେଲା । ତେଣୁ ସରକାରଙ୍କ ନିଷ୍ଠୁର ନୀତି ଯୋଗୁ ଦିଲ୍ଲୀ ଓ ଅମୃତସରଠାରେ ପୁଲିସ୍ ଗୁଳିରେ ବହୁ ସଂଖ୍ୟାରେ ସତ୍ୟାଗ୍ରହୀ ନିହତ ହେଲେ । ପଞ୍ଜାବର ଜାଲିଆନାବାଗ୍‌ଠାରେ ଜେନେରାଲ୍ ଡାୟାର (General Dyer ) ଙ୍କ ଆଦେଶ କ୍ରମେ ୩୫୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ନିରୀହ ଲୋକଙ୍କୁ ହତ୍ୟା କରାଗଲା ।

ଏପରି ନାରକୀୟ କାଣ୍ଡରେ ମୋତିଲାଲଙ୍କ ପରି ତୋହକ ନୀତି ପରାୟଣ ପ୍ରବୀଣ ବ୍ୟକ୍ତି ମଧ୍ୟ ବ୍ରିଟିଶ୍ ବିରୁଦ୍ଧରେ ଉତ୍ତେଜିତ ହୋଇ ପଡ଼ିଲେ । ସେ ହୃଦୟଙ୍ଗମ କଲେ ଯେ, ଗାନ୍ଧୀ ଓ ତାଙ୍କ ପୁତ୍ର ଯେଉଁ ବ୍ରିଟିଶ୍ ବିରୋଧୀ ନୀତି ଧରିଛନ୍ତି, ତାହାହିଁ ଯଥାର୍ଥ । ମହାତ୍ମା ଗାନ୍ଧୀଙ୍କ 'ଅହିଂସା ସଂଗ୍ରାମର' ମହତ୍ ଜବାହରଲାଲ୍‌ଙ୍କୁ ଅଭିଭୂତ କରିଦେଲା ।

ଉପରୋକ୍ତ ଘଟଣାର ପ୍ରାୟ ତିନିବର୍ଷ ଆଗରୁ ୧୯୧୬ ମସିହା ବସନ୍ତ ପଞ୍ଚମୀ ତିଥିରେ କାଶ୍ମୀର କନ୍ୟା କମଳା ନେହୁରଙ୍କ ସଙ୍ଗେ ଜବାହରଲାଲ୍‌ଙ୍କ ବିବାହ ହୋଇ ସାରିଥିଲା । ବିବାହ ଅତି ଆଡ଼ମ୍ବର ସହକାରେ ଦିଲ୍ଲୀରେ ସଂପନ୍ନ ହେଲା । କମଳାଙ୍କ ବୟସ ଥିଲା ୧୬ । ସେ ବେଶୀ କିଛି ପଢ଼ା ପଢ଼ି କରି ନ ଥିଲେ ସୁଦ୍ଧା ଅତ୍ୟନ୍ତ ବୁଦ୍ଧିମତୀ ଓ ସତ୍ ଚରିତ୍ରା ହୋଇ ଥିବାରୁ ଶ୍ୱଶୁର ଓ ପତିଙ୍କ ଶ୍ରଦ୍ଧାର ପାତ୍ରୀ ହୋଇଥିଲେ ।

୧୯୧୭ ମସିହା ନଭେମ୍ବର ମାସରେ ତାଙ୍କ ଗର୍ଭରୁ ଇନ୍ଦିରାଙ୍କ ଜନ୍ମ, ନେହେରୁ ପରିବାରରେ ଅପାର ଆନନ୍ଦ ସୃଷ୍ଟି କଲା । ଇନ୍ଦିରାଙ୍କ ରୂପ ସୌଷ୍ଠବ ସମସ୍ତଙ୍କୁ ମୁଗ୍ଧ କରିଦେଲା । କିନ୍ତୁ ବିବାହର ଦୁଇବର୍ଷ ପରେ କମଳାଙ୍କ ସ୍ୱାସ୍ଥ୍ୟ ଭାଙ୍ଗିପଡ଼ିଲା । ତାଙ୍କ ସ୍ୱାସ୍ଥ୍ୟରେ ପରିବର୍ତ୍ତନ ପାଇଁ ବାରମ୍ବାର ସ୍ୱାସ୍ଥ୍ୟପ୍ରଦ ପାର୍ବତୀୟ ଅଞ୍ଚଳକୁ ନିଆଗଲା ଓ ବଳ ଉଦ୍ରେକ ପାଇଁ ଜବାହରଲାଲ ବରାବର ଉତ୍ତମ ଖାଦ୍ୟର ଯୋଗାଡ଼ କରୁଥିଲେ ।

୧୯୨୦ ସାଲରେ ଜବାହରଲାଲ ଅସୁସ୍ଥ ମା ଓ ପତ୍ନୀଙ୍କୁ ସଙ୍ଗରେ ଧରି ସ୍ୱାସ୍ଥ୍ୟ ନିବାସ ମସୋରିରେ ଗୋଟିଏ ହୋଟେଲରେ ରହିଥିଲେ । ତାଙ୍କ ସଙ୍ଗେ କମଳାଙ୍କ ଛୋଟ ଭଉଣୀ କୃଷ୍ଣା ମଧ୍ୟ ଯାଇ ସେଠାର କନ୍‌ଭେଣ୍ଟ ସ୍କୁଲରେ ନାମ ଲେଖାଇ ଥିଲେ । ମସୋରିର ସେହି ହୋଟେଲରେ ଆଫଗାନିସ୍ଥାନରୁ ଆସି ଜଣେ ରାଜଦୂତ ଭାରତ ସରକାରଙ୍କ ସଙ୍ଗେ କିଛି ଗୁପ୍ତ ପରାମର୍ଶ କରିବାକୁ ରହିଥିଲେ । ଭାରତ ସରକାରଙ୍କ ସନ୍ଦେହ ହେଲା ଯେ, ଜବାହରଲାଲ ସେଠାରେ ରହି ଆଫଗାନ ରାଜଦୂତଙ୍କୁ ବ୍ରିଟିଶ ବିରୁଦ୍ଧରେ ପ୍ରଭାବିତ କରିପାରନ୍ତି । ତେଣୁ ସରକାରଙ୍କ ପକ୍ଷରୁ ଜବାହରଲାଲଙ୍କୁ ଆଦେଶ ଦିଆଗଲା ଯେ, ସେ କୌଣସି ରାଜଦୂତଙ୍କ ସଙ୍ଗେ ଆଳାପ କରି ପାରିବେ ନାହିଁ । ଏପରି ପ୍ରତିଶ୍ରୁତି ଲିଖିତ ଭାବେ ଦେବାକୁ ହେବ । ଜବାହରଲାଲଙ୍କର ବାସ୍ତବରେ ସେହି ଆଫଗାନ ରାଜଦୂତଙ୍କ ସଙ୍ଗେ କୌଣସି ସମ୍ପର୍କ ନ ଥିଲା । ତଥାପି ଏପରି ଏକ ପ୍ରତିଶ୍ରୁତି ପତ୍ର ଲେଖି ଦେବାକୁ ସେ ଦୃଢ଼ଭାବେ ମନା କଲେ । ତେଣୁ ୨୪ ଘଣ୍ଟା ମଧ୍ୟରେ ମସୋରି ଛାଡ଼ି ଚାଲିଯିବାକୁ ତାଙ୍କୁ ପରବାନା ଦିଆଗଲା । ଅଗତ୍ୟା ସେ ମସୋରିରେ ମା ଓ ପତ୍ନୀଙ୍କର ଚିକିତ୍ସା ପାଇଁ ବ୍ୟବସ୍ଥା କରିଦେଇ ଆଲ୍ଲାହାବାଦକୁ ଚାଲି ଆସିଲେ ।

ଆଲ୍ଲାହାବାଦରେ କେତେକ ଯମୁନାତଟବର୍ତ୍ତୀ କୃଷକ ପ୍ରଜା ତାଙ୍କ ଜମିଦାରଙ୍କ ଉତ୍କଟ ପରିମାଣ ଟିକସ ଦାବୀ ବିରୁଦ୍ଧରେ ବାବା ରାମଚନ୍ଦ୍ର ନାମକ ଜଣେ ପ୍ରଜାଙ୍କ ନେତୃତ୍ୱରେ ଆନ୍ଦୋଳନ ଚଳାଇଥାଆନ୍ତି । ସେମାନେ ଏବେ ଜବାହରଲାଲଙ୍କ ସାହାଯ୍ୟ ପ୍ରାର୍ଥୀ ହେବାରୁ ଏଥି ପୂର୍ବେ ଜବାହରଲାଲ ସାଧାରଣ କୃଷକମାନଙ୍କ ସମସ୍ୟା ସମ୍ପର୍କରେ ଚିନ୍ତା କରି ନ ଥିଲେ । ଅଥଚ ସେ ସେମାନେ ହିଁ ଭାରତର ସଂଖ୍ୟାଧିକ ପ୍ରଜାବର୍ଗ । ନିଜେ ଭାରତର ପଲ୍ଲୀ ସଙ୍ଗେ ଆଦୌ ପରିଚିତ ହୋଇ ନ ଥିଲେ ; ଏଥର ବୁଝିଲେ ଯେ, ଭାରତର ପ୍ରକୃତ କିଛି କରିବା ଆଗେ କୃଷକମାନଙ୍କ ସମସ୍ୟା ସୁଧାରିବା ଆବଶ୍ୟକ । ତଦବଧି ସେ ସଙ୍କୋଚ ନ କରି ସାଧାରଣ ସଭା ଡକାଇ ଦୀର୍ଘ ଭାଷଣ ଦେବାକୁ ଲାଗିଲେ । ଏହା ଫଳରେ ସେ ପୃଥିବୀର ଜଣେ ମୁଖ୍ୟ ବକ୍ତାରୂପେ ପରିଚିତ ହୋଇ ପାରିଛନ୍ତି । ଗାନ୍ଧୀଙ୍କ ପରି ସେ ମଧ୍ୟ ଜନତା ଜନାର୍ଦ୍ଦନଙ୍କ ସାଥିରେ ମିଶି ତାଙ୍କୁ ଆଶ୍ୱାସନା ଦେଇ ପାରୁଥିଲେ । ଏଥିପାଇଁ ବହୁଥର ସେ ଗ୍ରାମାଞ୍ଚଳକୁ ଯାଇ ଗରିବ ଚାଷୀମାନଙ୍କ ସୁଖ ଦୁଃଖ ବୁଝି ସେମାନଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ । ଶିଶୁମାନଙ୍କ ସାଥିରେ ପ୍ରାଥମିକ ପାଠଶାଳାରେ ମିଶିବା ଜବାହରଲାଲଙ୍କର ଆଗ୍ରହ ବଢ଼ିଥିଲା । ତେଣୁ ଶିଶୁମାନେ ତାଙ୍କୁ "ଚାଚା ନେହେରୁ"

ମୋତିଲାଲ ୧୯୦୬ ମସିହାରେ ଭାରତୀୟ ରାଜନୀତିରେ ଯୋଗ ଦିଅନ୍ତି । କିନ୍ତୁ ସେ ମାଧ୍ୟ ଦଳରେ ରହି ବଙ୍ଗ ଭଙ୍ଗ ବେଳେ ଉଗ୍ରପନ୍ଥୀମାନଙ୍କ ଆନ୍ଦୋଳନକୁ ଆଦୌ ପସନ୍ଦ କରୁ ନଥିଲେ । ଜାତୀୟ କଂଗ୍ରେସର ସଭାସମିତିରେ ଭାଷଣଦେଇ ସେତେବେଳେ ବାଳଗଙ୍ଗାଧର ତିଳକ ବ୍ରିଟିଶ୍ ଶାସନ ବିରୁଦ୍ଧରେ ଅସହଯୋଗ କରିବା ପ୍ରସ୍ତାବ ଦେଉଥାନ୍ତି । ମହାତ୍ମାଗାନ୍ଧୀ କଂଗ୍ରେସରେ ନେତୃତ୍ୱ ଗ୍ରହଣ କରିବା ପୂର୍ବରୁ ପଞ୍ଜାବରେ ଲାଲା ଲଜପତ୍‌ରାୟଙ୍କ ନେତୃତ୍ୱରେ କଂଗ୍ରେସର ସ୍ୱାଧୀନତା ଆନ୍ଦୋଳନ ଯଥେଷ୍ଟ ଅଗ୍ରଗତି କରିଥାଏ । ତେଣୁ ତାଙ୍କୁ ଓ ତିଳକଙ୍କୁ ବ୍ରିଟିଶ୍ ସରକାର ଜେଲ୍‌ରେ ଆବଦ୍ଧ କରି ଦେଇଥିଲେ । ଏ ସମସ୍ତ ଘଟଣାର କିଛିକିଛି ସମ୍ବାଦ ଇଂଲଣ୍ଡରେ ଜବାହରଲାଲଙ୍କ କର୍ଣ୍ଣଗୋଚର ହେଉଥାଏ । ତେଣୁ ତାଙ୍କ ପିତା ମୋତିଲାଲଙ୍କ କୋହଳ ନୀତି ତାଙ୍କୁ ସୁଖ ବୋଧ ହେଉ ନ ଥିଲା । ପିଞ୍ଜରାବଦ୍ଧ ଶାର୍ଦ୍ଦୁଳ ପରି ସେ ଇଂଲଣ୍ଡରେ ରହି ଅଧ୍ୟୟନ କରୁଥାନ୍ତି । ୧୮ ବର୍ଷ ବୟସରେ (୧୯୦୭ ସାଲରେ) କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଟ୍ରିନିଟି (Trinity) କଲେଜରେ ନାମ ଲେଖାଇବାରେ ସ୍କୁଲର କଠୋର ନିୟମ ବନ୍ଧ କଟକଣାରୁ ଅବ୍ୟାହତି ପାଇ ସୁଦ୍ଧା ବନ୍ଧନ ଶୂନ୍ୟତା ତାଙ୍କୁ ଆକୃଷ୍ଟ କରି ନଥିଲା ।

କେମ୍ବ୍ରିଜ କଲେଜରେ ୩ ବର୍ଷ ଅଧ୍ୟୟନ କାଳ ମଧ୍ୟରେ ସେ ତାଙ୍କ ଆଭିମୁଖ୍ୟ ବହୁ ପରିମାଣରେ ପ୍ରସାରିତ କରି କେତେକ ବନ୍ଧୁ ସଂପାଦନ କଲେ । ପାଶ୍ଚାତ୍ୟ ବେଶ ପରିଧାନ କରି ଟୋପିରେ ଗୋଟିଏ ଗୋଲାପ ଫୁଲ ଖୁଞ୍ଚିବା ତାଙ୍କର ଅତି ପ୍ରିୟ କାମ ଥିଲା । ଭାରତକୁ ଫେରି ଏଠାର ଶ୍ରେଷ୍ଠ ସମ୍ମାନିତ ଆସନରେ ପ୍ରତିଷ୍ଠିତ ହେଲା ପରେ ମଧ୍ୟ ତାଙ୍କର ସେହି ପୁରୁଣା କୁର୍ତ୍ତା ବୋତାମ ରନ୍ଧ୍ରରେ ଗୋଟିଏ ଗୋଲାପ ଖୁଞ୍ଚିବା ଅଭ୍ୟାସ ସେ ଛାଡ଼ି ନ ଥିଲେ । ପୁସ୍ତକ ପଢି ସମୟ କଟାଇବାରେ ତାଙ୍କର ଅପାର ଆଗ୍ରହ ଓ ଓ ପୁସ୍ତକ କିଣିବା ପାଇଁ ଟଙ୍କାର ଆବଶ୍ୟକତା ଦେଖି ମୋତିଲାଲ ଲେଖିଥିଲେ; I am not at present in a position to allow you to buy up the entire Times Book clu b library.'' (ସମଗ୍ର ଟାଇମସ୍-ବୁକ୍-କ୍ଲବ୍‌ର ପୁସ୍ତକ-ଭଣ୍ଡାର କିଣିବାକୁ ତୁମକୁ ଅନୁମତି ଦେବା କ୍ଷମତା ବର୍ତ୍ତମାନ ମୋର ନାହିଁ) ।

କେମ୍ବ୍ରିଜଠାରେ ଭାରତୀୟ ଛାତ୍ରମାନେ ମିଶି 'ମଜଲିସ୍' ନାମରେ ଏକ ସଂଘ ଗଢିଥାନ୍ତି । ଜୱାହରଲାଲ କେବେକେବେ ସେଥିରେ ଯୋଗ ଦିଅନ୍ତି । ସେ ନିଜେ ରାଜନୈତିକ ସମସ୍ୟାରେ ଆଗ୍ରହୀ ଥିଲେ ସୁଦ୍ଧା ତାଙ୍କର ସ୍ୱାଭାବିକ ଗାମ୍ଭୀର୍ଯ୍ୟ ହେତୁ ସ୍ୱୀୟ ମତ ପ୍ରକାଶ କରିବାକୁ ଲଜ୍ଜିତ ହେଉଥିଲେ । ଭାରତ କାହିଁକି ପୃଥିବୀରେ ଯେ କି ପ୍ରଖ୍ୟାତ ରାଜନୈତିକ ବକ୍ତା ରୂପେ ଅଭିନନ୍ଦିତ ହୋଇ ପାରିଥିଲେ, ସେ ଏକ ସାଧାରଣ ଛାତ୍ର ସଂଘରେ ଭାଷଣ ଦେବାକୁ ଲଜ୍ଜିତ, ଏହା ଏକ ବିସ୍ମୟକର ବିଷୟ ।

ସେ ସମୟରେ ଭାରତର କେତେକ ପ୍ରସିଦ୍ଧ ରାଜନୈତିକ ନେତା କେମ୍ବ୍ରିଜ ଯାଇଥାନ୍ତି । ସେମାନଙ୍କ ମଧ୍ୟରୁ ଲାଲା ଲଜପତ୍ ରାୟ ହିଁ ଜବାହରଲାଲଙ୍କ ଭକ୍ତି ଆକର୍ଷଣ କରିଥିଲେ । ସେ କିନ୍ତୁ ଅଭିଜାତ ଭାରତୀୟଙ୍କୁ ଆଦୌ ଶ୍ରଦ୍ଧା ଚକ୍ଷୁରେ ଦେଖୁ ନ ଥିଲେ । ତେଣୁ ସେ ଜବାହରଲାଲଙ୍କୁ ବିଜ୍ଞାନ ଶିକ୍ଷା କରିବାକୁ ଉପଦେଶ ଦିଅନ୍ତି : କାରଣ ବିଜ୍ଞାନ ଦ୍ୱାରା ତାଙ୍କ ପକ୍ଷରେ ନୂଆ କିଛି ଆବିଷ୍କାର କରିବା ସମ୍ଭବ ହୋଇପାରେ ।

ଏତିକିବେଳେ ମୋତିଲାଲ ଭାରତୀୟ ରାଜନୀତି କ୍ଷେତ୍ରରେ ଯଥେଷ୍ଟ ଅଗ୍ରଣୀ ହୋଇ ଥାଆନ୍ତି, ଯଦିଚ ତାଙ୍କ ନୀତି କୋହଳ ଥିଲା । ପାଶ୍ଚାତ୍ୟ ସଭ୍ୟତାର ବହୁ ଉତ୍ତମ ବ୍ୟବସ୍ଥା ହେତୁ ୟୁରୋପିୟାନ୍‌ମାନଙ୍କ ସାହଚର୍ଯ୍ୟରେ ଭାରତ ଯେତେ ଲାଭବାନ୍ ହେବ, ତାଙ୍କ ସଙ୍ଗେ ଶତ୍ରୁତା କରି ସେଥିରୁ ସେ ବଞ୍ଚିତ ହେବ ।

ସେ ସମୟରେ ଜବାହରଲାଲ୍‌ଙ୍କ ବିବାହ ନିମନ୍ତେ ତାଙ୍କ ପିତା-ମାତା ପାତ୍ରୀ ଖୋଜିବାରେ ଲାଗି ଥାନ୍ତି । କିନ୍ତୁ ଜବାହରଲାଲ୍ ପ୍ରତ୍ୟେକ ପ୍ରସ୍ତାବରେ ଘୋର ପ୍ରତିବାଦ ସୃଷ୍ଟି କରନ୍ତି; କାରଣ ବାଲ୍ୟ ବିବାହରେ ତାଙ୍କର ଆଦୌ ଆସ୍ଥା ନ ଥିଲା । ତଥାପି ସେ ପିତାମାତାଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହୁଁ ନଥିଲେ ।

୧୯୧୦ ମସିହାରେ ସେ କଲେଜ ଶିକ୍ଷା ଶେଷ କରି, ପରବର୍ତ୍ତୀ ଦୁଇ ବର୍ଷ ଲଣ୍ଡନରେ ରହି ତାଙ୍କ ଆଇନ୍ ଶିକ୍ଷା ମଧ୍ୟ ଶେଷ କଲେ । ତା ପରେ ଭାରତକୁ ଫେରିବା ଆଗରୁ ସେ ତାଙ୍କର କେତେକ ଇଂରାଜୀ ବନ୍ଧୁଙ୍କ ସଙ୍ଗେ ପାର୍ବତୀୟ ନାରୱେ ଯାତ୍ରା କରିଥିଲେ । ସେଠାରେ ଏକ ଗିରି ନିର୍ଝରିଣୀରେ ସ୍ନାନ କଲାବେଳେ ପ୍ରଖର ସ୍ରୋତରେ ସେହି ବରଫାବୃତ ଥଣ୍ଡା ପାଣିରେ ଖସି ଭାସିଗଲେ । ଅଳ୍ପ ଦୂରରେ ନିର୍ଝରିଣୀଟି ଏକ ଭୟଙ୍କର ଗଭୀର ପ୍ରପାତ ସୃଷ୍ଟି କରିଥିଲା । କିନ୍ତୁ ତାଙ୍କ ସାଥିରେ ଯାଇଥିବା ବନ୍ଧୁମାନେ କୌଣସିମତେ ତାଙ୍କୁ କୂଳକୁ ଟାଣି ଆଣି ସଦ୍ୟ ମୃତ୍ୟୁ ମୁଖରୁ ଉଦ୍ଧାର କଲେ । ଏ ସମ୍ବାଦ ପାଇ ମୋତିଲାଲ ଅତି ବ୍ୟାକୁଳ ଭାଷାରେ ଯେଉଁ ପତ୍ରଟି ଲେଖିଥିଲେ ସେଥିର ଶେଷ ବାକ୍ୟଟି ଥିଲା "I should have thought that a Cambridge graduate in Natural sciences Knew better''

କୌଣସି ଆକସ୍ମିକ ଦୁର୍ଘଟଣାରେ ସଙ୍କୁଚିତ ହେବା ଜବାହରଲାଲଙ୍କ ଧାତରେ ନ ଥିଲା । ଭବିଷ୍ୟତରେ ସେ ଦେଶ ମାତୃକାର ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ନେତୃତ୍ୱ ନେବେ ଏହି ଦୃଢ଼ ଧାରଣା ତାଙ୍କୁ ବଳିଷ୍ଠ କରିଥିଲା ।

ଭାରତକୁ ଫେରି ଆସି ସେ ଅଳ୍ପକାଳ ମଧ୍ୟରେ ବୁଝିଗଲେ ଯେ , ଆଇନ୍ ବ୍ୟବସାୟ ତାଙ୍କ ପକ୍ଷେ ସୁଖକର ନୁହେଁ । କାରଣ ଯେଉଁମାନେ ସେହି ବ୍ୟବସାୟ କରନ୍ତି ତାଙ୍କ ଚିନ୍ତାଧାରା କେବଳ କୋର୍ଟ ଏବଂ ଆଇନ୍ କାନୁନ୍‌ଗୁଡ଼ିକର ଜଟିଳ ବନ୍ଧନରେ ନିଷ୍ପେଜ ହୋଇ ରହେ । ଏପରି ହେବା ତାଙ୍କ ପକ୍ଷରେ ଅସମ୍ଭବ ।

୧୯୧୨ ସାଲରେ ଜବାହରଲାଲ ଭାରତର ରାଜନୈତିକ ଅବସ୍ଥା ଅନୁଧ୍ୟାନ କରି ଦେଖିଲେ ଯେ, ଜାତୀୟ କଂଗ୍ରେସ ମାନ୍ଦା ଅବସ୍ଥାରେ ପଡ଼ିଛି । ବଙ୍ଗ ଭଙ୍ଗ ଆନ୍ଦୋଳନ ଉଗ୍ରତା ଯଥେଷ୍ଟ ପରିମାଣରେ ହ୍ରାସ ହୋଇ; ଜାତିକୁ ଉପଯୁକ୍ତ ପଥରେ ପରିଚାଳିତ କରିବା ନେତୃତ୍ୱର ଅଭାବ; ବାଳଗଙ୍ଗାଧର ତିଳକ ମଧ୍ୟ ନିରାଶ ହୋଇ ବସିଗଲେଣି ।

ପ୍ରଥମ ବିଶ୍ୱ ଯୁଦ୍ଧର ଘନଘଟା ସୁଦୂର ଦେଶମାନଙ୍କ ରାଜନୈତିକ ଆକାଶ ଆଚ୍ଛନ୍ନ କରିଥାଏ । ସେତେବେଳେ ସରକାରଙ୍କ ପକ୍ଷରୁ (Indian Defence force) ଗଠନ 'ଭାରତ ରକ୍ଷା ସାମରିକ ଦଳ' କରିବା ବ୍ୟବସ୍ଥା ଚାଲୁ ହୋଇଥାଏ । ଯଦିଚ ସରକାରଙ୍କୁ ସାହାଯ୍ୟ କରିବାକୁ ସେ ଅନିଚ୍ଛୁକ ହୋଇ ଥାନ୍ତି , ତଥାପି ଏ ସୁଯୋଗରେ ଭାରତର ମଧ୍ୟଶ୍ରେଣୀୟ ଯୁବକମାନେ ଆଧୁନିକ ଯୁଦ୍ଧ କୌଶଳରେ ଶିକ୍ଷା ପାଇବା ଆବଶ୍ୟକ ବୋଲି ସେ ମନେ କଲେ । ସେ ନିଜେ ମଧ୍ୟ ସାମରିକ ଦଳରେ ଯୋଗ ଦେବାକୁ ଇଚ୍ଛା କରିଥିଲେ । କିନ୍ତୁ ସେତିକି

କିଛି ଉପଦେଶ ଉଭୟେ ପିତା ଓ ପୁତ୍ର ପୁଲିସ୍ ଗାଡ଼ିରେ ବସି ଜେଲକୁ ଯାତ୍ରା କରନ୍ତି, ସେ ଦୃଶ୍ୟ ଅତ୍ୟନ୍ତ କରୁଣ ଓ ମର୍ମସ୍ପର୍ଶୀ ହୋଇଥିଲା । ପ୍ରତ୍ୟେକଙ୍କୁ ୬ମାସ ଲେଖାଏଁ କାରାବାସ ପାଇଁ ଆଦେଶ ମିଳିଲା । ଯେଉଁ ଅପରାଧ ହେତୁ ଜବାହରଲାଲଙ୍କୁ ଜେଲ କରାଗଲା, ତାହା ଆଇନ ସଙ୍ଗତ ନ ହେବାରୁ ତିନିମାସ ପରେ ତାଙ୍କୁ ମୁକ୍ତ କରାଗଲା । ଯଦି ମୋତିଲାଲ ଓ ଜବାହରଲାଲ କୋର୍ଟ ବର୍ଜନ ନୀତି ଗ୍ରହଣ କରି ନ ଥାନ୍ତେ ତାହାହେଲେ ସେହି ଅନ୍ୟାୟ କାରାରୁଦ୍ଧ କରିବା ଆଦୌ ସମ୍ଭବ ହୋଇ ନ ଥାନ୍ତା ଆଇନ ଦୃଷ୍ଟିରୁ ।

ଏହାପରେ ପଣ୍ଡିତ ଜବାହରଲାଲ କେତେଥର ଜେଲ ଯାଇଥିଲେ । ସେଠାରେ ରାଜନୈତିକ ବନ୍ଦୀମାନଙ୍କୁ ପୁସ୍ତକ ଓ ଖବର କାଗଜ ପଢ଼ିବାକୁ ଦିଆ ଯାଉଥିଲା । ଆଉ ମଧ୍ୟ ବନ୍ଧୁ ସ୍ୱଜନଙ୍କୁ ଚିଠିପତ୍ର ଦେବାରେ ଓ ସେମାନଙ୍କ ସାମୟିକ ଉପସ୍ଥିତି ଏବଂ ଆଳାପକୁ ବାରଣ କରାଯାଉନଥିଲା । ଦ୍ୱିତୀୟ ବାର ସେ ଜେଲ୍‌ରେ ଥିଲା ବେଳେ କନ୍ୟା ଇନ୍ଦିରାର ସ୍ୱାସ୍ଥ୍ୟର ଅବନତି ବିଷୟରେ ଚିନ୍ତା କରିଥିଲେ । କମଳା ନେହରୁ ବାରମ୍ବାର ଜେଲ୍‌ରେ ତାଙ୍କୁ ଦେଖା କରିବାକୁ ଯାଉଥାନ୍ତି । ଇନ୍ଦିରାଙ୍କ ପାଠପଢ଼ା ବିଷୟରେ ବ୍ୟବସ୍ଥା କରିବା ସକାଶେ ଏକଦା ଜବାହରଲାଲ ପିତାଙ୍କଠାକୁ ଜେଲ୍‌ରୁ ପତ୍ର ଲେଖିଥିଲେ । କେବେ କେବେ ସେ ନିଜେ ପଢ଼ିବା ପାଇଁ ଯେଉଁ ସବୁ ପୁସ୍ତକ ଦରକାର ସେଥିର ତାଲିକା କମଳାଙ୍କୁ ଦେଉଥିଲେ । ଗିବନ୍‌ଙ୍କ (Gibbon) ଙ୍କ ଛ ଭାଗ ବିଶିଷ୍ଟ "The Decline and fall of the Roman Empire" ଶ୍ରଦ୍ଧାର ସହ ଜେଲ୍‌ରେ ସେ ପାଠ କରୁଥିଲେ ।

ପଣ୍ଡିତ ଜବାହରଲାଲ ଅତି ବିସ୍ମିତ ହୋଇ ଖବର ପାଇଲେ ଯେ, ଉତ୍ତର ପ୍ରଦେଶର ଚୌରି ଚୌରାଠାରେ କଂଗ୍ରେସ କର୍ମୀଙ୍କ ଦ୍ୱାରା ଏକ ନୃଶଂସ ହତ୍ୟାକାଣ୍ଡ ପରେ ମହାତ୍ମାଗାନ୍ଧୀ ଅସହଯୋଗ ଆନ୍ଦୋଳନ ପୁରାପୁରି ସ୍ଥଗିତ କରି ଦେଇ ଅଛନ୍ତି । ଏକ ଆବଦ୍ଧ ଗୃହରେ ୨୨ଜଣ ପୁଲିସିଙ୍କୁ ରଖି ସେଥିରେ ନିଆଁ ଲଗାଇ ହତ୍ୟା କରାଯାଇଛି । ଏ ଖବର ମୋତିଲାଲ ଜବାହରଲାଲଙ୍କ ମନରେ ଘୋର ଆଘାତ ଦେଲା । ମହାତ୍ମା ଗାନ୍ଧୀ କହୁଥିଲେ ଯେ, ବିଦେଶୀବସ୍ତ୍ର ବର୍ଜନ ବିନା ଅସହ ଯୋଗ ସଂଗ୍ରାମ କଦାପି ଫଳପ୍ରଦ ହେବ ନାହିଁ । ତେଣୁ ଚରଖାରେ ସୂତା ବୁଣି ଖଦଡ଼ବସ୍ତ୍ର ବ୍ୟବହାର କରିବା ଏକମାତ୍ର ଅସ୍ତ୍ର ଯାହା ପ୍ରଭାବରେ ହିନ୍ଦୁ ମୁସଲମାନ ଏକତା ସମ୍ଭବ ହୋଇପାରିବ ପୁଣି ସ୍ୱରାଜ୍ୟ ପନ୍ଥା ସୁଗମ ହେବ ।

ଲକ୍ଷ୍ନୌ ଜେଲରେ ରହି ପଣ୍ଡିତ ଜବହରଲାଲ ତାଙ୍କ ୩୩ତମ ଜନ୍ମତିଥି ପାଳିଥିଲେ । ଗୃହରେ ତାଙ୍କର ଅନୁପସ୍ଥିତି ହେତୁ କମଳା ନେହରୁଙ୍କ ସ୍ୱାସ୍ଥ୍ୟରେ କ୍ରମେ ଅବନତି ଦେଖା ଦେଲା, ତେଣୁ ଜବାହରଲାଲଙ୍କ ମନରେ ରାଜନୈତିକ ସମସ୍ୟା ସଙ୍ଗେ ପାରିବାରିକ ସମସ୍ୟା ମଧ୍ୟ ଅବସାଦ ସୃଷ୍ଟିକଲା । ଗାନ୍ଧୀଙ୍କ ବିଚାର ଉପରେ ଅଗାଧ ଶ୍ରଦ୍ଧା ଓ ବିଶ୍ୱାସ ରହିଥିଲେ ସୁଦ୍ଧା କେବେକେବେ ଜବାହରଲାଲଙ୍କ ମନରେ ବିଦ୍ରୋହ ଖେଳାକରୁଥିଲା । କାରଣ ତାଙ୍କ ଆଧୁନିକ ଧର୍ମନୀତି ସଙ୍ଗେ ମୋତିଲାଲଙ୍କ ନୀତିରେ କିଛି ତାରତମ୍ୟ ଦେଖା ଦେଉଥାଏ । ଜବାହରଲାଲ ଅର୍ଥାଭାବ ଭୋଗୁଥାନ୍ତି । କିନ୍ତୁ ଗାନ୍ଧୀ ନିଜେ ପିତାପୁତ୍ରଙ୍କ ମଧ୍ୟରେ ସମାଧାନ ସୃଷ୍ଟି କରିବାକୁ ଯାଇ ଏପ୍ରିଲ ୧୯୨୪ ସାଲରେ ଜେଲରୁ ମୁକ୍ତିଲାଭ କରିବା ପରେ ଜବାହରଲାଲଙ୍କୁ ଗୋଟିଏ ପତ୍ରରେ ଜଣାଇଥିଲେ, Father is just now in an irritable mood. And I am most anxious that neither you nor I should Contribute an iota to the irritation × × Shall I try to arrange for some money for you ? Why may you not take up remunerative work. After all you most iive by the sweat of your blow even though you may be under your fathers roof. Will you be Correspondent to some news papers ? Or will you take up a profssorship,

୧୯୨୪ ସେପ୍‌ଟେମ୍ବର ମାସରେ ପଶ୍ଚିମୋତ୍ତର ପ୍ରଦେଶ କୋହଟଠାରେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ସଂଘର୍ଷ ହୋଇ ୧୫୫ ଲୋକ ନିହତ ହେଲେ । ହିନ୍ଦୁମାନେ ସମସ୍ତେ କୋହଟ ଛାଡ଼ି ଅନ୍ୟତ୍ର ପଳାୟନ କଲେ । ଏଥିରେ ମହାତ୍ମାଗାନ୍ଧୀ ଗଭୀର କ୍ଷୋଭ ପ୍ରକାଶ କରି ୨୧ଦିନ ନିରାହାର ବ୍ରତ ପାଳିଥିଲେ। ପଣ୍ଡିତ ଜବାହରଲାଲ ତାଙ୍କ ଆତ୍ମ ଜୀବନୀରେ ଲେଖିଛନ୍ତି ; "My mind was befogged and no clear path was visible. I thought perhaps, if Iam far from India, I could see things in a better perspective and lighten up the dark corners of my mind" ("ମୋମନ ଧୂମ୍ରାଚ୍ଛନ୍ନ ହେଲା ଓ ନିର୍ମଳପଥ ଦେଖାଗଲା ନାହିଁ । ମୁଁ ଭାବିଲି, ମୁଁ ଯେବେ ଭାରତରୁ ଦୂରରେ ରହିଥାନ୍ତି ହୁଏତ ଏହା ମୁଁ ଅଧିକ ପ୍ରାଂଜଳଭାବେ ଦେଖି ପାରନ୍ତି ଓ ମୋ ମନରେ ଅନ୍ଧକାରରେ ଆଲୋକ ସୃଷ୍ଟି କରନ୍ତି") ।

ସେତିକି ବେଳେ କମଳାଙ୍କ ଚିକିତ୍ସା ପାଇଁ ଯେଉଁ ଡାକ୍ତର ନିଯୁକ୍ତ ହୋଇଥିଲେ ସେ ରୋଗର ନିଦାନ କରି କହିଲେ ରୋଗଟା 'ରାଜଯକ୍ଷ୍ମା' ( Tubar Culusis ) । ତେଣୁ ଚିକିତ୍ସା ପାଇଁ ତାଙ୍କୁ ସ୍ୱିଜରଲ୍ୟାଣ୍ଡ ନେବା ଆବଶ୍ୟକ । ଜବାହରଲାଲ ସ୍ଥିର କଲେ ଯେ, ସେ ମଧ୍ୟ ତାଙ୍କ ସାଥିରେ ରହିବେ । ୧୯୨୬ ମାର୍ଚ୍ଚ ମାସରେ କମଳା ଓ ଇନ୍ଦିରାଙ୍କୁ ସଙ୍ଗରେ ଧରି ବମ୍ବେଠାରୁ ଜବାହରଲାଲ ଜାହାଜରେ ଯାତ୍ରାକଲେ । ସେଥିରେ ଅନ୍ୟ କାମରେ ତାଙ୍କ ଭଗ୍ନୀ ବିଜୟଲକ୍ଷ୍ମୀ ଓ ଭାଗିନେୟ ରଞ୍ଜିତ ପଣ୍ଡିତ ବିଦେଶ ଯାତ୍ରା କରୁଥାନ୍ତି । କିଛି ଦିନ ପରେ କମଳାଙ୍କ କନିଷ୍ଠ ଭଗ୍ନୀ କୃଷ୍ଣା ଓ ମୋତିଲାଲ ମଧ୍ୟ ସ୍ୱିଜର-ଲ୍ୟାଣ୍ଡ ଯାଇଥିଲେ । ବାସ୍ତବରେ ଜବାହରଲାଲଙ୍କ ପକ୍ଷେ ଯେଉଁ ପାରିବାରିକ ଆନନ୍ଦ ଉପଭୋଗ କରିବା ସୁବିଧା ଭାରତରେ ମିଳିନଥିଲା ; ତାହା ଅନ୍ତତଃ ଅଳ୍ପକାଳ ପାଇଁ ୟୁରୋପରେ ପାଇଥିଲେ, ଯେଉଁଠାରେ ଅନ୍ୟୁନ ଦୁଇବର୍ଷ ସେ ରହିଥିଲେ । ଦୀର୍ଘ ତିରିଶ ବର୍ଷ ପରେ ଏହା ତାଙ୍କର ଦ୍ୱିତୀୟ ବାର ୟୁରୋପ ଯାତ୍ରା ।

ଭେନିସ୍‌ରେ ପହଞ୍ଚିଲା ପରେ କମଳା ଓ ଇନ୍ଦିରା ବିହିକୁ କାଶ-ସରଦୀ ହେଲା, ତାପରେ ସେମାନେ ସମସ୍ତେ ସ୍ୱିଜରଲ୍ୟାଣ୍ଡର ଜେନିଭା ସହରରେ ଉପସ୍ଥିତ ହେଲେ । ସେଠାରେ ଜବାହରଲାଲଙ୍କ ମୁଖ୍ୟ କର୍ମ ହେଲା କମଳାଙ୍କ ଚିକିତ୍ସା ଖବର, ବାଗ ଢ ପାଠ ଓ ଇନ୍ଦିରାକୁ ସ୍କୁଲକୁ ନେବା ଆଣିବା । ଏ କଥା ସେ ତାଙ୍କ ବନ୍ଧୁ ଡ଼ା. ସୟଦ ମହମଦ୍‌ଙ୍କଠାକୁ ପଠାଇଥିବା ଚିଠିରେ ଜଣାଇଥିଲେ । ଜେନିଭାର ଏକ ଆନ୍ତର୍ଜାତିକ ସ୍କୁଲରେ ଇନ୍ଦିରାଙ୍କ ନାମ ଲେଖା ହୋଇଥିଲା । କିଛି କାଳ

ବୋଲି ସମ୍ବୋଧନ କରୁଥାଆନ୍ତି । ମହାତ୍ମା ଗାନ୍ଧୀଙ୍କ ସଙ୍ଗେ ମିଶି ଜବାହରଲାଲ ବୁଝି ପାରିଲେ ଯେ, କୌଣସି ମତେ ବଳ ପ୍ରୟୋଗ କରି ପ୍ରବଳ ପରାକ୍ରମଶାଳୀ ବ୍ରିଟିଶ ସରକାରଙ୍କୁ ଭାରତରୁ ହଟାଇବା ସମ୍ଭବ ନୁହେଁ । ତେଣୁ ୧୯୨୦ ମସିହାରେ କଲିକତା କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନରେ ମହାତ୍ମା ଗାନ୍ଧୀଙ୍କ ପ୍ରସ୍ତାବିତ 'ଅହିଂସା ଅସହଯୋଗ' ( Non-Violence Non-Co-operation ) ଏକମାତ୍ର ଅମୋଘ ଅସ୍ତ୍ର, ଯାହା ଫଳରେ କି ବିଶାଳ ଭାରତରେ ଅଳ୍ପ ସଂଖ୍ୟକ ଗୋରା ଶାସନ ଚଳାଇ ପାରିବେ ନାହିଁ । ଏହି ପ୍ରସ୍ତାବଟି ମୋତିଲାଲଙ୍କୁ ମଧ୍ୟ ଅନୁପ୍ରାଣିତ କଲା । ତେଣୁ ସେ ସେହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ମୋତିଲାଲଙ୍କୁ ଏଥିରେ ବହୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଲା । ଦିନେ ଯେ କହିଥିଲେ, "I want money,I work for it and I get it" ସେ ଆଜି ପ୍ରତିଜ୍ଞା କଲେ "I don't want money, I don't work for it and don't get it"

ଜବାହରଲାଲଙ୍କ ବୟସ ସେତେବେଳେ ୩୧ । ଉଦ୍‌ବେଳିତ ଯୌବନର ସମସ୍ତ ଶକ୍ତି ଦେଶ କାମରେ ସେ ଲଗାଇ ଗାନ୍ଧୀଙ୍କ ପଟ୍ଟଶିଷ୍ୟ ରୂପେ ଅସହଯୋଗ ଆନ୍ଦୋଳନ ପରିଚାଳିତ କଲେ, ଉତ୍ତରପ୍ରଦେଶର ସେହି ଗଙ୍ଗା-ଯମୁନା ପ୍ରବାହିତ ପଲ୍ଲୀ ଅଞ୍ଚଳରେ ।

୧୯୨୧ ସାଲରେ ରାୟବାରେଲିଠାରେ ପ୍ରଜା ଆନ୍ଦୋଳନ ଉତ୍କଟ ଆକାର ଧାରଣ କଲା । କାରଣ ଉତ୍ତେଜିତ ପ୍ରଜାମାନେ ଜମିଦାରମାନଙ୍କ ଶସ୍ୟ ନଷ୍ଟ କରିଦେଇ ସେମାନଙ୍କ ଗୃହ ଭିତରେ ପଶି ଉପଦ୍ରବ କରିବା ହେତୁ ପୋଲିସ ପକ୍ଷରୁ ସେଠାରେ ଗୁଳି ଚାଳନା ଆରମ୍ଭ ହୋଇଥିଲା । ସେତିକିବେଳେ ଜବାହରଲାଲ ସେଠି ପ୍ରଜାଙ୍କୁ ସାହାଯ୍ୟ କରିବାକୁ ଉଦ୍ୟତ ହେବା ଦେଖି ଜିଲ୍ଲା ମାଜିଷ୍ଟ୍ରେଟ ତାଙ୍କୁ ତତ୍କ୍ଷଣାତ୍ ସେଠାରୁ ଫେରି ଯିବାକୁ ଆଦେଶ ଦେଲେ । କିନ୍ତୁ ସେ ଆଦେଶକୁ ନ ମାନି ପ୍ରଜାଙ୍କ ସଙ୍ଗେ ମାତ୍ର ୧୫ ମିନିଟ ପରାମର୍ଶ କରିବା ଫଳରେ ସେହି ପ୍ରବଳ ହିଂସାତ୍ମକ ସଂଘର୍ଷ ନିବୃତ୍ତ ହୋଇଗଲା ।

ସେ ବର୍ଷ ମେ ମାସରେ କିଷାନମାନଙ୍କ ଉଦ୍ଦେଶ୍ୟରେ ମୋତିଲାଲ ଏକ ଇସ୍ତାହାର ଦେଇ ତାଙ୍କୁ କଂଗ୍ରେସର ସଭ୍ୟ ତାଲିକାରେ ଯୋଗ ଦେବାକୁ ବାର୍ତ୍ତା ଦେଇଥିଲେ । କିଷାନମାନଙ୍କୁ ସେହି ଇସ୍ତାହାର ବିତରଣ କରିବା ଫଳରେ ଛ'ଜଣ ଛାତ୍ରଙ୍କୁ ଜେଲ ବରଣ କରିବାକୁ ପଡ଼ିଲା । କିନ୍ତୁ ବହୁ ସଂଖ୍ୟାରେ କିଷାଣ (କୃଷକ)ମାନେ 'ଅସହଯୋଗ ଆନ୍ଦୋଳନ'ରେ ଯୋଗ ଦେଇ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ସଭା ସମିତିମାନ କରିଥିଲେ । ଠିକ୍ ସେତିକିବେଳେ ମୋତିଲାଲ 'ଦି ଇଣ୍ଡିପେଣ୍ଡେଣ୍ଟ' (The Indapendent) ନାମରେ ଏକ ଖବର କାଗଜ ସମ୍ପାଦନ କରି ସେଥିରେ କଂଗ୍ରେସ ବାର୍ତ୍ତା ପ୍ରଚାର କରୁଥାଆନ୍ତି । ଠିକ୍ ସେ ବର୍ଷ ଆରମ୍ଭରେ ଓଡ଼ିଶାରେ ପଣ୍ଡିତ ଗୋପବନ୍ଧୁଙ୍କ ଉଦ୍ୟମରେ ସତ୍ୟବାଦୀ ସ୍କୁଲ ଆରମ୍ଭ ହୋଇଥାଏ । ଓଡ଼ିଶାରେ ଅସହଯୋଗ ଆନ୍ଦୋଳନର ତୀବ୍ରତା ବହୁ ପରିମାଣରେ ଅନୁଭୂତ ହୋଇଥିଲା । ଗଞ୍ଜାମ ସେତେବେଳେ ମାଡ୍ରାଜ ପ୍ରଦେଶରେ ଅନ୍ତର୍ଭୁକ୍ତ ହୋଇଥିଲେ ସୁଦ୍ଧା ଓଡ଼ିଆ ନେତାମାନଙ୍କ ଉଦ୍ୟମରେ କଂଗ୍ରେସ ପକ୍ଷରୁ ସେଠା ଓଡ଼ିଆଙ୍କ ପକ୍ଷରୁ ଅସହଯୋଗ ଆନ୍ଦୋଳନ ପୂର୍ଣ୍ଣ ମାତ୍ରାରେ ସଫଳତା ଲାଭ କଲା, ଯେତେବେଳେ ମହାତ୍ମା ଗାନ୍ଧୀ ବ୍ରହ୍ମପୁର ଗସ୍ତରେ ଯାଇ ଲୋକଙ୍କୁ କଂଗ୍ରେସ ସପକ୍ଷରେ ଉଦ୍‌ବୋଧନ କରିଥିଲେ । ତାଙ୍କର ଐତିହାସିକ ଭାଷଣ କଟକର କାଠଯୋଡ଼ି ନଦୀ ବାଲୁକା ଶଯ୍ୟାରେ ମାର୍ଚ୍ଚ ୧୯୨୧ ସାଲରେ ଏକ ବିରାଟ ସଭାରେ ଓଡ଼ିଆଙ୍କୁ ଯଥେଷ୍ଟ ପ୍ରଭାବିତ କରିଥିଲା । କେବଳ ଉତ୍ତର ପ୍ରଦେଶ ନୁହେଁ, ପଞ୍ଜାବଠାରୁ ମାଡ୍ରାଜ ଏବଂ ଗୁଜୁରାଟଠାରୁ ଆସାମ ପର୍ଯ୍ୟନ୍ତ ସବୁ ପ୍ରଦେଶରେ 'ଅସହଯୋଗ-ଆନ୍ଦୋଳନ' ପରିଚାଳିତ ହୋଇ ବ୍ରିଟିଶ ଶାସନକୁ ଭାରତରେ ଘୋର ସଙ୍କଟ ମଧ୍ୟରେ ନିକ୍ଷେପ କଲା । କଂଗ୍ରେସ ପକ୍ଷରୁ ଗୋଟିଏ ଇସ୍ତାହାର ପ୍ରକାଶ କରି ପ୍ରତ୍ୟେକ ଭାରତୀୟଙ୍କୁ ଆହ୍ୱାନ କରାଗଲା, ଯେପରି ସେ ସରକାରୀ କର୍ମ କ୍ଷେତ୍ରରୁ ଇସ୍ତଫା ଦେଇ କଂଗ୍ରେସରେ ଯୋଗ ଦିଅନ୍ତି । ସ୍କୁଲ- କଲେଜ ଛାତ୍ରମାନେ ମଧ୍ୟ ହଜାର ହଜାର ସଂଖ୍ୟାରେ ପାଠ ପଢ଼ିବା ଛାଡ଼ି କଂଗ୍ରେସ ଛତ୍ର ତଳେ ସମବେତ ହୋଇଗଲେ ।

ମୋତିଲାଲଙ୍କ ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଲା । ସେ ଶ୍ୱାସ ( Asthama ) ରୋଗରେ ପୀଡ଼ିତ ହୋଇ ଚିକିତ୍ସା ସକାଶେ ଆଲମୋରାକୁ ଯାତ୍ରା କରିଥାଆନ୍ତି । ତାଙ୍କ ଅନୁପସ୍ଥିତି ବେଳେ ପଣ୍ଡିତ ଜବାହରଲାଲ ଓ ତାଙ୍କର ସହକର୍ମୀ ବାବୁ ବିନ୍ଧ୍ୟବାସିନୀ ପ୍ରସାଦଙ୍କ ନେତୃତ୍ୱରେ ହଜାର ହଜାର କଂଗ୍ରେସ କର୍ମୀ 'ବନ୍ଦେ ମାତରଂ' ଉଚ୍ଚ କଣ୍ଠରେ ଉଚ୍ଚାରଣ କରି ଏକ ଦୀର୍ଘ ଶୋଭାଯାତ୍ରା କରିଥିଲେ । ମହାକବି କବୀରଙ୍କ ଜନ୍ମସ୍ଥାନ ମଘରଠାରେ ପ୍ରାୟ ତିନିହଜାର ଲୋକଙ୍କ ସମାବେଶରେ ଏକ ବିରାଟ ସଭା ହୋଇଥିଲା, ଯେଉଁଠାରେ କବିର ତାଙ୍କ ହିନ୍ଦୁ-ମୁସଲମାନ ମିଳନ ସଙ୍ଗୀତ ଗାନ କରୁଥିଲେ । ବାସ୍ତବରେ ଖିଲଫତ- ଆନ୍ଦୋଳନ ଫଳରେ ଯେଉଁ ହିନ୍ଦୁ - ମୁସଲମାନ ସହଯୋଗ ଦେଖାଦେଇଥିଲା, ପଶ୍ଚିମ ଉପକୂଳ ଓ ଦକ୍ଷିଣ ଭାରତରେ ମୋପଲା (ମୁସଲମାନ)ଙ୍କ ହିଂସାତ୍ମକ ବିଦ୍ରୋହ ଫଳରେ ହିନ୍ଦୁ ବିରୋଧ ଉତ୍ତେଜନା ଦେଖାଦେଲା । ବୋମ୍ବେ ପୁଲିସ୍ ଗୁଳି ଚଳାଇବାରୁ ପ୍ରାୟ ୫୦ ଜଣଙ୍କର ମୃତ୍ୟୁ ହୋଇଥିଲା । ଏଥିର ନିରାକରଣ ଉଦ୍ଦେଶ୍ୟରେ ସେ ବର୍ଷ ଶେଷ ଆଡ଼କୁ ଇଂଲଣ୍ଡରୁ ପ୍ରିନ୍ସ ଅଫ ୱେଲସ୍ ( Prince of wales ) ଭାରତକୁ ଆଗମନ କଲେ । ବମ୍ବେ ଓ ଦକ୍ଷିଣ ଭାରତର ହିଂସାତ୍ମକ ସଂଘର୍ଷ ହେତୁ ମହାତ୍ମା ଗାନ୍ଧୀ ଅନନ୍ୟୋପାୟ ହୋଇ ଅନାହାର ବ୍ରତ ଗ୍ରହଣ କଲେ । କିନ୍ତୁ ୪ଦିନ ପରେ ସହରରେ ଶାନ୍ତି ଫେରିବାରୁ ତାଙ୍କର ବ୍ରତ ଭଙ୍ଗ ହେଲା ।

ଡିସେମ୍ବର ମାସରେ ବମ୍ବେରୁ ଆଲହାବାଦକୁ ଫେରିଆସି ଜବାହରଲାଲ ଦେଖିଲେ ଯେ, ତାଙ୍କ ଆନନ୍ଦ ଭବନ ବାସ ଗୃହରେ ସନ୍ଧ୍ୟାବେଳେ ପୁଲିସ୍ ଅନୁସନ୍ଧାନ କାମ ଚଳାଇ ଅଛନ୍ତି । ସେମାନେ ମୋତିଲାଲ ଓ ଜବାହରଲାଲ ଉଭୟଙ୍କୁ ଜେଲ କରିବା ପାଇଁ ପରବାନା ଧରି ପ୍ରସ୍ତୁତ ହୋଇଅଛନ୍ତି ।

ଜେଲକୁ ଯିବା ପୂର୍ବରୁ ଆନନ୍ଦ ଭବନରେ ପଣ୍ଡିତ ମୋତିଲାଲ ଓ ଜବାହରଲାଲଙ୍କ ସାଥିରେ ପରିବାରର ଅନ୍ୟ ସମସ୍ତେ ଉପସ୍ଥିତ ଥିଲେ । ସେ ରାତିରେ ଚାରିବର୍ଷିଆ କନ୍ୟା ଇନ୍ଦିରା ଶଯ୍ୟାରେ ପଡ଼ି କିଛି ନ ଖାଇ କାନ୍ଦି କାନ୍ଦି ଶୋଇ ପଡ଼ିଲେ । ବାହାରେ ଶହ ଶହ ନଗରବାସୀ ଅପେକ୍ଷା କରିଥିଲେ ସେମାନଙ୍କୁ

କିଛି ଉପଦେଶ ଉଭୟେ ପିତା ଓ ପୁତ୍ର ପୁଲିସ୍ ଗାଡ଼ିରେ ବସି ଜେଲକୁ ଯାତ୍ରା କରନ୍ତି, ସେ ଦୃଶ୍ୟ ଅତ୍ୟନ୍ତ କରୁଣ ଓ ମର୍ମସ୍ପର୍ଶୀ ହୋଇଥିଲା । ପ୍ରତ୍ୟେକଙ୍କୁ ୬ମାସ ଲେଖାଏଁ କାରାବାସ ପାଇଁ ଆଦେଶ ମିଳିଲା । ଯେଉଁ ଅପରାଧ ହେତୁ ଜବାହରଲାଲଙ୍କୁ ଜେଲ କରାଗଲା, ତାହା ଆଇନ ସଙ୍ଗତ ନ ହେବାରୁ ତିନିମାସ ପରେ ତାଙ୍କୁ ମୁକ୍ତ କରାଗଲା । ଯଦି ମୋତିଲାଲ ଓ ଜବାହରଲାଲ କୋର୍ଟ ବର୍ଜନ ନୀତି ଗ୍ରହଣ କରି ନ ଥାନ୍ତେ ତାହାହେଲେ ସେହି ଅନ୍ୟାୟ କାରାରୁଦ୍ଧ କରିବା ଆଦୌ ସମ୍ଭବ ହୋଇ ନ ଥାନ୍ତା ଆଇନ ଦୃଷ୍ଟିରୁ ।

ଏହାପରେ ପଣ୍ଡିତ ଜବାହରଲାଲ କେତେଥର ଜେଲ ଯାଇଥିଲେ । ସେଠାରେ ରାଜନୈତିକ ବନ୍ଦୀମାନଙ୍କୁ ପୁସ୍ତକ ଓ ଖବର କାଗଜ ପଢ଼ିବାକୁ ଦିଆ ଯାଉଥିଲା । ଆଉ ମଧ୍ୟ ବନ୍ଧୁ ସ୍ୱଜନଙ୍କୁ ଚିଠିପତ୍ର ଦେବାରେ ଓ ସେମାନଙ୍କ ସାମୟିକ ଉପସ୍ଥିତି ଏବଂ ଆଳାପକୁ ବାରଣ କରାଯାଉନଥିଲା । ଦ୍ୱିତୀୟ ବାର ସେ ଜେଲ୍‌ରେ ଥିଲା ବେଳେ କନ୍ୟା ଇନ୍ଦିରାର ସ୍ୱାସ୍ଥ୍ୟର ଅବନତି ବିଷୟରେ ଚିନ୍ତା କରିଥିଲେ । କମଳା ନେହରୁ ବାରମ୍ବାର ଜେଲ୍‌ରେ ତାଙ୍କୁ ଦେଖା କରିବାକୁ ଯାଉଥାନ୍ତି । ଇନ୍ଦିରାଙ୍କ ପାଠପଢ଼ା ବିଷୟରେ ବ୍ୟବସ୍ଥା କରିବା ସକାଶେ ଏକଦା ଜବାହରଲାଲ ପିତାଙ୍କଠାକୁ ଜେଲ୍‌ରୁ ପତ୍ର ଲେଖିଥିଲେ । କେବେ କେବେ ସେ ନିଜେ ପଢ଼ିବା ପାଇଁ ଯେଉଁ ସବୁ ପୁସ୍ତକ ଦରକାର ସେଥିର ତାଲିକା କମଳାଙ୍କୁ ଦେଉଥିଲେ । ଗିବନ୍‌ଙ୍କ (Gibbon) ଙ୍କ ଛ ଭାଗ ବିଶିଷ୍ଟ "The Decline and fall of the Roman Empire" ଶ୍ରଦ୍ଧାର ସହ ଜେଲ୍‌ରେ ସେ ପାଠ କରୁଥିଲେ ।

ପଣ୍ଡିତ ଜବାହରଲାଲ ଅତି ବିସ୍ମିତ ହୋଇ ଖବର ପାଇଲେ ଯେ, ଉତ୍ତର ପ୍ରଦେଶର ଚୌରି ଚୌରାଠାରେ କଂଗ୍ରେସ କର୍ମୀଙ୍କ ଦ୍ୱାରା ଏକ ନୃଶଂସ ହତ୍ୟାକାଣ୍ଡ ପରେ ମହାତ୍ମାଗାନ୍ଧୀ ଅସହଯୋଗ ଆନ୍ଦୋଳନ ପୁରାପୁରି ସ୍ଥଗିତ କରି ଦେଇ ଅଛନ୍ତି । ଏକ ଆବଦ୍ଧ ଗୃହରେ ୨୨ଜଣ ପୁଲିସିଙ୍କୁ ରଖି ସେଥିରେ ନିଆଁ ଲଗାଇ ହତ୍ୟା କରାଯାଇଛି । ଏ ଖବର ମୋତିଲାଲ ଜବାହରଲାଲଙ୍କ ମନରେ ଘୋର ଆଘାତ ଦେଲା । ମହାତ୍ମା ଗାନ୍ଧୀ କହୁଥିଲେ ଯେ, ବିଦେଶୀବସ୍ତ୍ର ବର୍ଜନ ବିନା ଅସହ ଯୋଗ ସଂଗ୍ରାମ କଦାପି ଫଳପ୍ରଦ ହେବ ନାହିଁ । ତେଣୁ ଚରଖାରେ ସୂତାବୁଣି ଖଦଡ଼ବସ୍ତ୍ର ବ୍ୟବହାର କରିବା ଏକମାତ୍ର ଅସ୍ତ୍ର ଯାହା ପ୍ରଭାବରେ ହିନ୍ଦୁ ମୁସଲମାନ ଏକତା ସମ୍ଭବ ହୋଇପାରିବ ପୁଣି ସ୍ୱରାଜ୍ୟ ପନ୍ଥା ସୁଗମ ହେବ ।

ଲକ୍ଷ୍ନୌ ଜେଲରେ ରହି ପଣ୍ଡିତ ଜବହରଲାଲ ତାଙ୍କ ଶାରୀରିକ ଜନ୍ମତିଥି ପାଳିଥିଲେ । ଗୃହରେ ତାଙ୍କର ଅନୁପସ୍ଥିତି ହେତୁ କମଳା ନେହରୁଙ୍କ ସ୍ୱାସ୍ଥ୍ୟରେ କ୍ରମେ ଅବନତି ଦେଖା ଦେଲା ତେଣୁ ଜବାହରଲାଲଙ୍କ ମନରେ ରାଜନୈତିକ ସମସ୍ୟା ସଙ୍ଗେ ପାରିବାରିକ ସମସ୍ୟା ମଧ୍ୟ ଅବସାଦ ସୃଷ୍ଟିକଲା । ଗାନ୍ଧୀଙ୍କ ବିଚାର ଉପରେ ଅଗାଧ ଶ୍ରଦ୍ଧା ଓ ବିଶ୍ୱାସ ରହିଥିଲେ ସୁଦ୍ଧା କେବେକେବେ ଜବାହରଲାଲଙ୍କ ମନରେ ବିଦ୍ରୋହ ଖେଳାକରୁଥିଲା । କାରଣ ତାଙ୍କ ଆଧୁନିକ ଧର୍ମନୀତି ସଙ୍ଗେ ମୋତିଲାଲଙ୍କ ନୀତିରେ କିଛି ତାରତମ୍ୟ ଦେଖା ଦେଇଥାଏ । ଜବାହରଲାଲ ଅର୍ଥାଭାବ ଭୋଗୁଥାନ୍ତି । କିନ୍ତୁ ଗାନ୍ଧୀ ନିଜେ ପିତାପୁତ୍ରଙ୍କ ମଧ୍ୟରେ ସମାଧାନ ସୃଷ୍ଟି କରିବାକୁ ଯାଇ ଏପ୍ରିଲ ୧୯୨୪ ସାଲରେ ଜେଲ୍‌ରୁ ମୁକ୍ତିଲାଭ କରିବା ପରେ ଜବାହରଲାଲଙ୍କୁ ଗୋଟିଏ ପତ୍ରରେ ଜଣାଇଥିଲେ, Father is just now in an irritable mood. And I am most anxious that neither you nor I should Contribute an iota to the irritation × × Shall I try to arrange for some money for you ? Why may you not take up remunerative work. After all you most iive by the sweat of your blow even though you may be under your fathers roof. Will you be Correspondent to some news papers ? Or will you take up a profssorship,

୧୯୨୪ ସେପ୍‌ଟେମ୍ବର ମାସରେ ପଶ୍ଚିମୋତ୍ତର ପ୍ରଦେଶ କୋହଟଠାରେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ସଂଘର୍ଷ ହୋଇ ୧୫୫ ଲୋକ ନିହତ ହେଲେ । ହିନ୍ଦୁମାନେ ସମସ୍ତେ କୋହଟ ଛାଡ଼ି ଅନ୍ୟତ୍ର ପଳାୟନ କଲେ । ଏଥିରେ ମହାତ୍ମାଗାନ୍ଧୀ ଗଭୀର କ୍ଷୋଭ ପ୍ରକାଶ କରି ୨୧ଦିନ ନିରାହାର ବ୍ରତ ପାଳିଥିଲେ। ପଣ୍ଡିତ ଜବାହରଲାଲ ତାଙ୍କ ଆତ୍ମ ଜୀବନୀରେ ଲେଖିଛନ୍ତି ; "My mind was befogged and no clear path was visible. I thought perhaps, if Iam far from India, I could see things in a better perspective and lighten up the dark corners of my mind" ("ମୋମନ ଧୂମ୍ରାଚ୍ଛନ୍ନ ହେଲା ଓ ନିର୍ମଳପଥ ଦେଖାଗଲା ନାହିଁ । ମୁ ଭାବିଲି, ମୁ ଯେବେ ଭାରତରୁ ଦୂରରେ ରହିଥାନ୍ତି ହୁଏତ ଏହା ମୁ ଅଧିକ ପ୍ରାଂଜଳଭାବେ ଦେଖି ପାରନ୍ତି ଓ ମୋ ମନରେ ଅନ୍ଧକାରରେ ଆଲୋକ ସୃଷ୍ଟି କରନ୍ତି") ।

ସେତିକି ବେଳେ କମଳାଙ୍କ ଚିକିତ୍ସା ପାଇଁ ଯେଉଁ ଡାକ୍ତର ନିଯୁକ୍ତ ହୋଇଥିଲେ ସେ ରୋଗର ନିଦାନ କରି କହିଲେ ରୋଗଟା 'ରାଜକ୍ଷୟ୍ମା' ( Tubar Culusis )। ତେଣୁ ଚିକିତ୍ସା ପାଇଁ ତାଙ୍କୁ ସ୍ୱିଜରଲ୍ୟାଣ୍ଡ ନେବା ଆବଶ୍ୟକ । ଜବାହରଲାଲ ସ୍ଥିର କଲେ ଯେ, ସେ ମଧ୍ୟ ତାଙ୍କ ସାଥିରେ ରହିବେ । ୧୯୨୬ ମାର୍ଚ୍ଚ ମାସରେ କମଳା ଓ ଇନ୍ଦିରାଙ୍କୁ ସଙ୍ଗରେ ଧରି ବମ୍ବେଠାରୁ ଜବାହରଲାଲ ଜାହଜରେ ଯାତ୍ରାକଲେ । ସେଥିରେ ଅନ୍ୟ କାମରେ ତାଙ୍କ ଭଗ୍ନୀ ବିଜୟଲକ୍ଷ୍ମୀ ଓ ଭାଉଣୀପୋଇ ରଞ୍ଜିତ ପଣ୍ଡିତ ବିଦେଶ ଯାତ୍ରା କରୁଥାନ୍ତି । କିଛି ଦିନ ପରେ କମଳାଙ୍କ କନିଷ୍ଠ ଭଗ୍ନୀ କୃଷ୍ଣା ଓ ମୋତିଲାଲ ମଧ୍ୟ ସ୍ୱିଜର୍‌ଲ୍ୟାଣ୍ଡ ଯାଇଥିଲେ । ବାସ୍ତବରେ ଜବାହରଲାଲଙ୍କ ପକ୍ଷେ ଯେଉଁ ପାରିବାରିକ ଆନନ୍ଦ ଉପଭୋଗ କରିବା ସୁବିଧା ଭାରତରେ ମିଳିନଥିଲା ; ତାହା ଅନ୍ତତଃ ଅଳ୍ପକାଳ ପାଇଁ ୟୁରୋପରେ ପାଇଥିଲେ, ଯେଉଁଠାରେ ଅନ୍ୟୂନ ଦୁଇବର୍ଷ ସେ ରହିଥିଲେ । ଦୀର୍ଘ ତିରିଶ ବର୍ଷ ପରେ ଏହା ତାଙ୍କର ଦ୍ୱିତୀୟ ବାର ୟୁରୋପ ଯାତ୍ରା ।

ଭେନିସ୍‌ରେ ପହଞ୍ଚିଲା ପରେ କମଳା ଓ ଇନ୍ଦିରା ଉଭୟଙ୍କର କାଶ-ସରଦୀ ହେଲା, ତାପରେ ସେମାନେ ସମସ୍ତେ ସ୍ୱିଜରଲ୍ୟାଣ୍ଡର ଜେନିଭା ସହରରେ ଉପସ୍ଥିତ ହେଲେ । ସେଠାରେ ଜବାହରଲାଲଙ୍କ ମୁଖ୍ୟ କର୍ମ ହେଲା କମଳାଙ୍କ ଚିକିତ୍ସା ଖବର, କାଗଜ ପାଠ ଓ ଇନ୍ଦିରାକୁ ସ୍କୁଲକୁ ନେବା ଆଣିବା । ଏ ଖବର ସେ ତାଙ୍କ ବନ୍ଧୁ ଡ଼ା. ସୟଦ ମହମଦ୍‌ଙ୍କଠାକୁ ପଠାଇଥିବା ଏକ ଆବର୍ତ୍ତକ ଚିଠିରେ ଜଣାଇଥିଲେ । ଜେନିଭାର ଏକ କିଛି ଭାଗ ସ୍କୁଲରେ ଇନ୍ଦିରାଙ୍କ ନାମ ଲେଖା ହୋଇଥିଲା ।

ସେଠାରେ ଅବସ୍ଥାନ ପରେ କମଳାଙ୍କ ସ୍ୱାସ୍ଥ୍ୟର ଅଳ୍ପ ଉନ୍ନତି ହେବାରୁ ଜବାହରଲାଲ ବ୍ରିଟିନ୍, ଫ୍ରାନସ୍ ଓ ଜର୍ମାନ ବୁଲିବାକୁ ଗଲେ, ଫେବୃୟାରୀ, ୧୯୨୭ରେ ଭାରତର ଜାତୀୟ କଂଗ୍ରେସର ପ୍ରତିନିଧି ରୂପେ ରୁଷିଆର ବ୍ରୁସେଲସ୍ ( Brussels ) ଠାରେ ଅନୁଷ୍ଠିତ ଶୋଷିତ ଜାତିସଂଘର ଅଧିବେଶନରେ ଅଳ୍ପ ସମୟ ପାଇଁ ଯୋଗଦେଇଥିଲେ । ସେତେବେଳେ ରୁଷିଆର ସେହି ସଭା ପ୍ରସଙ୍ଗ ତାଙ୍କ ମନରେ ଗଭୀର ରେଖାପାତ କଲା । ସେଠାରେ ଜବାହରଲାଲ ଓ ମୋତିଲାଲ ଉଭୟେ ସୋଭିଏଟ ପ୍ରେସିଡେଣ୍ଟଙ୍କ ଦ୍ୱାରା ଅନ୍ୟ ସ୍ୱାଧୀନ ନାଗରିକ ପ୍ରତିନିଧିଙ୍କପରି ସମ୍ମାନିତ ସ୍ଥାନ ପାଇଥିଲେ । ରୁଷିଆରେ ପ୍ରଚଳିତ କମ୍ୟୁନିଷ୍ଟ ଶାସନ ସଙ୍ଗେ ସେମାନଙ୍କ କାମ ଓ ଜୀବନଧାରଣରମାନ ଉଚ୍ଚକୋଟିର ହୋଇଥିଲେ ସୁଦ୍ଧା ସେଥିରେ ତାଙ୍କର ବିଶେଷ ଆଗ୍ରହ ସୃଷ୍ଟି କରି ନଥିଲା ।

ଭାରତରେ କ୍ରମେ ହିନ୍ଦୁ-ମୁସଲମାନ ସଂଘର୍ଷ ଓ ହତ୍ୟାକାଣ୍ଡ ଘନୀଭୂତ ହେଲା । ଡିସେମ୍ବର, ୧୯୨୬ରେ ମୁସଲମାନଙ୍କ ହାତରେ ଆର୍ଯ୍ୟସମାଜର ପ୍ରତିଷ୍ଠାତା ସ୍ୱାମୀ ଶ୍ରଦ୍ଧାନନ୍ଦ ନିହତ ସମ୍ବାଦ ଜବାହରଲାଲଙ୍କ ପ୍ରାଣରେ ଘୋର ଆଘାତ ଦେଲା । ଏ ଘଟଣାର ପ୍ରାୟ ଆଠ ବର୍ଷ ପୂର୍ବେ ଦିଲ୍ଲୀର ଜୁମାମସଜିଦ୍‌ଠାରେ ସେହି ମହାନ୍ ସ୍ୱାମୀଜୀଙ୍କ ହୃଦୟସ୍ପର୍ଶୀ ଭାଷଣରେ କି ହିନ୍ଦୁ କି ମୁସଲମାନ ସମସ୍ତେ ଅଭିଭୂତ ହୋଇ ଏକ ସ୍ୱରରେ ଉଚ୍ଚାରଣ କରିଥିଲେ "ହିନ୍ଦୁ ମୁସଲମାନ କି ଜୟ" । ଏଥିର ଅଳ୍ପକାଳ ପରେ ଜବାହରଲାଲ, କମଳା ଓ ଇନ୍ଦିରାଙ୍କୁ ସଙ୍ଗରେ ନେଇ ଭାରତକୁ ଫେରିଆସିଲେ । କିନ୍ତୁ ମୋତିଲାଲ ଆଉ କିଛି ଦିନ ୟୁରୋପରେ ରହିବାକୁ ଇଚ୍ଛା କରିଥିଲେ ।

ଭାରତକୁ ଫେରି ଜବାହରଲାଲ ରାଜନୈତିକ ଜାଲ ଭିତରେ ଛନ୍ଦି ହୋଇ ରହିଲେ । ମାନ୍ଦ୍ରାଜରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସେ ସର୍ବ ପ୍ରଥମେ ଭାରତର ପୂର୍ଣ୍ଣ ସ୍ୱାଧୀନତା ହିଁ ଭାରତର ଦାବୀ ବୋଲି ଘୋଷଣା କରନ୍ତି । କିନ୍ତୁ ଗାନ୍ଧୀ ଏଥିର ସାଫଲ୍ୟରେ ସନ୍ଦେହ କରୁଥିଲେ । ତେଣୁ ନୀତି ଦୃଷ୍ଟିରୁ ଉଭୟ ଶୀର୍ଷ ନେତାଙ୍କ ଦୁଇଟି ଭିନ୍ନ ମତ ପ୍ରକଟିତ ହେଲା । ଗାନ୍ଧୀଙ୍କ ଅନ୍ୟ ଏକ ନୀତିଥିଲା, ମେସିନ୍ ଚାଳିତ ଶିଳ୍ପ ସ୍ଥାନରେ ହସ୍ତଚାଳିତ ଚରଖା ଓ ତନ୍ତ ବ୍ୟବହାର କରିବା ଭାରତ ପକ୍ଷରେ ଉତ୍ତମ ବ୍ୟବସ୍ଥା, କିନ୍ତୁ ଜବାହରଲାଲ ଏହା ଗ୍ରହଣ କରୁନଥିଲେ ।

ସେତେବେଳେ ବଲ୍ଲଭଭାଇ ପଟେଲ ତାଙ୍କର ଆଇନ୍ ବ୍ୟବସାୟ ଛାଡ଼ି ବମ୍ବେରେ ପ୍ରାଦେଶିକ ସରକାର ଭୂକର ଶତକଡ଼ା ୨୨କୁ ବଢ଼ାଇବା ବିପକ୍ଷରେ ପ୍ରତିବାଦ କରି ବରଦୋଲିରେ ପ୍ରଜା ଆନ୍ଦୋଳନ ହୋଇଥିଲା । ସେଥିରେ ପଟେଲ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

୧୯୨୭ରେ ବ୍ରିଟିଶ ସରକାର ଭାରତରେ ଶାସନ ସଂସ୍କାର କିମ୍ବତେ ସାର ଜନ୍ ସାଇମନ୍‌ଙ୍କୁ କମିଶନ କରି ପଠାଇଲେ । କିନ୍ତୁ ସେହି କମିଶନ୍‌ରେ କେହି ଭାରତୀୟ ସଭ୍ୟ ନଥିବାର ସମଗ୍ର ରାଜ୍ୟରେ ସାଇମନ୍ କମିଶନଙ୍କୁ ଓ ତାଙ୍କ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରାଗଲା । ବମ୍ବେରେ ତାଙ୍କ ପଦାର୍ପଣ ମାତ୍ରେ "Simon, go back )" ସାଇମନ୍ ଫେରି ଯାଅ) ବୋଲି କଳାପତାକାମାନ ପ୍ରଦର୍ଶିତ ହେଲା । ସେତେବେଳେ ପଞ୍ଜାବକେଶରୀ ୬୪ ବର୍ଷୀୟ ବୟସ ଲାଲ ଲଜପତରାୟ ପୁଲିସ ଲାଠିରେ ଆହତ ହୋଇ କିଛି ଦିନ ପରେ ମୃତ୍ୟୁବରଣ କରନ୍ତି । ଏହା ସେଠା ଜନତାଙ୍କୁ ଅଧିକ ଉତ୍ତେଜିତ କରି ଦେଲା ।

ଜବାହରଲାଲଙ୍କ ନେତୃତ୍ୱରେ ଲକ୍ଷ୍ନୌ ଏକ ବିରାଟ ଶୋଭା ଯାତ୍ରା ସହର ପରିକ୍ରମା କରି ସଭା କରିବାରୁ ଲୋକଙ୍କୁ ସେଠାରୁ ବିତାଡ଼ିତ କରିବାକୁ ୫୦ ଜଣ ଅଶ୍ୱାରୋହୀ ସେନାଙ୍କୁ ସରକାର ନିଯୁକ୍ତ କଲେ । ଅଶ୍ୱାରୋହୀଙ୍କ ପ୍ରବଳ ଅଶ୍ୱଚାଳନାରେ ଜନତା ଛିନ୍ନଛତ୍ର ହୋଇ ଗଲେ ସୁଦ୍ଧା ଜବାହରଲାଲ ରାସ୍ତା ମଧ୍ୟରେ ଦଣ୍ଡାୟମାନ ହୋଇ ସେ ବିଭତ୍ସ ଦୃଶ୍ୟ ଦେଖୁଥାନ୍ତି । ସେତେବେଳେ ତାଙ୍କ କାନ୍ଧରେ ପୁଲିସ ଲାଠିର ଦୁଇଟି ଜୋର ପ୍ରହାର ହୋଇଥିଲା । ସେ ଏଥିରେ ସ୍ତମ୍ଭିତ ହୋଇଗଲେ, ତଥାପି ସ୍ଥାନ ତ୍ୟାଗ କଲେ ନାହିଁ । ସେତେବେଳେ ମୋତିଲାଲ ଆହ୍ଲାବାଦରେ ଏ ସମ୍ବାଦ ପାଇ ଅବିଳମ୍ବେ ଲକ୍ଷ୍ନୌ ଯାଇ ଜବାହରଲାଲଙ୍କୁ ଘଟଣା କ'ଣ ବୋଲି ପଚାରିବାରୁ ସେ କହିଲେ– ଯେଉଁ ଲାଠି ମୋ କାନ୍ଧରେ ପଡ଼ିଲା ତାହା ସଂଭାଳିବାକୁ ମୋର ଶକ୍ତି ଥିଲା, କିନ୍ତୁ ପୁଲିସର ସେ ବ୍ୟବହାରରେ ମୁଁ ସ୍ତମ୍ଭିତ ହୋଇ ଯାଇଥିଲି । ତଥାପି ସେହି ଦୁର୍ବିସହ ଅବସ୍ଥାରେ ମଧ୍ୟ ମୋର ମାନସିକ ଅବସ୍ଥା କିପରି ସ୍ଥିର ରହୁଥିଲା ତାହା ହିଁ ଆଶ୍ଚର୍ଯ୍ୟ ।"

ଏ ଘଟଣା ପରେ ଲକ୍ଷ୍ନୌରେ ପରଦିନ ପ୍ରଭାତରୁ ବହୁଲୋକ ଏକତ୍ର ହୋଇ ପୁଲିସ୍ ଷ୍ଟେସନକୁ ଯାଇ "ସାଇମନ୍ ଫେରିଯାଅ" ବୋଲି ଧ୍ୱନୀ କଲେ । ଆଉଥରେ ସେଠି ଅଶ୍ୱାରୋହୀ ପୁଲିସ୍‌ଙ୍କ ଲାଠିଗୁଡ଼ିକ ଅବ୍ୟାହତ ରହିଲା । ଜନତାଙ୍କ ସଂଘର୍ଷ-ଧ୍ୱନୀ ଓ ପୁଲିସ୍‌ର ଲାଠି ଗର୍ଜନା ହେତୁ ତାହା ଏକ ଯୁଦ୍ଧ ଭୂମି ପରି ଦେଖା ଗଲା । ତାହା ବର୍ଣ୍ଣନା କରି ଜବାହାରଲାଲ ଲେଖିଛନ୍ତି, "......a dull anger seized me and a desire to hit out" କିନ୍ତୁ ତାଙ୍କର ଅଭ୍ୟାସ ସହିଷ୍ଣୁତା ତାଙ୍କୁ ପ୍ରତିଆକ୍ରମଣ କରାଇଲା ନାହିଁ । ନଚେତ୍ ସହଜରେ ତାଙ୍କ ନିକଟରେ ଥିବା ଅଶ୍ୱାରୋହୀକୁ ସହଜରେ ତଳେ ପକାଇ ନିଜେ ସେହି ଅଶ୍ୱରେ ବସି ପ୍ରହାରର ପ୍ରତିଶୋଧ ନେଇ ପାରନ୍ତେ । ସେ ଯଦି ହିଂସାର ପ୍ରତିହିଂସା କରିଥାନ୍ତେ ତେବେ ବହୁ ନିରୀହ ପ୍ରାଣ ସେଠାରେ ନିଃଶେଷ ହୋଇଯାନ୍ତା ।

ଏହି ଦୁର୍ଘଟଣାର ଖବର ପ୍ରଚାର ହେଲା ପରେ ମହାତ୍ମା ଗାନ୍ଧୀ ଲେଖିଥିଲେ : "May God spare you for many a long year to come, and make you this chosen instrument for freening India from the yoke".

ସାଇମନ୍ କମିଶନ୍ ଗଲା ପରେ ବମ୍ବେଠାରେ ଏକ 'ସର୍ବଦଳ ସମ୍ମିଳନୀ' ଅନୁଷ୍ଠିତ ହୋଇ ଭାରତର 'ଶାସନ ଖସଡ଼ା'ର ଏକ କିତାବ ଲେଖିବା ଭାର ପଣ୍ଡିତ ମୋତିଲାଲ ନେହେରୁଙ୍କୁ ଉପରେ ନ୍ୟସ୍ତ କରାଗଲା । ଅର୍ଦ୍ଧ ସ୍ୱାଧୀନତା (Dominion States) ପାଇବା ବିରୁଦ୍ଧରେ ଜବାହରଲାଲ ଦୃଢ଼ ଭାବେ ସ୍ୱର ଉଠାଇଲେ କଂଗ୍ରେସ ମଣ୍ଡପରେ । ତାଙ୍କର ଦାବୀ ଥିଲା, ପୂର୍ଣ୍ଣ ସ୍ୱାଧୀନତା । ତେଣୁ ସେ କଂଗ୍ରେସର ସେକ୍ରେଟାରୀ ପଦରୁ ଇସ୍ତଫା ଦାଖଲ କଲେ । କିନ୍ତୁ ତାହା ଗୃହୀତ ହେଲା ନାହିଁ । କଲିକତା ଅଧିବେଶନରେ ଏହି ନୀତି ନେଇ ପିତା ପୁତ୍ରଙ୍କ ମଧ୍ୟରେ ଘୋର ଦ୍ୱନ୍ଦ୍ୱ ଉପୁଜିଲା । ଏହା ଫଳରେ କଂଗ୍ରେସରେ ଦୁଇଟି ଦଳ ସୃଷ୍ଟି ହେଲା ।

ଏତିକିବେଳେ କମଳା ନେହେରୁଙ୍କ ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିଥିଲା । ତଥାପି ସେ ପିତା ପୁତ୍ରଙ୍କ ମଧ୍ୟରେ ସମାଧାନ କରିବାକୁ ପ୍ରାଣପଣେ ଚେଷ୍ଟା କରୁଥାନ୍ତି । ଶେଷରେ ମୋତିଲାଲଙ୍କ ସଭାପତିତ୍ୱରେ କଂଗ୍ରେସ ସ୍ଥିର କଲେ, ଯଦି ସରକାରଙ୍କ ପକ୍ଷରୁ ବର୍ଷକ ମଧ୍ୟରେ ଭାରତକୁ ଅର୍ଦ୍ଧ ସ୍ୱାଧୀନତା ଦିଆ ନଯାଏ, ତେବେ କଂଗ୍ରେସ ପକ୍ଷରୁ ପୂର୍ଣ୍ଣ ସ୍ୱାଧୀନତା ଦାବୀ କରାଯିବ । ଏଥିରେ ମଧ୍ୟ ଜବାହରଲାଲ ସନ୍ତୁଷ୍ଟ ନହୋଇ ସେ କହିଥିଲେ :— " Independence for us means complete freedom from british domination and inperialism". ("ଆମ ପାଇଁ ସ୍ୱାଧୀନତାର ଅର୍ଥ ହେଉଛି, ବ୍ରିଟିଶ ଅଧିକାର ଓ ରାଜତ୍ୱରୁ ମୁକ୍ତି)" ।

ଜବାହାରଲାଲକୁ ତାଙ୍କ ୪୦ ବର୍ଷ ବୟସରେ ମୋତିଲାଲଙ୍କ ପରେ କଂଗ୍ରେସର ସଭାପତି ରୂପେ ନିର୍ବାଚନ କରାଗଲା । ଏହା ପୂର୍ବରୁ ଗାନ୍ଧୀ ତାଙ୍କୁ ପଚାରିଥିଲେ "ଏ ଗୁରୁଭାର ବହିବାକୁ ତୁମେ ସମର୍ଥ କି ?" ଜବହରଲାଲ ଉତ୍ତର ଦେଲେ "ଯଦି ମୋ ଉପରେ ଏ ବୋଝ ପଡ଼େ ତେବେ ମୁ ବହିବାକୁ ପଛାଇବି ନି । ବାସ୍ତବରେ ତାହାହିଁ ହେଲା । ମୋତିଲାଲ ଅତି ଆନନ୍ଦରେ କହିଥିଲେ "The one thing I am proudest of is that I am awaharlal's father" (ଯେଉଁ ଗୋଟିଏ କଥାରେ ମୁ ଅତ୍ୟନ୍ତ ଗର୍ବିତ, ତା' ହେଉଛି ଯେ ମୁଁ ଜବହରଲାଲଙ୍କ ପିତା)" ମହାତ୍ମା ଗାନ୍ଧୀ ଜବହରଲାଲଙ୍କୁ ପ୍ରଶଂସା କରି ଲେଖିଥିଲେ ....He is pure as crystal. He is truthful beyond suspicion......Tha nation is safe in his hand" ( ସେ ଉଜ୍ଜ୍ୱଳ ପୁଷ୍ପରାଗ ପରି ବିଶୁଦ୍ଧ । ସେ ନିଃସନ୍ଦେହରେ ସତ୍ୟବ୍ରତ । ତାଙ୍କ ହାତରେ ଜାତି ନିରାପଦ ହେବା ସୁନିଶ୍ଚିତ "

୧୯୨୯ ସାଲରେ ପଞ୍ଜାବର ତତ୍କାଳୀନ ରାଜଧାନୀ ଲାହୋର ଠାରେ କଂଗ୍ରେସର ବାର୍ଷିକ ଅଧିବେଶନକୁ ଗଲାବେଳେ ସେଠାରେ ଜନତା ଜବାହରଲାଲଙ୍କୁ ବିଜୟୀ ବୀର ରୂପେ ବରଣ କରିଥିଲେ । ମୋତିଲାଲ ତାଙ୍କ ହାତରେ କଂଗ୍ରେସର ସଭାପତିତ୍ୱ ଭାର ସମର୍ପଣ କରି କହିଲେ "What the father is unable to accomplish, tne son achievnes" (ବାପ ଯାହା କରିବାକୁ ପାରିନଥିଲେ, ପୁଅ ତାହା ପାରିଛି)" ମା ସ୍ୱରୂପରାଣୀ ପୁତ୍ର ଗଳାରେ ପୁଷ୍ପ ହାର ଦେଇ ଆଶୀର୍ବାଦ କଲେ, ଯେତେବେଳେ ଜବାହରଲାଲ ଏକ ଶ୍ୱେତ ଅଶ୍ୱ ଉପରେ ବସି ଉଦ୍‌ବେଳିତ ଉତ୍ସବରେ କଂଗ୍ରେସ ମଣ୍ଡପକୁ ଯାତ୍ରା କରୁଥାନ୍ତି ।

ଲାହୋର କଂଗ୍ରେସରେ ସେ ତାଙ୍କ ଲିଖିତ ଭାଷଣ ଶେଷରେ କହିଲେ" "Success often comes to those who dare and act, it seldom goes to the timid who are ever afraid of the cansequences...." ( ଯେ ନିର୍ଭୟରେ କାମ କରିଯାଏ ବିଜୟ ସର୍ବଦା ତାକୁ ପ୍ରାପ୍ତ ହୁଏ; ଯେଉଁ ଭୀରୁ ପରିଣାମକୁ ସର୍ବଦା ଭୟ କରି ରହିଥାଏ, ତାହା ସେ କଦାପି ପାଏ ନାହିଁ"), ଜବାହରଲାଲଙ୍କ ପ୍ରଭାବରେ "ପୂର୍ଣ୍ଣ ସ୍ୱାଧୀନତା" ହେଲା ଜାତୀୟ କଂଗ୍ରେସର ଦାବୀ । ଏହାପରେ ଅଗତ ୧୮ ବର୍ଷ କଂଗ୍ରେସ ଅନୁଷ୍ଠାନ ମହାତ୍ମାଗାନ୍ଧୀ ଓ ଜବାହରଲାଲଙ୍କ ବଳିଷ୍ଠ ଅଧ୍ୟକ୍ଷତାରେ ପରିଚାଳିତ ହୋଇ ୧୯୪୭ରେ ଭାରତରେ ପୂର୍ଣ୍ଣ ସ୍ୱାଧୀନତା ପ୍ରତିଷ୍ଠିତ ହେଲା ।

ଲାହୋର ଅଧିବେଶନ ପରେ ମୋତିଲାଲ ତାଙ୍କର "ଆନନ୍ଦ ଭବନ" ପ୍ରାସାଦ କଂଗ୍ରେସକୁ ଦାନ କରିଦେଇ ଅନ୍ୟ ଏକ ନୂତନ ଗୃହକୁ ପରିବାର ଉଠାଇ ନେଲେ, ଅଦ୍ୟାବଧି 'ଆନନ୍ଦ ଭବନ' ହେଲା 'କଂଗ୍ରେସ-ଭବନ' ।

କଂଗ୍ରେସର ସ୍ୱାଧୀନତା ଦାବୀ ପ୍ରତି ବ୍ରିଟିଶ୍ ସରକାର କର୍ଣ୍ଣପାତ କଲେନାହିଁ । ଏଥିର ପ୍ରତିକ୍ରିୟା ସ୍ୱରୂପ ଗାନ୍ଧୀ 'ଲବଣ-ସତ୍ୟାଗ୍ରହ' ଆରମ୍ଭକଲେ । ଏହା ଏକ କ୍ଷୁଦ୍ର ସମସ୍ୟା ଭିତ୍ତିକ ହୋଇଥିଲେ ସୁଦ୍ଧା ସମଗ୍ର ଭାରତରେ ଚହଳ ପକାଇଲା । ଏଥିର ଗୁରୁତ୍ୱ ସର୍କାର ବୁଝିପାରି ଜବାହରଲାଲ ଓ ଗାନ୍ଧୀଙ୍କୁ ଯଥାକ୍ରମେ ନାଇନି ଜେଲ୍ ଓ କାରଡ଼ି ଜେଲ୍‌ରେ ଆବଦ୍ଧ କରାଗଲା ।

ମୋତିଲାଲ ମଧ୍ୟ କାରଡ଼ି ଜେଲରେ ଆବଦ୍ଧ ହେଲେ । କ୍ରମେ ସେହି ଆଇନ୍ ଅମାନ୍ୟ ଆନ୍ଦୋଳନରୁ ବିଦେଶୀ ବସ୍ତ୍ର ବର୍ଜନ ଓ ଖଦଡ଼ ବ୍ୟବହାର ଭାରତରେ ଦୁଇଟି ମୁଖ୍ୟ ଅହିଂସା ଅସ୍ତ୍ରର କାମ କଲା ।

ଜେଲ୍‌ରେ ମୋତିଲାଲଙ୍କ ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିବାରୁ ଅଢ଼େଇ-ମାସ ପରେ ତାଙ୍କୁ ଜେଲ୍‌ରୁ ମୁକ୍ତି ମିଳିଲା । ସେଥିର ମାସକ ପରେ ଜବାହରଲାଲ ମଧ୍ୟ ଜେଲରୁ ଖଲାସ ହୋଇ ମୁସୁରିଠାରେ ପିତାଙ୍କୁ ସାକ୍ଷାତ କଲେ । ସେଠାରେ କମଳା, ଇନ୍ଦିରା ଓ ବିଜୟଲକ୍ଷ୍ମୀ ମଧ୍ୟ ରହିଥାନ୍ତି । ତେଣୁ ଜବାହାରଲାଲ କିଛିକାଳ ପୁଣି ପାରିବାରିକ ଆନନ୍ଦ ସେଠାରେ ପାଇଲେ ଅଳ୍ପକାଳ ସେଠାରେ ରହି କମଳାଙ୍କ ସଙ୍ଗେ ଆହ୍ଲାବାଦକୁ ଫେରିବା ବେଳେ ଜବାହରଲାଲ ଏକ ସରକାରୀ ଆଦେଶ ପାଇଲେ । କୌଣସି ସଭାରେ ଭାଷଣ ଦେବାକୁ ତାଙ୍କୁ ମନା କରାଯାଇଛି । କିନ୍ତୁ, ସେ ଆହ୍ଲାବାଦରେ ପହଞ୍ଚି ଦେଖିଲେ ଯେ, ପ୍ରାୟ ଦୁଇହଜାର ଲୋକ ତାଙ୍କର ଅଭ୍ୟର୍ଥନା ପାଇଁ ସେଠାରେ ସମବେତ । ବହୁଦୂର ଗ୍ରାମାଞ୍ଚଳରୁ ମଧ୍ୟ ଲୋକେ ତାଙ୍କ ଅପେକ୍ଷାରେ ଅଛନ୍ତି । ସେମାନଙ୍କୁ କିପରି ନିରାଶ କରାଯିବ ? ତେଣୁ ସନ୍ଧ୍ୟାରେ ଏକ ସଭାରେ ସେ ଭାଷଣ ଦେବାକୁ ଯିବାରୁ ତାଙ୍କୁ ଜେଲ୍ କରାଗଲା ।

ଭାରତର ଶାସନ ସଂସ୍କାର ଆଲୋଚନା କରିବାକୁ ଲଣ୍ଡନ୍‌ଠାରେ ପ୍ରଥମ ଗୋଲଟେବୁଲ୍ ବୈଠକ ୧୯୩୦ ସାଲ ନଭେମ୍ବର ୧୨ ତାରିଖରେ ଅନୁଷ୍ଠିତ ହେଲା । କିନ୍ତୁ ସେଥିରେ କଂଗ୍ରେସ ପକ୍ଷରୁ କେହି ପ୍ରତିନିଧି ନଥିବାରୁ ତାହା କାର୍ଯ୍ୟକାରୀ ନୁହେଁ ବୋଲି ଅନୁଭୂତ ହେଲା । ତେଣୁ ଭାରତର ଭାଇସ୍‌ରାୟଙ୍କ ଆଦେଶକ୍ରମେ ଜବାହରଲାଲ, ଗାନ୍ଧୀ ଓ ଅନ୍ୟାନ୍ୟ କଂଗ୍ରେସ ନେତାମାନଙ୍କୁ ୧୯୩୧ ଜାନୁଆରୀ ୨୬ ତାରିଖ ଦିନ ଜେଲରୁ ମୁକ୍ତ କରାଗଲା । ସେଦିନ ଜବାହରଲାଲ ଖବର ପାଇଲେ ଯେ, ତାଙ୍କ ପିତାଙ୍କ ଅବସ୍ଥା ଉଦ୍‌ବେଗଜନକ । ତେଣୁ ସେ ଓ ଗାନ୍ଧୀ ଉଭୟ ଅବିଳମ୍ବେ ମୋତିଲାଲଙ୍କ ଶଯ୍ୟା ନିକଟରେ ଉପସ୍ଥିତ ହେଲେ । ପିତାଙ୍କର ଅବସ୍ଥା ଦେଖି ଜବାହରଲାଲ ଅତି କାତର ହୋଇ ପଡ଼ନ୍ତି । ସେତେବେଳେ କ୍ଷୀଣ ସ୍ୱରରେ ମୋତିଲାଲ ଗାନ୍ଧୀଙ୍କୁ ସୁହିଁ କହୁଥାନ୍ତି "ମୁଁ ଯାଉଚି ମହାତ୍ମାଜୀ ! ସ୍ୱରାଜ ଦେଖିବା ଭାଗ୍ୟ ମୋର ନାହିଁ । କିନ୍ତୁ ମୁଁ ଜାଣେ ତୁମେ ଅବିଳମ୍ବେ ଜୟଲାଭ କରିବ ।"

ସେଠାରେ ଅବସ୍ଥାନ ପରେ କମଳାଙ୍କ ସ୍ୱାସ୍ଥ୍ୟର ଅଳ୍ପ ଉନ୍ନତି ହେବାରୁ ଜବହରଲାଲ ବ୍ରିଟିନ୍, ଫ୍ରାନସ୍ ଓ ଜାର୍ମାନ ବୁଲିବାକୁ ଗଲେ, ଫେବୃୟାରୀ, ୧୯୨୭ରେ ଭାରତର ଜାତୀୟ କଂଗ୍ରେସର ପ୍ରତିନିଧି ରୂପେ ରୁଷିଆର ବ୍ରୁସେଲସ୍ ( Brussels ) ଠାରେ ଅନୁଷ୍ଠିତ ଶୋଷିତ ଜାତିସଂଘର ଅଧିବେଶନରେ ଅଳ୍ପ ସମୟ ପାଇଁ ଯୋଗଦେଇଥିଲେ । ସେତେବେଳେ ରୁଷିଆର ସେହି ସଭା ପ୍ରସଙ୍ଗ ତାଙ୍କ ମନରେ ଗଭୀର ରେଖାପାତ କଲା । ସେଠାରେ ଜବହରଲାଲ ଓ ମୋତିଲାଲ ଉଭୟେ ସୋଭିଏଟ ପ୍ରେସିଡେ଼ଣ୍ଟଙ୍କ ଦ୍ୱାରା ଅନ୍ୟ ସ୍ୱାଧୀନ ନାଗରିକ ପ୍ରତିନିଧିଙ୍କପରି ସମାନିତ ସ୍ଥାନ ପାଇଥିଲେ । ରୁଷିଆରେ ପ୍ରଚଳିତ କମ୍ୟୁନିଷ୍ଟ ଶାସନ ସଙ୍ଗେ ସେମାନଙ୍କ କାମ ଓ ଜୀବନଧାରଣରମାନ ଉଚ୍ଚକୋଟିର ହୋଇଥିଲେ ସୁଦ୍ଧା ସେଥିରେ ତାଙ୍କର ବିଶେଷ ଆଗ୍ରହ ସୃଷ୍ଟି କରି ନଥିଲା ।

ଭାରତରେ କ୍ରମେ ହିନ୍ଦୁ-ମୁସଲମାନ ସଂଘର୍ଷ ଓ ହତ୍ୟା କାଣ୍ଡ ଘନୀଭୂତ ହେଲା । ଡିସେମ୍ବର, ୧୯୨୬ରେ ମୁସଲମାନଙ୍କ ହାତରେ ଆର୍ଯ୍ୟସମାଜର ପ୍ରତିଷ୍ଠାତା ସ୍ୱାମୀ ଶ୍ରଦ୍ଧାନନ୍ଦ ନିହତ ସମ୍ବାଦ ଜବହରଲାଲଙ୍କ ପ୍ରାଣରେ ଘୋର ଆଘାତ ଦେଲା । ଏ ଘଟଣାର ପ୍ରାୟ ଆଠ ବର୍ଷ ପୂର୍ବେ ଦିଲ୍ଲୀର ଜୁମାମସଜିଦ୍‌ଠାରେ ସେହି ମହାନ୍ ସ୍ୱାମୀଜୀଙ୍କ ହୃଦୟସ୍ପର୍ଶୀ ଭାଷଣରେ କି ହିନ୍ଦୁ କି ମୁସଲମାନ ସମସ୍ତେ ଅଭିଭୂତ ହୋଇ ଏକ ସ୍ୱରରେ ଉଚ୍ଚାରଣ- କରିଥିଲେ "ହିନ୍ଦୁ ମୁସଲମାନ କି ଜୟ" । ଏଥିର ଅଳ୍ପକାଳ ପରେ ଜବହରଲାଲ, କମଳା ଓ ଇନ୍ଦିରାଙ୍କୁ ସଙ୍ଗରେ ନେଇ ଭାରତକୁ ଫେରିଆସିଲେ । କିନ୍ତୁ ମୋତିଲାଲ ଆଉ କିଛି ଦିନ ୟୁରୋପରେ ରହିବାକୁ ଇଚ୍ଛା କରିଥିଲେ ।

ଭାରତକୁ ଫେରି ଜବହରଲାଲ ରାଜନୈତିକ ଜାଲ ଭିତରେ ଛନ୍ଦି ହୋଇ ରହିଲେ । ମାନ୍ଦ୍ରାଜରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସେ ସର୍ବ ପ୍ରଥମେ ଭାରତର ପୂର୍ଣ୍ଣ ସ୍ୱାଧୀନତା ହିଁ ଭାରତର ଦାବୀ ବୋଲି ଘୋଷଣା କରନ୍ତି । କିନ୍ତୁ ଗାନ୍ଧୀ ଏଥିର ସାଫଲ୍ୟରେ ସନ୍ଦେହ କରୁଥିଲେ । ତେଣୁ ନୀତି ଦୃଷ୍ଟିରୁ ଉଭୟ ଶୀର୍ଷ ନେତାଙ୍କ ଦୁଇଟି ଭିନ୍ନ ମତ ପ୍ରକଟିତ ହେଲା । ଗାନ୍ଧୀଙ୍କ ଅନ୍ୟ ଏକ ନୀତିଥିଲା, ମିସିନ୍ ଚାଳିତ ଶିଳ୍ପ ସ୍ଥାନରେ ହସ୍ତଚାଳିତ ଚରଖା ଓ ତନ୍ତ ବ୍ୟବହାର କରିବା ଭାରତ ପକ୍ଷରେ ଉତ୍ତମ ବ୍ୟବସ୍ଥା, କିନ୍ତୁ ଜବାହରଲାଲ ଏହା ଗ୍ରହଣ କରୁନଥିଲେ ।

ସେତେବେଳେ ବଲ୍ଲଭଭାଇ ପଟେଲ ତାଙ୍କର ଆଇନ୍ ବ୍ୟବସାୟ ଛାଡ଼ି ବମ୍ବେରେ ପ୍ରାଦେଶିକ ସରକାର ଜମିର ଶତକଡ଼ା ୨୨କୁ ବଢ଼ାଇବା ବିପକ୍ଷରେ ପ୍ରତିବାଦ କରି ବରଦୋଲିରେ ପ୍ରଜା ଆନ୍ଦୋଳନ ହୋଇଥିଲା । ସେଥିରେ ପଟେଲ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

୧୯୨୭ରେ ବ୍ରିଟିଶ ସରକାର ଭାରତରେ ଶାସନ ସଂସ୍କାର ନିମନ୍ତେ ସାର ଜନ୍ ସାଇମାନ୍‌ଙ୍କୁ କମିଶନ କରି ପଠାଇଲେ । କିନ୍ତୁ ସେହି କମିଶନ୍‌ରେ କେହି ଭାରତୀୟ ସଭ୍ୟ ନଥିବାର ସମଗ୍ର ରାଜ୍ୟରେ ସାଇମନ୍ କମିଶନକୁ ଓ ତାଙ୍କ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରାଗଲା । ବମ୍ବେରେ ତାଙ୍କ ପଦାର୍ପଣ ମାତ୍ରେ "Simon, go back )" ସାଇମନ୍ ଫେରି ଯାଅ) ବୋଲି କଳାପତାକାମାନ ପ୍ରଦର୍ଶିତ ହେଲା । ସେତେବେଳେ ପଞ୍ଜାବକେଶରୀ ୬୪ ବର୍ଷୀୟ ବୟସ ଲାଲ ଲଜପତରାୟ ପୁଲିସ ଲାଠିରେ ଆହତ ହୋଇ କିଛି ଦିନ ପରେ ମୃତ୍ୟୁଲାଭ କରନ୍ତି । ଏହା ସେଠା ଜନତାଙ୍କୁ ଅଧିକ ଉତ୍ତେଜିତ କରି ଦେଲା ।

ଜବହରଲାଲଙ୍କ ନେତୃତ୍ୱରେ ଲକ୍ଷ୍ନୌ ଏକ ବିରାଟ ଶୋଭା ଯାତ୍ରା ସହର ପରିକ୍ରମା କରି ସଭା କରିବାରୁ ଲୋକଙ୍କୁ ସେଠାରୁ ବିତାଡ଼ିତ କରିବାକୁ ୫୦ ଜଣ ଅଶ୍ୱାରୋହୀ ସେନାଙ୍କୁ ସରକାର ନିଯୁକ୍ତ କଲେ । ଅଶ୍ୱାରୋହୀଙ୍କ ପ୍ରବଳ ଅଶ୍ୱଚାଳନାରେ ଜନତା ଛିନ୍ନଛତ୍ର ହୋଇ ଗଲେ ସୁଦ୍ଧା ଜବହରଲାଲ ରାସ୍ତା ମଧ୍ୟରେ ଦଣ୍ଡାୟମାନ ହୋଇ ସେ ବିଭତ୍ସ ଦୃଶ୍ୟ ଦେଖୁଥାନ୍ତି । ସେତେବେଳେ ତାଙ୍କ କାନ୍ଧରେ ପୁଲିସ ଲାଠିର ଦୁଇଟି ଜୋର ପ୍ରହାର ହୋଇଥିଲା । ସେ ଏଥିରେ ସ୍ତମ୍ଭିତ ହୋଇଗଲେ, ତଥାପି ସ୍ଥାନ ତ୍ୟାଗ କଲେ ନାହିଁ । ସେତେବେଳେ ମୋତିଲାଲ ଆହ୍ଲାବାଦରେ ଏ ସମ୍ବାଦ ପାଇ ଅବିଳମ୍ବେ ଲକ୍ଷ୍ନୌ ଯାଇ ଜବହରଲାଲଙ୍କୁ ଘଟଣା କ'ଣ ବୋଲି ପଚାରିବାରୁ ସେ କହିଲେ– ଯେଉଁ ଲାଠି ମୋ କାନ୍ଧରେ ପଡ଼ିଲା ତାହା ସଂଭାଳିବାକୁ ମୋର ଶକ୍ତି ଥିଲା, କିନ୍ତୁ ପୁଲିସର ସେ ବ୍ୟବହାରରେ ମୁଁ ସ୍ତମ୍ଭିତ ହୋଇ ଯାଇଥିଲି । ତଥାପି ସେହି ଦୁର୍ବିସହ ଅବସ୍ଥାରେ ମଧ୍ୟ ମୋର ମାନସିକ ଅବସ୍ଥା କିପରି ସ୍ଥିର ରହୁଥିଲା ତାହା ହିଁ ଆଶ୍ଚର୍ଯ୍ୟ ।"

ଏ ଘଟଣା ପରେ ଲକ୍ଷ୍ନୌରେ ପରଦିନ ପ୍ରଭାତରୁ ବହୁଲୋକ ଏକତ୍ର ହୋଇ ପୁଲିସ୍ ଷ୍ଟେସନକୁ ଯାଇ "ସାଇମନ୍ ଫେରିଯାଅ" ବୋଲି ଧ୍ୱନା କଲେ । ଆଉଥରେ ସେଠି ଅଶ୍ୱାରୋହୀ ପୁଲିସ୍‌ଙ୍କ ଲାଠିଚାଳନା ଅବ୍ୟାହତ ରହିଲା । ଜନତାଙ୍କ ସଂଘର୍ଷ-ଧ୍ୱନୀ ଓ ପୁଲିସ୍‌ର ଲାଠି ଚାଳନା ହେତୁ ତାହା ଏକ ଯୁଦ୍ଧ ଭୂମି ପରି ଦେଖା ଗଲା । ତାହା ବର୍ଣ୍ଣନା କରି ଜବାହାରଲାଲ ଲେଖିଛନ୍ତି, ".....a dull anger seized me and a desire to hit out" କିନ୍ତୁ ତାଙ୍କର ଅତ୍ୟନ୍ତ ସହିଷ୍ଣୁତା ତାଙ୍କୁ ପ୍ରତିଆକ୍ରମଣ କରାଇଲା ନାହିଁ । ନଚେତ୍ ସହଜରେ ତାଙ୍କ ନିକଟରେ ଥିବା ଅଶ୍ୱାରୋହୀକୁ ସହଜରେ ତଳେ ପକାଇ ନିଜେ ସେହି ଅଶ୍ୱରେ ବସି ପ୍ରହାରର ପ୍ରତିଶୋଧ ନେଇ ପାରନ୍ତେ । ସେ ଯଦି ହିଂସାର ପ୍ରତିହିଂସା କରିଥାନ୍ତେ ତେବେ ବହୁ ନିରୀହ ପ୍ରାଣ ସେଠାରେ ନିଃଶେଷ ହୋଇଯାନ୍ତା ।

ଏହି ଦୁର୍ଘଟଣାର ଖବର ପ୍ରଚାର ହେଲା ପରେ ମହାତ୍ମା ଗାନ୍ଧୀ ଲେଖିଥିଲେ : "May God spare you for many a long year to come, and make you this chosen instrument for freening India from the yoke".

ସାଇମନ୍ କମିଶନ୍ ଗଲା ପରେ ବମ୍ବେଠାରେ ଏକ 'ସର୍ବଦଳ ସମ୍ମିଳନୀ' ଅନୁଷ୍ଠିତ ହୋଇ ଭାରତର 'ଶାସନ ଖସଡ଼ା'ର ଏକ କିତାବ ଲେଖିବା ଭାର ପଣ୍ଡିତ ମୋତିଲାଲ ନେହେରୁଙ୍କୁ ଉପରେ ନ୍ୟସ୍ତ କରାଗଲା । ଅର୍ଦ୍ଧ ସ୍ୱାଧୀନତା (Dominion States) ପାଇବା ବିରୁଦ୍ଧରେ ଜବାହରଲାଲ ଦୃଢ଼ ଭାବେ ସ୍ୱର ଉଠାଇଲେ କଂଗ୍ରେସ ମଣ୍ଡପରେ । ତାଙ୍କର ଦାବୀ ଥିଲା, ପୂର୍ଣ୍ଣ ସ୍ୱାଧୀନତା । ତେଣୁ ସେ କଂଗ୍ରେସର ସେକ୍ରେଟରୀ ପଦରୁ ଇସ୍ତଫା ଦାଖଲ କଲେ । କିନ୍ତୁ ତାହା ଗୃହୀତ ହେଲା ନାହିଁ । କଲିକତା ଅଧିବେଶନରେ ଏହି ନୀତି ନେଇ ପିତା ପୁତ୍ରଙ୍କ ମଧ୍ୟରେ ଘୋର ଦ୍ୱନ୍ଦ୍ୱ ଉପୁଜିଲା । ଏହା ଫଳରେ କଂଗ୍ରେସରେ ଦୁଇଟି ଦଳ ସୃଷ୍ଟି ହେଲା ।

ଜେଲରୁ ଖଲାସ କରାଗଲା । ଜବାହରଲାଲ ଫେରିଆସି ମନେକଲେଯେ, ତାଙ୍କ ଏକମାତ୍ର ଯୁବତୀକନ୍ୟା ଇନ୍ଦିରାର ବିଷୟରେ ସେ କିଛି ଜାଗ୍ରତ ନେଇପାରି ନାହାନ୍ତି । ତେଣୁ ବହୁତଗୁଡ଼ିଏ ଶିକ୍ଷାମୂଳକଚିଠି ସେ ତାଙ୍କୁ ବିଭିନ୍ନ ଜେଲରୁ ତିନିବର୍ଷ ମଧ୍ୟରେ ଲେଖିଥିବା ଜଣାଯାଏ । ସେହିଚିଠି ଗୁଡ଼ିକ ଏକାଠିକରି ଜବାହରଲାଲ ଜେଲରୁ ଫେରିଲାପରେ ଗୋଟିଏ ପୁସ୍ତକାକାରରେ ତାହା ଛପାଇ ସେଥିର ନାମ ରଖିଲେ "Glimpses of world History", ବହିଟି ଇନ୍ଦିରାଙ୍କ ଷୋଡ଼ଶ ଜନ୍ମ ତିଥିରେ ତାଙ୍କୁ ଉପହାର ଦେଇଥିଲେ । ଇନ୍ଦିରା ମଧ୍ୟ ପିତାଙ୍କ କୌଣସି ଜନ୍ମତିଥିରେ ତାଙ୍କୁ ଅଭିନନ୍ଦନ-ପତ୍ର ଦେବାକୁ ଭୁଲନ୍ତିନାହିଁ । ୧୯୩୩ ନଭେମ୍ବର ମାସରେ ଜବାହରଲାଲ ତାଙ୍କ ଆଦରର କନ୍ୟାକୁ ଲେଖିଥିଲେ: "Indira sweet heart..when one gets old as I am, birthdays are not quite so welcome as they are to be, But a birthday better from you is always wel come....".

ଜବାହରଙ୍କ ଜନ୍ମତିଥିରେ ତାଙ୍କର ଜଣେ ବନ୍ଧୁ ଡ଼ାଃ ସୌଦମାମୁଦ କେତୋଟି ବହି ଓ ଗୋଟିଏ ସୁନ୍ଦର ରେଜର ଉପହାର ଦେଇଥିଲେ । ତାଙ୍କୁ ଧନ୍ୟବାଦ ଦେଇ ଗୋଟିଏ ପତ୍ରରେ ସେ ଲେଖିଲେ, "ତୁମେ ବୋଧହୁଏ ଭୁଲି ଯାଇଥିବ, ରେଜରଟି 'British made' (ବ୍ରିଟିଶ ତିଆରି) ଏ ରେଜର ମୁଁ ବ୍ୟବହାର କରେନି" ବାସ୍ତବରେ କୌଣସି ବିଦେଶୀ ଜିନିଷ ସେ ବ୍ୟବହାର କରୁ ନ ଥିଲେ ।

ବହୁଦିନ ପରେ ଜବାହରଲାଲ ଜେଲରୁ ଖଲାସ ହୋଇ ଅବିଳମ୍ବେ ମାଙ୍କୁ ଦେଖିବା ପାଇଁ ଲକ୍ଷ୍ନୌ ଗଲେ । କିଛି ଦିନ ପରେ ମାଙ୍କର ସ୍ୱାସ୍ଥ୍ୟ ଅଳ୍ପ ଭଲ ହେବାରୁ ଗାନ୍ଧୀଜୀଙ୍କୁ ଦେଖିବାକୁ ପୁନା ଯାତ୍ରା କଲେ । ପ୍ରାୟ ଦୁଇ ବର୍ଷ ପରେ ଦୁହିଁଙ୍କ ଭେଟ ହେଲା । ଜବାହରଲାଲ ଆଗରୁ ସ୍ଥିର କରିଥିଲେ, ଭାରତ ସ୍ୱାଧୀନ ପରେ ତାହା ଏକ ସମାଜତାନ୍ତ୍ରିକ ରାଜ୍ୟ କରା ହେବ । ଗାନ୍ଧିଜୀ କହିଲେ ଯେ, ଏହା ଅଭ୍ୟାସ ସୂତ୍ରରେ ନୁହେଁ, କିନ୍ତୁ ବାଧ୍ୟବାଧକତାରେ ହିଁ ସଂଭବ ହୋଇ ପାରିବ ।

ସେ ଦେଖିଲେ ଯେ, ଭାରତରେ କ୍ରମେ ସ୍ୱାଧୀନତା ପାଇଁ ଉତ୍ତେଜନା ଧୀରେ ଧୀରେ ଶିଥିଳ ହୋଇ ଯାଉଛି । କିଛି କରିବା ଦରକାର । ବହୁ ସଭା ସମିତିରେ ସେ ପୁଣି ଭାଷଣ ଦେବାକୁ ଲାଗିଲେ । ଥରେ କଲିକତାର ଏକ ସଭାରେ ଭାଷଣ ପ୍ରସଙ୍ଗରେ ସେଠା ସରକାରଙ୍କ ବିରୁଦ୍ଧରେ କହିବାରୁ ସପ୍ତମ ଥର ତାଙ୍କୁ ଜେଲରେ ଆବଦ୍ଧ କରାଗଲା ।

ସେତେବେଳେ କମଳା ନେହେରୁଙ୍କ ସ୍ୱାସ୍ଥ୍ୟ କ୍ରମେ ଭାଙ୍ଗି ପଡୁଛି ଓ ତାଙ୍କ ଜୀବନର ଶେଷ ପର୍ଯ୍ୟାୟ ନିକଟକୁ ଆସିଗଲାଣି, ଏ କଥା ତାଙ୍କ ମନରେ ପ୍ରବେଶ କରି ନ ଥିଲା । ଦିନେ ସେ ଜେଲରେ ତାଙ୍କୁ ସାକ୍ଷାତ କରିବାକୁ ଗଲାବେଳେ ଜବାହରଲାଲ ସ୍ପଷ୍ଟ ଦେଖି ପାରିଲେ କିପରି ତାଙ୍କୁ ଦୁର୍ବଳତା ସର୍ଶ କରିଛି ଓ ତନୁ ନିସ୍ତେଜ ହୋଇଛି । ସେତେବେଳେ ସେ ବୁଝିଲେ ଯେ, ଅତି ଶୋଚନୀୟ ଅବସ୍ଥା ଆଡ଼କୁ ସେ ଗତି କରୁଛନ୍ତି ।

ଅଗଷ୍ଟରେ ଜବାହରଲାଲଙ୍କୁ ଡେରାଡୁନ୍ ଜେଲକୁ ସ୍ଥାନାନ୍ତରିତ କରାଗଲା । ବଙ୍ଗ ପ୍ରଦେଶର ଆଲିପୁର ଜେଲର ଗହଳି ସେଠାରେ ନାହିଁ । ପୂର୍ବର ସେଠା ଜେଲରୁ କ୍ୟାପ୍ଟେନ୍ ଫାଲ୍‌ଭି (Captain Faluve) ଜଣେ ହୃଦୟବାନ୍ ଥିଲେ । ଜବାହାରଲାଲଙ୍କୁ ସେ ଅଧିକ ଶ୍ରଦ୍ଧା ଓ ସୁବିଧା ଦେଉଥିବା ଫଳରେ ସେ ଅଫିସରଙ୍କୁ ଡେରାଡୁନ୍ ଜେଲରୁ ମୀରଟକୁ ବଦଳି କରାଗଲା, । ଡେରାଡୁନ୍ ଜେଲରେ ଜବାହରଲାଲଙ୍କ ତାଙ୍କ ଆତ୍ମ ଜୀବନୀ (Autobiography) ଲେଖିବାକୁ ଆରମ୍ଭ କରିଥିଲେ ।

କମଳାଙ୍କ ଶାରୀରିକ ଅବସ୍ଥା କ୍ରମେ ଉଦ୍‌ବେଗଜନକ ଅବସ୍ଥାରେ ପହଞ୍ଚିଲା । ତେଣୁ କିଛି ଦିନ ଘରକୁ ଯିବା ପାଇଁ ତାଙ୍କୁ ଅନୁମତି ମିଳିଲା । ତାଙ୍କ ବୃଦ୍ଧା ମାଙ୍କ ସ୍ୱାସ୍ଥ୍ୟ ମଧ୍ୟ ଭଲ ନଥାଏ । କେବଳ ୧୭ ବର୍ଷୀୟ କନ୍ୟା ଇନ୍ଦିରାହିଁ ଘରେ ସୁସ୍ଥ ଦେଖା ଯାଉଥାନ୍ତି । ତାଙ୍କଠାରେ ଥିଲା ପିତାଙ୍କ ପରି ଶକ୍ତି ସଂପନ୍ନ ଶରୀର ଓ ପିତାମହଙ୍କ ପରି ଦୃଢ଼ତା । ଜବାହରଲାଲଙ୍କ ଗୃହଗମନରୁ ୧୧ ଦିନ ପରେ ଯେତେବେଳେ ତାଙ୍କୁ ଜେଲକୁ ଫେରାଇ ନେବାକୁ ପୁଲିସ୍ ଆସିଲେ, ତାଙ୍କ ମା ସେଥିରେ ଘୋର ପ୍ରତିରୋଧ କରନ୍ତି; କାରଣ ସେ ଜାଣିଥିଲେ, ତାଙ୍କର ବେଶିକାଳ ବଞ୍ଚିବା ଆଶା ଅତି କ୍ଷୀଣ । ଏଣୁ ଶେଷ କାଳରେ ପୁତ୍ରର ଅନୁପସ୍ଥିତି ତାଙ୍କ ପକ୍ଷରେ ଏକ ଦାରୁଣ ଆଘାତ । ଜବାହରଲାଲ ତାଙ୍କ ଆତ୍ମଜୀବନରେ ଲେଖିଛନ୍ତି: "ମାଙ୍କର ସେହି ଭଗ୍ନମୁଖ ମୁଁ ବହୁକାଳ ଯାଏ ବିସ୍ମୃତ ହୋଇ ପାରିଲି ନାହିଁ "

ଜବାହରଲାଲଙ୍କ ମନେ ହେଲା, ଯଦି ସେ କିଛି କାଳ ପାଇଁ ରାଜନୀତିରୁ ଅଲଗା ହୋଇ ରହିବେ ତା'ହେଲେ ତାଙ୍କୁ ବନ୍ଦୀରୁ ମୁକ୍ତି ମିଳି ପାରିବ ଓ କମଳାଙ୍କ ଚିକିତ୍ସା ସେବା କରିବା ସମ୍ଭବ ହେବ । କିନ୍ତୁ ତାଙ୍କ ପକ୍ଷରେ କଂଗ୍ରେସ ଓ ସହକର୍ମୀମାନଙ୍କୁ ସମ୍ମୁଖରେ ସେ ଯେଉଁ ପ୍ରତିଜ୍ଞା ଓ ପ୍ରମାଣ କରିଅଛନ୍ତି, ତାହା ପ୍ରତ୍ୟାହାର କରିବା ସମ୍ଭବ ନୁହେଁ । ଏପରି ଘୋର ଦୁରାବସ୍ଥାରେ ଅନ୍ୟମାନେ ଯାହା କରନ୍ତେ, ସେପରି କର୍ମ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ତେଣୁ ତାଙ୍କୁ ଜେଲକୁ ଫେରି ଯିବାକୁ ପଡ଼ିଲା ।

ଅକ୍ଟୋବର ମାସରେ ତାଙ୍କୁ ଗୃହକୁ ଅଣାଗଲା । ସେତେବେଳେ କମଳାଙ୍କ ଦେହର ଉତ୍ତାପ ଯଥେଷ୍ଟ ବଢ଼ି ଯାଇଛି । ଜବାହରଲାଲଙ୍କୁ ଶଯ୍ୟା ପାର୍ଶ୍ୱରେ ଦେଖି ତାଙ୍କ ଅଧରରେ ହାସ୍ୟରେଖା ଦେଖାଦେଲା । ସେ ଧୀରକଣ୍ଠରେ କହିଲେ "ପାଖକୁଆସ" ଜବାହରଲାଲ ନଇଁ ପଡ଼ିବାରୁ ସେ ଅତି ମୃଦୁକଣ୍ଠରେ ପଚାରିଲେ "ସତେ କ'ଣ ତମେ ରାଜନୀତି ଛାଡ଼ି ଦେବାକୁ ସରକାରଙ୍କୁ ପ୍ରତିଶ୍ରୁତି ଦେଲେ ମୁକ୍ତି ମିଳିବ ? ନା-ତାହା ଛାଡନି" ।

କମଳାଙ୍କ ଅବସ୍ଥା ଅତି ଉଦ୍‌ବେଗଜନକ ଦେଖି ତାଙ୍କୁ ଭୋୱାଲି ପାର୍ବତୀୟ ସ୍ୱାସ୍ଥ୍ୟ ନିବାସକୁ ଚିକିତ୍ସା ପାଇଁ ନିଆଗଲା । ଏଥିର ତିନି ସପ୍ତାହପରେ ଜବାହରଲାଲଙ୍କୁ ଆଲ୍‌ମୋରା ଜେଲକୁ ସ୍ଥାନାନ୍ତରିତ କରାଗଲା । ତାହା ଏକ ଅତି ରମଣୀୟ ସ୍ଥାନ । ଜବାହରଲାଲ ବିଗ୍ଭର କଲେ ଜେଲରୁ ମୁକ୍ତ ହେଲାପରେ ସେ କିଛି ଦିନ ସେଠାକୁ ଯାଇ ବିଶ୍ରାମ ନେବେ । ଯା ଭିତରେ କମଳାଙ୍କ ସ୍ୱାସ୍ଥ୍ୟରେ ଅଳ୍ପକିଛି ଉନ୍ନତି ଦେଖାଗଲା । ଜବାହରଲାଲ ଥରେ ମେ ମାସ, ୧୯୩୫ ସାଲ ପର୍ଯ୍ୟନ୍ତ ପ୍ରତି ତିନି ସପ୍ତାହରେ ଥରେ ତାଙ୍କୁ ଦେଖି ଆସନ୍ତି । ସେବର୍ଷ ସେପ୍ଟେମ୍ବର ମାସରେ ତାଙ୍କ ଜେଲ୍ ସମୟ ପୁରିବା ଆଗରୁ ଅପ୍ରତ୍ୟାଶିତଭାବେ ତାଙ୍କୁ ଜେଲରୁ ମୁକ୍ତ କରାଗଲା । ସଙ୍ଗେ ସଙ୍ଗେ ସେ ୟୁରୋପ ଯାତ୍ରା କଲି

ଏଥିର ଅଳ୍ପଦିନ ପରେ ମୋତିଲାଲଙ୍କ ମର ଆତ୍ମା ଚାଲିଗଲେ ଅମର ଧାମକୁ । ତାଙ୍କର ମୃତ ଶରୀର ନେଉଥିବେଳେ ଲକ୍ଷ୍ନୌ ଠାରୁ ଆହ୍ଲାବାଦ ଯାଏ ୨୦୦ କିଲୋମିଟର ଦୂର ବିଶିଷ୍ଟ ରାସ୍ତାର ଉଭୟ ପଟେ ହଜାର ହଜାର ଲୋକ ଠିଆ ହୋଇ ସେହି ମହାପ୍ରାଣ ନେତାଙ୍କ ମହାପ୍ରୟାଣ ଯାତ୍ରା ଦର୍ଶନ କରି ଥିଲେ । ଆହ୍ଲାବାଦରେ ଶୋକାକୁଳ ପରିବାର ସଙ୍ଗେ ମହାତ୍ମାଗାନ୍ଧୀ ବସି ରହି ନିଜେ ଅଧୀର ହୋଇ ସୁଦ୍ଧା ଅନ୍ୟ ମାନଙ୍କୁ ସାନ୍ତ୍ୱନା ଦେଉଥାନ୍ତି । ଜବାହରଲାଲଙ୍କ ମା ସ୍ୱରୂପରାଣୀ ଦୁଃଖରେ ସ୍ତମ୍ଭିତ ହୋଇ ବସିଥିଲାବେଳେ ବାହାର ବଗିଚାରେ ତେରବର୍ଷିଆ ଇନ୍ଦିରା ବୁଲି ବୁଲି କାନ୍ଦିବା ଦୃଶ୍ୟ ଉପସ୍ଥିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ମୋତିଲାଲଙ୍କ ଦେହକୁ କଂଗ୍ରେସର ତ୍ରିରଙ୍ଗା ପତାକାରେ ଆବୃତକରି ଶ୍ମଶାନକୁ ବୋହି ନିଆଗଲା ଓ ସେହି ମହାନ୍ ନେତାଙ୍କ ଶରୀର ଭସ୍ମରେ ପରିଣତ ହେଲା ।

ମୋତିଲାଲଙ୍କ ମୃତ୍ୟୁ ପରେ ମହାତ୍ମାଗାନ୍ଧୀ ଦିଲ୍ଲୀକୁ ଯାଇ ଲର୍ଡ୍‌ଇରୱିନ୍ ( Loid Irwin ) ସଙ୍ଗେ ଗୋଟିଏ ସନ୍ଧି କଲେ ଯାହାକି 'Gandhi-irwin-Pect' ବୋଲି କୁହାଯାଏ । ଏହାପରେ ଇଂଲଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଗାନ୍ଧୀଙ୍କର ଯୋଗଦାନ ଅନେକ ଜାତୀୟ ନେତାଙ୍କ ବିଷାଦ ଉଦ୍ରେକ କଲା, ଯେତେବେଳେ ସେମାନେ ଖବର ପାଇଲେ ଯେ, ଭାରତରେ 'ସତ୍ୟାଗ୍ରହ'ରେ ଅବସାନ କରିବାକୁ ଗାନ୍ଧି ଚୁକ୍ତିବଦ୍ଧ ହୋଇ ଅଛନ୍ତି । ଭାରତକୁ ଜଣେ ନୂତନ ଭାଇସ୍‌ରାୟ ଇଂଲଣ୍ଡରୁ ପଠାହେଲା । ତାଙ୍କ ଆଗମନ ପରେ ଭାରତର ଜାତୀୟ କଂଗ୍ରେସ ଏକ ଆପତ୍ତିଜନକ ଓ ନିଷିଦ୍ଧ ଅନୁଷ୍ଠାନ ରୂପେ ସର୍କାରଙ୍କ ପକ୍ଷରୁ ଘୋଷିତ ହେଲା । ତେଣୁ ଭାରତରେ ପୁନର୍ବାର ଆଇନ୍ ଅମାନ୍ୟ ଆନ୍ଦୋଳନ ତୀବ୍ର ଭାବେ କାର୍ଯ୍ୟକାରୀ ହେଲା । ଉଗ୍ରବାଦୀ ଦଳ ପ୍ରତ୍ୟେକ ଅଞ୍ଚଳରେ ଦେଖା ଦେଲେ । ଜବାହରଲାଲ ଜାଣିଥିଲେ, ଭାରତ ପକ୍ଷରେ ଉଗ୍ରବାଦ ଆଦୌ ହିତକର ନୁହେଁ, ବରଂ ସ୍ୱାଧୀନତା ହାସଲ ପାଇଁ ଘୋର କ୍ଷତିକାରକ । ତେଣୁ ସେ ଏକଥା କଲିକତା ସଭାରେ ବୁଝାଉ ଥିଲେ । କିନ୍ତୁ ସେ କଲିକତାରୁ ଫେରିବା ପଛେ ପଛେ ଦୁଇଜଣ ଉଗ୍ରବାଦୀ ଯୁବକ ତାଙ୍କୁ ସାବଧାନ କରାଇବାକୁ ଯାଇ କହିଥିଲେ, ସେ ଯଦି ଅହିଂସାବାଦ ନଛାଡ଼ିବେ ସେ ମଧ୍ୟ ଅନ୍ୟ ମାନଙ୍କ ଦଶା ଭୋଗ କରିବେ—ଅର୍ଥାତ୍ ନିହତ ହେବେ । ଏଥିରେ ଜବାହରଲାଲ ଭୟଭୀତ ହୋଇନଥିଲେ ସୁଦ୍ଧା ସ୍ପଷ୍ଟ ବୁଝି ପାରିଲେ ଲୋକେ କେଉଁ ଉପାୟରେ ହେଉ ଭାରତର ସ୍ୱାଧୀନତା ପାଇବାକୁ ଉଦ୍‌ଗ୍ରୀବ ହୋଇ ଅଛନ୍ତି ।

୧୯୩୧ସାଲ ଶେଷରେ ସରକାରଙ୍କ ଆଦେଶ ଅମାନ୍ୟ କରି ସଭାସମିତିରେ ଭାଷଣଦେବା ଅଭିଯୋଗରେ ଜବାହରଲାଲଙ୍କୁ ବନ୍ଦୀ କରାଗଲା । ଏହା ତାଙ୍କର ଷଷ୍ଠଥର ଜେଲବରଣ । ନାଇନିଜେଲରେ ୬ମାସପାଇଁ ଆବଦ୍ଧ କରାଗଲା । ସେତେବେଳେ ଭାରତରୁ ପ୍ରାୟ ଲକ୍ଷେ ଜାତୀୟବାଦୀ ଜେଲ ଯାଇଥିବା ଜଣାଯାଏ । ଜବହରଲାଲଙ୍କୁ ୬ମାସପରେ ନାଇନିଜେଲରୁ ବାରେଲି ଡିଷ୍ଟ୍ରିକ୍ଟଜେଲକୁ ଅଣାଗଲା । ଜବାହରଲାଲଙ୍କ ଭଗ୍ନୀ (ବିଜୟଲକ୍ଷ୍ମୀ ଓ କୃଷ୍ଣା)ଙ୍କୁ ମଧ୍ୟ ୬ମାସ ଲେଖାଏ ଜେଲରେ ଆବଦ୍ଧ କରାଗଲା । ଜେଲରେ ଥିଲାବେଳେ ସେ ତାଙ୍କ ଭଉଣୀ ବିହିଁକୁ ପରିହାସକରି ଯେଉଁଚିଠି ଲେଖିଥିଲେ, ସେଥିର ଗୋଟିଏ ବାକ୍ୟ ହେଉଛି '..What is the good of going to Jail if one does not improve in health and weight "

("ଯଦିକେହି ନିଜର ସ୍ୱାସ୍ଥ୍ୟ ପୁଣି ଓଜନ ବଢ଼ାଇ ନପାରନ୍ତି, ତେବେ ତାଙ୍କପକ୍ଷରେ ଜେଲଯିବାର ଫଳକଣ ?") । ବାସ୍ତବରେ ଜେଲରେ ହିଁ ତାଙ୍କର ମାନସିକ ଓ ଶାରୀରିକ ପ୍ରଫୁଲ୍ଲତା ବଢ଼ି ପାରୁଥିଲା । କାରଣ ଜେଲରେ ସେ ପୁସ୍ତକ ଓ ପତ୍ରିକା ପାଠ କରିବାକୁ ପୁଣି ବିଶ୍ରାମ ନେବାକୁ ଯଥେଷ୍ଟ ସମୟ ପାଇପାରୁଥିଲେ ।

ସେତେବେଳେ କମଳାନେହରୁ ବମ୍ବେରେ ଅସୁସ୍ଥତା ଭୋଗକରିଥାନ୍ତି; କାରଣ ସେଠାରେ ଆଇନ୍‌ଭଙ୍ଗ ଆନ୍ଦୋଳନରେ ତାଙ୍କପକ୍ଷେ କିଛି କରିବାକୁ ନଥାଏ । ଜବାହରଲାଲ ଜେଲ୍‌ରେ ରହିଥିଲାବେଳେ ଖବରପାଇଲେ ଯେ, ତାଙ୍କମା ଲାଠିମାଡ଼ରେ ଆଘାତ ପାଇଛନ୍ତି, ଯେତେବେଳେ ଆହ୍ଲାବାଦରେ ଏକଶୋଭା-ଯାତ୍ରା ଆଗରେ ସେ ଯାଉଥିଲେ । ସେଥର ଜେଲରେ ଜବାହରଲାଲଙ୍କ ସ୍ୱାସ୍ଥ୍ୟ ମଧ୍ୟ ସେତେ ଭଲ ନଥିଲା । ତେଣୁ ଲାଠିମାଡ଼ରେ ଆଘାତ ପାଇଥିବା ଗୋବିନ୍ଦବଲ୍ଲଭ ପନ୍ଥ ଓ ଜବହରଲାଲଙ୍କୁ ସ୍ୱାସ୍ଥ୍ୟକର ଡେରାଡୁନ୍ ଜେଲକୁ ସ୍ଥାନାନ୍ତରିତ କରାଗଲା । ସେଠାରୁ ଇନ୍ଦିରାଙ୍କୁ ଗୋଟିଏ ପତ୍ରଲେଖି ଜଣାଇଲେ ଯେ, ବାରେଲି ଜେଲ୍ ଅପେକ୍ଷା ଡେରାଡୁନ୍‌ଜେଲ୍ ଏକ ଆରାମପ୍ରଦ ସ୍ଥାନ । ଏଠାରେ ବେଶୀ ଗ୍ରୀଷ୍ମନାହିଁ । ଚତୁର୍ଦ୍ଦିଗରେ ତରୁଛାୟା ବେଢ଼ିଛି । ସବୁଶେଷରେ ବିରାଟ ପର୍ବତ, ଯାହା ଶିଖରରେ ସ୍ୱାସ୍ଥ୍ୟ ନିବାସ ମସୁରି ବିଦ୍ୟମାନ ।

ଜବାହରଲାଲ ଯେଉଁସବୁ ପୁସ୍ତକ ଜେଲରେ ପଢୁଥିଲେ ତାହା ତାଙ୍କ ଡାଇରିରେ ଲେଖି ରଖୁଥାନ୍ତି । ସେତେବେଳେ ଭାରତରେ ଆଇନ୍ ଅମାନ୍ୟ ଆନ୍ଦୋଳନ ଧିମେଇ ଯାଇଥାଏ । ଗାନ୍ଧିଜୀ 'ହରିଜନ' ଅର୍ଥାତ୍ ଅସ୍ପୃଶ୍ୟତା ବିରୋଧ ସେବାରେ ଲାଗିଥାନ୍ତି । କିନ୍ତୁ, ତାଙ୍କର ସେହିନୀତି ବିରୋଧରେ କୁଞ୍ଚି-ରକ୍ଷଣଶୀଳ-ହିନ୍ଦୁମାନେ ଘୋର ଆପତ୍ତି ସୃଷ୍ଟି କଲେ । ତେଣୁ ସେଥିର ପ୍ରତିକାର ଆଶାରେ ଗାନ୍ଧୀ ୨୧ଦିନ ବ୍ୟାପୀ ଅନାହାର ବ୍ରତ ପାଳନ କରିଥିଲେ । ଏସମ୍ବାଦ ପାଇ ଜବାହରଲାଲ ବ୍ୟସ୍ତ ହୋଇ ପଡ଼ିଲେ । କାରଣ ତାଙ୍କ ମତରେ ଭାରତର ମୁଖ୍ୟ ଲକ୍ଷ୍ୟ ପୂର୍ଣ୍ଣ-ସ୍ୱାଧୀନତା ପ୍ରାପ୍ତି ପୂର୍ବରୁ ଏପରି ଗୌଣ ସମସ୍ୟା ଗୁଡ଼ିକପ୍ରତି ଧ୍ୟାନଦେବା ଆଦୌ ଉଚିତ୍‌ନୁହେଁ । କିନ୍ତୁ ଗାନ୍ଧିଜୀ ଠିକ୍ ସମୟରେ 'ହରିଜନ' ସମସ୍ୟା ହାତକୁ ନେଇଥାନ୍ତି । ସେତେବେଳେ ବ୍ରିଟିଶ୍ ସରକାରଙ୍କ ପକ୍ଷରୁ ଦଳିତ ଜାତିମାନଙ୍କ-ପାଇଁ ବିଧାନସଭା ନିର୍ବାଚନ କ୍ଷେତ୍ରରେ ସ୍ୱତନ୍ତ୍ର ସ୍ଥାନସଂରକ୍ଷଣ ପ୍ରସ୍ତାବ ବିଚାରକୁ ଆସିଥାଏ, ଯାହାଫଳରେ ଭାରତର ବିରାଟ ହିନ୍ଦୁ ସଂପ୍ରଦାୟ ଭାଗଭାଗହୋଇ ରହିବେ । ସେହି ଅଭିସନ୍ଧିକୁ ଭଣ୍ଡୁର କରିବାକୁ ହେଲେ ହିନ୍ଦୁ-ସମାଜରୁ ଅସ୍ପୃଶ୍ୟତା ଦୂର-କରିବା ଆବଶ୍ୟକ । ଏଣୁ ସେହି ଦଳିତଜାତିକୁ ଗାନ୍ଧୀ "ଈଶ୍ୱରଙ୍କ ସନ୍ତାନ" ବା "ହରିଜନ" ଆଖ୍ୟା ଦେଇଥିଲେ । ସେହି ନାମରେ ଗୋଟିଏ ପତ୍ରିକା ମଧ୍ୟ ସେ ନିଜେ ପ୍ରକାଶ କଲେ ।

ଜବାହରଲାଲ ତାଙ୍କ ବୃଦ୍ଧା ମାଙ୍କ ସ୍ୱାସ୍ଥ୍ୟକ୍ଷୟ ହେତୁ ଚିନ୍ତିତ ଥିଲେ । ଜେଲ୍‌ରେ ସେ ମାଙ୍କଠାରୁ ଚିଠିପାଇ ଜାଣିଲେଯେ ଶରେ ଧନ୍ଦା ଭିତରେ ପଡ଼ି ସେ ଲେଖିଛନ୍ତି, ରାମାୟଣ ଓ ଗୀତା ପଢ଼ି ସେ କୌଣସି ମତେ କାଳ କାଟୁଛନ୍ତି । ଜବାହରଲାଲଙ୍କୁ ପୁଣି ଡେରାଡୁନ୍‌ରେ ନଇନି ଜେଲ୍‌କୁ ସ୍ଥାନାନ୍ତରିତ କରାଗଲା । ସେଠାରେ ସେ ଖବର ପାଇଲେଯେ, ବୁଢ଼ିମାଙ୍କୁ ହାସପିଟାଲକୁ ନିଆ ଯାଇଛି । ତେଣୁ ୧୯୩୩, ଅଗଷ୍ଟ ୩୦ ତାରିଖରେ ତାଙ୍କୁ

ସେତେବେଳକୁ ଅଧିକାଂଶ ଭାରତୀୟ ନେତା ଜେଲ୍‌ରୁ ମୁକ୍ତିଲାଭ କରିଥାନ୍ତି । ଜବାହରଲାଲଙ୍କୁ ପ୍ରାୟ ୩ ବର୍ଷ ଅହମଦ୍ ନଗର ଫୋର୍ଟରେ ବନ୍ଦୀ କରାଯାଇଥିଲା । ସେଠାରୁ ପରେ ତାଙ୍କୁ ଆଲ୍‌ମୋରା ଜେଲ୍‌କୁ ନିଆଗଲା । ଅହମଦ୍ ନଗର ଜେଲ୍‌ରେ ଥିଲାବେଳେ ଜବାହରଲାଲ ତାଙ୍କ ଶ୍ରେଷ୍ଠ ଗ୍ରନ୍ଥ "The Discovery of India" ଲେଖି ପାରିଥିଲେ । ସେ ଗ୍ରନ୍ଥର ମୁଖବନ୍ଧ (Preface)ରେ ଲେଖିଛନ୍ତି "The book was written by me in Ahmadnagar Fort prison during the five months, April to September, 1944". ସେହି ଜେଲ୍‌ରେ ଥିବା ଭାରତର ବିଭିନ୍ନ ଅଞ୍ଚଳର ବିଭିନ୍ନ ଉଚ୍ଚାଭିଳାଷୀ ରାଜନୀତିଜ୍ଞ ଓ ପଣ୍ଡିତମାନଙ୍କ ସଙ୍ଗେ ତାଙ୍କ ଆଳାପ ହୋଇଥିଲା । ସେମାନଙ୍କ ମଧ୍ୟରେ ଥିଲେ ମୌଲାନା ଆବୁଲ କାଲାମ୍ ଆଜାଦ୍, ଗୋବିନ୍ଦ ବଲ୍ଲଭ ପନ୍ଥ, ନରେନ୍ଦ୍ର ଦେବ ଓ ଏମ୍ ଆସଫ୍ ଅଲ୍ଲୀଙ୍କ ପରି ବିଦ୍ୱାନ୍ ମାନେ ।

ଆଲମୋରା ଜେଲରୁ ଖଲାସ ହୋଇ ଆଲାହାବାଦ ଗଲା-ପରେ ଜବାହରଲାଲ ସେଠାରେ ଗାନ୍ଧିଜୀଙ୍କ ସାଥିରେ ମିଳିତ ହେଲେ । ସେଠାରେ କଂଗ୍ରେସର କାର୍ଯ୍ୟକାରୀ କମିଟି ସଭ୍ୟମାନଙ୍କ ସଙ୍ଗେ ପରାମର୍ଶକରି ସ୍ଥିର କଲେ ଯେ, ସିମଲାରେ ଭାଇସରାୟଙ୍କ ନିମନ୍ତ୍ରଣ ରକ୍ଷାକରି ସ୍ୱାଧୀନ ଭାରତର ଶାସନ ପରିଚାଳନା ସମ୍ପର୍କରେ ସିଦ୍ଧାନ୍ତ କରାଯିବ । ବ୍ରିଟିଶ ସରକାରଙ୍କ ପକ୍ଷରୁ ଭାରତକୁ ସ୍ୱାଧୀନତା ଦେବା ସ୍ଥିର ହୋଇଥିଲେ ସୁଦ୍ଧା ଜିନ୍ନାଙ୍କ ନେତୃତ୍ୱରେ ଗଠିତ ମୁସଲିମ ଲିଗ୍ (Muslim League) ପକ୍ଷରୁ ଦାବୀ ହେଲା, ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ରାଜ୍ୟ ଗଠିତ ହେବା ଆବଶ୍ୟକ । ଏପରି ଏକ ପ୍ରସ୍ତାବ ହେତୁ ଭାରତ ଦୁଇଭାଗରେ ପରିଣତ ହେବ; ମହାତ୍ମା ଗାନ୍ଧୀ ଓ କଂଗ୍ରେସ ନେତୃବର୍ଗ ଏହା ଚାହୁଁ ନ ଥିଲେ । ତେଣୁ ସିମଲା ସମ୍ମିଳନୀ ଭାଙ୍ଗିଗଲା ।

ଏଠାରେ କହିବା ଆବଶ୍ୟକ ଯେ, ଯୁଦ୍ଧ ପରେ ଭାରତର ଯେଉଁ ବ୍ରିଟିଶ ସେନା ବର୍ମା ଓ ଦକ୍ଷିଣ-ପୂର୍ବ ଏସିଆ ଅଞ୍ଚଳରୁ ଜାପାନରେ ବନ୍ଦୀ ହୋଇଥିଲେ ଓ ପରେ ସୁଭାଷ ବୋଷଙ୍କ ନେତୃତ୍ୱରେ 'ଆଜାଦ୍ ହିନ୍ଦ ଫୌଜ' ଗଠନ କରି 'ଦିଲ୍ଲୀଚଲୋ' ଧ୍ୱନୀ ଦେଇଥିଲେ, ସେମାନଙ୍କୁ ଧରି ଦିଲ୍ଲୀର ଲାଲକିଲ୍ଲାରେ ଆବଦ୍ଧ କରାଯାଇଥିଲା । ସେହି ବିଦ୍ରୋହୀ ଯବାନ୍‌ମାନଙ୍କ ବିପକ୍ଷରେ ଯଥା ବିହିତ ଦଣ୍ଡ ସ୍ଥିର କରିବାକୁ ସେଠାରେ ଏକ ସ୍ୱତନ୍ତ୍ର କୋର୍ଟ ବସିଲା । ଏଣୁ କଂଗ୍ରେସ ପକ୍ଷରୁ ଏକ ଆଇନ୍ ପ୍ରତିବାଦୀ ସହାୟକ କମିଟି ଗଠନ କରି ସେମାନଙ୍କୁ ମୁକ୍ତ କରିବା ଦାବୀ କୋର୍ଟରେ ଉପସ୍ଥାପିତ କଲେ । ସେହି ଆଇନଜ୍ଞ କମିଟି ସାର ତେଜ ବାହାଦୂର ସାପ୍ରୁ, ଭୁଲାଭାଇ ଦେଶାଇ ଓ ଜବାହରଲାଲ ନେହେରୁଙ୍କୁ ନେଇ ଗଠିତ ହେଲା । ଦୀର୍ଘ ୩୦ ବର୍ଷ ପରେ ନେହେରୁ ତାଙ୍କ ବାରିଷ୍ଟରୀ-କୋର୍ଟ-ପୋଷାକ ପରିଧାନ କରି ଯେଉଁ ଯୁକ୍ତି ବଳରେ ଜବାନମାନଙ୍କୁ ବନ୍ଦୀରୁ ଖଲାସ କରି ପାରିଥିଲେ, ତାହା ଏକ ଚମକପ୍ରଦ ଘଟଣା । ଜବାହରଲାଲ ଲେଖି ଅଛନ୍ତି, "It became a trial of strength, between the will of the Indian People and the will of those who hold power in India and it was the wise of the people that triumphed in the end." (ଭାରତର ଜନତା ଓ ଭାରତର ପ୍ରଭାବଶାଳୀ ପ୍ରଭୁତ୍ୱ । ଏ ଦୁଇଦଳ ମଧ୍ୟରେ ଏହା ଏକ ମନୋବଳ ଓ ଶକ୍ତିର ପରୀକ୍ଷା । ଶେଷରେ ଲୋକଶକ୍ତି ହିଁ ବିଜୟୀ ହେଲା) ।

ଏ ଘଟଣା ପରେ ୧୯୪୬ ମସିହାରେ ଭାରତୀୟ ବାୟୁସେନା ଓ ନୌସେନାଙ୍କ ବମ୍ବେ ବିଦ୍ରୋହ ପୁଣି ନୌସେନାଙ୍କ ଦ୍ୱାରା ତାଙ୍କ ଜାହାଜରେ ଜାତୀୟ ପତାକା ଉତ୍ତୋଳନ ତଥା ବମ୍ବେ ନଗରରେ ସେମାନଙ୍କ ଜାତୀୟ ଧ୍ୱନୀ ଦେଇ ଶୋଭା-ଯାତ୍ରା ବ୍ରିଟିଶ ଶାସକଙ୍କୁ ଚକିତ କରିଦେଲା । କେତେକ ସ୍ଥାନରେ ବ୍ରିଟିଶ ସେନା ଓ ବିଦ୍ରୋହୀମାନଙ୍କ ମଧ୍ୟରେ ଗୁଳି ବିନିମୟ ମଧ୍ୟ ହୋଇଗଲା । ଏଥର ବ୍ରିଟିଶ ସରକାର ସ୍ପଷ୍ଟ ବୁଝିଲେ ଯେ, ଭାରତକୁ ଆଉ ଅଧିକ କାଳ ତାଙ୍କ ଅଧିକାରରେ ରଖିବା ସମ୍ଭବ ନୁହେଁ । ତେଣୁ ବ୍ରିଟିଶ କେବିନେଟ (Cabinet)ର ତିନିଜଣ ମନ୍ତ୍ରୀଙ୍କୁ ଭାରତରେ ସ୍ୱାଧୀନ ବ୍ୟବସ୍ଥା କରିବା ପାଇଁ । ସେମାନେ ଭାରତକୁ ଆସି ଦିଲ୍ଲୀଠାରେ ବିଭିନ୍ନ ମୁଖ୍ୟ ଦଳର ନେତାମାନଙ୍କ ସଙ୍ଗେ ପରାମର୍ଶ କରି ଏକ ମଧ୍ୟକାଳୀନ ସରକାର ଗଠନ ପାଇଁ ସୁପାରିଶ କରନ୍ତି । କଂଗ୍ରେସର ମୁଖ୍ୟନେତା ପଣ୍ଡିତ ଜବାହରଲାଲଙ୍କୁ ସରକାର ଗଠନ କରିବା ସକାଶେ ନିମନ୍ତ୍ରଣ କରାଗଲା । କିନ୍ତୁ ମୁସଲିମ ଲିଗ୍ ପରେ ସରକାରରେ ଯୋଗ ଦେଇଥିଲେ ସୁଦ୍ଧା, କାର୍ଯ୍ୟତଃ ଶାସନ ପରିଚାଳନାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିବାକୁ ଲାଗିଲେ । ଏଥିରେ ବିରକ୍ତ ହୋଇ କଂଗ୍ରେସ ପକ୍ଷରୁ ନେତାମାନେ ମଧ୍ୟବର୍ତ୍ତି ସରକାର ଭାଙ୍ଗିଦେବାକୁ ଉଦ୍ୟତ ହୁଅନ୍ତି ।

ଫେବୃୟାରୀ ୧୯୪୭ ମସିହାରେ ବ୍ରିଟିଶ ସରକାରଙ୍କ ପକ୍ଷରୁ ଭାରତର ସ୍ୱାଧୀନତା ଘୋଷିତ ହେଲା । କିନ୍ତୁ ଲର୍ଡ ମାଉଣ୍ଟ ବାଟନ୍ (Loid Maunt Batten) ଜୁନ୍ ୧୯୪୮ ମସିହାରେ ସ୍ୱାଧୀନ ଭାରତର ଗଭର୍ଣ୍ଣର ରୂପେ ନିଯୁକ୍ତ ହୋଇ ଯେତେବେଳେ ଭାରତକୁ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଦୁଇଭାଗ କରିଦେବାକୁ ଯେଉଁ ପ୍ରସ୍ତାବ କରନ୍ତି, ସେଥିରେ ଜବାହରଲାଲ ଓ ବଲ୍ଲଭ ଭାଇ ପଟେଲ ସମର୍ଥନ ଜ୍ଞାପନ କରିଥିଲେ । କାରଣ ସେମାନେ ଚାହୁଁଥିଲେ ଭାରତରେ ଉଭୟ ଧର୍ମାବଲମ୍ବୀଙ୍କ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ୍ୟ । କେବଳ ମହାତ୍ମା ଗାନ୍ଧୀ ଏ ବ୍ୟବସ୍ଥାରେ ଆଦୌ ସନ୍ତୁଷ୍ଟ ହେଲେନାହିଁ । କାରଣ ଏହା ଫଳରେ ଧର୍ମ ନାମରେ ଉଭୟ ଜାତି ମଧ୍ୟରେ ସଂଘର୍ଷ ବରାବର ଲାଗି ରହିବ । ମହାତ୍ମାଙ୍କର ଆଶଙ୍କା ଯଥାର୍ଥ । ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ହେଲା ସେମାନଙ୍କ ମଧ୍ୟରେ ଶାନ୍ତି ସୌହାର୍ଦ୍ଦ୍ୟ ପ୍ରତିଷ୍ଠିତ ହୋଇ ପାରିନାହିଁ ।

ବ୍ରିଟିଶ ସରକାରଙ୍କର ଏହି ଭେଦ ନୀତିକୁ ଲକ୍ଷ୍ୟକରି ଓଡ଼ିଶାର ମୁଖ୍ୟ କଂଗ୍ରେସ ନେତା ପଣ୍ଡିତ ଗୋପବନ୍ଧୁ ଯଥାର୍ଥରେ କହିଥିଲେ :—

" ଡାହାଣି ହୋଇ ଲଗାଇଲେ,
ଗୁଣିଆ ହୋଇ ଛଡ଼ାଇଲେ ॥

ମୁସଲମାନଙ୍କ ପାଇଁ ସ୍ୱତନ୍ତ୍ର "ପାକିସ୍ଥାନ" ଗଢ଼ାହେଲା ପରେ ସୀମାନ୍ତରେ ପ୍ରବଳ ସଂଘର୍ଷ ହେତୁ ଉଦ୍‌ବେଗଜନକ ଅବସ୍ଥା ଦେଖାଦେଲା । ସୀମାନ୍ତ ସେ ପାଖରୁ ଅତ୍ୟାଚାରିତ ଦଶଲକ୍ଷ ହିନ୍ଦୁ ଘରଦ୍ୱାର ଓ ଭୂ-ସମ୍ପଦ ସବୁ ଛାଡ଼ିଦେଇ

ଜର୍ମାନୀର (Black Forest) ଅଞ୍ଚଳରେ ଯେଉଁଠାରେ କମଳାଙ୍କୁ ଚିକିତ୍ସା ପାଇଁ ପରେ ନିଆ ହୋଇଥିଲା, ସେଠାରେ ପହଞ୍ଚିଲେ । ସେତେବେଳେ ଇନ୍ଦିରା, ସୁଇଜରଲେଣ୍ଡର ଲଉସନ୍ (Leusanne) ସ୍କୁଲରେ ପଢୁଥିଲେ, ସେ ମଧ୍ୟ ସେଠାକୁ ଯାଇଥାନ୍ତି । ବାପ, ଝିଅ ଦିହେଁ କମଳାଙ୍କ ସେବାରେ ଲାଗିଥାନ୍ତି । ତାଙ୍କର ରୋଗ ଅବସ୍ଥା ଅସ୍ଥିର ହେଉଥିଲା । କେବେ କେବେ ଜୀବନରେ କ୍ଷୀଣ ସୂତାରେ ସେ ଝୁଲନ୍ତି । ଜାନୁଆରି, ୧୯୩୬ରେ ତାଙ୍କୁ ଲଉସନ୍ ନିକଟବର୍ତ୍ତୀ ଅନ୍ୟ ଏକ ସ୍ୱାସ୍ଥ୍ୟ ସଦନକୁ ନିଆଗଲା, ଯେଉଁଠାରେ ସେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କଲେ । ମୃତ୍ୟୁର ଠିକ୍ ପୂର୍ବରୁ ଅଳ୍ପଦିନପାଇଁ ତାଙ୍କ ସ୍ୱାସ୍ଥ୍ୟରେ ଅପୂର୍ବ ପରିବର୍ତ୍ତନ ଦେଖାଦେଇଥିଲା । ସେ ମରିବା ଆଗରୁ ପତିଙ୍କୁ କହୁଥିଲେ, କିଏ ଯେପରି ତାଙ୍କୁ ଡାକୁଛି; କେବେ କେବେ ତାଙ୍କ ପ୍ରକୋଷ୍ଠରେ କିଏ ଜଣେ ପଶି ଆସୁଛି, କିନ୍ତୁ ଆଖିକୁ କେହି ସେଠାରେ ଦେଖାଯାନ୍ତି ନାହିଁ ।

ଫେବୃଆରି ୨୮ ତାରିଖ ପ୍ରଭାତରେ ତାଙ୍କ ପତି ଓ କନ୍ୟାଙ୍କ ଉପସ୍ଥିତିରେ କମଳାଙ୍କ ଜୀବନ-ଦୀପ ଲିଭି ଗଲା । ଜବାହରଲାଲ ତାଙ୍କ ଚିତାଭସ୍ମ ଧରି ଭାରତକୁ ଫେରି ଆସିଲେ ।

ଯେଉଁ ସମୟର ଆଲୋଚନା କରାଯାଉଛି, ସେଥିର ଅଳ୍ପକାଳ ପରେ ୟୁରୋପ ଆକାଶରେ ଯୁଦ୍ଧର ଘନଘଟା ଦେଖା ହେଲା । ଜର୍ମାନରେ ହିଟ୍‌ଲର, ଇଟାଲିରେ ମୁସୋଲିନ୍, ସ୍ପେନ୍‌ରେ ଫ୍ରେଙ୍କୋ ମିଳିତ ହୋଇ ତାଙ୍କ ପଡୋଶୀ ରାଜ୍ୟମାନଙ୍କରେ ଭୀତି ସଞ୍ଚାର କଲେ । ଠିକ୍ ସେତିକି ବେଳେ ଜାପାନ ଚୀନ୍‌ରେ ସୈନ୍ୟ ଚଳନା କଲା । ମାର୍ଚ୍ଚ ୧୯୩୮ରେ ହିଟ୍‌ଲର ଅଷ୍ଟ୍ରିଆ ଓ ଚେକୋସ୍ଲୋଭାକିଆ ଅଧିକାର କରେ । ଏଥିରେ ବ୍ରିଟେନ୍ କିପରି ବା ସ୍ଥିର ଦର୍ଶକ ହୋଇ ରହିବ ?

ପୃଥିବୀରେ ଏପରି ଯୁଦ୍ଧର ଘନଘଟା ବେଳେ ଜବାହରଙ୍କ ଭାଗ୍ୟରେ ଅନ୍ୟ ଏକ ଦୁର୍ଘଟଣା ଘଟିଲା । ତା ହେଉଛି ମା ସ୍ୱରୂପରାଣୀଙ୍କ ମୃତ୍ୟୁ । ସେତେବେଳେ ଜବାହରଲାଲ ଓ ତାଙ୍କ ଦୁଇ ଭଗ୍ନୀ ବିଜୟଲକ୍ଷ୍ମୀ ଓ କୃଷ୍ଣା ସେଠାରେ ଉପସ୍ଥିତ ହୋଇଥାନ୍ତି ।

ସେ ବର୍ଷ ସେପ୍ଟେମ୍ବର ମାସରେ ଜବାହରଲାଲ ଲକ୍ଷ୍ନୌରୁ 'The National Herald' ଶୀର୍ଷକ ଖବର କାଗଜ ପ୍ରକାଶ କଲେ । ସେ ତାଙ୍କର ଅଧସ୍ତନ ଲେଖକମାନଙ୍କୁ କହିଥାନ୍ତି– "ଯାହା ତୁମେ ସତ୍ୟ ଓ ନ୍ୟାଯ୍ୟ ବୋଲି ଭାବ, ନିର୍ଭୟରେ ତାହା ଲେଖିଯାଅ ।" ସେ ନିଜେ କେବେ ଭୀତ ସଙ୍କୁଚିତ ହୋଇ ନ ଥିଲେ । ଅନ୍ୟାୟ ବିରୁଦ୍ଧରେ ଯୁଦ୍ଧ କରିବା ଥିଲା ତାଙ୍କର ସ୍ୱାଭାବିକ ଧର୍ମ । ସେ ବୁଝିଥିଲେ ଭୀରୁତାହିଁ ଯୁଦ୍ଧ, କ୍ରୁରତା, ଭେଦ ନୀତି ଓ ଦୁର୍ନୀତିର ମୌଳିକ ଭିତ୍ତି । ବ୍ରିଟିଶ୍ ଶାସନର ଶ୍ରେଷ୍ଠ କୂଟନୀତିଜ୍ଞ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ (Winston Churchill) ଜବାହରଲାଲଙ୍କ ଚରିତ୍ରସମ୍ବନ୍ଧରେ କହିଥିଲେ–"ମନୁଷ୍ୟ ସ୍ୱଭାବରେ ଯେଉଁ ଦୁଇଟି ଗୁଣ ହେତୁ ଘୋର ପତନ ହୋଇଥାଏ, ତାହା ସେ (ଜବାହରଲାଲ) ଏଡ଼ାଇ ପାରିଥିଲେ । 'ଭୟ' ଓ 'ହିଂସା' କଣ ତାହା ସେ ଜାଣନ୍ତି ନାହିଁ ।"

୧୯୩୯ରେ ଜବାହରଲାଲ ଚୀନ୍ ଯାତ୍ରା କରିଥିଲେ । କିନ୍ତୁ ୟୁରୋପରେ ଯୁଦ୍ଧ ଆରମ୍ଭ ହେବା ଶୁଣି ସଙ୍ଗେସଙ୍ଗେ ଭାରତକୁ ଫେରି ଆସିଲେ । ସେ ଜର୍ମାନୀ ଓ ଜାପାନର ଫାସିଷ୍ଟଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ବ୍ରିଟିଶ୍ ସରକାରଙ୍କୁ ସାହାଯ୍ୟ କରିବା ସପକ୍ଷରେ ଭାରତ ଅଗ୍ରସର ହେବା ଆବଶ୍ୟକ ବୋଲି ମତ ଦେଲେ । କିନ୍ତୁ କେବଳ ବ୍ରିଟିଶ୍ ସରକାରଙ୍କ ପକ୍ଷରୁ "ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ଦେବା ପ୍ରତିଶ୍ରୁତି" ଉପରେ ତାହା ନିର୍ଭର ହେବ । ଭାଇସ୍‌ରାୟ ଲର୍ଡ ଲିନ୍‌ଲିଥ୍‌ଗୋ (Lord Linlithgow) କହିଲେ ଯେ, ଯୁଦ୍ଧ ଶେଷ ପର୍ଯ୍ୟନ୍ତ ସ୍ୱାଧୀନତା ସକାଶେ ଭାରତ ଅପେକ୍ଷା କରିବା ଆବଶ୍ୟକ । ଜାପାନ ପକ୍ଷରୁ ୧୯୪୨ରେ ବର୍ମା ଓ ଦକ୍ଷିଣ ପୂର୍ବ ଏସିଆ ଆକ୍ରାନ୍ତ ହେବାରୁ ସାର ଷ୍ଟାଫୋର୍ଡ କ୍ରିପ୍‌ସ୍ (Sir Stafford Cripps)ଙ୍କୁ ଭାରତୀୟ ନେତାଙ୍କ ସଙ୍ଗେ ପରାମର୍ଶ ସକାଶେ ପଠାଗଲା । ସେତେବେଳେ ବ୍ରିଟିଶ୍ ସରକାର ଭାରତରେ ବିଭିନ୍ନ ଜାତି ଓ ଧର୍ମକୁ ଭିତ୍ତି କରି ଅନୁଗତ ରଜା ଓ ଜମିଦାରଙ୍କୁ ନେଇ ବିଭେଦ ସୃଷ୍ଟି କରୁଥିବାରୁ ଜବାହରଲାଲଙ୍କ ସନ୍ଦେହ ସର୍କାରଙ୍କ ଉପରେ ଘନୀଭୂତ ହୋଇଥାଏ । ତେଣୁ କ୍ରିପ୍‌ସଙ୍କ ପ୍ରସ୍ତାବ କଂଗ୍ରେସ ପକ୍ଷରୁ ଗୃହୀତ ହେଲା ନାହିଁ । ମହାତ୍ମା ଗାନ୍ଧୀଙ୍କ ମତରେ ଯୁଦ୍ଧ ହେଉ ବା ନ ହେଉ ବ୍ରିଟିଶ୍ ପ୍ରଥମେ ଭାରତ ଛାଡ଼ି ଚାଲିଯିବାକୁ ହେବ ।

ଜାପାନ ଭାରତ ଆକ୍ରମଣ କରୁ, ଏହା ଜବାହରଲାଲ ଆଦୌ ପସନ୍ଦ କରି ନ ଥିଲେ । କିନ୍ତୁ ସୁଭାଷ ଚନ୍ଦ୍ର ବୋଷଙ୍କ ନୀତି ଏଥିର ସଂପୂର୍ଣ୍ଣ ବିପରୀତ ଥିଲା । ସେ ଛଦ୍ମ ବେଶରେ ଭାରତରୁ ପଳାଇଯାଇ ପ୍ରଥମେ ଜର୍ମାନୀ ରେଡ଼ିଓରୁ ତାଙ୍କ ବ୍ରିଟିଶ୍ ବିରୋଧ ପ୍ରଚାର ଆରମ୍ଭ କରି ଦିଅନ୍ତି । ପରେ ସେ ଭାରତୀୟ ସୈନ୍ୟ 'ଆଜାଦ ହିନ୍ଦ୍ ଜବାନ' ପ୍ରସ୍ତୁତ କରିଥିଲେ । ବ୍ରିଟିଶ୍ ସେନା-ବାହିନୀର ବହୁ ସୈନ୍ୟ ଓ ଉଚ୍ଚ ଅଫିସର, ଯେଉଁମାନେ ବର୍ମା ଯୁଦ୍ଧରେ ଜାପାନ ଦ୍ୱାରା ବନ୍ଦୀ ହୋଇଥିଲେ, ସେମାନଙ୍କୁ ନେଇ ସେଇ ସୈନ୍ୟ ବାହିନୀ ସୁଭାଷଙ୍କ ନେତୃତ୍ୱରେ ଗଠିତ ହେଲା । ତାଙ୍କର ଲକ୍ଷ୍ୟ ଥିଲା ଦିଲ୍ଲୀ ଅଧିକାର କରି ଭାରତକୁ ବ୍ରିଟିଶ୍ କବଳରୁ ଉଦ୍ଧାର କରିବା । ଲର୍ଡ ଲିନ୍‌ଲିଥ୍‌ଗୋ ମହାତ୍ମା ଗାନ୍ଧୀଙ୍କୁ ତାଙ୍କ ୨୧ ଦିନ ବ୍ୟାପୀ ଅନାହାର ସତ୍ୟାଗ୍ରହ ମଧ୍ୟରେ ଜେଲରୁ ମୁକ୍ତ କରି ଦେଲେ ସତ୍ୟ, କିନ୍ତୁ ତାହା ଏକ ରାଜନୈତିକ ଚକ୍ରାନ୍ତ (Political black mail) ବୋଲି କହିଥିଲେ । ଗାନ୍ଧୀଜୀ ଓ ଅନ୍ୟ କଂଗ୍ରେସ ନେତାମାନେ ଏଥିର ଘୋର ପ୍ରତିବାଦ କଲେ । ବାସ୍ତବରେ ଲିନ୍‌ଲିଥ୍‌ଗୋଙ୍କ ନିନ୍ଦା ଭାରତରେ ଧ୍ୱନିତ ହେଲା । ଏହା ଫଳରେ ଲିନ୍‌ଲିଥ୍‌ଗୋଙ୍କ ସ୍ଥାନରେ ବ୍ରିଟିଶ୍ ସରକାର ଲର୍ଡ ୱାଭେଲ (Lord Wavell)ଙ୍କ ପରି ଜଣେ ଭାରତ ବନ୍ଧୁଙ୍କୁ ଭାଇସ୍‌ରାୟ କରି ପଠାଇଲେ । ସେତେବେଳେ ସୁଦ୍ଧା ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲଙ୍କ ଭାରତ ବିଦ୍ୱେଷ ପ୍ରଶମିତ ହୋଇ ନ ଥାଏ ।

୧୯୪୫ରେ ବିଶ୍ୱ ଯୁଦ୍ଧର ଅବସାନ ହେଲା, ବ୍ରିଟିଶ୍ ଓ ତାଙ୍କ ବନ୍ଧୁ ରାଷ୍ଟ୍ରମାନେ ବିଜୟଲାଭ କଲେ ସତ କିନ୍ତୁ ସେହି ଯୁଦ୍ଧରେ ବ୍ରିଟେନ୍‌ର ପ୍ରବଳ ଶକ୍ତି ଯଥେଷ୍ଟ ପରିମାଣରେ କ୍ଷୟ ହୋଇଥାଏ । ପୃଥିବୀର ଶ୍ରେଷ୍ଠ ପ୍ରଭାବଶାଳୀ ରାଷ୍ଟ୍ରରୂପକ ସମ୍ମାନ ସେ ହରାଇ ଥାଏ । ତେଣୁ ଅଧିକନ୍ତୁ ଭାରତ ପରି ଏକ ବିରାଟ ଅଞ୍ଚଳକୁ ବାନ୍ଧି ନିଜ ଅକ୍ତିଆରରେ ରଖିବା ଶକ୍ତି ତାର ନଥିଲା । ସେତିକି-ବେଳେ ବ୍ରିଟିଶ୍ ପାର୍ଲିଆମେଣ୍ଟରେ ଶ୍ରମିକ ଦଳର ସଂଖ୍ୟା ଗରିଷ୍ଠତା ହେତୁ ବ୍ରିଟିଶ୍ ସରକାରଙ୍କ ନୀତି ରୂପାନ୍ତରିତ ହୋଇଗଲା । ଶ୍ରମିକ ଦଳର ନେତାମାନେ ଭାରତକୁ ସ୍ୱାଧୀନତା ଅର୍ପଣ କରିବା ସପକ୍ଷରେ ପୂର୍ବରୁ ମତ ପ୍ରକାଶ କରିଥିଲେ । ତେଣୁ ଶାସନ ସଂସ୍ଥା ତାଙ୍କ ହାତକୁ ଯିବାକ୍ଷଣି ସେମାନେ ଏହା କାର୍ଯ୍ୟରେ ପରିଣତ କରିବା ବ୍ୟବସ୍ଥା କଲେ ।

# ପଣ୍ଡିତ ନେହେରୁ ଓ ସମାଜବାଦ

ଡକ୍ଟର ବୈଦ୍ୟନାଥ ମିଶ୍ର

ଏ କଥା ସମସ୍ତେ ସ୍ୱୀକାର କରିବେ ଯେ ପଣ୍ଡିତ ଜବହାରଲାଲ ନେହେରୁଙ୍କ ଯୋଗୁଁ ଭାରତରେ ସମାଜବାଦ ଜନପ୍ରିୟ ହୋଇଛି । ସ୍ୱାଧୀନତାର ବହୁ ପୂର୍ବରୁ ସେ କଂଗ୍ରେସ ଭିତରେ ସମାଜବାଦକୁ ଭର୍ତ୍ତି କରିବାକୁ ଚେଷ୍ଟା କରିଛନ୍ତି ।ସେ ତାଙ୍କର ଜୀବନଚରିତରେ ଲେଖିଛନ୍ତି 'ମୋ ମତରେ ଜାତୀୟତା ଏକ ସଙ୍କୀର୍ଣ୍ଣ ଓ ସୀମିତ ଆଦର୍ଶ । ରାଜନୀତିକ ସ୍ୱାଧୀନତା ଦରକାର । କିନ୍ତୁ ସାମାଜିକ ଅଧିକାର ଓ ସମାଜବାଦ ବ୍ୟତୀତ, କୌଣସି ଜାତି ବା ବ୍ୟକ୍ତି ବେଶୀ କିଛି ଉନ୍ନତି କରି ପାରିବ ନାହିଁ ।' ସେ ଯେତେବେଳେ ପୁଣି କଂଗ୍ରେସର ସଭାପତି ହୋଇଛନ୍ତି, ସେତେବେଳେ ମଧ୍ୟ ସମାଜବାଦକୁ କଂଗ୍ରେସର ନୀତି ହିସାବରେ ଗ୍ରହଣ କରିବାକୁ ପ୍ରସ୍ତାବ ଦାଖିଛନ୍ତି । କଂଗ୍ରେସ ନେତାମାନେ ଅବଶ୍ୟ ଏହି ପ୍ରସ୍ତାବକୁ ଗ୍ରହଣ କରି ନାହାନ୍ତି । କାରଣ କଂଗ୍ରେସର ଅଧିକାଂଶ ନେତା ସେତେବେଳେ ରାଜନୀତିକ ସ୍ୱାଧୀନତା କଥା ହିଁ ବେଶୀ ଚିନ୍ତା କରୁଥିଲେ । ଅର୍ଥନୈତିକ କାର୍ଯ୍ୟକ୍ରମ ନେଇ ମତଭେଦ ସୃଷ୍ଟି କରିବାକୁ ଚାହୁଁ ନ ଥିଲେ । କଂଗ୍ରେସରେ ଅନେକ ପ୍ରକାର ଲୋକ ଥିଲେ । ଏହା ଗୋଟିଏ ବିରାଟ ପ୍ଲାଟଫର୍ମ ପରି କାମ କରୁଥିଲା । ଭିନ୍ନ ଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ଅର୍ଥନୈତିକ ଚିନ୍ତାଧାରା ଥିଲା । ତେଣୁ କଂଗ୍ରେସ ଭିତରେ ସଂହତି ରକ୍ଷା କରିବା ପାଇଁ ଅର୍ଥନୈତିକ ଦିଗକୁ ସେତେ ଗୁରୁତ୍ୱ ଦେବାକୁ ଅନେକେ ଚାହୁଁ ନ ଥିଲେ । ଅର୍ଥନୈତିକ କ୍ଷେତ୍ରରେ ଗାନ୍ଧିଜୀଙ୍କର ମଧ୍ୟ 'ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରା ଥିଲା । ସେ ସ୍ୱାଧୀନତା ସଂଗ୍ରାମର ନେତୃତ୍ୱ ନେବା ପୂର୍ବରୁ ଏହି ଚିନ୍ତାଧାରା 'ହିନ୍ଦ୍ ସ୍ୱରାଜ' ରେ ପ୍ରକାଶ କରିଥିଲେ । ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ଅନେକ ଥର ଓ ଅନେକ ଯାଗାରେ ନିଜ ଅର୍ଥନୈତିକ ଚିନ୍ତାଧାରାର ବ୍ୟାଖ୍ୟା କରିଛନ୍ତି । କିନ୍ତୁ ସେ ଜାଣିଛନ୍ତି ଯେ ଅନେକ କଂଗ୍ରେସ ନେତା ତାଙ୍କର ମତକୁ ଗ୍ରହଣ କରି ନାହାନ୍ତି । ତେଣୁ ସେ ମଧ୍ୟ ନିଜର ମତକୁ ଜବରଦସ୍ତି କଂଗ୍ରେସ ଭିତରେ ଲଦି ଦେଇ ସ୍ୱାଧୀନତା ଆନ୍ଦୋଳନକୁ ଦୁର୍ବଳ କରିବାକୁ ଚାହିଁ ନାହାନ୍ତି । ସେହିପରି ପଣ୍ଡିତ ନେହେରୁ ମଧ୍ୟ ସମାଜବାଦରେ ଉଦ୍‌ବୁଦ୍ଧ ହୋଇଛନ୍ତି । ସମାଜବାଦ କଂଗ୍ରେସର ଆଦର୍ଶ ହେଉ ବୋଲି ଚିନ୍ତା କରିଛନ୍ତି, ପ୍ରସ୍ତାବ ଦେଇଛନ୍ତି କିନ୍ତୁ ସମାଜବାଦକୁ ଜବରଦସ୍ତି କଂଗ୍ରେସ ଭିତରେ ଲଦି ଦେବାକୁ ଚାହିଁ ନାହାନ୍ତି । ତେବେ ଯେତେବେଳେ ସ୍ୱାଧୀନତା ଆସିଛି ଏବଂ ସେ ପ୍ରଧାନ ମନ୍ତ୍ରୀ ହିସାବରେ ଶାସନ ଦାୟିତ୍ୱ ଗ୍ରହଣ କରିଛନ୍ତି, ସେତେବେଳେ ତାଙ୍କର ପ୍ରଭାବ ଯୋଗୁଁ କଂଗ୍ରେସ ସମାଜବାଦକୁ ନିଜର ଆଦର୍ଶ ହିସାବରେ ଗ୍ରହଣ କରିଛି ।

ତେବେ ନେହେରୁ ଯେଉଁ ସମାଜବାଦର କଳ୍ପନା କରିଛନ୍ତି, ତାର ଆଭିମୁଖ୍ୟ କଣ? ଏହା

ଭାରତକୁ ଶରଣାର୍ଥୀ ହୋଇ ଆସିଲେ । ପଞ୍ଜାବ ଦୁଇଭାଗରେ ବାଣ୍ଟି ହୋଇଗଲା ଭାରତ ଓ ପାକିସ୍ତାନ ମଧ୍ୟରେ ।

୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ମଧ୍ୟ ରାତ୍ରିରୁ ଭାରତ ସ୍ୱାଧୀନ ହେଲା । ପଣ୍ଡିତ ଜବାହରଲାଲଙ୍କ ସ୍ୱପ୍ନ ସଫଳତା ଲଭିଲା । ଭାରତର ପାର୍ଲିଆମେଣ୍ଟ ଗୃହରେ ସେ ଭାରତର ସର୍ବପ୍ରଥମ ପ୍ରଧାନମନ୍ତ୍ରୀ ରୂପେ ସତ୍ୟପାଠ କରିଥିଲେ । ସେ ଦିନ ଦିଲ୍ଲୀଠାରେ ସ୍ୱାଧୀନ ଭାରତର ଜାତୀୟ ପତାକା ଉତ୍ତୋଳନ ବେଳେ ଯେଉଁ ଆନନ୍ଦ ଉଲ୍ଲାସ ଲକ୍ଷ ଲକ୍ଷ ଜନତା ମୁଖରେ ଦେଖାଦେଲା, ତାହା ଭାରତ ଇତିହାସରେ ଦୁର୍ଲ୍ଲଭ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ପ୍ରଧାନମନ୍ତ୍ରୀ ଗାଦିରେ ସମାସୀନ ପଣ୍ଡିତ ଜବାହରଲାଲ ଯେଉଁ ଜ୍ଞାନ ଓ ରାଜନୈତିକ କୌଶଳ ଦ୍ୱାରା ଭାରତକୁ ପୃଥିବୀରେ ସମ୍ମାନିତ କରି ପାରିଥିଲେ, ତାହା ବର୍ଣ୍ଣନା କଲେ ଏ ପ୍ରବନ୍ଧର କଳେବର ବଢ଼ିଯିବ ।

କିନ୍ତୁ ଏଠାରେ ଏତିକି କୁହାଯାଇପାରେ, ଯେତେବେଳେ ଭାରତରେ ସର୍ବତ୍ର ଆନନ୍ଦ ଉତ୍ସବର ଢେଉ ଖେଳିଯାଉଥିଲା, ସେତେବେଳେ ମହାତ୍ମା ଗାନ୍ଧୀ ନିରତ୍ସବର ଭାବେ କଲିକତାରେ ହିନ୍ଦୁ-ମୁସଲମାନ ସଂଘର୍ଷର ସମାଧାନରେ ଲାଗିଥାଆନ୍ତି ।

ଚିତ୍ରକର ଲେନ୍, ପାରଳା ଖେମୁଣ୍ଡି,
ଗଂଜାମ ।

* Rushkin Bond ଙ୍କ 'Man of Destiny' ପୁସ୍ତକରୁ ସଂକଳିତ



'ମୋର-ମୋର ଏକା କାହିଁକି, ଆମ ସମସ୍ତଙ୍କ ସ୍ୱପ୍ନର ସ୍ୱରାଜରେ ଜାତ କିମ୍ବା ଧର୍ମଗତ ଭେଦଭାବ ରହିବ ନାହିଁ । ଏହା ଶିକ୍ଷିତ କିମ୍ବା ଧନୀ ବ୍ୟକ୍ତିମାନଙ୍କ ଏକଚାଟିଆ ଅଧିକାର ହୋଇ ରହିବ ନାହିଁ । ସ୍ୱରାଜ ସମସ୍ତଙ୍କର । ଏଥିରେ କୃଷକ, ଧନୀ, ନିର୍ଦ୍ଧନ, ଅନ୍ଧ ଓ କୋଟି କୋଟି ଭୋକିଲା ଲୋକଙ୍କ ସ୍ଥାନ ରହିଛି ।'

—ଗାନ୍ଧୀ

ମୋଟ କଥା ସମାଜବାଦ ଜବରଦସ୍ତି ପ୍ରତିଷ୍ଠା କରାଯିବ ନାହିଁ, ସମସ୍ତଙ୍କର ମତ ନେଇ ସମସ୍ତଙ୍କର ସହଯୋଗରେ, ଗଣତାନ୍ତ୍ରିକ ପନ୍ଥାରେ ସମାଜବାଦ ପ୍ରତିଷ୍ଠା କରାଯିବ । ଏପରି ଏକ ସମାଜ ଗଢାଯିବ ଯେଉଁଥିରେ ସମସ୍ତେ ସମାନ ସୁଯୋଗ ପାଇବାକୁ ସୁବିଧା ପାଇବେ । ଏହି ସବୁ ସୁବିଧାରୁ କାହାକୁ ବଞ୍ଚିତ କରାଯିବ ନାହିଁ ।

ଦ୍ବିତୀୟ ପଞ୍ଚବାର୍ଷିକ ଯୋଜନା ପ୍ରଚଳନ ସମୟରେ ଦେଶରେ ଏହି ସମାଜବାଦ ନେଇ ଅନେକ ଆଲୋଚନା ଓ ସମାଲୋଚନା ଶୁଣିବାକୁ ମିଳିଲା । ଦ୍ବିତୀୟ ପଞ୍ଚବାର୍ଷିକ ଯୋଜନାରେ ସରକାରୀ ଉଦ୍ୟୋଗ ଓ ବୃହତ ଶିଳ୍ପ ଉପରେ ଗୁରୁତ୍ବ ଦିଆଯାଇଥିବାରୁ ଅନେକ ଭାବିଲେ ଯେ ଭାରତ ସୋଭିଏଟ ଋଷିଆ ଦ୍ବାରା ଆକୃଷ୍ଟ ହୋଇ ଦେଶରେ କମ୍ୟୁନିଜିମ ପ୍ରତିଷ୍ଠା କରିବାକୁ ଚେଷ୍ଟା କରୁଛି । ପଣ୍ଡିତ ନେହେରୁ ସେତେବେଳେ ରେଡିଓରେ ଏକ ଭାଷଣ ଦେଇ କହିଥିଲେ ଯେ ଭାରତୀୟ ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥା ଜନସାଧାରଣଙ୍କର ସ୍ପୃହିଦା ପୂରଣ କରି ପାରୁନାହିଁ । ଆମେ ଏପରି ଏକ ଅର୍ଥନୈତିକ ଓ ସାମାଜିକ ବ୍ୟବସ୍ଥା ସୃଷ୍ଟିକରିବା ଯେଉଁଥିରେ ବ୍ୟକ୍ତିଗତ ଲାଭ ଓ ଲୋଭ ସମାଜକୁ ଓ ଅର୍ଥନୀତିକୁ ପ୍ରଭାବିତ କରିବ ନାହିଁ, ଯେଉଁଥିରେ ଅର୍ଥନୈତିକ ଓ ରାଜନୈତିକ କ୍ଷମତା କେନ୍ଦ୍ରୀଭୂତ ହେବ ନାହିଁ । ସହଯୋଗୀ ପନ୍ଥା ସାହାଯ୍ୟରେ ଆମେ ଏକ ଶ୍ରେଣୀହୀନ ସମାଜ ପ୍ରତିଷ୍ଠା କରିବାକୁ ଚେଷ୍ଟା କରିବା ଯାହାଫଳରେ ସମସ୍ତେ ନିଜର ଆର୍ଥିକ, ମାନସିକ ଓ ଆଧ୍ୟାତ୍ମିକ ଅବସ୍ଥାର ଉନ୍ନତି କରିବାକୁ ସୁଯୋଗ ପାଇବେ । ଏହି ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ଗଣତାନ୍ତ୍ରିକ ପନ୍ଥାରେ ଓ ଶାନ୍ତି ଉପାୟରେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରିବାକୁ ପଡିବ । ଗଣତାନ୍ତ୍ରିକ ଯୋଜନା ଅର୍ଥ ସମସ୍ତ ବିଭବ ଓ ଶ୍ରମର ଉପଯୁକ୍ତ ବିନିଯୋଗ । ଏହି ହେଉଛି କମ୍ୟୁନିଷ୍ଟ ଓ ନେହେରୁଙ୍କ ଭିତରେ ପ୍ରଭେଦ ।କମ୍ୟୁନିଷ୍ଟମାନେ ଜୋର ଜବରଦସ୍ତି ସମାଜବାଦ ଓ ସାମ୍ୟବାଦ ପ୍ରତିଷ୍ଠା କରିବାକୁ ଚାହାନ୍ତି । ନେହେରୁ ଗଣତାନ୍ତ୍ରିକ ପନ୍ଥାରେ, ସମସ୍ତଙ୍କର ମନ ନେଇ, ସମସ୍ତଙ୍କୁ ବୁଝାଇ ସମାଜବାଦ ପ୍ରତିଷ୍ଠା କରିବାକୁ ଚାହାନ୍ତି ।

ନେହେରୁ କ୍ଷମତାକୁ ଆସିଲାପରେ ଭାରତରେ ଯେଉଁ ସମାଜବାଦର ଭିତ୍ତି ସ୍ଥାପନ କରିଥିଲେ, ସେଥିରେ ନିମ୍ନଲିଖିତ ବିଭାଗ ପ୍ରତି ଗୁରୁତ୍ବ ଦିଆଯାଇଥିଲା।

(୧) ଭାରତରେ ଯେଉଁ ସମାଜିକ ଓ ଆର୍ଥନୀତିକ ବ୍ୟବସ୍ଥା ଅଛି, ତାହା ଜନସାଧାରଣଙ୍କର ଆଶା ଓ ଆକାଂକ୍ଷା ପୂରଣ କରିନାହିଁ । ତେଣୁ ଏହି ଦୁଇଟି ବିଭାଗରେ ସାମୂହିକ ପରିବର୍ତ୍ତନ ଆଣିବାକୁ ପଡିବ ଅର୍ଥନୈତିକ କ୍ଷେତ୍ରରେ ବୃହତ ଶିଳ୍ପ ଓ ଉନ୍ନତ ଯାନ୍ତ୍ରିକ ପଦ୍ଧତି ଉପରେ ଗୁରୁତ୍ବ ଦେବାକୁ ପଡିବ । ବୃହତ ଶିଳ୍ପ ପ୍ରତିଷ୍ଠିତ ନ ହେଲେ ଅର୍ଥନୈତିକ ପ୍ରଗତି ସହଜ ହେବ ନାହିଁ । ଅନେକ କ୍ଷେତ୍ରରେ ଭାରତ ବିଦେଶ ଉପରେ ନିର୍ଭର କରିବାକୁ ବାଧ୍ୟ ହେବ । ଏହା ବ୍ୟତୀତ ଯାନ୍ତ୍ରିକ ପଦ୍ଧତିର ଉନ୍ନତି ନ ହେଲେ ଶିଳ୍ପ ବା କୃଷିର ଉତ୍ପାଦିକା ଶକ୍ତି ବୃଦ୍ଧି ହୋଇ ପାରିବ ନାହିଁ । ଭାରତ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି କରିବାକୁ ହେଲେ ତିନୋଟି ମୌଳିକ ଜିନିଷ ଉପରେ ଗୁରୁତ୍ବ ଦେବା ଉଚିତ ବୋଲି ନେହେରୁ ମତ ପ୍ରକାଶ କରିଥିଲେ । ସେ ହେଉଛି ଓଜନଦାର ଇଞ୍ଜିନିୟରିଂ ଓ କଳ କାରାଖାନା, ଶିଳ୍ପ, ବୈଜ୍ଞାନିକ ଗବେଷଣା ଅନୁଷ୍ଠାନ ଓ ବିଦ୍ୟୁତ ଶକ୍ତି ।

ଏଥିରୁ କେହି ବୁଝିବା ଉଚିତ ନୁହେଁ ଯେ ନେହେରୁ କ୍ଷୁଦ୍ର ଶିଳ୍ପର ବିରୋଧୀ ଥିଲେ । ଅର୍ଥନୈତିକ ସ୍ୱାବଲମ୍ବନଶୀଳତା ପାଇଁ ବୃହତ ଶିଳ୍ପ ଓ ଓଜନଦାର ଶିଳ୍ପ ଦରକାର । କିନ୍ତୁ କର୍ମସଂସ୍ଥାନ ସୃଷ୍ଟି ପାଇଁ କ୍ଷୁଦ୍ର ଶିଳ୍ପ ଦରକାର । ଉଭୟର ସମ୍ମିଶ୍ରଣରେ ଭାରତର ଅର୍ଥନୈତିକ ସ୍ଥିତି ମଜଭୁତ ହୋଇ ପାରିବ ବୋଲି ନେହେରୁଙ୍କର ଧାରଣା ଥିଲା । ସେହି ଅନୁସାରେ ଭାରତୀୟ ଯୋଜନା ପ୍ରସ୍ତୁତ କରାଯାଇଥିଲା ।

(2) ନେହେରୁ ସରକାରୀ ଉଦ୍ୟୋଗ ଉପରେ ଗୁରୁତ୍ବ ଦେଇଥିଲେ । କିନ୍ତୁ ସରକାର ସମସ୍ତ ପ୍ରକାର ଉଦ୍ୟୋଗକୁ ନିଜ ଅକ୍ତିଆରରେ ରଖିବା ସପକ୍ଷରେ ସେ ନଥିଲେ । ଯେଉଁ ଉଦ୍ୟୋଗ ଗୁଡିକ ମୁଖ୍ୟ ଓ ଓଜନଦାର, ଯାହାକି ବେସରକାରୀ ସଂସ୍ଥା ସହଜରେ ପ୍ରତିଷ୍ଠା କରି ପାରିବେ ନାହିଁ, ସରକାର ସେ ଗୁଡିକ ନିଜ ଅକ୍ତିଆରରେ ରଖିବେ । ବାକୀ ଶିଳ୍ପ ଗୁଡିକ ବେସରକାରୀ କର୍ତ୍ତୃତ୍ବରେ ରହି ପାରିବ । ସରକାରୀ ଓ ବେସରକାରୀ ଶିଳ୍ପର ସଂଯୋଗରେ ଭାରତୀୟ ଅର୍ଥନୀତି ପରିଚାଳିତ ହେବ । କିନ୍ତୁ ଅର୍ଥନୀତି

କଣ ମାର୍କସ୍‌ବାଦର ଅନ୍ୟ ଏକ ସଂସ୍କରଣ? ଏ କଥା ସତ ଯେ ନେହେରୁ ମାର୍କସ୍‌ଙ୍କ ଚିନ୍ତାଧାରା ଓ ସୋଭିଏଟ ରୁଷିଆର ଅର୍ଥନୈତିକ ପ୍ରଗତି ଦ୍ୱାରା ପ୍ରଭାବିତ ହୋଇଛନ୍ତି । କିନ୍ତୁ ସେ ଗାନ୍ଧିଜୀଙ୍କୁ ଛାଡି ପାରି ନାହାନ୍ତି । ଗୋଟିଏ ପଟେ ମାର୍କସ୍ ଓ ଅନ୍ୟ ପଟେ ଗାନ୍ଧିଜୀ । ଉଭୟଙ୍କର ପ୍ରଭାବ ଯୋଗୁଁ ନେହେରୁଙ୍କର ସମାଜବାଦରେ ଶ୍ରେଣୀ ସଂଘର୍ଷ ଅପେକ୍ଷା ଶ୍ରେଣୀ ସହଯୋଗ ପ୍ରାଧାନ୍ୟ ଅଧିକାର କରିଛି । ଗାନ୍ଧିଜୀଙ୍କର ଅହିଂସା ଆନ୍ଦୋଳନରେ ପଣ୍ଡିତ ନେହେରୁ ପ୍ରଭାବିତ ହୋଇ ସମାଜବାଦକୁ ଏକ ନୈତିକ ଆଦର୍ଶ ରୂପେ ଗ୍ରହଣ କରିଛନ୍ତି । ଏଥିରେ ଏକଛତ୍ର ଶାସନର ଭିତ୍ତି ନାହିଁ, ଶ୍ରେଣୀ ସଂଘର୍ଷର ସ୍ଥାନ ନାହିଁ, ଅଛି ଗଣତାନ୍ତ୍ରିକ ପଦ୍ଧତି, ସହଯୋଗୀ ସଂସ୍ଥା, ଅର୍ଥନୈତିକ ପ୍ରଗତି, ବିକେନ୍ଦ୍ରୀତ ବ୍ୟବସ୍ଥା ଓ ସାମାଜିକ ନ୍ୟାୟ । ମାର୍କସୀୟ ଚିନ୍ତାଧାରା ଅନୁସାରେ ଏହାକୁ ହୁଏତ ଅନେକ ସମାଜବାଦ ବୋଲି କହିବେ ନାହିଁ । କିନ୍ତୁ ନେହେରୁଙ୍କ ମତରେ ସମାଜବାଦ ଏକ ଡଗ୍‌ମା ନୁହେଁ, ଏହା ଏକ ଗତିଶୀଳ, ନୈତିକ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ।

ସମାଜବାଦ ସହିତ ଅର୍ଥନୈତିକ ଯୋଜନା ଓତପ୍ରୋତ ଭାବରେ ଜଡିତ । ସ୍ୱାଧୀନତାର ବହୁ ପୂର୍ବରୁ ପଣ୍ଡିତ ନେହେରୁ ଯୋଜନା ବିଷୟରେ ଯେଉଁ ମତ ଦେଇଥିଲେ, ତାକୁ ଅନୁଧ୍ୟାନ କଲେ ଦେଖାଯିବ ଯେ ସେ ଏକ ଗଣତାନ୍ତ୍ରିକ ପନ୍ଥାରେ ସମାଜବାଦ ପ୍ରତିଷ୍ଠା କରିବାକୁ ଚାହୁଁଥିଲେ । ଯେତେବେଳେ ସେ ସୁଭାଷ ବୋଷଙ୍କ ଦ୍ୱାରା ଗଠିତ ଜାତୀୟ ଯୋଜନା କମିଟିର ସଭାପତି ଥିଲେ, ସେତେବେଳେ ସେ ଯୋଜନାର ଆଭିମୁଖ୍ୟ ବିଷୟରେ ଆଲୋଚନା କରି ନିମ୍ନଲିଖିତ କେତୋଟି ପ୍ରସ୍ତାବ ଦେଇଥିଲେ ।

(1) ସମାଜରେ ଯେଉଁ ଅର୍ଜନେଚ୍ଛୁ ମନୋବୃତ୍ତି ଅଛି, ତାକୁ ନିୟନ୍ତ୍ରଣ କରିବା ସମାଜବାଦର ପ୍ରଧାନ ଲକ୍ଷ୍ୟ । ଏହା ପୁଞ୍ଜିବାଦର ହେଉଛି ସବୁଠାରୁ ବଡ ଦୋଷ । ପୁଞ୍ଜିବାଦରେ ଯେ ଯେତେ ଧନ ଅର୍ଜନ କରି ପାରିଲା ସେ ଜୀବନରେ ସେତେ ସଫଳତା ହାସଲ କରି ପାରିଲା ଏବଂ ସମାଜରେ ସେତିକି ସମ୍ମାନ ଓ ମର୍ଯ୍ୟାଦା ପାଇ ପାରିଲା । ଏପରି ଏକ ଅର୍ଜନେଚ୍ଛୁ ସମାଜରେ ପ୍ରତ୍ୟେକ ଲୋକ ସମାନ ସୁବିଧା ଓ ସୁଯୋଗ ପାଇବା ସହଜ ନୁହେଁ । ଏହା ବିଭେଦ ସୃଷ୍ଟି କରିବା ସ୍ୱାଭାବିକ ।

(2) ଅର୍ଥନୈତିକ ବାଧା ବିଘ୍ନ ଦୂର କରି ଜନସାଧାରଣଙ୍କର ଆର୍ଥିକ ଅବସ୍ଥାର ଉନ୍ନତି କରିବା ପାଇଁ ଅର୍ଥନୈତିକ ଯୋଜନା ଉପରେ ଗୁରୁତ୍ୱ ଦେବାକୁ ପଡିବ । ଏହି ଯୋଜନା ଗଣତାନ୍ତ୍ରିକ ପଦ୍ଧତିରେ କାର୍ଯ୍ୟକାରୀ କରାଯିବ । ହୁଏତ ଏକଛତ୍ର ପ୍ରଣାଳୀରେ ଯୋଜନା କଲେ ଅର୍ଥନୈତିକ ପ୍ରଗତି ସହଜ ହୋଇ ପାରେ । କିନ୍ତୁ ଏହା ଜନସାଧାରଣଙ୍କର ଉପକାରରେ ଆସିବ ନାହିଁ କି ଜନସାଧାରଣଙ୍କର ଅନ୍ତର୍ନିହିତ ଶକ୍ତିକୁ ବିକାଶ କରି ପାରିବ ନାହିଁ । ତେଣୁ ଜନସାଧାରଣଙ୍କର ସାହାଯ୍ୟ ନେଇ, ସହଯୋଗ ଭିତ୍ତିରେ ଯୋଜନା କାର୍ଯ୍ୟ ପରିଚାଳନା କରିବାକୁ ପଡିବ । ଏହା କେବଳ ଗଣତାନ୍ତ୍ରିକ ପଦ୍ଧତି ଦ୍ୱାରା ସମ୍ଭବ ହୋଇ ପାରିବ ।

(3) ଯୋଜନାର ଉଦ୍ଦେଶ୍ୟ କେବଳ ଅର୍ଥନୈତିକ ପ୍ରଗତି ହେବ ନାହିଁ । ଅର୍ଥନୈତିକ ପ୍ରଗତି ପାଇଁ ନିଶ୍ଚୟ ଉଦ୍ୟମ କରାଯିବ । ସେ ଦିଗରେ ଯେତେ ବାଧାବିଘ୍ନ ଅଛି, ତାକୁ ଦୂର କରିବାକୁ ଚେଷ୍ଟା କରାଯିବ । କିନ୍ତୁ ଅର୍ଥନୈତିକ ପ୍ରଗତି ସହିତ ଯଦି ସମାଜିକ ନ୍ୟାୟକୁ ସଂଯୋଗ ନ କରାଯାଏ, ଅର୍ଥନୈତିକ ପ୍ରଗତି ଦ୍ୱାରା ଦରିଦ୍ର ଜନସାଧାରଣ ବେଶୀ କିଛି ଉପକୃତ ହେବେ ନାହିଁ । ତେଣୁ ଅର୍ଥନୈତିକ ପ୍ରଗତି ସହିତ ଯୋଜନାରେ ସାମାଜିକ ସଂଗଠନର ପରିବର୍ତ୍ତନ ପାଇଁ ଉଦ୍ୟମ କରାଯିବ ।

ମାର୍କସ୍‌ଙ୍କ ଶ୍ରେଣୀ ସଂଘର୍ଷ ଉପରେ ଆଲୋଚନା କରି ପଣ୍ଡିତ ନେହେରୁ ମତ ପ୍ରକାଶ କରିଥିଲେ ଯେ ମାର୍କସ୍ ଶ୍ରେଣୀ ସଂଘର୍ଷକୁ ଆବିଷ୍କାର କରି ନାହାନ୍ତି । ଦାସ କାପିଟାଲ ଲେଖାହେବା ବହୁପୂର୍ବରୁ ସମାଜରେ ଶ୍ରେଣୀ ସଂଘର୍ଷ ରହିଛି । କିନ୍ତୁ ହିଂସା, ଦମନ ବା ଜୁଲମ ଦ୍ୱାରା ଏହି ସଂଘର୍ଷ ଦୂର ହୋଇ ପାରିବ ନାହିଁ । ସମାଜରେ ଯେତେ ପ୍ରକାର ସାମାଜିକ ଓ ଅର୍ଥନୈତିକ ଗୋଷ୍ଠୀ ବା ବ୍ୟକ୍ତି ଅଛନ୍ତି, ସେମାନଙ୍କୁ ସମସ୍ତଙ୍କୁ ଜବରଦସ୍ତି ଗୋଟିଏ ସ୍ତରକୁ ଅଣାଯାଇ ପାରିବ ନାହିଁ :

(you cannot equalise men by levelling down different socio-economic groups or individuals to one plane )

କହିଛନ୍ତି ଆଦର୍ଶ ଯେତେ ମହତ ହେଲେ ମଧ୍ୟ ଯଦି ଆମେ ଅନ୍ୟାୟ ପନ୍ଥା ଦ୍ୱାରା ଏହା ମହତ ଆଦର୍ଶକୁ ହାସଲ କରିବାକୁ ଚେଷ୍ଟା କରିବୁ, ସେହି ମହତ ଆଦର୍ଶ ତ ହାସଲ ହୋଇ ପାରିବ ନାହିଁ, ତାହା ପରିବର୍ତ୍ତେ ସମାଜରେ ଅନ୍ୟାୟ ହିଁ ରାଜତ୍ୱ କରିବ । ଭାରତ ପରି ଏକ ବିରାଟ ଦେଶରେ, ଯେଉଁଠାରେ ନାନା ପ୍ରକାର ବିଭେଦ ଅଛି, ସେଠାରେ ଯଦି ତରବାରୀ ସାହାଯ୍ୟରେ ସମାଜବାଦ ହାସଲ କରିବାକୁ ଚେଷ୍ଟା କରାଯାଏ, ତାହାହେଲେ ସମାଜବାଦ ହେଲାପରେ ସେହି ତରବାରୀ ଶାସନ ହିଁ ରାଜତ୍ୱ କରିବ । ତାଙ୍କ ଭାଷାରେ:

"The clash between swords will degenerate into fruitless violence and, in the process, the limited energies of the nation will be dissipated or, at any rate, greatly undermined. The method of peaceful progress is ultimately the method of democratic progress." ଏହି ଚିନ୍ତାଧାରାରେ ମାର୍କସ୍ ଓ ଗାନ୍ଧୀଙ୍କର ପ୍ରଭାବ କେତେ ତାହା ବୋଧହୁଏ ବୁଝିବା ବେଶୀ କଷ୍ଟ ହେବ ନାହିଁ ।

ଉପାଧ୍ୟକ୍ଷ ରାଜ୍ୟ ଯୋଜନା ବୋର୍ଡ଼

## ପୂର୍ଣ୍ଣସ୍ୱରାଜ ଓ ରାମରାଜ୍ୟ

ଅଳ୍ପସଂଖ୍ୟକ ଲୋକେ କ୍ଷମତା ହାସଲ କରିଦେଲେ ଯେ ସ୍ୱରାଜ ପ୍ରାପ୍ତି ହୋଇଗଲା, ତା' ନୁହେଁ । କ୍ଷମତାର ଅପବ୍ୟବହାର ହେଲେ ତାର ପ୍ରତିରୋଧ କରିବାପାଇଁ ଯଦି ଜନତା ଶକ୍ତିସମ୍ପନ୍ନ ହୋଇଉଠେ, ତା'ହେଲେ ଯାଇ ସ୍ୱରାଜ ପ୍ରତିଷ୍ଠିତ ହେଲା ବୋଲି ବୁଝିବାକୁ ହେବ ।.... ପୂର୍ଣ୍ଣ ସ୍ୱରାଜ ହେଲା ବାହ୍ୟ ଓ ଆଭ୍ୟନ୍ତରୀଣ ଆକ୍ରମଣରୁ ରକ୍ଷାପାଇବାର ଏକମାତ୍ର ପାଥେୟ — ଅର୍ଥନୈତିକ ପ୍ରଗତିର ପ୍ରଥମ ସୋପାନ । ସମ୍ପୂର୍ଣ୍ଣ ଅର୍ଥନୈତିକ ସ୍ୱାଧୀନତାହିଁ ସ୍ୱରାଜ; କେବଳ ରାଜନୈତିକ ମୁକ୍ତି ଯଥେଷ୍ଟ ନୁହେଁ । ପୂର୍ଣ୍ଣସ୍ୱରାଜର ଚରମ ଲକ୍ଷ୍ୟ ବୈଷୟିକ ନୁହେଁ, ନୈତିକ ଓ ଧାର୍ମିକ । ଅହିଂସା ତାର ପନ୍ଥା, ଏଥିରେ ହିଂସା, ଅସତ୍ୟ ଓ ଶତ୍ରୁତାର ସ୍ଥାନ ନାହିଁ ।

... ମୋ ସ୍ୱପ୍ନର ସ୍ୱାଧୀନତା ହେଉଛି ରାମରାଜ୍ୟ— ଅର୍ଥାତ୍ ପୃଥିବୀପୃଷ୍ଠରେ ଭଗବାନଙ୍କ ରାଜ୍ୟ । ଧାର୍ମିକ ଦୃଷ୍ଟିରୁ ଏହା ଧରାପୃଷ୍ଠରେ ଭଗବାନଙ୍କ ରାଜ୍ୟ ଏବଂ ରାଜନୈତିକ ଦୃଷ୍ଟିରୁ ଏହା ବିଶୁଦ୍ଧ ଗଣତନ୍ତ୍ର । ଏଠାରେ ସଂଗ୍ରହଲିପ୍ସା — ଚୌର୍ଯ୍ୟ ଲିପ୍ସା — ଅର୍ଥନୈତିକ ଭେଦଭାବ, ବର୍ଣ୍ଣବୈଷମ୍ୟ ବା ଲିଙ୍ଗ ବିଚାର ନ ଥିବ । ସର୍ବସାଧାରଣ ପୂଜା ଅରାଧନା, ବକ୍ତୃତା ଓ ସାମ୍ବାଦିକତାର ସ୍ୱାଧୀନତା ପାଇବେ । ବିଶେଷ ଖର୍ଚ୍ଚାନ୍ତ ନ ହୋଇ ସମସ୍ତେ ଶୀଘ୍ର ସମ୍ପୂର୍ଣ୍ଣ ନ୍ୟାୟ ପାଇବେ । ଏଭଳି ରାଷ୍ଟ୍ର ସର୍ବଦା ସତ୍ୟ ଓ ଅହିଂସା ଉପରେ ପ୍ରତିଷ୍ଠିତ ହେବ ।.... ଏହା ଏକ ମୁକ୍ତ ସମାଜର ଆଦର୍ଶ—ଏକ ସମବାୟ ଗଣରାଷ୍ଟ୍ରର ଆଦର୍ଶ....ଏକ ଉଜ୍ଜ୍ୱଳ ଗଣତନ୍ତ୍ର (Enlightened Democracy)

ଗାନ୍ଧିଜୀ

କ୍ଷେତ୍ରରେ ସରକାରୀ ଉଦ୍ୟୋଗ ପ୍ରାଧାନ୍ୟ ଲାଭ କରିବ ତାହା ହେଲେ ସରକାରଙ୍କ ତରଫରୁ ବେସରକାରୀ ଉଦ୍ୟୋଗକୁ ନିୟନ୍ତ୍ରଣ କରିବା ସହଜ ହେବ । ମୋଟ କଥା ଭାରତୀୟ ଅର୍ଥନୀତି ଲାଭଖୋର ପୁଞ୍ଜିପତିମାନଙ୍କ ଦ୍ୱାରା ପରିଚାଳିତ ହେବ ନାହିଁ । ପୁଞ୍ଜିବାଦରେ ଲୋଭ ଓ ଲାଭ ଅର୍ଥନୀତିକୁ ନିୟନ୍ତ୍ରଣ କରେ । ଭାରତୀୟ ସମାଜବାଦରେ ଜନକଲ୍ୟାଣ ଅର୍ଥନୀତିକୁ ନିୟନ୍ତ୍ରଣ କରିବ ।

(୩) ଅର୍ଥନୈତିକ ପ୍ରଗତି ସହିତ ସାମାଜିକ ନ୍ୟାୟକୁ ମଧ୍ୟ ଗୁରୁତ୍ୱ ଦିଆଯିବ । ଏହି ନ୍ୟାୟ ହାସଲ କରିବା ପାଇଁ ଅର୍ଥନୈତିକ ବିଭେଦ ଦୂର କରିବା ପାଇଁ ଚେଷ୍ଟା କରାଯିବ । ଏଥିପାଇଁ କେବଳ ରାଜକୋଷୀୟ ପନ୍ଥା ଗ୍ରହଣ କରାଯିବ ନାହିଁ । ରାଜକୋଷୀୟ ବ୍ୟବସ୍ଥା ସାଧାରଣତଃ ଟିକସ ଓ ଖର୍ଚ୍ଚ ପନ୍ଥା ଉପରେ ନିର୍ଭର କରେ । ଏହି ପନ୍ଥା ଅନୁସାରେ ଧନୀମାନଙ୍କ ଉପରେ ଅଧିକ ଟିକସ ଓ ଗରିବମାନଙ୍କ ଉପରେ କମ ଟିକସ ବସାଯାଏ ତାହା ସହିତ ଦରିଦ୍ରମାନଙ୍କର ଉନ୍ନତି ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଜନକଲ୍ୟାଣ ବିଭାଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଏ । କିନ୍ତୁ କେବଳ ରାଜକୋଷୀୟ ପନ୍ଥା ଦ୍ୱାରା ଅର୍ଥନୈତିକ ବିଭେଦ ଦୂର ହୋଇ ପାରିବ ନାହିଁ । ସେଥିପାଇଁ କେତେକ ପ୍ରତ୍ୟକ୍ଷ ବ୍ୟବସ୍ଥା ମଧ୍ୟ ଗ୍ରହଣ କରିବାକୁ ପଡିବ, ଯଥା ଭୂସଂସ୍କାର । ନେହେରୁ ସେଥିପାଇଁ ଜମିଦାରୀ ଉଚ୍ଛେଦ, ଜମିର ସର୍ବୋଚ୍ଚ ସୀମା ନିର୍ଧାରଣ ପ୍ରଭୃତି ଅନେକ ବ୍ୟବସ୍ଥା ଗ୍ରହଣ କରିଥିଲେ । ଏହା ବ୍ୟତୀତ ବେସରକାରୀ ଶିଳ୍ପ କ୍ଷମତା ନିୟନ୍ତ୍ରଣ କରିବା ପାଇଁ ଅନେକ ସରକାରୀ ନିୟନ୍ତ୍ରଣ ଜାରି କରିଥିଲେ । ୧୯୪୮ ଓ ୧୯୫୬ ରେ ଯେଉଁ ଶିଳ୍ପନୀତି ଘୋଷଣା କରା ଯାଇଥିଲା, ତାହା ଫଳରେ ବେସରକାରୀ ଶିଳ୍ପ କ୍ଷମତା ନିୟନ୍ତ୍ରଣ କରିବା ପାଇଁ ଅନେକ ପ୍ରସ୍ତାବ ଦିଆ ଯାଇଥିଲା ।

(୪) ମୁଖ୍ୟ ଓ ଓଜନଦାର ଶିଳ୍ପକୁ ଜାତୀୟକରଣ କରି ଓ ଅର୍ଥନୈତିକ ବ୍ୟବସ୍ଥା ଉପରେ ଅଧିକ ନିୟନ୍ତ୍ରଣ କରି ସରକାରୀ କ୍ଷମତା କେନ୍ଦ୍ରୀଭୂତ କରିବାକୁ ନେହେରୁ ଚାହିଁ ନ ଥିଲେ । ଯୋଜନା ହେଲେ ସରକାରଙ୍କର ଅର୍ଥନୈତିକ କ୍ଷମତା ନିଶ୍ଚୟ ବୃଦ୍ଧି ହେବ । ପୂର୍ବରୁ କହିଛୁ ସମାଜବାଦ ସହିତ ଯୋଜନା ମଧ୍ୟ ଓତପ୍ରୋତ ଭାବରେ ଜଡିତ । ଯୋଜନା ସାହାଯ୍ୟରେ ଅର୍ଥନୈତିକ ଦିଗ ନିୟନ୍ତ୍ରଣ କରିବା ମଧ୍ୟ ନେହେରୁଙ୍କର ଅର୍ଥନୈତିକ ବିଶ୍ୱାସ ବୋଲି ଧରା ଯାଉଥିଲା । କିନ୍ତୁ ଏହି ଯୋଜନାକୁ ସେ କେନ୍ଦ୍ରୀଭୂତ ନ କରି ବିକେନ୍ଦ୍ରିତ କରିବାକୁ ଚାହିଁ ଥିଲେ । ଏଥିରେ ଗାନ୍ଧିଜୀଙ୍କ ମତ ନେହେରୁଙ୍କୁ ପ୍ରଭାବିତ କରିଥିଲା । ଉଭୟ ରାଜନୀତିକୁ ଓ ଅର୍ଥନୈତିକ କ୍ଷମତାକୁ ବିକେନ୍ଦ୍ରିତ କରିବାକୁ ନେହେରୁଙ୍କ ସମୟରେ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିଲା ।

(୫) ସବୁଠାରୁ ବଡ କଥା ହେଉଛି ଯେ ନେହେରୁ ଜନସାଧାରଣଙ୍କର ସହଯୋଗରେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ପାଇଁ ଉଦ୍ୟମ କରିଥିଲେ । ଗ୍ରାମଗୋଷ୍ଠୀ ଯୋଜନା ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏହା କେବଳ ଅମଲାତନ୍ତ୍ର ଦ୍ୱାରା ପରିଚାଳିତ ହେଉ ନ ଥିଲା । ଏଥିରେ ଜନସାଧାରଣ ସକ୍ରିୟ ଭାବରେ ସହଯୋଗ କରୁଥିଲେ । ଏହା ଫଳରେ ଗାଁ ଗହଳରେ କେବଳ ଅର୍ଥନୀତିର ପରିବର୍ତ୍ତନ ହେଉ ନ ଥିଲା ଦେଶରେ ଏକ ସହଯୋଗୀ ବାୟୁମଣ୍ଡଳ ସୃଷ୍ଟି ହେଉଥିଲା । ରାଜନୀତିଜ୍ଞ, ଅମଲାତନ୍ତ୍ର ଓ ଜନସାଧାରଣ ଏକତ୍ର ମିଶି ଦେଶର ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାକୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥିଲେ । ଏହି ଗ୍ରାମଗୋଷ୍ଠୀ ଯୋଜନା ଦ୍ୱାରା ନେହେରୁ ଏତେ ପ୍ରଭାବିତ ହୋଇଥିଲେ ଯେ ସେ ଏହାକୁ ଏକ ଆଲୋକ ଶିଖା ହିସାବରେ ଚିତ୍ର କରିଥିଲେ । ତାଂକ ଭାଷାରେ,
"All over India, there are now centres of human activity that are like lamps spreading their light more and more in the surrounding darkness. This light must grow and grow until it covers the land." ଏଥିରୁ ଦେଖିବାକୁ ହେବ ଯେ ନେହେରୁଙ୍କର ସମାଜବାଦ ଏକ ମାନବ ପ୍ରେମୀ, ନୈତିକ ଓ ଅହିଂସା ଆଦର୍ଶ । ଏଥିରେ ସତ୍ୟ ଅଛି, ପ୍ରେମ ଅଛି, ଉଦାରତା ଅଛି ଏବଂ ତାହା ଫଗେ ଫଗେ ବାସ୍ତବତା ମଧ୍ୟ ଅଛି । ସେଥିପାଇଁ ସେ

ଆଶ୍ରମରେ ଆମେ ତିନିଜଣ । ଚନ୍ଦ୍ରଶେଖର ବାବୁ, ମୁଁ । କଂଗ୍ରେସ କର୍ମୀ ସହଦେବ ଦାସ କିଛିଦିନ ପରେ ଯାଇ ପହଞ୍ଚିଲେ । ସେ ନିଷ୍ଠାପର ସମାଜସେବୀ । ସେ ସ୍ଥାନେ ସ୍ଥାନେ ସଭା କରି ଗ୍ରାମବାସୀଙ୍କୁ ଗାନ୍ଧିଜୀଙ୍କ ନିର୍ଦ୍ଦେଶ ବୁଝାନ୍ତି, ଚନ୍ଦ୍ରଶେଖର ବାବୁ ଔଷଧ ବାଣ୍ଟନ୍ତି । ମୁଁ ସୂତାକଟା ଶିକ୍ଷା ଦିଏ ।

ଆଶ୍ରମ ଘରର ମାଲିକ ହରି ଚରଣ ମହାନ୍ତି ସରକାରୀ ଚାକିରିଆ– ଚନ୍ଦୋବସ୍ତ କାନୁନ୍‌ଗୋ । ସବୁ ସମୟରେ ବିଦେଶରେ ରହନ୍ତି । କେବେ କିପରି ଗ୍ରାମକୁ ଆସିଲେ ତାଙ୍କ ଘରୁ ଚାଉଳ, ଡ଼ାଲି, ପରିବା ଆଦି 'ସିଧା' ଆଶ୍ରମକୁ ପଠାଇ ଦିଅନ୍ତି । କିନ୍ତୁ ପୁଲିସ ଡ଼ରରେ କେବେ ଆଶ୍ରମକୁ ଆସନ୍ତି ନାହିଁ କି ଆଶ୍ରମବାସୀଙ୍କ ସହ କଥାବାର୍ତ୍ତା କରନ୍ତି ନାହିଁ ।

ଭୋରରୁ ଉଠି ରୋଷେଇ କରେ । ସେତକ କାମ ମୋର । ଭାତ, କିଛି ପରିବା ଥିଲେ ଗୋଟିଏ ଘାଣ୍ଟ ତରକାରୀ, ନହେଲେ ଦହି କଢ଼ି ବା ସାଲୁ ଚକଟା । ଗଉଡୁଣୀ ବୁଢ଼ୀଟିଏ ପଇସାକର ଘୋଳ ଦହି ଦେଇଥାଏ । ଆଠ ଦଶଦିନ ପରେ ସୁବିଧା ହେଲେ ପଇସା ଗଣିନିଏ ।

ସକାଳୁ ଖାଇପିଇ ଯେ ଯାହା କାମରେ ବାହାରି ଯାଉ । ଚନ୍ଦ୍ରଶେଖର ବାବୁ ଯାଆନ୍ତି ରୋଗୀ ଦେଖିବାକୁ – ହାତରେ ଔଷଧ ବାକ୍ସ । ସହଦେବ ବାବୁ ଯାଆନ୍ତି ସଭା କରି ଲୋକଙ୍କୁ ବୁଝାଇବା ପାଇଁ – ସେ ପ୍ରଚାରକ । ମୁଁ ତୁଳାଭିଣା ଧରି ଯାଏ ତୁଳାଭିଣା ଓ ସୂତାକଟା ଶିଖାଇବାକୁ । ପନ୍ଦରଦିନ ଭିତରେ କେଉଁ ଗ୍ରାମରେ କେତେ ନୂଆ ଅରଟ ଚାଲିଲା, ତାର ରିପୋର୍ଟ ଦେବାକୁ ହେବ ।

ରାତିରେ ପୁଣି ସମସ୍ତେ ଏକାଠି ହେଉ ଆଶ୍ରମରେ । ରାତ୍ରି ଭୋଜନ ଚୁଡ଼ା ବା ମୁଢ଼ି ।

ଜଣେ ଯୁବକ ଦିନେ ତାଙ୍କ ଗ୍ରାମକୁ ଯିବା ପାଇଁ ଡାକିଲେ । ତାଙ୍କ ଆଗ୍ରହ ଦେଖି ଖୁସି ଲାଗିଲା । କହିଲେ, ''ଗ୍ରାମଟା ବେଶୀ ଦୂର ନୁହେଁ– କୋଶେ ବାଟ ହେବ ।''

ଚାଉଳ ନଥିବାରୁ ସେ ଦିନ ରୋଷେଇ ବନ୍ଦ । ତେଣୁ ସକାଳ ପ୍ରାୟ ଆଠଟା ସମୟରେ ଆଶ୍ରମ ଛାଡ଼ିଲି । ନିତ୍ୟ ସାଙ୍ଗୀ ତୁଳାଭିଣା ଧରି ସେହି ଗ୍ରାମକୁ ଗଲି । ବର୍ଷା ଦିନ– ନାଳ ବଢ଼ି ପାଣି ଅରେ ବିଲବାଡ଼ି ବୁଡ଼ାଇ ଛାଡ଼ି ଯାଇଛି । ନିଘଞ୍ଚ ଧାନ କିଆରୀ ଭିତରେ ଖାଲଢ଼ିପ ସବୁ ହିଡ଼ରେ ପାଣି କାଦୁଅ ଚକଟି ଚାଲିବାକୁ ପଡ଼ିଲା । ଛାତିଏ, ବେକେ ଉଚ୍ଚରେ ଧାନଗଛ ବଢ଼ିଛି । ପବନରେ ଦୋହଲି ଦେହରେ ପିଟି ହେଉଛି । କାଦୁଅରେ ପାଦ ପଡ଼ିଲା ବେଳେ ଧଣ୍ଡସାପ, କଙ୍କଡ଼ା, ଗେଣ୍ଡା ଚାଲି ଯାଉଥିଲା ଭଳି ଜଣାପଡୁଛି । ତଳକୁ ଚାହିଁ ଦେଖିବାର ଉପାୟ ନାହିଁ ।

ଯୁବକଙ୍କ କୋଶେ ବାଟ ସରୁ ନାହିଁ କି ଆଖି ପାଉଡା ପର୍ଯ୍ୟନ୍ତ ଗାଁଗଣ୍ଡା କିଛି ଦେଖାଯାଉ ନାହିଁ । ପ୍ରକୃତରେ ସାତ ଆଠ ମାଇଲ ବାଟ । ଦିନ ଏଗାରଟା ବେଳକୁ ସେ ଗ୍ରାମରେ ପହଞ୍ଚିଲି । ଯୁବକ ଭାରି ଖୁସି । ଗ୍ରାମର ଏ ମୁଣ୍ଡରୁ ସେମୁଣ୍ଡ ଯାଏ ସବୁ ଘରେ ପଶି ଖବର ଦେଇ ଦେଲେ । ସମସ୍ତଙ୍କର ଡକରା, ଆଗ ଆମ ଘରକୁ ଆସ ।

ବଡ଼ ଗ୍ରାମଟିଏ । ସମସ୍ତେ ଗରିବ, ଅବସ୍ଥାପନ୍ନ ।

ଘରଘର ବୁଲି ସେଦିନ ବହୁତ କାମ କରିବାକୁ ପଡ଼ିଲା । କେତେବେଳେ ଯେ ଦିନ ଗଡ଼ିଗଲାଣି ଖିଆଲ ନାହିଁ । ପେଟ ଭିତରେ ଯେ ଭୋକ ତାଣ୍ଡବ ଲୀଳା ଲଗାଇଛି, ତାହା ସେତିକିବେଳକୁ ଜଣା ପଡ଼ିଲା ।

ସୁଣିତା ବାଜି ଗଲାଣି ବୋଧହୁଏ । ଚାରିଆଡ଼ ଅନ୍ଧାର କରି ମେଘ ଘୋଟି ଆସୁଛି । ଆଶ୍ରମକୁ ଫେରିବା ଦରକାର । ରାତି ହୋଇଗଲେ କି ବର୍ଷା ହେଲେ ବିଲ ଭିତରେ ଦେଇ ବାଟ ଚାଲିବା ସମ୍ଭବ ନୁହେଁ ।

ଜଣେ ବୁଢ଼ୀ ଆସି ଡାକିଲେ ତାଙ୍କ ଘରକୁ ଯିବା ପାଇଁ । ବାରମ୍ବାର ମନା କଲେ ମଧ୍ୟ ସେ ଛାଡ଼ିଲେ ନାହିଁ । ବାଧ୍ୟ ହୋଇ ତାଙ୍କ ପଛେପଛେ ଚାଲିଲେ ।

ଭାବି ଥିଲି, ବୁଢ଼ୀ ତାଙ୍କ ଅରଟଟାକୁ ସଜାଡ଼ି ଦେବାକୁ କହିବେ କିମ୍ବା ବରାଦ କରିବେ ବୋହୂକୁ ସୂତାକଟା ବତାଇ ଦିଅ ।

ବୁଢ଼ୀ ଏକାବେଳେକେ ମୋତେ ଘର ଭିତରକୁ ନେଇଗଲେ । କହିଲେ, 'ପୁଅ ଦିନଯାକ ତ ଏଇଠି ରହିଛୁ । କିଛି ଖାଇ ନାହୁଁ । ଭୋକ କରୁଥିବ । ମୁଁ ଚୁଡ଼ା ମୁଠାଏ ଧୋଇ ଦେଉଛି; ଖାଇ ଦେ ।'

''ଅନ୍ଧାର ମାଡ଼ି ଆସୁଛି । ତୁହାକୁ ତୁହା ବର୍ଷା । ଧାନ କିଆରୀ ଭିତରେ ଏତେ ବାଟ ଯିବାକୁ ପଡ଼ିବ । ଆଉ ସମୟ ନାହିଁ ।'' ଏହା କହି ବୁଢ଼ୀ ଅନୁରୋଧ ଏଡାଇ ଦେଉଥିଲି । ବୁଢ଼ୀର ପୁଅ– ଡାକି ନେଇଥିବା ସେହି ଯୁବକ ଆସି ଭରସା ଦେଲା, ''ମୁଁ ସାଙ୍ଗରେ ଯାଇ ଆଶ୍ରମରେ ଛାଡ଼ି ଦେଇ ଆସିବି ।

ଘର ଭିତରେ ବସିଲି । ବୁଢ଼ୀ ମୁଠିଏ ଚୁଡ଼ା ଧୋଇ ଆଣି ଆଗରେ ରଖିଲା । ଗୁଡ଼ ପାଇଁ ପାଖ ଘରକୁ ଗଲା । ବାହାରୁ ଜଣେ କିଏ ଧଇଁ ସଇଁ ହୋଇ ଧାଇଁ ଆସିଲା । ମା ଓ ପୁଅଙ୍କ କାନରେ କଣ କହିଦେଲା । ଦେଖିଲି, ପୁଅର ମୁହଁ ସଙ୍ଗେସଙ୍ଗେ କଳା ପଡ଼ିଗଲା । ବୁଢ଼ୀ ହାତରେ ଗୁଡ଼ ଧରି ଗୋଟାସୁଦ୍ଧା ଥରୁଛି ।

ପାଖକୁ ଆସି ବୁଢ଼ୀ ଫୁସ୍ ଫୁସ୍ କରି କହିଲା, ''ଗାଁକୁ ପୁଲିସ ଆସିଛି, ଚଉକିଆ ସାଙ୍ଗରେ ଅଛି ।'' ସେତେବେଳକୁ ତା' ଆଖିରୁ ଲୁହ ଧାର ବୋହିବାରେ ଲାଗିଛି । ଏଇଲାଗେ ପୁଅକୁ ବାନ୍ଧିନେବ । ମାଡ ଦେବ, କଅଣ କରିବି ?

''ତୁମେ ବାଡ଼ିପଟେ ପଳାଅ, ନହେଲେ ମୁଁ ମରିଯିବି ।'' ପୁଅ ଛନିଅ ହୋଇ କହି ପକାଇଲା ।

ମା, ପୁଅଙ୍କ ବିକଳ ନେହୁରା ଦେଖି ଉଠି ପଡ଼ିଲି । ପୁଲିସ ସହିତ ମୁକାବିଲା କରିବାକୁ ଇଚ୍ଛା ହେଉଥିଲା । ଜେଲ ଯିବାଟା ସେତେବେଳକୁ ଗୌରବର କଥା ହୋଇ ଗଲାଣି । ମାତ୍ର ମୋ ଲାଗି ନିରୀହ ଗ୍ରାମବାସୀ ହଟହଟା ହେବେ, ବୁଢ଼ୀର ପୁଅ ଅକାରଣ ମାଡ ଖାଇବ– ଏହା ଭଲ ଲାଗିଲା ନାହିଁ ।

ଚୁଡ଼ାବାଟି ସେଇଠାରେ ପଡ଼ି ରହିଲା । ମୁଁ ଉଠି ବାଡ଼ିଦୁଆର ମୁହଁ ବାଟେ ଧାନ କିଆରୀ ଜଙ୍ଗଲ ଭିତରେ ପଶିଗଲି ।

ଇଉନିୟନ ପ୍ରେସିଡେଣ୍ଟ ଗାଁ ଚୌକିଦାରକୁ ଧରି ଚୌକିଦାରୀ ଟିକସ ଆଦାୟ କରିବାକୁ ଗାଁକୁ ଆସିଥିଲେ । ସେତେବେଳେ ପୁଲିସର ଚୋକୁଆ ଭୟ ଲୋକଙ୍କୁ ଅତି ବେଶି ବିଚଳିତ କରି ପକାଉଥିଲା । ଗାନ୍ଧିଲୋକ ଗ୍ରାମକୁ ଆସିଲେ, କେହି ତା ସହିତ କଥାବାର୍ତ୍ତା କରିବ ନାହିଁ, ପିଣ୍ଡାରେ ବସାଇବ ଦେବ ନାହିଁ, ଚୌକିଦାର ଥାନାବାବୁଙ୍କ ଏ ନିର୍ଦ୍ଦେଶ ବାରମ୍ବାର ଆସି ଶୁଣାଉଥାଏ । ଯେ ଚୌକିଦାରକୁ ସନ୍ତୁଷ୍ଟ କରି ପାରିନଥାଏ, ବା ଯାହା ଉପରେ ରାଗ ଥାଏ, ଚୌକିଦାର ତା ନାମରେ ଥାନାରେ କହିଦିଏ ଗାନ୍ଧିବାଲା ସହିତ ଏହାର ସଲାସୁତୁରା ଅଛି । କନେଷ୍ଟବଲ ଆସି ସେ ଲୋକକୁ ଧରି ନେଉଥିଲା । ସକାଳୁ ସଞ୍ଜଯାଏ ଥାନାରେ ବସେଇ ରଖୁଥିଲା । ଘିଅ ସେରେ, ଦହି ହାଣ୍ଡିଏ ବା ସରୁ ଚାଉଳ, କିଛି ପନିପରିବା ନିଶ୍ଚୟ ମିଳିବ– ଜମାଦାର ଏହା ଭଲ ରୂପେ ଜାଣନ୍ତି । ପୁଣି କାଠ ଚିରାଇବା, ବାଡ଼ିଘର ସଫା କରିବା ଇତ୍ୟାଦି କାମ ବିନା ପଇସାରେ ହୋଇଯିବ ।

ଜମିଦାର ଓ ଜମାଦାର– ଏ ଦୁହିଙ୍କ ଅତ୍ୟାଚାର ତ କିଛି କମ୍ ନଥିଲା । ପୁଣି ଗାଁଗାଁ ଘରପୋଡ଼ି ଆତଙ୍କ ଅତି ବେଶି ତୀବ୍ର । ଗ୍ରାମବାସୀଙ୍କର ଧାରଣା ଗାନ୍ଧୀବାଲାଙ୍କୁ ଜବତ କରିବା ପାଇଁ ପୁଲିସ ହିଁ ଏ କାମ କରୁଛି ।

ପ୍ରେସିଡେଣ୍ଟ ସରକାରୀ ଚାକିରିଆ ନୁହନ୍ତି । ଦରମା ପାଆନ୍ତି ନାହିଁ । ପୁଲିସର ମନୋନୀତ ସାଧାରଣ ଗ୍ରାମବାସୀ । ଚଉକିଦାରଙ୍କ ଦରମା ପାଇଁ ଲୋକଙ୍କଠାରୁ ଗୋଟିଏ ସ୍ୱତନ୍ତ୍ର ଟିକସ ଆଦାୟ ହେଉଥାଏ– ଚଉକିଦାରୀ ଟିକସ । ପ୍ରେସିଡେଣ୍ଟ ଘରଘର ବୁଲି ତାହା ଆଦାୟ କରନ୍ତି, ଚଉକିଦାରଙ୍କ ଦରମା ଦିଅନ୍ତି, ବଳକାଟକ ତାଙ୍କର କମିଶନି ପ୍ରାପ୍ୟ । ଥାନା ବାବୁଙ୍କୁ ସନ୍ତୁଷ୍ଟ କରି ରଖିବା ପାଇଁ ସମୟ ସମୟରେ ସେହି

# ସଂଗ୍ରାମର ସ୍ମୃତି

ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ

୧୯୨୩ ମସିହା । କଟକ ଜିଲ୍ଲା କଂଗ୍ରେସ କମିଟିରୁ ନିର୍ଦ୍ଦେଶ ପାଇଲି, ପାଟକୁରା ଅଞ୍ଚଳରେ ଯାଇ କାମ କରିବାକୁ ହେବ । ଗାଁ ଗାଁ ବୁଲି ଗାନ୍ଧିଜୀଙ୍କ ବାର୍ତ୍ତା ତ ପ୍ରଚାର କରିବ, ତା ସଙ୍ଗେସଙ୍ଗେ ତୂଳାଭିଣା ଓ ସୂତାକଟା ଗାଡ଼ିଲି ଲୋକଙ୍କୁ ଶିକ୍ଷା ଦେବ । କେତେ ଲୋକ କେଉଁ ଗ୍ରାମର ଅରଟରେ ସୂତା କାଟିବା ଶିକ୍ଷାକଲେ, ପ୍ରତି ପନ୍ଦର ଦିନରେ ଜିଲ୍ଲା ଅଫିସକୁ ତାର ରିପୋର୍ଟ ପଠାଉଥିବ ।

ଦୁଇବର୍ଷ ତଳେ ସ୍କୁଲ ଛାଡ଼ି ଅଳକାଶ୍ରମରେ ରହୁଥିଲି । ସେଠାରେ ତୂଳାଭିଣା, ସୂତାକଟା ଓ ଲୁଗାବୁଣାରେ ଦକ୍ଷତା ହାସଲ କରିଥିଲି । ତେଣୁ ପୂଜ୍ୟ ଗୋପବନ୍ଧୁ ଚୌଧୁରୀଙ୍କ ପରାମର୍ଶରେ ନିପଟ ଧୋୟା ଅଞ୍ଚଳ ମଫସଲରେ କାର୍ଯ୍ୟ କରିବାକୁ ପଠାଗଲା ।

ପାଟକୁରା ଥାନାର ଚିତ୍ରୋତ୍ପଳା ନଦୀ କୂଳରେ ଛୋଟ ଗ୍ରାମଟିଏ—ସିମୁଳିଆ । ଗାଁ ମୁଣ୍ଡରେ ନଦୀ ବନ୍ଧ ଉପରେ ବିରାଟ ବରଗଛ । ଚଉକତି ଓହଳ ଓହଳିଛି, ଡାଳସବୁ ବହୁଦୂରକୁ ଲମ୍ବି ଯାଇଛି । ବଡ଼ ଗୋଟାଏ ଚକଡା ମାଡ଼ି ବସିଛି ।

ତାହା ଏକ ଧର୍ମପୀଠ । ପ୍ରାୟ ପ୍ରତିଦିନ ରାତିରେ ମେଳା ମହୋତ୍ସବ, ପୂଜାକୀର୍ତ୍ତନ ଲାଗି ରହିଥାଏ । ଲୋକଙ୍କର ବିଶ୍ୱାସ, ଗଛରେ ଠାକୁରାଣୀ ବିଜେ କରିଛନ୍ତି । ପ୍ରତ୍ୟକ୍ଷ ଦେବୀ । ଅନ୍ୟାୟ ଅନୀତି କଲେ କଣ୍ଠା ଖାଇଯାନ୍ତି । ନାମ କୁଦାନଗରୀ କିନ୍ତୁ ନଗରର ଚିହ୍ନ ବର୍ଣ୍ଣ ନାହିଁ ।

ଏହି କୁଦାନଗରୀ ନାମରେ ସେ ଅଞ୍ଚଳ ପ୍ରସିଦ୍ଧ । ଖଣ୍ଡେ ଦୂରରେ ଅନ୍ୟ ଏକ ଗ୍ରାମରେ ଗାଡ଼ିଲି ଡାକଘର— ନାମ କୁଦାନଗରୀ ପୋଷ୍ଟ ଅଫିସ । ସେହି ଘରେ ବସୁଥିବା ସ୍କୁଲର ନାମ କୁଦାନଗରୀ ଉଚ୍ଚ ପ୍ରାଥମିକ ସ୍କୁଲ । ଜଣେ ବୃଦ୍ଧ ପୋଷ୍ଟମାଷ୍ଟର, ପୁଣି ସ୍କୁଲର ହେଡ଼ ପଣ୍ଡିତ ମଧ୍ୟ । ପୋଷ୍ଟମାଷ୍ଟର ଭାବରେ ସାତଟଙ୍କା ବେତନ; ସ୍କୁଲ ମାଷ୍ଟର ହେତୁ ଜିଲ୍ଲା ବୋର୍ଡରୁ ପାଆନ୍ତି ପାଞ୍ଚଟଙ୍କା ।

ସାଧକ ଚନ୍ଦ୍ରଶେଖର ମିଶ୍ର ସେହି ସିମୁଳିଆ ଗ୍ରାମରେ ସ୍ୱରାଜ୍ୟ ଆଶ୍ରମ ପ୍ରତିଷ୍ଠା କରିଥିଲେ । ନାମ ଦେଇଥିଲେ କୁଦାନଗରୀ ଆଶ୍ରମ । ଗାଁ ଗାଁ ବୁଲି ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରଚାର କରିବା, କଂଗ୍ରେସର ଚାରିଅଣିଆ ସଭ୍ୟ କରାଇବା, ତିଳକ ସ୍ୱରାଜ୍ୟ ପାଣ୍ଠି ସଂଗ୍ରହ କରିବା ଆଶ୍ରମର ଲକ୍ଷ୍ୟ । ଚନ୍ଦ୍ରଶେଖର ବାବୁଙ୍କର ଆଉ ଗୋଟିଏ ବଡ଼ କାମ ଥିଲା, ଗାଁ ଗାଁ ବୁଲି ଲୋକଙ୍କୁ ଔଷଧ ଦେବା ।

ନିପଟ ମଫସଲ ଧୋୟା ଅଞ୍ଚଳ । ଆଖପାଖରେ କୌଣସି ଚିକିତ୍ସାଳୟ ନାହିଁ କି ବୈଦ୍ୟ କବିରାଜ ନାହାନ୍ତି । ମାଲେରିଆ ଜ୍ୱର, ହଇଜା, ବସନ୍ତ ପ୍ରଭୃତି ରୋଗରେ ଲୋକମାନେ ବର୍ଷକଯାକ କଷ୍ଟ ପାଉଥାନ୍ତି । ବିନା ଚିକିତ୍ସାରେ ବହୁ ସଂଖ୍ୟାରେ ମରୁଥାନ୍ତି ।

ଚନ୍ଦ୍ରଶେଖର ବାବୁ ଗୋଟିଏ ହୋମିଓପାଥିକ ବାକ୍ସ ଧରି ଗାଁ ଗାଁ ବୁଲନ୍ତି । ରୋଗୀକୁ ପରୀକ୍ଷା କରନ୍ତି, ଔଷଧ ଦିଅନ୍ତି । ତାଙ୍କର ନିରହଙ୍କାର ସ୍ୱଭାବ, ମିଳାମିଶା ଢଙ୍ଗ ଓ ଅଯାଚିତ ଚିକିତ୍ସା ଯୋଗୁଁ ଆଖପାଖ ଅଞ୍ଚଳର ପନ୍ଦର କୋଡ଼ିଏଟି ମୌଜାରେ ସେ ଖୁବ୍ ସ୍ନେହ ଆଦର ପାଉଥିଲେ ।

ମୁଁ ହେଲି କୁଦାନଗରୀ ଆଶ୍ରମର ସୂତାକଟା ଓ ତୂଳାଭିଣା ପ୍ରଚାରକ । ଗାଁ ଗାଁ ବୁଲି ଲୋକଙ୍କୁ ବିଶେଷତଃ ସ୍ତ୍ରୀଲୋକମାନଙ୍କୁ ତୂଳାଭିଣା ଓ ସୂତାକଟା ଶିକ୍ଷା ଦେଉଥିଲି ।

ଘରର ଭାଡ଼ି ଉପରେ ପଡ଼ିଥିବା ଦୁଇ ତିନି ପୁରୁଷ ତଳର ଅରଟ ସବୁ ତଳକୁ ଆସି ସଜଡ଼ା ହେଲା । କେତେ ନୂଆ ଅରଟ ତିଆରି କରାଗଲା । ବଢ଼େଇମାନଙ୍କୁ କାମ ମିଳିଲା । ସାଇସାଇରେ, ଘରେଘରେ ଅରଟ ଘୂରିଲା । ଲୁଗା, ଶାଢ଼ୀ ନ ହେଉ ପଛକେ, ଗାମୁଛା, ଶୀତ ଚାଦର, ବୋକସ୍ତ୍ରବନ୍ଧା କନ୍ଥିଆ ସବୁ ଆଉ ହାଟରୁ କିଣିବାକୁ ପଡ଼ିଲା ନାହିଁ ।

ଯାହା ବାଡ଼ିରେ ବାରମାସିଆ କପାଗଛ ଥିଲା, ତାର ଯତ୍ନ ନିଆଗଲା । କିଏ କିପରି ଖଣ୍ଡିଏ ଖଣ୍ଡିଏ କିଆରୀରେ ଆଗରୁ କପାଚାଷ କରୁଥିଲେ । ସେମାନେ ତ ଖୁସି । ସେମାନଙ୍କ ଦେଖାଦେଖି ଅନ୍ୟମାନେ କପାଚାଷ କଲେ । ଗୋଟିଏ ଗ୍ରାମରୁ ଅନ୍ୟ ଗ୍ରାମକୁ ତାହା ବ୍ୟାପି ଗଲା । ବଢ଼େଇ, ତନ୍ତୀ, ଗୁଣୀ-ସବୁଶ୍ରେଣୀର ଲୋକେ ଖୁସି । ଆଶ୍ରମବାସୀଙ୍କ ଆଦର ବଢ଼ିବାକୁ ଲାଗିଲା ।

ଗ୍ରାମର ସ୍ତ୍ରୀଲୋକମାନଙ୍କୁ ତୂଳାଭିଣା, ସୂତାକଟାରେ ତାଲିମ ଦେବା ତ ମୋ କାମ । କର୍ମ ପରିସର ଅଳ୍ପଦିନ ମଧ୍ୟରେ ବଢ଼ିଗଲା । ପ୍ରତିଦିନ କୌଣସି ନା କୌଣସି ଗ୍ରାମରୁ ଡ଼କରା ଆସିଲା ।

ଚନ୍ଦ୍ରଶେଖର ବାବୁ ରୋଗୀ ଚିକିତ୍ସା କରିବାକୁ ଗଲେ କୃତଜ୍ଞ ପରିବାର କେହି ଚାଉଳ ମାଣେ, କେହି ସାରୁପୁଅ ଦୁଇଟା, କେହି କଖାରୁ ବା ଲାଉ ଫାଳେ ଆଣି ଆଶ୍ରମରେ ଦେଇ ଯାଆନ୍ତି । ମାସକ ଭିତରେ ଦଶ ପନ୍ଦର ଥର ଏପରି ମିଳିଥାଏ । ସିମୁଳିଆ ଗ୍ରାମର କୋଡ଼ୋଟି ଘରେ ମୁଠି ଚାଉଳ ହାଣ୍ଡି ବସିଥାଏ । ସେଥିରୁ ମାସକୁ ଦୁଇ ତିନିସେର ବାରମିଶା ଚାଉଳ ମିଳେ ।

# ଇତିହାସର ଏକ ମର୍ମନ୍ତୁଦ ଅଧ୍ୟାୟ

ଡ଼କ୍ଟର ଜଗନ୍ନାଥ ପଟ୍ଟନାୟକ

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସ ଏକ ଗୌରବ ଗାରିମାମୟ କାହାଣୀ । ଏହି ସଂଗ୍ରାମରେ କେତେ ଯେ ଆନ୍ଦୋଳନ, ବିପ୍ଳବ ଓ ରୋମହର୍ଷକାରୀ ଘଟଣା ସଂଘଠିତ ହୋଇଛି, ତା'ର କଳନା ନାହିଁ । ତନ୍ମଧ୍ୟରୁ ୧୯୪୨ ମସିହାରେ ସଂଘଠିତ ଭାରତଛାଡ଼ ଆନ୍ଦୋଳନ ବା ଅଗଷ୍ଟବିପ୍ଳବ ସ୍ୱାଧୀନତା ସଂଗ୍ରାମ ଇତିହାସରେ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଘଟଣାରୂପେ ବିବେଚିତ । ଫଳାଫଳ ଦୃଷ୍ଟିରୁ ଏହା ଆମ ଦେଶର ଇତିହାସରେ ଫରାସୀ ବିପ୍ଳବ ଓ ରୁଷ ବିପ୍ଳବର ସ୍ଥାନ ଅଧିକାର କରିଥାଏ । ଏହି ଭାରତଛାଡ଼ ଆନ୍ଦୋଳନରେ ଭାରତର ଅନ୍ୟାନ୍ୟ ଅଞ୍ଚଳର ଅଧିବାସୀଙ୍କ ପରି ଓଡ଼ିଶାବାସୀ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ । ବିଶେଷତଃ ଭଦ୍ରକ ସବ୍‌ଡିଭିଜନ ଅନ୍ତର୍ଗତ ଇରମ ଅଞ୍ଚଳରେ ଏହି ଆନ୍ଦୋଳନ ଏକ ଅଭୂତପୂର୍ବ ରୂପ ଧାରଣକରି ପରିଶେଷରେ ୧୯୪୨ ମସିହା ସେପ୍‌ଟେମ୍ବର ତା ୨୮ ରିଖ ଦିନ ଏକ ମର୍ମନ୍ତୁଦ ଘଟଣାରେ ପରିସମାପ୍ତି ଘଟିଥିଲା । ପୋଲିସ ଗୁଳିବର୍ଷଣ କରି ୨୯ ଜଣଙ୍କର ପ୍ରାଣନେବା ସଙ୍ଗେସଙ୍ଗେ ୫୬ଜଣଙ୍କୁ ଆହତ କରିଥିଲେ । ତାହା ଭାରତୀୟ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ମର୍ମନ୍ତୁଦ କାହାଣୀ । ତା'ର ଏକ ସଂକ୍ଷିପ୍ତ ସୂଚନା ଉକ୍ତ ପ୍ରବନ୍ଧର ସୀମିତ କଳେବର ମଧ୍ୟରେ ଦିଆଯାଇଛି ।

ଭଦ୍ରକ ସବ୍‌ଡିଭିଜନର ବାସୁଦେବପୁର ଥାନା ଅନ୍ତର୍ଗତ ଇରମ ହେଉଛି ଏକ ସୁପ୍ରତିଷ୍ଠିତ ଗ୍ରାମ । ଏହି ଥାନାର ଅନ୍ୟ ଅଞ୍ଚଳ ଅପେକ୍ଷା ଇରମରେ ଜନଜାଗରଣର ଉଜାଣି ସ୍ରୋତ ଅଧିକ ପ୍ରଖର ହୋଇଥିଲା ଅବଶ୍ୟ ତା ମୂଳରେ କେତୋଟି କାରଣ ନିହିତ । ତା'ର ଗହନ କଥା ବାସୁଦେବପୁର ଥାନାର ଇତିହାସରେ ଏକ ରହସ୍ୟ ଜିଜଡ଼ିତ ଅଧ୍ୟାୟ । ସେ ସବୁର ପର୍ଯ୍ୟାପ୍ତ ଆଲୋଚନା କରିବା ଏଠାରେ ସମ୍ଭବ ନୁହେଁ । ତଥାପି ଦୁଇ ତିନୋଟି କାରଣ ଏଠାରେ ଉଦ୍ଧାର କରାଯାଇପାରେ । ବିଧି ପ୍ରେରିତ ହେବାପରି ସେହି ଘୋର ଦୁର୍ଦ୍ଦିନରେ ଇରମ ଆକାଶରେ ଶୁକ୍ରତାରା ରୂପେ ପ୍ରତିଭାତ ହୁଅନ୍ତି କବି ବାଞ୍ଛାନିଧି ମହାନ୍ତି । ସେ ବହୁ ଉଚ୍ଚକୋଟୀର ଜାତୀୟବାଦୀ କବିତା ରଚନା କରିବା ସଙ୍ଗେସଙ୍ଗେ ନିଜେ ଏକ ଯାତ୍ରାଦଳ ଗଠନ ପୂର୍ବକ ଅଭିନୀତ ନାଟକର ମଧ୍ୟେ ମଧ୍ୟେ ତାହା ଗାନକରି ଶ୍ରୋତାମାନଙ୍କ ହୃଦୟରେ ଜାତୀୟତାର ତରଙ୍ଗକୁ ଉଦ୍‌ବେଳିତ କରିପାରିଥିଲେ । ତାଙ୍କ କବିତା ଗୁଡ଼ିକରେ ଜାତୀୟତା ତଥା ସ୍ୱାଧୀନତା ପ୍ରତି ପ୍ରୀତିର ଉଚ୍ଛ୍ୱାସ ସୃଷ୍ଟିକରିବା ପାଇଁ କେତୋଟି ପଂକ୍ତି ଉଦ୍ଧାର କରାଗଲା । ସେ ଲେଖିଛନ୍ତି–

"ସ୍ୱରାଜ ବିହୁନେ ନାହିଁ ପ୍ରତିକାର ଆଶା,  
ସ୍ୱରାଜବିହୁନେ ନଘୁଞ୍ଚିବ ଦୁଃଖ ନିଶା"  
×　×　×　×  
ଯା'ର ମତ କହିବାକୁ ନାହିଁ ଘରା,  
ସେ କେଉଁ ଜାତିର ହେବ ଗଣା........

ସ୍ୱାଧୀନତା ପ୍ରାପ୍ତିର ଆଶାବାଦୀ ହୋଇ ସେ ମଧ୍ୟ ଲେଖିଥିଲେ–

"ଉତ୍କଳର ସୁତ ହୁଅନ୍ତେ ଜାଗ୍ରତ  
ଜନନୀର ଋଣୁ ହୁଅ ହେ ମୁକତ  
କରମ କରିବ ମୁକତି ପାଇବ  
ସ୍ୱାଧୀନତା ଧ୍ୱଜ ଉଡ଼ିବ ନିଶ୍ଚୟ ।"

ନାଟକ ଆରମ୍ଭ ହେବା ପୂର୍ବରୁ ସେ ୪–୬ ଜଣ ପିଲାଙ୍କ ମୁଖରେ ସ୍ୱରଚିତ ମାତୃଭୂମି ବନ୍ଦନା ବୋଲାଇ ଜାତୀୟତାର ଉତ୍ସ ସୃଷ୍ଟି କରାଇ ପାରୁଥିଲେ । ତା'ର ଏକ ପଂକ୍ତି ନିମ୍ନରେ ଉଦ୍ଧାର କରାଗଲା । ଧନଜନ ଯୁକ୍ତା ଭାରତ ମାତା ନମୋ ନମୋ ଜନନୀ ଶ୍ରୀଚରଣେ, ସନ୍ତାନବନ୍ଦେ ପ୍ରେମାନନ୍ଦେ ଯା ଚିର କରୁଣା ମା ଶରଣେ," । ଏହିପରିଭାବେ ଇରମର ଜନଜାଗରଣ ସୃଷ୍ଟି କରିବା ଦିଗରେ ଗଣକବି ବାଞ୍ଛାନିଧି ମହାନ୍ତିଙ୍କର ଅବଦାନ ଉଲ୍ଲେଖନୀୟ ।

ଏତଦ୍‌ବ୍ୟତୀତ ଇରମ ଅଞ୍ଚଳରେ ଅଭୂତପୂର୍ବ ଜନଜାଗରଣ ପାଇଁ ସେଠାକାର ତତ୍‌କାଳୀନ ଜମିଦାର ରାଧାକାନ୍ତ ପାଠୀ ଯେ କିୟଦାଂଶରେ ଦାୟୀ, ତାହା ଅସ୍ୱୀକାର କରିହେବ ନାହିଁ । ତାଙ୍କ ଅମଲାବୃନ୍ଦଙ୍କର ପ୍ରଜାମାନଙ୍କର ପ୍ରତି ଶୋଷଣ ନୀତି ଇରମ

ପଇସାରେ ସେ ନାନା ପ୍ରକାର ଉପଢୌକନ ଦେଇଥାଏ । ତେଣୁ, ପୁଲିସର ସେ ଅତି ବିଶ୍ୱସ୍ତ । ଗ୍ରାମର ସବୁଭିତିରି କଥା ପୁଲିସ କାନରେ କହନ୍ତି । ଏକ ପ୍ରକାର ଦଣ୍ଡମୁଣ୍ଡର କର୍ତ୍ତା ସେହିମାନେ ।

ସେହିମାନଙ୍କୁ ଲକ୍ଷ୍ୟ କରି ପଣ୍ଡିତ ଗୋପବନ୍ଧୁ ଥରେ 'ସମାଜ' ସଂପାଦକୀୟରେ ଲେଖିଥିଲେ—

''ପ୍ରେସିଡେଣ୍ଟ ପ୍ରେସିଡେଣ୍ଟ ସୁପ୍ରଦଣ୍ଡା ତଥୈବଚ
ତ୍ରୟଦଣ୍ଡା ସମାଯୁକ୍ତା ରାଜ୍ୟନାଶଶ୍ଚ ହେତବ ।''

ପ୍ରେସିଡେଣ୍ଟ— ଗାଁ ଇଉନିୟନର ଚୌକିଦାର ପ୍ରେସିଡେଣ୍ଟ । ଥାନା ବାବୁ—ପୁଲିସ ସବ୍‌ଇନ୍‌ସପେକ୍ଟରଙ୍କ ଡାହାଣ ହାତ । ପ୍ରେସିଡେଣ୍ଟ—ଛୋଟ ଛୋଟ ଗଡଜାତ ସମୂହର କର୍ମକର୍ତ୍ତା । ରାଜାମାନେ ମଧ୍ୟ ଏହାଙ୍କ ବଚସ୍କର । ସୁପ୍ରଦଣ୍ଡା— ପୁଲିସ ସୁପରିଟେଣ୍ଡେଣ୍ଟ ।

କାନ ଅତଡାପକା ଘଡଘଡ଼ି ସହ ପ୍ରବଳ ବର୍ଷା । କିଟିକିଟି ଅନ୍ଧାର ରାତି । ବେକେ ଉଛର ଧାନଗଛର ଜଙ୍ଗଲ ଭିତରେ ପାଣିକାଦୁଅ ଚକଟି ଚକଟି ଏକାକୀ ଆଶ୍ରମକୁ ଫେରିବାକୁ ହେଲା । ''ବିଜୁଳି କଢାଇଲା ବାଟ କି ଗୋବିନ୍ଦ ହରି'' । ଚାରି ପାଞ୍ଚଥର ଖାଲରେ ପଡ଼ି ସାରା ଦେହ କାଦୁଅ ଲୁଦୁବୁଦୁ । ଅତି ପ୍ରିୟ ଚୁଙ୍କାଭିଣା ଯନ୍ତ୍ର ବାଟରେ କେଉଁଠି ଖସି ପଡ଼ିଲାଣି । ଗାଁ, ଘର ଆଶ୍ରା ଦୂରେ ଥାଉ ଗୋଟିଏ ବଡ଼ କି ସାନ ଗଛ ବି ବାଟରେ ନାହିଁ ଯେ ତା' ତଳେ ଟିକିଏ ଠିଆ ହୋଇଯିବି ।

ନଦୀବନ୍ଧ ଉପରର ସେହି ଧର୍ମପୀଠ କୁଦାନଗରୀ ବରଗଛ ମୂଳେ ପହଞ୍ଚିବା କ୍ଷଣି ମନରେ ବିଶ୍ୱାସ ହେଲା ଯେ ମୁଁ ବଞ୍ଚି ରହିଅଛି । ସେତିକିବେଳକୁ ବିଲୁଆ ପଲ ସେମାନଙ୍କ ଶେଷ ପ୍ରହରର ସ୍ୱର ମେଳାଇ ଦେଇଥାନ୍ତି ।

ଜଗତସିଂହପୁର ଅଳକାଶ୍ରମରୁ ପାଟକୁରା ଥାନାର କୁଦାନଗରୀ ଆଶ୍ରମ ପ୍ରାୟ ପନ୍ଦର ସତର ମାଇଲ ଦୂର । ଦୁଇଟି ନଈ ପାରି । ଧାନ ବିଲ ଓ ଅପଚରା ରାସ୍ତାର ଉପରେ ଚାଲିବାକୁ ପଡ଼ିବ । ଜୟପୁର ନିକଟରେ ମହାନଦୀ ପାର ହେବାକୁ ପଡ଼ିବ ।

କୁଦାନଗରୀକୁ ପ୍ରଥମ ଯାତ୍ରା ମୋର ମଇ ମାସରେ । ମହାନଦୀର ପ୍ରଶସ୍ତ ଶଯ୍ୟା ବାଲି; ଗୋଟିଏ ପାଖରେ ଗୋଟିଏ କ୍ଷୀଣ ପାଣିଧାର । ସେଥିରେ ଅଣ୍ଟାଏ ପର୍ଯ୍ୟନ୍ତ ପାଣି ସୁଅ ।

ତା'ପରେ ଯେଉଁ ନଦୀଟି ପଡେ, ସେଥିରେ ସବୁ ସମୟରେ ପାଣିର ସୁଅ ଚାଲିଥାଏ । ପାଖଆଖରେ କୌଣସି ଗ୍ରାମ ନାହିଁ । ଲୋକଙ୍କୁ ବିଶେଷତଃ ଡାକହରକରା, ପୁଲିସ ବା ସରକାରୀ କର୍ମଚାରୀମାନଙ୍କୁ ପାରଉତାର କରାଇବା ପାଇଁ ବୋଧହୁଏ ଜିଲ୍ଲା ବୋର୍ଡ ପକ୍ଷରୁ ଗୋଟିଏ ଡଙ୍ଗା ପଡ଼ିଥାଏ ।

ସେ ସମୟରେ ଗାନ୍ଧୀ ଟୋପିର ମାହାତ୍ମ୍ୟ ଥିଲା ଅତି ବେଶି । ପ୍ରତ୍ୟେକ କର୍ମୀ ମୁଣ୍ଡରେ ଧଳା ଖଦଡ କନାର ଟୋପି ଲଗାଉଥିଲେ । ପଇତା ବ୍ରାହ୍ମଣର ସଙ୍କେତ ଭଳି ଗାନ୍ଧୀଟୋପି ଥିଲା ଅସହଯୋଗ ଆନ୍ଦୋଳନର କର୍ମୀ ବା ଗାନ୍ଧୀ ମହାରାଜ ଶିଷ୍ୟଙ୍କ ସଙ୍କେତ ।

ଏହି ଟୋପି ଗାଁ ଗହଳର ଜନସାଧାରଣଙ୍କଠାରୁ ଯେତିକି ଆଦର, ସମ୍ମାନ, ସହାନୁଭୂତି ଆକୃଷ୍ଟ କରି ଆଣୁଥିଲା, ପୁଲିସ ବା ସରକାରୀ ଲୋକଙ୍କ ଘୃଣା, କ୍ରୋଧ ଓ ବିଦ୍ରୁପ ତା'ଠାରୁ ଅଧିକ ପାଉଥିଲା ।

ସମସ୍ତଙ୍କ ଦେଖାଦେଖି ମୁଁ ମଧ୍ୟ ଗୋଟିଏ ଟୋପି କରାଇଥିଲି । ଗୁରୁଜନ ବା ବୟସ୍କଙ୍କ ଆଗରେ ମୁଣ୍ଡରେ ଲଗାଇବାକୁ ଲାଜ ମାଡୁଥିଲା । ସବୁ ସମୟରେ ପକେଟରେ ରହିଥାଏ । କୁଦାନଗରୀ ଯାତ୍ରାବେଳେ ସେଇଟିକୁ ମୁଣ୍ଡରେ ଦେଇ ଗର୍ବ ଅନୁଭବ କଲି । ଏଠାରେ ତ କେହି ଗୁରୁଜନ ବା ପରିଚିତ ବ୍ୟକ୍ତି ନାହାନ୍ତି— ଲାଜ କରିବି କାହିଁକି ?

ଜୟପୁରଠାରେ ମହାନଦୀ ପାର ହୋଇ ବାଲି ଶଯ୍ୟାର ଉପରକୁ ଉଠିଲା ବେଳକୁ ଦିନ ଗଡ଼ିଗଲାଣି । କୁଦାନଗରୀ କେଉଁଠାରେ, କେତେ ଦୂରରେ ଜାଣି ନାହିଁ । କେଉଁବାଟେ ଯିବାକୁ ହେବ, ତାହା ମଧ୍ୟ ଅଜଣା । ଯେଉଁ ଗ୍ରାମ ବାଟରେ ପଡେ, ସେଠାରେ ଅଟକି ଲୋକଙ୍କୁ ପଚାରେ । ତାଙ୍କ ନିର୍ଦ୍ଦେଶ ଅନୁସାରେ ଆଗକୁ ଚାଲୁଥାଏ । ଚିତ୍ରୋପଳା ନଦୀ କୂଳରେ ପହଞ୍ଚିଲାବେଳକୁ ରାତିମତ ଚଉଦିଗ ଅନ୍ଧାର ।

ନୂଆ ଯାତ୍ରୀ । ଅପରିଚିତ ଯାଗା । ନଈର ପାଣି ଧାର କେତେ ଗଭୀର ତାହା ଜାଣିବାର ଉପାୟ ନାହିଁ । ପାଖଆଖରେ ଗାଁ, ଘର କିଛି ଦେଖାଯାଉ ନାହିଁ । ଚାରିଆଡ ନିର୍ଜ୍ଜନ ।

ଚାଲିଚାଲି ଧାର ପାଖକୁ ଗଲି । ଗୋଟିଏ ଛୋଟ ପଟୁଆଡଙ୍ଗା ଘାଟରେ । ପାଖରେ ସାନ ପିଲାଟିଏ ଖୁଣ୍ଟିରେ ଡାଙ୍ଗୁ ବାନ୍ଧୁଛି ।

ନଈ ପାର କରି ଦେବାକୁ କହିଲି । ଶୁଣିଲା ନାହିଁ । ଆଉ ଟିକିଏ ଲାଗି ଯାଇ ସୁଉକିଟିଏ ଦେଖାଇଲି । ମୋ ମୁହଁକୁ ଚାହିଁଲା । ପଇସା ନଧରି ଓ ପାଟି ନ ଫିଟାଇ ବନ୍ଧ ଉପରକୁ ଉଠିଗଲା ।

ରାତିଟା କଟାଇବି କିପରି, ଠିକ୍ କରିପାରିଲି ନାହିଁ । ପିଲାଟି ନିଶ୍ଚୟ ତା' ଘରକୁ ଯିବ । ତା ପିଣ୍ଡାରେ ରାତିଟା କଟିଯିବ । ଏହା ଭାବି ପିଲା ପଛେ ପଛେ ଚାଲିଲି ।

ଗାଁମୁଣ୍ଡ ପର୍ଯ୍ୟନ୍ତ ଯାଇ ନାହିଁ, ଆଗରୁ ଜଣେ ପ୍ରୌଢ଼ ଆସୁଥିବାର ଦେଖାଗଲା । ପିଲା ସହିତ କଥାବାର୍ତ୍ତା ହେଲା । ଜାଣିଲି ବାପ ପୁଅ ।

ତାଙ୍କୁ ମୋ ଅସୁବିଧା ଜଣାଇଲି । ପିଲାକୁ ଘରକୁ ପଠାଇ ଦେଇ ସେ ମୋ ସହିତ ଆସିଲେ । କହିଲେ, ''ନଈ ଆରପାଖରେ ଆଶ୍ରମ । ଅସୁବିଧା ହେବ ନାହିଁ ।''

ଆସୁଆସୁ ବାଟରେ କହିଲେ, ''ମୁଣ୍ଡରୁ ଟୋପିଟା କାଢ଼ି ଦିଅ । ସେହି ଟୋପି ପାଇଁ ପିଲା ଡରିଲା, ପାର କରାଇ ଦେଲା ନାହିଁ । ତୁମେ ହେଲ ଗାନ୍ଧୀ ଲୋକ । ଆମେ ତୁମକୁ ପାର କରାଉଛୁ ଶୁଣିଲେ, ପୁଲିସ ଥାନାକୁ ଧରି ନେବ ମାଡ଼ ଦେବ । ନ ହେଲେ କିଛି ଆଦାୟ କରିବ ।''

ବାଧ୍ୟ ହୋଇ ଟୋପି କାଢ଼ି ଆଣି ପକେଟରେ ରଖିଲି ।

ଡଙ୍ଗାରେ କାତ ମାରୁମାରୁ ଅଭିଜ୍ଞତା ବର୍ଣ୍ଣନା କଲେ, ''ଦିନେ ନାଆରେ ପାଞ୍ଚ ଛଅ ଜଣ ପାର ହେଉଥିଲେ । ସେମାନଙ୍କ ଭିତରେ ନେଳୀ ପଗଡ଼ି ପିନ୍ଧା ଚୌକିଦାର ଥିଲେ । ତୁମ ଭଳି ଧଳା ଟୋପି ମୁଣ୍ଡରେ ଥିବା ଜଣେ ଲୋକ ବି ବସିଥିଲା । ସେ କୂଳରେ ନାଆ ଲାଗିବା ସଙ୍ଗେ ଚୌକିଦାର ମୋତେ ଓ ଟୋପିଧାରୀକୁ ଥାନାକୁ ଧରି ଚାଲିଲା । ପ୍ରାୟ ଦୁଇକୋଶ ବାଟ ଚାଲିଚାଲି ଥାନାରେ ପହଞ୍ଚିଲୁ । ଥାନାବାବୁ କଥାବାର୍ତ୍ତା କରି ଜାଣିଲେ ଯେ ସେ ଧଳା ଟୋପି ପିନ୍ଧା ଗାନ୍ଧୀ ଲୋକ ନୁହେଁ— ଜଣେ ମୁସଲମାନ୍ ।''

---

ନାରାୟଣ ମିଶ୍ର ଲେନ୍,
ଅରୁଣୋଦୟ ମାର୍କେଟ,
କଟକ—୧୨

---

ଅନ୍ୟର ସ୍ୱାଧୀନତା ଅପହରଣ ପାଇଁ ଚେଷ୍ଟା ନ କରି ବା ଅନ୍ୟର ମୁକ୍ତିଲାଭର ଉଦ୍ୟମରେ ବାଧା ନ ଦେଇ ନିଜ ବାଟରେ ନିଜର କଲ୍ୟାଣ ସାଧନ ଦିଗରେ ଆମମାନଙ୍କୁ ଯେଉଁ ସ୍ୱାଧୀନତା ସୁଯୋଗ ଦେଇଥାଏ, ତାହାହିଁ ଏକମାତ୍ର ସ୍ୱାଧୀନତା ।

ଜନ୍ ଷ୍ଟୁଆର୍ଟ ମିଲ୍

ରୂପେ ନିଯୁକ୍ତ ହୋଇଥିଲେ । ତାଙ୍କ ବିଶ୍ୱର ବିରୁଦ୍ଧରେ ପୁନର୍ବିଚାର ପାଇଁ ଏକ ଉଚ୍ଚ ଅଦାଲତ କମିଟି ନୂଆଗାଁର ପାଣ୍ଡୁଦାସଙ୍କ ନେତୃତ୍ୱରେ ଗଠନ କରାଯାଇଥିଲା । ଇରମର ଭଗି ସିଂ ଓ ତାଙ୍କ ପୁତ୍ର ରାମ ସିଂ କଂଗ୍ରେସର କାର୍ଯ୍ୟକ୍ରମ ପ୍ରତି ବିରୋଧ ମନୋଭାବ ପୋଷଣ କରିଥିବାରୁ ସେମାନଙ୍କୁ ଦୁଇଦିନ ପାଇଁ ଜେଲଖାନାରେ ଅଟକ ରଖାଯାଇଥିବାର ଜଣାଯାଏ ।

କେବଳ ସେତିକି ନୁହେଁ । ନବଗଠିତ ସରକାର ଅଧୀନରେ ମୁଖ୍ୟତଃ ୩ଟି ବିଭାଗ ରଖାଯାଇଥିଲା । ଯଥା–ସୈନ୍ୟ ବିଭାଗ, ଗୁପ୍ତଚର ବିଭାଗ ଓ ରସଦ ବିଭାଗ । ସୈନ୍ୟ ବିଭାଗର ଦୁଇଟି ଅଙ୍ଗ ଥିଲା, ଯଥା–ମରଣସେନା ଓ ଶାନ୍ତି ସେନା ।

ଏହାପରେ ଇରମ ଅଞ୍ଚଳରେ ଘଟଣାଗୁଡ଼ିକ କ୍ଷିପ୍ରଗତିରେ ଗଡ଼ି ଚାଲିଥିଲା । ଏହା ଥିଲା ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ ସୋମବାର ଦିନର ଘଟଣା । ୟୁନିୟନ୍ ପ୍ରେସିଡେଣ୍ଟଙ୍କର ଝରକା ଭଙ୍ଗାଭୁଙ୍ଗା ତଥା ଜମିଦାରଙ୍କର ପହୁଞ୍ଚିତ ଅମାର ଭାଙ୍ଗିବା ପାଇଁ ଧମକ ଆଦି ତଦାରଖ କରିବା ସଙ୍ଗେସଙ୍ଗେ ଅଗଷ୍ଟ ଆନ୍ଦୋଳନରେ ପୁରୋଭାଗରେ ଥିବା ନେତାଙ୍କୁ ଗିରଫ କରିବାପାଇଁ ବାସୁଦେବପୁର ଥାନାରୁ ଏକ ପୋଲିସ ଫୌଜ, ଡି. ଏସ୍. ପି. କୁଞ୍ଜବିହାରୀ ମହାନ୍ତିଙ୍କ ଅଧିନାୟକତ୍ୱରେ ଇରମ ଅଭିମୁଖେ ଯାତ୍ରା କରିଥିଲେ । ସେଥିରେ ୧୮ ଜଣ ପୋଲିସ ଫୌଜ, ଜଣେ ଅସ୍ଥାୟୀ ଗୋଇନ୍ଦା ପୋଲିସ, ଜଣେ ଜମାଦାର, ଜଣେ ଇନ୍‌ସ୍‌ପେକ୍ଟର । ଜଣେ ସବଇନ୍‌ସ୍‌ପେକ୍ଟର ରହିଥିଲେ । ସେମାନେ ଗମେଇ ନାମ୍ନୀ ଏକ ନଦୀ ଘାଟରେ ପହଞ୍ଚି ନାଉରୀକୁ ପାର କରିବାକୁ କହିବାରୁ ସେ ତାହା କରିନଥିଲେ । ତେଣୁ ପୋଲିସ୍ ଫୌଜ ଶେଷରେ ନିଜେ ଡଙ୍ଗା ବାହି ଇରମ ଅଭିମୁଖେ ଯାତ୍ରା କରିଥିଲେ । ଏହା ଦେଖି ପୂର୍ବରୁ କଂଗ୍ରେସ ନେତାଙ୍କର ନିର୍ଦ୍ଦେଶାନୁସାରେ ଶଙ୍ଖ ଧ୍ୱନି କରାଯାଇଥିଲା । ସେତେବେଳେ କୌଣସି ସମୟରେ ପୋଲିସ ବା ଇଂରେଜ କର୍ମଚାରୀ ଆସୁଥିବାର ଦେଖିଲେ ବିପଦର ସଙ୍କେତ ରୂପେ ଶଙ୍ଖଧ୍ୱନି କରିବାର ନିଷ୍ପତ୍ତି ନିଆଯାଇଥିଲା । ଫଳରେ ଚତୁର୍ଦ୍ଦିଗରୁ ଜନତାର ସ୍ରୋତ ଛୁଟିଥିଲା ଇରମ ଆଡ଼କୁ । ଶହ ଶହ ଇରମର ମେଳନ ପଡ଼ିଆରେ ୬,୦୦୦ରୁ ୭,୦୦୦ ଲୋକ ସମବେତ ହୋଇଯାଇଥିଲେ । ପୋଲିସ ଫୌଜ ପ୍ରାୟ ସନ୍ଧ୍ୟା ୬ଟାରେ ଇରମରେ ପହଞ୍ଚି ଜମିଦାରଙ୍କ ଘରେ ବିଶ୍ରାମ ନେଇଥିଲେ । ପଛରେ ପୋଲିସ ଫୌଜଙ୍କ ବିଛଣାପତ୍ର ଧରି ଆସିଥିଲେ ଚୌକିଦାର ଓ ଅସ୍ଥାୟୀ ଗୋଇନ୍ଦା ପୋଲିସ । ତାହା ଦେଖି ସଭାସ୍ଥଳରେ ୨ଜଣ ସତ୍ୟାଗ୍ରହୀ "ଗୋଲମମାନଙ୍କର ବେଡ଼ିଂ ତୁମେ ନେଇପାରିବ ନାହିଁ" ବୋଲି କହି ତାହା ତାଙ୍କ ଠାରୁ ଛଡ଼ାଇ ନେଇଥିଲେ । ଠିକ୍ ପରେପରେ ଉଭୟ ଚୌକିଦାର ଓ ଅସ୍ଥାୟୀ ଗୋଇନ୍ଦା ପୋଲିସ୍ ଜମିଦାରଙ୍କ ଦାଣ୍ଡଘରକୁ ଯାଇ ପୋଲିସ ଫୌଜଙ୍କ ଆଗରେ କାନ୍ଦକାନ୍ଦ ହୋଇ ତଳେ ଗଡ଼ିପଡ଼ିବାର ବାହାନା କରି ବୟାନ କରିଥିଲେ ଯେ ବେଡ଼ିଂ ଛଡ଼ାଇ ନେବା ସଙ୍ଗେସଙ୍ଗେ ତାଙ୍କୁ ବହୁ ସଂଖ୍ୟକ ଲୋକ ଘେରିଥିଲେ ମାରିଦେବାପାଇଁ । ମାତ୍ର ଏହା ଯେ ସଂପୂର୍ଣ୍ଣ ମିଥ୍ୟା ଏଥିରେ ସନ୍ଦେହ ନାହିଁ । ବରଂ ବିଛଣାପତ୍ରକୁ ନିରାପଦରେ ରଖିବାପାଇଁ ସେମାନେ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରିଥିଲେ । ସେ ଯାହାହେଉ ଏହି ଖବର ପାଇ ଏହାର ସତ୍ୟାସତ୍ୟ ଅନୁସନ୍ଧାନ ନକରି ପୋଲିସ ସବ୍‌ଇନସପେକ୍ଟର କହିଥିଲେ "ଟୁଡ଼େ ସିଓର ଫାୟାର" ଅର୍ଥାତ୍ ଆଜି ନିଶ୍ଚିତ ଗୁଳି ଚାଲିବ । ସେହିପରି ଡି. ଏସ୍. ପି. ରଣ ହୁଙ୍କାର ଦେଇ କହିଥିଲେ, "ଆଜି ମୁଁ ନରମେଧ ଯଜ୍ଞ କରିବି ।" ଠିକ୍ ପରେପରେ ପୋଲିସ ଫୌଜ ସଭାସ୍ଥଳରେ ପହଞ୍ଚି ଯାଇଥିଲେ । ଏହା ଠିକ୍ ସନ୍ଧ୍ୟା ୬.୩୦ ସମୟର କଥା । ସୂର୍ଯ୍ୟ ଅସ୍ତଗାମୀ ହେବାକୁ ଯାଉଥାଆନ୍ତି । ସଭାସ୍ଥଳରେ ସେମାନେ ପହଞ୍ଚିବାର ଦେଖି ଉପସ୍ଥିତ ଜନତା କିଂକର୍ତ୍ତବ୍ୟ ବିମୂଢ଼ ହୋଇ ପଡ଼ିଥିଲେ ।

ପଡ଼ିଆର ତିନି ଦିଗ ଏକ ପ୍ରକାର ରୁଦ୍ଧ ହୋଇଥିବାରୁ ଗୋଟିଏ ମାତ୍ର ଗୋହରୀ ରାସ୍ତାରେ ସେମାନେ ଯିବାକୁ ଉଦ୍ୟମ କରିଥିଲେ ମଧ୍ୟ ସେହି ଦିଗରୁ ପୋଲିସ ଆସୁଥିବାରୁ ତାହା ସମ୍ଭବପର ହୋଇନଥିଲା ।

ଏହି ସମୟରେ ଡି. ଏସ୍. ପି. ଙ୍କ ଆଦେଶକ୍ରମେ ପୋଲିସ ଗୁଳିଚାଳନା କରିଥିଲେ । ଫଳରେ ସଭାସ୍ଥଳରେ ୨୮ ଜଣ ଢଳି ପଡ଼ିଥିଲେ ଓ ଅନ୍ୟ ଜଣଙ୍କର ମୃତ୍ୟୁ ହୋଇଥିଲା କୋରାପୁଟ ଜେଲ୍‌ର । ଏଥି ସହିତ ୫୬ ଜଣ ଲୋକ ମଧ୍ୟ ଆହତ ହୋଇଥିଲେ । ସେମାନେ ସର୍ବମୋଟ ୩୦୪ଟି ଗୁଳି ମାରିଥିବାର ଜଣାଯାଏ ।

ଏହିପରି ଭାବେ ସୂର୍ଯ୍ୟଙ୍କର ଶେଷ ରଶ୍ମିର ଛଟାରେ ମେଳନ ପଡ଼ିଆ ଲାଲରଙ୍ଗରେ ଆବୃତ ହେବା ସଙ୍ଗେସଙ୍ଗେ ଗୁଳି ଚୋଟରେ ମୃତ ଓ ଆହତ ଜନତାଙ୍କର ରକ୍ତରେ ଲାଲ ପଡ଼ିଆ ରଞ୍ଜିତ ହୋଇଥିଲା । ଏପରିକି କିଛି ରକ୍ତ ବୋହିଯାଇ ନିକଟବର୍ତ୍ତୀ ପୋଖରୀରେ ପଡ଼ିଥିବାର ଦେଖାଯାଇଥିଲା । ଉକ୍ତ ଦୃଶ୍ୟ ଥିଲା ଲହୁ ଓ ଲୁହର ଏକ କରୁଣ ସମାବେଶ । କେବଳ ମାତ୍ର ଅଧଘଣ୍ଟାକ ମଧ୍ୟରେ ସବୁ ଘଟଣା ଶେଷ ହୋଇଥିଲା ।

ଗୁଳିକାଣ୍ଡର ଦୃଶ୍ୟ ଉପରେ ଏକ ପ୍ରତ୍ୟକ୍ଷଦର୍ଶୀ ବର୍ଣ୍ଣନା ଦେଇ ଜଣେ ସ୍ଥାନୀୟ କବି ଲେଖିଛନ୍ତି,

"ପଳାଇ ଯିବାକୁ ପଥ ନ ମିଳିଲା,
ଛିଡ଼ା ହେଉଁ ହେଉଁ ଗୁଳିସ୍ରୋତ ହେଲା;
ହୋଇଗଲା ଆସି ସନ୍ଧ୍ୟା ସମାଗମ,
ତଥାପି ହେଉଛି ଗୁଳିର ବର୍ଷଣ
ଶବପରେ ଶବ ହୋଇଗଲା ଗଦା
ରକତ କର୍ଦ୍ଦମ ହୋଇଗଲା ପଦା" ।

ପ୍ରକୃତିପକ୍ଷେ ଆହତ ବ୍ୟକ୍ତିଙ୍କର କରୁଣ ଓ ମର୍ମନ୍ତୁଦ ଆର୍ତ୍ତନାଦ ଓ ଚିତ୍କାରରେ ମେଳନ ପଡ଼ିଆର ବାୟୁମଣ୍ଡଳ ବେଦନା ବିଧୁର ହୋଇ ଉଠିଥିଲା । ସେଠାରେ ପାଣି ଟୋପାଏ ଦେବାକୁ କେହି ନଥିଲେ ।

ପଡ଼ିଆରେ ମଧ୍ୟ ପୋଲିସର ଚରମ ଅମାନୁଷିକତା ପ୍ରକାଶ ପାଇଥିଲା । ପୋଲିସ ଗୁଳିରେ ଯେଉଁମାନେ ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିଲେ, ପୋଲିସ ଫୌଜ

ଅଞ୍ଚଳର ଲୋକମାନଙ୍କୁ ପ୍ରତିକ୍ରିୟାଶୀଳ କରାଇଥିଲା । ଅବଶ୍ୟ ଉକ୍ତ ଜମିଦାର ୧୯୨୦ର ଅସହଯୋଗ ଆନ୍ଦୋଳନଠାରୁ ୧୯୪୦ର ବ୍ୟକ୍ତିଗତ ସତ୍ୟାଗ୍ରହ ପର୍ଯ୍ୟନ୍ତ ସତ୍ୟାଗ୍ରହୀମାନଙ୍କୁ କିଛି ପରିମାଣରେ ସାହାଯ୍ୟ କରିଥିଲେ । ମାତ୍ର ଅଗଷ୍ଟ ବିପ୍ଳବର ସମୟରେ ସେମାନଙ୍କ ପ୍ରତି ବିରୋଧ ମନୋଭାବ ପୋଷଣକରି ସେ ଇଂରେଜମାନଙ୍କୁ ସନ୍ତୁଷ୍ଟ କରି ରଖିବାପାଇଁ ଚାହିଁଥିଲେ । ଫଳରେ ଅନ୍ୟ ଅଞ୍ଚଳ ଅପେକ୍ଷା ଇରମ ଅଞ୍ଚଳରେ ଜନଜାଗରଣର ସ୍ରୋତ ଅଧିକ ପ୍ରଖର ହୋଇଥିଲା ।

ପୁନଶ୍ଚ ଇରମ ଅଞ୍ଚଳରେ ଜନଜାଗରଣର ସ୍ରୋତ ଅଧିକ ବେଗଗାମୀ ହେବା ମୂଳରେ ଅନ୍ୟ ଗୋଟିଏ କାରଣ ଥିଲା ଉକ୍ତ ଅଞ୍ଚଳର ରାଜନୈତିକ ତତ୍ପରତା । ୧୯୨୦ ଖ୍ରୀଷ୍ଟାବ୍ଦର ଅସହଯୋଗ ଆନ୍ଦୋଳନଠାରୁ ଇରମ ଅଞ୍ଚଳଟି ସ୍ୱାଧୀନତା ସଂଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ଫଳରେ ଉକ୍ତ ଅଞ୍ଚଳରେ ରାଜନୈତିକ ତତ୍ପରତା ବୃଦ୍ଧି ପାଇଥିଲା । ବିଭିନ୍ନ ଅଞ୍ଚଳରୁ ସ୍ୱାଧୀନତା ସଂଗ୍ରାମର ମହାରଥୀମାନେ ଏହିଠାକୁ ଘନଘନ ଆସି ଜାତୀୟ କଂଗ୍ରେସର ବାର୍ତ୍ତା ଓ କାର୍ଯ୍ୟକ୍ରମ ପ୍ରଚାର କରୁଥିଲେ । ସଭା ସମିତି ପାଇଁ ଏଠାରେ ମେଳନ ପଡ଼ିଆ ନାମରେ ଖ୍ୟାତ ଏକ ବିସ୍ତୀର୍ଣ୍ଣ ପଡ଼ିଆ ରହିଥିଲା । ତେଣୁ ଅନାୟାସରେ ସେଠାରେ ସଭାସମିତିମାନ ଆହୂତ କରାଯାଇ ପାରୁଥିଲା । ବିଶେଷତଃ ୧୯୨୧ ମସିହା ଜୁନ୍ ୧୪ ତାରିଖ ରଜ ସଂକ୍ରାନ୍ତି ଦିନ ଏହି ମେଳନ ପଡ଼ିଆରେ ଆହୂତ ଏକ ବିରାଟ ସାଧାରଣ ସଭାରେ ଗୋପବନ୍ଧୁ ଦାସଙ୍କର ହୃଦୟସ୍ପର୍ଶୀ ବାଣୀ ଓ ଓଜସ୍ୱିନୀ ବକ୍ତୃତା ଏବଂ ବାଞ୍ଛାନିଧି ମହାନ୍ତିଙ୍କର ଆବେଗଭରା ସଂଗୀତ ଉପସ୍ଥିତ ଶ୍ରୋତାଙ୍କ ହୃଦୟ ତନ୍ତ୍ରୀରେ ଅପୂର୍ବ ଉନ୍ମାଦନା ସୃଷ୍ଟି କରିଥିଲା । ଗୋପବନ୍ଧୁ ଦାସ ଭାବ ବିହ୍ୱଳ ହୋଇ ଭାଷଣ ମାଧ୍ୟମରେ ଗାଇଥିଲେ—

"ଦେଶ ଜାତି ପ୍ରୀତି ସରସ୍ୱତୀ ନଦୀ,
ବହୁଛି ଇରମେ ଶତମାର୍ଗ ଭେଦି ।
ଅନ୍ତଃସଲିଳା ଏ ସାରା ଭାରତେ,
ଜାତୀୟତା ଧାରେ ବହିବ ନିରତେ ।
ଦେଶାତ୍ମବୋଧର ସ୍ୱଚ୍ଛ ଗଙ୍ଗା ଘର,
ଇରମ ସୁରମ୍ୟ ଜାତୀୟ ନଗର ।"

ଏହିଠାରେ ମଧ୍ୟ ବିଭିନ୍ନ ସମୟରେ ବହୁନେତା ଓ ସେବାର ନିଷ୍ଠାପର ପୂଜାରୀ ବାରମ୍ବାର ପଦାର୍ପଣ କରିଥିଲେ । ସେମାନଙ୍କ ମଧ୍ୟରୁ ଜୀବରାମ କଲ୍ୟାଣଜୀ, ଆଚାର୍ଯ୍ୟ ହରିହର ଦାସ, ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ନବକୃଷ୍ଣ ଚୌଧୁରୀ ଓ ହରେକୃଷ୍ଣ ମହତାବଙ୍କ ନାମ ଉଲ୍ଲେଖଯୋଗ୍ୟ । ସେମାନେ ଯେତେଥର ଇରମରେ ବିଭିନ୍ନ ସମୟରେ ପଦାର୍ପଣ କରୁଥାନ୍ତି, ସଂଗ୍ରାମର ଲହରୀ ସେତେ ବେଶୀ ଉଦ୍‌ବେଳିତ ହେଉଥାଏ । ଏହିପରି ଭାବେ ଇରମ ଅଞ୍ଚଳରେ ଅଭୂତପୂର୍ବ ଜନଜାଗରଣ ସୃଷ୍ଟି ହୋଇ ପାରିଥିଲା ।

୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖ ଦିନ ଇରମରେ ସଂଘଟିତ ଲୋମହର୍ଷଣକାରୀ, ଅମାନୁଷିକ ଓ ନାରକୀୟ ଗୁଳିକାଣ୍ଡ ସେଦିନର ଆକସ୍ମିକ ଘଟଣା ନଥିଲା । ଏହାର ପୃଷ୍ଠଭୂମିରେ ବହୁ ଘଟଣା ନିହିତ । ଏଠାରେ ସେସବୁର ବିଶଦ ବିବରଣୀ ଦେବା ମଧ୍ୟ ସଂଭବପର ନୁହେଁ ।

ଏହାଥିଲା ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନର କଥା । ସେହି ବର୍ଷ ଅଗଷ୍ଟ ୨୭ ତାରିଖଠାରୁ ଇରମ ଭୂମିରେ ଉକ୍ତ ଆନ୍ଦୋଳନ ଏକ ନୂତନ ରୂପ ଧାରଣ କରିଥିଲା । ସେହିଦିନଠାରୁ ଇରମର ମେଳନ ପଡ଼ିଆରେ ସତ୍ୟାଗ୍ରହୀମାନେ ମିଳିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମ କରିବା ପୂର୍ବକ ତାହା ପାଳନ କରୁଥିଲେ । ତନ୍ମଧ୍ୟରୁ ଚୌକିଦାର ଓ ଦଫାଦାରଙ୍କର ପୋଷାକ ପୋଡ଼ିବା, ହାଟ ଓ ଶିକ୍ଷାନୁଷ୍ଠାନରେ ହରତାଳ ପାଳନ କରିବା, ବାସୁଦେବପୁର ଥାନା ପୋଡ଼ିବା ପାଇଁ ପଦକ୍ଷେପ ଗ୍ରହଣ କରିବା । ବାସୁଦେବପୁରର ତତ୍କାଳୀନ ଇଉନିୟନ ପ୍ରେସିଡେଣ୍ଟ ନାରାୟଣ ମାନ୍ଧାତା ଜଣେ ଉଗ୍ର ସ୍ୱଭାବର ବ୍ୟକ୍ତିଥିବାରୁ ତାଙ୍କୁ ନିଜପଦବୀରୁ ଇସ୍ତଫା ଦେବାପାଇଁ ବାଧ୍ୟ କରିବା, ତାଙ୍କର କାଗଜପତ୍ର ସର୍ବସାଧାରଣରେ ପୋଡ଼ିପକାଇବା ଓ ତାଙ୍କ ଘରର ଝରକା ଭାଙ୍ଗିବା ଏବଂ ତତ୍କାଳୀନ ଜମିଦାର ରାଧାକାନ୍ତ ପାତ୍ରଙ୍କର ପଚୁଆ ସ୍ଥିତ ଅମାର ଭାଙ୍ଗିବା ଆଦି କାର୍ଯ୍ୟକ୍ରମ ଥିଲା ଉଲ୍ଲେଖଯୋଗ୍ୟ । ମାତ୍ର ତନ୍ମଧ୍ୟରୁ ଗୋଟିଏ କାର୍ଯ୍ୟକ୍ରମ ଥିଲା ଅଧିକ ତାତ୍ପର୍ଯ୍ୟ ପୂର୍ଣ୍ଣ । ତାହାଥିଲା ଇରମ ଅଞ୍ଚଳରେ ଏକ ସମାନ୍ତରାଳ ସ୍ୱାଧୀନ ସରକାର ଗଠନ । ୧୯୪୨ ମସିହା ସେପ୍ଟେମ୍ବର ୧୬ ତାରିଖ ଦିନ ଇରମର ମେଳନ ପଡ଼ିଆରେ ଏପରି ଏକ ସରକାର ଗଠନର ନିଷ୍ପତ୍ତି ନିଆଯାଇ ତାକୁ ଜାତୀୟ କବି ବାଂଛାନିଧି ମହାନ୍ତିଙ୍କର ନାମାନୁସାରେ 'ସ୍ୱାଧୀନ ବାଞ୍ଛାନିଧି ଟକଲ' ଘୋଷଣା କରାଯାଇଥିଲା । ଛଅଟି ପଞ୍ଚାୟତକୁ ନେଇ ଟକଲର ଆୟତନ ଥିଲା ୧୯ ବର୍ଗ ମାଇଲ । ଉତ୍ତରରେ କାଂଶବାଂଶ ନଦୀଠାରୁ ଦକ୍ଷିଣରେ ଗମେଇ ନଦୀ ପର୍ଯ୍ୟନ୍ତ, ପୂର୍ବରେ ବଙ୍ଗୋପ ସାଗରଠାରୁ ପଶ୍ଚିମରେ କାଂଶବାଂଶ ନଦୀ ପର୍ଯ୍ୟନ୍ତ ଏହାର ଥିଲା ଚତୁଃସୀମା । ଏଥିରେ ମୋଟ ୨୬ଟି ଗ୍ରାମ ଅନ୍ତର୍ଭୁକ୍ତ ହୋଇଥିଲା ।

ଏହି ସରକାରର ପରିଚାଳନା ନିମନ୍ତେ ୫ଜଣ ସଦସ୍ୟଙ୍କୁ ନେଇ ଏକ ସର୍ବୋଚ୍ଚ କମିଟି ଗଠନ କରାଯାଇ ଗୌରାଙ୍ଗ ଚନ୍ଦ୍ର ମହାନ୍ତିଙ୍କୁ ଏହାର ସଭାପତି ଓ କମଳା ପ୍ରସାଦ କରଙ୍କୁ ପରିଚାଳକ ବା ପ୍ରଧାନ ସେନାପତି ଭାବେ ମନୋନୟନ କରାଯାଇଥିଲା । ଏହି ନବଗଠିତ ସରକାରରେ ଗୌରାଙ୍ଗବାବୁଙ୍କୁ ରାଷ୍ଟ୍ରପତି ଓ କମଳାବାବୁଙ୍କୁ ପ୍ରଧାନମନ୍ତ୍ରୀଙ୍କର କ୍ଷମତା ଦିଆଯାଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହି କମିଟିର ଅନ୍ୟ ସଦସ୍ୟ ଥିଲେ ପ୍ରଭାକର ତ୍ରିପାଠୀ ଅନିରୁଦ୍ଧ ମହାନ୍ତି, ଓ ଶ୍ୟାମସୁନ୍ଦର ପାଣିଗ୍ରାହୀ । ଉକ୍ତ ସରକାରର ଅଫିସ କାର୍ଯ୍ୟ ପରିଚାଳନା ନିମନ୍ତେ ସେମାନେ ଅର୍ଜୁନ ବିଶ୍ୱାଳଙ୍କର ଘର ନେଇଥିଲେ । ଏହାକୁ ସେମାନେ ସତ୍ୟାଗ୍ରହ ଆଶ୍ରମ ନାମରେ ନାମିତ କରାଇଥିଲେ । ଆଶ୍ରମ ଉପରେ କଂଗ୍ରେସ ପତାକା ଉଡ଼ାଯାଇ ପ୍ରତ୍ୟହ ସଂଧ୍ୟାରେ ତାକୁ ଅବତରଣ କରାଯାଉଥିଲା । ବିଭିନ୍ନ ସମୟରେ ଏହି ନବଗଠିତ ସରକାରଙ୍କ ଦ୍ୱାରା ଘୋଷିତ ଆଇନ ଅମାନ୍ୟ କଲେ ବା କୌଣସି ଲୋକ ଗୁପ୍ତଚର ବୃତ୍ତି ଅବଲମ୍ବନ କଲେ ବା କଂଗ୍ରେସ ଓ ମହାତ୍ମାଗାନ୍ଧୀଙ୍କୁ ଭର୍ତ୍ସନା କଲେ ସେଥିପାଇଁ ଦଣ୍ଡବିଧିର ବ୍ୟବସ୍ଥା କରାଯାଇଥିଲା । ଏଥିପାଇଁ ଇରମର କୃଷ୍ଣଚନ୍ଦ୍ର ପାଣିଙ୍କ ସିଧା ହାଟ ଘର ବିଚାରାଳୟ ରୂପେ ଓ ବାଙ୍କବିହାରୀ ତ୍ରିପାଠୀଙ୍କ ଘର ଜେଲଖାନା ରୂପେ ବ୍ୟବହାର କରାଯିବାର ନିଷ୍ପତ୍ତି ନିଆଯାଇଥିଲା । କୃଷ୍ଣଚନ୍ଦ୍ର ପାଣି ବିଚାରପତି

# ମୂଲ୍ୟବୋଧ ଭିତ୍ତିକ ଗ୍ରାମ ପରିଯୋଜନା

ଶ୍ରୀ ଫଣୀ ଭୂଷଣ ଦାସ

ଆଧ୍ୟାତ୍ମିକତା ହିଁ ଭାରତର ପ୍ରାଚୀନ ଶକ୍ତି ଏବଂ ଅନ୍ତର୍ଶକ୍ତି । ଏହା ଭାରତର ସଂସ୍କାରକୁ ରୂପାନ୍ତିତ କରିଛି । ସଂପ୍ରତି ଯେଉଁ ସମସ୍ୟାମାନ ଦେଖା ଦେଇଛି, ସେଗୁଡ଼ିକର କାରଣ ପାରମ୍ପରିକ ଶକ୍ତି ସହିତ ନୂତନ ଶକ୍ତିର ସଂଘର୍ଷ । ପାରମ୍ପରିକ ଶକ୍ତିକୁ ଆମେ ହରାଇ ପାରିବା ନାହିଁ । ତେଣୁ ପରିବର୍ତ୍ତନ ସହିତ ଆଧୁନିକ ଭୌତିକତା ନୁହେଁ, ବୈଜ୍ଞାନିକ କୌଶଳକୁ ଭାରତର ଆଧ୍ୟାତ୍ମିକତା ସହିତ ସମନ୍ୱିତ କରିବାକୁ ହେବ ।

— ଶ୍ରୀ ରାଜୀବ ଗାନ୍ଧୀ

ଏହା ଏକ ଆହ୍ୱାନ ସ୍ୱରୂପ ହୋଇଥିବାରୁ ଉକ୍ତ ଦର୍ଶନର ବାସ୍ତବ ରୂପାୟନ ଏବଂ ଏଥି ନିମନ୍ତେ ରହିଥିବା ଆନୁଷଙ୍ଗିକ ଉପାୟ ତଥା ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ଏକାନ୍ତ ଆବଶ୍ୟକ । ଏଥିଲାଗି ଉପସ୍ଥିତ ମୂଲ୍ୟବୋଧ ସହ ବିକାଶ ଧାରାର ସମନ୍ୱୟ ଘଟାଇବା ଆବଶ୍ୟକ । ଏହା କାର୍ଯ୍ୟକାରୀ କରାଗଲେ, ଦେଶର ସାମୂହିକ କଲ୍ୟାଣ ହେବା ସଙ୍ଗେ ସଙ୍ଗେ ଏକ ସ୍ଥାୟୀ ତଥା ଅନୁକୂଳ ପରିବର୍ତ୍ତନ ଆସି ପାରିବ ।

ଆମ ଦେଶ ଭାରତ ବର୍ଷ ନିୟୁତାଧିକ ଗ୍ରାମର ସମଷ୍ଟି ବ୍ୟତୀତ ଅନ୍ୟ କିଛି ନୁହେଁ । ଦେଶରେ ଯେକୌଣସି ପରିବର୍ତ୍ତନ ଆଣିବା ପାଇଁ ଅତି ନିମ୍ନସ୍ତରରୁ ଅର୍ଥାତ୍ ଗ୍ରାମ ସ୍ତରରୁ ହିଁ ତାହା କରିବାକୁ ପଡ଼ିବ । ଭାରତୀୟ ଆଧ୍ୟାତ୍ମିକତାର ପୁନରୁତ୍ଥାନରେ ହିଁ ଆମ ଦେଶର ଅନ୍ତର୍ନିହିତ ସାମର୍ଥ୍ୟ ନିହିତ । ଆଧୁନିକ ବୈଷୟିକ ଜ୍ଞାନ ଓ ବିକାଶଧାରା ସହିତ ଆଧ୍ୟାତ୍ମିକତାର ସମନ୍ୱୟ ଘଟିଲେ ଗ୍ରାମ ସ୍ତରରୁ ଆରମ୍ଭକରି ଉପର ସ୍ତରପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା ପାଇଁ ମୌଳିକ (Core) କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ପାରିବ । ଯଦି ଆମ ଦେଶର ସମସ୍ତ ଗ୍ରାମ ଅନୁରୂପ ରୀତିରେ ବିକଶିତ ହୁଏ, ତେବେ ଆମ ସ୍ୱପ୍ନର ନୂତନ ଭାରତ ଜନ୍ମ ଲାଭ କରିବ ।

"ପ୍ରୟୋଜନ" ଓ "ପରିତୃପ୍ତି" ଉଭୟ ଅଙ୍ଗାଙ୍ଗୀଭାବେ ଜଡ଼ିତ । ପ୍ରୟୋଜନ ପୂରଣ ହେବା ଦ୍ୱାରା ପରିତୃପ୍ତିର ବିକାଶ ଘଟିଥାଏ । ପ୍ରୟୋଜନର ବିଭିନ୍ନ ସ୍ତର ଏବଂ ସମୟ ପରିସୀମା ମଧ୍ୟ ରହିଛି । ଏକ ସମୟ ସୀମା ମଧ୍ୟରେ ଜନସାଧାରଣଙ୍କ ପ୍ରୟୋଜନର ପରିତୃପ୍ତି ଘଟାଇବା ପାଇଁ ଯେ କୌଣସି ସରକାରଙ୍କର ଲକ୍ଷ୍ୟ ରହିଥାଏ । ଏହି ସମୟ ସୀମା 'ତତ୍କ୍ଷଣାତ୍'ରୁ 'ସ୍ୱଳ୍ପ' ଏବଂ 'ଦୀର୍ଘକାଳ' ଭେଦରେ ହୁଏ । ମନୁଷ୍ୟର ଜୀବନଧାରଣ ପାଇଁ ସର୍ବନିମ୍ନ ମୌଳିକ ପ୍ରୟୋଜନର ପରିପୂରଣ ଯେ କୌଣସି ଜନହିତୈଷୀ ସରକାର ଅବିଳମ୍ବେ କରିବା ଦରକାର । ଗୋଟିଏ ଦେଶର ସୀମିତ ସମ୍ବଳ ଉପରେ ଜନସାଧାରଣଙ୍କ ଚାହିଦାର ପ୍ରକୃତି ପ୍ରତିଯୋଗିତା ମୂଳକ ହୋଇଥିବାରୁ ସବୁ ଶ୍ରେଣୀର ଲୋକଙ୍କୁ ଇଚ୍ଛାନୁଯାୟୀ ଉପକୃତ କରାଇବା ସାଧାରଣତଃ ସମୟ ସାପେକ୍ଷ । ଫଳରେ ଅସନ୍ତୋଷ ଓ ଉଦ୍‌ଭ୍ରାନ୍ତି ଦେଖାଦିଏ । ଗୋଟିଏ ସମାଜର ଲୋକେ ଯଦି କୌଣସି ମୂଲ୍ୟ ପାଇବାରୁ ବଞ୍ଚିତ ହୁଅନ୍ତି, ତେବେ ସମସ୍ୟାଗୁଡ଼ିକ ଦ୍ରୁତଗତିରେ ବୃଦ୍ଧିପାଏ ଏବଂ ଏହାଦ୍ୱାରା ଜନସାଧାରଣ ଉପକୃତ ହେବାର ଧାରା କ୍ଷୀଣ ହୋଇଆସେ ।

ଏଣୁ, ବିକାଶଧାରା ସହିତ ମୂଲ୍ୟବୋଧର ସମନ୍ୱୟ ଘଟିବା ଫଳରେ ଉନ୍ନୟନର ସୁଫଳ ନ୍ୟାୟୋଚିତ ଭାବରେ ସମସ୍ତେ ଲାଭ କରିପାରିବେ । ଏହା ଐକ୍ୟ ଓ ଦେଶାତ୍ମବୋଧର ଚେତନା ସଞ୍ଚାରିତ କରେ ଏବଂ ସରକାରଙ୍କ ପ୍ରତି ଜନସାଧାରଣଙ୍କ ଶ୍ରଦ୍ଧା ବର୍ଦ୍ଧି କରାଇବା ଦିଗରେ ସହାୟକ ହୁଏ ।

## ସାଂପ୍ରତକ ଦୃଶ୍ୟପଟ୍ଟ :

ଆମ ଦେଶ ଉନ୍ନୟନର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ପୁନଃ ସାମର୍ଥ୍ୟ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼

ସଙ୍ଗୀନ ମୁନରେ ସେମାନଙ୍କୁ ଭୂଷି ମାରିଦେଉଥିଲେ । ତାଙ୍କର ଅମାନୁଷିକତା ମଧ୍ୟ ପ୍ରକାଶ ପାଇଥିଲା ସଲବେଡ ନିରୀହ ସ୍ତ୍ରୀ ଲୋକଙ୍କଠାରେ । ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ମାରିବା ସଙ୍ଗେସଙ୍ଗେ ଗୁଳି ମାରିବାକୁ ମଧ୍ୟକୁ ପୋଲିସ ଫୌଜ କୁଣ୍ଠା ପ୍ରକାଶ କରିନଥିଲେ । ଗୁଳି ମାଡ଼ରେ ଇରମର ପରୀ ବେଓ୍ୱା ନାମକ ଏକ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥିଲା । ସେହିପରି ଚରମ ଅମାନୁଷିକତା ପ୍ରକାଶ ପାଇଥିଲା ଅନ୍ୟ ଏକ କ୍ଷେତ୍ରରେ । ପ୍ରଥମେ ଗୁଳିମାଡ଼ ଖାଇ ଜନୈକ ସତ୍ୟାଗ୍ରହୀ ଅନୁରୋଧ କରିଥିଲେ ଆଉ ଗୁଳି ନମାରିବା ପାଇଁ । ଛାତିରୁ ବହୁଥିବା ରକ୍ତକୁ ଚିପି ହାତଯୋଡ଼ି ପୋଲିସମାନଙ୍କୁ ବୁଝାଉଥିଲେ ଯେ, "ତୁମ ପାଇଁ ମଧ୍ୟ ସ୍ୱାଧୀନତା ଆସିବ ଓ ତୁମର ଭଲହେବ । ଏବେ ଗୁଳି ବନ୍ଧୁକ ରଖିଦିଅ ।" ଏହା କହୁଥିବା ସମୟରେ ପୁଣି ତାଙ୍କ ଦେହକୁ ଲକ୍ଷ୍ୟକରି ଗୁଳି ମରାଯାଇଥିଲା ଓ ସେହିଠାରେ ହିଁ ସେ ମୃତ୍ୟୁବରଣ କରିଥିଲେ ।

ଇତିମଧ୍ୟରେ ଗୁଳିଖବର ଚତୁର୍ଦ୍ଦିଗକୁ ବିଜୁଳି ବେଗରେ ବ୍ୟାପୀ ଯାଇଥିଲା । ତେଣୁ ସେ ପର୍ଯ୍ୟନ୍ତ ଘରେ ପହଞ୍ଚିନଥିବା ବ୍ୟକ୍ତିଙ୍କ ଆତ୍ମୀୟ ସ୍ୱଜନମାନଙ୍କର ସୁଅ ଛୁଟିଥିଲା ମେଳନ ପଡ଼ିଆକୁ । ମୃତ ବ୍ୟକ୍ତିଙ୍କର ଆତ୍ମୀୟ ସ୍ୱଜନମାନଙ୍କର ମେଳନ ପଡ଼ିଆରେ ସେହି କାଳରାତ୍ରିରେ କି ବୁକୁଫଟା କ୍ରନ୍ଦନ । କେତେ ନବବିବାହିତା ରୂପସୀ ପ୍ରିୟା ନିଜର ସ୍ୱାମୀଙ୍କୁ, କେତେ ବୃଦ୍ଧା ସେମାନଙ୍କର ପ୍ରାଣର ସନ୍ତାନକୁ ହରାଇ ପାଗଳୀ ପରି ପଡ଼ିଆରେ ଯେଉଁ ଆର୍ତ୍ତନାଦ କରୁଥିଲେ, ତାର ଦୃଶ୍ୟ ଥିଲା ଖୁବ୍ କରୁଣ ଓ ହୃଦୟ ବିଦାରକ । ସେହି ସମୟରେ ଆକାଶ ମାର୍ଗରେ ଖୁବ୍ ନିକଟରେ ଗୋଟିଏ ଉଡ଼ାଜାହାଜ ଉଡୁଥିବାର ଦେଖି ଲୋକମାନେ ଅଧିକ ଭୟଭୀତ ହୋଇଯାଇ ଥିଲେ । ସେଠାରେ ପଡ଼ିଥିବା ଶବଗୁଡ଼ିକ ମଧ୍ୟରୁ ୧୧ଟି ଆତ୍ମୀୟ ସ୍ୱଜନମାନେ ନିଜ ନିଜର ଘରକୁ ନେଇଯାଇଥିଲେ ଅନ୍ୟମାନଙ୍କର ଶେଷ ଦର୍ଶନ ନିମିତ୍ତ । ଅନ୍ୟ ୧୭ଟି ଶବ ଏକତ୍ର କରି ରଖାଯାଇଥିଲା । ଘଟଣାର ୩ଦିନ ପରେ ଭଦ୍ରଖ ଡାକ୍ତର ଖାନାରୁ ଆସିଷ୍ଟାଣ୍ଟ ସର୍ଜନ ଆସି ନିୟମକୁ ଆଖିଠାର ମାରି ଶବ ବ୍ୟବଚ୍ଛେଦ କରିବା ପରେ ସେଗୁଡ଼ିକୁ ପଡ଼ିଆର ଅନତିଦୂରରେ ପୋତି ଦିଆଯାଇଥିଲା ।

ଜଘନ୍ୟ ନରସଂହାର ପରେ ଇରମରେ ଅଗଷ୍ଟ ବିପ୍ଳବ ନାଟକଟିର ବିରତି ହୋଇନଥିଲା । ଗୁଳିକାଣ୍ଡର ଠିକ୍ ପରେପରେ ଆରମ୍ଭ ହୋଇଥିଲା ପୋଲିସଙ୍କ ଦମନ ନୀତିର ନାରକୀୟ କାଣ୍ଡ । ଗ୍ରାମେ ଗ୍ରାମେ ବୁଲି ପୋଲିସ ନାନା ଅତ୍ୟାଚାର କରିଥିଲେ । ଅତ୍ୟାଚାରରେ ଭୟଭୀତ ହୋଇ ଲୋକମାନେ ପିଲାଛୁଆ ଧରି ଗ୍ରାମର ନିକଟବର୍ତ୍ତୀ ଜଙ୍ଗଲକୁ ପଳାଇ ଯାଇଥିଲେ । ଏପରିକି ସେଠାରେ ଗର୍ଭବତୀ ମହିଳା ପ୍ରସବ କରିଥିବାର ଜଣାଯାଏ । ଏଣେ ଘରଛାଡ଼ି ଲୋକେ ପଳାଇଗଲାପରେ ପୋଲିସ ପଶି ଦୁଧ, ଘିଅ, ଚାଉଳ, ଛେଳି, କୁକୁଡ଼ା, ଆଦି ନେଇଯାଇ ପ୍ରତ୍ୟହ ଭୋଜିଭାତ କରି ଦିନ ବିତାଇଥିଲେ । ସତେ ଯେପରି ମନେ ହେଉଥିଲା ପ୍ରାଚୀନ ଯୁଗରେ ରୋମନଗରୀ ଅଗ୍ନିକାଣ୍ଡରେ ଭସ୍ମୀଭୂତ ହେଉଥିବା ସମୟରେ ସେ ସେଠାକାର ଅତ୍ୟାଚାରୀ ସମ୍ରାଟ ନିରୋଙ୍କପରି ଆନନ୍ଦ ବିହ୍ୱଳରେ ସେମାନେ ଭୋଜିଭାତ କରି ଖାଉଛନ୍ତି । ତା' ସହିତ ଆରମ୍ଭ ହୋଇଥିଲା ବ୍ୟାପକ ଗିରଫଦାରୀ, ମାତ୍ର ଜେଲବରଣ ସମ୍ମାନ ସୂଚକ ଭାବି ସେମାନେ ହସିହସି କାରାଗାର ମଧ୍ୟକୁ ଯାଇଥିଲେ ।

ଏହାଥିଲା ଭାରତର ସ୍ୱାଧୀନତା ସଂଗ୍ରାମର ଓଡ଼ିଶାରେ ଏକ ହୃଦୟ ବିଦାରକ କାହାଣୀ । ଇରମରେ ସଂଘଟିତ ଗୁଳିକାଣ୍ଡ ପାଇଁ ଉକ୍ତ ସ୍ଥାନକୁ ଭାରତର ଦ୍ୱିତୀୟ ଜାଲିଆନାୱାଲାବାଗ କହିଲେ ଅତ୍ୟୁକ୍ତି ହେବନାହିଁ । ଜାଲିଆନାୱାଲାବାଗକୁ ଛାଡ଼ିଦେଲେ ଗୁଳିକାଣ୍ଡ ଯୋଗୁ ଗୋଟିଏ ସ୍ଥାନରେ ଏତେ ସଂଖ୍ୟକ ଲୋକ ଭାରତର ଅନ୍ୟ କୌଣସି ସ୍ଥାନରେ ମୃତାହତ ହୋଇ ନାହାନ୍ତି । ଉଭୟ ସ୍ଥାନର ପରିବେଶ ମଧ୍ୟ ଥିଲା ପ୍ରାୟ ଏକ ପ୍ରକାରର । ଜାଲିଆନାୱାଲାବାଗପରି ଇରମରେ ମଧ୍ୟ ସେଦିନ ଲୋକେ ଶାନ୍ତିପୂର୍ଣ୍ଣଭାବେ ସଭା କରୁଥିଲେ । ସେମାନେ ବିଛଣା ଛଡ଼ାଇନେବା ବ୍ୟତୀତ ଅନ୍ୟ କୌଣସି ହିଂସାର ଆଶ୍ରୟ ନେଇନଥିଲେ । ସେମାନେ ଜମିଦାର, ୟୁନିୟନ ପ୍ରେସିଡେଣ୍ଟ ବା ପୋଲିସଙ୍କୁ ଆଘାତ କରିବା ଦୂରେ ଥାଉ କୌଣସି ତାଚ୍ଛଲ୍ୟମୂଳକ ମନ୍ତବ୍ୟ ମଧ୍ୟ ଦେଇ ନଥିଲେ । ତେଣୁ ଭାରତୀୟ ଜାତୀୟ ସଂଗ୍ରାମର ଗୌରବ ଗାରିମାମୟ ଇତିହାସରେ ଇରମ ଏକ ରକ୍ତ ତୀର୍ଥର ସ୍ୱାକ୍ଷର ବହନ କରିଛି । ଏହି ମର୍ମନ୍ତୁଦ କାହାଣୀ ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାକୁ ମହିମାନ୍ୱିତ କରିଛି ।

କ୍ୱାର୍ଟର ନଂ—୨/୨, ଟାଇପ୍—ଏଫ୍
ୟୁନିଟ୍—୬ ଭୁବନେଶ୍ୱର—୭୫୧୦୦୧

ଦେବଲ ବିଶ୍ୱାସରେ ସନ୍ତୁଷ୍ଟ ହୁଅନାହିଁ, ବରଂ କର୍ତ୍ତବ୍ୟ ପଥରେ ଅଗ୍ରସର ହୁଅ ।

—ସ୍ୱାମୀ ବିବେକାନନ୍ଦ

ସରକାରଙ୍କ ସାମାଜିକ ତଥା ଅର୍ଥନୈତିକ କାର୍ଯ୍ୟକ୍ରମ ଗୁଡ଼ିକରୁ କିଭଳି ଉପକାର ମିଳୁଛି, ସେ ବିଷୟରେ କ୍ରମାଗତ ପ୍ରଚାର କରିବା ସମେତ ପ୍ରେରଣା ଯୋଗାଇବା ତଥା ଦକ୍ଷତାବୃଦ୍ଧି କରିବାର କାର୍ଯ୍ୟପଦ୍ଧତି ଆରମ୍ଭ କରିଥିଲେ । ନିମ୍ନଲିଖିତ ଉଦ୍ଦେଶ୍ୟଗୁଡ଼ିକୁ ଆଖିରେ ରଖି ଏହି ପ୍ରତିଷ୍ଠାନ ମନୋନୀତ ବ୍ୟକ୍ତିମାନଙ୍କୁ ତାଲିମ ତଥା ପ୍ରେରଣା ଯୋଗାଇବାର ଆହ୍ୱାନ ଗ୍ରହଣ କରିଥିଲା ।

(୧) ଦେଶର ପଞ୍ଚବାର୍ଷିକ ଯୋଜନା ଓ ନୂତନ ୨୦-ଦଫା କାର୍ଯ୍ୟକ୍ରମ ଅନୁଯାୟୀ ଉପକାର ମିଳୁଥିବା ପଦ୍ଧତିକୁ ସୁଦୃଢ଼କରିବା ।

(୨) ଗ୍ରାମସ୍ତରରେ ସୁଫଳଲାଭ କରିବା ପଦ୍ଧତିକୁ ପ୍ରତିଷ୍ଠା କରାଇବା ନିମନ୍ତେ ସ୍ଥିର ନିଶ୍ଚିତ ହେବା ।

(୩) ଦାରିଦ୍ର୍ୟ ବିରୋଧୀ ତଥା ଗ୍ରାମାଞ୍ଚଳ ବିକାଶ କାର୍ଯ୍ୟକ୍ରମଗୁଡ଼ିକ କରିଆରେ ମନୋନୀତ ବ୍ୟକ୍ତିସମୂହଙ୍କ ସହଯୋଗ ତଥା ବିକାଶ ପାଇଁ କ୍ରମାଗତ ତାଲିମ୍, ପ୍ରେରଣା ତଥା ଦକ୍ଷତା ବୃଦ୍ଧି କରିବା ।

(୪) ଗ୍ରାମାଞ୍ଚଳର ଜନସାଧାରଣ ଓ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଘନିଷ୍ଠ ତଥା ନିବିଡ଼ ସଂପର୍କ ସ୍ଥାପନ କରିବା ।

(୫) ପ୍ରେମ, ଧର୍ମ, ଶାନ୍ତି, ସତ୍ୟ ଓ ଅହିଂସା ମୂଲ୍ୟବୋଧରେ ନବଜୀବନ ସଂଚାରକରିବା ଏବଂ ସମୃଦ୍ଧିର ପଦ୍ଧତିକୁ ମୂଲ୍ୟବୋଧ ଧାରାସହ ସମନ୍ୱିତକରି ମାନବଜାତିର ସାମୂହିକ କଲ୍ୟାଣ ସାଧନ କରିବା ।

ଏହି ପ୍ରତିଷ୍ଠାନରେ ଜନସାଧାରଣ ତଥା ସରକାରଙ୍କ ବିଭିନ୍ନ ସାମାଜିକ ତଥା ଅର୍ଥନୈତିକ କାର୍ଯ୍ୟକ୍ରମ ନିମନ୍ତେ ମନୋନୀତ ହୋଇଥିବା ଯୁବଗୋଷ୍ଠୀ ତାଲିମ ପାଆନ୍ତି । ସେମାନେ ଏହି ପ୍ରତିଷ୍ଠାନରୁ ଯେଉଁ ଜ୍ଞାନ ଲାଭ କଲେ, ଗ୍ରାମକୁ ଫେରିବାପରେ ଗ୍ରାମବାସୀଙ୍କୁ ତାହା ଅବଗତ କରାଇବା ସଙ୍ଗେସଙ୍ଗେ ଶିକ୍ଷିତ କରାନ୍ତି । ଏହାଦ୍ୱାରା ସେମାନେ ଉଚିତ୍ ମାର୍ଗରେ ପରିବର୍ତ୍ତନର ଧାରାକୁ କାର୍ଯ୍ୟରେ ପରିଣତ କରିଥାଆନ୍ତି । ଏହିଭଳି ଜଣେ ତାଲିମ୍‌ପ୍ରାପ୍ତ ବ୍ୟକ୍ତିଙ୍କୁ ଗ୍ରାମରେ "ଗ୍ରାମପରିଚାଳକ" କୁହାଯାଏ । ସେ ଗ୍ରାମର ତଥା ଗ୍ରାମବାସୀଙ୍କର ସାମୂହିକ ବିକାଶପାଇଁ କାର୍ଯ୍ୟ ସଂପାଦନ କରନ୍ତି, ସହଯୋଗ କରନ୍ତି, ଯୋଗାଯୋଗ ରଖନ୍ତି, ପ୍ରବର୍ତ୍ତାଇ ଥାଆନ୍ତି ଏବଂ ସମସ୍ୟା ସୁଧାରି ଥାଆନ୍ତି । ସରକାରୀ କଳ କେବଳ ଏକ ଅନୁଘଟକର ଭୂମିକା ଗ୍ରହଣ କରିଥାଏ । ଗ୍ରାମ ପରିଚାଳକ ଲୋକପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କସହ ପ୍ରତ୍ୟକ୍ଷ କାର୍ଯ୍ୟ ସଂପାଦନ କରନ୍ତି । ସେ ସ୍ଥାୟୀଭାବରେ ଏସବୁ ଦାୟିତ୍ୱରେ ଥିବାବେଳେ ଲୋକ ପ୍ରତିନିଧି ଓ ସରକାରୀ କର୍ମଚାରୀମାନେ ସମୟ ଅନୁସାରେ ବଦଳିଯାଆନ୍ତି । ଗ୍ରାମପରିଚାଳକଙ୍କ ନିମନ୍ତେ ଗ୍ରାମହେଉଛି "ସଂଗଠନ" । ସେ ଅନ୍ୟାନ୍ୟ ରାଜନୈତିକ ଓ ସରକାରୀ ସଂଗଠନଠାରୁ ଦୂରେଇ ରୁହନ୍ତି । ସେ ନିଜ ଗ୍ରାମବାସୀଙ୍କର ପୂର୍ଣ୍ଣ ସମର୍ଥନ ଓ ପୁରାପୁରି ସହଯୋଗରେ ଏବଂ ସାଂପ୍ରତିକ କାର୍ଯ୍ୟଧାରା ସହ ନିବିଡ଼ ସଂପର୍କ ରକ୍ଷାକରି ,ଗ୍ରାମର ବାହ୍ୟିକ ବିକାଶ କରି ସେ କେବଳ କାର୍ଯ୍ୟ କରନ୍ତି, ତା' ନୁହେଁ ପରନ୍ତୁ, ଗୋଷ୍ଠୀ ତଥା ସାମାଜିକ ମୂଲ୍ୟ ବୋଧକୁ ଉଦ୍ଦୀପିତ କରିବା ସଂଗେ ସଂଗେ ଗ୍ରାମ ତଥା ସମଗ୍ର ଦେଶ ପାଇଁ ଏକାତ୍ମଭାବ ସୃଷ୍ଟି କରନ୍ତି । ଏହା ଫଳରେ ସରକାରୀ ପରିକଳ୍ପନା ଗୁଡ଼ିକରୁ ଉପକୃତ ହେବାପାଇଁ ଗ୍ରାମବାସୀମାନଙ୍କୁ ସଠିକ୍ ସମ୍ବାଦ ଦିଆଯାଏ ଏବଂ ସେମାନଙ୍କୁ ଶିକ୍ଷିତ କରାଯାଏ ଏବଂ ଉନ୍ନୟନରେ ଭାଗନେବାକୁ ତଥା ମୂଲ୍ୟବୋଧଧାରାର ଭିତ୍ତିକୁ ସୁଦୃଢ଼ କରିବାକୁ ପ୍ରୋତ୍ସାହିତ କରାଯାଏ ।

କେନ୍ଦୁଝର ଜିଲାରେ ହୋଇଥିବା ପରୀକ୍ଷା ଦେଶର ଗ୍ରାମାଞ୍ଚଳ ବିକାଶ ତଥା ପରିଚାଳନା କ୍ଷେତ୍ରରେ ଏକ ନୂତନ ପଥପ୍ରଦର୍ଶନ କରିଛି । ଓଡ଼ିଶା ସରକାର ଏହି ପରୀକ୍ଷାର ଫଳାଫଳକୁ ବିସ୍ତୃତ ଆଲୋଚନା କରି ଏହାର ଭାବଧାରାକୁ ଗ୍ରହଣ କରିଛନ୍ତି । ନିଷ୍ପତ୍ତି ଗ୍ରହଣ କରାଯାଇଛି ଯେ ପ୍ରାରମ୍ଭରେ ରାଜ୍ୟର ପ୍ରତି ପଚାଂୟତର ଗୋଟିଏ ଗ୍ରାମର ଏହିଭଳି ଜଣେ ସ୍ୱେଚ୍ଛାସେବୀ ରହିବେ, ଯେକି ଉନ୍ନୟନ କାର୍ଯ୍ୟକ୍ରମ ଗଡ଼ିବାରେ ସାହାଯ୍ୟ କରିବେ ଓ ପରିଚାଳନା କରିବେ ଏବଂ ସମାଜରେ ଐକ୍ୟ ତଥା ପ୍ରଗତି ପ୍ରତିଷ୍ଠା କରିବା ପାଇଁ ଜନସାଧାରଣଙ୍କୁ ପ୍ରବର୍ତ୍ତାଇବେ । ସ୍ୱେଚ୍ଛାସେବୀମାନଙ୍କ କାର୍ଯ୍ୟ ସହ ଜିଲ୍ଲା ପ୍ରଶାସନ ଏକତ୍ରିତ କରିବା ଏବଂ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ଥିବା ଦୂରତାକୁ ବିଲୋପ କରିବା ଉଦ୍ଦେଶ୍ୟରେ ଜଣେ ବ୍ଲକ୍ ସଂପ୍ରସାରଣ ଅଧିକାରୀଙ୍କୁ ଗୋଟିଏ ପଚାଂୟତର ଦାୟିତ୍ୱ ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସଂପ୍ରସାରଣ ଅଧିକାରୀ ତାଙ୍କ କର୍ତ୍ତୃତ୍ୱରେ ଥିବା ପଚାଂୟତର ସଂପୂର୍ଣ୍ଣ ବିକାଶ ପାଇଁ ଦାୟୀ ରହିବେ । ସଂପ୍ରସାରଣ ଅଧିକାରୀ ପଚାଂୟତ ସଦର ମହକୁମାରେ ପ୍ରତି ସପ୍ତାହରେ ରାତ୍ରୀ ରହଣି କରି ଏହି ସମୟ ମଧ୍ୟରେ ସେ ପ୍ରତ୍ୟେକ ଗ୍ରାମର ସ୍ୱେଚ୍ଛାସେବୀମାନଙ୍କ ସହ ସାକ୍ଷାତ ଆଲୋଚନା କରିବେ । ଏହାଦ୍ୱାରା ପଚାଂୟତର ପ୍ରତ୍ୟେକଟି ଗ୍ରାମ ବିଷୟରେ ପ୍ରତ୍ୟକ୍ଷ ସୂଚନା ସଂଗ୍ରହ କରିବା ସଂପ୍ରସାରଣ ଅଧିକାରୀଙ୍କ ପକ୍ଷେ ସୁବିଧାଜନକ ହେବ । ଏହା ଫଳରେ, ସେ ଗ୍ରାମର ସମାସ୍ୟାଗୁଡ଼ିକୁ ସୁଧାରି ପାରିବା ସଂଗେ ସଂଗେ ଜନସାଧାରଣ ଉପକୃତ ହେବା ନିମନ୍ତେ ସୁବିଧା ଯୋଗାଇ ଦେବେ ଏବଂ ଉପଭୋକ୍ତାମାନେ ଯେଉଁ ସାହାଯ୍ୟ ପାଇଥିବେ ,ତାହାର ସଦୁପଯୋଗ ଯେପରି କରନ୍ତି, ସେଥିପ୍ରତି ପଦକ୍ଷେପ ଗ୍ରହଣ କରି ପାରିବେ । ବ୍ଲକ୍ ଉନ୍ନୟନ ଅଧିକାରୀ ପ୍ରତିମାସରେ ଥରେ ସଂପ୍ରସାରଣ ଅଧିକାରୀଙ୍କର ବୈଠକ ଆହୂତ କରାଇବେ । ଏହି ବୈଠକରେ ବ୍ଲକ୍ ସଂପ୍ରସାରଣ ଅଧିକାରୀ ବ୍ଲକ୍‌ର ପ୍ରତ୍ୟେକଟି ଗ୍ରାମର ସମସ୍ୟା ତଥା ଉନ୍ନୟନର ପ୍ରତ୍ୟାଶା ସଂପର୍କରେ ଅବଗତ ହେବେ । ବ୍ୟବସ୍ଥା ଫଳରେ ଜିଲ୍ଲା ପ୍ରଶାସନ କେବଳ ଯେ ଗ୍ରାମ ବିଷୟରେ ସଂପୂର୍ଣ୍ଣ ସୂଚନା ପାଇପାରିବେ, ତା ନୁହେଁ, ପରନ୍ତୁ ଉନ୍ନୟନ ସେବା ନିମନ୍ତେ ଉପଯୁକ୍ତ ସୁବିଧା ଯୋଗାଇବା ପଦ୍ଧତିସହ ଗ୍ରାମ ସ୍ତରରେ ଉପକାର ପାଉଥିବା ପଦ୍ଧତିକୁ ସୁଦୃଢ଼ କରିବେ ।

" ମୂଲ୍ୟବୋଧ ଆଧାରିତ" ଗ୍ରାମ ପରିଚାଳନାର ଭାବଧାରାକୁ ଜାତୀୟ ସ୍ତରରେ ଗ୍ରହଣ କଲେ, ଏହି କାର୍ଯ୍ୟକ୍ରମର ରୂପାୟନ ପାଇଁ ଯଥେଷ୍ଟ ପ୍ରେରଣା ମିଳିବ । ଆଧୁନିକ ବୈଜ୍ଞାନିକ କୌଶଳ ସହିତ ପରିବେଶ ଓ ମୂଲ୍ୟବୋଧ ଚେତନାର ସମନ୍ୱୟ ହୋଇ ପାରିଲେ, ଆମ ସମାଜ କର୍ମ ସଂସ୍କୃତି ଦ୍ୱାରା ପରିପୁଷ୍ଟ ହେବ ଏବଂ ଦେଶର ଐକ୍ୟ ଓ ପ୍ରଗତି ସାର୍ଥକ ହୋଇପାରିବ ।

ନିର୍ଦ୍ଦେଶକ ଆଦିବାସୀ କଲ୍ୟାଣ ଭୁବନେଶ୍ୱର

ଠଠଠ

କରିବା ଲାଗି କାରିଗରୀ ପ୍ରବଣ ଉନ୍ନୟନର ପରିପ୍ରକାଶ ଘଟିଛି । ଦେଶର ସର୍ବନିମ୍ନ ସ୍ତରରୁ ଏହି ଚିନ୍ତା ଧାରାକୁ କାର୍ଯ୍ୟରେ ରୂପାୟିତ କରିବା ପାଇଁ ବ୍ୟାପକ ଉଦ୍ୟମ କରାଯାଉଛି । ନୂତନ ୨୦ ଦଫା କାର୍ଯ୍ୟକ୍ରମ ଗ୍ରାମାଞ୍ଚଳ ଲୋକଙ୍କ ଦାରିଦ୍ର୍ୟ ଦୂରୀକରଣ ଏବଂ ସାମାଜିକ ତଥା ଅର୍ଥନୈତିକ ଅବସ୍ଥାର ଉନ୍ନତି ନିମନ୍ତେ ଅଭିପ୍ରେତ । ଏପରି ଏକ ସୁପ୍ରସ୍ତୁତ କାର୍ଯ୍ୟକ୍ରମର ସଫଳ ରୂପାୟନ ଉଦ୍ଦେଶ୍ୟରେ ବ୍ୟକ୍ତି ସମୂହଙ୍କ ବିକାଶ ଦିଗ ସଚେତନତା, ସଞ୍ଚାଳନ ଶକ୍ତିର ଗଠନ, କୁଶଳୀ ତାଲିମ ଓ କାର୍ଯ୍ୟଧାରାର ବିକାଶକୁ ନେଇ ଗୋଟିଏ ସମନ୍ୱିତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବା ଉଚିତ । ଏଭଳି ଏକ ସମନ୍ୱିତ କାର୍ଯ୍ୟକ୍ରମ ନ ଥିବାରୁ ବର୍ତ୍ତମାନ ଯେଉଁ କାର୍ଯ୍ୟଧାରା ଅନୁଯାୟୀ ଲୋକେ ଉପକୃତ ହେଉଛନ୍ତି, ତାହା ଦୁର୍ବଳ ହୋଇପଡ଼ୁଛି । ଗ୍ରାମବାସୀଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ଗୁଡ଼ିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଦୈନନ୍ଦିନ ପରାମର୍ଶ ଗ୍ରହଣ କରିବା ପାଇଁ ଗ୍ରାମବାସୀମାନେ ସଦା ସର୍ବଦା ସରକାରୀ କଳ ଉପରେ ନିର୍ଭର କରି ବସୁଛନ୍ତି । ଉଦାହରଣ ସ୍ୱରୂପ ; ଗ୍ରାମର ଜଣେ କୃଷକ ଅଧିକ ଅମଳକ୍ଷମ ଧାନଚାଷ କରିବା ପାଇଁ ଇଚ୍ଛୁକ । ଏଥିପାଇଁ ତାକୁ ସରକାରୀ କର୍ମଚାରୀ ବର୍ଗଙ୍କ ମଧ୍ୟରେ ସବୁଠାରୁ ତଳିଆ କର୍ମଚାରୀଙ୍କ ନିକଟରେ ପହଞ୍ଚିବାକୁ ହେବ । ହୁଏତ ସରକାରୀ କର୍ମଚାରୀ ଜଣକ ଠିକ୍ ସମୟରେ ମିଳୁ ନ ଥିବେ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ନେଇ ବ୍ୟସ୍ତ ରହୁଥିବେ । ପୁଣି ଏହା ମଧ୍ୟ ହୋଇପାରେ ଯେ ସବୁଠାରୁ ତଳିଆ ଅଫିସର ଜଣକର ଜନସାଧାରଣଙ୍କ ସେବା କରିବା ପାଇଁ ମନୋଭାବ ଠିକ୍ ନ ଥାଇ ପାରେ । ଗୋଟିଏ ନିପଟ ମଫସଲରେ ଜଣେ ଗରିବ ଲୋକ ମ୍ୟାଲେରିଆ ଜ୍ୱର ଭୋଗୁଛି କିମ୍ବା ସାଧାରଣ ଦେହ ଖରାପ ହୋଇଛି । ସେ ଡାକ୍ତରଖାନାର ଦୂରତା ଦୃଷ୍ଟିରୁ, ନିଜର ଅଜ୍ଞତାବଶତଃ ଅନ୍ଧବିଶ୍ୱାସଜନିତ କିମ୍ବା ଔଷଧ ପତ୍ର କିଣିବା ନିମନ୍ତେ ପଇସାପତ୍ର ଅଭାବଥିବାରୁ ଡାକ୍ତରଖାନାକୁ ଯାଇପାରୁନି । ଗୋରୁଗାଈଙ୍କ ସୁରକ୍ଷା, ଶିକ୍ଷା ତଥା ଜନସାଧାରଣ ହାତ ପାହାନ୍ତାରେ ଉପକୃତ ହେବାଭଳି ଉଦ୍ଦିଷ୍ଟ ଅନ୍ୟାନ୍ୟ ସାମାଜିକ ତଥା ଅର୍ଥନୈତିକ କାର୍ଯ୍ୟକ୍ରମ ଗୁଡ଼ିକ କ୍ଷେତ୍ରରେ ମଧ୍ୟ ଠିକ୍ ସେଇଆ । ପରବର୍ତ୍ତୀ ଉକ୍ତ ଧରଣର ପ୍ରୟୋଜନ ନିମନ୍ତେ ବିଭିନ୍ନ ପ୍ରଶାସନିକ ଦପ୍ତର ସହ ଘନିଷ୍ଠ ଯୋଗାଯୋଗ ରକ୍ଷା କଲେ ଏହା ପୂରଣ କରାଯାଇ ପାରିବ । କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ଉପକୃତ ହେବାକୁ ହେଲେ, ମୂଳରୁ ଶେଷଯାଏଁ ଯେଉଁ ଧାଁଦଉଡ଼ ଚାଲେ, ତାହା ଖୁବ୍ କମ୍ ହେବା ଉଚିତ ଏବଂ ସର୍ବୋତ୍ତମ ଉପାୟରେ ଏହାର ପରିସମାପ୍ତି ଘଟିବା ଆବଶ୍ୟକ । ଉପକୃତ ହେବା ନିମନ୍ତେ କାର୍ଯ୍ୟଧାରା ଏଭଳି ଉପାୟରେ ପ୍ରସ୍ତୁତ କରାଯିବା ଆବଶ୍ୟକ ଯେପରିକି, ପୂର୍ବନିର୍ଦ୍ଧାରିତ ଦାୟିତ୍ୱ ଅନୁଯାୟୀ ସୁଫଳ ମିଳୁଥିବା ଦପ୍ତରରେ ନିର୍ଦ୍ଦିଷ୍ଟ ସମୟରେ ସଂପୃକ୍ତ ବ୍ୟକ୍ତିବିଶେଷ (ଲୋକ ପ୍ରତିନିଧି, ସରକାରୀ କର୍ମଚାରୀ, ପରିଚାଳକଗଣ) ଏକତ୍ରିତ ହୋଇ କାର୍ଯ୍ୟ କରିପାରିବେ । ଏହା ଉଲ୍ଲେଖ କରାଯାଇପାରେ ଯେ ଜନସାଧାରଣଙ୍କ ସର୍ବନିମ୍ନ ମୌଳିକ ଆବଶ୍ୟକତା ପୂରଣ କରିବା ନିମନ୍ତେ ଗାଁ ଗାଁରେ ସବୁ ସମୟ ପାଇଁ ଅଫିସରମାନଙ୍କୁ ଅବସ୍ଥାପିତ କରିବା କୌଣସି ସରକାର ପକ୍ଷରେ ସମ୍ଭବପର ନୁହେଁ ।

ଆଜି ଗ୍ରାମବାସୀମାନେ ବିଭିନ୍ନ ସରକାରୀ ପରିକଳ୍ପନା ଦ୍ୱାରା ଉପକୃତ ହେଉଛନ୍ତି ଏବଂ ଅନେକ ବାସ୍ତବ ଭିତ୍ତିଭୂମି ସୃଷ୍ଟି ହୋଇପାରିଛି । ଏ ସମସ୍ତ ସଂପତ୍ତି ଗ୍ରାମଗୁଡ଼ିକରେ ସୃଷ୍ଟି ହୋଇଛି, କିନ୍ତୁ ସେଥିପ୍ରତି ଜନସାଧାରଣଙ୍କର ଆପଣାବୋଧ ଆସି ନଥିବାରୁ ଏସବୁରେ ପରିଚାଳନା ସଂପୂର୍ଣ୍ଣଭାବେ ଅବହେଳିତ ହେଉଛି । ଉଦାହରଣସ୍ୱରୂପ, ଯଦି ଗୋଟିଏ ରାସ୍ତା ଖାଇଡିପ ହୋଇଛି ଲୋକେ ନିଜେ ରାସ୍ତାରେ ମାଟି କିମ୍ବା ବାଲିଗଣ୍ଡେ ନ ପକାଇ ଏଥିପାଇଁ ଶାସନକଳ ଉପରେ ନିର୍ଭର କରୁଛନ୍ତି । ଏହା ଫଳରେ ସମୟକ୍ରମେ, ରାସ୍ତାର ଅବସ୍ଥା ଆହୁରି ଖରାପ ହୋଇଯାଉଛି । ସେହିଭଳି, ଗ୍ରାମଗୁଡ଼ିକରେ ଯାଇଥିବା ବିଦ୍ୟୁତ୍ ଲାଇନରୁ କେତେବେଳେ ତାର ଚୋରିହୁଏ, ଗ୍ରାମରେ ବସାଯାଇଥିବା ନଳକୂପର ହାଣ୍ଡେଲଗୁଡ଼ିକୁ ବାହାର କରିଦିଆଯାଏ । ଏଥିରୁ ଜଣାଯାଏ ଯେ ଲୋକମାନଙ୍କର ନିଜର ବୋଲି ବିଚାର କରିବାର ମନୋଭାବ ସୃଷ୍ଟି ହୋଇନାହିଁ ଏବଂ ସରକାର ଯେଉଁ ସବୁ ସମ୍ପତ୍ତି ସୃଷ୍ଟି କରିଛନ୍ତି, ସେଥିପ୍ରତି ସେମାନଙ୍କର କରଛଡ଼ା ମନୋଭାବ ବୃଦ୍ଧି ପାଉଛି । ଅଧିକନ୍ତୁ, ଏହି ସମସ୍ୟାଗୁଡ଼ିକର ପରିସର ବୃଦ୍ଧିକୁ ଅବକ୍ଷୟୀ ମୂଲ୍ୟବୋଧ ତ୍ୱରାନ୍ୱିତ କରିବାରେ ଲାଗିଛି । ସ୍ନେହ, ଶାନ୍ତି, ସଦାଚାର, ସତ୍ୟ ଓ ଅହିଂସା ପ୍ରଭୃତିର ମୌଳିକ ପାରମ୍ପରିକ ମୂଲ୍ୟହ୍ରାସ ପାଉଛି ।

ସଂକ୍ଷେପରେ ଏତିକି କୁହାଯାଇପାରେ ଯେ ସାଂପ୍ରତିକ ବିକାଶ ଧାରାରେ ଏହି ସମସ୍ୟାଗୁଡ଼ିକର ଶୀର୍ଷ ସଂକଟ ହେଉଛି ଆବଶ୍ୟକତା ତୁଳନାରେ ଜନସହଯୋଗର ଅଭାବ, କାର୍ଯ୍ୟକ୍ରମରୁ ସୁଫଳ ଆଶା କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପର୍ଯ୍ୟାପ୍ତ ପ୍ରସ୍ତୁତ ବ୍ୟବସ୍ଥାର ଅଭାବ, ସଚେତନତାର ଅଭାବ । ମନୋଭାବ ପ୍ରଭୃତି ତଥା ଦକ୍ଷତା ତାଲିମର ଅଭାବ ସାଙ୍ଗକୁ ଅବକ୍ଷୟୀ ମୂଲ୍ୟବୋଧ ଉନ୍ନୟନ ପ୍ରକ୍ରିୟାଠାରୁ ଲୋକଙ୍କୁ ଦୂରେଇ ରଖୁଛି ।

## ପରୀକ୍ଷା

୧୯୮୧ ମସିହା ଅକ୍ଟୋବର ୨ ତାରିଖ ଗାନ୍ଧୀଜୟନ୍ତୀ ଅବସରରେ ଓଡ଼ିଶାର କେନ୍ଦୁଝର ଜିଲ୍ଲା "କେଂପସରା" ଗ୍ରାମର ଜନସାଧାରଣ ଏକତ୍ରିତହୋଇ ଉପକୃତହେବା ପଦ୍ଧତିରେ ଭିତ୍ତିଭୂମିକୁ ସୁଦୃଢ଼ କରିବାପାଇଁ ଉନ୍ନୟନ ଧାରା ସହ ପ୍ରେରଣା ଯୋଗାଇବା ତଥା ଦକ୍ଷତା ବୃଦ୍ଧିର ସମନ୍ୱୟ ଘଟାଇବା ସକାଶେ ଶପଥ ନେଇଥିଲେ । ଗ୍ରାମବାସୀମାନେ ଗ୍ରାମ ତଥା ଦେଶ ପାଇଁ, ଏକ ସହଜାତ ସମାଜର ତିନିଗୋଟି ମୌଳିକ ମୂଲ୍ୟବୋଧକୁ ପାଥେୟ କରି ଏକ ନୂତନ ଉଜ୍ଜୀବିତ ଶକ୍ତିରେ ଉଦ୍‌ବୁଦ୍ଧ ହୋଇଥିଲେ । ସେହି ମୂଲ୍ୟବୋଧଗୁଡ଼ିକ ହେଲା, ନିଜ ବିଷୟରେ ଚିନ୍ତାକରିବା ପୂର୍ବରୁ ଅନ୍ୟମାନଙ୍କ ବିଷୟରେ ଚିନ୍ତାକରିବା, ଅନ୍ୟରଦୋଷ ଦେଖାଇବା ପୂର୍ବରୁ ଆତ୍ମନିରୀକ୍ଷଣ କରିବା ଏବଂ ସମାଜ ଆମକୁ ଯାହାଦେଇଛି, ତାଠାରୁ ସମାଜକୁ ଅଧିକା କିମ୍ବା ସେତିକି ଫେରସ୍ତଦେବା । ଗ୍ରାମବାସୀମାନେ ଅସହାୟ ଗରିବଲୋକଙ୍କୁ ସରକାରଙ୍କଦ୍ୱାରା ପ୍ରବର୍ତ୍ତିତ ଯଥୋଚିତ ଅର୍ଥନୈତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାପାଇଁ ସାହାଯ୍ୟକରିବା ଦିଗରେ ନିଶ୍ଚିତ ପଦକ୍ଷେପ ଗ୍ରହଣ କରିଥିଲେ । ପରସ୍ପରକୁ ସାହାଯ୍ୟ କରିବା, ଗ୍ରାମ ତଥା ଦେଶକୁ ନିଜରବୋଲି ମନେକରିବାର ସଂକଳ୍ପ ଫଳରେ ଗୋଷ୍ଠୀ ସଚେତନତା ସୁଦୃଢ଼ ହୋଇପାରିଥିଲା । ଯୌତୁକ, ଅସ୍ପୃଶ୍ୟତା ଆଦି ସାମାଜିକ ସମସ୍ୟାଗୁଡ଼ିକର ମୂଳୋତ୍ପାଟନ ହୋଇଥିଲା । ଜିଲ୍ଲା ପ୍ରଶାସନର ସକ୍ରିୟ ସହଯୋଗ ଓ ପରାମର୍ଶ ଫଳରେ ସ୍ୱଳ୍ପସମୟ ମଧ୍ୟରେ ଏସମସ୍ତ ସମ୍ଭବ ହୋଇଥିଲା । ଜିଲ୍ଲା ପ୍ରଶାସନ ଗ୍ରାମାଞ୍ଚଳ ବ୍ୟାପାର ପରିଚାଳନା ପ୍ରତିଷ୍ଠାନ" ନାମରେ ଗୋଟିଏ ଶିକ୍ଷା ପ୍ରତିଷ୍ଠାନ ପ୍ରତିଷ୍ଠାକରି,

କାର୍ଯ୍ୟ କରିଯାନ୍ତୁ ବା ସେମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରନ୍ତୁ, ଏହା ସେ ଚାହାନ୍ତି ନାହିଁ ।" ମିଳିତ ଜାତିସଂଘରେ ପଣ୍ଡିତ ନେହେରୁ ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କୁ ଏକତ୍ର କରିବା ସଙ୍ଗେ ସଙ୍ଗେ ଏସୀୟ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକତା ଓ ସଂହତି ବୃଦ୍ଧି କରିବା ପାଇଁ ଉଦ୍ୟମ ଚଳାଇଥିଲେ ଓ କମ୍ୟୁନିଷ୍ଟ ଚୀନକୁ ମିଳିତ ଜାତିସଂଘର ସ୍ଥାୟୀ ସଭ୍ୟ କରିବା ପାଇଁ ମଧ୍ୟ ସଂଘର ସଭ୍ୟମାନଙ୍କୁ ପ୍ରଭାବିତ କଲେ । ମାତ୍ର ୧୯୬୨ ମସିହାରେ ଭାରତବର୍ଷ ଉପରେ ଚୀନର ଅତର୍କିତ ଆକ୍ରମଣ ଓ ତିବ୍ବତକୁ ଗ୍ରାସ୍ୟିଏ ପ୍ରଚେଷ୍ଟାରେ ପ୍ରବଳ ଧକ୍କା ଦେଲା ।

ଏସିଆ ଓ ଆଫ୍ରିକାର ଦେଶମାନ ଗୋଟିକ ପରେ ଗୋଟିଏ ଯେତେବେଳେ ସାମ୍ରାଜ୍ୟବାଦ କବଳରୁ ମୁକ୍ତ ହେଲେ, ସେତେବେଳେ ସେହି ଦେଶର ନେତାମାନେ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ବନ୍ଧୁ ଓ ହିତକାମୀ ରୂପେ ଗ୍ରହଣ କରୁଥିଲେ । ଏମାନଙ୍କ ମଧ୍ୟରୁ ଆଫ୍ରିକା ମହାଦେଶର ନେତା, ଘାନାର ନେତା ନକ୍ରୁମା, ସିଂହଳର ଶ୍ରୀ ବନ୍ଦରନାୟକେ, ଇଣ୍ଡୋନେସିଆର ସୁକର୍ଣ୍ଣୋ, ନେପାଳର ରାଜା ମହେନ୍ଦ୍ର, କେନିଆର ଜୋମୋ କେନ୍ୟାଟା ଆଦି ପ୍ରଧାନ । ଆଫ୍ରିକା ମହାଦେଶର ପରାଧୀନ ରାଷ୍ଟ୍ରର ନେତାମାନେ ଭାରତବର୍ଷରେ ସ୍ୱାଧୀନତା ସମରର ସାଫଲ୍ୟରେ ଉଦ୍‌ବୁଦ୍ଧ ହୋଇ, ପଣ୍ଡିତ ନେହେରୁଙ୍କ ନେତୃତ୍ୱକୁ ଗ୍ରହଣ କରିଥିଲେ । ଦକ୍ଷିଣ ଆଫ୍ରିକାର ବର୍ଣ୍ଣବୈଷମ୍ୟ ନୀତି ବିରୁଦ୍ଧରେ ଭାରତ ମିଳିତ ଜାତିସଂଘରେ ବାରମ୍ବାର ସ୍ୱର ଉତ୍ତୋଳନ କରି ଦକ୍ଷିଣ ଆଫ୍ରିକାର ସଂଖ୍ୟାନ୍ୟୂନ ସରକାରକୁ ବାସନ୍ଦ କରିବାର ନୀତିରେ ସାଫଲ୍ୟ ଅର୍ଜନ କରିଛି ।

"Current Political Movements in Africa", ନାମକ ପୁସ୍ତକରେ ପ୍ରାୟ ୪୦ ବର୍ଷ ପୂର୍ବେ Sir James Coleman ଲେଖିଛନ୍ତି, "India's successful struggle for independence has served as a stimulus for many African nationalists who now look to India for guidance and support."

ଯୁଗୋସ୍ଲୋଭିଆର ରାଷ୍ଟ୍ରପତି ମାର୍ଶାଲ ଜୋସେଫ୍ ବ୍ରୋଜ୍‌ଟିଟୋ, ମିଶର ଦେଶର ରାଷ୍ଟ୍ରପତି ଅବ୍‌ଦୁଲ୍ ଗାମେଲ୍ ନାସେର ଓ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ତିନୋଟି ମହାଦେଶର ମହାନେତାଙ୍କର ମିଳିତ ଉଦ୍ୟମରେ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନ ଦିନକୁ ଦିନ ଅଧିକ ଶକ୍ତିଶାଳୀ ହେବାକୁ ଲାଗିଲା । ଉପନିବେଶବାଦରୁ ମୁକ୍ତିଲାଭ କରି ଯେତିକି ଯେତିକି ରାଜ୍ୟ ମିଳିତ ଜାତିସଂଘରେ ଯୋଗ ଦେଲେ, ଗୋଷ୍ଠୀ ନିରପେକ୍ଷ ସଭ୍ୟ ସଂଖ୍ୟା ମିଳିତ ଜାତି ସଂଘରେ ସେତିକି ବଢ଼ିବାକୁ ଲାଗିଲା । ବୃହତ୍‌ଶକ୍ତିମାନଙ୍କର ଭେଟୋ କ୍ଷମତା ଯଦି ନଥାନ୍ତା ତେବେ ମିଳିତ ଜାତିସଂଘରେ ଏହି ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ରମାନଙ୍କର ମିଳିତ ମତ ହୁଏତ ପ୍ରତ୍ୟେକ ବିଷୟରେ କାର୍ଯ୍ୟକାରୀ ହେଉଥାନ୍ତା ।

ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଯେ ବିଶ୍ୱଜନମତକୁ ପ୍ରଭାବିତ କରି ପାରୁଛି ଏଥିରେ ସନ୍ଦେହ ନାହିଁ । ଆଜି ସମଗ୍ର ପୃଥିବୀରେ ଦକ୍ଷିଣ ଆଫ୍ରିକାର ବର୍ଣ୍ଣଭେଦନୀତି ଘୃଣିତ ହୋଇଛି । ସମଗ୍ର ଆଫ୍ରିକା ମହାଦେଶରେ ଜନ ଜାଗରଣ ସୃଷ୍ଟି ହୋଇଛି । ଏ ଆନ୍ଦୋଳନର ପ୍ରଭାବ ଦକ୍ଷିଣ ଆମେରିକାର ରାଷ୍ଟ୍ରମାନଙ୍କ ଉପରେ ମଧ୍ୟ ପଡ଼ିଛି । ଏସିଆର ଅଧିକାଂଶ ରାଷ୍ଟ୍ର ଆମର ବନ୍ଧୁ ।

୧୯୬୪ ମସିହାରେ ପଣ୍ଡିତ ଜବାହରଲାଲଙ୍କ ତିରୋଧାନ ପରେ ଲାଲବାହାଦୂର ଶାସ୍ତ୍ରୀ ଓ ଇନ୍ଦିରା ଗାନ୍ଧୀ ମଧ୍ୟ ସେହି ଗୋଷ୍ଠୀ ନିରପେକ୍ଷ ନୀତି ଅବଲମ୍ବନ କରି ତହିଁର ନେତୃତ୍ୱ ନେଇଥିଲେ । ନୂତନଭାବେ ସ୍ୱାଧୀନତା ଲାଭ କରିଥିବା ବିକାଶଶୀଳ ଓ ଅବିକଶିତ ରାଷ୍ଟ୍ରମାନଙ୍କୁ ଭାରତ ଏହି ଗୋଷ୍ଠୀନିରପେକ୍ଷ ବୈଦେଶିକ ନୀତି ମାଧ୍ୟମରେ ନେତୃତ୍ୱ ଦେଇ ଆସିଛି । ଇନ୍ଦିରାଗାନ୍ଧୀଙ୍କ ପରେ ଆମର ବର୍ତ୍ତମାନ ପ୍ରଧାନମନ୍ତ୍ରୀ ରାଜୀବଗାନ୍ଧୀ ମଧ୍ୟ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନକୁ ବ୍ୟାପକତର ଓ ସୁଦୃଢ଼ କରିପାରିଛନ୍ତି ।

ଆଉ ବର୍ଷେ ପରେ ଭାରତବର୍ଷ ପଣ୍ଡିତ ନେହେରୁଙ୍କ ଜନ୍ମ ଶତାବ୍ଦୀ ସମ୍ବତ୍ସର ଉତ୍ସବ ପାଳନ ଆରମ୍ଭ କରିବ । ଏହି ଅବସରରେ ଆମେ ସେହି ଦୂରଦର୍ଶୀ ସ୍ୱାଧୀନତା ସଂଗ୍ରାମୀ ମହାନ୍ ନେତାଙ୍କର ବୈଦେଶିକ ନୀତିର ଅପୂର୍ବସାଫଲ୍ୟ ସ୍ମରଣ କରି ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ।

---

'ଓଡ଼ିଶା ବିଧାନସଭା ସଦସ୍ୟ,
ଭୁବନେଶ୍ୱର ।



"ମୁଁ ଏଭଳି ଏକ ଭାରତ ଗଢ଼ିବାକୁ ଚାହେଁ ଯେଉଁଠି ଜନସାଧାରଣଙ୍କ ମଧ୍ୟରେ ଉଚ୍ଚ ନୀଚ ଭେଦଭାବ ନ ଥିବ ଓ ଦେଶର ସବୁ ସମ୍ପ୍ରଦାୟର ଲୋକେ ପରସ୍ପର ମଧ୍ୟରେ ଶାନ୍ତି ଓ ସଦ୍‌ଭାବ ରକ୍ଷି ଜୀବନଯାପନ କରିବା ସଙ୍ଗେ ସଙ୍ଗେ ଦେଶର ଦରିଦ୍ରତମ ଲୋକ ମଧ୍ୟ ଉପଲବ୍ଧି କରିବ ଯେ, ଏଇ ଦେଶ ହେଉଛି ତାହାରି ଏବଂ ଏହି ଦେଶ ଗଠନରେ ତାର ବି ସକ୍ରିୟ ଅବଦାନ ରହିଛି ।"

—ଗାନ୍ଧିଜୀ

# ଜବାହର ଲାଲ ନେହେରୁ ଓ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନ

ଡକ୍ଟର ଶ୍ରଦ୍ଧାକର ସୂପକାର

ପ୍ରଥମ ବିଶ୍ୱଯୁଦ୍ଧ ପରେ ଯେପରି ଲିଗ୍ ଅଫ୍ ନେଶନ୍ସ୍‌ର ପ୍ରତିଷ୍ଠା ସମୟରୁ ଯେପରି ପରବର୍ତ୍ତୀ ବିଶ୍ୱଯୁଦ୍ଧର ମଞ୍ଜି ବୁଣାଗଲା, ଦ୍ୱିତୀୟ ବିଶ୍ୱଯୁଦ୍ଧ ଠିକ୍ ପରେ ଦ୍ୱନ୍ଦ୍ୱ ଓ ସଂଘର୍ଷର ବୀଜ ବପନ କରାଗଲା ବୋଲି ମନେ ହେଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଉପନିବେଶବାଦର ବିଲୟ ସାଧନ ଯୋଗୁଁ, ବ୍ରିଟେନ୍, ଫ୍ରାନ୍ସ୍ ଆଦି ଉପନିବେଶ ଉପରେ ନିର୍ଭର କରୁଥିଲା । ରାଷ୍ଟ୍ରମାନଙ୍କର ପ୍ରାଧାନ୍ୟ ହ୍ରାସ ପାଇଲା । ବ୍ରିଟିଶ୍ ପ୍ରାଧାନ୍ୟର ସୂର୍ଯ୍ୟାସ୍ତ ହେଲା । ସୋଭିଏତ୍ ଦେଶରେ ମହାଯୁଦ୍ଧରେ ଦୁଇକୋଟି ୭୦ ଲକ୍ଷ ଲୋକଙ୍କର ପ୍ରାଣହାନି ହେବା ସତ୍ତ୍ୱେ ସେ ଦେଶ ଅପରାଜେୟ ବୋଲି ନିଜକୁ ପ୍ରମାଣିତ କଲା । ଯୁଦ୍ଧ ଶେଷରେ ସୋଭିଏତ୍ ସୈନ୍ୟମାନେ ଜର୍ମାନୀର ପ୍ରାଣକେନ୍ଦ୍ର ବାର୍ଲିନ୍ ନଗରୀ ପର୍ଯ୍ୟନ୍ତ ମାଡ଼ି ଆସିଲେ । ଋଷଠାରୁ ଏକ ମହାନ୍ ରାଷ୍ଟ୍ରର ଆବିର୍ଭାବ ହେଲା । ପୂର୍ବ ୟୁରୋପର ଅଧିକାଂଶ ରାଷ୍ଟ୍ର ସୋଭିଏତ୍ ଦେଶର ଅନୁଗାମୀ ହେଲେ । ଅପର ପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଫ୍ରାନ୍ସ୍ ଆଦି ଦେଶମାନଙ୍କୁ ସାହାଯ୍ୟ କରି ଆର୍ଥିକ ଓ ରାଜନୈତିକ ଦୃଷ୍ଟିରୁ ଏକ ଅତି-ଶକ୍ତିରେ ପରିଣତ ହେଲା ।

ଏକ ପକ୍ଷରେ ପୁଞ୍ଜିବାଦର ମୁଖ୍ୟକେନ୍ଦ୍ର ଯୁକ୍ତରାଷ୍ଟ୍ର, ଅପର ପକ୍ଷରେ ସାମ୍ୟବାଦର ମୁଖ୍ୟକେନ୍ଦ୍ର ସୋଭିଏତ୍ ଦେଶ ଚୁମ୍ବକର ଦୁଇମେରୁ ପରି ବିପରୀତ ଧର୍ମୀ ବୃହତ୍‌ଶକ୍ତିରେ ପରିଣତ ହେଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଠିକ୍ ପରେ ମିଳିତ ଜାତିସଂଘ ନିଉୟର୍କ ନଗରୀରେ ପ୍ରତିଷ୍ଠିତ ହେଲା । କିନ୍ତୁ ଏହାର ଫଳସ୍ୱରୂପ ବିଶ୍ୱରେ ଶାନ୍ତି ପ୍ରତିଷ୍ଠିତ ହେବା ପରିବର୍ତ୍ତେ ଏକ ଶୀତଳ ଯୁଦ୍ଧର ସୂତ୍ରପାତ ହେଲା । ପରମାଣୁ ବୋମାର ଭୀଷଣ ପରିଣତିରେ ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ନ ହୋଇ ଅଧିକ ଭୟାନକ ଉଦ୍‌ଯାନ ବୋମା ଉଦ୍‌ଭାବନ ଆଦି ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ହୁଏଲା । ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ, ଫ୍ରାନ୍ସ, କାନାଡ଼ା ଆଦି ରାଷ୍ଟ୍ର ମାନଙ୍କ ସହିତ North Atlantic Treaty Organisation ନାମକ ଏକ ସାମରିକ ଶକ୍ତି ପୁଞ୍ଜ ଏବଂ ପ୍ରଶାନ୍ତ ମହାସାଗର ଅଞ୍ଚଳରେ Australia, Newzealand United States (ANZUS) Treaty Organisation. ନାମକ ଶକ୍ତିପୁଞ୍ଜ ଗଠନ କଲେ । ସୋଭିଏତ୍ ଦେଶର ଶକ୍ତି ବୃଦ୍ଧି ବିରୁଦ୍ଧରେ ଏହି ଯୁଦ୍ଧ ଚୁକ୍ତି ଉଦ୍ଦିଷ୍ଟ ଥିଲା । ଯୁକ୍ତରାଷ୍ଟ୍ର ଆମେରିକା ସେହି ଉଦ୍ଦେଶ୍ୟରେ ପାକିସ୍ଥାନକୁ ସାମରିକ ସାହାଯ୍ୟ ମଧ୍ୟ ଦେବା ଆରମ୍ଭ କଲା ।

ଏ ଉଭୟ ବୃହତ୍ ଶକ୍ତିର ଗୋଡ଼ାଣିଆ ନ ହୋଇ ଏକ ଗୋଷ୍ଠୀନିରପେକ୍ଷ ରାଷ୍ଟ୍ରମାନଙ୍କ ବିଶ୍ୱଶାନ୍ତି ପାଇଁ ସଙ୍ଗଠନ କରିବାକୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଆନ୍ତରିକ ଉଦ୍ୟମ କଲେ । ୧୯୫୫ ମସିହାରେ ଇଣ୍ଡୋନେସିଆର ବାନ୍ଦୁଙ୍ଗଠାରେ ଏହିପରି ନିରପେକ୍ଷ ରାଷ୍ଟ୍ର-ମାନଙ୍କର ଏକ ସମ୍ମିଳନୀ ଆହୂତ ହେଲା ଓ ସେଠାରେ ପଣ୍ଡିତ ଜବାହରଲାଲ ନେହେରୁ ତାଙ୍କର ପଞ୍ଚଶୀଳ ନୀତିର ବ୍ୟାଖ୍ୟା କଲେ । ଅନ୍ୟ ରାଷ୍ଟ୍ରମାନଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ ନକରିବା ଏହାର ମୁଖ୍ୟ ଆଦର୍ଶ ଥିଲା । ଏହି ସମ୍ମିଳନୀରେ ଇଣ୍ଡୋନେସିଆର ସୋଏକର୍ଣ୍ଣୋ, ଚୀନ ଦେଶର ଚୁଏନ୍‌ଲାଇ ଓ ବ୍ରହ୍ମଦେଶର ୟୁନୁ ମଧ୍ୟ ଯୋଗ ଦେଇଥିଲେ । ବୃହତ୍ ଶକ୍ତିମାନଙ୍କ ଠାରୁ ନିଜକୁ ମୁକ୍ତ ରଖିବା ସେ ସମୟରେ ପ୍ରାୟ ସମସ୍ତ ଏସୀୟ ରାଷ୍ଟ୍ରମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଓ କର୍ତ୍ତବ୍ୟ ଥିଲା । ଏହି ସଂକଳ୍ପକୁ ଭାଷା ଦେଇ ପଣ୍ଡିତ ନେହେରୁ ଥରେ ଲୋକ ସଭାରେ ୧୯୫୩ ସେପ୍ଟେମ୍ବର ୧୭ ତାରିଖରେ କହିଥିଲେ, " Some times it is not realised by many of the great powers of the world that the countries of Asia, however weak they may be, dont propose to be ignored, do not proposed to be passed and certainly do not propose to be sat upon" । ଅର୍ଥାତ୍ ଏସିଆ ମହାଦେଶର ଦେଶମାନେ ଯେତେ ଦୁର୍ବଳ ହୁଅନ୍ତୁ ନା କାହିଁକି, ବୃହତ୍ ଶକ୍ତିମାନେ ସେମାନଙ୍କୁ ଉପେକ୍ଷା କରନ୍ତୁ, ସେମାନଙ୍କୁ ନପଚାରି

ଫଳରେ ସାମାଜିକ ଅନ୍ୟାୟ ଦୂର କରାଯାଇ ପାରିବ । ସର୍ବବିଧ ବିଷମତାର ମାତ୍ରା କମାଇ ଦିଆଯାଇ ଅଧିବାସୀଙ୍କ ନୈତିକ ଓ ଭୌତିକ ଉନ୍ନତି ସାଧନ କରାଯାଇପାରିବ । ଏ ପ୍ରକାର ଚିନ୍ତାଧାରା ଭାରତୀୟ ଆଦର୍ଶ ଓ ପରଂପରାର ଏକାନ୍ତ ଅନୁକୂଳ । ଆମ ରାଷ୍ଟ୍ର ସେଥିପାଇଁ ପ୍ରତିଜ୍ଞାବଦ୍ଧ । ଏହାହିଁ ଆମର ବୈଶିଷ୍ଟ୍ୟ ଓ ସର୍ବଜନ ଆଦୃତ । ଏହା ଲକ୍ଷ୍ୟ କରିବାର କଥା ଯେ ଆମ ଦେଶରେ ନାଗରିକ ମୌଳିକ ଅଧିକାର କେବଳ ଘୋଷଣା କରାଯାଇ ନାହିଁ, ଏ ସବୁକୁ ସ୍ପଷ୍ଟ କରି ସଂବିଧାନର ଅନ୍ତର୍ଭୁକ୍ତ କରାଯାଇଛି । ଏହା କରିବାର ଆବଶ୍ୟକତା ଏହି ଯେ (୧) ଆମ ଶାସକବର୍ଗ ନିରଙ୍କୁଶ ଓ ସ୍ୱେଚ୍ଛାଚାରୀ କ୍ଷମତାର ଅଧିକାରୀ ହୋଇ ପାରିବେ ନାହିଁ, (୨) ରାଷ୍ଟ୍ରର ସାମାଜିକ ଓ ଅର୍ଥନୈତିକ ପ୍ରତିଶ୍ରୁତି ଗୁଡ଼ିକୁ କାର୍ଯ୍ୟକାରୀ କରାଯାଇ ପାରିବ ଓ (୩) ଭାରତର ବିଭିନ୍ନ ସଂଖ୍ୟାଲଘୁ ଶ୍ରେଣୀର ଲୋକମାନଙ୍କ ନିରାପତ୍ତା ଓ ସ୍ୱାର୍ଥର ସୁରକ୍ଷା ପାଇଁ କେତେକାଂଶରେ ନିଶ୍ଚିତ କରାଯାଇ ପାରିବ ।

ତୃତୀୟତଃ ଭାରତୀୟ ସମାଜରେ ଧର୍ମ, ଭାଷା ଆଦିର ବହୁଳତା ଓ ବିଭିନ୍ନତା ରହିଛି । ଏ ସବୁ ଅବଶ୍ୟ ଆମ ଦେଶରେ ଶାନ୍ତି, ମୈତ୍ରୀ, ପ୍ରୀତି, ପ୍ରଗତି ଓ ସମୃଦ୍ଧିର ଉତ୍ସାହପ୍ରଦ ଭିତ୍ତିଭୂମି ସୃଷ୍ଟି କରେ । କିନ୍ତୁ ସେଥିରେ ଏହା ବ୍ୟବହାର କରାଯାଇ ନ ପାରିଲେ ଅନ୍ତର୍ବିବାଦ, ଦ୍ୱନ୍ଦ୍ୱ ଓ ବିସମ୍ବାଦ ହୋଇପାରେ । ଏହା ଫଳରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ଜାତ ହୁଏ । ଦେଶ ଦୁର୍ବଳ ହୋଇଯାଏ । ଏହାର ପରିଣତି ହୁଏ ବହିଃ ଶତ୍ରୁଙ୍କର ଆକ୍ରମଣ ତଥା ଦେଶର ସ୍ୱାଧୀନତା ଓ ସ୍ୱାଭିମାନ ଘୋର ବିପଦର ସମ୍ମୁଖୀନ ହୁଏ । ଏହା ଛଡ଼ା ଆମ ସାଧାରଣ ଜୀବନରେ ଆମେ ସାଧାରଣତଃ ଗଣତନ୍ତ୍ରକୁ ଗ୍ରହଣ କରିଛୁ । ବିଶେଷ କରି ଆମ ରାଜନୈତିକ ବ୍ୟବସ୍ଥାରେ ଗଣତାନ୍ତ୍ରିକ ଢାଞ୍ଚା ଓ ପଦ୍ଧତି ଆମେ ଆଦରି ନେଇଛୁ । ଏଣୁ ଏହା ଅଭିଜ୍ଞତାର ବିଷୟ ଯେ କ୍ଷମତାସୀନ ସଂଖ୍ୟା ଗରିଷ୍ଠ ଶାସକବର୍ଗ ସେମାନଙ୍କ ଧର୍ମ ଧାରଣାକୁ କ୍ଷମତାରେ ନ ଥିବା ସଂଖ୍ୟା ଲଘୁ ଲୋକଙ୍କ ଉପରେ ଜବରଦସ୍ତ ଲଦିଦେବେ । ଏହା ଭୟଙ୍କର ବିପଦ ସୃଷ୍ଟି କରିବ । ସାମାଜିକ ଅବ୍ୟବସ୍ଥା ଭୀଷଣ ରୂପ ଧାରଣ କରିବ । ତେଣୁ ସମ୍ବିଧାନରେ ବିବେକର ସ୍ୱାଧୀନତାକୁ ସ୍ୱୀକୃତି ଦିଆଯାଇଛି । ଭାରତକୁ ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବରେ ଘୋଷଣା କରାଯାଇଛି । ଧର୍ମ ଦୃଷ୍ଟିରୁ ସଂଖ୍ୟାଲଘୁମାନଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି । ଧର୍ମ ନିରପେକ୍ଷ ରାଷ୍ଟ୍ର ଧାରଣା ଅତ୍ୟାବଶ୍ୟକ ହୋଇପଡ଼ିଛି ।

ଏହା ସ୍ମରଣ ରଖିବାର କଥା ଯେ ୧୯୭୬ ମସିହାରେ ଆମ ସମ୍ବିଧାନର ୪୨ ତମ ସଂଶୋଧନ କରାଯାଇ ରାଷ୍ଟ୍ରର ସ୍ୱରୂପରେ 'ସମାଜବାଦୀ ଓ ଧର୍ମନିରପେକ୍ଷ'କୁ ସ୍ଥାନ ଦିଆଯାଇଛି । ଏହା ଫଳରେ ସାର୍ବଭୌମ, ଧର୍ମନିରପେକ୍ଷ, ସମାଜବାଦୀ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ଭାବରେ ଭାରତକୁ ଗଠନ କରିବାର ସ୍ୱପ୍ନ ଓ ଶପଥ ନିଆଯାଇଛି । ସମ୍ବିଧାନର ମୌଳିକ କର୍ତ୍ତବ୍ୟ ଶୀର୍ଷକ ଅଧ୍ୟାୟରେ ସ୍ପଷ୍ଟ ଭାବରେ ଘୋଷିତ କରାଗଲା ଯେ ଭାରତର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତାର ସୁରକ୍ଷା କରିବା ସଙ୍ଗେ ସଙ୍ଗେ ଭେଦ ଭାବ ଓ ଧର୍ମ, ଭାଷା, ଅଞ୍ଚଳ କିମ୍ବା ଜନପଦ ଜନିତ ବିଭିନ୍ନତାକୁ ଅତିକ୍ରମ କରି ଭାରତର ଜନସାଧାରଣଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଏବଂ ଭ୍ରାତୃତ୍ୱର ସୌହାର୍ଦ୍ଦ୍ୟକୁ ମଧ୍ୟ ଉତ୍ସାହିତ କରିବା ଭାରତର ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ହେବ । ଏହି ଘୋଷଣା ବହୁ ଉଚ୍ଚ ପ୍ରସଂଶିତ ହୋଇଛି ଏବଂ ଏହି ପରିପ୍ରେକ୍ଷୀରେ ଧର୍ମନିରପେକ୍ଷ ରାଷ୍ଟ୍ର ଭାବନା ସମ୍ବନ୍ଧରେ ବିଚାର କରାଯିବ ।

ସମ୍ବିଧାନର ୨୫ରୁ ୨୮ ଧାରାଗୁଡ଼ିକରେ ଧର୍ମ ପାଳନର ସ୍ୱାଧୀନତା ସ୍ଥାନ ପାଇଛି । କେବଳ ବ୍ୟକ୍ତିବିଶେଷ ନୁହେଁ, ଏପରିକି ଧର୍ମିକ ସଂପ୍ରଦାୟ ମଧ୍ୟ ଏହି ଧର୍ମ ସମ୍ବନ୍ଧୀୟ ସ୍ୱାଧୀନତାର ଅଧିକାର ସାବ୍ୟସ୍ତ କରିପାରିବେ । ସମସ୍ତ ଧର୍ମ ସମାନ ସାମ୍ବିଧାନିକ ସୁରକ୍ଷା ଉପଭୋଗ କରି ପାରିବେ ଓ ସେଥିରେ କୌଣସି ଧର୍ମ ପ୍ରତି ଅନୁକଂପା କିମ୍ବା ବାଛ ବିଚାର କରାଯାଇ ପାରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ବିବେକର ସ୍ୱାଧୀନତା ସୁନିଶ୍ଚିତ କରାଯାଇଛି । ସ୍ୱାଧୀନ ଭାବରେ ଧର୍ମପାଳନ, ଏହାର ସ୍ୱୀକାର ଓ ପ୍ରସାର ସମ୍ବନ୍ଧରେ ତାଙ୍କ ପାଇଁ ସୁନିଶ୍ଚିତ କରାଯାଇଛି । ଏହା ଅବଶ୍ୟ ସେ ଏପରି କରିବେ ଯଦ୍ୱାରା ସାଧାରଣ ଶୃଙ୍ଖଳା, ସ୍ୱାସ୍ଥ୍ୟ, ନୈତିକତା ଓ ଅନ୍ୟାନ୍ୟ ମୌଳିକ ଅଧିକାର ସଂପୃକ୍ତ ବ୍ୟବସ୍ଥାରେ କୌଣସି ଆଞ୍ଚ ଆଣିବେ ନାହିଁ ।

ଧର୍ମନିରପେକ୍ଷର ସଂଜ୍ଞା ନିରୂପଣ କରିବା ସହଜସାଧ୍ୟ ନୁହେଁ । ସମ୍ବିଧାନ ମଧ୍ୟ ଧର୍ମର ସଂଜ୍ଞା ସ୍ଥିର କରି ନାହାନ୍ତି । ଏହା ଫଳରେ ଏବାବଦରେ ନାନା ପ୍ରତିକ୍ରିୟା ଓ ପ୍ରସ୍ତାବନା ଦେଖିବାକୁ ମିଳେ । କେତେକ ଏହାର ସମାଲୋଚନା କରିଛନ୍ତି । କେହି କେହି ଭାବବିହ୍ୱଳ ବା ଉଦାସୀନ ହୋଇ ପଡ଼ିଛନ୍ତି । ଅନ୍ୟ କେତେକ ଲୋକ ଆଶାର ଆକାଶ କୁସୁମ ତୋଳି ନାହାନ୍ତି । ତଥାପି ସେମାନେ ଧର୍ମନିରପେକ୍ଷ ରାଷ୍ଟ୍ର ଓ ସ୍ୱାଧୀନ ନାଗରିକ ସମ୍ବନ୍ଧରେ ସାମ୍ବିଧାନିକ ବ୍ୟବସ୍ଥା ଓ ରାଜନୀତି ବିଜ୍ଞାନ ବିଶାରଦ ତଥା ରାଜନୈତିକ ନେତୃବର୍ଗଙ୍କ ପର୍ଯ୍ୟାଲୋଚନା ଯୋଗୁଁ ଆଶାବାଦୀ ହୋଇଛନ୍ତି । କିନ୍ତୁ ଧର୍ମନିରପେକ୍ଷତା ଓ ନାଗରିକ ସ୍ୱାଧୀନତା ବିଷୟରେ ଜନସଚେତନତା ସୃଷ୍ଟି କରି ଏ ପ୍ରକାର ନାଗରିକ ଓ ରାଷ୍ଟ୍ରକୁ ଶକ୍ତିଶାଳୀ କରିବାକୁ ପଦକ୍ଷେପ ଅଧିକ ସକ୍ରିୟ ହେବା ଉଚିତ । ଜାତୀୟ ଚେତନା ଓ ନାଗରିକର ଚରିତ୍ର ସଂଗଠିତ ହେବା ଆବଶ୍ୟକ ।

ଧର୍ମନିରପେକ୍ଷତାର ବୈଶିଷ୍ଟ୍ୟ ବୁଝି ଏହାର ସଫଳ ରୂପାୟନ ଦିଗରେ କର୍ମପନ୍ଥା ସ୍ଥିର କରିବା ପୂର୍ବରୁ ଧର୍ମନୀତି ଓ ରାଷ୍ଟ୍ରନୀତିର ପ୍ରୟୋଗ ପରିସର ଏବଂ ସାଧନ ପ୍ରକ୍ରିୟା ସମ୍ବନ୍ଧରେ ଆଲୋଚନା କରିବା ଆବଶ୍ୟକ । ଧର୍ମ ଓ ରାଷ୍ଟ୍ର ନିଜ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ଓ ସାଧନ ସ୍ଥିରକରି ମାନବ ଜୀବନର ଦୁଇ ବିଭିନ୍ନ କର୍ମଧାରାରେ କାର୍ଯ୍ୟକରେ । ଧର୍ମରେ ସେ ଆଶ୍ରିତ ହୁଏ, କିନ୍ତୁ ରାଷ୍ଟ୍ରର ନାଗରିକ ଭାବରେ ସେ ନିର୍ମାତା ଓ ରକ୍ଷାକାରୀ । ଭୌତିକ ସୁବିଧା ସୁଯୋଗ, ସୁଖ ସମୃଦ୍ଧି ସୃଷ୍ଟି କରି ଐହିକ ସ୍ତରରେ ଜୀବନର ଆଶା ଆକାଂକ୍ଷା ପୂରଣ କରେ ରାଷ୍ଟ୍ର । ଅଥଚ ଧର୍ମ ଐହିକ ଜୀବନକୁ ନିୟନ୍ତ୍ରିତ ଓ ପରିଚାଳିତ କରି ପାରତ୍ରିକ ଜୀବନ ପାଇଁ ସଦ୍‌ଗତିର ଦ୍ୱାର ଉନ୍ମୋଚନ କରେ । ଧର୍ମନୀତି ଓ ରାଷ୍ଟ୍ରନୀତି ମଧ୍ୟରେ ଦୁର୍ଭେଦ୍ୟ ପ୍ରାଚୀର ରହିଛି । ଗୋଟିଏ ଅନ୍ୟଟିରେ ହସ୍ତକ୍ଷେପ କରି ପାରିବ ନାହିଁ । ଭାରତୀୟ ପରମ୍ପରା ଅନୁସାରେ ସାମାଜିକ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ

# ଧର୍ମ ନିରପେକ୍ଷ ରାଷ୍ଟ୍ର ଓ ସ୍ୱାଧୀନ ନାଗରିକ

ଅଧ୍ୟାପକ ଶତ୍ରୁଘ୍ନ ନାଥ

ଧର୍ମାଚରଣ ହେଉଛି ଅନ୍ତରର ଆନ୍ତରୀକ ଅନୁଭୂତି । ହୃଦିକନ୍ଦରର ଆବେଗମୟ ଆହ୍ୱାନ । ବିବେକର ଡ଼ାକ । ବାହ୍ୟ ଏବଂ ଆନ୍ତର ଦିଗରୁ ସ୍ୱେଚ୍ଛାକୃତ ଅଭିମୁଖିତା । ଜୀବ ସୃଷ୍ଟିରେ ଜୀବନର ସଂସ୍ରବ କିଏ ଓ କାହିଁକି କରିଛନ୍ତି ଏହି ଜଟିଳ ପ୍ରଶ୍ନର ଚିରନ୍ତନ ଅନୁଶୀଳନ । ଏହି ଅନୁଶୀଳନ ଜୀବନବ୍ୟାପୀ ଓ ପରଂପରାକ୍ରମେ ଚାଲିଛି ଓ ଚାଲିବ । ତେଣୁ ଏହା ବ୍ୟକ୍ତି ସାପେକ୍ଷ । ଅତଏବ ଏଥିପାଇଁ ନାଗରିକ ସ୍ୱାଧୀନ ହେବା ସ୍ୱାଭାବିକ । ଧର୍ମାଚରଣ କ୍ଷେତ୍ରରେ ନାଗରିକର ସ୍ୱାଧୀନତାକୁ ସୁନିଶ୍ଚିତ ଓ ସୁରକ୍ଷିତ କରିବା ପାଇଁ ରାଷ୍ଟ୍ର ଧର୍ମନିରପେକ୍ଷ ହେବା ଉଚିତ । କାରଣ ରାଷ୍ଟ୍ରଯଦି ନିର୍ଦ୍ଦିଷ୍ଟ ଧର୍ମ ଭିତ୍ତିକ ହୁଏ, ତେବେ ନାଗରିକ-ସ୍ୱାଧୀନତା ସଂକୁଚିତ ଓ ସୀମିତ ହୋଇଯାଏ । ବସ୍ତୁତଃ ସ୍ୱାଧୀନତା ରହେ ନାହିଁ, କହିଲେ ଚଳେ । ସୁତରାଂ ଧର୍ମ ନିରପେକ୍ଷ ରାଷ୍ଟ୍ର ଓ ସ୍ୱାଧୀନ ନାଗରିକ ପରସ୍ପର ସହାୟକ । ଜୀବନର ସମୃଦ୍ଧି ଓ ସାର୍ଥକତା ଏପରି ସ୍ଥଳରେ ସହଜସିଦ୍ଧ ହୁଏ ।

ଆମ ଦେଶର ରାଷ୍ଟ୍ର କଳ୍ପନା ଓ ନାଗରିକ ସ୍ୱାଧୀନତା ସମ୍ବନ୍ଧରେ ଚିନ୍ତା କରାଗଲାବେଳେ ଭାରତୀୟ ଆଦର୍ଶ, ପରଂପରା, ବିଶ୍ୱରେ ଏହି ସମ୍ବନ୍ଧୀୟ କ୍ରମ ପରିବର୍ତ୍ତନ ଓ ଆମ ବାସ୍ତବତା ପ୍ରତି ଦୃଷ୍ଟି ନିକ୍ଷେପ କରିବାକୁ ହେବ । ପ୍ରଥମତଃ ଆମ ରାଷ୍ଟ୍ର ନିର୍ମାତାଗଣ ଭାରତୀୟ ଆଦର୍ଶ ଓ ପରଂପରା ଦ୍ୱାରା ବିଶେଷ ପ୍ରଭାବିତ ହୋଇଛନ୍ତି । ବ୍ୟକ୍ତି ହେଉଛି ଅମୃତର ସନ୍ତାନ । ଜୀବ ସୃଷ୍ଟିରେ ମାନବଜୀବନ ପରମ ଓ ଉତ୍କର୍ଷର ପରିଚ୍ଛୟକ । ତାର ସଂଭାବନା ଅସୀମ । ତେଣୁ ଜୀବ, ବିଶେଷକରି ମାନବ ପ୍ରତି, ସମ୍ମାନ, ସହନଶୀଳତା, ଧୈର୍ଯ୍ୟ ଆଦି ଯୁଗେ ଯୁଗେ ମାନବିକ ସଂପର୍କରେ ପ୍ରକାଶ କରାଯାଇଛି । ପରିବର୍ତ୍ତନ ସହାୟକ ଆଶା ଅମାପ ମାତ୍ରାରେ ଆମ ଚିନ୍ତା ନାୟକ ତଥା ଜନସାଧାରଣଙ୍କୁ ଅନୁପ୍ରାଣିତ କରିଛି । ପରାଧୀନତାର ଶୃଂଖଳ ଛିନ୍ନ ହୋଇଗଲେ ସ୍ୱାଧୀନତାର ସୂର୍ଯ୍ୟ ସମସ୍ତ ଅନ୍ଧକାର ଦୂର କରିଦେବ ଓ ଜନଜୀବନ ସଂପୂର୍ଣ୍ଣ ଆଲୋକିତ ହେବ । Constituent Assembly ରେ ପଣ୍ଡିତ ନେହେରୁଙ୍କ ଭାଷଣ ହେଉଛି ରାଜନୈତିକ ଆବଶ୍ୟକତା ଓ ଆଶାବାଦର ଏକ ଜ୍ୱଳନ୍ତ ଉଦାହରଣ । ସେଥିରୁ କେତୋଟି ପଂକ୍ତି ହେଉଛି :

"There will be no full freedom in this country or in the world as long as a single human being is unfree. There will be no complete freedom as long as thre is starvation, hunger, lack of clothing. lack of necessities of life and lack of opportunity of growth for evevy single human being",

ଗାନ୍ଧୀ, ନେହରୁ ଆଦି ମନୀଷୀଙ୍କ ସ୍ୱପ୍ନର ଭାରତ ପାଇଁ ସଂପୂର୍ଣ୍ଣ ସ୍ୱାଧୀନତା, ପ୍ରତ୍ୟେକ ନାଗରିକଙ୍କ ପାଇଁ ତଥା ବିଶ୍ୱ ପାଇଁ ଓ ଭାରତ ପାଇଁ । କେବଳ ରାଜନୈତିକ କୃତି ନୁହେଁ, ସାମାଜିକ, ଅର୍ଥନୈତିକ ସାଂସ୍କୃତିକ ଆଦି ମାନବ-ଜୀବନର ବିଭିନ୍ନ ବିଭାବ ପାଇଁ ଆବଶ୍ୟକତା ।

ଦ୍ୱିତୀୟତଃ ରାଷ୍ଟ୍ରର କଳ୍ପନା ଆଜି ପୋଲିସ ରାଷ୍ଟ୍ର ନୁହେଁ । ଦଣ୍ଡ ଓ ଦମନର ରାଷ୍ଟ୍ର ନୁହେଁ । ଅସ୍ପୃଶ୍ୟତା ପରି ବର୍ଣ୍ଣ ବିଦ୍ୱେଷୀ ମନୋଭାବ ସାମାଜିକ ଓ ଜନ ଜୀବନର କଳଙ୍କ ହୋଇ ରହିଛି । ଏହାକୁ ସମୂଳେ ଉତ୍ପାଟନ କରି ମାନବ ଜୀବନରେ ଅବାଧ ଘାତ ପ୍ରତିଘାତ ଓ ଆତ୍ମନିୟନ୍ତ୍ରଣର ବିକାଶ ପାଇଁ କାହାରି ଦ୍ୱିମତ ନାହିଁ । କିନ୍ତୁ ପୋଲିସ ରାଷ୍ଟ୍ରରେ ଶାସକ ଓ ଶାସିତ ମଧ୍ୟରେ ସର୍ବାଧିକ ତଥା କ୍ରମବର୍ଦ୍ଧିଷ୍ଣୁ ଦୂରତା ସୃଷ୍ଟି କରାଯାଇଛି । ଶାସିତର ଦୁଃଖ, ଦୟନୀୟତା ଓ ବ୍ୟଥାକୁ ପୁଞ୍ଜିକରି ଶାସକ ସମୃଦ୍ଧ ହୁଅନ୍ତି । ଏହା ଆଜି ଅବାଂଛନୀୟ ଓ ଅନାବଶ୍ୟକ ଭାବନା । ଅଥଚ ଆଧୁନିକ ଯୁଗରେ ଜନମଙ୍ଗଳ ରାଷ୍ଟ୍ରର ଭାବନା ସର୍ବ ସ୍ୱୀକୃତ । ଏହା

ନାସ୍ତିସୂଚକ ଦିଗଟି ହେଉଛି, କୌଣସି ନିର୍ଦ୍ଦିଷ୍ଟ ଧର୍ମମତ ଓ ଧର୍ମାନୁସରଣ ପାଇଁ କାହାରିକୁ ବାଧ୍ୟ କରିବା ଆଇନତଃ ନିଷେଧ କରାଯାଇଛି । କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମ ସହିତ ଚିହ୍ନିତ କରୁଥିବା ଧର୍ମଭିତ୍ତିକ ବା ସାଂପ୍ରଦାୟିକ ରାଷ୍ଟ୍ର ବିପରିତ ପକ୍ଷ ଭାବରେ ଧର୍ମନିରପେକ୍ଷତାକୁ ଗ୍ରହଣ କରାଯାଏ । ଅଥଚ କୌଣସି ଧର୍ମବିଶ୍ୱାସକୁ ନିରୁତ୍ସାହିତ, ନିନ୍ଦିତ ବା ଗୌଣ ଭାବରେ ଗ୍ରହଣ କରାଯାଏ ନାହିଁ । ଏପରି ରାଷ୍ଟ୍ର ଧର୍ମପରାୟଣ କିମ୍ବା ବିଧର୍ମୀ ନୁହେଁ । ଏହା ମଧ୍ୟ ଅଧର୍ମୀ ନୁହେଁ । ଏହା ନିଜକୁ ଧର୍ମର ପୂଜା ପଦ୍ଧତି ଓ ଡଗ୍‌ମା (dogma) ଠାରୁ ଅନାସକ୍ତ କରି ରଖେ । ଜନ ସାଧାରଣଙ୍କ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ କଲ୍ୟାଣ ସାଧନରେ ଅନୁବ୍ରତୀ ହୋଇଥାଏ । ଏ ଦିଗରେ ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧର ପ୍ରତିଷ୍ଠା ପ୍ରତି ଧ୍ୟାନ ରଖା ଯାଇଥାଏ ।

ଅତଏବ ରାଷ୍ଟ୍ର କୌଣସି ଓ କେତେକ ଧର୍ମାଶ୍ରିତମାନଙ୍କ ପ୍ରତିନିଧିତ୍ୱ କରେ ନାହିଁ । ଧର୍ମାଦି ନିର୍ବିଶେଷରେ ଜନସାଧାରଣଙ୍କ ସର୍ବବିଧ ହିତକାରୀ ସାଧନର ଭୂମିକା ରାଷ୍ଟ୍ର ଗ୍ରହଣ କରେ । ଏହାହିଁ ଧର୍ମନିରପେକ୍ଷ ରାଷ୍ଟ୍ରର କଳ୍ପନା ଓ ଭିତ୍ତିଭୂମି ଧ୍ୱନି, ପୂଜା, ଧୂଆଁ ବାଣର ବିଷୟ; ଧର୍ମନିରପେକ୍ଷତା ନୁହେଁ । ଏହାକୁ ସମ୍ବିଧାନ ସମର୍ଥିତ କେବଳ ଏକ ରାଷ୍ଟ୍ରୀୟ ଲକ୍ଷ୍ୟ ଭାବରେ ଗ୍ରହଣ କରିଦେଲେ ଯଥେଷ୍ଟ ନୁହେଁ । ଏହା ଆଚରଣନିଷ୍ଠ ଜାତୀୟ ଚରିତ୍ରରେ ପରିଣତ ହେବା ଉଚିତ । କେବଳ ବାକ୍ୟବୀର ହୋଇ ଜୟଗାନ ନ କରି ବଚନ, ଚିନ୍ତା ଓ କର୍ମର ସମନ୍ୱିତ ଧାରାର ଅଙ୍ଗୀଭୂତ କରାଯିବା ଉଚିତ । ଜାତୀୟ ଐକ୍ୟ ଓ ସଂହତି ପାଇଁ ଏହା ଯେ ସାଧନ ହୋଇପାରେ, ଏହା ପ୍ରତିଷ୍ଠା କରାଯିବ । ସେ ଦୃଷ୍ଟିରୁ କେତେକ ସୂଚନା ଦିଆଯାଉଛି ।

(୧) ରାଜନୀତିରୁ ଧର୍ମକୁ ବିଚ୍ଛିନ୍ନ କରାଯିବ । ରାଜନୈତିକ କ୍ଷମତା ଧର୍ମ ଉପରେ ପ୍ରତିଷ୍ଠିତ ହେବ ନାହିଁ । ଧର୍ମନିରପେକ୍ଷତା ହିଁ ରାଜନୈତିକ କର୍ତ୍ତୃତ୍ୱର ଉତ୍ସ ହୋଇ ରହିବ ।

ପୂର୍ବରୁ ଆଲୋଚନା କରାଯାଇଛି ଯେ ଧର୍ମ ମନୁଷ୍ୟର ବ୍ୟକ୍ତିଗତ ବ୍ୟାପାର ଏବଂ ରାଷ୍ଟ୍ରର ସ୍ଥାନ ଏହାର ଊର୍ଦ୍ଧ୍ୱରେ । ନାଗରିକମାନଙ୍କର ସଂଘକୁ ରାଷ୍ଟ୍ର ଭାବରେ ଅଭିହିତ କରାଯାଇ ପାରେ, କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ଧର୍ମାନୁରାଗୀମାନଙ୍କ ଏକତ୍ରୀକରଣକୁ ରାଷ୍ଟ୍ର କୁହାଯିବ ନାହିଁ ।

ତେଣୁ ଏଥିପାଇଁ କଠୋର ଆଇନ ଲାଗୁ କରାଯିବ । ଜଣେ ରାଜନୀତିଜ୍ଞଙ୍କର ଧର୍ମାନୁରାଗ ରହିପାରେ । କିନ୍ତୁ ସେ ରାଜନୈତିକ ପ୍ରଶାସନିକ କ୍ଷମତାର ପ୍ରଭାବ ପକାଇ ନିଜ ଆଶ୍ରିତ ଧର୍ମର ପ୍ରସାର କଲେ ବା ସେହି ଧର୍ମକୁ ଉତ୍ସାହିତ କଲେ ବା ତାଙ୍କ ଧର୍ମାଶ୍ରିତ ବ୍ୟକ୍ତିଙ୍କ ପ୍ରତି ଅତ୍ୟଧିକ ସମର୍ଥନ କଲେ ଏହା ଆଇନ ଦୃଷ୍ଟିରେ ଅପରାଧ ହେବା ଉଚିତ । ବିକାଶ କ୍ଷେତ୍ରରେ ରାଷ୍ଟ୍ରନୀତି ପ୍ରଣୟନ ବା ପ୍ରୟୋଗ ବେଳରେ କୌଣସି ଧର୍ମର ବିସ୍ତାର ସେଥିରେ ସ୍ଥାନ ପାଇବ ନାହିଁ ।

(୨) ଧର୍ମାନୁଷ୍ଠାନକୁ ରାଜନୈତିକ ହିଂସା, କୂଟନୀତି କପଟାଗ୍ରର ଅଭିର ଗଭାସର କରାଯିବ ନାହିଁ । ଏହାର ପବିତ୍ରତା ସର୍ବଦା ରକ୍ଷା କରାଯିବ । ସେଥିପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ବିଧାନ କରାଯିବ ।

(୩) କୌଣସି କୌଣସି ସ୍ଥଳରେ ଅଲୌକିକତା, ଗଞ୍ଜିଗାରେଡ଼ିଆଦି ହଟଚମଟ ସୃଷ୍ଟି କରି କେତେକ ଧର୍ମବିଶ୍ୱାସ ବା ବ୍ୟକ୍ତିର ଗୌରବପ୍ରତି ସମର୍ଥନ ପାଇବାପାଇଁ ସହଜମାର୍ଗର ଆଶ୍ରୟ ନିଆଯାଏ । ଧାର୍ମିକ ଉପଲବ୍ଧି ପାଇଁ ସାଧନା ଆବଶ୍ୟକ । ଏଥିପାଇଁ ନିଷ୍ଠା, ଏକାଗ୍ରତା ଓ ଭୋଗବିଳାସର ବର୍ଜନ ଉପରେ ଗୁରୁତ୍ୱ ଦିଆଯାଏ । ଏହା ଏକ ବିଜ୍ଞାନସମ୍ମତ ପ୍ରଣାଳୀ । ଏହା ସମୟ, ଶ୍ରମ ଓ ସାଧନା ସାପେକ୍ଷ । ଏହାର ବ୍ୟକ୍ତି ଜୀବନରେ ପରାକାଷ୍ଠା ଅର୍ଜନ କରାଯାଏ । ତନ, ମନ ଓ ବଚନରେ ବିଶୁଦ୍ଧାଚାର ହାସଲ କରାଯାଏ । ଗୁଣି ଗାରେଡ଼ି ଦ୍ୱାରା ତପୋନିଷ୍ଠାରୁ ବିଚ୍ୟୁତହୋଇ ଏକ ସହଜ, ଶସ୍ତା ଓ କ୍ଷମତା ଅର୍ଜନର ପନ୍ଥା ଗ୍ରହଣ କରାଯାଏ । ଏହା ସମାଜପାଇଁ କ୍ଷତିକାରକ । ସମାଜପାଇଁ ଏହା କୁତ୍ସିତ ଉଦାହରଣ । ଆବଶ୍ୟକ ପଡ଼ିଲେ ଏଥିପାଇଁ ଆଇନ ପ୍ରଣୟନ କରାଯାଇପାରେ କିନ୍ତୁ ଲୋକଶିକ୍ଷା ସର୍ବଥା ଅପରିହାର୍ଯ୍ୟ ।

(୪) ଏହା ଦେଖାଯାଏ ଯେ ଅସହିଷ୍ଣୁତା, ଦାରିଦ୍ର୍ୟ, ଗଣନିରକ୍ଷରତା, ବେକାରୀ ଆଦିରେ ସାଂପ୍ରଦାୟିକ ବିଦ୍ୱେଷ ଓ ଉତ୍ତେଜନାର ବୀଜ ଛନ୍ଦି ହୋଇରହିଛି । ଅତଏବ ଲୋକମାନେ ଯେତେବେଳେ ସର୍ବନିମ୍ନ ଆବଶ୍ୟକତା ଓ ସୁବିଧା ସୁଯୋଗରୁ ବଂଚିତହୁଅନ୍ତି ଏବଂ ଅସହାୟ ଜୀବନଯାପନକରନ୍ତି ସେତେବେଳେ ସେମାନେ ଧାର୍ମିକ ଓ ଅନ୍ୟାନ୍ୟ ସଂକୀର୍ଣ୍ଣ ସାଂପ୍ରଦାୟିକତାର ଶରବ୍ୟ ହୋଇପଡ଼ନ୍ତି । ଏପରି ସ୍ଥଳରେ ରାଷ୍ଟ୍ରଲୋକଙ୍କୁ ସୁବିଧା-ସୁଯୋଗ ଯୋଗାଇଦେଇ ସେମାନଙ୍କୁ ଅଭାବ ଅନାଟନରୁ ରକ୍ଷାକରିବା ଉଚିତ୍ । ଦାରିଦ୍ର୍ୟ ଦୂରୀକରଣପାଇଁ ଯୋଜନାଗୁଡ଼ିକୁ ନିଷ୍ଠାରସହ କାର୍ଯ୍ୟକାରୀକରିବା ଉଚିତ୍ । ଗଣ ସଚେତନତା ଓ ବୁଦ୍ଧିଭିତ୍ତିକ ସାମର୍ଥ୍ୟର ବିକାଶପାଇଁ ସାକ୍ଷରତା ଅଭିଯାନ ନିରନ୍ତର ଚାଲୁରହିବ । ବୈଜ୍ଞାନିକ ଓ ବିଶ୍ଳେଷଣ ମନୋଭାବରେ ପ୍ରସାରପାଇଁ ରାଷ୍ଟ୍ର ତାହାର ସର୍ବବିଧ ମାଧ୍ୟମର ପ୍ରୟୋଗ କରିବା ଉଚିତ୍ । ନିରକ୍ଷରତାପାଇଁ ଆମ ପଛଆମି, ହିଁ ଅଜ୍ଞତା ଓ ଦୁର୍ବଳତାର ମୂଳକାରଣ ହୋଇଛି । ଲୋକ ସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ଆମର ବିକାଶ ଯୋଜନାର ସଫଳତା ପଥରେ ଏକ ବିରାଟ ଅନ୍ତରାୟ ହେଉଛି । ଲୋକମାନଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି । ଏହିସବୁ କାରଣରୁ ଆମର ଅଧିକାଂଶ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସମସ୍ୟା ଜାତ ହେଉଛି । ଜାତିଆଣପ୍ରଥା ଓ ସାଂପ୍ରଦାୟିକତାହେତୁ ଦେଶର ଅଖଣ୍ଡତାପ୍ରତି ବିପଦ ମୁଣ୍ଡଟେକୁଛି । ସବୁସ୍ତରରେ ବିଭିନ୍ନ କର୍ମୀମାନଙ୍କର ଆନ୍ତରିକତା, ସାଧୁତା, ନିଷ୍ଠା ଓ ଜନସେବା ମନୋଭାବର ଅଭାବହେତୁରୁ ସାମାଜିକ ପରିବର୍ତ୍ତନରେ ବାଧା ଆସୁଛି । ଏହାଫଳରେ ବିଚ୍ଛିନ୍ନତାବାଦୀ ଓ ବିଭେଦକାରୀ ଶକ୍ତି ବଳବତ୍ତରହୋଇ ଆମ ଜାତୀୟସଂହତି, ଐକ୍ୟ ଓ ଅଖଣ୍ଡତା ବିପନ୍ନ ହେଉଛି । ତେଣୁ ସାଂପ୍ରଦାୟିକ ବିଭେଦର ବୀଜକୁ ପୁରାପୁରି ନଷ୍ଟ କରିଦେବାକୁ ପଡ଼ିବ । ସମସ୍ତ ଧର୍ମର ମୌଳିକ ମୂଲ୍ୟବୋଧଗୁଡ଼ିକ ପ୍ରତି ଗୁରୁତ୍ୱ ଦିଆଗଲେ ଧର୍ମନିରପେକ୍ଷ ରାଷ୍ଟ୍ରର ଗଠନ ଯଥାରୀତି କରାଯାଇ ପାରିବ ।

ବହୁଭିନ୍ନ ପ୍ରତିଶ୍ରୁତି ସତ୍ତ୍ୱେ ଲୋକଙ୍କପାଇଁ ବାସଗୃହ, ଚଳିପ୍ରଚଳ, କାମଧନ୍ଦା, ବେମାରପାଇଁ ଚିକିତ୍ସା, ସମସ୍ତଙ୍କପାଇଁ

ସଂସ୍କୃତି, ଧର୍ମ ଓ ଆଧ୍ୟାତ୍ମିକତାକୁ ଧରିନିଆଯାଇଛି । ଭାରତର ବିଭିନ୍ନ ଧର୍ମ ବିଶ୍ୱାସରେ ସହନଶୀଳତା, ସଦ୍‌ଭାବନା ଓ ଧର୍ମନିରପେକ୍ଷତା ତାତ୍ପର୍ଯ୍ୟ ଅର୍ଜନ କରିଛି । ପରମେଶ୍ୱର ହେଉଛନ୍ତି ଏକ ଓ ତାଙ୍କୁ ଲାଭ କରିବା ପାଇଁ ଧର୍ମଧାରାଗୁଡ଼ିକୁ ବିଭିନ୍ନ ମାର୍ଗଭାବରେ ଗ୍ରହଣ କରିବାର ଉଦାର ମନୋଭାବ ପୋଷଣ କରାଯାଇଛି । ବିଭିନ୍ନ ଧର୍ମମତ ଓ ସାଂସ୍କୃତିକ ପରମ୍ପରା ପ୍ରତି ସମ୍ମାନ ଦେଖାଇବା ହେଉଛି ଭାରତୀୟ ଧର୍ମନିରପେକ୍ଷତାର ସାର କଥା । ଆଦି କାଳରୁ ଉପାସନା ଓ ବିଶ୍ୱାସ ବିଭିନ୍ନ ଭାବରେ ଆମ ଦେଶରେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରଚଳିତ ହୋଇଆସିଛି । ଆମ ସଂସ୍କୃତି ସର୍ବଦା ଗ୍ରହଣକ୍ଷମ ଓ ଅନ୍ୟମାନଙ୍କୁ ଆଦରି ନେବାର ଦୃଷ୍ଟାନ୍ତ ପ୍ରଦର୍ଶନ କରିଛି । ଆମର ଧ୍ୟେୟ ହେଉଛି : "ଆନୋ ଭଦ୍ରାଃ କ୍ରତବୋ ଯନ୍ତୁ ବିଶ୍ୱତଃ" ବିଭିନ୍ନ ଦିଗରୁ ଉନ୍ନତ ଚିନ୍ତା ଆମ ଆଡ଼କୁ ଆସୁ । ଘୃଣା, ଅସୂୟା ଓ ବିଦ୍ୱେଷର ପ୍ରଶ୍ନ ନାହିଁ । ପକ୍ଷାନ୍ତରରେ ସମାନତା ହେଉଛି ଆମ ରାଷ୍ଟ୍ରର ନୀତି । ଲୋକଙ୍କର ଧର୍ମ, ଜାତି, ଲିଙ୍ଗ, ଜନ୍ମସ୍ଥାନ ଆଦି ନିର୍ବିଶେଷରେ ସମସ୍ତ ନାଗରିକ ଯେ ସମାନ ଏହା ଭାରତର ସମ୍ବିଧାନ ସାବ୍ୟସ୍ତ ଓ ସୁନିଶ୍ଚିତ କରିଛି । ଆହୁରି ମଧ୍ୟ ଧର୍ମ ଓ ଭାଷା ଦୃଷ୍ଟିରୁ ସଂଖ୍ୟାଲଘୁ ଶ୍ରେଣୀର ଲୋକମାନଙ୍କ ଭାଷା ଓ ଧର୍ମକୁ ସୁରକ୍ଷା କରିବାର ଦାୟିତ୍ୱ ରାଷ୍ଟ୍ର ଗ୍ରହଣ କରିଛି ।

ଅତଏବ ଧର୍ମନିରପେକ୍ଷତାର ଅର୍ଥ ହେଉଛି ଯେ ରାଷ୍ଟ୍ରର ନିଜସ୍ୱ ଧର୍ମ ନାହିଁ । ରାଷ୍ଟ୍ର ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ଧର୍ମକୁ ଅଗ୍ରାଧିକାର ଦିଏ ନାହିଁ । ରାଷ୍ଟ୍ରୀୟ ଧର୍ମ ନାହିଁ, କିମ୍ବା କୌଣସି ନିର୍ଦ୍ଦିଷ୍ଟ ଧର୍ମ ରାଷ୍ଟ୍ରର ପୃଷ୍ଠପୋଷକତା ପାଇନାହିଁ, କିନ୍ତୁ ସାଧାରଣ ଜୀବନ ସହିତ ଧର୍ମ ସଂଶ୍ଳିଷ୍ଟ ହୋଇ ରହିଛି, ଏବଂ ଜନ ଜୀବନରୁ ଧର୍ମକୁ ପୃଥକ କରାଯାଇ ନାହିଁ । ବସ୍ତୁତଃ ଆମ ରାଷ୍ଟ୍ର ଧର୍ମବହିର୍ଭୂତ । ଏହା ଧର୍ମରୁ ବିଚ୍ଛିନ୍ନ ଏବଂ ଧର୍ମ ସହିତ ଅସଂପର୍କୀକୃତ, ସେଥିପାଇଁ କୁହାଯାଏ ଯେ ଭାରତରେ ରାଷ୍ଟ୍ର ଅଧର୍ମୀ (irreligious) ବା ବିଧର୍ମୀ (antireligious) ନୁହେଁ । ରାଷ୍ଟ୍ର ଅଣଧର୍ମୀ (nonreligious) କୁହାଯାଇପାରେ । ଆମର ରାଷ୍ଟ୍ର ଧର୍ମ ନଥିବା ହେତୁ ଏହା ପାକିସ୍ତାନ ପରି ଧର୍ମଭିତ୍ତିକ ନୁହେଁ । ଅଥଚ ଏହା ପରିବର୍ତ୍ତେ ବିଭିନ୍ନ ଧର୍ମଗୁଡ଼ିକୁ ବୃଦ୍ଧି ସେ ସବୁର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ସୁଯୋଗ ଦଆଯାଏ ।

ଏହି ପରିପ୍ରେକ୍ଷୀରେ ଏହା ସ୍ମରଣ କରିବାର କଥା ଯେ ଧର୍ମ ମାନବ ସମାଜକୁ ବିଶ୍ୱବକ୍ଷରେ ଧାରଣ କରି ରଖେ । ମନୁଷ୍ୟକୁ ନିଜ ସହିତ, ତାଙ୍କ ପ୍ରତିବେଶୀଙ୍କ ସହିତ, ରାଜ୍ୟ ତଥା ଦେଶବାସୀଙ୍କ ସହିତ ଓ ପରିଶେଷରେ ମାନବ ସମାଜ ଓ ବିଶ୍ୱବାସୀଙ୍କ ସହିତ ଯାହା ସ୍ନେହ, ମମତା ଓ ପ୍ରୀତିର ବନ୍ଧନରେ ଏକାତ୍ମ କରେ ତାହାହିଁ ଧର୍ମ । ସତ୍ୟ, ଅହିଂସା, ପ୍ରେମ, ସଂଯମ, ସହନଶୀଳତା, ସାଧୁତା ଆଦି ହେଉଛି ଧର୍ମର ଅନ୍ତର୍ନିହିତ ସଦ୍‌ଗୁଣ । ବେଳେବେଳେ ଏହି ଅନ୍ତରଙ୍ଗରୁ ବିଚ୍ୟୁତ ହୋଇ କେତେକ ଲୋକ ଧର୍ମର ବହିରଙ୍ଗ ଉପରେ ଧ୍ୟାନ ଦିଅନ୍ତି । ଧର୍ମର ଦୋହାଇ ଦେଇ କେବଳ ନିଜ ସ୍ୱାର୍ଥସିଦ୍ଧିକୁ ମୁଖ୍ୟ କରନ୍ତି । ଏକ ସଂକୀର୍ଣ୍ଣ ଗଣ୍ଡି ମଧ୍ୟକୁ ପ୍ରବେଶ କରି ଅନ୍ତର୍ଦାହକୁ ଭୁଲି ଯିବା ପାଇଁ ଧର୍ମ ଧ୍ୱଜା ଟେକି ଧରି ନିଜ ବଡ଼ିମାର ଢୋଲ ବାଡ଼ାନ୍ତି । ସେତେବେଳେ ଏହା ସାଂପ୍ରଦାୟିକତାରେ ପରିଣତ ହୁଏ । ଏହି ଧାର୍ମିକ ଗୋଷ୍ଠୀର ନିଜର ନିର୍ଦ୍ଦିଷ୍ଟ ଅହଂକାର, ଆଡ଼ମ୍ବର, ଅଭିଳାଷ ଓ ଅସୂୟାକୁ ରାଜନୀତିରେ ପ୍ରକାଶ କରନ୍ତି । ଅତଏବ ସାଂପ୍ରଦାୟିକତା ହିଁ ଧର୍ମ ନିରପେକ୍ଷତାର ବିରୋଧୀ ଓ ବିପରୀତ । ଧର୍ମନିରପେକ୍ଷତା ହେଉଛି ବିଭିନ୍ନ ଧର୍ମଧାରାର ଏକ ସମନ୍ୱିତ ପ୍ରବାହ । ଧାର୍ମିକ ଗୋଷ୍ଠୀର ଦ୍ୱନ୍ଦ୍ୱକୁ ଏହା ମନେଇ ଦିଏ । ସାଂପ୍ରଦାୟିକ ସଦ୍‌ଭାବର ପ୍ରତୀକ ହେଉଛି ଧର୍ମନିରପେକ୍ଷ ରାଷ୍ଟ୍ର । ସାଂପ୍ରଦାୟିକତାର ପ୍ରଭାବରେ ଜାତୀୟ ସଂହତି ବିପର୍ଯ୍ୟସ୍ତ ହୋଇପଡ଼େ । ବିଚ୍ଛିନ୍ନତାବାଦୀ ଆଞ୍ଚଳିକ ମନୋଭାବ ପ୍ରବଳ ହୋଇଯାଏ । ଧର୍ମପ୍ରାଣତା କ୍ରମେ ଶୁଷ୍କ ଓ ଶୂନ୍ୟ ହୁଏ । ଏହା ଲକ୍ଷ୍ୟ କରିବାର କଥା ଯେ ଏହି ଶତାବ୍ଦୀରେ ବିଶେଷ କରି ସ୍ୱାଧୀନତାର ଠିକ୍ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ କାଳରେ ଧର୍ମନିରପେକ୍ଷତା ଅନେକାଂଶରେ ସଫଳ ହୋଇପାରି ନାହିଁ । ଏହାକୁ ବିଶ୍ଳେଷଣ କରି ଜନଜୀବନରେ ଏହାର ପ୍ରୟୋଗ ପାଇଁ ଆମର ବଳିଷ୍ଠ ଓ ବୈଜ୍ଞାନିକ ପଦକ୍ଷେପ ନିଆଯାଇ ପାରି ନାହିଁ । ସାଂପ୍ରଦାୟିକ ବିଦ୍ୱେଷର ଫଳ ସ୍ୱରୂପ ଭାରତ ବିଭାଜନ ସତ୍ୟ ହୋଇଛି । ଏଯାଏଁ ଏହି ଦାବୀ ଚାଲିଛି । ସମଗ୍ର ଦେଶରେ ବିଶେଷ କରି ଉତ୍ତର ପ୍ରଦେଶ, ଗୁଜୁରାଟ, ପଞ୍ଜାବ, ତ୍ରିପୁରା ଆଦି ରାଜ୍ୟରେ ଏହାର ତାଣ୍ଡବ ଲୀଳା ଅମାନୁଷିକ ରୂପ ଗ୍ରହଣ କରିଛି ।

ଧର୍ମନିରପେକ୍ଷତା ସମ୍ବନ୍ଧରେ ଆମର ସ୍ପଷ୍ଟ ଧାରଣାର ଅଭାବ ଓ ଧର୍ମପ୍ରତି କାମଳ ଏବଂ ଉପର ଠାଉରିଆ ଦୃଷ୍ଟିକୋଣ ହେତୁ ଧାର୍ମିକ ବିଚାରରେ ଅନେକ ସ୍ଥଳରେ ଆମେ ରାଜନୈତିକ ମନୋଭାବ ପୋଷଣ କରୁଛୁ । ସେତିକି ନୁହେଁ, ରାଜନୈତିକ ବିଚାରରେ ସହଜ ଓ ସଦ୍ୟ ଲାଭ ପାଇବା ପାଇଁ ଧାର୍ମିକ ମନୋଭାବ ପ୍ରଦର୍ଶନ କରୁଛୁ । ତେଣୁ ଧର୍ମ ନିରପେକ୍ଷତା ରାଜନୈତିକ ଅଳଂକାରଠାରୁ ଅନ୍ୟ କିଛି ନୁହେଁ । ଧର୍ମ ନାମରେ ଛଳନା କରି ରାଜନୈତିକ ଫାଇଦା ଉଠାଇବାହିଁ ସାର ହେଉଛି ।

ଧର୍ମନିରପେକ୍ଷ ରାଷ୍ଟ୍ର ଓ ସ୍ୱାଧୀନ ନାଗରିକ ମଧ୍ୟରେ ସଂପର୍କକୁ ସୁସ୍ପଷ୍ଟ ଓ ପ୍ରାଞ୍ଜଳ କରିବା ପାଇଁ ରାଜନୀତି ବିଜ୍ଞାନୀମାନଙ୍କ ବିଶ୍ଳେଷଣର ଅବତାରଣା କରିବା ଉଚିତ । ସେମାନଙ୍କ ମତରେ ସମ୍ବିଧାନ ସମର୍ଥିତ ମାନବିକ ଅଧିକାରର ଦୁଇଟି ଦିଗ ଅଛି । (୧) ଅସ୍ତିସୂଚକ ଓ (୨) ନାସ୍ତିସୂଚକ । ତଦନୁସାରେ ଧର୍ମ ବିଷୟରେ ସ୍ୱାଧୀନ ଅଧିକାରର ଅସ୍ତିସୂଚକ ଦିଗଟି ହେଉଛି, ସାଧାରଣ ଶୃଂଖଳା ନୈତିକତା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ସମସ୍ତଙ୍କର ଧର୍ମ ସମ୍ବନ୍ଧୀୟ ସ୍ୱାଧୀନ ଅଧିକାରକୁ ସୁରକ୍ଷିତ କରିବା ରାଷ୍ଟ୍ରର କର୍ତ୍ତବ୍ୟ । ରାଷ୍ଟ୍ର ସମସ୍ତ ନାଗରିକଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି ସେମାନଙ୍କ ମଧ୍ୟରେ କୌଣସି ପ୍ରକାର ପାତର ଅନ୍ତର କରିବା ରାଷ୍ଟ୍ର ପକ୍ଷରେ ବିଧେୟ ନୁହେଁ । ତେଣୁ ସ୍ୱଧର୍ମାନୁସରଣ କରିବାରେ ଓ ନାଗରିକତାର ସୁଫଳ ଏବଂ ଅଧିକାର ଉପଭୋଗ କରିବାରେ ସମାନ ସୁଯୋଗ ରାଷ୍ଟ୍ର ଦିଅନ୍ତି । ଏହା ଫଳରେ ସାଂପ୍ରଦାୟିକ ନିର୍ବାଚନ ମଣ୍ଡଳୀ ନ ଥାଏ । ସାର୍ବଜନୀନ ଭୋଟ ଦାନ ପ୍ରଥା ଥାଏ । ସକଳ ଅଧିବାସୀଙ୍କ ସ୍ୱ ସ୍ୱ ଧର୍ମାନୁସରଣରେ ନିଜର ସ୍ୱାଧୀନତା ସୁରକ୍ଷିତ ହୁଏ । ଅବଶ୍ୟ କୌଣସି ଗୋଟିଏ ଧର୍ମକୁ ରାଷ୍ଟ୍ରନୀତିରେ ନିର୍ଦ୍ଦିଷ୍ଟ ସ୍ଥାନ ଦିଆଯାଏ ନାହିଁ । ପକ୍ଷାନ୍ତରରେ ଧାର୍ମିକ ସ୍ୱାଧୀନ ଅଧିକାରର

ଅଧିକାରୀ କରି ପାରିବ ନାହିଁ ଯେଉଁ ପର୍ଯ୍ୟନ୍ତ ଅନ୍ୟମାନଙ୍କୁ ଏହିପରି ସ୍ୱାତନ୍ତ୍ର୍ୟରୁ ପୃଥକ ରଖାହୋଇଛି । କୌଣସି ବ୍ୟକ୍ତି ନିଜର ଧର୍ମ ବା ଭେଦଭାବ ଯୋଗୁ କ୍ଷତିଗ୍ରସ୍ତ ହୋଇପାରିବ ନାହିଁ । ସମସ୍ତେ ମୁକ୍ତ ହୋଇ ପୂର୍ଣ୍ଣ ଜୀବନ ସମାନ ଭାବରେ ଉପଭୋଗ କରିବେ । ଏହି ମୁକ୍ତତତ୍ତ୍ୱ ହିଁ ଦେଶ ଓ ଧର୍ମ-ସଂସ୍ଥାମାନଙ୍କ ମଧ୍ୟରେ ପାର୍ଥକ୍ୟ ସୃଷ୍ଟିକରେ । ଭାରତର ଧର୍ମନିରପେକ୍ଷ ନୀତିକୁ ନାସ୍ତିକତା କହିବା ଠିକ୍ ନୁହେଁ । ଏହା ତାହାର ପୁରାକାଳର ଧର୍ମର ପରଂପରା । ଏହି ନିରପେକ୍ଷତାର ଆଶ୍ରୟରେ ବିଭିନ୍ନ ଧର୍ମବିଶ୍ୱାସୀମାନଙ୍କର ସୌହାର୍ଦ୍ଦ୍ୟ ବୃଦ୍ଧି ହୁଏ । କେହି କାହାର ବ୍ୟକ୍ତିଗତ ମତକୁ ଦଳୀୟମତ ମଧ୍ୟରେ ହଜାଇ ଦିଏ ନାହିଁ । ପ୍ରତ୍ୟେକ ନିଜନିଜର ମତର ସଂଯୋଗରେ ଏକ ସମାନତା ସୃଷ୍ଟି କରନ୍ତି । ପାର୍ଥକ୍ୟ ରହିଥିଲେ ମଧ୍ୟ ନିରପେକ୍ଷ ନୀତି 'ଦ୍ୱାରା ଏକତା ଲାଭ କରାଯାଏ । ଏହି ଏକତାବଦ୍ଧ ସମାଜସୃଷ୍ଟି ସହିତ ଆଗେଇ ଚାଲେ । ଭିନ୍ନଭିନ୍ନ ଧର୍ମକୁ ଅଧ୍ୟୟନ କଲେ ଜଣାଯାଏ ଯେ ପ୍ରତ୍ୟେକଙ୍କର ଦାର୍ଶନିକ ମୂଳତତ୍ତ୍ୱ, ଆଧ୍ୟାତ୍ମିକ ଗଭୀରତା, ଚିନ୍ତା କରିବାର ପ୍ରବଳ ଶକ୍ତି ଏବଂ ମାନବ ଜାତି ପ୍ରତି ସହାନୁଭୂତି ରହିଛି । ପବିତ୍ରତା, ଦୟା, କ୍ଷମା ଇତ୍ୟାଦି ଗୁଣଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ ଧର୍ମର ଚରିତ୍ର ନୁହେଁ ।

"ପ୍ରତ୍ୟେକ ଧର୍ମରେ ମୂର୍ତ୍ତିମେୟ ବ୍ୟକ୍ତି ଦୃଷ୍ଟିଗୋଚର ହୁଅନ୍ତି ଯେଉଁମାନଙ୍କର ଦୃଷ୍ଟି ଗଭୀର । ସେମାନେ ଧର୍ମକ୍ଷେତ୍ରରେ ସୌହାର୍ଦ୍ଦ୍ୟ ସ୍ଥାପନ ସମ୍ଭବପର ବୋଲି ବିଶ୍ୱାସ କରନ୍ତି । ଆମେ ଯେ ସତ୍ୟର ଅନ୍ୱେଷକ ଏବଂ ଏକ ପଥର ପଥିକ, ଆମର ଲକ୍ଷ୍ୟ ଏକ ଏବଂ ଆମର ଯେ ଆଧ୍ୟାତ୍ମିକ ଅବସ୍ଥା ସମାନ ଏଥିରୁ ଜଣାପଡ଼େ ଯେ ଆମର ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ରହିଛି । ଏହି ସୌହାର୍ଦ୍ଦ୍ୟ ଜୋର କରି କାହା ଉପରେ ନ୍ୟସ୍ତ କରାଯାଇପାରେନାହିଁ । ଯେଉଁମାନଙ୍କର ଈଶ୍ୱର ଅନୁଭୂତି ହୋଇଥାଏ ସେମାନଙ୍କୁ ଧର୍ମର ଅଗ୍ରଣୀ ହିସାବରେ ଗ୍ରହଣ କରାଯାଏ । ଏହି ଅନୁଭୂତି ଦ୍ୱାରା ମନୁଷ୍ୟର ଯେଉଁ ସୂକ୍ଷ୍ମ-ଜ୍ଞାନର ବିକାଶ ହୁଏ, ତାହା ସାହାଯ୍ୟରେ ସେ ନିଜର ଏକ ସମାଜ ପୃଥିବୀରେ ଗଠନ କରେ । ଏହି ସମାଜ ପ୍ରେମ ଦ୍ୱାରା ଶାସିତ ହୁଏ । ମନର ଏହି ସୂକ୍ଷ୍ମ ଅବସ୍ଥା ଏବଂ ପ୍ରେମପୂର୍ଣ୍ଣ ଶାସନ ଆମର ଭବିଷ୍ୟତର ଆଶା ।"

( Recovery of Faith, ସତ୍ୟର ସନ୍ଧାନ, ଅନୁବାଦ ଶ୍ରୀ ଯୁକ୍ତ ଶାନ୍ତିଲତା ତ୍ରିପାଠୀ, ୧୯୭୨ରୁ ଗୃହୀତ)

# ସ୍ୱାଧୀନଭାରତ ଭାବନା

* ସ୍ୱାଧୀନତା ମାନବର ଜନ୍ମ ଅଧିକାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର
ଘୁରିଥିଲେ ମାନବର ସମାଜ ସଂସ୍ଥିତି ।



* ସ୍ୱରାଜ୍ୟ ଧରମେ ନାହିଁ ଭେଦ ସ୍ଥାନ
ଏକାକୋଳେ ଜନ୍ମ ଏକାକୋଳେ ଖେଳ
ବୃନ୍ଦରେ ଅବାଟ ଗ୍ରାମେ ପଞ୍ଚାୟତ
ସ୍ୱରାଜ୍ୟ ସାଧନେ ଏହି ତିନିପଦ

ସମସ୍ତେ ଯେ ଏକ ମାତାର ସନ୍ତାନ
ଏକାକୋଳେ ଶଯ୍ୟା ହେଲେ ଶେଷବେଳ
ଗ୍ରାମବାସୀଗଣ ମଧ୍ୟେ ଏକ ମତ
ପାଳିଲେ ଖଣ୍ଡିବ ଦେଶର ବିପଦ ।

* ହିନ୍ଦୁ, ମୁସଲମାନ, ବୌଦ୍ଧ, ଖ୍ରୀଷ୍ଟିଆନ
ଯେତେ ଧର୍ମ ଯେତେ ବର୍ଣ୍ଣ ଜାତିକୁଳ
ଏକ ଆଶା ଏକ ଲକ୍ଷ୍ୟ ଏକ ଧ୍ୟାନ
ଏକ କର୍ମକ୍ଷେତ୍ର ଏକ ମାତୃପଦେ
ଏକତା ମନ୍ତ୍ରରେ ରଖ ସଦା ମତି

ଶିଖ, ଜୈନ, ଯେତେ ଭାରତ–ସନ୍ତାନ
ଭାରତ ଜନନୀ ସମସ୍ତଙ୍କ ମୂଳ
ଏକତ୍ର ଅସ୍ଥିତି, ଏକତ୍ର ଶ୍ମଶାନ
କରି ଏକ ପ୍ରାଣ ସଂପଦ ବିପଦେ
ହେବ ଏହିଭାବେ ସ୍ୱରାଜ୍ୟ ପ୍ରାପତି ।

ସର୍ବୋପରି ଶିକ୍ଷା, ରାସ୍ତାଘାଟ ଆଦି ବାବଦରେ ଆବଶ୍ୟକ ବ୍ୟବସ୍ଥା ଆଶାନୁରୂପହୋଇ ନପାରିବାରୁ ଅଶାନ୍ତି, ଅସ୍ଥିରତା, ଓ ଅସନ୍ତୋଷ ବଢୁଛି । ଏହାହିଁ ଅସହିଷ୍ଣୁତା ଓ ହତାଶଭାବର ବଡ଼କାରଣ ଏବଂ ଏହା ଫଳରେ ଲୋକମାନେ ଧର୍ମାନ୍ଧ ଓ ବିଭେଦକାରୀ ସଂକୀର୍ଣ୍ଣ ଶକ୍ତିର ଶିକାର ହୋଇପଡୁଛନ୍ତି । ସେମାନଙ୍କ ଉତ୍ତେଜନା-ପୂର୍ଣ୍ଣ ପ୍ରଚାରଦ୍ୱାରା ଲୋକମାନେ ବିଚଳିତ ହୋଇ ବୁଡ଼ି ଗଲାଲୋକ କୁଟାଖିଅର ଆଶ୍ରୟ ନେଲାପରି ଏମାନଙ୍କ ଚକ୍ରାନ୍ତରେ କବଳିତ ହେଉଛନ୍ତି । ଆମ ଯୋଜନା ପ୍ରଣୟନ ଓ ଏହାର କାର୍ଯ୍ୟକାରିତାରେ ବୁଦ୍ଧିମତ୍ତା, ନିଷ୍ଠା ଓ ବାରମ୍ବାର ସମୀକ୍ଷା କରାଯାଉଥିବ । ଆତ୍ମସନ୍ତୋଷର କୁହୁଡ଼ିରେ ନପହଁରି ଆତ୍ମସନ୍ତୋଷ-ଯୋଗୁଁ ଦୃଢ଼ତା, ବିଶ୍ୱାସ ଓ ଜନସମ୍ପର୍କ ପ୍ରତିଷ୍ଠିତ ହେବାଉଚିତ୍ । ବ୍ୟକ୍ତିର ବହୁ ଊର୍ଦ୍ଧ୍ୱରେ ରାଷ୍ଟ୍ର ଓ ସେଥିପାଇଁ ଆମେ ସତର୍କ ରହିବା ।

(୫) ଦୁଇଟିକଥା ସ୍ମରଣ ରଖିବାକୁ ହେବ । (କ) ଧର୍ମନିରପେକ୍ଷ ରାଷ୍ଟ୍ର ପାଇଁ ଆବଶ୍ୟକ ଧର୍ମନିରପେକ୍ଷ ସଂସ୍କୃତି, ଅଭ୍ୟାସ ଓ ଚିନ୍ତା । ଏହାକ୍ରମେ ପରଂପରାରେ ପରିଣତହେବ । ସେଥିରେ ପୁଷ୍ପିତହେବ ସହାବସ୍ଥାନ, ସୌସାମ୍ୟ (harmony) ସମଦୃଷ୍ଟି, ସହିଷ୍ଣୁତା ଓ ଭ୍ରାତୃତ୍ୱ ଏପ୍ରକାର ପରଂପରାର ଚିରନ୍ତନ ସମର୍ଥନର ଅଭାବ ଘଟିଲେ ରାଷ୍ଟ୍ର ଧର୍ମନିରପେକ୍ଷହୋଇ କାଳକାଳକୁ ରହିପାରିବନାହିଁ । ଏହାମଧ୍ୟ ସଂଘବଦ୍ଧ ସଭ୍ୟ ଭାବରେ ତିଷ୍ଠିପାରିବନାହିଁ । ବିଭିନ୍ନତା ମଧ୍ୟରେ ଐକ୍ୟ ଏକାତ୍ମତା, ଅଖଣ୍ଡତା ଓ ଅବିଭକ୍ତତା କେବଳ ଧ୍ୱନିରେ ପରିଣତ-ନହୋଇ ହୃଦୟରେ ସ୍ପନ୍ଦିତ ହେବ ।

(ଖ) ସେହିପରି ସ୍ୱାଧୀନ ନାଗରିକ ଯଦି ଲଗାମଛଡ଼ା ହୋଇଯାନ୍ତି ତାହେଲେ ସେ ଯଥେଚ୍ଛାଚାରୀ ଆତତାୟୀ ହୁଅନ୍ତି । ସ୍ୱେଚ୍ଛାଚାରିତା ହେଉଛି ଏକ ଅପସ୍ୱାଧୀନତା ଓ କୌଣସି ସଂଘବଦ୍ଧ ପାଇଁ ଛୁରୀକା ସଦୃଶ ମାରାତ୍ମକ । ଧର୍ମାଚରଣ କ୍ଷେତ୍ରରେ ଏହା ଭୟଙ୍କର ଅଧାର୍ମିକ କାର୍ଯ୍ୟ । ଉପାସକ ଓ ଉପାସନା ପଦ୍ଧତି ତଥା କ୍ଷେତ୍ରର ବିଭିନ୍ନତା ସତ୍ତ୍ୱେ ଉପାସ୍ୟ ଯେ ଏକ ଓ ଅଭିନ୍ନ—ଏହି ଚିନ୍ତାର ପରିପନ୍ଥୀ । ଏହା ଫଳରେ ମୈତ୍ରୀ, ପ୍ରୀତି ଓ କରୁଣା ରହେନାହିଁ । ଅନ୍ୟର ଆଚରଣ ଅନୁରାଗ ଓ ଆଶୟପ୍ରତି ସମ୍ମାନ ଦେଖାଇବାକୁ ହେବ । ଅନ୍ୟର ମତ ଓ ମନୋଭାବ ପ୍ରତି ବୁଝିବା, ଜାଣିବା, ଶିଖିବା ଓ ଆନନ୍ଦାନୁଭବ କରିବାର ଦୃଷ୍ଟି ରଖାଯିବ । ହୃଦୟ ଦର୍ପଣରେ ନମ୍ରତା, ବିନୟ ଓ ବିଦ୍ୟାନୁରାଗ ପ୍ରତିଫଳିତ ହେବ ।

ଏହି ଉଭୟ ପ୍ରତି ଏକକାଳୀନ ଧ୍ୟାନ ଦିଆଗଲେ ନାଗରିକ ଓ ରାଷ୍ଟ୍ର ମଧ୍ୟରେ ବିକାଶବୃତ୍ତର ( Growth Circle ) ସଂପର୍କ ସ୍ୱାଭାବତଃ ସାଧିତ ହୁଏ । ଧର୍ମନିରପେକ୍ଷତା ଓ ଧର୍ମୀୟ ସ୍ୱାଧୀନତା ପରସ୍ପର ପରିପୂରକ ହୁଏ । ନିରାପତ୍ତା ଓ ନ୍ୟାୟର ବିଶ୍ୱାସ ରାଷ୍ଟ୍ର ଦିଏ । ବ୍ୟକ୍ତି ଧର୍ମାନୁସରଣରେ ସାହସୀ, ସହାନୁଭୂତିଶୀଳ ଓ ସହିଷ୍ଣୁ ହୁଏ ।

ଏଠାରେ ଆମେ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଉକ୍ତି ସ୍ମରଣ କରିବା । " ଇଟା ଓ ସିମେଣ୍ଟ, ଲୁହା ଓ କଳକବ୍ଜାରେ ସଭ୍ୟତା ଗଢ଼ି ଉଠେନାହିଁ । ଅଥଚ ନରନାରୀ ଓ ସେମାନଙ୍କର ସଦ୍‌ଗୁଣ ଓ ଚରିତ୍ରଦ୍ୱାରା ସଭ୍ୟତାର ବିକାଶ ସାଧିତ ହୁଏ । " ଏହି ସତ୍ୟକୁ ଦୃଷ୍ଟିରେ ରଖି ଆମ ଶିକ୍ଷା, ସାମାଜିକ ବ୍ୟବସ୍ଥା, ସଂପର୍କ, ସଂସ୍କୃତ ଆଦିକୁ ସଜାଡ଼ି ଦେବାକୁ ପଡ଼ିବ ।

(୬) ସମାଜରେ, ସର୍ବତ୍ର ଓ ବିଶେଷକରି ଶିକ୍ଷାୟତନରେ ଆମେ ଆଧ୍ୟାତ୍ମିକ ଜୀବନଯାପନ କରିବାକୁ ଶିକ୍ଷାକରିବା । ସାଂପ୍ରଦାୟିକ ଜୀବନ ନୁହେଁ, କାରଣ ଏହା ସଂକୀର୍ଣ୍ଣ, ସ୍ୱାର୍ଥପର ଓ ସେଚ୍ଛାଚାର । ଆମ ପାଇଁ ଆବଶ୍ୟକ ଆଧ୍ୟାତ୍ମିକ ଜୀବନ, କାରଣ ଏହା ପରାର୍ଥପର, ଅନାବିଳ ଓ ବିଶ୍ୱମଙ୍ଗଳକାମୀ । ଆତ୍ମଜୀବନର ଏହାହିଁ ସ୍ୱଚ୍ଛ ଓ ସତ୍ୟ ପ୍ରକାଶକ । ଏଥିରେ ପୂର୍ଣ୍ଣତା ପ୍ରାପ୍ତି । ସତ୍ୟ, ଶିବ ଓ ସୁନ୍ଦର । ଏହାହିଁ ବସ୍ତୁତଃ ଈଶ୍ୱରାନୁଭୂତି । ଜୀବନ ପବିତ୍ର ହୁଏ । ତେଣୁ ସତ୍ୟ, ଅହିଂସା, ଶୌଚ, ଦମ, ଇନ୍ଦ୍ରିୟ ନିଗ୍ରହ ଆଦିର ଅଭ୍ୟାସ କରିବାକୁ ପଡ଼ିବ । ଦ୍ୱନ୍ଦ୍ୱବିରହିତ ଓ ସର୍ବଜନହିତେରତା ହେବାର ଅଭ୍ୟାସ ଶିଖିବାକୁ ହେବ ।

(୭) ଆମେ ଆମ ଶିକ୍ଷାୟତନରେ ବିଜ୍ଞାନ ଶିକ୍ଷା ଦେଉଅଛୁ, ବୈଜ୍ଞାନିକ ପ୍ରଣାଳୀ ମଧ୍ୟ ଅବଲମ୍ବନ କରୁଛୁ । ଏସବୁ ଶିକ୍ଷାୟତନର ସୀମାଟପି ଜୀବନ ବ୍ୟାପୀ କରିବାର ପ୍ରୟାସ ଅବ୍ୟାହତ ରଖିଛୁ । କିନ୍ତୁ କାହିଁ ? ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ପାଇଁ ଏସବୁ ପୁସ୍ତକର ପୃଷ୍ଠା ସୀମିତ ।..ପରୀକ୍ଷାପାଇଁ ପ୍ରସ୍ତୁତିର ଅନ୍ତର୍ଭୁକ୍ତ । ଏଯାଏଁ ଏସବୁ ଶିକ୍ଷାୟତନ ତଥା ଜୀବନରେ ଧର୍ମନିରପେକ୍ଷରାଷ୍ଟ୍ରର ଅଭ୍ୟୁଦୟ ପାଇଁ ଅନୁକୂଳ ଦୃଷ୍ଟିକୋଣ ସୃଷ୍ଟି କରୁନାହିଁ । ସମସ୍ତଙ୍କୁ ସମାନ ଚକ୍ଷୁରେ ଦେଖି ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ମର୍ଯ୍ୟାଦା ପ୍ରତି ସମ୍ମାନ ଦିଆଯାଉନାହିଁ । ବରଂ ବ୍ୟକ୍ତିପ୍ରାଧାନ୍ୟ ଏତେ ବେଶୀ ହୋଇଯାଇଛି ଯେ ସମଷ୍ଟିଗତ ଚିନ୍ତା ଓ ସମୂହ ଜୀବନର ବିକାଶ କରାଯାଇ ପାରୁନାହିଁ । ଅନ୍ଧବିଶ୍ୱାସ, ଅବିଶ୍ୱାସ ଓ କୁସଂସ୍କାର ଆମ ବ୍ୟକ୍ତିଗତ ଓ ସାମାଜିକ ପ୍ରଗତିରେ ଅନ୍ତରାୟ ହେଉଛି ।

ପରିଶେଷରେ ବିଶ୍ୱବିଖ୍ୟାତ ଦାର୍ଶନିକ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ତାତ୍ତ୍ୱିକ ବିଶ୍ଳେଷଣ ଉଲ୍ଲେଖ କରିବା :

" ଭାରତ ଏକ ଧର୍ମନିରପେକ୍ଷ ଦେଶ । ଏହାର ଅର୍ଥ ଆମେ ବ୍ରହ୍ମ ବା ଆତ୍ମାର ସ୍ଥିତିକୁ ଅସ୍ୱୀକାର କରୁ ବା ଜୀବନପ୍ରତି ଧର୍ମର ଯଥାର୍ଥତାକୁ ଉପେକ୍ଷାକରୁ ବା ଅଧର୍ମକୁ ଉଚ୍ଚାସନ ଦେଉ ତାହା ନୁହେଁ । ଏହାର ଅର୍ଥ ନୁହେଁ ଯେ ନିରପେକ୍ଷତା ଅନ୍ୟ ଏକ ଧର୍ମର ରୂପଧାରଣ କରିବ ବା ଦେଶ ଆଧ୍ୟାତ୍ମିକ ପ୍ରଭାବରେ ବିଶେଷ ଅଧିକାରୀ ହେବ । ଯଦିଓ ଈଶ୍ୱର ବିଶ୍ୱାସ ଭାରତୀୟ ପରଂପରାର ମୂଳଭିତ୍ତି, ତଥାପି ଭାରତ କୌଣସି ନିର୍ଦ୍ଦିଷ୍ଟ ଧର୍ମର ଆୟତ୍ତାଧୀନ ନୁହେଁ ବା କୌଣସି ଏକ ଧର୍ମରେ ନିଜକୁ ବାନ୍ଧି ରଖେ ନାହିଁ । ଭାରତରେ କୌଣସିଧର୍ମ ସ୍ୱାତନ୍ତ୍ର୍ୟ ଲାଭ କରି ପାରେ ନାହିଁ ବା ନିଜକୁ ମହତ୍ ବୋଲି ଘୋଷଣା କରିପାରେ ନାହିଁ । ଜାତୀୟ ଜୀବନରେ ବା ଆନ୍ତର୍ଜାତିକ କ୍ଷେତ୍ରରେ କୌଣସି ଧର୍ମ ଭାରତରେ ବିଶେଷ ସୁବିଧା ପ୍ରାପ୍ତ କରେ ନାହିଁ । କାରଣ ଏହା ଦ୍ୱାରା ଗଣତନ୍ତ୍ର ଶାସନର ନୀତିକୁ ଲଙ୍ଘନ କରାଯାଏ ଏବଂ ଉଭୟ ଧର୍ମ ଓ ସରକାର କ୍ଷତିଗ୍ରସ୍ତ ହୁଅନ୍ତି । ଜାତୀୟ ଜୀବନ ଓ ଆନ୍ତର୍ଜାତିକ କ୍ଷେତ୍ରରେ ଭାରତର ଏହିପରି ନିରପେକ୍ଷଭାବ ଏବଂ ସହିଷ୍ଣୁତା ତାହାର ବୁଦ୍ଧିବଳର ପରିଚୟ ଦିଏ । କୌଣସି ଶ୍ରେଣୀ ବା ଦଳ ନିଜକୁ ବିଶେଷ ସୁବିଧାର

ମଣିଷ ଅତିମାତ୍ରାରେ ବସ୍ତୁବାଦୀ ହୋଇପଡୁଛି । ଧନସମ୍ପତ୍ତି, ପ୍ରାଚୁର୍ଯ୍ୟ ଓ ଭୋଗବିଳାସ ଆଡକୁ ସେ ମୁହାଁଇଛି । ପଡ଼ିଶା ଘରର ବିଭବ ତାକୁ ଅସ୍ତବ୍ୟସ୍ତ କରୁଛି । ବନ୍ଧୁପତ୍ନୀଙ୍କର ବେଶଭୂଷା ଓ ଗହଣା ଦେଖି ସ୍ତ୍ରୀଙ୍କର ଦାବୀ ଯେ ମଧ୍ୟ ସେମିତି ଗହଣା ଓ ଶାଢୀ ପିନ୍ଧିବେ । ପଡ଼ିଶା ଘରର ଟି.ଭି. ଫ୍ରିଜ, କାର ଓ ସ୍କୁଟର୍‌କ୍ୟ ଆଖି ଝଲସେଇ ଦେଉଛି । ପୁଅ ଅଳି କରୁଛି, ଆମର ବି ସେମିତି ହେବ । ଫଳରେ, ଘରେ ଅଶାନ୍ତି । କାରଣ ବିଚରା ସ୍ୱଳ୍ପ ବେତନ ଭୋଗୀ କିରାଣିଟିଏ ତାଳ ଦେଇ ପାରୁ ନାହିଁ ବଡ଼ ଅଫିସର କିମ୍ବା ଧନୀ ବ୍ୟବସାୟୀ ସହିତ । ପରିବାର ରେ ଜଣେ ଯଦି ନିଜ ଗୁଣରେ ପ୍ରତିଷ୍ଠିତ ହେଲା ଏବଂ ସମାଜରେ ଶ୍ରଦ୍ଧା ଓ ସମ୍ମାନ ପାଇଲା, ତେବେ ଆତ୍ମୀୟ ସ୍ୱଜନ ପରିବାରର ଅନ୍ୟମାନେ ଖୁସି ହେବା ପରିବର୍ତ୍ତେ ଈର୍ଷାନ୍ୱିତ ହେଲେ । ପୁଅ ଯଦି ଚାକିରି କରି ତା'ର ସ୍ତ୍ରୀକୁ ନେଇ ବାହାରେ ରହିଲା ଓ ବାପ-ମା'ଙ୍କୁ ନ ପଚାରିଲା କିମ୍ବା ବାପ-ମା'ଯଦି ପୁଅ ବୋହୂଙ୍କୁ ନ ଖୋଜିଲେ, ତାହାହେଲେ ଉଭୟ ଘଟଣାରେ ପାରିବାରିକ ଅଶାନ୍ତି ଓ ଅସନ୍ତୋଷ ।

ପରିବାରରେ ଥିବା ସ୍ନେହ, ଶ୍ରଦ୍ଧା, ମମତା ଓ ସୌହାର୍ଦ୍ଦ୍ୟ ଭାଙ୍ଗି ପଡୁଛି । ତୁଟି ଯାଉଛି । ସରଳତା ଓ ଅନାବିଳତା ନଷ୍ଟ ହୋଇଯାଉଛି । ଜୀବନକ୍ରମେ ଜଟିଳ, ଅସ୍ଥିର ଓ ଚଞ୍ଚଳ ହୋଇ ଉଠୁଛି । ଜୀବନ ଜଞ୍ଜାଳପୂର୍ଣ୍ଣ ହୋଇ ପଡୁଛି । ଜଞ୍ଜାଳ ଭିତରେ ମଣିଷ ଧନ୍ଦି ହେଉଛି, ଲୁଚି ହୋଇଯାଉଛି । ଟିକିଏ ମୁକ୍ତି ପାଇଁ, ଟିକିଏ ଶାନ୍ତି ପାଇଁ ସେ ବାଟ ଖୋଜୁଛି । ତା' ମନରେ ଦୁଃଖ, ଅବସାଦ, ଗ୍ଲାନି ଓ ବିଷାଦ ଭରିଯାଉଛି ।

ସେଦିନ ମହାଭାରତ ଯୁଦ୍ଧରେ ମହାଜ୍ଞାନୀ ଅର୍ଜ୍ଜୁନଙ୍କୁ ମଧ୍ୟ ବିଷାଦ ଘାରିଥିଲା । ଦୁଃଖ ଓ ଅନୁଶୋଚନାରେ ସେ ମ୍ରିୟମାଣ ହୋଇ ପଡ଼ିଥିଲେ । ମନ ହୋଇଥିଲା ଉଦ୍‌ବିଗ୍ନ । ଶରୀରରେ ଜାତ ହୋଇଥିଲା ଶିହରଣ, ରୋମାଞ୍ଚ । ଗାଣ୍ଡୀବକୁ ତଳେ ଥୋଇ ସେ ବିଷର୍ଣ୍ଣ ହୋଇ ପଡ଼ିଥିଲେ । କିନ୍ତୁ ଜ୍ଞାନଦାତା ଶ୍ରୀକୃଷ୍ଣ ତାଙ୍କୁ ବୁଝାଇଛନ୍ତି— ସୁଖରେ ବିହ୍ୱଳିତ ନହେବା ଓ ଦୁଃଖରେ ବିଚଳିତ ନହେବା ବିଜ୍ଞ ଓ ବିବେକୀ ଲୋକ ପକ୍ଷରେ ଉଚିତ କାର୍ଯ୍ୟ ।

ପୃଥିବୀରେ ମଣିଷ ହେଉଛି ଶ୍ରେଷ୍ଠ ପ୍ରାଣୀ । ତା'ର ଜୀବନ ଅମୂଲ୍ୟ ଓ ଦୁର୍ଲ୍ଲଭ । ଜଣେ ବଙ୍ଗୀୟ କବି କହିଛନ୍ତି— "ସବାର ଉପରେ ମାନୁଷ ସତ୍ୟ, ତା'ର ଉପରେ କେଉ ନାଇ ।" ତେଣୁ ମଣିଷ ତା'ର ଏ ଅମୂଲ୍ୟ ଜୀବନକୁ ଉପଭୋଗରେ ନ ବିତାଇ ପ୍ରକୃତ ଉପଯୋଗ କରିବା ଦରକାର । ଅନ୍ୟାୟ, ଅନୀତି, ଅଧର୍ମ, ଦୁଷ୍କର୍ମ କରିବାକୁ ମଣିଷ ଜନ୍ମ ହୋଇ ନାହିଁ, କିମ୍ବା କେବଳ ଆୟସବିଳାସ, ସୁଖ ସମ୍ଭୋଗରେ ରହିବାକୁ ମଣିଷର ଜନ୍ମ ନୁହେଁ । ଯୁଦ୍ଧ ଓ ସଂଘର୍ଷ ଭିତରେ ଶାନ୍ତି ନାହିଁ । ପରିବାର ଜୀବନରେ ଯାହା, ସମାଜ ଓ ମାନବ ଜାତିର ଜୀବନରେ ମଧ୍ୟ ସେଇଆ ।

କାହାରି ଧାରଣା ଯେ, ପ୍ରଚୁର ଧନ ସମ୍ପତ୍ତିର ମାଲିକ ହୋଇଗଲେ, ଜଳେବଳେ କଉଶଳେ ଅନ୍ୟର ଜିନିଷ କରଗତ କରିନେଲେ କିମ୍ବା ପ୍ରଭୂତ କ୍ଷମତା ଓ ଉଚ୍ଚପଦ ପଦବୀର ଅଧିକାରୀ ହୋଇଗଲେ, ଜୀବନର ସୁଖ ଶାନ୍ତି ମିଳିବ । ସେଥିପାଇଁ କେହି କ୍ଷମତା ପାଇଁ, କେହି ପଦପଦବୀ ପାଇଁ ଓ କେହି ଅବା ଧନସମ୍ପତ୍ତି ତଥା ପ୍ରାଚୁର୍ଯ୍ୟ ପାଇଁ ବ୍ୟସ୍ତ । ଆକାଂକ୍ଷା, ଲାଳସା ଓ ବାସନା ଅନେକ । ଗୋଟିଏ ଇଚ୍ଛା ଓ ଅଭିଳାଷ ପରେ ଆଉ ଗୋଟିଏ କିମ୍ବା ଏକାବେଳକେ କେତୋଟି ଆସେ । ସବୁ ପୂରଣ ହେବା ସମ୍ଭବ ନୁହେଁ । ପୂରଣ ନ ହୋଇ ପାରିଲେ ମନରେ ଅସନ୍ତୋଷ ଓ ଅଶାନ୍ତି । କିଛି ପାଇଗଲେ, ମଣିଷ ଭାବେ— ସୁଖ ମିଳିଗଲା । କିନ୍ତୁ ତାହା ପ୍ରକୃତ ସୁଖ ନୁହେଁ ।

"ସୁଖ ବୋଲି ଯାହା ଜନ-ନେତ୍ରେ ଦିଶେ
ହାତୁ ଆସେ ହାତେ ପଡ଼ିବା ପାଇଁ ସେ ।"

ହୁଏତ କିଛି ଆନନ୍ଦ ମିଳିପାରେ । ମାତ୍ର ତାହା ସାମୟିକ, ତତ୍କାଳିକ । ତାହା ସର୍ବକାଳିକ ନୁହେଁ । ଅନ୍ୟକୁ କଷ୍ଟ ଦେଇ, ଅନ୍ୟର ପ୍ରତିଷ୍ଠା ଲୁଟି ନେଇ, ଧନ ସମ୍ପତ୍ତି ଅପହରଣ କରି କେହି କେବେ ଶାନ୍ତିରେ ରହି ନାହିଁ । ତା' ହୋଇଥିଲେ ତ ମାନୀ ଦୁର୍ଯ୍ୟୋଧନ କିମ୍ବା ପ୍ରତାପୀ ରାବଣ ଶାନ୍ତିରେ ରହି ପାରିଥାନ୍ତେ ? କିନ୍ତୁ ସେମାନେ ଶାନ୍ତି ପାଇ ନଥିଲେ । ସେଥିପାଇଁ କବି କହିଲେ— "ମୁକୁଟ—ମଣ୍ଡିତ ରାଜଶିର ନୁହଁଇ ଶାନ୍ତି ଆସ୍ପଦ । ଆଶଙ୍କା ଭୟବିପଦ ନିରନ୍ତର ରାଜମନ କରଇ ଅସ୍ଥିର । ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର ।" ଅହରହ ମନ ଅସ୍ଥିର ଓ ଚଞ୍ଚଳ । ସବୁବେଳେ ମନରେ ଭୟ ଓ ଶଙ୍କା । ଚିତ୍ତରେ ଭୀତି ଓ ଦକା ।

ମଣିଷର ଜୀବନ ଯେତେବେଳେ ଏଭଳି ଅସ୍ଥିର, ଜଟିଳ ଓ ଜଞ୍ଜାଳପୂର୍ଣ୍ଣ, ସେତେବେଳେ ପାରିବାରିକ ଶାନ୍ତି ପାଇଁ ଦରକାର ଅସୀମ ଧୈର୍ଯ୍ୟ, ସହିଷ୍ଣୁତା, କିଛି ତ୍ୟାଗ ଓ ଅନ୍ୟ ପ୍ରତି ଉଦାରତା ସମ୍ବେଦନଶୀଳତା । ପରିବାରର ଯେ ମୁଖ୍ୟ ବା ମୁରବୀ, ତାଙ୍କୁ ଏସବୁ ଗୁଣ ଗ୍ରହଣ କରିବାକୁ ହେବ । ସେ କ୍ରୋଧୀ ଓ ଅହଂକାରୀ ନହୋଇ ହେବେ ଶାନ୍ତ, ବିନୟୀ; କୁଟିଳ ଓ କପଟୀ ନ ହୋଇ ହେବେ ସରଳ ଓ ନିଷ୍କପଟ । ସେ ଯଦି ଆସନର ଅଧିକାରରେ ଉନ୍ମତ୍ତ ହୋଇ ଉଠନ୍ତି କିମ୍ବା ଅନ୍ୟମାନଙ୍କ ପ୍ରତି ବିମୁଖ ହୋଇ ଉଠନ୍ତି, ପରିବାରର ଅନ୍ୟମାନଙ୍କ ପ୍ରତି ପାତରଅନ୍ତର ଓ ପକ୍ଷପାତ କରନ୍ତି ଓ ନିଜେ ସମସ୍ତ ସୁବିଧା ସୁଯୋଗ ଉପଭୋଗ କରନ୍ତି, ତେବେ ପରିବାରରେ ଅଶାନ୍ତି, ବିବାଦ ସୃଷ୍ଟି ହେବା ସ୍ୱାଭାବିକ । କେବଳ ମୁରବୀ ନୁହନ୍ତି, ପରିବାରର ଯେକୌଣସି ସଦସ୍ୟଙ୍କର ଆତ୍ମସ୍ୱାର୍ଥୀ ଆଚରଣ ଅନ୍ୟମାନଙ୍କ ମନରେ ସନ୍ଦେହ ଓ ଅବିଶ୍ୱାସ ଆଣିଥାଏ ଓ ସେମାନଙ୍କୁ ବିବ୍ରତ ବିଚଳିତ କରିଥାଏ । ପରିବାରର ମୁରବୀ ମୁଖ୍ୟତଃ ନିଷ୍ପକ୍ଷ ହୋଇ ସମସ୍ତଙ୍କ ପ୍ରତି ସମଭାବ ଆଚରଣ କରିବାକୁ ପଡ଼ିଥାଏ । ପରିବାରରେ ସ୍ୱାମୀ-ସ୍ତ୍ରୀ, ବାପ-ପୁଅ ଓ ଭାଇ-ଭାଇ ମଧ୍ୟରେ ମନୋମାଳିନ୍ୟ, କଳହ, ବିବାଦ ଓ ଅଶାନ୍ତି ସୃଷ୍ଟି ହୋଇଥାଏ । ପୁଣି ଆପୋଷ ଆଲୋଚନାରେ, ସବୁର ସମାଧାନ ହୋଇଯାଏ ଏବଂ ଶାନ୍ତି ଫେରିଆସେ । ପରିବାରରେ ଯିଏ ଅଶାନ୍ତି ଓ ଅନର୍ଥ ସୃଷ୍ଟି କରନ୍ତି, ସେ ମଧ୍ୟ ସମାଜରେ ଅଶାନ୍ତି ଓ ଅନିଷ୍ଟର କାରଣ ହୋଇଥାନ୍ତି । ପାରିବାରିକ ଶାନ୍ତି ପାଇଁ ଏଭଳି ବ୍ୟକ୍ତି ନିଜକୁ ସଂଶୋଧନ କରିବା ଉଚିତ କିମ୍ବା ପରିବାରରୁ ନିଜକୁ ଅପସାରିତ କରିନେବା ଶ୍ରେୟ । ପାରିବାରିକ ଶାନ୍ତି ପାଇଁ ଈଶ୍ୱର ଆରାଧନା ଓ ଆଧ୍ୟାତ୍ମିକ ଚିନ୍ତା ଆବଶ୍ୟକ ଏବଂ ବୈଦିକ ରୀତି ଅନୁଯାୟୀ ସ୍ୱଳ୍ପ ସନ୍ତୁଷ୍ଟ ରହିବା ବିଧେୟ ।

"ମାନବିକ କ୍ରମ ବିକାଶର ଉଚ୍ଚ ସୋପାନକୁ ଉଠିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସମସ୍ତ ମନ୍ଦ ପ୍ରବୃତ୍ତିକୁ ଜୟ କରିବ । ପ୍ରେମ ଓ ଅହିଂସା ମାଧ୍ୟମରେ ସତ୍ୟର ସନ୍ଧାନ କରିବ ଏବଂ ସତ୍ୟ ଉପରେ ଆଧାରିତ ଜୀବନଯାପନ କରିବ । ପ୍ରେମ-ସେବା-ତ୍ୟାଗ ଓ ଗଠନମୂଳକ କାର୍ଯ୍ୟରେ ଅର୍ପିତ ଜୀବନହିଁ କାମ୍ୟନୀୟ । ଆପଣ ଯେଉଁ ସତ୍ୟକୁ ଦେଖି ପାରୁଛନ୍ତି, ଯଦି ଅନ୍ୟ ଲୋକ ସେହି ସତ୍ୟକୁ ଦେଖି ପାରୁ ନ ଥିବେ, ସେଥିପାଇଁ ଆପଣ ପ୍ରେମ, ସେବା ଓ ତ୍ୟାଗ ଦ୍ୱାରା ତାଙ୍କ ମନରେ ଆପଣଙ୍କର ସତ୍ୟକୁ ସାବ୍ୟସ୍ତ କରାଇ ତାଙ୍କୁ ନିଜ ମତକୁ ଆଣିବେ । ତାଙ୍କ ଉପରେ ଚାପ ବା ହିଂସା ପ୍ରୟୋଗ କରି ଆପଣଙ୍କ ସତ୍ୟକୁ ତାଙ୍କ ଉପରେ ଲଦି ଦେବେ ନାହିଁ ।

ମହାତ୍ମା

# ଜୀବନ-ଉଦ୍ୟାନ

✓ବିଚିତ୍ରାନନ୍ଦ କର

"ବୈକୁଣ୍ଠ ସମାନ ଆହା ଅଟେ ସେହି ଘର
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।"

ଯେଉଁ କବି ଏଇ କଥାଟି ଲେଖିଲେ, ସେ ଅସଲ ଖାଣ୍ଟି କଥାଟି ଲେଖିଛନ୍ତି । ଯେଉଁ ଘରେ ବା ପରିବାରରେ ସ୍ନେହ, ଶ୍ରଦ୍ଧା ଓ ମମତା ନାହିଁ, ସେଠାରେ ଶାନ୍ତି ନାହିଁ । ପୁଣି ଯାହାର ଜୀବନରେ ଶାନ୍ତି ନାହିଁ, ତାର ସୁଖ ନାହିଁ, ସନ୍ତୋଷ ନାହିଁ । ସବୁବେଳେ ଅଶାନ୍ତି, ଅସନ୍ତୋଷ ଭିତରେ ଜୀବନଟା ସନ୍ତୁଳି ହୋଇଯାଏ । ହା'-ହୁତାଶମୟ ହୋଇଉଠେ ।

ମଣିଷ ଜୀବନରେ ଅଶାନ୍ତି ଅନେକ । ନିଜର ଯଦି କିଛି ଧନ୍ଦା ନାହିଁ, ରୋଜଗାର ନାହିଁ, ଘରେ ଖାଇବାକୁ ନାହିଁ, ମନରେ ଶାନ୍ତି ଆସିବ କୁଆଡୁ ? ଏସନ ଭଲ ଫସଲ ହେଲା ନାହିଁ; ବାଆ-ବତାସ, ବଢ଼ି-ମରୁଡ଼ିରେ କ୍ଷେତଖମାର ଉଜୁଡ଼ିଗଲା, ଘର ଭାଙ୍ଗିଗଲା, ପିଲାଙ୍କ ତୁଣ୍ଡକୁ ଆହାର ଆସିବ କୁଆଡୁ ? ପିଲାଏ ମୁଣ୍ଡ ଗୁଞ୍ଜିବେ କେଉଁଠି ? ଏଇ ଚିନ୍ତା ମନରେ ଘାରୁଚି, ତେଣୁ ଅଶାନ୍ତି । ଘରେ ସ୍ତ୍ରୀ ଶକ୍ତ ବେମାର, ପିଲାଗୁଡାକ ଦହଗଞ୍ଜ ହେଉଛନ୍ତି, କାହାରି ମନରେ ସୁଖ ନାହିଁ କି ସରସତା ନାହିଁ । ସାନପୁଅ ପରୀକ୍ଷାରେ ଫେଲ ହୋଇଗଲା, କପି କରି ଧରା ପଡ଼ିଲା, ବଡପୁଅ ଏତେ ପାଠପଢ଼ି ଚାକିରିଟିଏ ପାଇ ପାରିଲା ନାହିଁ, ବେକାର ହୋଇ ଘରେ ବସିଛି, ଝିଅ ଅଭିଆଡ଼ି ରହିଲା, ଯୌତୁକ ଦେଇ ନ ପାରିବାରୁ ଉପଯୁକ୍ତ ବରପାତ୍ରଟିଏ ହାତଛଡ଼ା ହୋଇଗଲା, ଏଥିପାଇଁ ମନରେ ଅବଶୋଷ । ଭାଇଟା ଗୁଣ୍ଡା, ବଦମାସ ହୋଇଗଲା— ସେଥିପାଇଁ ମନ ଦୁଃଖ ।

ଚାକିରିରେ ନିଜର ପ୍ରମୋଶନ ହେଲା ନାହିଁ, ଅଥଚ ଅନ୍ୟ ଜଣେ ଧରାଧରି କରି ଉପରକୁ ଉଠିଗଲା, ନିଜର ଯୋଗ୍ୟତା ଓ ଅଭିଜ୍ଞତା ଅବିସ୍ମରିତ ହେଲା— ତେଣୁ ମନରେ ଘୋର ଅଶାନ୍ତି । ଦୁଇ ଟଙ୍କାକୁ କେଜିଏ ଚାଉଳ ବି ମିଳୁ ନାହିଁ, ଦୋକାନରୁ ଚାଉଳ କିଣିଆଣି ଦେଖିଲାବେଳକୁ ସେଥିରେ ପୋକ ଓ ଗୋଡ଼ିଭର୍ତ୍ତି । ଅଟା ଓ ଚିନିରେ ବାଲି, ସୋରିଷ ତେଲରେ ଅଗରା, ଘିଅ ନାଁରେ ଚର୍ବି, ସିମେଣ୍ଟ ନାଁରେ ଶୁଖିଲା ପଙ୍କ । ସବୁ ଭେଜାଲ, ନକଲି । ଔଷଧ ବି ଭେଜାଲ । ଖାଣ୍ଟି କ୍ଷୀର ବି ମିଳୁ ନାହିଁ । ଡାକ୍ତରଖାନାରେ ଉପଯୁକ୍ତ ଚିକିତ୍ସା ମିଳୁନାହିଁ, ସ୍କୁଲ, କଲେଜରେ ପଢ଼ିବାକୁ ସ୍ଥାନ ନାହିଁ, ଟ୍ରେନ ଓ ବସରେ ବସିବାକୁ ସିଟ୍ ନାହିଁ— ଠେଲି ପେଲି ହୋଇ ଝୁଲି ଝୁଲି ଯିବାକୁ ପଡୁଛି । ରାସ୍ତାରେ ରାତିରେ ଏକୁଟିଆ ଚଳପ୍ରଚଳ ନିରାପଦ ମନେ ହେଉ ନାହିଁ, କିଏ କାହାକୁ ଛୁରୀ ଭୁଷି ଦେଲାଣି ତ, କାହାଠାରୁ କିଏ ଲୁଟି ନେଲାଣି । ଘରୁ ବାହାରି ନିର୍ବିଘ୍ନରେ ପୁଣି ଘରକୁ ଫେରିବାର ନିର୍ଭୟତା ଓ ନିଶ୍ଚୟତା ନାହିଁ । ଗାଡ଼ି ମଟର ଧକ୍କାରେ କାହାର ପ୍ରାଣବାୟୁ କେଉଁ ମୁହୂର୍ତ୍ତରେ ଉଡ଼ିଗଲାଣି, କିଏ ଜାଣୁଛି ? ଏଇକ୍ଷଣି ଏଇଠି ତ, ଆରକ୍ଷଣକୁ ହସ୍‌ପିଟାଲରେ, ନହେଲେ ଶ୍ମଶାନରେ । ଅନିଶ୍ଚିତ ହୋଇ ଉଠିଛି ଜୀବନ ।

ପୁଣି ପରସ୍ପର ମଧ୍ୟରେ, ଭାଇ-ଭାଇ, ପଡୋଶୀ-ପଡୋଶୀ ମଧ୍ୟରେ ଈର୍ଷା, ଦ୍ୱେଷ, ଅବିଶ୍ୱାସ, ତିକ୍ତତା ଓ ସଂଘର୍ଷ । ଜଣକର ବିଶ୍ୱାସରେ ଅନ୍ୟ ଜଣେ ଘାତକତା କରିଛି, ପ୍ରତାରଣା ଓ ପ୍ରବଞ୍ଚନାରେ ଠକୁଛି । ଯାହା ନୁହେଁ, ତାହା ଦେଖାଇ ହେଉଛି । ଉପର କେତେ ସୁନ୍ଦର ଚିରି ଦେଖ କି ନାରଖାର । ବିଷକୁମ୍ଭ ପୟୋମୁଖ । ଓଠରେ ଅମୃତ, ପେଟରେ ଗରଳ । ଛଳନା ଓ କପଟତାରେ ବ୍ୟାପ୍ତ । ଏସବୁ ଭିତରେ ମଣିଷ ଜୀବନ, ପାରିବାରିକ ଜୀବନ ଅଶାନ୍ତ ଓ ଅତିଷ୍ଠ ହୋଇ ପଡୁଛି । ଅଶାନ୍ତିର ବାଆ ବୋହି ଯାଉଛି । ପ୍ରାଣ ବିକଳ ହୋଇ ଉଠୁଛି, ଛଟପଟ ହେଉଛି । ଶାନ୍ତି ପାଇଁ ରଡ଼ି ଛାଡୁଛି, ଚିତ୍କାର କରୁଛି ।

ମଣିଷ ଜୀବନ ସତେ ଯେପରି ଗୋଟିଏ ମେସିନ ହୋଇଗଲାଣି । ମଣିଷ ଚିନ୍ତା କରୁଥିଲା, ମସ୍ତିଷ୍କ ଚାଳନା କରୁଥିଲା । ପାଠ ପଢୁଥିଲା, ହିସାବ କଷୁଥିଲା, ଗଳ୍ପ କବିତା ଲେଖୁଥିଲା । ଏବେ କମ୍ପ୍ୟୁଟର ସେ କାମ କଲାଣି । ଏସବୁ ଦିଗରେ ମଣିଷ ଆଉ ତା'ର ବୁଦ୍ଧି ଖେଳେଇବା ଓ ଚିନ୍ତା କରିବା ଦରକାର ପଡୁନାହିଁ । ଆଜିର ଯନ୍ତ୍ରଯୁଗରେ, ବିଜ୍ଞାନର ପ୍ରଭାବରେ ମଣିଷ ନିଜର ଶାରୀରିକ ଶକ୍ତି ଖଟେଇବା ଆଉ ସେତେ ଆବଶ୍ୟକ ପଡୁନାହିଁ । ଯନ୍ତ୍ରବଳରେ ସୁଇଚ୍ ଟିପିଲେ ସବୁକିଛି ହୋଇ ପାରୁଛି ଆଖି ପିଛୁଳାକେ । ମଣିଷ ଗ୍ରହରୁ ଗ୍ରହାନ୍ତରକୁ ଉଡ଼ିଯାଉଛି । ଜଳ-ସ୍ଥଳ-ଆକାଶକୁ ନିଜ ହାତମୁଠାକୁ ଆଣିବାକୁ ସର୍ବଦା ଚେଷ୍ଟିତ ଓ ବ୍ୟାକୁଳ । ତଥାପି ତା' ଜୀବନରେ ଶାନ୍ତି ନାହିଁ, ସନ୍ତୋଷ ନାହିଁ ।

ଓଡ଼ିଶାର ପୋତାଶ୍ରୟମାନ ଥିଲା ପ୍ରଧାନ ଅବଲମ୍ବନ । ତେଣୁ ବୌଦ୍ଧ ଧର୍ମର ବିକାଶ ଓ ଦେଶ ମଧ୍ୟରେ ଓ ବାହାରେ ପ୍ରସାର ପାଇଁ ଓଡ଼ିଶା ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରେ । ମହାଯାନ ଏବଂ ପରବର୍ତ୍ତୀ ବଜ୍ରଯାନର ବିକାଶ ଯୁଗରେ ଓଡ଼ିଶାରେ ଅସଂଖ୍ୟ ବୌଦ୍ଧପୀଠମାନ ଗଢ଼ି ଉଠିଥିଲା । ସେଥି ମଧ୍ୟରୁ ସୁରଭଗିରି, ଘୋଉଣ୍ଡିଳ, ତାମ୍ରଲିପି, ଜୟରାମପୁର, ଖଡ଼ିପଦା, ଅଯୋଧ୍ୟା, ରତ୍ନଗିରି, ଲଳିତଗିରି, ଉଦୟଗିରି, ଚେଲିତାଲୋ ଆଦି ଉଲ୍ଲେଖ ଯୋଗ୍ୟ । ନାଗାର୍ଜୁନ, ଆର୍ଯ୍ୟଦେବ, ସର୍ବଗାମୀ, ଡିଙ୍ଗନାଗ, ଧର୍ମକୀର୍ତ୍ତି, ପ୍ରଜ୍ଞା ପ୍ରଭୃତି ବୌଦ୍ଧ ଆଚାର୍ଯ୍ୟମାନେ ଏହସବୁ ପୀଠରୁ ବୌଦ୍ଧ ଦର୍ଶନ, ନ୍ୟାୟ ରଚନା ଓ ପ୍ରଚାର କରିବାର ସୁଯୋଗ ଲାଭ କରିଥିଲେ । ଇତିହାସରୁ ଜଣାଯାଏ ଯେ ପ୍ରଜ୍ଞା ନାମକ ଜଣେ ମନିଷୀ ପୁଷ୍ପଗିରି ମହା ବିହାରରେ ଦୀର୍ଘ ୧୮ ବର୍ଷ କାଳ ଯୋଗ ଶିକ୍ଷା କରିଥିଲେ ଏବଂ ଭୌମ ମହାରାଜା ଶୁଭକର ଦେବଙ୍କ ଦ୍ୱାରା ରଚିତ ଗଣ୍ଡବ୍ୟୁହ ଦର୍ଶନ ଶାସ୍ତ୍ର ଦୀର୍ଘ ପଥ ଅତିକ୍ରମ କରି ତତ୍କାଳୀନ ଚୀନ ସମ୍ରାଟ ଟି. ସଂଙ୍ଗକୁ ଉପହାର ଦେଇଥିଲେ । ଏବେ ମଧ୍ୟ ଏହି ପାଣ୍ଡୁଲିପି ଚୀନ ଦେଶରେ ସଂରକ୍ଷିତ ।

ଉପରୋକ୍ତ ସଂକ୍ଷିପ୍ତ ଆଲୋଚନାରୁ ଏବଂ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆବିଷ୍କୃତ ବୌଦ୍ଧ କୀର୍ତ୍ତିରୁ ବୌଦ୍ଧଧର୍ମର ପରାକାଷ୍ଠା ଉପଲବ୍ଧି କରିହୁଏ । ହୁଏନ୍‌ସାଂ ବର୍ଣ୍ଣିତ ପୁଷ୍ପଗିରି ମହାବିହାର ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇପାରି ନାହିଁ । ରତ୍ନଗିରି, ଲଳିତଗିରି ଓ ଉଦୟଗିରିରେ ପ୍ରତ୍ନତାତ୍ତ୍ୱିକ ଖନନ ହେବା ପର୍ଯ୍ୟନ୍ତ ଏହି କୀର୍ତ୍ତିଗୁଡ଼ିକ ପୁଷ୍ପଗିରି ନାମରେ ନାମିତ ହେଉଥିଲା । ମାତ୍ର ରତ୍ନଗିରିରୁ ଆବିଷ୍କୃତ ପୋଡ଼ାମାଟିରେ ଖୋଦିତ ଅଭିଲେଖ (ରତ୍ନଗିରି ମହାବିହାରସ୍ୟ) ଏବଂ ସେହିପରି ଉଦୟଗିରିରୁ ଆବିଷ୍କୃତ ଅଭିଲେଖ (ମାଧବପୁରୀ ମହାବିହାରୀୟ ଆର୍ଯ୍ୟଭିକ୍ଷୁ ସଂଘସ୍ୟ) ହୁଏନ୍‌ସାଂଙ୍କର ଉକ୍ତି ଭ୍ରମାତ୍ମକ ବୋଲି ପ୍ରତିପାଦିତ ହୁଏ । ସେ ଯାହାହେଉ ହୁଏନ୍‌ସାଂଙ୍କ (ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ) କଳିଙ୍ଗ ପରିଦର୍ଶନ ବେଳକୁ କଳିଙ୍ଗରେ ବୌଦ୍ଧଧର୍ମ ଖୁବ୍ ଉନ୍ନତ ଅବସ୍ଥାରେ ଥିଲା । ପୁଷ୍ପଗିରିର ଦକ୍ଷିଣକୁ ଯିବା ବାଟରେ ସେ ସମୁଦ୍ର କୂଳରେ ଏକ ବିରାଟ ନଗରୀ ଦେଖିଥିଲେ ବୋଲି ତାଙ୍କ ବିବରଣୀରେ ଲିପିବଦ୍ଧ କରି ଯାଇଅଛନ୍ତି । ସେହି ବିବରଣୀର କିୟଦଂଶ ଏଠାରେ ଉଦ୍ଧାର କରାଗଲା ।

"The City was above 4 miles (20li) in circuit and was used as a harbour for trading and passenger vessles from distant countries. The city was very strong where rare and precious commodities. were to be fonnd..outside the city there were 5 monasteries of lofty structure and they contained many aitistic images. The name of this city was che-li-ta-lo (charitra). It has been identified with Puri-town by majority of the scholars. According to Dr. waddle, charitre may be identified with the part chitratpola near Nendra in Cuttack district. Hiuen Tsang further states that ceylon )Seng-ka-lo) was 20,000 li (4,000 miles) distant from this city and that in a calm night one could see (from chaitra) the brilliant light issuing from the pearl placed on the top of the stupa containing Buddha's tooth in Ceylon. The meaning underlying this statement is difficult to understand."

"ହୁଏନ୍‌ସାଂଙ୍କଦ୍ୱାରା ବର୍ଣ୍ଣିତ ଚେଲିତାଲୋ (ଚରିତ୍ର ବା ଚରିତ୍ରପୁର) ଏକ ପୋତାଶ୍ରୟ ଏବଂ ଏକ ନୌବାଣିଜ୍ୟର କେନ୍ଦ୍ର ଥିଲା । ଏଠାରୁ ସମ୍ଭବତଃ ଦକ୍ଷିଣ ପୂର୍ବ ଏସିଆ ଦେଶମାନଙ୍କ ସହିତ ନୌବାଣିଜ୍ୟ ସଂପର୍କ ସ୍ଥାପନ କରାଯାଉଥିଲା । ସାରଳାଦାସ ତାଙ୍କ ମହାଭାରତରେ ଚିତ୍ରୋପଳା ନଦୀ ଉପଳେଶ୍ୱର ଏବଂ ଚିତ୍ର ମାହେଶ୍ୱରୀ ଦେବୀଙ୍କ ପୀଠ ପାଖ ଦେଇ ବହିଯାଉଥିବାର ବର୍ଣ୍ଣନା କରିଅଛନ୍ତି । କାଦୁଆ ନଦୀ କୂଳରେ ଅବସ୍ଥିତ ଉପଳେଶ୍ୱର ଶିବମନ୍ଦିର ଏବଂ ଚିତ୍ରେଶ୍ୱରୀ ଦେବୀଙ୍କ ପୀଠ ସାରଳାଦାସଙ୍କ ବର୍ଣ୍ଣିନା ସହିତ ଚିହ୍ନଟ କରାଯାଇପାରେ । ଚିତ୍ରେଶ୍ୱରୀଙ୍କ ନିକଟବର୍ତ୍ତୀ ଅଞ୍ଚଳ ପ୍ରାଚୀନ ଚେଲିତାଲୋ ବୋଲି ଚିହ୍ନଟ କରାଯାଇପାରେ । ଏଠାରୁ ମିଳିଥିବା ପ୍ରାଚୀନ କମାଣମୁଦ୍ରା ଏହି ଉକ୍ତିର ଯଥାର୍ଥତା ପ୍ରତିପାଦିତ କରେ । ଏହି ନଗର ପରେ ହୁଏନ୍‌ସାଂ ଦେଖିଥିବା କାରୁକାର୍ଯ୍ୟ ମଣ୍ଡିତ ପାଞ୍ଚୋଟି ମହାବିହାର ବିଷୟ ଚିନ୍ତାକଲେ ଆମକୁ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ । ଚେଲିତାଲୋର ଅନତି ଦୂରରେ ଆବିଷ୍କୃତ କୁରୁମ ମହାବିହାର ହୁଏନ୍‌ସାଂ ବର୍ଣ୍ଣିତ ପଞ୍ଚମ ମହାବିହାର ମଧ୍ୟରୁ ଯେ ଅନ୍ୟତମ ଏଥିରେ ସନ୍ଦେହ ନାହିଁ । ପ୍ରତ୍ନତାତ୍ତ୍ୱିକ ଅନୁସନ୍ଧାନ ଏବଂ ଭୂଖନନଦ୍ୱାରା ହୁଏନ୍‌ସାଂଙ୍କର ଉକ୍ତିର ସତ୍ୟତା ସଂପୂର୍ଣ୍ଣ ଭାବରେ ପ୍ରତିପାଦିତ ହୋଇପାରିବ ବୋଲି ଆଶା କରାଯାଏ । କୁରୁମ ମହାବିହାରର ଆବିଷ୍କାର ଏବଂ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ଖନନ ଏକ ବିଶିଷ୍ଟ ପଦକ୍ଷେପ ।

ବୌଦ୍ଧକ୍ଷେତ୍ର କୁରୁମ କୋଣାର୍କଠାରୁ ପ୍ରାୟ ଆଠ କିଲୋମିଟର ଦକ୍ଷିଣ ପୂର୍ବ ଦିଗରେ ଅବସ୍ଥିତ । ୧୯୬୯ ଖ୍ରୀଷ୍ଟାବ୍ଦରେ ପ୍ରତ୍ନତତ୍ତ୍ୱବିତ୍ ଡଃ ଅର୍ଜୁନ ଯୋଶୀ ଏବଂ ପ୍ରଶାନ୍ତ କୁମାର ରାୟଙ୍କ ସହିତ ଏହିସ୍ଥାନ ପରିଦର୍ଶନ କରିବାରେ ମୁଁ ସୁଯୋଗ ଲାଭ କରିଥିଲି । ଏହି ଗ୍ରାମରେ ପୂଜିତ ହେଉଥିବା ବୁଦ୍ଧଙ୍କର ଏକ ବିରାଟକାୟ ମୂର୍ତ୍ତି ଏବଂ ପ୍ରାଚୀନ ମୃଣ୍ମୟ ପାତ୍ର ଆମକୁ ଯଥେଷ୍ଟ ଭାବରେ ଆକୃଷ୍ଟ କରିଥିଲା । ଏଠାରେ ସଂରକ୍ଷିତ ମୂର୍ତ୍ତିଗୁଡ଼ିକ ଯମଧର୍ମ ମୂର୍ତ୍ତି ନାମରେ ପୂଜିତ ହେଉଥିଲା ।

୧୯୭୪-୭୫ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଅଧ୍ୟକ୍ଷ ଶ୍ରୀ ପ୍ରଶାନ୍ତ କୁମାର ରାୟ ଏବଂ ଡଃ ବିଜୟ କୁମାର ରଥ ଏହି ସ୍ଥାନରେ ଖନନ କାର୍ଯ୍ୟ ଆରମ୍ଭ କରି ପୋଡ଼ା ଇଟାରେ ନିର୍ମିତ ଏକ କାନ୍ଥ ଆବିଷ୍କାର କରିଥିଲେ । ଏହି ପ୍ରାଚୀର ଲମ୍ବ ହେଉଛି ୬୯ ମିଟର । କାଳକ୍ରମେ ଖନନ ଫଳରେ ମହାବିହାର ଦୃଷ୍ଟି ଗୋଚର ହେଲା । ଏଠାରେ ଅନେକଗୁଡ଼ିଏ କୋଠରୀ ରହିଛି । ତନ୍ମଧ୍ୟରୁ ମଝି କୋଠରୀର ଏକ ବର୍ଗକ୍ଷେତ୍ର (10 mts X10mts) ଏହି କୋଠରୀରେ ଅଧିଷ୍ଠିତ ଦେବତା ପୂଜିତ ହେଉଥିବାର ଅନୁମାନ କରାଯାଏ । ଏଥି ସହିତ ଅନ୍ୟ କେତେଗୁଡ଼ିଏ କୋଠରୀ ମଧ୍ୟ ଉନ୍ମୋଚିତ କରଯାଇଛି । ମଝି କୋଠରୀ ( Central squired chamber ) ପଥର ଏବଂ ଇଟାରେ ନିର୍ମିତ । ଏଥିରୁ ମନେହୁଏ ଯେ ପ୍ରଥମେ ଏହା ପଥରରେ ତିଆରି ହୋଇ ଥିଲା ଅବଂ କାଳକ୍ରମେ ଏହା ଭାଙ୍ଗିଯିବାରୁ ପୁଣି ଇଟାରେ ପୁନଃ ନିର୍ମିତ ହେଲା । ଆହୁରି ଆଶ୍ଚର୍ଯ୍ୟର କଥା ଯେ ମଧ୍ୟବର୍ତ୍ତୀ କୋଠରୀ ନିକଟରେ ପ୍ରାୟ ୩ମିଟର ଉପରକୁ ବାହାରିଛି । ଇଟା ସହିତ ୩ଟି ଚୂଲି ; ପୂର୍ବ ଦିଗରେ ବାହାରିଥିବା ଇଟା ପ୍ରାଚୀରର ଲମ୍ବ ୬୯ ମିଟର ଏବଂ ଦକ୍ଷିଣ ଦିଗ ପ୍ରାଚୀରର ଲମ୍ବ ୨୦ ମିଟର ।


# ବୌଦ୍ଧ ପୀଠ କୁରୁମ

ଡ଼ଃ. ହରିଶ୍ଚନ୍ଦ୍ର ଦାସ

ଭାରତୀୟ ବୌଦ୍ଧଧର୍ମର ଇତିହାସରେ ଆଧୁନିକ ଓଡ଼ିଶା ବା ପ୍ରାଚୀନ କଳିଙ୍ଗ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛି । ବୁଦ୍ଧଙ୍କର ବୋଧିଲାଭ (ଖ୍ରୀ:ପୂ: ଷଷ୍ଠ ଶତାବ୍ଦୀ) ସମୟରୁ ହିଁ କଳିଙ୍ଗରେ ବୌଦ୍ଧଧର୍ମ ପ୍ରସାର ଲାଭ କରିଥିଲା । ତେଣୁ ଅନେକଙ୍କ ମତରେ ଏ ଦେଶ ବୌଦ୍ଧଧର୍ମର ସୃଜନ ଏବଂ ବିକାଶ ଭୂମି । ବୌଦ୍ଧ ଜାତକରୁ ଜଣାଯାଏ ଯେ ପୃଥିବୀର ସର୍ବ ପ୍ରଥମ ବୌଦ୍ଧ ହେଉଛନ୍ତି, ତପସୁ ଓ ଭଲ୍ଲିକ ନାମକ ଦୁଇଜଣ ଉତ୍କଳୀୟ ବଣିକ । ସେ ଦୁହେଁ ପାଞ୍ଚ-ବାହ ଶକଟରେ ପଣ୍ୟଦ୍ରବ୍ୟ ଧରି ମଧ୍ୟ ଦେଶକୁ ବାଣିଜ୍ୟ ଉଦ୍ଦେଶ୍ୟରେ ଯାଉଥିବା ବେଳେ ଉରୁବେଲା ଜଙ୍ଗଲରେ ବୁଦ୍ଧଙ୍କର ଦର୍ଶନ ଲାଭ କରିଥିଲେ । ସେତେବେଳେ ଗୌତମ ବୁଦ୍ଧତ୍ୱ ଲାଭ କରି ନିର୍ଜନ ଅରଣ୍ୟରେ ଉପବାସରେ ରହି ଅସ୍ଥି କଙ୍କାଳ ସାର ହୋଇ ଯାଇଥିଲେ । ସେହି ବଣିକ ଦୁଇ ଜଣଙ୍କ ପାଖରୁ ବୁଦ୍ଧ ପ୍ରଥମେ ମଧୁପିଷ୍ଟକ ଖାଦ୍ୟ ଗ୍ରହଣ କଲେ । ବୁଦ୍ଧଙ୍କ ପ୍ରସାଦରୁ ତପସୁ ଓ ଭଲ୍ଲିକ ତାଙ୍କ ଧର୍ମ ଗ୍ରହଣ କରି ବୌଦ୍ଧ ସଂଘର ଭିତ୍ତି ସ୍ଥାପନ କଲେ । ସ୍ମାରକ ସ୍ୱରୂପ ବୁଦ୍ଧଙ୍କର କେଶ ଓ ନଖ ନେଇ ଆସି ନିଜ ଦେଶରେ କେଶସ୍ତୂପ ଓ ନଖସ୍ତୂପ ନିର୍ମାଣ କଲେ ଏବଂ ପୃଥିବୀରେ ସର୍ବ ପ୍ରଥମେ ବୌଦ୍ଧ ଧର୍ମର ଦୀପଶିଖା ପ୍ରଜ୍ୱଳିତ କଲେ ।

ବୁଦ୍ଧଙ୍କର ପରିନିର୍ବାଣ ପରେ ତାଙ୍କର ଚିତାଭସ୍ମ ଭିନ୍ନ ଭିନ୍ନ ଦେଶରେ ବିତରଣ କରାଯାଇଥିବା ବର୍ଣ୍ଣନା ମହାପରି ନିର୍ବାଣ ସୂତ୍ରରେ ମିଳେ । ସେହି ବର୍ଣ୍ଣନାରୁ ଜଣାଯାଏ ଯେ ବୁଦ୍ଧଙ୍କର ଏକ ଦନ୍ତ ଧାତୁ କଳିଙ୍ଗକୁ ଅଣାଯାଇଥିଲା । ତତ୍‌କାଳୀନ କଳିଙ୍ଗର ରାଜା ବ୍ରହ୍ମଦତ୍ତ ବୁଦ୍ଧଙ୍କର ଦନ୍ତ ଉପହାର ସ୍ୱରୂପ ତାଙ୍କ ରାଜଧାନୀରେ ଗ୍ରହଣ କରିଥିଲେ ଏବଂ ମହାପୁରୁଷଙ୍କର ସେହି ପବିତ୍ର ଦେହାବଶେଷକୁ ସମ୍ମାନ ଦେବାପାଇଁ ଏକ ସୁବିଶାଳ ଚୈତ୍ୟ ନିର୍ମାଣ କରିଥିଲେ । ପରବର୍ତ୍ତୀ କାଳରେ ସେହି ଦନ୍ତ ଧାତୁ ସିଂହଳ ଦେଶକୁ ପଠାଯାଇଥିଲା । କେତେକଙ୍କ ମତରେ ଦନ୍ତଧାତୁ ଦାରୁ ନିର୍ମିତ ଶ୍ରୀ ଜଗନ୍ନାଥଙ୍କ ଦେହରେ ଶକ୍ତି ହିସାବରେ ସଂରକ୍ଷିତ କରାଯାଇ ଅଛି ।

ଖ୍ରୀ:ପୂ: ତୃତୀୟ ଶତାବ୍ଦୀରେ ଅଶୋକଙ୍କର କଳିଙ୍ଗ ଆକ୍ରମଣ ଏବଂ ଏହି ଦେଶର ଆଚାର୍ଯ୍ୟ ଉପଗୁପ୍ତଙ୍କଠାରୁ ବୌଦ୍ଧଧର୍ମ ଗ୍ରହଣ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା ହିସାବରେ ଲିପିବଦ୍ଧ ହୋଇ ରହିଛି । ଏହି ଦେଶରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ । ଅଶୋକ ବୌଦ୍ଧ ହେବା ପରେପରେ ବୌଦ୍ଧଧର୍ମ ଏକ ରାଜକୀୟ ଧର୍ମ ହିସାବରେ ସାରା ଭାରତରେ ଏବଂ ଭାରତ ବାହାରେ ପ୍ରସାରିତ ହେଲା । ତାଙ୍କ ରାଜତ୍ୱ କାଳରୁ ହିଁ ବୌଦ୍ଧ ଧର୍ମର ପ୍ଲାବନ କ୍ଷିପ୍ର ଗତିରେ ପ୍ରବାହିତ ହେଲା । ଅଶୋକଙ୍କ ଦ୍ୱାରା ଖୋଦିତ ଧଉଳି ଏବଂ ଜଉଗଡ଼ ଶିଳାଲିପି ଏବେ ମଧ୍ୟ ସେ ସମୟର ସାକ୍ଷ୍ୟ ବହନ କରେ । ଅଶୋକଙ୍କ ଭାଇ ତିସ୍ସ ଭୋଜକ ଗିରି ମହାବିହାର ନିର୍ମାଣ କରିଥିଲେ ତାଙ୍କର ଗୁରୁ ଧର୍ମ ରକ୍ଷିତଙ୍କ ପାଇଁ । ଏହି ସମୟରୁ କଳିଙ୍ଗରେ ଥେରାବାଦ ବୌଦ୍ଧଧର୍ମ ବିଶେଷ ଭାବରେ ପ୍ରଚାରିତ ହେଲା । ଏହା ପରେ ପରେ ଆଚାର୍ଯ୍ୟ ଦିଗନାଗ, ଧର୍ମକୀର୍ତ୍ତି, ତାରାନାଥ ପ୍ରଭୃତି ବୌଦ୍ଧ ମନୀଷିମାନେ ଏ ଦେଶରେ ଧର୍ମ ପ୍ରଚାର କରି କୀର୍ତ୍ତିମାନ ଗଢ଼ି ଯାଇଥିଲେ । ପୁରୀ ଜିଲ୍ଲାର ଡେଲାଙ୍ଗଠାରୁ କଟକ ଜିଲ୍ଲାର ନରାଜ ପର୍ଯ୍ୟନ୍ତ ପାହାଡ଼ ପର୍ବତରେ ଅସଂଖ୍ୟ ଗୁମ୍ଫା ବୌଦ୍ଧ ସନ୍ନ୍ୟାସୀଙ୍କ ପାଇଁ ଖୋଳା ଯାଇଥିଲା । ଏବେ ମଧ୍ୟ ସେଗୁଡ଼ିକ ପ୍ରାଚୀନ ବୌଦ୍ଧ ଧର୍ମର ମୂକସାକ୍ଷୀ ରୂପେ ବିଦ୍ୟମାନ । ଡେଲାଙ୍ଗ ନିକଟବର୍ତ୍ତୀ ବିଶ୍ୱନାଥ ମୁଣ୍ଡିଆ ପାହାଡକୁ ପ୍ରାଚୀନ ଭୋରଶୈଳ ସହିତ ଚିହ୍ନିତ କରାଯାଇ ପାରେ । ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଆଚାର୍ଯ୍ୟ ଦିଗନାଗ ଏହି ସ୍ଥାନର ଗୁରୁତ୍ୱ ଉପଲବ୍ଧି କରି ଗଢ଼ିଥିଲେ ବିଶାଳ ମହାବିହାର ଏବଂ ପ୍ରଚାର କରିଥିଲେ ଯୋଗାଚାର ବିଜ୍ଞାନ ବାଦ । ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀରୁ ସପ୍ତମ ଶତାବ୍ଦୀ ମଧ୍ୟରେ ବୌଦ୍ଧଧର୍ମ ମହାଯାନରେ ପରିଣତ ହେଲା । ଏହି ସମୟ ମଧ୍ୟରେ ମହାଯାନ ବୌଦ୍ଧ ଧର୍ମର ପ୍ରଚାର ଫଳରେ ଉନ୍ନତ ସାହିତ୍ୟ, ଦର୍ଶନ, କଳା ଓ ସ୍ଥାପତ୍ୟ ବିକାଶ ଲାଭ କରିଥିଲା । ଏହି ବହୁମୁଖୀ ମହାଯାନ ଓଡ଼ିଶାର ଦାନ ଅତି ବିପୁଳ ଓ ମହତ୍ । ଓଡ଼ିଶା ମହାଯାନ ବୌଦ୍ଧ ଧର୍ମର ସୃଜନ ଏବଂ ଗଠନ ଭୂମି । ଭାରତୀୟ ବୌଦ୍ଧ ସଂସ୍କୃତିକୁ ସମୁଦ୍ର ସେ ପାରିରେ ପ୍ରଚାର କରିବା ନିମନ୍ତେ



# ପଞ୍ଚମ ଆନ୍ତର୍ଜାତିକ ଶିଶୁ ଚଳଚ୍ଚିତ୍ର ଉତ୍ସବ



ଶ୍ରୀ ରଣଧୀର ଦାସ

ଓଡ଼ିଶାରେ ପ୍ରଥମଥର ପାଇଁ ପଞ୍ଚମ ଆନ୍ତର୍ଜାତିକ ଶିଶୁ ଚଳଚ୍ଚିତ୍ର ଉତ୍ସବ ଗତ ନଭେମ୍ବର ୧୪ତାରିଖଠୁ ୨୩ ତାରିଖ ପର୍ଯ୍ୟନ୍ତ କଟକ ଓ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା ।ନଭେମ୍ବର ୧୩ ତାରିଖ ସନ୍ଧ୍ୟାରେ ଭାରତର ପ୍ରଧାନ ମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀ ଆନୁଷ୍ଠାନିକ ଭାବରେଏହି ଉତ୍ସବ କଟକର ଜବାହରଲାଲ ଇନ୍‌ଡୋର ଷ୍ଟାଡ଼ିୟମରେ ଉଦ୍‌ଘାଟନ କରିଥିଲେ । ଶିଶୁ ଚଳଚ୍ଚିତ୍ର ଉତ୍ସବ କମିଟିର ମୁଖ୍ୟ ପୃଷ୍ଠପୋଷକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ଶିଶୁ ଚଳଚ୍ଚିତ୍ର କମିଟିର ଅଧ୍ୟକ୍ଷ ଶ୍ରୀ ଅମୋଲ ପାଲେକର ଉଦ୍‌ବୋଧନ ଦେଇଥିଲେ ।

ଭାରତର ବିଭିନ୍ନ ରାଜ୍ୟରୁ ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଦୁଇ ହଜାର ଶିଶୁ ଓ ନିମନ୍ତ୍ରିତ ଅତିଥି ପ୍ରତିନିଧି ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିଲେ । ଏକଘଣ୍ଟା ବ୍ୟାପୀ ଏହି ଉତ୍ସବରେ ଓଡ଼ିଶାର ନିଜସ୍ୱ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆମର ସଂଗୀତ ସର୍ବେଷାଂ ନୋ ଜନନୀ........,ସମ୍ବଲପୁରୀ ଢାଲଖାଇ ନୃତ୍ୟ, ପାଇକ ନୃତ୍ୟ, ହୋଙ୍ଗେ କାମିୟାଦ ଉପସ୍ଥିତ ଦର୍ଶକ ଓ ଅତିଥିଙ୍କୁ ମୁଗ୍ଧ କରି ପାରିଥିଲା ।

୧୯୫୫-ଚଳଚ୍ଚିତ୍ର ଅନୁସନ୍ଧାନ କମିଟିର ସୁପାରିସ ଅନୁସାରେ ୧୯୬୦ରେ ତଥ୍ୟ ଓ ବେତାରମନ୍ତ୍ରଣାଳୟ ପକ୍ଷରୁ ଶିଶୁ ଚଳଚ୍ଚିତ୍ର ସମିତି ବିଧିବଦ୍ଧଭାବରେ ଗଠନକରାଯାଇଛି । ୧୯୭୯ରେ ଦିଲ୍ଲୀରେ ପ୍ରଥମ ଶିଶୁ ଚଳଚ୍ଚିତ୍ର ଉତ୍ସବର ଆୟୋଜନ କରାଯାଇଥିଲା । ଏହି ଉତ୍ସବ ୧୯୮୧ରେ ମାଡ୍ରାଜ, ୧୯୮୩ରେ କଲିକତା ଏବଂ ୧୯୮୫ରେ ବାଙ୍ଗାଲୋରଠାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତି ଦୁଇବର୍ଷରେ ଆନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ ଆୟୋଜିତ ହୋଇଥାଏ ।

ନଭେମ୍ବର ୧୪ ତାରିଖ ଅପରାହ୍ନ ୩ଟାରେ ଭୁବନେଶ୍ୱର କେଶରୀ ଟକିଜରେ ୫ମ ଆନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ ଉଦ୍‌ଘାଟିତ ହୋଇଥିଲା । ଜାପାନ ଚଳଚ୍ଚିତ୍ର "ଦି ଅଡ଼ଭାନ୍‌ଚରସ୍‌ ଅଫ୍ ଚଟ୍ରାନ" ପ୍ରଦର୍ଶିତ ହୋଇଥିଲା ।

ଚତୁର୍ଦ୍ଦିଗରେ ଇଟା ପ୍ରାଚୀର ଏହି ମହାବିହାରର ଭିତର ପ୍ରାଚୀର ବୋଲି ଚିହ୍ନଟ କରାଯାଇଛି । ଏହି କ୍ଷେତ୍ରଟି ସଂପୂର୍ଣ୍ଣ ଭାବରେ ଖନନ କଲେ ପୀଠର ସଂପୂର୍ଣ୍ଣ ବିବରଣୀ ମିଳି ପାରିବ ।

ଆଶ୍ଚର୍ଯ୍ୟର କଥା ପ୍ରତ୍ନତାତ୍ତ୍ୱିକ ଖନନରୁ ଏହି ପୀଠରୁ ଏପର୍ଯ୍ୟନ୍ତ କୌଣସି ମୂର୍ତ୍ତି ବାହାରି ନାହିଁ । ସମ୍ଭବତଃ ବାହାରେ ରହିଥିବା ବୁଦ୍ଧ ଏବଂ ଅବଲୋକିତେଶ୍ୱର ମୂର୍ତ୍ତି ଏହି ବିହାରର ମଝି କୋଠରୀରେ ପୂଜିତ ହେଉଥିଲେ ଏବଂ ଅନ୍ୟ କୋଠରୀ ଗୁଡ଼ିକ ବୌଦ୍ଧ ସନ୍ନ୍ୟାସୀମାନଙ୍କର ରହିବା ପାଇଁ ନିରୂପିତ ହୋଇଥିଲା । ଯାହାହେଉ ଭୂଖନନରୁ ମିଳିଥିବା ବୌଦ୍ଧ ଧାରଣୀ ସମ୍ବଳିତ ପୋଡ଼ା ମାଟିର ଟେବ୍‌ଲେଟ୍ ମୃଣ୍ମୟ ପାତ୍ରରୁ ନବମ ଦଶମ ଶତାବ୍ଦୀର ବୋଲି ମତବ୍ୟକ୍ତ କରାଯାଇଅଛି ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ କୁରୁମ ମହାବିହାର ଭୌମ ରାଜାମାନଙ୍କର ( ଖ୍ରୀଷ୍ଟୀୟ ୭୩୬ରୁ ୯୪୦ ) ବୋଲି ସଠିକ ଭାବରେ ଚିହ୍ନଟ କରାଯାଇପାରେ । ଭୌମ ରାଜାମାନେ ଥିଲେ ବୌଦ୍ଧ ଧର୍ମର ପୃଷ୍ଠପୋଷକ ଏବଂ ସେମାନଙ୍କର ପ୍ରେରଣାରେ ଗଢ଼ିଉଠିଥିଲା ଅସଂଖ୍ୟ ବୌଦ୍ଧକୀର୍ତ୍ତି । ସେମାନଙ୍କ ସମୟରେ ରତ୍ନଗିରି, ଲଳିତଗିରି, ଉଦୟଗିରି, ଚଉଦ୍ୱାର, ଯାଜପୁର, ସୋଲନପୁର, ଖଡ଼ିପଦା, ଅଯୋଧ୍ୟା, ଅଚ୍ଛଣା, ବାଣପୁର ପ୍ରଭୃତି ସ୍ଥାନରେ ବୌଦ୍ଧକୀର୍ତ୍ତି ପ୍ରତିଷ୍ଠିତ ହୋଇ ଏହି ଧର୍ମକୁ ଶୀର୍ଷ ସୀମାରେ ପହଞ୍ଚାଇ ପାରିଥିଲା । ହୁଏନ୍‌ସାଂ ବର୍ଣ୍ଣିତ ଚେଲିତାଲୋ ବନ୍ଦର ଓ ବୌଦ୍ଧ ପୀଠ ଯେ କୁରୁମ ମହାବିହାର ଏଥିରେ ସନ୍ଦେହ ରହି ନ ପାରେ ।

ଅଧ୍ୟକ୍ଷ, ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର



"ଆମକୁ ଆନନ୍ଦ ଦେଉଥିବା ବଣଜଙ୍ଗଲର ଅସଂଖ୍ୟ ଜୀବଜନ୍ତୁଙ୍କୁ ଆମେ ବନ୍ୟପ୍ରାଣୀ ବୋଲି କହୁ । ସଭ୍ୟତା ଓ ସଂସ୍କୃତି ସତ୍ତ୍ୱେ ବ ଆଜିର ମଣିଷ ଏହି ହିଂସ୍ର ବନ୍ୟଜନ୍ତୁଙ୍କ-ଠାରୁ ଆହୁରି ମାରାତ୍ମକ । ଜଙ୍ଗଲରେ ବାସକରୁଥିବା ଅସଂଖ୍ୟ ପ୍ରାଣୀଙ୍କର ସଂସ୍ପର୍ଶ ମଣିଷର ଜୀବନକୁ ସରସ ଓ ମଧୁମୟ କରୁଛି । ତେଣୁ କ୍ରମେ ଲୋପ ପାଇ ଯାଉଥିବା ବନ୍ୟଜନ୍ତୁଙ୍କର ରକ୍ଷଣାବେକ୍ଷଣ ପାଇଁ ଦେଶରେ ଯେତେ ବେଶୀ ପଶୁ ଓ ପକ୍ଷୀମାନଙ୍କ ଲାଗି ଆଶ୍ରୟସ୍ଥଳୀ ଖୋଲଯାଇ ପାରେ ସେତେ ଭଲ ।"

—ଜବାହାରଲାଲ ନେହେରୁ




କମିଟିରେ ଓଡ଼ିଶାରୁ ୪ଜଣ ଶିଶୁ ସ୍ଥାନ ପାଇଥିଲେ । କମିଟିର ଚେଆରମେନ ଥିଲେ କର୍ଣ୍ଣାଟକର ଆର, ଗଣେଶ, ଶିଶୁ ପ୍ରତିନିଧି ମାନଙ୍କମଧ୍ୟରେ 'ଆଜିକାର ରବିନ ହୁଡ୍' ଚିତ୍ରର ଶିଶୁ ଅଭିନେତା ହିତେଶ ତିଲଓ୍ୱାର 'ଅମୋଲପାଲେକର ପ୍ରଯୋଜିତ ଟିଭି ସିରିଆଲ କବିଧୁପର ପ୍ରଶାନ୍ତ ଭଟ୍ଟ, ସ୍ୱାମୀ ଚଳଚିତ୍ରର ମଞ୍ଜୁନାଥ, ବାବୁଲା ଚଳଚିତ୍ରର ସ୍ୱସ୍ତିକ ଦାସଙ୍କ ନାମ ଉଲ୍ଲେଖଯୋଗ୍ୟ । ମଞ୍ଜୁନାଥ ସମସ୍ତ ଶିଶୁକଳାକାରଙ୍କ ମଧ୍ୟରେ ସର୍ବାଧିକ ଲୋକପ୍ରିୟ କଳାକାର । ସେ ୩୪ଟି ଚଳଚିତ୍ରରେ ମାତ୍ର ୧୦ ବର୍ଷ ବୟସରେ ଅଭିନୟ କରିସାରିଛନ୍ତି । ପ୍ରଖ୍ୟାତ ଶିଶୁ ଚଳଚିତ୍ର ନିର୍ମାତା କେଦାର ଶର୍ମା ମଧ୍ୟ ଏହି ଉତ୍ସବରେ ଯୋଗଦାନ କରିଥିଲେ ।


ନଭେମ୍ବର୨୩ ତାରିଖ ଉଦ୍‌ଯାପନ ଉତ୍ସବରେ କେଶରୀ ତକିଜରେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ ।

ଶ୍ରେଷ୍ଠ ଫିଚର ଚିତ୍ର ଭାବେ 'ସ୍ୱାମୀ (ଭାରତ)' ସ୍ୱର୍ଣ୍ଣହସ୍ତୀ ପୁରସ୍କାର ଲାଭ କରିଥିଲା । ଶ୍ରେଷ୍ଠ କ୍ଷୁଦ୍ର ଚିତ୍ର ଭାବେ (ଜିଆଙ୍ଗୀ ସେଇସ୍ ଦି ତିଅର' (ଚୀନ୍) ସ୍ୱର୍ଣ୍ଣହସ୍ତୀ ଲାଭକରିଥିଲା । ହୋଲ୍ଡିଂ ଅନ ଟୁ ଏଆର'ର ନିର୍ଦ୍ଦେଶକ କାର୍ଦୋଭକୋ ସ୍ରୋତା ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର ଲାଭ କରିଥିଲେ । ଏହି ଚିତ୍ରଟି କୁରିମାନଙ୍କ ଦ୍ୱାରା ମଧ୍ୟ ଶ୍ରେଷ୍ଠ ଚିତ୍ର ପୁରସ୍କାର ଲାଭ କରିବାର ଗୌରବ ଅର୍ଜନ କରିଥିଲା । ସ୍ପେସାଲ ମେନସନ ଭାବରେ ଡେନମାର୍କର 'ହଡ଼କା ଅଫ୍ ପ୍ୟୋର୍ଟ' ପୁରସ୍କୃତ ହୋଇଥିଲା । ସ୍ୱାମୀ ଚିତ୍ରର କଳାକାର ମଞ୍ଜୁନାଥ ଶ୍ରେଷ୍ଠ ଶିଶୁ କଳାକାର ଭାବେ ପୁରସ୍କୃତ ହୋଇଥିଲେ । 'ଜୋନା ଥମ୍‌ଏଣ୍ଡ ଦି ୟୁଇଟ'ର ନିର୍ଦ୍ଦେଶକ ଅଷ୍ଟ୍ରିଆର ବେର୍ଣ୍ଣଡ୍ ନିରବର୍ଗର ଶ୍ରେଷ୍ଠ ସିନେମାଟୋଗ୍ରାଫି ପୁରସ୍କାର ଲାଭକରିଥିଲେ । ଶିଶୁ ବିସ୍ମରକ ମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ବିବେଚିତ ଚିତ୍ର ଆଡ଼ଭନଚେରସ ଅଫ୍ ଏ ପ୍ରିଜିଅନ ଫେନସିଅର (ଚୀନ), ସୁବର୍ଣ୍ଣ ପ୍ଲେକ୍ ଲାଭ କରିଥିଲା । ଏହି ଚିତ୍ରଟି ମଧ୍ୟ ଆନ୍ତର୍ଜାତିକ ଜୁରୀଙ୍କ ଦ୍ୱାରା ଶ୍ରେଷ୍ଠ ଚିତ୍ର ରୂପେ ପୁରସ୍କୃତ ହୋଇଥିଲା । ବିଦେଶୀ ରାଷ୍ଟ୍ରରୁ ଶିଶୁ ଚଳଚିତ୍ର କିଣି ତାହାକୁ ଭାରତୀୟ ଭାଷାରେ ରୂପାନ୍ତରିତକରିବା ସଙ୍ଗେ ସଙ୍ଗେ ନିଜ ଚେଷ୍ଟାରେ ଉତ୍କୃଷ୍ଟ ଚଳଚିତ୍ର ନିର୍ମାଣ କରିବା ଶିଶୁ ଚଳଚିତ୍ର ସମିତିର ଲକ୍ଷ୍ୟ ।

ଶିଶୁ ଚଳଚିତ୍ର ଉତ୍ସବ ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ସ୍ନେହ ଓ ସଦିଚ୍ଛା ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ସାଂସ୍କୃତିକ ଚେତନା ତଥା ଜାତୀୟ ସଂହତି ପ୍ରତିଷ୍ଠାରେ ସହାୟକ ହୋଇ ପାରିବ ।

---

ଷ୍ଟୋନିରୋଡ୍,
କଟକ-୭୫୩୦୦୨



ଶିଶୁ ଚଳଚ୍ଚିତ୍ର ଉତ୍ସବର ଝଲକ



film polski
ul. mazowiecka
00-048 warsaw
poland
FP

**THE YOUNG MAGICIAN**
**Cudowne dziecko**
*DIR. BY WALDEMAR DZIKI*

"ଚନ୍ଦ୍ରାନ"ଚଳଚ୍ଚିତ୍ରର କଳାକାରମାନେ ପଶୁ ଓ ପକ୍ଷୀ । ଉତ୍ତର ଜାପାନରେ ଅବସ୍ଥିତ ହୋକାଇଡ୍ରୋ ଠାରେ ୧୫ ବର୍ଷ ପୂର୍ବେ ମାଶାମେରୀ ହାତା ଗୋଟିଏ ଛୋଟିଆ ଚିଡ଼ିଆଖାନା ପ୍ରତିଷ୍ଠା କରିଥିଲେ । 'ଚନ୍ଦ୍ରାନ'ଏହି ଚିଡ଼ିଆଖାନାର ଗୋଟିଏ ବିଲେଇ । ତାର ଜନ୍ମଠାରୁ ପରିଣତ ବୟସ ପର୍ଯ୍ୟନ୍ତ ମାନସିକ, ଶାରୀରିକ ବିକାଶରଏକ ପୂର୍ଣ୍ଣାଙ୍ଗ କାହାଣୀ ଏହି ଚିତ୍ରରେ ସନ୍ନିବେଶିତ । ମାଶାମେରୀ ହାତାଙ୍କୁ ଏହି ଚିତ୍ର ନିର୍ମାଣକରିବାକୁ ୪ ବର୍ଷ ସମୟ ଲାଗିଥିଲା ।

ଚଳିତ ଉତ୍ସବରେ ପ୍ରତିଯୋଗିତା ବିଭାଗରେ ୧୧ଟି ଫିଚର ଫିଲମ ଓ ୧୪ଟି କ୍ଷୁଦ୍ର ଫିଲମ ଅଂଶ ଗ୍ରହଣ କରିଥିଲା । ୧୧ଟି ଫିଚର ଫିଲମ ମଧ୍ୟରୁ ୨ଟି ଭାରତୀୟ ଫିଲମ 'ସ୍ୱାମୀ' ଓ 'ରାଇନୋ'ର ନାମ ଉଲ୍ଲେଖନୀୟ । ବିଦେଶୀ ଫିଲମ ମଧ୍ୟରୁ ହୋଲଡିଂ ଅନ୍ଟୁ ଏୟାର', ଚେକୋସ୍ଲୋଭାକିଆର 'ହଜ୍ ଦି ଅର୍ଲି ବାର୍ଡ଼ କ୍ୟାଚ ଦି ଓ୍ୱାର୍ମ', ଅଷ୍ଟ୍ରିଆର 'ଜନାଥନା ଏଣ୍ଡ ଦି ଓ୍ୱାଚ୍', ଚୀନର 'ଦି ଅନ୍ ଓ୍ୱାର୍ମ', ଅଷ୍ଟ୍ରିଆର 'ଜନାଥନା ଏଣ୍ଡ ଦି ଓ୍ୱାଚ୍', ଡେନମାର୍କର 'ହଡ୍‌ଜା ଭେନ୍‌ଚର ଅଫ୍ ଏ ୟାବିଗିନ୍ ଫାନ୍‌ସିଅର, ଡେନମାର୍କର' ହଡ୍‌ଜା ଅଫ୍ ପ୍ୟୋର୍ଟ'ର ନାମ ଉଲ୍ଲେଖଯୋଗ୍ୟ ।

ଭାରତରେ ୧୯୮୬ରେ ବିଭିନ୍ନ ଭାଷାରେ ୮୪୦ଟି ଚଳଚ୍ଚିତ୍ର ନିର୍ମିତ ହୋଇଥିବା ସମୟରେ ମାତ୍ର ୩ଟି ଶିଶୁ ଚଳଚ୍ଚିତ୍ର ପ୍ରସ୍ତୁତ ହୋଇଛି । ଶିଶୁ ଚଳଚ୍ଚିତ୍ର ଗୁଡ଼ିକ କଟକର ୮ଟି ପ୍ରେକ୍ଷାଳୟ ଓ ଭୁବନେଶ୍ୱରର ୩ଟି ପ୍ରେକ୍ଷାଳୟରେ ୧୦ ଦିନ ବ୍ୟାପୀ ପ୍ରଦର୍ଶିତ ହୋଇଥିଲା । ବାଙ୍ଗାଲୋରରେ ୪ର୍ଥ ଆନ୍ତର୍ଜାତିକ ଶିଶୁ ଚଳଚ୍ଚିତ୍ର ଉତ୍ସବରେ ମାତ୍ର ୩୫ ହଜାର ଶିଶୁ ଦେଖିଥିବା ବେଳେ ଓଡ଼ିଶାରେ ଦେଢ଼ଲକ୍ଷ ଶିଶୁ ଚିତ୍ର ଦେଖିବାର ସୁଯୋଗ ପାଇଥିଲେ । ପ୍ରବଳ ଭିଡ଼ ହେତୁ ଅନେକ ଶିଶୁ ଏହି ଚିତ୍ର ଦେଖିବା ସମ୍ଭବପର ହୋଇନଥିଲା । ଏହି ଉତ୍ସବରେ ୨୬ ଲକ୍ଷ ଟଙ୍କା ବ୍ୟୟ ହୋଇଛି । ସବୁ ଦୃଷ୍ଟିରୁ ୫ମ ଆନ୍ତର୍ଜାତୀୟ ଶିଶୁ ଚଳଚ୍ଚିତ୍ର ଉତ୍ସବ ଓଡ଼ିଶାରେ ସଫଳ ହୋଇଛି ବୋଲି ସମିତିର ଅଧ୍ୟକ୍ଷ ଅମୋଲ ପାଲେକର ସ୍ୱୀକାର କରିଛନ୍ତି ।

ଭୁବନେଶ୍ୱର ପାନ୍ଥନିବାସରେ ସମସ୍ତ ଶିଶୁ ପ୍ରତିନିଧିମାନେ ରହିବା ଓ ଖାଇବା ବ୍ୟବସ୍ଥା ହୋଇଥିଲା । ବିଭିନ୍ନ ପ୍ରଦେଶରୁ ଯୋଗ ଦେଇଥିବା ଶିଶୁ ପ୍ରତିନିଧି ମାନଙ୍କୁ ଏକତ୍ର ଅବସ୍ଥାନ କରିବା ଦେଖିଲେ ମନେହେଉଥିଲା ଏହା ହିଁ ଏକ କ୍ଷୁଦ୍ର ଭାରତବର୍ଷ । ସେମାନଙ୍କର ଅକପଟ ସ୍ନେହ ଓ ବନ୍ଧୁତା ଏକ ଅବିସ୍ମରଣୀୟ ସ୍ମୃତି ହୋଇ ରହିବ ।

ବିଚାରକ ମଣ୍ଡଳୀରେ ସର୍ବଶ୍ରୀ ସତ୍ୟେନ ବୋଷ, ନୀରଦ ମହାପାତ୍ର (ଭାରତ), ଲିଟେ ପିଟରସ (ଜର୍ମାନ), ୟୁ ଲାନ (ଚୀନ), ଜ୍ୟାମି ମାନୁ ଡିଂଗୋ (କାଏରୋ), ନେଲା ଟମିକ୍ (ଚେକୋସ୍ଲୋଭାକିଆ) ବିପ୍ଳବ ରାୟ ଚୌଧୁରୀ (ଭାରତ) ଯୋଗ ଦେଇଥିଲେ । ସତ୍ୟେନ ବୋଷ କମିଟିର ଅଧ୍ୟକ୍ଷ ଓ ବିପ୍ଳବରାୟ ଚୌଧୁରୀ କମିଟିର ସଂପାଦକ ଥିଲେ ।

ଶିଶୁମାନଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏଗାର ଜଣ ସଭ୍ୟଙ୍କୁନେଇ ଶିଶୁ ବିଚାରକ କମିଟି ଗଠନ କରାଯାଇଥିଲା । ଏହି

ଶହୀଦଙ୍କ ପାଇଁ ଜନତା ମଧ୍ୟ ସେଦିନ ହୃଦୟର ପୁଷ୍ପାଞ୍ଜଳି ଅଜାଡ଼ି ଦିଅନ୍ତି । ସେମାନେ ହେଲେ ବାଜୁ ଓ ବିଶୁନି, ଗାଁ ଗହଳିର ଦୁଇଜଣ ଅନାମଧେୟ ମଣିଷ ଯେଉଁମାନେ ଜାତିର ମୁକ୍ତି ପାଇଁ ହସି ହସି ସେଦିନ ପ୍ରାଣବଳି ଦେଇଥିଲେ ।

ଦୁଃଖିନୀ କନିକା ରାଜ୍ୟର ଗୋଟିଏ ଗ୍ରାମ ବର୍ତ୍ତନୀ । ସେଠାର ଜଣେ ସାଧାରଣ ପ୍ରଜା ବିଶୁନି ମଲ୍ଲୁଆଳ । ସେ ଥିଲେ ପ୍ରଜା ଆନ୍ଦୋଳନର ଜଣେ ପ୍ରଧାନ ନେତା ଦୀନବନ୍ଧୁ ଖଣ୍ଡାୟତ ରାୟଙ୍କର ଏକାନ୍ତ ବିଶ୍ୱସ୍ତ । ଦୀନବନ୍ଧୁଙ୍କର ଗାଈ ମଇଁଷି ଯେଉଁମାନେ ପାଳୁଥିଲେ, ସେମାନଙ୍କୁ ସେ ହେପାଜତ କରୁଥିଲେ । ଏହାଛଡ଼ା ଆଉ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଦୀନବନ୍ଧୁ ବିଶୁନିଙ୍କୁ ଲଗାଉଥିଲେ । ପ୍ରଜାମଣ୍ଡଳର ନେତାମାନଙ୍କ ମଧ୍ୟରେ ସେ ଖବରାଚିଠି ସବୁ ଦିଆନିଆ କରୁଥିଲେ । ପ୍ରଜାମଣ୍ଡଳର ଯେତେ ଗୋପନ ବୈଠକ ବସୁଥିଲା, ସେଠି ଜଗୁଆଳି ଭାବରେ କାମ କରୁଥିଲେ ସେହି ବିଶୁନି ।

ବିଶୁନି ଏଇସବୁ କାମକରି ସେତେବେଳର ରାଜନୀତି, ସ୍ୱାଧୀନତା ଲଢ଼େଇର ଘଟଣାସବୁ ବୁଝିପାରୁଥିଲେ । ନେତା ଆଉ କର୍ମୀମାନଙ୍କର କଥାବାର୍ତ୍ତା, ଆଲୋଚନା ଆଉ ଯୁକ୍ତିତର୍କ ସବୁ ଶୁଣୁଥିଲେ । ସୁବିଧା ସୁଯୋଗ ଦେଖି ସେ ସେଥିରେ ଭାଗ ନେଉଥିଲେ । ଏସବୁଥିରୁ ସେ ଦେଶର ଅନେକ କଥା ଜାଣି ପାରୁଥିଲେ ।

ବିଶୁନି ଏକ ସୁସ୍ଥ ଯୁବକ । ଦେହରେ ଅଜାତ ବଳ । ଲଠି, ଖାଣ୍ଡି ଓ ମୁଦ୍‌ଗର ଚଳାଇବାରେ ସେ ଖୁବ୍ ଦକ୍ଷତା ଅର୍ଜନ କରିଥିଲେ । ଅମାପ ବଳ ଓ ସାହସ ଯୋଗୁଁ ସାତଖଣ୍ଡ ଗାଁରେ ତାଙ୍କର ନାଁ ଥିଲା ।

ସେତେବେଳେ କନିକା ଅଞ୍ଚଳର ଦୁଃଖ କାହାଣୀ ଗାଇଲେ ସରୁ ନଥିଲା । ବଢ଼ି ମରୁଡ଼ି ସାଥିକୁ ରାଜା ଜମିଦାରମାନଙ୍କ ଅତ୍ୟାଚାର ସୀମା ଟପିଥିଲା । ଜାତିୟ କବି ବାଞ୍ଛାନିଧି ମହାନ୍ତି ଲେଖିଥିଲେ "କେତେଦିନ ଆଉ ଦୁଃଖିନୀ କନିକା ଅନୀତି ଯାତନା ସହିବରେ" ।

କନିକାର କବି ଆନନ୍ଦ ଚନ୍ଦ୍ର ଜେନା "ଦୁଃଖିନୀ କନିକା" କବିତା ବହିଟି ଲେଖିଥିଲେ । ସେଥିରେ ସେ ଲୋକମାନଙ୍କର ଦୁଃଖ, କଷ୍ଟ ଓ ଅଭାବ ଅସୁବିଧା ଅତି ନିର୍ଭୟ ଓ ନିଖୁଣ ଭାବରେ ବର୍ଣ୍ଣନା କରିଥିଲେ । ସାରା ଦେଶରେ ଏହି ବହିଟି ସେତେବେଳେ ଚମକ ସୃଷ୍ଟି କରିଥିଲା । ଅତ୍ୟାଚାରୀ ଇଂରେଜ ସରକାର ସେହି ବହିଟିକୁ ବାଜ୍ୟାପ୍ତ କରିଥିଲେ ଆଉ କବି ଆନନ୍ଦଚନ୍ଦ୍ରଙ୍କୁ ନିଜ ରାଜ୍ୟରୁ ତଡ଼ିଦେଇଥିଲେ ।

କନିକାର ପ୍ରଜାମାନେ ତାଳୁଝାଳ ତଳିପାରେ ମାରି ଆଉ ନିଜ ଦେହରୁ ରକ୍ତ ନିଗାଡ଼ି ନିଜ ନିଜ କ୍ଷେତରେ ସୁନାର ଫସଲ ଫଳାଉଥିଲେ, ତାହା କେତେବେଳେ ବଢ଼ିରେ ତ କେତେବେଳେ ମରୁଡ଼ିରେ ଯାଉଥିଲା । ଚାଷୀମାନଙ୍କ ଘରେ କନ୍ଦା କନା ବୁଲି ଯାଉଥିଲେ ସୁଦ୍ଧା ଇଂରେଜ ସରକାରଙ୍କ ଖଜଣା ପଇଠ ନ କଲେ ଅବସ୍ଥା ଅସମ୍ଭାଳ ହେଉଥିଲା । ଏଥିପାଇଁ ରାଜା ଜମିଦାରଙ୍କ ଅତ୍ୟାଚାରରେ ଲୋକେ ହାହାକାର କରୁଥିଲେ ।

ଦୀନବନ୍ଧୁ ଖଣ୍ଡାୟତ ରାୟଙ୍କ ବଂଶ ବହୁଦିନ ଧରି କନିକା ରାଜାଙ୍କ ଖଜଣା ଆଦାୟ କରୁଥିଲେ । ତାକୁ ମୁସ୍ତାଗିରି କୁହାଯାଉଥିଲା । ଏଥିପାଇଁ ସେମାନେ ଖଜଣା ଆଦାୟ ଶତକଡ଼ା ଦଶ ବାରଟଙ୍କା କମିଶନ ପାଉଥିଲେ । କିନ୍ତୁ ଏମିତି ବଢ଼ି ମରୁଡ଼ିରେ ଲୋକମାନଙ୍କର ଦୁଃଖ କଷ୍ଟକୁ ସେମାନେ ନିଜ ଆଖିରେ ଦେଖିଥିଲେ, ନିଜ ଅଙ୍ଗେ ଲିଭୋଉଥିଲେ । ଖଜଣା ଦେବାର ଶକ୍ତି ନ ଥିଲେ ଲୋକମାନଙ୍କୁ ଖଜଣା ଛାଡ଼ ହେଉ ନ ଥିଲା । ମସ୍ତାମାନେ ନିର୍ଦ୍ଦିଷ୍ଟ ପରିମାଣର ଖଜଣା ପ୍ରତିବର୍ଷ ଦାଖଲ କରିବାକୁ ବାଧ୍ୟ ହେଉଥିଲେ । ତେଣୁ ରାଜା ଜମିଦାରଙ୍କ ବିରୁଦ୍ଧରେ ସେମାନଙ୍କର ରାଗ ରୋଷ ବଢ଼ି ଯାଉଥିଲା । ଲୋକମାନେ ଏଥିପାଇଁ ବିଦ୍ରୋହ କରୁଥିଲେ । ମୁସ୍ତାମାନେ ମଧ୍ୟ ଏଥିରେ ସମ୍ପୃକ୍ତ ହୋଇଯାଉଥିଲେ ।

ସେଥିଯୋଗୁ ୧୮୯୪ ମସିହାରେ ଜମିଜମା ବନ୍ଦୋବସ୍ତ କରାଯାଇ ଏହି ମୁସ୍ତାଗିରି ବ୍ୟବସ୍ଥା ଉଠାଇ ଦିଆଯାଇଥିଲା । କିନ୍ତୁ ଲୋକମାନଙ୍କ ଉପରେ ମୁସ୍ତାମାନଙ୍କ ପ୍ରଭାବ ଅତୁଟ ଥିଲା । ବରଂ ସେମାନେ ପ୍ରଜା ମେଳିରେ ନେତା ସାଜୁଥିଲେ । କନିକାରେ ୧୯୦୪ ଓ ୧୯୦୬ ମସିହାରେ ଦୁଇଥର ଏମିତି ପ୍ରଜାମେଳି ହୋଇଥିଲା ଆଉ ଦୀନବନ୍ଧୁ ତାର ନେତୃତ୍ୱ ନେଇଥିଲେ । ଇଂରେଜ ସରକାରଙ୍କ ଦ୍ୱାରା ଏଥିରେ ଦୀନବନ୍ଧୁଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା ।

୧୯୧୬–୧୯୧୭ ମସିହା ବେଳକୁ କନିକା ରାଜ୍ୟରେ ନାନା ପ୍ରକାର କର ସାଥିକୁ ଅତ୍ୟଧିକ ଖଜଣା ବୃଦ୍ଧି ଲୋକଙ୍କ ଉପରେ ନଳିତାବିଡ଼ା ପରି ହେଲା । ପୁଣି ସରକାରୀ ବନ୍ଦୋବସ୍ତ ବଦଳରେ ଘରୋଇ ବନ୍ଦୋବସ୍ତ କରିବା ପାଇଁ ହୁକୁମ ଆସିଲା । ସେଥିରେ ମନମୁଖୀ ଭାବରେ ଖଜଣା ବଢ଼ାଇ ଲୋକମାନଙ୍କୁ ହଇରାଣ ହରକତ କରିବାର ଉପହେଲା । ପ୍ରଜାମାନଙ୍କ ମଧ୍ୟରେ ପ୍ରବଳ ଅଶାନ୍ତି ଅସନ୍ତୋଷ ସୃଷ୍ଟି ହେଲା । ମେଳି ଆରମ୍ଭ ହୋଇଗଲା । ଦୀନବନ୍ଧୁଙ୍କ ଉପରେ ଏହି ବିଦ୍ରୋହର ପରିଚାଳନା କରିବାର ଦାୟିତ୍ୱ ପଡ଼ିଲା । ବିଶୁନି ମୂଳରୁ ଏଥିରେ ମିଶିରହି ସବୁକଥା ଜାଣିଥିଲା ଆଉ ନିଜଦ୍ୱାରା ଯାହା ସମ୍ଭବ ସବୁ କରିଥିଲା ।

କନିକାର ଆଉ ଗୋଟିଏ ଗାଁ ତେନ୍ତୁଳିକୋଳି । ବାଜୁସେଠୀ ସେଠାର ଜଣେ ଗରିବ ପ୍ରଜା । ଲୋକଙ୍କ ଲୁଗା ସଫା କରିବା ତାର କୁଳବେଉସା । ହେଲେ ଦେଶର ମୁକ୍ତିପାଇଁ ତାଙ୍କର କି ନିଶା । ବିଦେଶୀକୁ ନିଜ ଦେଶରୁ ତଡ଼ିବା ପାଇଁ କି ଝୁଙ୍କ୍ ।

ବାଜୁ ଯେମିତି ଦେହରେ ଟାଣୁଆ, ସେମିତି ମନରେ ଆଗୁଆ । ତାଙ୍କର ସାହାସ ଓ ଖୋଲାକଥା ଆଖପାଖ ଗାଁ ଗଣ୍ଡାରେ ସମସ୍ତେ ଜାଣିଥିଲେ । ସେ ପିଲାଦିନୁ ଲଠି ଓ ଖାଣ୍ଡି ଚଳାଇବାରେ ଖୁବ୍ ପାରଗ ଥିଲେ । ଗାଁ ଗହଳରେ ଯୁବକମାନଙ୍କୁ ମେଳାଇ ଲଠିଖେଳ ଶିଖାଉ ଥିଲେ । ଗାଁ ଲୋକମାନଙ୍କ ଲୁଗାକାଚି ଆଉ କାଠ ଚିରି ପେଟ ପୋଷୁଥିଲେ । ସେଥିରେ ପୁଣି ରାଜା ଜମିଦାରମାନଙ୍କ ପାଇଁ ବେଠି ବେଗାରି ଆଉ ମାଗଣ । ହାକିମମାନଙ୍କର ପିଆଦା ଆଉ ଚୌକିଦାର କାମ ! ଏସବୁ ଥିଲା ଉଙ୍ଗାଘରେ ବିଦିନ ଚୁଣିଆ ବା ମାଉନା ମୁଁ ମଲିଣି ପରି ।

୧୯୦୪ ମସିହାର କଥା । ପ୍ରଜା ମେଳିରେ ଭାଗନେଇ ବାଜୁଙ୍କର ପିତା ମାଡ଼ଖାଇ ଲେଙ୍ଗଡ଼ା ହୋଇଯାଇଥିଲେ ।

# ଦୁଃଖମୟ କନିକାର ଶହୀଦ ବାସୁ ଓ ବିଷ୍ଣୁମ

ଡକ୍ଟର ଜଗନ୍ନାଥ ମହାନ୍ତି

ବହୁବର୍ଷ ତଳର କଥା । କନିକା ରାଜ୍ୟରେ ପଡ଼ିଲା ଭୟଙ୍କର ଦୁର୍ଭିକ୍ଷ । ଲୋକେ ଖାଇବାକୁ ନପାଇ ପୋକମାଛି ପରି ମଲେ । ରାଜକନିକାଠାରୁ ପୂର୍ବ ଦିଗରେ ବର୍ଣ୍ଣନୀ ଗାଁ । ତାର ଦକ୍ଷିଣ ଦିଗରେ ଦେଢ଼ କିଲୋମିଟର ଦୂରରେ ଯୋରଜ-ମେଘପୁର ଗାଁ । ଏଇ ଦୁଇ ଗାଁର ମଧ୍ୟ ସ୍ଥଳରେ ଚାରି ଏକର ଜମି ଉପରେ ଯେଉଁ ପୋଖରୀଟି ଏବେ ରହିଛି, ସେତେବେଳେ ତାହା ନଥିଲା ।

ସେଇ ଅଞ୍ଚଳର ଜଣେ ଖୁବ୍ ଧନୀ ଲୋକ ହେଉଛନ୍ତି ବେଦର୍ଣ୍ଣା । ସେ ଲୋକମାନଙ୍କ ଦୁଃଖ କଷ୍ଟ ଦେଖି ଠିକ୍ କଲେ—ଯଦି ସେ ଅନ୍ନଛତ୍ର ଦେବେ ବା ମାଗଣାରେ ଖାଦ୍ୟ ବାଣ୍ଟିବେ, ଲୋକେ ଲଜ୍ଜିତ ଭୟରେ ତାହା ନେବେନାହିଁ, ମରିବେ ପଛେ । ତେଣୁ ସେଠାରେ ଗୋଟିଏ ପୋଖରୀ ଖୋଳାଇବେ । ଯେଉଁମାନେ ଏଥିରେ କାମ କରିବେ, ସେମାନେ ତାଙ୍କଠାରୁ ଖାଦ୍ୟଶସ୍ୟ ନେବେ ।

ସେଇକଥା ହେଲା । ଦୁର୍ଭିକ୍ଷ ପୀଡ଼ିତ ଲୋକମାନେ ଚାରି ଏକର ଜମିରେ ମାଟି ଖୋଳିଲେ । ସେଥିପାଇଁ ସେମାନେ ଆନନ୍ଦରେ ବେଦର୍ଣ୍ଣାଙ୍କଠାରୁ ଖାଦ୍ୟଶସ୍ୟ ନେଲେ । ଲୋକମାନେ ଦୁର୍ଭିକ୍ଷ ଦାଉରୁ ରକ୍ଷା ପାଇଲେ ଆଉ ସେହି ଅଞ୍ଚଳରେ ଏକ ପ୍ରକାଣ୍ଡ ପୁଷ୍କରିଣୀ ହୋଇପାରିଲା । ଅଞ୍ଚଳଟିର ଜଳ କଷ୍ଟ ଦୂରହେଲା । କେତେଖଣ୍ଡ ଗାଁର ଲୋକେ ନିତ୍ୟକର୍ମଠାରୁ ଚାଷଜମିରେ ପାଣି ମଡ଼ାଇବା ଯାଏ ବହୁ କାମରେ ଏଥିରୁ ଉପକାର ପାଇଲେ ।

କଥା ଅଛି, ପୋଖରୀ ଖୋଳା ସରିଲା । ବେଦର୍ଣ୍ଣା ପୋଖରୀ ପ୍ରତିଷ୍ଠା କଲେ । ସେଦିନ ସେ ଏକ ପଂକ୍ତି ଭୋଜନର ଆୟୋଜନ କଲେ । ହଜାର ହଜାର ଲୋକ ଖାଇଲେ । ସଭିଁରି ମନରେ ଆନନ୍ଦର ଜୁଆର । ଖାଇ ସାରି ସମସ୍ତେ ଏକ ସ୍ୱରରେ କହିଉଠିଲେ—ହରିବୋଲ ବେଦର୍ଣ୍ଣାର ଜୟ ହେଉ ।

ଏହି ସମୟରେ ବେଦର୍ଣ୍ଣା ପହଞ୍ଚିଗଲେ । କାନ୍ଧରେ ଧଳା ଚଦରଟିଏ ପକାଇଥିଲେ । ଦୁଇ ହାତରେ ତାକୁ ମୁଠାଇ ଧରି କହିଲେ—ଭାଇମାନେ, ହରିବୋଲ କରନ୍ତୁ । ଭଲହେଲା । କିନ୍ତୁ କହନ୍ତୁ, ବେଦର୍ଣ୍ଣା ବଂଶରେ ଯେମିତି ଆଉ କେହି ନରହନ୍ତୁ ଯେଉଁ ଏ ପୋଖରୀକୁ ତାର ବୋଲି ଦାବି କରିବ ।

ଏହିକଥା ଶୁଣି ସମସ୍ତେ ଚମକି ପଡ଼ିଲେ । କେତେ ମଙ୍ଗଳ କଥାଟାରେ ବେଦର୍ଣ୍ଣା ଆଜି ଏଡ଼େ ବଡ଼ ଅମଙ୍ଗଳିଆ କଥାଟିଏ କହିଦେଲେ । ଏଭଳି ଅଶୁଭ ଘରବୁଡ଼ା କଥା କିଏ କହିବ ? ଏଥିରେ କେହି ରାଜି ହେଲେ ନାହିଁ । ହେଲେ ବେଦର୍ଣ୍ଣା ଦୁଇହାତ ଯୋଡ଼ି ସେଇକଥା ଗୁହାରି କରୁଛନ୍ତି ।

ଜନତାଙ୍କ ଆଖିରେ ଲୁହ ଜକାଇ ଆସିଲା । ସମସ୍ତେ ଅନିଚ୍ଛା ସତ୍ତ୍ୱେ କହି ଉଠିଲେ—ହରିବୋଲ । ବେଦର୍ଣ୍ଣାଙ୍କ ଇଚ୍ଛା ପୂରଣ ହେଲା ।

ସତକୁ ସତ ବେଦର୍ଣ୍ଣାଙ୍କର ବଂଶ ବୁଡ଼ିଗଲା କି ନାହିଁ ଆଉ ପରେ ପୋଖରୀର ମାଲିକାନା କେହି ଦାବୀ କଲେ କି ନାହିଁ, ଏବେ କାହାକୁ ଜଣାନାହିଁ । ହେଲେ ସେଇ ଅଞ୍ଚଳ ଗୋଟାକରେ "ବେଦର୍ଣ୍ଣା ପୋଖରୀ" ବୋଲି ନାଁ ପଡ଼ିଲା ।

ତାପରେ କେତେ କଷ୍ଟ କଟିଗଲା କିଏ କହିବ ? ୧୯୨୨ ମସିହା ଏପ୍ରିଲ ମାସ ୨୩ ତାରିଖ । ସେହି ବେଦର୍ଣ୍ଣା ପୋଖରୀ କୂଳରେ ସ୍ୱାଧୀନତା ସଂଗ୍ରାମର ଯେଉଁ ଘଟଣାଟି ଘଟିଗଲା, ତାହା ତାକୁ ଏକ ତୀର୍ଥ କ୍ଷେତ୍ରରେ ପରିଣତ କରିଦେଲା । ସେହି ତୀର୍ଥ କୌଣସି ଧର୍ମର ନୁହେଁ, ତାହା ମୁକ୍ତିର । ତାହା କେଉଁ ଗୋଟିଏ ସଂପ୍ରଦାୟର ନୁହେଁ, ତାହା ସାରା ଦେଶର । ତାହା ଆଜି ବେଦର୍ଣ୍ଣା ଶହୀଦ ସରୋବର ନାମରେ ବିଖ୍ୟାତ ହୋଇଛି ।

ପ୍ରତିବର୍ଷ ସେଦିନ ଅସୁମାରି ଜନସାଧାରଣ ସେହି ପୋଖରୀ ତୁଠରେ ଜମା ହୁଅନ୍ତି । ବେଦର୍ଣ୍ଣାଙ୍କ ଉଦ୍ଦେଶ୍ୟରେ ଭକ୍ତି ଅର୍ଘ୍ୟ ଦିଅନ୍ତି ଆଉ ତିଳ-ତର୍ପଣ କରନ୍ତି । ଜାତୀୟ ପତାକାକୁ ଫରଫର ଉଡ଼ାନ୍ତି । ରାମଧୁନ୍ କରନ୍ତି । ଗାଁକୁ ଗାଁ ପଦୁଆର ସ୍ୱରେ । ସୁ ତିଗଲା ଅନୁଷ୍ଠିତ ହୁଏ । ହେଲେ ଆଉ କୁରଙ୍ଗ

ଏହିପରି ବିଶୁ ଓ ବାସୁ ହସି ହସି ଜାତିର ମୁକ୍ତି ପାଇଁ ନିଜକୁ ବଳିଦେଲେ । ଫିରିଙ୍ଗି ଶାସନର ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉଠାଇ ନିଜର ରକ୍ତକୁ ଢାଳି ଦେଲେ । ବାସୁ ଓ ବିଶୁନି ଗୋଟିଏ ଅବହେଳିତ ଆଉ ଅତ୍ୟାଚାରିତ ଅଞ୍ଚଳର ଦୁଇଜଣ ସାଧାରଣ ଲୋକ । ସମାଜର ତଳସ୍ତରରୁ ସେମାନେ ଜାତିର ଦୁଃଖ ଦୂର କରିବାକୁ ଆଗେଇ ଆସିଥିଲେ । ଭିନ୍ନଭିନ୍ନ ଅବସ୍ଥାରେ ସେଦୁହେଁ ଏଥିପାଇଁ ଉତ୍ସାହିତ ଓ ଅନୁପ୍ରାଣିତ ହୋଇଥିଲେ । ହେଲେ, ସେମାନଙ୍କର ଲକ୍ଷ୍ୟ ଥିଲା ଏକ, ଆଦର୍ଶ ଥିଲା ଏକ । ତାହା ହେଲା ଅତ୍ୟାଚାର ବିରୁଦ୍ଧରେ ଆନ୍ଦୋଳନ କରିବା ଆଉ ନିଜ ମାଟି ମାଆକୁ ଫିରିଙ୍ଗି ସରକାରଙ୍କ ବେଡ଼ି ବନ୍ଧନରୁ ମୁକ୍ତ କରିବା । ସେହି ଲକ୍ଷ୍ୟରେ ସେମାନେ ଏକାଠି ହୋଇଥିଲେ, ନିଜକୁ ବଳି ଦେଇଥିଲେ ଆଉ ସାରା ଦେଶ, ସାରା ଜାତିକୁ ଏଇ ଲକ୍ଷ୍ୟ ପଥରେ ଆଗେଇ ନେବାରେ ନୂଆବଳ, ନୂଆ ଉତ୍ସାହ ଓ ନୂଆ ସାହସ ଯୋଗାଇ ଦେଇଥିଲେ ।

ଶୁଣାଯାଏ, ବିଶୁନି ସେଦିନ ବେବର୍ତ୍ତା ପୋଖରୀ କୂଳକୁ ଯିବା ଆଗରୁ ଦୁଇ ପୁଅ ନରି ଓ ଯୋଗୀଙ୍କୁ କୋଳ କରି ଦେଇ ସ୍ତ୍ରୀଙ୍କୁ କହିଥିଲେ—ଆଜି ମଲେ, ଖାଲି ସ୍ୱର୍ଗ ମିଳିବନି, ସ୍ୱରାଜ୍ୟ ବି ମିଳିପାରିବ । ତୁ କାନ୍ଦିବୁନି, ପର ଘୁହାଳ ସଫା କରି ଘର ଚଳିବୁ ।

ସେ ସ୍ୱର୍ଗ ଲଭ କଲେକି ନାହିଁ କେହି ଠିକ୍ କରି କହିପାରିବ ନାହିଁ । ହେଲେ ଆମେ ଯେ ସ୍ୱରାଜ୍ୟ ପାଇଲୁ ଏଥିରେ ଆଉ ସନ୍ଦେହ ନାହିଁ ।

SCERT. ଭୁବନେଶ୍ୱର—୧

•• "ବର୍ଣ୍ଣବ୍ୟବସ୍ଥା ଆବିଷ୍କୃତ ହେଲାବେଳେ ସେଥିରେ ଉଚ୍ଚନୀଚ ଭାବନା ନଥିଲା ବୋଲି ମୋର ମନେହୁଏ । ଏ ସଂପର୍କରେ କେହି ଉଚ୍ଚ ନୁହନ୍ତି କି କେହି ନୀଚ ନୁହନ୍ତି । ସେଥି ପାଇଁ ଯେ ନିଜକୁ ଉଚ୍ଚ ମନେ କରୁଛି ସେ କଦାପି ଉଚ୍ଚ ନ ହୋଇପାରେ । ଯେ ନିଜକୁ ନୀଚ ମନେକରୁଛି, ସେ ତା'ର ଅଜ୍ଞାନତା ଦୋଷରୁ ସେପରି ଭାବୁଛି । ନିଜକୁ ନୀଚ ମନେ କରିବାକଥା, ଉଚ୍ଚ ହେବାର ସୁଖ ଭୋଗ କରୁଥିବା ଲୋକେ ତାହାକୁ ଶିଖାଇଛନ୍ତି । ବ୍ରାହ୍ମଣଠାରେ ଜ୍ଞାନଥିଲେ, ଜ୍ଞାନ ହୀନ ନିଶ୍ଚୟ ତାକୁ ସମ୍ମାନ କରିବ । ଯେଉଁ ବ୍ରାହ୍ମଣ ଏହି ସମ୍ମାନ ଯୋଗୁ ଅହଂକାରୀ ହୋଇଯିବ କିମ୍ବା ନିଜକୁ ଉଚ୍ଚ ମନେକରିବ, ସେ ସେହି ମୁହୂର୍ତ୍ତରୁ ଆଉ ବ୍ରାହ୍ମଣ ହୋଇ ରହିବ ନାହିଁ । ଗୁଣର ପୂଜା ଚିରଦିନ ହେବ । ମାତ୍ର ଗୁଣବାନ ବ୍ୟକ୍ତି ଯେଉଁ ଦିନଠାରୁ ନିଜକୁ ଅନ୍ୟଠାରୁ ଉଚ୍ଚମନେ କରିବ, ସେହି ଦିନଠାରୁ ତା'ର ସବୁଗୁଣ ଅକାରଣ ହୋଇଯିବ । ଏହି ବର୍ଣ୍ଣ ବ୍ୟବସ୍ଥା ଯାହା ହୋଇଥାଉ ବା ନ ହୋଇଥାଉ, ବର୍ତ୍ତମାନ କେହି ନିଜକୁ ଉଚ୍ଚ ବୋଲାଇ ଏ ସମାଜରେ ଜୀବନ ନିର୍ବାହ କରିପାରିବ ନାହିଁ । ତାହାର ଏ ଦାବୀ ସ୍ୱେଚ୍ଛାରେ ସମାଜ ମାନିନେବ ନାହିଁ । ଜୋର ଜବରଦସ୍ତି ଦ୍ୱାରା ସେ ମୁଣ୍ଡ ନୁଆଁଇ ଦେଇପାରେ, ମାତ୍ର ଦୁନିଆରେ ଯେଉଁ ଜାଗରଣ ଆସିଛି ସେଥିରେ ସ୍ୱେଚ୍ଛାସ୍ୱର ବହୁ ପରିମାଣରେ ଦେଖାଦେଇଥିଲେହେଁ ଲୋକମତ ଉଚ୍ଚନୀଚ ଭେଦଭାବକୁ ସହ୍ୟ କରିବାକୁ ଆଉ ପ୍ରସ୍ତୁତ ନୁହନ୍ତି ।"

- ଗାନ୍ଧିଜୀ

କାମ ଦାମ ନ କରିପାରି ଘୁଷୁଡ଼ି ଘୁଷୁଡ଼ି ମରିଥିଲେ । ହେଲେ ସେ ଅତ୍ୟାଚାର ପାଖରେ ମୁଣ୍ଡ ନୁଆଁଇ ନ ଥିଲେ । ଯେମିତି ବାପାକୁ ସେମିତି ପୁଅ ।

ତାଙ୍କ ମନ ଭିତରେ ଦୁହୁଦୁହୁ ହୋଇ ଜଳୁଥିବା ଦେଶ ପ୍ରେମର ନିଆଁକୁ ଖୁବ୍ ଜୋରରେ ଜଳାଇଦେଲେ "ଦୁଃଖିନୀ କନିକା"ର କବି ଆନନ୍ଦଚନ୍ଦ୍ର ଜେନା । ବାସୁଙ୍କର ପଡ଼ିଶା ଗାଁ ମେଘପୁର ବିଦ୍ୟାଳୟରେ ସେ ଥିଲେ ଜଣେ ଶିକ୍ଷକ । ତାଙ୍କର ଗୀତ କନିକାର ଲୋକମାନଙ୍କୁ ମତାଇ ଚତାଇ ଦେଇଥିଲା । ବାସୁତ ସହଜରେ ନିଆଁ । ସେ ବା କେଉଁଠି ଥୟ ହୋଇ ରହୁଛନ୍ତି ।

ମେଘପୁର ଗାଁ ଥିଲା ସେଠିକାର ଖଟଣି ଗାଁ । ସେ ଅନେକ ସମୟରେ ସେଠାରୁ ମଇଳା ଲୁଗାପଟା ଆଣିବାକୁ ଯାଉଥିଲେ । ସେଇ ଗାଁର ଶିକ୍ଷକ ଆନନ୍ଦଚନ୍ଦ୍ରଙ୍କଠାରୁ ସେ ମନଛୁଆଁ ଗୀତ ଶୁଣୁଥିଲେ । ସେ ଏଇଗୀତ ଶୁଣିଲାବେଳେ ଭୋକ ଶୋଷ ଭୁଲି ଯାଉଥିଲେ । ଜେନାଙ୍କର "ଦୁଃଖିନୀ କନିକା" ବହି ଛପା ହେବା ଆଗରୁ ସେଥିରେ ଥିବା ଅଧିକାଂଶ ଗୀତ ବାସୁଙ୍କର ମୁଖସ୍ଥ ହୋଇଯାଇଥିଲା ।

୧୯୨୨ ମସିହା ବେଳକୁ କନିକାରେ ପ୍ରଜାମେଳି ଖୁବ୍ ଜୋର ସୋରରେ ଆରମ୍ଭ ହୋଇଗଲା । ବଢ଼ି ମରୁଡ଼ିରେ ସଢ଼ୁଥିବା ଲୋକମାନଙ୍କଠାରୁ ଅଧିକ ଖଜଣା ଆଦାୟ କରାଯିବାରୁ କନିକା ରାଜା ରାଜେନ୍ଦ୍ରଙ୍କ ବିରୁଦ୍ଧରେ ପ୍ରଜାମାନଙ୍କର ପ୍ରବଳ ଅସନ୍ତୋଷ । ଗାଁଏଁ ଗାଁଏଁ ପ୍ରଜାମାନଙ୍କର ମେଳିହେଲା । ଅତ୍ୟାଚାରର ପ୍ରତିବାଦ କରାଗଲା । ପ୍ରଜାମାନଙ୍କର ମେଳିକୁ କଟକଜିଲ୍ଲା କଂଗ୍ରେସ କମିଟି ଜାତୀୟ ଅସହଯୋଗ ଆନ୍ଦୋଳନର ଏକ ଅଂଶ ଭାବରେ ଗ୍ରହଣ କରିନେଲେ । କଂଗ୍ରେସ ନେତା ଆଉ କର୍ମୀମାନେ ବହୁ ସଂଖ୍ୟାରେ ପ୍ରଜାମାନଙ୍କୁ ଆନ୍ଦୋଳନରେ ଯୋଗ ଦେବାକୁ ରାଜ୍ୟର ସଦର ମହକୁମା ରାଜକନିକାଠାରେ ପହଞ୍ଚିଲେ ।

କଟକ ଚାନ୍ଦବାଲି ରାସ୍ତାକଡ଼ରେ କଣ୍ଡାପଡ଼ା ବଜାର । ସେଠାରେ କଂଗ୍ରେସ ଅଫିସ ସ୍ୱରାଜ୍ୟ ଆଶ୍ରମ" ଖୋଲାଗଲା । ବଳ କଂଗ୍ରେସ କର୍ମୀମାନେ ଗାଁ ଗାଁ ବୁଲି ଲୋକମାନଙ୍କୁ ସାହାସ ଦେଲେ ଆଉ କଂଗ୍ରେସ ସଭ୍ୟ ସଂଗ୍ରହ କଲେ । ଗାଁ ଗାଁରେ ଅରଟ ଚାଲିଲା, ସୁଁ ସୁଁ । ମଧୁସୂଦନ ପଟ୍ଟନାୟକ କନିକା ପ୍ରଜା ଆନ୍ଦୋଳନର ଖାସ ଦାୟିତ୍ୱରେ ରହିଲେ । ଏହା ଫଳରେ ଜମିଦାରଙ୍କ ବିରୁଦ୍ଧରେ ସାରା ଭାରତରେ ଚାଲିଥିବା ଅସହଯୋଗ ଆନ୍ଦୋଳନରେ ପରିଣତ ହେଲା । ରାଜ୍ୟ ଓ ଜାତୀୟ ସ୍ତରରେ କଂଗ୍ରେସ ନେତାମାନେ ଅନେକ ସମୟରେ କନିକାକୁ ଯାଇ ପ୍ରଜାମଣ୍ଡଳର କାର୍ଯ୍ୟ ତତ୍ପର କଲେ । ଆଉ ଲୋକମାନଙ୍କୁ ସବୁ ପ୍ରକାର ହିମତ୍ ଯୋଗାଇଲେ ।

ଏହା ଫଳରେ କନିକାର ପ୍ରଜାମଣ୍ଡଳ କର୍ମୀମାନଙ୍କ ମଧ୍ୟରେ ଖୁବ୍ ଉତ୍ସାହ ଉଦ୍ଦୀପନା ଜାତ ହେଲା । ଏଣେ କନିକା ରାଜା ପ୍ରଜାମେଳିକୁ ଦମନ କରିବା ପାଇଁ ନିଜର ଟାଣପଣ ଦେଖାଇଲେ । ଇଂରେଜ ସରକାରଙ୍କ ତୋଷକରା ଥିବାରୁ ତାଙ୍କୁ ସବୁ ପ୍ରକାର ସାହାଯ୍ୟ ସହଯୋଗ ମଧ୍ୟ ମିଳିଲା । ସେ କଳେ ବଳେ କୌଶଳେ ଲୋକମାନଙ୍କ ଆନ୍ଦୋଳନକୁ ଦମନ କରିବାରେ ଲାଗିପଡ଼ିଲେ ।

୧୯୨୨ ଏପ୍ରିଲ ୨୩ ତାରିଖ । କନିକା ପ୍ରଜା ଆନ୍ଦୋଳନର ମୂଳ କାରଣ ଜାଣିବାକୁ କମିଶନର ସାହେବ ନିଜେ ଗଲେ । ସେ ଶାନ୍ତିପୂର୍ଣ୍ଣ ଓ ସହଯୋଗମୂଳକ ନୀତିରେ ଏହି ଅନୁସନ୍ଧାନ କାର୍ଯ୍ୟ କରିଥିଲେ, ଲୋକମାନେ ସେମାନଙ୍କର ଦୁଃଖଦୁର୍ଦ୍ଦଶା ଓ ଅଭାବ ଅସୁବିଧା ଖୋଲା ଖୋଲି ଭାବରେ କହି ପାରିଥାନ୍ତେ । କିନ୍ତୁ କମିଶନର ସାହେବ ଅସ୍ତ୍ରଶସ୍ତ୍ରଧାରି ଫଉଜକୁ ଧରି କନିକାର ଲୋକମାନଙ୍କ କଥା ବୁଝିବାକୁ ଗଲେ । ଫଳରେ ଅବସ୍ଥାର ଉନ୍ନତି ବଦଳରେ ଅବନତି ହେଲା । ଲୋକମାନେ ଆହୁରି ବିଦ୍ରୋହୀ ହୋଇ ଉଠିଲେ ।

ପ୍ରଜାମାନେ ଶହଶହ ହଜାରହଜାର ସଂଖ୍ୟାରେ ସାହେବଙ୍କୁ ଗୁହାରି ଶୁଣାଇବାକୁ ଏକଜୁଟ ହେଲେ । ସେମାନଙ୍କର ସବୁ ଅଭାବ ଅଭିଯୋଗ ଜଣାଇ ଗୋଟିଏ ଦାବୀପତ୍ର ମଧ୍ୟ ଲେଖାଗଲା । କିନ୍ତୁ ଏତେ ସଂଖ୍ୟାରେ ବିଦ୍ରୋହୀ ପ୍ରଜାମାନଙ୍କୁ ଦେଖି କମିଶନର ସାହେବ ଓ ତାଙ୍କ ପାଖ ଲୋକଙ୍କର ଧାରଣା ହେଲା ଯେ ଜନସାଧାରଣ ତାଙ୍କୁ ଚଢ଼ାଉ କରିବା ପାଇଁ ଧାଇଁ ଆସିଛନ୍ତି । ତେଣୁ ମେଘପୁର, ଯୋଉଳ ଗ୍ରାମ ମଧ୍ୟବର୍ତ୍ତୀ ଦେବର୍ଷି ପୋଖରୀ ହୁଡ଼ା ଉପରେ ଯେତେବେଳେ ସାହେବ ପହଞ୍ଚିଲେ ହଜାର ହଜାର କନିକା ପ୍ରଜା ସେଠାରେ ଜମିଗଲେ ।

ଗୋଟିଏ ପଟେ ଇଂରେଜ ସରକାରଙ୍କ ଫଉଜ ଓ କନିକା ରାଜାଙ୍କର ଗୁଣ୍ଡାଦଳ ଗୁଳିଗୁଳା ବନ୍ଧୁକ ଆଦି ନାନା ପ୍ରକାର ଅସ୍ତ୍ର ଶସ୍ତ୍ର ଧରିରହିଲେ । ଆଉ ଅନ୍ୟପକ୍ଷରେ ହଜାର ହଜାର କନିକା ପ୍ରଜା ଠେଙ୍ଗା ଓ ଦାଟୁଲିଖଡ଼ା ଧରି ଜମା ହୋଇଗଲେ । ହଠାତ୍ ଇଂରେଜ ଫଉଜ ଜନତାଙ୍କ ଉପରେ ଲଠିମାଡ଼ ଆରମ୍ଭ କରିଦେଲେ । ଏଥିରେ କି ବିଶ୍ୱନି ମହୁଆଳ ଥୟ ଧରନ୍ତି ? ଖଣ୍ଡେ ଲମ୍ବା ବାଉଁଶ ଠେଙ୍ଗା ଧରି ବାଡ଼ିଖେଳ ଆରମ୍ଭ କରିଦେଲେ । ପୋଲିସର ଲଠିସବୁ ବିଶ୍ୱନିଙ୍କ ଠେଙ୍ଗା ପାଖରେ ହାର ମାନିଲା । ବାସୁ ସେଠୀ ମଧ୍ୟ ତାଙ୍କ ଠେଙ୍ଗାଧରି ସବା ଆଗକୁ ଡେଇଁ ପଡ଼ିଲେ । ସେ ବିଜୁଳି ବେଗରେ ଠେଙ୍ଗା ବୁଲାଇ ବହୁ ପୋଲିସ ଫଉଜକୁ ମାଡ଼ ଦେଲେ । ସେମାଙ୍କ ପଛକୁ ନରହରି ଦାସ ଭୂତି ନାୟକ, ଅଗଣି ରାଉତ ପ୍ରଭୃତି ଆଗେଇ ଆସିଲେ ।

ଇଂରେଜ ସରକାରଙ୍କ ଫଉଜ ଓ କନିକା ରାଜାଙ୍କ ପୋଲିସମାନଙ୍କ ମଧ୍ୟରୁ ବହୁତ ଠେଙ୍ଗା ମାଡ଼ରେ ଆହତ ହୋଇ ତଳେ ପଡ଼ିଲେ । ଏଥିରେ କି ସାହେବ ଆଉ ଧୈର୍ଯ୍ୟ ଧରେ । ? ସେ ଗୁଳି ଚଳାଇବାକୁ ହୁକୁମ ଦେଲା । ତା ପରେ ଗୁଳିବର୍ଷା ହେଲା ଗୁଡୁମ୍, ଗୁଡୁମ୍, ଗୁଡୁମ୍, ଗୁଡୁମ୍ । ପ୍ରଥମେ ବାସୁ ଓ ବିଶ୍ୱନି ସେଥିରେ ଟଳି ପଡ଼ିଲେ, ଶେଷ ନିଶ୍ୱାସ ତ୍ୟାଗ କଲେ । ବହୁ ସଂଖ୍ୟାରେ କନିକା ଜନତା ମଧ୍ୟ ମୃତାହତ ହେଲେ ।

ତା ପରେ ଚାଲିଲା ଇଂରେଜ ଫଉଜର ଅସ୍ତ୍ର ରାଜୁତି । ଅକ୍ଷିବୁଜି ସେମାନେ ନିରୀହ ଲୋକମାନଙ୍କ ଉପରେ ଅତ୍ୟାଚାର କରି ଚାଲିଲେ । ଲକ୍ଷଲକ୍ଷ ଟଙ୍କାର ଧନ ସଂପତ୍ତି ଲୁଟପାଟ କରି ନେଲେ । ମନ ଇଚ୍ଛା ଯାହାକୁ ପାଇଲେ, ବାନ୍ଧି ନେଲେ । ବିନା ବିଚାରରେ ବହୁଦିନ ଧରି ଥାନାରେ ଅଟକ ରଖିଲେ । ଦୁଃଖିନୀ କନିକାର ଦୁଃଖ କାହାଣି ଗାଇଲେ ସରିବ ନାହିଁ ।

ସଙ୍ଗେ ଶିବିର କ୍ଷେତ୍ରରେ ନ୍ୟାୟ ଓ ନିଷ୍ପତ୍ତି କରିବେ । ଏହାହିଁ ଜନକଲ୍ୟାଣ ଶିବିରର ଲକ୍ଷ୍ୟ ।

ବର୍ତ୍ତମାନସୁଦ୍ଧା ପ୍ରାୟ ୪୦ଟିରୁ ଊର୍ଦ୍ଧ୍ୱ ଏହିପରି ଜନକଲ୍ୟାଣ ଶିବିର କୋରାପୁଟ ଜିଲ୍ଲାର ସମସ୍ତ ଉପଖଣ୍ଡମାନଙ୍କରେ ଅନୁଷ୍ଠିତ ହୋଇସାରିଛି । କୋଟିଆ, ଶୁଦିଲିଭଳି ସୀମାନ୍ତ ଅଞ୍ଚଳଠାରୁ ଆରମ୍ଭକରି ରାଇସିଙ୍ଗି, ଜଙ୍ଗାଲବେଢ଼ା, ଲୁଲୁପଦର, ନନ୍ଦିଗାଁ, ତଳଗୁମାଣ୍ଡି ଭଳି ଦୁର୍ଗମ ଓ ସୁଦୂର ନିପଟ ପଲ୍ଲୀଗାଁମାନଙ୍କରେ ସଫଳତାର ସହ ଏହି କାର୍ଯ୍ୟକ୍ରମ ଆଗେଇ ଚାଲିଛି । ଏକ ନିର୍ଦ୍ଦିଷ୍ଟ ଗ୍ରାମରେ ନିର୍ଦ୍ଧାରିତ ଦିନ ସମସ୍ତ ବିଭାଗ ନିଜ ନିଜ କର୍ମଚାରୀ ଓ ପଦାଧିକାରୀ ସହ ପଞ୍ଚାୟତ ସମିତି ସ୍ତରଠାରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ଉକ୍ତ ଗ୍ରାମରେ ଶିବିର ସ୍ଥାପନ କରିବେ, ମୁଖ୍ୟତଃ ରାଜସ୍ୱ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ ଉଦ୍ୟାନ, ଯୋଗାଣ, ଆଇନ ତଥା ନ୍ୟାୟ, ନାମ ପଞ୍ଜୀକରଣ, ପଶୁଚିକିତ୍ସା, ସମବାୟ, ଗୋଷ୍ଠୀ ଉନ୍ନୟନ, ସମନ୍ୱିତ ଆଦିବାସୀ ଉନ୍ନୟନ, ଆଦିବାସୀ ଓ ହରିଜନ କଲ୍ୟାଣ, ବ୍ୟାଙ୍କିଂ, ଜଙ୍ଗଲ ଓ ମୃତ୍ତିକା ସଂରକ୍ଷଣ ବିଭାଗ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି ଓ ଶିବିର ସ୍ଥାପନ କରିଥାନ୍ତି । ଏଥିପୂର୍ବରୁ ଆଖପାଖ ଗ୍ରାମବାସୀଙ୍କୁ ଏସମ୍ବନ୍ଧରେ ସୂଚନା ଦିଆଯାଇଥାଏ । ଉପସ୍ଥିତ ଜନସାଧାରଣ ବ୍ୟକ୍ତିଗତ ତଥା ସମଷ୍ଟିଗତ, ଯାହାର ଯେଉଁକ୍ଷେତ୍ରରେ ଅସୁବିଧା, ଅଭିଯୋଗ ରହିଛି ସେହି ବିଭାଗର କର୍ମଚାରୀଙ୍କ ସହ ପରାମର୍ଶ କରିଥାନ୍ତି । ଉଦାହରଣ ସ୍ୱରୂପ ଜମିଜମା, ଘରଡ଼ିହ, ବୃଦ୍ଧ ଓ ବିଧବା ଭତ୍ତା ଇତ୍ୟାଦିପାଇଁ ରାଜସ୍ୱ ବିଭାଗ, ସାର, ବିହନ, କୀଟନାଶକ ଔଷଧ ଓ କୃଷି ଯନ୍ତ୍ରପାତି ନିମନ୍ତେ କୃଷି ବିଭାଗ, ଗୋରୁଗାଈ, ଛେଳିମେଣ୍ଢା, କୁକୁଡ଼ା ପ୍ରଭୃତି ଗୃହପାଳିତ ପଶୁପକ୍ଷୀ ନିମନ୍ତେ ପଶୁ ଚିକିତ୍ସା ବିଭାଗ, ଖାଉଟିଦ୍ରବ୍ୟ ନିମନ୍ତେ ଓ ସୁଲଭ ମୂଲ୍ୟରେ ଅତ୍ୟାବଶ୍ୟକୀୟ ଜିନିଷପତ୍ର ନିମନ୍ତେ ଯୋଗାଣ ଓ ସମବାୟ ବିଭାଗ, ବିଭିନ୍ନ ଆର୍ଥିକ ସହାୟତା ନିମନ୍ତେ ଗୋଷ୍ଠୀ ଉନ୍ନୟନ, ଆଦିବାସୀ ଉନ୍ନୟନ ଓ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ତଥା ବିଭିନ୍ନ ବ୍ୟାଙ୍କ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ, ଆଇନ ସହାୟତା ନିମନ୍ତେ ବିଚାର ବିଭାଗ, ଇତ୍ୟାଦି । ସମସ୍ୟାଗୁଡ଼ିକୁ ବ୍ୟକ୍ତିଗତହେଉ ବା ସାମୂହିକହେଉ, ସାଂପ୍ରତିକ ହେଉ ବା ପୁରାତନହେଉ ଯଥାସମ୍ଭବ ସେହିଠାରେହିଁ ନ୍ୟାୟ ଓ ନିଷ୍ପତ୍ତି ପ୍ରଦାନ କରାଯିବ । ଏଇ ଏଇଶିବିରରେ ସର୍ବୋପରି ଜିଲ୍ଲାପାଳଙ୍କର ଏକ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ଖୋଲାଯାଇଥାଏ ଯେଉଁଠାରେକି ସେ ସମସ୍ତଙ୍କ ଅଭିଯୋଗ ଶୁଣନ୍ତି ଓ ସମାଧାନ ନିମନ୍ତେ ନିର୍ଦ୍ଦେଶ ଦେଇଥାନ୍ତି ।

ସମସ୍ୟାର ଆଶୁ ସମାଧାନ ବ୍ୟତୀତ ଏହି କାର୍ଯ୍ୟକ୍ରମର ଏକ ସୁଦୂର ପ୍ରସାରୀ ପ୍ରଭାବ ପରିଲକ୍ଷିତ ହୁଏ । ଯଥା–

(କ) ଗଣଚେତନା ସୃଷ୍ଟି—ଏହାଦ୍ୱାରା ଗ୍ରାମାଞ୍ଚଳ ଆଦିବାସୀ, ହରିଜନ, ଦରିଦ୍ର, ନିଃସହାୟ, ଅଶିକ୍ଷିତ ଲୋକେ ସେମାନଙ୍କପାଇଁ ଉଦ୍ଦିଷ୍ଟ ତଥା ସରକାରଙ୍କ ତରଫରୁ ସେମାନଙ୍କପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସଚେତନ ହୋଇପାରୁଛନ୍ତି ।

(ଖ) ସମନ୍ୱୟ—ପ୍ରଶାସନିକ ବିକେନ୍ଦ୍ରୀକରଣଦ୍ୱାରା ଗୋଟିଏ ସମସ୍ୟାର ସମାଧାନ ନିମନ୍ତେ ଏକାଧିକ ବିଭାଗର ସହଯୋଗ ଓ ନିଷ୍ପତ୍ତି ଦରକାର ପଡୁଛି । ଏକାଧିକ ବିଭାଗର ସମିତି ଓ ନିଷ୍ପତ୍ତିପାଇବା ବହୁ ସମୟସାପେକ୍ଷ ହେଉଛି । କିନ୍ତୁ ଏହିଭଳି ଶିବିରରେ ସମସ୍ତ ବିଭାଗ ପକ୍ଷଗ୍ରହଣ କରିଥାନ୍ତି, ତେଣୁ ସାମୂହିକଭାବେ ନିଷ୍ପତ୍ତିନେବା ସମ୍ଭବପର ହୋଇପାରୁଛି । ଉଦାହରଣ ସ୍ୱରୂପ—ଜଣେବୃଦ୍ଧ ବା ବିଧବା ଭତ୍ତା ପାଇବ । ଏଥିନିମନ୍ତେ ସ୍ଥାନୀୟ ତହସିଲଦାର ଚିହ୍ନଟକରି କାଗଜପତ୍ର ପ୍ରସ୍ତୁତକରିବେ, ସ୍ଥାନୀୟ ଚିକିତ୍ସକ ବୟସର ପ୍ରମାଣପତ୍ରଦେବେ, ସ୍ଥାନୀୟ ଉପଖଣ୍ଡ ଅଧିକାରୀ ଆବେଦନ ମଂଜୁରକରିବେ । ଏଥିନିମନ୍ତେ ଜଣକୁ ଅନ୍ୟୁନ ତିନୋଟି ଦପ୍ତର ବୁଲିବାକୁ ପଡ଼ିଥାନ୍ତା । କିନ୍ତୁ ଏଭଳି ଶିବିରରେ ଏକାଦିନକେ ୭୦-୮୦ ପର୍ଯ୍ୟନ୍ତ ଏହିଭଳି ଭତ୍ତା ମଞ୍ଜୁର କରାଯାଇ ପାରୁଛି । ଏହିଭଳି ବହୁ ପୁରୁଣା ଓ ଜଟିଳ ସମସ୍ୟାଗୁଡ଼ିକର ସମାଧାନକରି ଲୋକଙ୍କୁ ନ୍ୟାୟ ଦିଆଯାଇ ପାରୁଛି ।

(ଗ) ପ୍ରତ୍ୟକ୍ଷ ଜ୍ଞାନ—ଦୂରଦୂରାନ୍ତ ଗ୍ରାମାଞ୍ଚଳରେ ଏଭଳି ବହୁ ସମସ୍ୟା ରହିଛି । ଉଚ୍ଚପଦାଧିକାରୀମାନଙ୍କର ସେ ବିଷୟରେ ପ୍ରତ୍ୟକ୍ଷ ଧାରଣା ନଥାଏ । ଯାହାଦ୍ୱାରା ଅଧସ୍ତନ କର୍ମଚାରୀଙ୍କ ବୟାନ ଅନୁଯାୟୀ ନିଷ୍ପତ୍ତି ନିଆଯାଇଥାଏ । ଏଭଳି ନିଷ୍ପତ୍ତି ବହୁସମୟରେ ବିବାଦୀୟ ହୋଇଥାଏ । କିନ୍ତୁ ଏଭଳି କାର୍ଯ୍ୟକ୍ରମ ଲୋକେ ଉଚିତ୍ ନ୍ୟାୟ ପାଇବାରେ ବହୁତ ସାହାଯ୍ୟ କରିଥାଏ । ଏହା ସରକାରୀ କଳ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ବୁଝାମଣାର ବାଟ ଫିଟାଇଛି ।

(ଘ) ଭାବର ବିନିମୟ—କୋରାପୁଟଭଳି ଅଶିକ୍ଷିତ ଜିଲ୍ଲାରେ ବହୁଲୋକ ନିଜର ଅଭାବ ଅସୁବିଧାନେଇ ସରକାରୀ ଉଚ୍ଚଅଧିକାରୀଙ୍କ ପାଖକୁଯାଇ ହାରିଗୁହାରି କରିବାପାଇଁ ଶଙ୍କାକୁଳ ଏବଂ ବେଳେ ବେଳେ ଟାଉଟରଙ୍କ କୁପରାମର୍ଶ ଦ୍ୱାରା ସର୍ବସ୍ୱାନ୍ତ ହୋଇଥାନ୍ତି । ମାତ୍ର ଏଭଳି କାର୍ଯ୍ୟକ୍ରମଦ୍ୱାରା ସମାଜର ସବୁଠୁ ଦୁର୍ବଳ ଲୋକମଧ୍ୟ ଜିଲ୍ଲାର ସର୍ବୋଚ୍ଚ ଶାସନକର୍ତ୍ତାଙ୍କ ନିକଟରେ ନିଜର ଗୁହାରିକରି ପାରୁଛି ଏବଂ ନ୍ୟାୟ ମଧ୍ୟ ପାଉଛି ।

(ଙ) ବିଂଶସୂତ୍ରୀ କାର୍ଯ୍ୟର ସଫଳ ରୂପାୟନ—ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନରେ ଏହା ଏକ ବଳିଷ୍ଠ ପଦକ୍ଷେପ । ଜଳସେଚନ ଓ ପାନୀୟଜଳ ଯୋଗାଣ, କୃଷକକୁ ସାର, ଖତ, ବିହନ ଯୋଗାଣ, ଇ. ଆର. ଆର. ପି. ଓ ଆଇ. ଆର. ଡ଼ି. ପି. ଭଳି ଦରିଦ୍ର ଦୂରୀକରଣ ଯୋଜନା ନିମନ୍ତେ ହିତାଧିକାରୀ ମନୋନୟନ ଋଣ ପ୍ରଦାନ ଓ ଆଦାୟ, ଗରିବ ଓ ଆଦିବାସୀଙ୍କୁ ନ୍ୟାୟ ସାହାଯ୍ୟ ଇତ୍ୟାଦି କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଛି ।

**ଶ୍ରୀ ଲୋକନାଥ ଚଣ୍ଡୀ**
ଜିଲ୍ଲାସୂଚନା ଓ ଲୋକ ସଂପର୍କ
ଅଧିକାରୀ, କୋରାପୁଟ

# କୋଟିଆ କଲ୍ୟାଣ ସମୀକ୍ଷା

କୋରାପୁଟ ଜିଲ୍ଲା ପଟାଙ୍ଗୀ ତହସିଲର ଦେଓମାଳି ପାର୍ବତ୍ୟ ଅଞ୍ଚଳରେ ସମୁଦ୍ର ପରନଠାରୁ ୩୬୦୦ ଫୁଟ ଉଚ୍ଚରେ ଆନ୍ଧ୍ର ଓ ଓଡ଼ିଶା ରାଜ୍ୟ ସୀମାରେ ୨୧ ଖଣ୍ଡ ଗ୍ରାମକୁନେଇ 'କୋଟିଆ ଗ୍ରାମପୁଞ୍ଜ' ଅବସ୍ଥିତ । ସମୁଦାୟ ୩୩୪୦ ଲୋକସଂଖ୍ୟା ବିଶିଷ୍ଟ ଏହି ଗ୍ରାମଗୁଡ଼ିକରେ ଆଦିବାସୀ ଲୋକଙ୍କ ସଂଖ୍ୟା ସର୍ବାଧିକ ୩୧୬୬ ଜଣ । ସରକାରଙ୍କ ବିଭିନ୍ନ ବିଭାଗ ତରଫରୁ ଏହି ଅଞ୍ଚଳରେ ବହୁ ଉନ୍ନୟନମୂଳକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି । କୋଟିଆଠାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକ ଅଫିସ, ପୁଲିସଫାଣ୍ଡି, ଗ୍ରାମ-

# ସାର୍ଥକ ସ୍ୱପ୍ନ

## ଜନ ସେବା ଶିବିର

୧୯୮୭ ଜାନୁୟାରୀ ଏକ ତାରିଖ, ସକାଳ ୭ ଘଣ୍ଟା ସମୟରୁ ଜିଲ୍ଲା ଉଚ୍ଚପଦସ୍ଥ ସରକାରୀ କର୍ମଚାରୀଙ୍କ ଗାଡ଼ି ସବୁ ଛୁଟି ଚାଲିଛି କୋରାପୁଟ ପଞ୍ଚାୟତ ସମିତି ଅନ୍ତର୍ଗତ ଏକ ନିପଟ ପଲ୍ଲୀ ଦୟାନିଧିଗୁଡ଼ାକୁ । ନୂତନ ବର୍ଷର ନୂତନ ଦିନକୁ ସ୍ୱାଗତ କରି ଭୋଜିଭାତରେ ମସଗୁଲ ହେବାପାଇଁ ନୁହେଁ, କାରଣ ବଣଭୋଜି କଲା ଭଳି ସ୍ଥାନ ଏ ନଥିଲା । ସମସ୍ତଙ୍କ ମନରେ ମଧ୍ୟ ଏହି ପ୍ରଶ୍ନବାଚୀ : କ'ଣ ଏହି କାର୍ଯ୍ୟକ୍ରମ ? ପୁଣି ଆଜିଭଳି ଦିନରେ, ହଁ, ଭାରତରେ ଦ୍ୱିତୀୟ ହେଲେ ମଧ୍ୟ ଓଡ଼ିଶାରେ ସର୍ବ ପ୍ରଥମ ଥର ପାଇଁ ଏହି ଦିନ ଆରମ୍ଭ ହେଲା "ଜନକଲ୍ୟାଣ ଶିବିର" କାର୍ଯ୍ୟକ୍ରମ ଏହି ଗ୍ରାମରେ ।

ନିଶ୍ଚିତ ଭାବେ ଏହା କଥାକଥିତ ଗଣମେଳା ନଥିଲା । ଏହା ଥିଲା ଏକ ସମନ୍ୱିତ ବହୁମୁଖୀ କାର୍ଯ୍ୟକ୍ରମ । ଆୟତନ ଦୃଷ୍ଟିରେ ଏହା ଭାରତର ଦ୍ୱିତୀୟ ବୃହତ୍ତମ ଜିଲ୍ଲା । ଶତକଡ଼ା ୭୦ ଭାଗ କେବଳ ଆଦିବାସୀ ଓ ହରିଜନ ବାସ କରନ୍ତି । ମାତ୍ର ୨୦ ଜଣରେ ୩ ଜଣ ଶିକ୍ଷିତ । ଏହି ପଛୁଆ ସଂପ୍ରଦାୟର ସର୍ବବିଧ ଉନ୍ନତି ନିମନ୍ତେ ବହୁ ଦାରିଦ୍ର୍ୟ ଦୂରୀକରଣ ପଦକ୍ଷେପ, ବହୁ ଜନମଙ୍ଗଳକାରୀ ଯୋଜନା ଏଠାରେ ଚାଲିଛି । ଦଣ୍ଡା ଉନ୍ନୟନ ସଂସ୍ଥା, ଗଦବା ଉନ୍ନୟନ ସଂସ୍ଥା, ପରଜିଆ ସଉରା ସଂସ୍ଥା, ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା, ସର୍ବୋପରି ସମନ୍ୱିତ ଆଦିବାସୀ ଉନ୍ନୟନ ଉନ୍ନୟନ ସଂସ୍ଥା ସର୍ବୋପରି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରଭୃତି । ଏତଦ୍‌ବ୍ୟତୀତ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଯଥା –ଇ. ଆର. ଆର. ପି., ଆଇ. ଆର. ଡି. ପି., ଗୋଟି ଶ୍ରମିକ ଥଇଥାନ, ଶ୍ରମ ଭିତ୍ତିକ ଯୋଜନା ଯଥା ଏନ୍. ଆର. ଇ. ପି, ଓ ଆର. ଏଲ. ଇ. ଜି. ପି., ପୂର୍ଣ୍ଣ ପ୍ରାଣରେ ଚାଲିଛି । ତଥାପି ଅର୍ଦ୍ଧାଧିକ ଲୋକେ ଦାରିଦ୍ର୍ୟ ସୀମା ରେଖା ତଳେ ବାସ କରୁଛନ୍ତି । ଆଶାନୁରୂପ ସଫଳତା ହାସଲ କରାଯାଇ ପାରୁ ନାହିଁ । କୋରାପୁଟ ଭଳି ଅନଗ୍ରସର ଜିଲ୍ଲାକୁ ରାଜ୍ୟର ଅନ୍ୟ ଜିଲ୍ଲା ସହ ସମକକ୍ଷ କରିବା ପାଇଁ ଏକ ସମନ୍ୱିତ ବହୁମୁଖୀ ଯୋଜନାର ଏକାନ୍ତ ଆବଶ୍ୟକତା ରହିଛି । ଏଥିରେ ଦ୍ୱିଧା କରିବାର କିଛି ନାହିଁ । ଏଥିପାଇଁ ଜିଲ୍ଲାପାଳ ଶ୍ରୀ ରବିନାରାୟଣ ସେନାପତି ଏକ ପ୍ରଭାବଶାଳୀ ଉପାୟ ଉଦ୍‌ଭାବନ କରିଛନ୍ତି । ଏହା "ଜନକଲ୍ୟାଣ ଶିବିର ବା (Service at Door—Step" ନାମରେ ପରିଚିତ ।

ଜିଲ୍ଲାପାଳ ଶ୍ରୀ ସେନାପତିଙ୍କ ମତରେ–ବହୁ ସମୟରେ ଏହା ପରିଲକ୍ଷିତ ହୋଇଛି ଯେ ଗ୍ରାମାଞ୍ଚଳରେ ବାସକରୁଥିବା ଆଦିବାସୀ, ହରିଜନ ଓ ଆର୍ଥିକ ଅନୁନ୍ନତ ଶ୍ରେଣୀର ଲୋକମାନଙ୍କର ନିଜର ବିଭିନ୍ନ ସମସ୍ୟା ଓ ଦୁଃଖ ଦୁର୍ଦ୍ଦଶାର ଯଥାଯଥ ସମାଧାନ ତଥା ସେସବୁର ଲାଘବ ନିମନ୍ତେ ତହସିଲ ଓ ପଞ୍ଚାୟତ ସମିତିରୁ ଆରମ୍ଭକରି ଜିଲ୍ଲାସ୍ତରୀୟ ସରକାରୀ ଦପ୍ତରକୁ ଏକାଧିକବାର ଦୌଡ଼ିବାକୁ ପଡ଼ୁଛି । ପ୍ରଶାସନିକ ଅନୁଭୂତିରୁ ଜଣାଯାଏ, ଏହି ସମସ୍ୟାଗୁଡ଼ିକର ଉଚିତ୍ ସମାଧାନକରି ନ୍ୟାୟ ପ୍ରଦାନକରିବା ବ୍ୟୟବହୁଳ ଓ ସମୟସାପେକ୍ଷ । ଜିଲ୍ଲା ପ୍ରଶାସନ ବର୍ତ୍ତମାନ ବହୁ ଆହ୍ୱାନର ସମ୍ମୁଖୀନ ।

ଜନସାଧାରଣଙ୍କ ବ୍ୟକ୍ତିଗତ ଓ ସମଷ୍ଟିଗତ ସମସ୍ୟାର ଆଶୁ ସମାଧାନ ପ୍ରତ୍ୟେକସ୍ତରର ସରକାରୀ କଳପାଇଁ ଜରୁରୀ ହୋଇପଡ଼ିଛି । ଯୋଜନାବଦ୍ଧ ଓ ସଂଗଠିତଭାବେ ସମସ୍ତ ସରକାରୀ କର୍ମଚାରୀ ଏଦିଗରେ ଉଦ୍ୟମ କରିବା ବର୍ତ୍ତମାନ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ସୁଦୂର ପ୍ରାନ୍ତପଲ୍ଲୀର ଜନସାଧାରଣଙ୍କ ବହୁବିଧ ସମସ୍ୟାର ଆଶୁସମାଧାନ ନିମନ୍ତେ ଏହି ନୂତନ ଅଭିମୁଖ୍ୟ ହେଲା "ଜନକଲ୍ୟାଣ ଶିବିର" । ପ୍ରତ୍ୟେକ ବିଭାଗର ବିଭାଗୀୟ କର୍ମକର୍ତ୍ତା ଏକ ଗ୍ରାମରେ ମିଳିତହୋଇ ଉକ୍ତ ତଥା ଆଖପାଖ ଗ୍ରାମରୁ ଆସିଥିବା ଜନସାଧାରଣଙ୍କୁ ନିଜ ନିଜ ବିଭାଗୀୟ ସେବା ଓ ପରାମର୍ଶ ଉପଲବ୍ଧ କରାଇବା ସଙ୍ଗେ

୧୦ଟି ପଶୁଙ୍କ ପାଇଁ ଔଷଧ ଦିଆଯାଇଥିଲା । ଶିବିରରେ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା ଓ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା ।

# ବେକାରୀର ମୁକାବିଲା

**ଶ୍ରୀ ଖଗେଶ୍ୱର ରାଉତ**

ବଲାଙ୍ଗୀର ଜିଲ୍ଲା ସୋନପୁର ଉପଖଣ୍ଡ ଅନ୍ତର୍ଗତ ସୋନପୁର ଏକ ଛୋଟ ସହରଟିଏ । ଏହି ସହରରେ ଶ୍ରୀ ଦୀଲିପ କୁମାର ଭୁତା ନାମକ ଏକ ୨୪ବର୍ଷ ବୟସ୍କ ବେକାରୀ ଯୁବକ । ନିତାନ୍ତ ଅଭାବ ଅନାଟନ ପରିବାରରେ ତାହାର ଜନ୍ମ । ସେହି ପରିବାରରେ ରୋଜଗାରକ୍ଷମ ବ୍ୟକ୍ତି ହିସାବରେ ତା'ର ବାପା ଶ୍ରୀ ରାମପ୍ରସାଦ ଭୁତା ସ୍ଥାନୀୟ ଭୂ-ଉନ୍ନୟନ ବ୍ୟାଂକର ଏକ ଚତୁର୍ଥଶ୍ରେଣୀ କର୍ମଚାରୀ । ଏହି ପରିବାରର ବାପା ଓ ମା ବ୍ୟତୀତ ସେମାନେ ୫ ଭାଇ ଓ ୩ ଭଉଣୀ । ଜମିବାଡ଼ି କହିଲେ ପ୍ରାୟ କିଛିନାହିଁ । ଏଣୁ ଏ ମହଙ୍ଗା ସମୟରେ ଜଣେ ଚତୁର୍ଥଶ୍ରେଣୀ କର୍ମଚାରୀ ଏପରି ଏକ ପରିବାର ଭରଣ ପୋଷଣ କରିବା କେତେ ଦୁଃସ୍ଥ ବ୍ୟାପାର, ତାହା ସହଜେ ଅନୁମେୟ । ଫଳରେ ଅଭାବ ଅନାଟନ ସର୍ବଦା ଲାଗି ରହିଥାଏ । ଏଥିପାଇଁ ଦୀଲିପର ଖୁବ୍ ଚିନ୍ତା । ଅବଶ୍ୟ ତାର ବଡ଼ ଭାଇଟିଏ ଅଛି । ହେଲେ ସେ ମଧ୍ୟ ବେକାର । ଦୀଲୀପ ମଧ୍ୟ ଏପରି ଅଭାବ ଅନାଟନ ମଧ୍ୟରେ ପାଠପଢ଼ି ପାରିନାହିଁ । ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ି ଶେଷରେ ଫେଲ ହୋଇ ବେକାର ହୋଇ ଘରେ ବସିଛି । କିନ୍ତୁ ତାହାର ଚିନ୍ତା ସେ କିପରି ତାହାର ସେ ପରିବାରରୁ ଦାରିଦ୍ର୍ୟର ଭାର କମାଇ ପାରିଲେ ଟିକେ ସେ ଖୁସି ହୁଅନ୍ତା । ଏଣେ ବି ସବୁଦିନେ ବୁଲିବୁଲି ବାପାଙ୍କ ଅର୍ଥରେ ଚଳୁଥିବା ପରିବାର ଉପରେ ବୋଝ ନହେବା ପାଇଁ ତାହାର ଇଚ୍ଛା ନ ଥିଲେ ମଧ୍ୟ ଉପାୟ ପାଉନଥିଲା । କିପରି ସେ ନିଜେ ଟିକେ ଥଇଥାନ ହେବ ଓ ପରିବାରକୁ ଦାରିଦ୍ର୍ୟର କଷାଘାତରୁ ପରିବାରକୁ ପରିତ୍ରାଣ ମିଳିବ ଏହାହିଁ ତାହାର ଏକମାତ୍ର ସ୍ୱପ୍ନଥିଲା ।

ଏହି ସ୍ୱପ୍ନ ତାହାର ଆଜି ସାର୍ଥକ ହୋଇଛି । ସରକାରଙ୍କର ଘୋଷିତ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ବେକାରମାନଂକୁ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମକଥା ତାହା କାନରେ ପଡ଼ିଲା । ତାହା ମନରେ ଟିକେ ଆଶା ସଞ୍ଚାରିତ ହେଲା । କିପରି ଏହି ସରକାରଙ୍କ ଯୋଜନା ମାଧ୍ୟମରେ ସେ ଋଣ ପାଇବ ସେଥିପାଇଁ ବ୍ୟସ୍ତହୋଇ ପଡ଼ିଲା । ତାହାର ଚିନ୍ତା ଥିଲା ଯଦି ସେ କିଛି ଋଣ ପାଏ, ତେବେ ସେ ଗୋଟିଏ ଇଲେକ୍ଟ୍ରିକ୍ ଜିନିଷପତ୍ରର ଦୋକାନ ସୋନପୁର ସହରରେ ଦେବ, କାରଣ ଏହା ମଧ୍ୟରେ ସେ ଇଲେକ୍ଟ୍ରିକ୍ ୱାରିଙ୍ଗ ତଥା ଅନ୍ୟାନ୍ୟ କାର୍ଯ୍ୟ ଶିଖିସାରିଥିଲା । ସେ ଯାହାହେଉ ତାହାର ଦୁଃଖର ଆକାଶରେ ସୁଖର ସୂର୍ଯ୍ୟ ଉଦୟହେଲା । ପରେ ଏଥିପାଇଁ ସେ ସୋନପୁର ଷ୍ଟେଟ୍‌ବ୍ୟାଙ୍କ ଶାଖା ପରିଚାଳକଂକସହ ସାକ୍ଷାତକରି ତା ନିଜର ହାରିଗୁହାରି କରି ତା'ହାର ମନର କଥା ପ୍ରକାଶକଲା । ବ୍ୟାଙ୍କ ଶାଖା ପରିଚାଳକ ତା ପ୍ରତି ସଦୟ ହେଲେ । ସମସ୍ତ ଆନୁଷଙ୍ଗିକ କାର୍ଯ୍ୟପରେ ତାକୁ ସୋନପୁର ଷ୍ଟେଟ୍‌ବ୍ୟାଂକ ତରଫରୁ ୫,୦୦୦ଟଙ୍କା ଋଣ ତା୧୧-୧୨-୧୯୮୬ରେ ମିଳିଲା । ଫଳରେ ସେ ଏହି ଟଙ୍କା ନେଇ ନିଜର ଇଚ୍ଛାନୁଯାୟୀ ଇଲେକ୍ଟ୍ରିକ୍ ଜିନିଷପତ୍ର ତଥା କ୍ୟାସେଟ୍ ରେକର୍ଡ ଜିନିଷପତ୍ର ଓ ଯନ୍ତ୍ରପାତି କିଣିଆଣି ସୋନପୁରର ମଝିପଡ଼ାଠାରେ ଗୋଟିଏ ଦୋକାନ "ଗଣେଶ ଇଲେକ୍ଟ୍ରିକାଲ ଓ କ୍ୟାସେଟ୍ ସେଣ୍ଟର" ନାମରେ ନାମିତକରି ଆରମ୍ଭକଲା । ନିଜର କର୍ତ୍ତବ୍ୟ ନିଷ୍ଠା ପାଇଁ ତାହାର ଦୋକାନଟି ଖୁବ୍ ଭଲ ଚାଲିଲା । ଖୁବ୍ କମ୍ ଦିନ ଭିତରେ ତାହାର ଦୋକାନର ଅବସ୍ଥା ପରିବର୍ତ୍ତନ କରିଦେଲା । ଏବେ ଏକ ସୁନ୍ଦର ଦୋକାନ କରିପାରିଛି । ଖୁବ୍‌ଭଲ କାରବାର ହେଉଛି, ଫଳରେ ଭଲ ଲାଭ ମଧ୍ୟ ମିଳୁଛି । ଏହା ମଧ୍ୟରେ ସେ ବ୍ୟାଂକରୁ କରିଥିବା ଋଣ ୧,୩୨୦ଟଙ୍କା ଶୁଝିସାରିଲଣି ଓ ତାହାର ଇଚ୍ଛା ଯେ, କିପରି ଋଣତକ ଶୁଝିଦେଲେ ଆଉ ଅଧିକ ଋଣ ଆଣି ବ୍ୟବସାୟର ଗତିବିଧି ବଢ଼ାଇବ । ଏଥି ମଧ୍ୟରେ ତାହାର ପୂର୍ବ କଳ୍ପନା ଅନୁଯାୟୀ ନିଜର ବାପା, ମା, ଭାଇଭଉଣୀର ଭରଣପୋଷଣ ପାଇଁ ସେ ମଧ୍ୟ ଲକ୍ଷ୍ୟଦେଇ ପରିବାରର ଅବସ୍ଥା ବଦଳାଇବା ପାଇଁ ଚେଷ୍ଟିତ । ମନରେ ଆଶା ବାନ୍ଧିଛି ଯେ ଖୁବ୍ କମ୍ ଦିନରେ ତାହାର ସେହି ପରିବାରର ଅବସ୍ଥା ବଦଳାଇଦେବ । ଛୋଟ ଛୋଟ ଭାଇଭଉଣୀଙ୍କୁ ପାଠପଢ଼ାଇ ମଣିଷକରିବ । ବର୍ତ୍ତମାନ ତା'ର ଆଉ ସେ ପୂର୍ବପରି ଚିନ୍ତା ତଥା ଶୁଖିଲମୁହଁ ନାହିଁ । ସର୍ବଦା ହସହସ ବଦନରେ କାର୍ଯ୍ୟରତ । ପୂର୍ବ ବେକାରୀ ଜୀବନ ତାହାର ବର୍ତ୍ତମାନ ନାହିଁ । ସେ ବର୍ତ୍ତମାନ ନିଜ ଗୋଡ଼ରେ ନିଜେ ଠିଆହୋଇ ପାରିଛି । ଏଥିପାଇଁ ସେ ମନେମନେ ଖୁବ୍ ଖୁସି । ଏହା କେବଳ ସମ୍ଭବ ହୋଇଛି ସରକାରଙ୍କ ନୂଆ ନୂଆ ଯୋଜନାଯୋଗୁ । ଏଣୁ ସରକାରଙ୍କ ନିକଟରେ ସେ କୃତଜ୍ଞତା ପ୍ରକାଶ କରେ ।

ଅନୁବିଭାଗୀୟ ସୂଚନା ଓ ଲୋକସଂପର୍କ ଅଧିକାରୀ, ସୋନପୁର ।

# ଗୋ-ପାଳନ

କଟକ ଜିଲା ଜଗତସିଂହପୁର ସବଡିଭିଜନ ଏରସମା ବ୍ଳକ୍‌ର ଜଗାଭଆଁ ଗାଁରେ ଶ୍ରୀ ବସନ୍ତ କୁମାର ଦାସଙ୍କ ଘର । ତାଙ୍କର ଗୁଷ ଜମି ୬ ଏକର ଓ ଘରଡିହ ଅଧା ଏକର । ଦୁଇଟି ଭଉଣୀ ବିଭା ହୋଇଯିବା ପରେ ପରେ ବର୍ତ୍ତମାନ ବାପା, ମା, ନିଜେ, ସ୍ତ୍ରୀ, ଗୋଟିଏ ୧୦ ବର୍ଷର ପୁଅ ଓ ୨ ବର୍ଷରୁ ୮ ବର୍ଷ ମଧ୍ୟରେ ତିନୋଟି ଝିଅକୁ ମିଶାଇ ଆଠପ୍ରାଣୀ କୁଟୁମ୍ବ । ବାପା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି । ମାଟ୍ରିକ୍ ପାଶ୍ ପରେ ବସନ୍ତ ନିଜେ ସ୍ୱଷଚାଷ କରନ୍ତି । ଫସଲ ଯାହା ମିଳେ ଓ ବାପାଙ୍କ ଦରମାରେ କୌଣସିମତେ କୁଟୁମ୍ବ ଚଳିଯାଏ । ୧୯୮୫ ମସିହାରେ ବିନା ରିହାତିରେ ତାଙ୍କ ବାପା ଅନ୍ଧାରି ଷ୍ଟେଟ୍‌ବ୍ୟାଙ୍କରୁ ୯ ହଜାର ଟଙ୍କା ଋଣ ଆଣି ଦୁଇଟି ଶଙ୍କର ଜର୍ସି ଓ ହଲ୍‌ଷ୍ଟିନ୍ ଗାଈ ଯଥାକ୍ରମେ ୩୫୦୯ ଟଙ୍କା ଓ ୪୫୦୦ ଟଙ୍କାରେ କିଣିଲେ । କିଣିବାବେଳେ ହଲ୍‌ଷ୍ଟିନ୍ ଗାଈ ସାଥିରେ ଗୋଟିଏ ଅଣ୍ଡିରା ବାଛୁରୀ ରହିଥିଲା । ୯ ଲିଟର କ୍ଷୀର ଦେଉଥିଲା । ଜର୍ସିଟି ଗର୍ଭ ଥିଲା ଓ ଦେଢ଼ମାସରେ ଜନ୍ମକରି ଦୈନିକ ୮ ଲିଟର

ସେବକ ଓ କୃଷିକର୍ମଗ୍ରାରୀଙ୍କ କାର୍ଯ୍ୟାଳୟ, ୪ଟି ଅଙ୍ଗନବାଡ଼ି କେନ୍ଦ୍ର, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଓ ଆବାସିକ ସେବାଶ୍ରମ ସ୍କୁଲ ପଶୁ-ଚିକିତ୍ସା କେନ୍ଦ୍ର, ପଟାଙ୍ଗୀ ଲ୍ୟାଂପ୍' ତରଫରୁ ଗୋଟିଏ ସୁଲଭ ମୂଲ୍ୟ ଦୋକାନ ସମେତ ଫଗୁଣନେସେରି ଦୋଳିଆମ୍ବା, ମାଡ଼କର ଓ ଧୁଳିପଡର ଠାରେ ଶିକ୍ଷାବିଭାଗ ତରଫରୁ ୪ଟି ନିମ୍ନ ପ୍ରାଥମିକ ସ୍କୁଲ ରହିଛି ।

ରାଜସ୍ୱ, ଅର୍ଥ ଓ ଆଇନ ବିଭାଗ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ସଂପ୍ରତି କୋଟିଆଠାରେ ଏହି ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଜିଲ୍ଲାପାଳ ଶ୍ରୀ ରବିନାରାୟଣ ସେନାପତିଙ୍କ ସମେତ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଫିସରମାନେ ଏହି ସମୀକ୍ଷା ବୈଠକରେ ଅଂଶ ଗ୍ରହଣ କରିଥିଲେ । ଶ୍ରୀ ପଟ୍ଟନାୟକ ହେଉଛନ୍ତି ପ୍ରଥମ ରାଜସ୍ୱ ମନ୍ତ୍ରୀ, ଯେ କି ଏ ଅଞ୍ଚଳ ଗସ୍ତ କରିଛନ୍ତି । କୋଟିଆ ଆସିବା ପୂର୍ବରୁ ରାଜସ୍ୱ ମନ୍ତ୍ରୀ ବାଟରେ ମାଳିମାଳି ଓ ତୁରିଆଠାରେ ସେବାଶ୍ରମ ସ୍କୁଲ ପରିଦର୍ଶନ କରି ପିଲାମାନଙ୍କ ପଢ଼ାପଢ଼ି ଓ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । କୋଟିଆଠାରେ ଶ୍ରୀ ପଟ୍ଟନାୟକ ଜିଲ୍ଲାପ୍ରଶାସନ ତରଫରୁ ଆୟୋଜିତ ଜନକଲ୍ୟାଣ ଶିବିର 'ଦ୍ୱାରଦେଶରେ ସେବା' ଉଦ୍‌ଘାଟନ କରିଥିଲେ ।

ସମୀକ୍ଷାରୁ ପ୍ରକାଶ ଯେ କୃଷିବିଭାଗ ତରଫରୁ ୧୦୦ଟି ଅଳସୀ ବିହନ ମୁଣ୍ଡା ଓ ୨୦ ଟି ଡାଲିଜାତୀୟ ବିହନ ମୁଣ୍ଡା କୋଟିଆ ଗ୍ରାମପୁଞ୍ଜରେ ବଣ୍ଟନ କରାଯାଇଛି । ମାଣ୍ଡିଆ, ଯଅ ଓ ମକା ଏହି ଆଦିବାସୀ ଲୋକମାନଙ୍କର ମୁଖ୍ୟ ଫସଲ । ଏହା ବ୍ୟତୀତ ହଳଦୀ ଓ ଫୁଲଝାଡୁ ପ୍ରଭୃତି ବିଭିନ୍ନ ଜଙ୍ଗଲଜାତ ପଦାର୍ଥମାନ ଏମାନେ ନିକଟବର୍ତ୍ତୀ ହାଟମାନଙ୍କରେ ବିକ୍ରୟ କରନ୍ତି ।

କୋଟିଆ ଅଞ୍ଚଳରେ ବିଭିନ୍ନ କ୍ଷମକରିକ କାର୍ଯ୍ୟମାଧ୍ୟମରେ ୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟକରାଯାଇଛି । ଏତଦ୍ୱାରା କେତେକ ଗୁରୁତ୍ୱପୂର୍ଣ୍ଣ ରାସ୍ତାଘାଟ ନିର୍ମାଣ କାର୍ଯ୍ୟ ହେବା ସଙ୍ଗେ ସଙ୍ଗେ କେତେକ କୋଠାବାଡ଼ି ମଧ୍ୟ ନିର୍ମାଣ କରାଯାଇଛି । କୁନ୍ଦୁଲିଠାରୁ କୋଟିଆ ପର୍ଯ୍ୟନ୍ତ ଗୋଟିଏ ସବୁଦିନିଆ ରାସ୍ତା ରହିଛି ଏବଂ ବିଭିନ୍ନ ଅଞ୍ଚଳକୁ ୮ ଟି ଖରାଦିନିଆ ରାସ୍ତାଦ୍ୱାରା ସଂଯୋଗ କରାଯାଇଛି । ଏଗୁଡ଼ିକର ରକ୍ଷଣା ବେକ୍ଷଣ ଦାୟିତ୍ୱ ପଟାଙ୍ଗୀ ପଞ୍ଚାୟତ ସମିତି ଓ ସୁନାବେଡ଼ାସ୍ଥ ଜାତୀୟ ରାଜପଥ ବିଭାଜନ ଦ୍ୱାରା କରାଯାଉଛି ବୋଲି ସମୀକ୍ଷାରୁ ଜଣାପଡ଼ିଛି ।

ସ୍ୱାସ୍ଥ୍ୟବିଭାଗ ତରଫରୁ କୋଟିଆଠାରେ ଅବସ୍ଥାପିତ ପ୍ରାଥମିକ ଚିକିତ୍ସା ସ୍ୱାସ୍ଥ୍ୟକେନ୍ଦ୍ରରୁ ଲୋକମାନଙ୍କୁ ଔଷଧପତ୍ର ଯୋଗାଇ ଦିଆଯାଏ । ଏହା ବ୍ୟତୀତ ସ୍ୱାସ୍ଥ୍ୟବିଭାଗ ତରଫରୁ ଏକ ଭ୍ରାମ୍ୟମାଣ ଚିକିତ୍ସାକେନ୍ଦ୍ର ସାହାଯ୍ୟରେ ମଧ୍ୟ ଲୋକଙ୍କୁ ଔଷଧ ପତ୍ର ଦିଆଯାଏ । ଏହି ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ିରେ ଜଣେ ଡାକ୍ତର ଓ ନର୍ସ ରହି ଲୋକମାନଙ୍କର ଚିକିତ୍ସା କରିଥାଆନ୍ତି । ଏହି ଅଞ୍ଚଳରୁ ମେଲେରିଆ ଜ୍ୱରର ନିରାକରଣ ପାଇଁ ବିଭିନ୍ନ ବ୍ୟବସ୍ଥାମାନ ଗ୍ରହଣ କରାଯାଉଛି ବୋଲି ସମୀକ୍ଷାରୁ ପ୍ରକାଶ ।

କେନ୍ଦ୍ର ସରକାରଙ୍କ ସଂପୂର୍ଣ୍ଣ ଆର୍ଥିକ ସହାୟତାରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମରେ ଏଠାରେ ୬୫୭ ଜଣ ଉପକୃତ ହେବା ସଙ୍ଗେ ସଙ୍ଗେ ୩୭୦୦ ଜଣ ମା' ଓ ଶିଶୁଙ୍କୁ ପୋଲିଓ, ଯକ୍ଷ୍ମା, ଧନୁଷ୍ଟଙ୍କାର ଓ ଆମାଶୟ ପ୍ରଭୃତି ବିଭିନ୍ନ ରୋଗର ପ୍ରତିଷେଧକ-ଟିକା ଦିଆଯାଉଛି ବୋଲି ଜଣାପଡ଼ିଛି ।

କୋଟିଆ ଅଞ୍ଚଳରେ ୮୬ ଜଣ ବୃଦ୍ଧ, ଅକର୍ମଣ୍ୟ, ବିକଳାଙ୍ଗ ଓ ବିଧବା ଲୋକଙ୍କୁ ଭତ୍ତା ପ୍ରଦାନ କରାଯାଉଛି । କୋଟିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ତାଲପଦର ସାପ୍ତାହିକ ହାଟରେ ଭ୍ରାମ୍ୟମାଣ ମଟରଗାଡ଼ି ସାହାଯ୍ୟରେ ରିହାତି ଦରରେ କିଲୋଗ୍ରାମ ପ୍ରତି ଟ ୧.୮୫ ପଇସା ଦରରେ ଚାଉଳ ବିକ୍ରୟ କରାଯିବା ସଙ୍ଗେ ସଙ୍ଗେ ପଟାଙ୍ଗୀ 'ଲ୍ୟାଂପ୍' ତରଫରୁ କୋଟିଆଠାରେ ଖୋଲା ଯାଇଥିବା ସୁଲଭ ମୂଲ୍ୟ ଦୋକାନରେ କିରୋସିନିତେଲ, ଚିନି, ଚାଉଳ ପ୍ରଭୃତି ଅତ୍ୟାବଶ୍ୟକୀୟ ଦ୍ରବ୍ୟ କଣ୍ଟ୍ରୋଲ ଦରରେ ବିକ୍ରୟ କରାଯାଉଛି । ଏହା ବ୍ୟତୀତ ଲୁଣ, ଡିଆସିଲି ପ୍ରଭୃତି ଅନ୍ୟାନ୍ୟ ଜିନିଷ ପତ୍ର ମଧ୍ୟ ଏଠାରେ ବିକ୍ରୟ କରାଯାଉଛି ବୋଲି ସମୀକ୍ଷାରୁ ଜଣାପଡ଼ିଛି ।

କୋଟିଆ ଓ ଗଞ୍ଜେଇପଦରରେ ପାନୀୟଜଳ ଯୋଗାଣ ପାଇଁ ନଳକୂପ ବସାଯାଇଛି । ଏହା ବ୍ୟତୀତ ୧୯୮୩-୮୪ରୁ ଏହି ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଇ: ଆର: ଅର:ପି: ପ୍ରଭୃତି ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ୨୦୦ରୁ ଊର୍ଦ୍ଧ୍ୱ ଗରିବ ପରିବାର ଉପକୃତ ହୋଇଛନ୍ତି ବୋଲି ସମୀକ୍ଷାରୁ ପ୍ରକାଶ ପାଉଛି ।

## କାତୁବାଇ

କୋରାପୁଟ ଜିଲ୍ଲା ରାୟଗଡ଼ା ବ୍ଲକ ଅନ୍ତର୍ଗତ କାତୁବାଇ ଗ୍ରାମପଞ୍ଚାୟତ ସଦର ମହକୁମାଠାରେ ସଂପ୍ରତି ଏକ ଜନ କଲ୍ୟାଣ ସେବା ଶିବିର ଅନୁଷ୍ଠିତ ହୋଇଥିଲା । ଏହାକୁ ରାୟଗଡ଼ା ଉପଖଣ୍ଡ ଅଧିକାରୀ ଶ୍ରୀ ଗୋବର୍ଦ୍ଧନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ଏଥିରେ ନିକଟବର୍ତ୍ତୀ ଗ୍ରାମଗୁଡ଼ିକରୁ ପ୍ରାୟ ୧ ହଜାର ବ୍ୟକ୍ତି ସମବେତ ହୋଇଥିଲେ । ଶିବିରରେ ୧୪ ଜଣ ହୋତ୍ରିଣମିକଙ୍କୁ ୨୮ଟି ଦୁଧିଆଳୀ ମଇଁଷି ଯୋଗାଇ ଦିଆଯାଇଥିଲା । କୋରାପୁଟ ପଞ୍ଚବଟୀ ବ୍ୟାଙ୍କ ତରଫରୁ ୧୯ଟି ମଇଁଷି ଋଣ ଆକାରରେ ୧୯ ଜଣ ଆଦିବାସୀଙ୍କୁ ଦିଆଯାଇଥିଲା । ଓଭରସିଜ୍ ବ୍ୟାଙ୍କ ତରଫରୁ ୫ ଜଣ ଆଦିବାସୀଙ୍କୁ ୫ ହଳ ଗୋରୁ ବଳଦ ଯୋଗାଇ ଦିଆଯାଇଥିଲା । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତରଫରୁ ୪୭ ଜଣ ରୋଗୀଙ୍କୁ ଚିକିତ୍ସା କରାଯାଇ ଆବଶ୍ୟକୀୟ ଔଷଧ ଦିଆଯାଇଥିଲା । ୨ ଜଣଙ୍କୁ ଅସ୍ତ୍ରୋପଚାର କରାଯାଇଥିଲା । ଏହା ବ୍ୟତୀତ ୪୦ ଜଣ ମହିଳାଙ୍କୁ ବିଭିନ୍ନ ରୋଗର ପ୍ରତିଷେଧକ ଇଞ୍ଜେକ୍‌ସନ ଦିଆଯାଇଥିଲା । ଯୋଗାଣ ବିଭାଗ ତରଫରୁ ଶିବିରରେ ଟ ୧.୮୫ ପଇସା ଦରରେ ଚାଉଳ ବିକ୍ରୟ କରାଯାଇଥିଲା । ଏଠାରେ ଜନସାଧାରଣଙ୍କୁ କିରୋସିନ ବିକ୍ରୟ ବ୍ୟବସ୍ଥା ମଧ୍ୟ କରାଯାଇଥିଲା । ପନିପରିବା, ବିହନ ତଥା ଅନ୍ୟାନ୍ୟ ବିହନ ବିକ୍ରୟ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିଲା । କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ମୁଗ, ବିରି, ମକା, ମାଣ୍ଡିଆ ପୁଡ଼ିଆ ମାନ ମାଗଣାରେ ବିତରଣ କରାଯାଇଥିଲା । ଏହି ଅବସରରେ ୨୩ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଥିଲା ଏବଂ ଗାତି ଉପରେ ଥିବା ୪ଟି ଗ୍ରାମ ପ୍ରଦାନ କରାଯାଇଥିଲା ଏବଂ ଋଣ ପ୍ରଦାନ ନିମିତ୍ତ ସଂସ୍ଥାଗତ ୨୦୦ ଜଣ ଅସହାୟ ଲୋକଙ୍କୁ ଋଣ ପ୍ରଦାନ ନିମିତ୍ତ ବଛା ଯାଇଥିଲା । ଏହି ସଂସ୍ଥାଗତ ଜରିଆରେ ୩୫ ଜଣ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ ସରକାରୀ ଭତ୍ତା ପ୍ରଦାନ ବ୍ୟବସ୍ଥା କରାଯାଇଥିଲା । ଶିବିରରେ ୧୫ଟି ଗୃହପାଳିତ ପଶୁ ଚିକିତ୍ସା କରିବା ସଙ୍ଗେ ସଙ୍ଗେ

୨୧୫୪ଟି ଗ୍ରାମ ମଧ୍ୟରୁ ୧୭୧୯ଟି ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇ ଶତକଡ଼ା ୮୦ ଭାଗ ସାଫଲ୍ୟ ଅର୍ଜ୍ଜନ କରାଯାଇଛି ।

କୃଷି ଉତ୍ପାଦନ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଗତ ମାର୍ଚ୍ଚ ଶେଷ ସୁଦ୍ଧା ଜିଲ୍ଲାରେ ୧୦୫୯ଟି ପମ୍ପକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯାଇଛି । ଚଳିତ ବର୍ଷ ଆଉ ଅଧିକ ୨୨୪ଟି ପମ୍ପକୁ ଶକ୍ତି ସଂଯୋଗ କରିବା ପାଇଁ ସ୍ଥିର କରାଯାଇଛି ।

ଜିଲ୍ଲାର ସମୁଦାୟ ୨୬୫୩ଟି ଗ୍ରାମ ମଧ୍ୟରୁ ଗତ ମାର୍ଚ୍ଚ ଶେଷ ସୁଦ୍ଧା ୧୦୬୬ଟି ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇ ଶତକଡ଼ା ୪୦ ଭାଗ ସାଫଲ୍ୟ ଅର୍ଜ୍ଜନ କରିବା ସଙ୍ଗେସଙ୍ଗେ ଗ୍ରାମାଞ୍ଚଳରେ ବାସ କରୁଥିବା ଶତକଡ଼ା ୬୩ ଭାଗ ଲୋକଙ୍କୁ ବିଦ୍ୟୁତ୍‌ଶକ୍ତି ବିନିଯୋଗ ପାଇଁ ସୁଯୋଗ ଦିଆଗଲାଣି । ଚଳିତ ବର୍ଷ ଆଉ ଅଧିକ ୨୨ଟି ଗ୍ରାମକୁ ବିଦ୍ୟୁତ୍‌କରଣ କରାଯିବା ପାଇଁ ବ୍ୟବସ୍ଥା ହୋଇଛି ।

ଏହି ଜିଲ୍ଲାର ୬୬୭ଟି ଗ୍ରାମ ସମନ୍ୱିତ ଜନଜାତି ଉନ୍ନୟନ ଉପଯୋଜନା ଅଧୀନରେ ଅଛି । ଜିଲ୍ଲାର ଅଧିକାଂଶ ଗ୍ରାମ ଘନ ଜଙ୍ଗଲ ପରିବେଷ୍ଟିତ । ଜନସଂଖ୍ୟା ଖୁବ୍ କମ୍ ହୋଇଥିବାରୁ ଆଶାନୁରୂପକ ଗ୍ରାହକ ଅଭାବ ପରିଲକ୍ଷିତ ହୁଏ । ଏହାଫଳରେ ଗ୍ରାମ୍ୟ ବିଦ୍ୟୁତ୍‌କରଣ ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ । ପରୀକ୍ଷାମୂଳକ ଭାବେ ସୌର ରଶ୍ମି ସାହାଯ୍ୟରେ ଏହି ଜିଲ୍ଲାରେ କେତେକ ଗ୍ରାମକୁ ବିଦ୍ୟୁତ୍‌କରଣ କରିବା ପାଇଁ ଉଦ୍ୟମ କରାଯାଉଛି ।

ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ ଏହି ଜିଲ୍ଲା ପାଇଁ ୧୯ଟି ଯୋଜନା ମଞ୍ଜୁର କରିଛନ୍ତି । ଏଗୁଡ଼ିକ ପୂର୍ଣ୍ଣାଙ୍ଗ ହେବା ପରେ ୮୬୭ଟି ଗ୍ରାମ ଓ ୨୩୩ଟି ପମ୍ପକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବା ସଙ୍ଗେସଙ୍ଗେ ୨୩୭ଟି ହରିଜନ ବସ୍ତିରେ ରାସ୍ତା ଆଲୋକ ବ୍ୟବସ୍ଥା କରାଯାଇ ପାରିବ ।

"......"ଉତ୍କଳ ଦେଶର" ଉଦ୍‌ବୋଧନ କବିବରଙ୍କ ଭାଷାରେ "ଭାରତ ପଙ୍କଜ ଦଳନିଭ ଉତ୍କଳ"। ସେ ଯୁଗରୁ ଏ ଯୁଗ ଯାଏଁ ଯଥାର୍ଥ ସେ ବାଣୀ। କଳା, ଭାସ୍କର୍ଯ୍ୟ, ଶିଳ୍ପ, ଶିକ୍ଷା, ସାହିତ୍ୟ, ଧର୍ମ ଆଦି ସମସ୍ତ ଦିଗରେ ତ୍ରୁଟି କେବେହେଁ ବିଚ୍ଛିନ୍ନତାର ପ୍ରତୀକ ନୁହେଁ। ବହୁଦଳ ପରିଶୋଭିତ ପଙ୍କଜରୁ ଉଦ୍ଭୁତ ହୁଏ ଅନନ୍ୟ ସାଧାରଣ ଶୋଭା, ସୌଷ୍ଠବ, ସୌନ୍ଦର୍ଯ୍ୟ ଓ ସୌରଭ। ବହୁସ୍ୟାମ ଏକୋଽହଂ ପରି ନିହୁ ଧାରା, ଧାରଣା ଓ ଧ୍ୟାନ ମଧ୍ୟରେ ପରିବର୍ଦ୍ଧିତ ଶୋଭାର ଭଣ୍ଡାର ରୂପେ ସଂସ୍କୃତି ଓ ସାଧନା। ଏହି ପଙ୍କଜ ଏକ ଦଳର ନୁହେଁ, କିମ୍ବା ଅସଙ୍ଗତ ତଥା ବିଚ୍ଛିନ୍ନ ଓ ବିକ୍ଷିପ୍ତ ଦଳର ନୁହେଁ। ଦଳ ଓ ପୁଷ୍ପ ପରସ୍ପର ପରିପୂରକ। ଦଳର ଏକାଧିକ୍ୟ ପୁଷ୍ପର ଏକୀଭୂତ ଶୋଭାବର୍ଦ୍ଧକ। ଦଳର ସମାହାରହିଁ ପୁଷ୍ପର ଶୋଭାର ଭଣ୍ଡାର। ସେହି କାରଣରୁ ଏହି ଭୂଖଣ୍ଡର ଗୌରବଗାନ ଯୁଗେ ଯୁଗେ ଭାରତୀୟ ପ୍ରଜ୍ଞା ଓ ପ୍ରତିଭାକୁ ସମୃଦ୍ଧ କରିଛି। ବିଭିନ୍ନ ଜଳଧାରାରେ ସମ୍ପୃକ୍ତ ସ୍ରୋତ ଏହାର ପ୍ଲାବନ ବିଶ୍ୱବକ୍ଷରେ ଇତିହାସର ସ୍ୱୀକୃତି ଲାଭ କରିଛି। ସୌରଭର ବିକୀରଣ ଦେଶ ତଥା ଦେଶାନ୍ତରର ଚିନ୍ତାରାଜ୍ୟରେ ସ୍ପନ୍ଦିତ ହୋଇଛି।"

କ୍ଷୀର ଦେଲା । କ୍ଷୀରକୁ ଛେନା କରି କିଲୋଗ୍ରାମ୍ ପ୍ରତି ୧୮ ଟଙ୍କାରେ ବିକ୍ରୀ କଲେ । ଏବେ ଛେନାଦର ବଢ଼ିଯିବାରୁ ଏହାକୁ ୨୦ ଟଙ୍କା ଦରରେ ବିକୁଛନ୍ତି । ହଲ୍‌ଷ୍ଟିନ୍ ଗାଈଟି ୮ ମାସ କ୍ଷୀର ଦେଇ ୨ ମାସ ପଡ଼ିଆ ରହିଲା ଓ ମାଈ ବାଛୁରୀଟିଏ ଜନ୍ମକରି ଦୈନିକ ୧୦ ଲିଟର କ୍ଷୀର ଦେଲା । ବାଛୁରୀଟିକୁ ବର୍ତ୍ତମାନ ୭ ମାସ ହେଲେ ମଧ୍ୟ ୭ ଲିଟର ଲେଖାଏଁ କ୍ଷୀର ଦେଉଛି । ପ୍ରଥମ ଅଣ୍ଡିରା ବାଛୁରୀଟି ମରିଯାଇଛି । ଗାଈଟି ପୁଣି ୨ ମାସ ଗର୍ଭ ଅଛି । ଜର୍ସି ଗାଈଟି ୧୨ ମାସ କ୍ଷୀର ଦେଇ ୧୦ ମାସ ହେଲା ପଡ଼ିଆ ହୋଇଯାଇଛି । ଗର୍ଭ ରହୁନଥିବାରୁ ଚିକିତ୍ସା ଚାଲିଛି ।

୧୯୮୬ ମାର୍ଚ୍ଚ ମାସରେ ୩ୟ ଗାଈଟି ପୁଣି ଗୋଟିଏ ଶଙ୍କର ଜର୍ସି ନିଜ ସମ୍ପର୍କର ୨୫୦୦ ଟଙ୍କାରେ ଗର୍ଭାବସ୍ଥାରେ କିଣିଲେ । କିଣିବାର ମାତ୍ର ୨ ଦିନ ପରେ ମାଈ ବାଛୁରୀଟିଏ ଜନ୍ମକରି ଦୈନିକ ୭ ଲିଟର କ୍ଷୀର ଦେଲା । ଏବେ ୩ ଲିଟର ଲେଖାଏଁ କ୍ଷୀର ଦେଉଛି ଓ ୪ ମାସ ଗର୍ଭ ଅଛି । ବର୍ତ୍ତମାନ ୩ଟି ଗାଈ ଓ ୩ଟି ବାଛୁରୀ ପାଇଁ ଦୈନିକ ୬୦ ଟଙ୍କାର ଦାନା ଓ ନଡ଼ା ପାଳ ଖର୍ଚ୍ଚ ହୁଏ । ବର୍ତ୍ତମାନ ଦୈନିକ କ୍ଷୀର ୧୩ ଲିଟର ମିଳୁଛି ଓ ନିଟ୍ ଲାଭ ମାତ୍ର ୫ ଟଙ୍କାରୁ ୧୦ ଟଙ୍କା ହେଉଛି । କାରଣ ଛେନା ବିକ୍ରୀରୁ ମାତ୍ର ୬୫ ଟଙ୍କାରୁ ୭୦ ଟଙ୍କା ଆସୁଛି । ତିନୋଟିଯାକ ଗାଈ କ୍ଷୀର ଦେଉଥିବା ବେଳେ ହାରାହାରି ୨୦ରୁ ୨୨ ଲିଟର କ୍ଷୀରରୁ ସେ ପ୍ରାୟ ୧୦୦ ଟଙ୍କାରୁ ୧୧୦ ଟଙ୍କା ପାଉଥିଲେ ଓ ନିଟ୍ ଲାଭ ୪୦ ଟଙ୍କାରୁ ୫୦ ଟଙ୍କା ହେଉଥିଲା । ବସନ୍ତ ବାବୁ କହନ୍ତି ଯେ ଏ ଗାଈଟିମାନ ତାଙ୍କ ପରିବାରରେ ଆର୍ଥିକ ସ୍ୱଚ୍ଛଳତା ଆଣିଛନ୍ତି । କାମଧେନୁର ଆଶୀର୍ବାଦରୁ ତାଙ୍କ ଅବସ୍ଥାର ପରିବର୍ତ୍ତନ ହୋଇଛି ବୋଲି ଶ୍ରୀ ଦାସ ସମସ୍ତଙ୍କୁ କହନ୍ତି ।

## କଂପ୍ୟୁଟର୍‌ର ପ୍ରଚଳନ

ସେଚ ଓ ଶକ୍ତି ବିଭାଗର କାର୍ଯ୍ୟକୁ ଅଧିକ ଗତିଶୀଳ କରିବା ଉଦ୍ଦେଶ୍ୟରେ ସଂପ୍ରତି ସଚିବାଳୟ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ଗୁଡ଼ିକରେ କଂପ୍ୟୁଟର ବ୍ୟବହାରକୁ ଗୁରୁତ୍ୱ ଦିଆଯାଇଛି । ଏହାର ପ୍ରଚଳନ ଫଳରେ ବହୁ ଜଟିଳ କାର୍ଯ୍ୟକୁ ଅତି ସହଜରେ ଏବଂ ଖୁବ୍ କମ୍ ସମୟ ମଧ୍ୟରେ ସଂପାଦନ କରାଯାଇ ପାରୁଛି । ଏବେ କଂପ୍ୟୁଟର ଏହି ବିଭାଗର ଅଫିସର ଓ ଇଞ୍ଜିନିୟରମାନଙ୍କ ମନରେ ନୂତନ ପ୍ରେରଣା ଆଣି ଦେଇଛି । ଗୋଟିଏ ସେଚ ପ୍ରକଳ୍ପର ବ୍ୟୟ ଅଟକଳ ତଥା ଆବଶ୍ୟକ ପଡୁଥିବା ନିର୍ମାଣ ସାମଗ୍ରୀର ବିବରଣୀ ଅତି ଅଳ୍ପ ସମୟ ମଧ୍ୟରେ କଂପ୍ୟୁଟର ଯୋଗାଇ ଦେଉଛି । ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଫିସର ଓ ଇଞ୍ଜିନିୟର ମାନଙ୍କୁ ତାଲିମ ଦେବା ପାଇଁ ସଂପ୍ରତି ରାଜଧାନୀ ସଚିବାଳୟଠାରେ ଏକ ଆଠଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ଅଫିସର ଓ ଇଞ୍ଜିନିୟରଙ୍କୁ ମିଶାଇ ମୋଟ୍ ୨୦ ଜଣଙ୍କୁ ତାଲିମ ଦିଆଯାଇଥିଲା । ଡେପୁଟି ସେକ୍ରେଟେରୀଙ୍କ ଠାରୁ ଆରମ୍ଭ କରି ସେକ୍‌ସନ୍ ଅଫିସର ପର୍ଯ୍ୟନ୍ତ ଏବଂ ବିଭିନ୍ନ ପାହ୍ୟାର ଇଞ୍ଜିନିୟର ମାନଙ୍କୁ ତାଲିମ ଦିଆଗଲା ।

ଉଦ୍‌ଯାପନ ଦିବସରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ତାଲିମପ୍ରାପ୍ତ ବିଭାଗୀୟ ଅଫିସରମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସେମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ନୂତନ ଜ୍ଞାନ ଆହରଣ କରି ବିଭିନ୍ନ ପ୍ରକଳ୍ପରେ କାମ କରୁଥିବା ଇଞ୍ଜିନିୟରମାନେ ସେମାନଙ୍କର କାର୍ଯ୍ୟକୁ ସୁଗମ କରିପାରିବେ । ରାଜ୍ୟର ସମସ୍ତ ପ୍ରକଳ୍ପକୁ କଂପ୍ୟୁଟର ଯୋଗାଇ ଦେବାରେ ସରକାର କୌଣସି ଅବହେଳା କରିବେ ନାହିଁ । ଏହି କଂପ୍ୟୁଟର ପ୍ରଚଳନ ଫଳରେ ଇଞ୍ଜିନିୟରମାନଙ୍କ ମଧ୍ୟରେ ଏକ ନୂତନ ଜାଗରଣ ସୃଷ୍ଟି ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । ସେ କହିଲେ ଯେ ବିଭିନ୍ନ ପ୍ରକଳ୍ପ ଗୁଡ଼ିକୁ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ ହୋଇପାରୁ ନାହିଁ । ଏପରି ପ୍ରକଳ୍ପ ଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ରାଜ୍ୟ ସରକାର ତତ୍ପର । ଏଥିପାଇଁ ଯେଉଁ କ୍ଷେତ୍ରରେ ଅସୁବିଧା ଦେଖାଦେବ, ତାହା ଦୂର କରିବା ପାଇଁ ଚେଷ୍ଟିତ ହେବା ଆବଶ୍ୟକ । ତଥ୍ୟ ସଂଗ୍ରହ ପାଇଁ କଂପ୍ୟୁଟର ଏକ ସହାୟକ ଯନ୍ତ୍ର । ସିଦ୍ଧାନ୍ତ ଗ୍ରହଣ କରିବା ପାଇଁ ଅଧିକାରପ୍ରାପ୍ତ ବ୍ୟକ୍ତିଙ୍କ ନିମନ୍ତେ କଂପ୍ୟୁଟରର ମଧ୍ୟ ଆବଶ୍ୟକତା ରହିଛି । ଏହା ସାହାଯ୍ୟରେ ସେମାନେ ପ୍ରତି ମାସରେ ହିସାବ ତାଙ୍କ ପାଖରେ ରଖିପାରିବେ । ତେଣୁ କଂପ୍ୟୁଟର ଏକ ନୂତନ ଦିଗନ୍ତ ସୃଷ୍ଟି କରିପାରିବେ ।

ଉତ୍ସବରେ ସେଚ ଓ ଶକ୍ତି ମନ୍ତ୍ରୀ ସେକ୍ ମତଲୁବ୍ ଅଲ୍ଲୀ ଯୋଗ ଦେଇ କହିଲେ ଯେ କଂପ୍ୟୁଟର ତାଲିମ ପାଇଥିବା ବିଭିନ୍ନ ଇଞ୍ଜିନିୟର ଓ ଅଫିସରମାନେ କଂପ୍ୟୁଟର ବ୍ୟବହାର ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିଛନ୍ତି । ସେ କହିଲେ ଯେ ବର୍ତ୍ତମାନ ସୁଦ୍ଧା ପ୍ରତ୍ୟେକ ପ୍ରକଳ୍ପକୁ କଂପ୍ୟୁଟର ଯୋଗାଇ ଦିଆଯାଇ ନଥିଲେ ମଧ୍ୟ ଏହାର ଦାମ୍ ଏବେ ଶସ୍ତା ପଡୁଥିବାରୁ ପ୍ରତ୍ୟେକ ପ୍ରକଳ୍ପକୁ ଏହା ଯୋଗାଇ ଦିଆଯାଇ ପାରିବ । ଜଣେ ତାଲିମପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ଶ୍ରୀ ଏସ୍. ସି. ସାମନ୍ତ କଂପ୍ୟୁଟର ବ୍ୟବହାର ସଂପର୍କରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ।

ଏହି ଉତ୍ସବରେ ସୂଚନା ଓ ଲୋକ ସଂପର୍କ ବିଭାଗ ଶାସନ ସଚିବ, ଶିଳ୍ପ ବିଭାଗ ଶାସନ ସଚିବ, ହରିଜନ ଓ ଆଦିବାସୀ କଲ୍ୟାଣ ବିଭାଗ ଶାସନ ସଚିବଙ୍କ ସମେତ ବହୁ ପଦସ୍ଥ ଅଫିସର ଯୋଗ ଦେଇଥିଲେ ।

## ପଲ୍ଲୀ ପଥେ ବିଜୁଳି

ରାଜ୍ୟର ଅନୁନ୍ନତ ଜିଲ୍ଲାଗୁଡ଼ିକ ମଧ୍ୟରୁ କଳାହାଣ୍ଡି ଅନ୍ୟତମ । ଏହି ଜିଲ୍ଲାରେ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଖରେ ବିଦ୍ୟୁତ୍‌ଶକ୍ତି ଉପକାରିତା ପହଞ୍ଚାଇ ଦେବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ଗତ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମର ଆର୍ଥିକ ସହାୟତାରେ ଏହି ଜିଲ୍ଲାର ୧୯୮ଟି ହରିଜନ ବସ୍ତିର ୬୦୨ଟି ସ୍ଥାନରେ ରାସ୍ତା ଆଲୁଅ ଯୋଗାଇ ଦିଆଯାଇଛି । ଆଉ ଅଧିକ ୨୭ଟି ହରିଜନ ବସ୍ତିରେ ରାସ୍ତା ଆଲୋକ ଯୋଗାଇ ଦେବା ପାଇଁ ଚଳିତ ବର୍ଷ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପୁନଶ୍ଚ ଏହି ସମୟ ଶେଷ ସୁଦ୍ଧା ଜିଲ୍ଲାର ୨୦୦ରୁ ଊର୍ଦ୍ଧ୍ୱ ଜନଜାତିର ଲୋକ ବାସ କରୁଥିବା

## ଆତ୍ମ ନିଯୁକ୍ତିରେ ସଫଳତା

ଷଷ୍ଠ ଯୋଜନାକାଳ ମଧ୍ୟରେ ଆଇ: ଆର: ଡ଼ି:, ଇ: ଆର: ଆର. ପି:, ଆଦିବାସୀ ଉପ-ଯୋଜନା, ହରିଜନଂକ ସ୍ୱତନ୍ତ୍ର ଉପାଂଶ ଯୋଜନା ଏବଂ ହସ୍ତତନ୍ତ ବିକାଶ ଲାଗି ଅତିରିକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ବିଭିନ୍ନ ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୧୪ଲକ୍ଷ ୭୫ ହଜାରଲୋକ ଉପକୃତ ହୋଇଛନ୍ତି । ସପ୍ତମ ଯୋଜନାର ପ୍ରଥମ ଦୁଇ ବର୍ଷ (୧୯୮୫-୮୬ ଓ ୧୯୮୬-୮୭)ରେ ମୋଟ୍ ୭ଲକ୍ଷ ୩୯ ହଜାରଲୋକ ଉପକୃତ ହେବା ସଙ୍ଗେ ସଙ୍ଗେ ଚଳିତ ଆର୍ଥିକ ବର୍ଷରେ ୩ ଲକ୍ଷ ୪୧ ହଜାର ଲୋକଂକୁ ଏଥିରେ ଅନ୍ତର୍ଭୁକ୍ତ କରାଯିବାପାଇଁ ଲକ୍ଷ୍ୟ ରଖାଯାଇଛି ।

ଗ୍ରାମାଂଚଳରେ ରହୁଥିବା ଅଣ-କୁଶଳୀ, ଅର୍ଦ୍ଧ-କୁଶଳୀ, ବେକାର ତଥା ଅର୍ଦ୍ଧ-ବେକାର ଲୋକମାନଂକୁ ଉକ୍ତ ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ନିଯୁକ୍ତିଦେବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ।

## ନୂଆ ଟ୍ରେଜେରୀ

ସର୍ବସାଧାରଣମାନଙ୍କୁ ଅଧିକ ସୁବିଧା ଯୋଗାଇବା ନିମନ୍ତେ ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁରଠାରେ ତା୨୨-୧୨-୧୯୮୭ ରିଖ ମଙ୍ଗଳବାରଠାରୁ ଗୋଟିଏ ନୂତନ ସବ ଟ୍ରେଜେରୀ କାର୍ଯ୍ୟକରୁଛି । ନୂତନ ସବ୍-ଟ୍ରେଜେରୀକୁ ଅର୍ଥ, ଆଇନ ଓ ରାଜସ୍ୱ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି ।

ଏହି ସବ୍-ଟ୍ରେଜେରୀଟି ସପ୍ତାହରେ ଦୁଇଦିନ ଅର୍ଥାତ୍ ପ୍ରତ୍ୟେକ ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ଦିନ କାର୍ଯ୍ୟ କରିବା ସଙ୍ଗେସଙ୍ଗେ ପ୍ରତ୍ୟେକ ମାସର ପ୍ରଥମ ଓ ଶେଷ ସରକାରୀ କାର୍ଯ୍ୟ ଦିବସମାନଙ୍କରେ ମଧ୍ୟ କାର୍ଯ୍ୟକରିବ । ଏହି ସବ୍-ଟ୍ରେଜେରୀ ଅଧୀନରେ ପୁରୁଷୋତ୍ତମପୁର ତହସିଲ ଅଞ୍ଚଳ, ସମସ୍ତ ପୁରୁଷୋତ୍ତମପୁର ଥାନା ଅଞ୍ଚଳ ସମେତ ଗଞ୍ଜାମ ବ୍ଲକ୍‌ର ଖଣ୍ଡଦେଉଳୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ହିଞ୍ଜିଳି ବ୍ଲକର ବେଲଗାଁ ସ୍ୱାସ୍ଥ୍ୟକେନ୍ଦ୍ର ରହିବ ବୋଲି ଜଣାପଡ଼ିଛି । ଉକ୍ତ ସବ ଟ୍ରେଜେରୀ ସରକାରଙ୍କ ତରଫରୁ ଦେଣନେଣ କାର୍ଯ୍ୟ କରିବା ବ୍ୟତୀତ ବର୍ତ୍ତମାନ ପାଇଁ କେବଳ ସର୍ଭିସ୍ ପୋଷ୍ଟେଜ ଷ୍ଟାମ୍ପ୍ ଯୋଗାଇବ । ଅନ୍ୟ ଶ୍ରେଣୀର ଷ୍ଟାମ୍ପ୍ ପୂର୍ବଭଳି ଛତ୍ରପୁରସ୍ଥ ଗଞ୍ଜାମ ଜିଲ୍ଲା ଟ୍ରେଜେରୀ ଓ କୋଦଳା ସବ୍-ଟ୍ରେଜେରୀରୁ ଉକ୍ତ ଅଞ୍ଚଳପାଇଁ ମିଳିପାରିବ ।

ପୁରୁଷୋତ୍ତମପୁରଠାରେ ଏହି ସବ୍-ଟ୍ରେଜେରୀ କାର୍ଯ୍ୟ ଆରମ୍ଭ କରିବା ଦିନଠାରୁ ଛତ୍ରପୁରସ୍ଥ ଗଞ୍ଜାମ ଜିଲ୍ଲା ଟ୍ରେଜେରୀ ଓ କୋଦଳା ସବ ଟ୍ରେଜେରୀ ଉପରୋକ୍ତ ଅଞ୍ଚଳ ପାଇଁ ଆଉ କାର୍ଯ୍ୟ କରିବ ନାହିଁ ।

ଉପରୋକ୍ତ ସବ-ଟ୍ରେଜେରୀକୁ ମିଶାଇ ଗଞ୍ଜାମ ଜିଲ୍ଲାରେ ଟ୍ରେଜେରୀ ସଂଖ୍ୟା ୧୩ କୁ ବଢ଼ିପାଇବ । ପୂର୍ବରୁ ଗଞ୍ଜାମ ଜିଲ୍ଲାପାଇଁ ଛତ୍ରପୁରଠାରେ ଜିଲ୍ଲା ଟ୍ରେଜେରୀ, ବ୍ରହ୍ମପୁରଠାରେ ଏକ ସ୍ୱତନ୍ତ୍ର ଟ୍ରେଜେରୀ, ଅସ୍କା, ଭଞ୍ଜନଗର, କୋଦଳା, ପାରଳା-ଖେମୁଣ୍ଡି, ସୋରଡ଼ା, ଆର.ଉଦୟଗିରି, ବୁଗୁଡ଼ା, ଚିକିଟି, ଦିଗପହଣ୍ଡି ଓ ଖଲ୍ଲିକୋଟଠାରେ ଗୋଟିଏ ଲେଖାଏ ସବ ଟ୍ରେଜେରୀ କାର୍ଯ୍ୟ କରୁଛି ।

## ଅତିରିକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର

ହରିଜନ ଓ ଆଦିବାସୀ କଲ୍ୟାଣ ଉପମନ୍ତ୍ରୀ ଶ୍ରୀମତୀ ପରମା ପୂଜାରୀ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ କୁତେସ ଗ୍ରାମପଞ୍ଚାୟତର ବିରିଗୁଡ଼ାଠାରେ ନୂତନ ଅତିରିକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଉପମନ୍ତ୍ରୀ ଶ୍ରୀମତୀ ପୂଜାରୀ ସାଧାରଣ ସଭାରେ ଉଦ୍‌ବୋଧନଦେଇ ଆଦିବାସୀମାନେ ରୋଗ ହେଲେ ଦିସାରି ଗଣିଆଙ୍କ ପାଖକୁ ନ ଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଚିକିତ୍ସା ବ୍ୟବସ୍ଥା କରିବା ଏବଂ ମା ଓ ଶିଶୁର ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ପାଇଁ ଆଦିବାସୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଆଦିବାସୀ ଓ ହରିଜନମାନଙ୍କ ଆର୍ଥିକ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ବିଷୟରେ ବୁଝାଇ ଶ୍ରୀମତୀ ପୂଜାରୀ ଶିକ୍ଷା ପ୍ରତି ଆଗ୍ରହୀ ହେବା ଓ ନିଶାସକ୍ତ ନ ହେବା ପାଇଁ ସେମାନଙ୍କୁ ପରାମର୍ଶ ଦେଇଥିଲେ ।

ଅତିରିକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ନିର୍ମାଣ ବାବଦରେ ୩ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି । ଏହି ସଭାରେ ଶ୍ରୀମତୀ ପୂଜାରୀ ୨୫ ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୨୪ ଜଣଙ୍କୁ ଘରଡ଼ିହ ପଟ୍ଟା ଓ ୫୭ ଜଣ ବ୍ୟକ୍ତିଙ୍କୁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଋଣ ବଣ୍ଟନ କରିଥିଲେ ।

## ଆଦିବାସୀ ହଷ୍ଟେଲ ଉଦ୍‌ଘାଟନ

ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କର ବ୍ଲକ ଅନ୍ତର୍ଗତ ତଳସରା ଉଚ୍ଚବିଦ୍ୟାଳୟର ନବନିର୍ମିତ ଆଦିବାସୀ ଛାତ୍ରାବାସ ରାଜ୍ୟ ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରାଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି । ଏହି ଛାତ୍ରାବାସ ପାଇଁ ୨ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ବେହେରା ହରିଜନ ଓ ଆଦିବାସୀମାନଙ୍କର ଆର୍ଥିକ ଉନ୍ନତି ପାଇଁ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ବିଷୟରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏମ. ପି. ଶ୍ରୀ ମରିସ କୁଜୁର ଓ ତଳସରା ବିଧାୟକ ଶ୍ରୀ ଗଦାଧର ମାଝୀ ଏଥିରେ ଉଦ୍‌ବୋଧନ ଦେଇଥିଲେ ।

ମନ୍ତ୍ରୀ ଶ୍ରୀ ବେହେରା ବନ୍ଧପାଲି-କିଞ୍ଜିରକେଲା ରାସ୍ତାରେ ଥେଇକୋବନ୍ଦଠାରେ ୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ପୋଲ ଉଦ୍‌ଘାଟନ କରି ଅଲେଇକରାଠାରେ ଆଶ୍ରମ ସ୍କୁଲର ଗୃହ ନିର୍ମାଣ ପାଇଁ ଶିଳା ପ୍ରଦାନ କରିଥିଲେ । ତେଲେଣ୍ଡିହି ସେବାଶ୍ରମ ଓ ଟାଙ୍ଗରମୁଣ୍ଡା ବିଦ୍ୟାଳୟ ନିର୍ମାଣ କରି ଆଦିବାସୀ କଲ୍ୟାଣ ମନ୍ତ୍ରୀ ଖୁଟ୍‌ଗାଁରେ ବାଉଁଶରେ ନିର୍ମିତ ଟୋକେଇ ଚୌକି ପ୍ରଭୃତି ବିଭିନ୍ନ ସୁନ୍ଦର ସୁନ୍ଦର ହସ୍ତ ଶିଳ୍ପ ଦେଖି କାରୀଗରମାନଙ୍କୁ ଆଇ. ଟି. ଡି.ରୁ ସାହାଯ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ

ଭୁବନେଶ୍ୱରଠାରେ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ୍ ବିଭାଗ ପକ୍ଷରୁ ଏକ ସୂଚନା ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ବସାଇବା ଲାଗି

# ସମ୍ବାଦ ପରିକ୍ରମା

## ରାଜ୍ୟରେ ମରୁଡ଼ି ପରିସ୍ଥିତିର ମୁକାବିଲା

ରାଜ୍ୟର ବିଭିନ୍ନ ଅଞ୍ଚଳରେ ମରୁଡ଼ିଜନିତ ପରିସ୍ଥିତିର ମୁକାବିଲା କରିବା ଲାଗି ସରକାର ସମସ୍ତ ପ୍ରଶାସନିକ କଳକୁ ସକ୍ରିୟ କରିଛନ୍ତି । ଏଥିପାଇଁ ନିଆଯାଉଥିବା ବ୍ୟାପକ କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯିବ ।

ସାଂପ୍ରତିକ ମରୁଡ଼ି ପରିସ୍ଥିତି ସଂପର୍କରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ରାଜସ୍ୱ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଆଜି ଏଠାରେ ସମୀକ୍ଷା କରିଥିଲେ । ସରକାରଙ୍କ କୃଷି ବିଶେଷଜ୍ଞମାନଙ୍କ ସମେତ ସଂପୃକ୍ତ ପଦସ୍ଥ ଅଫିସରମାନେ ଉପସ୍ଥିତ ଥିଲେ ।

ଗତ ଜୁନମାସ ଠାରୁ ଆଜି ପର୍ଯ୍ୟନ୍ତ ସମଗ୍ର ରାଜ୍ୟର ବହୁ ଅଞ୍ଚଳରେ ବର୍ଷାଭାବ ଏବଂ କେତେକ ଅଞ୍ଚଳରେ ସ୍ୱଳ୍ପବୃଷ୍ଟି ହୋଇଥିବାରୁ ଧାନରୋପଣ ବ୍ୟାହତ ହେବା ସଙ୍ଗେ ସଙ୍ଗେ ବହୁ ଅଞ୍ଚଳରେ ଧାନ ତଳିଗୁଡ଼ିକ ଶୁଖିଯାଇଛି । ରାଜ୍ୟର ଜଳସେଚିତ ଅଞ୍ଚଳ ବ୍ୟତୀତ ଅନ୍ୟ ସବୁ ଅଞ୍ଚଳରେ ବିଶେଷତଃ କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ, ଫୁଲବାଣୀ ଓ ଗଞ୍ଜାମ ସମେତ ଅନ୍ୟ କେତେକ ଅଣ-ଜଳସେଚିତ ଅଞ୍ଚଳରେ ବ୍ୟାପକ ଫସଲହାନୀ ହେବାର ଆଶଙ୍କା ପ୍ରକାଶ ପାଉଛି । ନିକଟ ଭବିଷ୍ୟତରେ ମୌସୁମୀ ବର୍ଷା ନହେଲେ ପରିସ୍ଥିତି ଅଧିକ ବ୍ୟାପକ ହେବ ବୋଲି ଜଣାପଡ଼ିଛି ।

ଏହି ପରିସ୍ଥିତି ମୁକାବିଲା ପାଇଁ ବିଶେଷ କ୍ଷତିଗ୍ରସ୍ତ ଅଞ୍ଚଳର ଚାଷୀମାନଙ୍କୁ ବିଭିନ୍ନ ତୈଳବୀଜ କିମ୍ବା ମୁଗ, ବିରି ପ୍ରଭୃତି ଡାଲିଜାତୀୟ ବିହନ ଏବଂ ରାସାୟନିକ ସାର ଥିବା ବିହନ ମୁଣା ବା ମିନିକିଟ ମାଗଣାରେ ଯୋଗାଇ ଦିଆଯିବ । ୧୫ ହଜାର ଗ୍ରାମର କ୍ଷତିଗ୍ରସ୍ତ ଚାଷୀଙ୍କୁ ପ୍ରାୟ ୨ଲକ୍ଷ ଏହିପରି ମିନିକିଟ୍ ବଣ୍ଟନ କରାଯିବ । ଏ ବାବଦରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟ ହେବ ବୋଲି ଜଣାପଡ଼ିଛି ।

ଜଳସେଚନର ଅଧିକ ସୁବିଧା ପାଇଁ ଅଚଳ ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ ତୁରନ୍ତ ମରାମତି କରିବା, କ୍ଷେତ୍ରନାଳୀ ପ୍ରସ୍ତୁତ କରିବା ଏବଂ ଆବଶ୍ୟକ ସ୍ଥଳେ ନଦୀକୂଳରେ ନୂଆ ଉଠାଜଳସେଚନ ପଏଣ୍ଟ ନିର୍ମାଣ କରାଯିବ । ଅଧିକ କ୍ଷତିଗ୍ରସ୍ତ ଅଞ୍ଚଳରେ ଛୋଟ ଅମଳ ପ୍ରକଳ୍ପମାନ ନିର୍ମାଣ କରି ଜଳସେଚନର ସୁବିଧା କରିବା ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକଙ୍କୁ କାମଧନ୍ଦା ମଧ୍ୟ ଯୋଗାଇ ଦିଆଯିବ । ଏଥିପାଇଁ ୧ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟ କରାଯିବା ପାଇଁ ବ୍ୟବସ୍ଥା କରାଯାଉଛି ।

କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ, ଫୁଲବାଣୀ ଓ ଗଞ୍ଜାମ ଜିଲ୍ଲାରେ ଆଡ଼ିବନ୍ଧ ନିର୍ମାଣ ପାଇଁ ପ୍ରତ୍ୟେକ ଜିଲ୍ଲାକୁ ୨ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦେବାର ବ୍ୟବସ୍ଥା ହେବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ୮ଟି ଜିଲ୍ଲାକୁ ଏ ବାବଦରେ ପ୍ରତ୍ୟେକ ୧ ଲକ୍ଷ ଟଙ୍କା ହିସାବରେ ଯୋଗାଇ ଦେବା ପାଇଁ ପଦକ୍ଷେପ ନିଆଯାଉଛି । ଏହା ବ୍ୟତୀତ ବହୁଳଭାବରେ କ୍ଷତିଗ୍ରସ୍ତ ଅଞ୍ଚଳର ଚାଷୀମାନଙ୍କୁ ଉଠାଜଳସେଚନ ପଏଣ୍ଟଗୁଡ଼ିକରୁ ଜଳସେଚନ କରିବାପାଇଁ ଶତକଡ଼ା ୫୦ ଭାଗ ହାରରେ ଜଳକର ରିହାତି ଦିଆଯିବ ।

ପାନୀୟ ଜଳାଭାବ ଦୂରକରିବା ପାଇଁ ଅଣ ଚିହ୍ନଟ ଗ୍ରାମଗୁଡ଼ିକରେ ନଳକୂପ ବସାଇବା ଏବଂ ଅଚଳ ନଳକୂପଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରି କାର୍ଯ୍ୟକ୍ଷମ କରିବା ପାଇଁ ସଂପୃକ୍ତ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହା ବ୍ୟତୀତ ଅଧିକ କ୍ଷତିଗ୍ରସ୍ତ ଅଞ୍ଚଳଗୁଡ଼ିକରେ ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମକୁ ୧୯୮୮ ମସିହା ଜୁନମାସ ପରେ ମଧ୍ୟ ଚାଲୁ ରଖାଯିବ । କେବଳ ବଲାଙ୍ଗୀର ଜିଲ୍ଲାରେ ଅଧିକ ୨୦ ହଜାର ଉପଭୋକ୍ତାଙ୍କୁ ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇ ଏହାକୁ ୧୯୮୮ ମସିହା ମାର୍ଚ୍ଚ ପର୍ଯ୍ୟନ୍ତ ଚାଲୁ ରଖାଯିବ ।

ଆସନ୍ତା ମାସ ୧୧ ଓ ୧୨ ତାରିଖରେ ରାଜ୍ୟର ମରୁଡ଼ି ପରିସ୍ଥିତିର ସମୀକ୍ଷା କରିବା ପାଇଁ ଜିଲ୍ଲାପାଳ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି ।

## ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର

ରାଜ୍ୟ କୃଷି ଓ ସମବାୟ ଏବଂ ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ରାଉରକେଲାଠାରୁ ୧୫ କି. ମି. ଦୂର ବିଶ୍ରାଠାରେ ଏକ ନୂତନ କନ୍ୟାଶ୍ରମର ଗୃହ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରି ସରକାରଙ୍କ ପକ୍ଷରୁ ପ୍ରାଥମିକ ସ୍ତରରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗକୁ ପୂର୍ଣ୍ଣ ବିନିଯୋଗ କରିବାକୁ ଆଦିବାସୀମାନଙ୍କୁ ଆହ୍ୱାନ ଦେଇଥିଲେ । ସେଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ବେହେରା ଆଦିବାସୀ ବାଳକ ବାଳିକାମାନଙ୍କର ଶିକ୍ଷାଗତ ଯୋଗ୍ୟତା ବୃଦ୍ଧି ଦିଗରେ ସରକାରଙ୍କ ଯୋଜନା ବିଷୟରେ ବୁଝାଇଥିଲେ ।

ଶିକ୍ଷା, କ୍ରୀଡ଼ା ଓ ଯୁବ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ କୁମାରୀ ଫ୍ରିଡ଼ା ଟୋପ୍ନୋ ଉତ୍ସବରେ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଚେୟାରମ୍ୟାନ୍ ଶ୍ରୀ ଜୋସେଫ୍ ତିର୍କେ, ଜିଲ୍ଲାପାଳ ଶ୍ରୀ ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।

କୁମ୍ଝରିଆଠାରେ ସାନପୋଷ ଆଇ. ଟି. ଡି. ଏ ଦ୍ୱାରା ନିର୍ମିତ ମଧ୍ୟ ଇଂରାଜୀ ବିଦ୍ୟାଳୟର ଦୁଇଟି ଶ୍ରେଣୀଗୃହ, ପ୍ରାଥମିକ ବିଦ୍ୟାଳୟର ଛାତ୍ରାବାସ ଓ କନ୍ୟାଶ୍ରମ ଛାତ୍ରୀନିବାସର ଅତିରିକ୍ତ ବାସଗୃହ ମନ୍ତ୍ରୀ ଶ୍ରୀ ବେହେରା ଉଦ୍‌ଘାଟନ କରିଥିଲେ ଏବଂ ଜିଲ୍ଲାର ବିଭାଗୀୟ କ୍ଷେତ୍ର କର୍ମଚାରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଏକ ବୈଠକରେ ଯୋଗ ଦେଇ ଶିକ୍ଷାନୁଷ୍ଠାନ ପରିଚାଳନାରେ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ବିଧାନ ସଭା ସଦସ୍ୟ ଶ୍ରୀ ରାମିସ୍ କେରକେଟା ଏହି କାର୍ଯ୍ୟକ୍ରମମାନଙ୍କରେ ଉପସ୍ଥିତ ଥିଲେ ।

ଅଣ୍ଟାଳି କାମ୍ବାହାଲଠାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସେବାଶ୍ରମ ଛାତ୍ରାବାସ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ବେହେରା ସୁନ୍ଦରଗଡ଼ ଜିଲ୍ଲାରେ ଆଦିବାସୀ ହରିଜନମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ଦୃଷ୍ଟିରୁ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ବିଷୟରେ ବୁଝାଇଥିଲେ । ଶିକ୍ଷା ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ କୁମାରୀ ଟୋପ୍ନୋ ଉତ୍ସବରେ ସଭାପତିତ୍ୱ କରି ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିବାକୁ ଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ । ରାୟବଗାଠାରେ ହାଇସ୍କୁଲ ପକ୍ଷରୁ ହରିଜନ ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ମନ୍ତ୍ରୀ ଅପରାହ୍ନରେ ମଝିପଡ଼ା-ଜୟକୁଦ ରାସ୍ତାରେ ୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ପୋଲ ଉଦ୍‌ଘାଟନ କରିଥିଲେ ।

କୁଆଁରମୁଣ୍ଡାଠାରେ ମନ୍ତ୍ରୀ ଶ୍ରୀ ବେହେରା ଅଶ୍ୱନକ ଭାବରେ ବହୁମୁଖୀ ସେବା ସମବାୟ ସମିତି ପରିଦର୍ଶନ କରି ଋଣଦାନ ଓ ସାର ଯୋଗାଣ ପରିସ୍ଥିତି ଅନୁଧ୍ୟାନ କରିଥିଲେ ଏବଂ ଦୈନିକ ଋଣ ଆଦାୟ କାର୍ଯ୍ୟ ସ୍ଥିର ରଖିବାକୁ ପରାମର୍ଶ ଦେଇଥିଲେ ।

### ଉଠାଜଳସେଚନ ପ୍ରକଳ୍ପ

ଶ୍ରମ ଓ ନିୟୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ବସ୍ତ ବ୍ଲକର ତିନାମାଳି ଗ୍ରାମଠାରେ ଏକ ଉଠାଜଳସେଚନ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ । ଏହି ପ୍ରକଳ୍ପପାଇଁ ସମୁଦାୟ ଖର୍ଚ୍ଚ ଅଟକଳ ଏକ ଲକ୍ଷ ୭୬ ହଜାର ଟଙ୍କା ମଧ୍ୟରୁ ଏକ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମିତ ହୋଇଛି ଏବଂ ଅବଶିଷ୍ଟ ୭୬ ହଜାର ଟଙ୍କା ଗ୍ୱେନେଲ ନିର୍ମାଣରେ ବ୍ୟୟ କରାଯିବ । ଏହି ପ୍ରକଳ୍ପଦ୍ୱାରା କେନ୍ଦୁଆପଦା ପଞ୍ଚାୟତର ୬୦ ଏକର ଜମି ଖରିଫ୍ ଋତୁରେ ଏବଂ ୪୦ ଏକର ଜମି ରବି ଫସଲରେ ପାଣି ଯୋଗାଇ ଦିଆ ଯାଇ ପାରିବ ।

ଏହି ଉତ୍ସବରେ ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀ ବିଧାୟକ ଶ୍ରୀ ପଞ୍ଚାନନ ମଣ୍ଡଳ, ବ୍ଲକ୍ ଚେୟାରମ୍ୟାନ୍, କେନ୍ଦୁଆପଦା ଗ୍ରାମ ପଞ୍ଚାୟତ ଓ ଅନ୍ୟାନ୍ୟ ଗ୍ରାମ ପଞ୍ଚାୟତର ସରପଞ୍ଚ, ବସ୍ତ ବି. ଡି. ଓ. ପ୍ରମୁଖ ଉଦ୍‌ବୋଧନ ଦେଇ ସ୍ଥାନୀୟ ସମସ୍ୟା, ମୁଖ୍ୟତଃ ମରୁଡ଼ି ପ୍ରପୀଡ଼ିତ ଏହି ଅଞ୍ଚଳ ଲୋକଙ୍କୁ କାମଧନ୍ଦା ଯୋଗାଇ ଦେବା ପାଇଁ ଶ୍ରମ ମନ୍ତ୍ରୀଙ୍କଠାରେ ଦାବୀ କରିଥିଲେ ।

ଶ୍ରୀ ମହାପାତ୍ର ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ମରୁଡ଼ିର ମୁକାବିଲା କରିବା ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି ଏବଂ ଲୋକଙ୍କୁ ରବି ଚାଷ ପାଇଁ ସବୁ ପ୍ରକାର ସାହାଯ୍ୟ କରାଯିବ । ମରୁଡ଼ି ଅଞ୍ଚଳରେ ଲୋକଙ୍କୁ କାମ ଓ ଖାଦ୍ୟ ଯୋଗାଇ ଦିଆଯିବ ବୋଲି ସେ କହିଥିଲେ । ଲୋକଙ୍କୁ ମିଳୁଥିବା ଋଣର ସଦୁପଯୋଗ ପାଇଁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ । ଆଞ୍ଚଳିକ ଦାବୀ ତଥା ଅଭାବ ଅସୁବିଧା ପ୍ରତି ସରକାର ସଚେତନ ଅଛନ୍ତି ଏବଂ ସେଗୁଡ଼ିକ ସୀମିତ ସମୟ ମଧ୍ୟରେ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ ।

### କଟକ ୨ ନମ୍ବର ଡ଼ିଭିଜନରେ ରାସ୍ତାଘାଟ

କଟକ ୨ ନମ୍ବର ପୂର୍ତ୍ତ ଡ଼ିଭିଜନ୍‌ରେ ୭ଟି ସେତୁ ନିର୍ମାଣ ଓ ୬ଟି ରାସ୍ତାର ଉନ୍ନୟନ କରିବା ବାବଦରେ ଚଳିତ ଆର୍ଥିକ ବର୍ଷ ୧ କୋଟି ୪ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ବରାଦ କରାଯାଇ ଥିବା ସ୍ଥଳେ ଗତ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୯୧ ଲକ୍ଷ ୩୦ ହଜାର ଟଙ୍କା ବ୍ୟୟ କରାଯାଇଛି ।

ତନ୍ମଧ୍ୟରୁ ସର୍ବାଧିକ ୩୯ ଲକ୍ଷ ୭୫ ହଜାର ଟଙ୍କା ବିନିଯୋଗ କରାଯାଇଛି ଜଗତପୁର-କଟିକଟା ରାସ୍ତାର ପୁରୁଂଶଠାରେ ଲୁଣାନଦୀ ସେତୁ ନିର୍ମାଣ ପାଇଁ । ୧୯୮୪ ମସିହା ଜୁନ୍‌ମାସରେ ସରକାର ଏହି ସେତୁର ନିର୍ମାଣ ପାଇଁ ୨ କୋଟି ୪୨ ଲକ୍ଷ ୭୦ ହଜାର ଟଙ୍କାର ପ୍ରଶାସନିକ ମଂଜୁରୀ ପ୍ରଦାନ କରିଥିଲେ ଏବଂ ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ ୪୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ୯ଟି ସ୍ପାନ୍ ବିଶିଷ୍ଟ ଏହି ସେତୁରେ ୭ଟି ସ୍ପାନ୍ ନିର୍ମିତ ହୋଇ କଂକ୍ରିଟ୍ ଢଳେଇ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି । ଏହାକୁ ସଂପୂର୍ଣ୍ଣ କରିବା ଲାଗି ଅଧିକ ଅର୍ଥ ଆବଶ୍ୟକ ପଡ଼ିବାର ସଂଭାବନା ରହିଛି । ସେହିପରି ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାରେ ହଂସୁଆ ସେତୁ ନିର୍ମାଣ ପାଇଁ ୧୪ ଲକ୍ଷ ୯୧ ହଜାର ଟଙ୍କା ଏବଂ କଟକ- ଗୁନ୍ଦବାଲି ରାସ୍ତାରେ ବ୍ରାହ୍ମଣୀ ସେତୁ ପାଇଁ ୧୨ ଲକ୍ଷ ୭୯ ହଜାର ଟଙ୍କା ବ୍ୟୟ କରାଗଲାଣି । ଏହା ବ୍ୟତୀତ ପ୍ରଭାକରପୁର-ରାମନଗର ରାସ୍ତାରେ ରାମଚଣ୍ଡୀ ନାଳ ସେତୁ ନିର୍ମାଣ ଲାଗି ୭ ଲକ୍ଷ ୯୩ ହଜାର ଟଙ୍କା, କଟକ-ଗୁନ୍ଦବାଲି ରାସ୍ତାରେ କେନ୍ଦ୍ରାପଡ଼ା ନାଳ ସେତୁ ପାଇଁ ୩ ଲକ୍ଷ ୨୦ ହଜାର ଟଙ୍କା ଏବଂ ସେହି ରାସ୍ତାରେ ଖରସ୍ରୋତା ସେତୁ ପାଇଁ ୩ ଲକ୍ଷ ୩୭ ହଜାର ଟଙ୍କା ବ୍ୟୟ କରାଯାଇଛି ।

ନିଷ୍ପତ୍ତି ନିଆଯାଇଛି । ବିଜ୍ଞାନ ଓ ବୈଷୟିକ ବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଶ୍ରୀ କେ. ଆର. ନାରାୟଣନ୍ ରାଜ୍ୟ ସଭାରେ ଶ୍ରୀ ବାସୁଦେବ ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କହିଲେ ଯେ ଏହି ପ୍ରତିଷ୍ଠାନ ବସାଇବାରେ ୩ କୋଟି ଟଙ୍କା ଖର୍ଚ୍ଚ ହେବ । ଏହା ବାଦ ପ୍ରାରମ୍ଭିକ ପର୍ଯ୍ୟାୟରେ ଅନୁଷ୍ଠାନଟି ବର୍ଷକୁ ୫୦ ଲକ୍ଷ ଟଙ୍କା ପୌନପୁନିକ ଖର୍ଚ୍ଚ ହେବ ବୋଲି ସେ ପ୍ରକାଶ କରିଥିଲେ ।

ଶ୍ରୀ ନାରାୟଣନ୍ କହିଲେ ଯେ ଭୁବନେଶ୍ୱରଠାରେ ସରକାରଙ୍କ ଦ୍ୱାରା ପ୍ରଥମ ଥରପାଇଁ ଏଭଳି ଏକ ସଂସ୍ଥା ପ୍ରତିଷ୍ଠା କରାଯାଉଛି । ଓଡ଼ିଶା ସରକାର ଏଥିପାଇଁ ଜମିଯୋଗାଇ ଦେଇଛନ୍ତି ଏବଂ କେନ୍ଦ୍ର ଇଲେକ୍‌ଟ୍ରୋନିକ୍ ବିଭାଗ ପକ୍ଷରୁ ଏକ ମୁଖ୍ୟ ଫ୍ରେମ କଂପ୍ୟୁଟର ଓ ଏକ ସୁପର କଂପ୍ୟୁଟର ବସାଯାଇ ସାରିଲାଣି । ପ୍ରତିଷ୍ଠାନର ନିୟମାବଳୀ ପ୍ରଣୟନ ତଥା ଏଠାରେ କେଉଁ କେଉଁ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯିବ ସେ ସଂପର୍କରେ ବିଶଦ ବିବରଣୀ ପ୍ରସ୍ତୁତ କରିବା ଲାଗି ଏକ କମିଟି ଗଠନ କରାଯାଇଛି । କଂପ୍ୟୁଟର ବିଜ୍ଞାନ କ୍ଷେତ୍ରରେ ପ୍ରଶିକ୍ଷଣ ଦେବା ଲାଗି ଏହି ସଂସ୍ଥାର ମୁଖ୍ୟ କାର୍ଯ୍ୟ ହେବ ।

ସେ ଆହୁରି କହିଲେ ଯେ ମୁଖ୍ୟ କଂପ୍ୟୁଟର ସହିତ ଉପୁଷ୍ଟ କେନ୍ଦ୍ର ଓ ଜିଲାସ୍ତରୀୟ କଂପ୍ୟୁଟର ଗୁଡ଼ିକୁ ସଂଯୁକ୍ତ କରାଯିବ । ଏହା ଦ୍ୱାରା ସାମାଜିକ ତଥା ଅର୍ଥନୈତିକ ଉନ୍ନୟନ ସଂକ୍ରାନ୍ତ ତଥ୍ୟମାନ ସଂଗ୍ରହ ବିଶ୍ଳେଷଣ ଓ ବିତରଣ କରାଯାଇ ପାରିବ । ଏତଦ ବ୍ୟତୀତ ଓଡ଼ିଶାରେ ବାହାର କରାଯାଉଥିବା କଂପ୍ୟୁଟର ସଫ୍‌ଟଓୟାର ବିଦେଶକୁ ରପ୍ତାନି କରାଯାଇପାରିବ ବୋଲି ସେ ସୂଚନା ଦେଇଥିଲେ ।

## ଆଦିବାସୀ ଉନ୍ନୟନ ପ୍ରକଳ୍ପ

କୋରାପୁଟ ଜିଲ୍ଲାର କାଶିପୁର ବ୍ଲକରେ ଏକ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପ୍ରକଳ୍ପରେ ୩୨ କୋଟି ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି । ପ୍ରକଳ୍ପ ପାଇଁ ୧୨.୨ ନିୟୁତ ଆମେରିକୀୟ ଡଲାରର ଆଂଶିକ ସହାୟତା ଯୋଗାଇ ଦେବା ଲାଗି ଆନ୍ତର୍ଜାତିକ କୃଷି ବିକାଶ ପାଣ୍ଠି କର୍ତ୍ତୃପକ୍ଷଙ୍କ ସହ କଥାବାର୍ତ୍ତା ଚାଲିଛି । କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଡ଼ଃ ରାଜେନ୍ଦ୍ର କୁମାରୀ ବାଜପେୟୀ ରାଜ୍ୟ ସଭାରେ ଶ୍ରୀ ବାସୁଦେବ ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ଏହା ପ୍ରକାଶ କରିଛନ୍ତି ।

ଡ଼ଃ ବାଜପେୟୀ କହିଲେ ଯେ ଏହି ପ୍ରକଳ୍ପ ଅଧୀନରେ କୃଷି, ମାନବ ସମ୍ବଳର ବିକାଶ ଓ ଗ୍ରାମାଞ୍ଚଳର ଭିତ୍ତିଭୂମି କ୍ଷେତ୍ରରେ ଅର୍ଥ ବିନିଯୋଗ କରି ଆଦିବାସୀମାନଙ୍କ ଅର୍ଥନୈତିକ ଉନ୍ନତି ସାଙ୍ଗକୁ ପ୍ରାକୃତିକ ସଂପଦର ସୁରକ୍ଷା ପାଇଁ ଉଦ୍ୟମ କରାଯିବ ।

## ନୂତନ କୋଠାବାଡ଼ି ନିର୍ମାଣ

ବିଗତ ୪୦ ବର୍ଷ ମଧ୍ୟରେ ରାଜ୍ୟର ସହର ଓ ଗ୍ରାମାଞ୍ଚଳଗୁଡ଼ିକରେ ପୂର୍ତ୍ତ ବିଭାଗ ଅଧୀନସ୍ଥ କୋଠାବାଡ଼ି ନିର୍ମାଣ ସଂସ୍ଥାର ଉଦ୍ୟମରେ ବହୁ ସଂଖ୍ୟକ ସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ ଏବଂ ସାଂସ୍କୃତିକ ଅନୁଷ୍ଠାନ ନିର୍ମାଣ କରାଯାଇଛି । ତନ୍ମଧ୍ୟରୁ କେତୋଟି ମୁଖ୍ୟ ନିର୍ମାଣ ପ୍ରକଳ୍ପ ସଂପର୍କରେ ନିମ୍ନରେ ଉଲ୍ଲେଖ କରାଗଲା :—

ପ୍ରଥମ ଦଶନ୍ଧି (୧୯୪୭—୫୭) ରେ ଭୁବନେଶ୍ୱରଠାରେ ପୁରାତନ ସଚିବାଳୟ (ନାଲି କୋଠା), ରାଜ୍ୟ ଅତିଥି ଭବନ, ରାଜଭବନ ଏବଂ ରାଜ୍ୟ ସଂଗ୍ରହାଳୟର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଥିଲା । ପରବର୍ତ୍ତୀ ଦଶନ୍ଧିରେ ବିଧାନ ସଭା ଗୃହ, ରବୀନ୍ଦ୍ର ମଣ୍ଡପ, ରାଜ୍ୟ ପୁସ୍ତକାଗାର, ଷ୍ଟେଟ୍ ପରଚେଜିଂ ଅର୍ଗାନାଇଜେସନ୍‌ର ଗୋଦାମ ଘର ଏବଂ କଟକର ବଡ଼ ଯୋବ୍ରାଠାରେ ସର୍ଭେ ଓ ମାନଚିତ୍ର ପ୍ରକାଶନ ପାଇଁ ଏକ ଭବନ ନିର୍ମିତ ହୋଇଥିଲା । ଏହା ବ୍ୟତୀତ ସେହି ସମୟ ମଧ୍ୟରେ ବାଣୀବିହାରଠାରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନ, ଅତିଥି ଭବନ ଓ ପାଠାଗାର ସମେତ ବିଭିନ୍ନ ବିଭାଗର କୋଠାବାଡ଼ି, ନୂତନ ସଚିବାଳୟ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ନିର୍ମିତ ହୋଇଥିଲା । ତୃତୀୟ ଦଶନ୍ଧି କାଳ (୧୯୬୭—୭୭) ମଧ୍ୟରେ ଏହି ବିଭାଗ ଦ୍ୱାରା ଭୁବନେଶ୍ୱର ବସ୍‌ଷ୍ଟାଣ୍ଡ, ରମାଦେବୀ ମହିଳା କଲେଜ ଓ ଛାତ୍ରୀ ନିବାସ, ସରକାରୀ ହୋମିଓପ୍ୟାଥି ମହାବିଦ୍ୟାଳୟ, ବହୁତଳ ବିଶିଷ୍ଟ ବିଭାଗୀୟ-ମୁଖ୍ୟ କାର୍ଯ୍ୟାଳୟ, ଭଞ୍ଜ ବିହାରଠାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଜ୍ୟୋତି ବିହାରଠାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ନିର୍ମାଣ କରାଯାଇଥିଲା । ଗତ ଦଶବର୍ଷ ମଧ୍ୟରେ ପୂର୍ତ୍ତ ବିଭାଗ ଦ୍ୱାରା ସଂପୂର୍ଣ୍ଣ ହୋଇଥିବା ଅନ୍ୟ କେତୋଟି କୋଠାବାଡ଼ି ମଧ୍ୟରେ ରମାଦେବୀ ମହିଳା କଲେଜର ୭୫ ସ୍ଥାନ ବିଶିଷ୍ଟ ଛାତ୍ରୀ ନିବାସ, ସଚିବାଳୟର ସଂପ୍ରସାରିତ କାର୍ଯ୍ୟାଳୟ, ରାଜ୍ୟ ଅତିଥି ଭବନର ନୂତନ ଭୋଜନାଳୟ, ଆଇ. ଆର. ସି. ଭବନ, କଟକରେ ଜବାହରଲାଲ୍ 'ଇନ୍‌ଡୋର ଷ୍ଟାଡ଼ିୟମ', ଚୌଦ୍ୱାରଠାରେ 'ସର୍କଲ ଜେଲ୍' ଏବଂ ବ୍ରହ୍ମପୁର ନର୍ସିଂ କଲେଜ ଓ ହଷ୍ଟେଲ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ସେହି ସମୟ ମଧ୍ୟରେ ୧୧୫ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅତିରିକ୍ତ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ବାସଗୃହ, ଗ୍ରାମ୍ୟ ପରିବାର କଲ୍ୟାଣ କେନ୍ଦ୍ର, ୩୧ଟି ମହାବିଦ୍ୟାଳୟ ୧୫ଟି ବିଦ୍ୟାଳୟ ଇତ୍ୟାଦି ବିଭିନ୍ନ ସରକାରୀ କୋଠାବାଡ଼ି ନିର୍ମିତ ହୋଇଛି । ସେହିପରି ବ୍ରିଟିଶ ସହାୟତା କାର୍ଯ୍ୟକ୍ରମ ଅନୁଯାୟୀ ରାଜ୍ୟର ବିଭିନ୍ନ ସ୍ଥାନରେ ୧୯୭୭ଟି କୋଠାବାଡ଼ିର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି ।

## ଗୋତିଶ୍ରମିକ ଥଇଥାନ

ଗୋତି ଶ୍ରମିକଙ୍କ ଥଇଥାନ କାର୍ଯ୍ୟକ୍ରମ ରାଜ୍ୟରେ କାର୍ଯ୍ୟକାରୀ ହେବା ଦିନଠାରୁ ଗତମାସ ସୁଦ୍ଧା ମୋଟ୍ ୩୮,୩୧୬ ଜଣ ଗୋତି-ମୁକ୍ତ ଶ୍ରମିକଙ୍କୁ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ଚଳିତ ଆର୍ଥିକ ବର୍ଷରେ ଗତମାସ ସୁଦ୍ଧା ଥଇଥାନ ହୋଇଥିବା ୧୩୩୨ ଜଣ ଅନ୍ତର୍ଭୁକ୍ତ । ଉପରୋକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ୧୦,୯୬୬ ଜଣ ତଫସିଲଭୁକ୍ତ ଜାତି ଓ ୧୩,୯୨୪ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ । ଏହି ସମୟ ମଧ୍ୟରେ ବଲାଙ୍ଗୀର ଜିଲ୍ଲାରେ ସର୍ବାଧିକ ୫୯୪୪ ଜଣ ଏବଂ ତା'ପରକୁ କଟକ ଓ କୋରାପୁଟ ଜିଲ୍ଲାରେ ଯଥାକ୍ରମେ ୫୨୨୯ ଜଣ ଓ ୫୧୯୪ ଜଣ ଗୋତିମୁକ୍ତ ଶ୍ରମିକଙ୍କ ଥଇଥାନ କରାଯାଇଛି । ଅନ୍ୟ ଜିଲ୍ଲାଗୁଡ଼ିକରେ ଥଇଥାନ ହୋଇଥିବା ଏପରି ଶ୍ରମିକଙ୍କ ସଂଖ୍ୟା ହେଲା—ବାଲେଶ୍ୱର ଜିଲ୍ଲାରେ ୯୩୪ ଜଣ, ଢେଙ୍କାନାଳ ଜିଲ୍ଲାରେ ୧,୩୯୪ ଜଣ ଗଞ୍ଜାମ ଜିଲ୍ଲାରେ ୧,୭୬୨ ଜଣ, କଳାହାଣ୍ଡି ଜିଲ୍ଲାରେ ୩,୦୧୯ ଜଣ, କେନ୍ଦୁଝର ଜିଲ୍ଲାରେ ୧,୬୯୮ ଜଣ, ମୟୂରଭଞ୍ଜ ଜିଲ୍ଲାରେ ୨,୪୫୮ ଜଣ, ଫୁଲବାଣୀ ଜିଲ୍ଲାରେ ୨,୨୬୫ ଜଣ, ପୁରୀ ଜିଲ୍ଲାରେ ୩,୪୦୧ ଜଣ, ସମ୍ବଲପୁର ଜିଲ୍ଲାରେ ୨,୯୮୧ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରେ ୨,୦୩୭ ଜଣ ।

କରାଯାଇଛି ବୋଲି ସଂପ୍ରତି ରାଜସ୍ୱ, ଅର୍ଥ ଓ ଆଇନ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକଙ୍କ ସଂପ୍ରତି କୋରାପୁଟ ଗସ୍ତ ସମୟରେ ଜଣା ପଡ଼ିଛି ।

କାମଧନ୍ଦା ପାଇଁ ସୃଷ୍ଟି ହୋଇଥିବା ଶ୍ରମ ଦିବସ ମଧ୍ୟରେ ହରିଜନ ଲୋକଙ୍କ ପାଇଁ ୭ ଲକ୍ଷ ୧୯ ହଜାର ଓ ଆଦିବାସୀ ଲୋକଙ୍କ ପାଇଁ ୬ ଲକ୍ଷ ୭୫ ହଜାର ଶ୍ରମ ଦିବସ ଅନ୍ତର୍ଭୁକ୍ତ ।

## ଗୋତି ଶ୍ରମିକଙ୍କ ଥଇଥାନ

ଚଳିତ ଆର୍ଥିକ ବର୍ଷରେ ଗତ ଅକ୍ଟୋବର ସୁଦ୍ଧା ସମ୍ବଲପୁର ଜିଲ୍ଲାରେ ୧୯ଜଣ ତପସିଲଭୁକ୍ତ ଜାତି ଓ ୫୪ଜଣ ତପସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ୭୬ ଜଣ ଗୋତିମୁକ୍ତ ଶ୍ରମିକଙ୍କୁ ଥଇଥାନ କରାଯାଇଛି । ଏ ବାବଦରେ ୩ ଲକ୍ଷ ୨୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି । ରାଜ୍ୟରେ ଗୋତି ଶ୍ରମିକଙ୍କ ଥାଇଥାନ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ପ୍ରାୟ ୧ କୋଟି ୬ ଲକ୍ଷ ଟଙ୍କା ବ୍ୟୟରେ ଜିଲ୍ଲାରେ ୩,୦୦୯ ଜଣ ଗୋତିମୁକ୍ତ ଶ୍ରମିକଙ୍କୁ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୭୫୫ ଜଣ ତପସିଲଭୁକ୍ତ ଜାତି ଓ ୧,୫୦୯ ଜଣ ତପସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ।

## ସିମେଣ୍ଟ କାରଖାନା ଆଧୁନିକୀକରଣ

ଶିକ୍ଷା, କ୍ରୀଡ଼ା ଓ ଯୁବ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ କୁମାରୀ ଫ୍ରିଡା ଟୋପ୍ନୋ ସୁନ୍ଦରଗଡ଼ ଜିଲ୍ଲାର ରାଜଗାଙ୍ଗପୁରସ୍ଥିତ ଓଡ଼ିଶା ସିମେଣ୍ଟ କାରଖାନାର ଆଧୁନିକୀକରଣ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୁମାରୀ ଟୋପ୍ନୋ ଏହି କାରଖାନାରୁ ଉତ୍ତମ ମାନର ସିମେଣ୍ଟ ଉତ୍ପାଦନ ସମ୍ଭବ ହେବ ଏବଂ ଓଡ଼ିଶା ତଥା ଓଡ଼ିଶା ବାହାରର ଆବଶ୍ୟକୀୟ ଚାହିଦା ପୂରଣ କରିବାରେ ଏହା ସହାୟକ ହେବ ବୋଲି ଆଶା ପ୍ରକାଶ କରିଥିଲେ । ଏହି କାରଖାନାରେ ବହୁ ଆଦିବାସୀ ତଥା ଅନୁନ୍ନତ ଦୁର୍ବଳ ଶ୍ରେଣୀର ଲୋକ କାମ କରୁଥିବାରୁ ସେମାନେ ଉପକୃତ ହେବା ସଙ୍ଗେସଙ୍ଗେ କାରଖାନାର ଉତ୍ପାଦନ ବୃଦ୍ଧି କରିବାରେ ସେମାନେ ସହାୟକ ହେବେ । ଫଳରେ ସେମାନେ ନିଜର ରୋଜଗାର ବୃଦ୍ଧି କରିବା ସଙ୍ଗେସଙ୍ଗେ ଦେଶର ସମୃଦ୍ଧିରେ ଅଂଶୀଦାର ହୋଇ ପାରିବେ ବୋଲି ସେ କହିଥିଲେ ।

## ଭୁବନେଶ୍ୱର ଓ ସମ୍ବଲପୁର ଷ୍ଟେସନରେ ଓଭରବ୍ରିଜ୍

ଭୁବନେଶ୍ୱର ଓ ସମ୍ବଲପୁର ରେଳ ଷ୍ଟେସନରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଓଡ଼ିଶା ସରକାର ଦେଇଥିବା ପ୍ରସ୍ତାବ ରେଳବାଇର କାର୍ଯ୍ୟଯୋଜନାରେ ଅନ୍ତର୍ଭୁକ୍ତ କରିବା ବିଷୟ ବିଚାର କରାଯିବ ବୋଲି ରେଳବାଇ ମନ୍ତ୍ରୀ ଶ୍ରୀ ମାଧବ ରାଓ ସିନ୍ଧିଆ ରାଜ୍ୟସଭାରେ ପ୍ରକାଶ କରିଛନ୍ତି ।

ଶ୍ରୀ ବାସୁଦେବ ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ ଯେ ସମ୍ବଲପୁର ଓଭରବ୍ରିଜ୍ ନିମିତ୍ତ ଆନୁମାନିକ ୨୧୨.୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଭୁବନେଶ୍ୱରରେ ଦୁଇଟି ଓଭରବ୍ରିଜ୍ ନିର୍ମାଣରେ ୨୮୦.୪୬ ଲକ୍ଷ ଟଙ୍କା ଓ ୨୯୧.୮୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ହିସାବ କରାଯାଇଛି ବୋଲି ରେଳମନ୍ତ୍ରୀ ସୂଚନା ଦେଇଥିଲେ ।

## ଶିକ୍ଷା କ୍ଷେତ୍ରରେ ସହଯୋଗ

ସୋଭିଏତ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗର ଉପମନ୍ତ୍ରୀ ପ୍ରଫେସର ଏନ୍. ଏସ୍. ଇଗୋରୋଙ୍କ ନେତୃତ୍ୱରେ ଏକ ପଞ୍ଚଜଣିଆ ପ୍ରତିନିଧି ଦଳ ଶିକ୍ଷା ଓ ସଂସ୍କୃତି ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ କ୍ରିଷ୍ଣା ସାହିଙ୍କୁ ଭେଟିଛନ୍ତି । ଭାରତ ସୋଭିଏତ ଟେକ୍ସଟବୁକ୍ ବୋର୍ଡର ୧୬ ତମ ଅଧିବେଶନରେ ମଧ୍ୟ ଏହି ପ୍ରତିନିଧିମାନେ ଅଂଶ ଗ୍ରହଣ କରିବେ ।

ଭାରତୀୟ ଛାତ୍ରମାନଙ୍କୁ ଉଚ୍ଚଶିକ୍ଷା ପାଇଁ ସ୍ୱଳ୍ପ ମୂଲ୍ୟରେ ବିଭିନ୍ନ ବିଭାଗୀୟ ପୁସ୍ତକ ଯୋଗାଇ ଦେବା ଉପରେ ଏକ ପ୍ରୋଟୋକଲ କାର୍ଯ୍ୟକାରୀ ହେବ । ଏ ସଂକ୍ରାନ୍ତରେ ଗୋଟିଏ ଭାରତ ସୋଭିଏତ ମିଳିତ ବୋର୍ଡ ଗଠନ କରାଯାଇଛି । ମାନବ ସମ୍ବଳ ବିକାଶ ବିଭାଗର ସଚିବ ଏହାର ଅଧ୍ୟକ୍ଷ ଓ ସୋଭିଏତ ଶିକ୍ଷା ଉପମନ୍ତ୍ରୀ ଏହାର ଉପାଧ୍ୟକ୍ଷ ଅଛନ୍ତି । ପ୍ରତି ଦେଶରୁ ପାଞ୍ଚ ଜଣ ଲେଖାଏଁ ସଭ୍ୟ ଏହି ବୋର୍ଡରେ ଅଛନ୍ତି । ବୋର୍ଡର ସୁପାରିଶ ଅନୁସାରେ ସୋଭିଏତ ଦେଶ କାରିଗରୀ ପ୍ରଶିକ୍ଷଣ ଉପରେ ମେଧାବୀ ଛାତ୍ରମାନଙ୍କୁ କେତୋଟି ବୃତ୍ତି ଦେବା ପାଇଁ ରାଜି ହୋଇଛି ।

## ନଦୀ ଜଳ ପ୍ରଦୂଷଣ

ମହାନଦୀ, ବ୍ରାହ୍ମଣୀ-ବୈତରଣୀ ଓ ସୁବର୍ଣ୍ଣରେଖା ସମେତ ଦେଶର ୨୯ଟି ନଦୀର ଜଳ ପ୍ରଦୂଷଣର କାରଣ ନିର୍ଣ୍ଣୟ କରିବା ପାଇଁ କେନ୍ଦ୍ର ଜଳ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି । ପ୍ରଦୂଷଣ ବୋର୍ଡ ପକ୍ଷରୁ କରାଯାଇଥିବା ଏ ସଂକ୍ରାନ୍ତ ପରୀକ୍ଷାର ରିପୋର୍ଟ ୧୯୮୮ ମସିହାରେ ପ୍ରକାଶ ପାଇବ । ଏହି ଅଞ୍ଚଳରେ ପ୍ରବାହିତ ନଦୀଗୁଡ଼ିକର ଜଳକୁ ପରୀକ୍ଷା କରି ଏହାର ପ୍ରଦୂଷଣର ମାତ୍ରା ଓ କାରଣ ନିର୍ଣ୍ଣୟ କରିବା ସଙ୍ଗେସଙ୍ଗେ ଏହାର ନିରାକରଣ ପାଇଁ ବୋର୍ଡ ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରାଯାଉଛି । ବିଭିନ୍ନ ରାଜ୍ୟ ପ୍ରଦୂଷଣ ବୋର୍ଡଗୁଡ଼ିକ ସହାୟତାରେ କେନ୍ଦ୍ର ଜଳ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧୀନରେ ବର୍ତ୍ତମାନ ସୁଦ୍ଧା ୧୪ଟି ବଡ଼, ସାତଟି ମଧ୍ୟମ ଓ ଆଠଟି କ୍ଷୁଦ୍ର ନଦୀର ଜଳକୁ ପରୀକ୍ଷା କରି ଦେଖାଯାଉଛି ।

ଏଥିପାଇଁ ଆବଶ୍ୟକୀୟ ତଦାରଖ କେନ୍ଦ୍ରମାନ ସ୍ଥାପନ କରାଯାଇ ଜଳ ପ୍ରଦୂଷଣର କାରଣ ଓ ନିରାକରଣ ବ୍ୟବସ୍ଥା ଅନୁଧ୍ୟାନ କରାଯାଉଛି । ଚଳିତ ଯୋଜନା ଶେଷ ସୁଦ୍ଧା ସମଗ୍ର ଦେଶରେ ଏଭଳି ୪୦୦ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ରଖାଯାଇଛି । ଅଷ୍ଟମ ଯୋଜନା କାଳରେ ଏହି କେନ୍ଦ୍ର ସଂଖ୍ୟା ୯୦୦କୁ ବଢ଼ାଇବା ପାଇଁ ନିଷ୍ପତ୍ତି ନିଆଯାଇଛି । ବର୍ତ୍ତମାନ ସୁଦ୍ଧା ଦେଶରେ ଏଭଳି ୨୦୦ଟି କେନ୍ଦ୍ର ସ୍ଥାପନ କରାଯାଇଛି ଓ ଏଥିମଧ୍ୟରୁ ୫୧ଟି କେନ୍ଦ୍ରର ରକ୍ଷଣାବେକ୍ଷଣ ବିଶ୍ୱ ପାରିପାର୍ଶ୍ୱିକ ସଂସ୍ଥା ଦ୍ୱାରା କରାଯାଉଛି । ଭାରତୀୟ ଜାତୀୟ ଜଳ ପ୍ରତିଷ୍ଠାନ ଓ ଗଙ୍ଗା କ୍ରିୟାନୁଷ୍ଠାନ ଯୋଜନା ଦ୍ୱାରା ମଧ୍ୟ ଯଥାକ୍ରମେ ୧୨୨ ଓ ୨୭ଟି କେନ୍ଦ୍ର ପରିଚାଳିତ ହେଉଛି ।

## ଛତୁ ଚାଷ ପାଇଁ ମହିଳାମାନଙ୍କୁ ତାଲିମ

ଓଡ଼ିଶାରେ ଛତୁପରି ଏକ ସ୍ୱାଦିଷ୍ଟ ଓ ପୁଷ୍ଟିକର ଖାଦ୍ୟ ଉତ୍ପାଦନର ସଂପ୍ରସାରଣ କରିବା ପାଇଁ ରାଜ୍ୟ ବିଜ୍ଞାନ, ବୈଷୟିକ ଓ ପରିବେଶ ବିଭାଗ ତରଫରୁ ଏକ ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ପ୍ରଥମ ଦଫାରେ ୧୫ ଜଣ ମହିଳାଙ୍କୁ କସ୍ତୁରବା ନାରୀ ମହଲଠାରେ ତାଲିମ ଦିଆଯାଇଥିଲା । ଏହି ତାଲିମ କାର୍ଯ୍ୟକ୍ରମ କସ୍ତୁରବା ନାରୀ ମହଲ କର୍ମକର୍ତ୍ତାଙ୍କ ଜରିଆରେ ରାଜ୍ୟ କୃଷି ବିଭାଗର ଛତୁ ବିଶେଷଜ୍ଞଙ୍କ ଦ୍ୱାରା ଦିଆଯାଇଥିଲା । ଦ୍ୱିତୀୟ ଓ ତୃତୀୟ ଦଫାରେ ଆହୁରି ଅଧିକ ସଂଖ୍ୟକ ମହିଳାଙ୍କୁ ଏହି ତାଲିମ ଦେବା ପାଇଁ ଆୟୋଜନ କରାଯାଉଛି । ତାଲିମପ୍ରାପ୍ତ ମହିଳାମାନେ ନିଜନିଜ ଘରେ ଅନ୍ତତଃ ଗୋଟିଏ ଲେଖାଏଁ ଛତୁ ଶଯ୍ୟା ପ୍ରସ୍ତୁତ କରିବାକୁ ଅନୁରୋଧ କରାଯାଇଛି । ଏହି ଛତୁ ଶଯ୍ୟା ପ୍ରସ୍ତୁତ କରିବା ପାଇଁ ବିଜ୍ଞାନ, ବୈଷୟିକ ଓ ପରିବେଶ ବିଭାଗ ତରଫରୁ ଗୋଟିଏ ବୋତଲ ଛତୁ ମଂଜି ମାଗଣାରେ ସେମାନଙ୍କୁ ଯୋଗାଇ ଦିଆଯିବ ଏବଂ ଛତୁ ବିଶେଷଜ୍ଞମାନେ ଶଯ୍ୟା ପ୍ରସ୍ତୁତରେ ବ୍ୟକ୍ତିଗତଭାବେ ସାହାଯ୍ୟ କରିବେ ।

ଏହି ପରୀକ୍ଷାମୂଳକ କାର୍ଯ୍ୟକ୍ରମଟି ସଫଳ ହେଲେ ଛତୁଚାଷ ତାଲିମ କାର୍ଯ୍ୟକ୍ରମକୁ ଗାଁଗହଳିର ମହିଳାମାନଙ୍କ ମଧ୍ୟରେ ପ୍ରସାର କରାଯିବ । ଗ୍ରାମାଞ୍ଚଳର ମହିଳାମାନେ ଏହାକୁ ବ୍ୟବସାୟିକ ଭିତ୍ତିରେ ଚାଷ କରି ନିଜ ନିଜର ଉପାର୍ଜନ ବଢ଼ାଇବା ସହିତ ଆମ ରାଜ୍ୟରେ ଛତୁ ପରି ଏକ ସ୍ୱାଦିଷ୍ଟ ଖାଦ୍ୟ ଉତ୍ପାଦନ ବୃଦ୍ଧି ଓ ସହଜ ଲଭ୍ୟ କରିବା ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ।

ଏହି ତାଲିମ ଶିବିରର ଉଦ୍‌ଘାଟନ ଉତ୍ସବରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ଶ୍ରୀ ଜି. ସି. ମଣ୍ଡଳ ପୌରୋହିତ୍ୟ କରିଥିଲେ ଏବଂ ରାଜ୍ୟ ସମାଜ ମଙ୍ଗଳ ଉପଦେଷ୍ଟା ବୋର୍ଡର ଅଧ୍ୟକ୍ଷା ଶ୍ରୀମତୀ ସରସ୍ୱତୀ ପ୍ରଧାନ ମୁଖ୍ୟ ଅତିଥି ଓ କୃଷି ଓ ଖାଦ୍ୟ ଉତ୍ପାଦନ ଅତିରିକ୍ତ ନିର୍ଦ୍ଦେଶକ ଡ଼ାଃ ଶମ୍ଭୁ ମହାପାତ୍ର ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ । ବିଭାଗୀୟ ବରିଷ୍ଠ ବୈଜ୍ଞାନିକ ଶ୍ରୀ ପି. କେ. ଦାସ ପ୍ରାରମ୍ଭିକ ଭାଷଣରେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ । କସ୍ତୁରବା ନାରୀ ମହଲର ସଂପାଦିକା ଶ୍ରୀମତୀ ଶାନ୍ତିଲତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ମତ୍ସ୍ୟଜୀବୀମାନଙ୍କୁ ସୁବିଧା ସୁଯୋଗ

ସମୁଦ୍ର-ମାଛଧରାର ବିକାଶ ତଥା ପାରଂପରିକ ମତ୍ସ୍ୟଜୀବୀଙ୍କ ସାମାଜିକ-ଆର୍ଥିକ ଅବସ୍ଥାର ଆଶୁ ଉନ୍ନତି ଘଟାଇବା ସକାଶେ ନରୱେ ସରକାରଙ୍କ ଆର୍ଥିକ ସହାୟତାରେ ୧୯୮୬-୮୭ରୁ ବାଲେଶ୍ୱର ଜିଲ୍ଲା କଣ୍ଠାପଲ୍ଲରେ ଏକ ସମନ୍ୱିତ ସାମୁଦ୍ରିକ ମତ୍ସ୍ୟ ଉନ୍ନୟନ ଯୋଜନା କାର୍ଯ୍ୟ କରୁଛି । ଏଥିରେ ମୋଟ୍ ୪ କୋଟି ୩୫ ଲକ୍ଷ ଟଙ୍କା ବ୍ୟୟ କରାଯାଇ ପାରଂପରିକ ମତ୍ସ୍ୟଜୀବୀଙ୍କ ମାଛଧରାର ଉନ୍ନତି ପାଇଁ ଭିତ୍ତିଭୂମି ସୁବିଧା ସୁଯୋଗ, ମାଛ ବିକ୍ରୟ କେନ୍ଦ୍ରକୁ ଯାତାୟତ ପାଇଁ ରାସ୍ତାଘାଟ ବ୍ୟବସ୍ଥା, ଶିକ୍ଷା, ପାନୀୟ ଜଳ ଯୋଗାଣ, ଜେଟି ନିର୍ମାଣ, ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପ୍ରଭୃତି ଅନ୍ୟାନ୍ୟ ବହୁ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ।

ଏହି ପ୍ରକଳ୍ପଟିରେ ବ୍ୟୟ କରାଯାଉଥିବା ଅର୍ଥର ଶତକଡ଼ା ୭୦ ଭାଗ ଅର୍ଥ ବହିଃସାହାଯ୍ୟ ମିଳିବ ଏବଂ ଅବଶିଷ୍ଟ ଶତକଡ଼ା ୩୦ ଭାଗ ଅର୍ଥ ରାଜ୍ୟ ସରକାର ନିଜ ସମ୍ବଳରୁ ଯୋଗାଇ ଦେବେ । ଗତ ଆର୍ଥିକ ବର୍ଷ ଓ ଚଳିତ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ମୋଟ୍ ୨ କୋଟି ୬୨ ଲକ୍ଷ ୮୬ ହଜାର ଟଙ୍କାର ବ୍ୟୟ ବରାଦ କରାଯାଇଛି ।

## ଋଣ ବଣ୍ଟନ

ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ହରିହର କରଣ ପୁରୀ ଜିଲ୍ଲା ନୂଆଗାଁ ବ୍ଲକ୍ ଅନ୍ତର୍ଗତ ମହିତମାଠାରେ ଆୟୋଜିତ ଋଣ ମେଳାରେ ଯୋଗଦେଇ ୨୧୨ ଜଣ ହିତାଧିକାରୀଙ୍କୁ ୩ ଲକ୍ଷ ୮୯ ହଜାର ୭୧୬ ଟଙ୍କା ଋଣ ବଣ୍ଟନ କରିଥିଲେ । ଏହି ଋଣ ମଧ୍ୟରୁ ହିତାଧିକାରୀମାନେ ୧ ଲକ୍ଷ ୫୪ ହଜାର ୮୯୫ ଟଙ୍କା ସବ୍‌ସିଡ଼ି ପାଇବେ । ମୋଟ ୨୧୨ ଜଣ ଲୋକଙ୍କ ମଧ୍ୟରୁ ଇ. ଆର୍. ଆର୍. ପି.ରେ ୧୦୫ ଜଣ ଏବଂ ଆଇ. ଆର. ଡି.ରେ ୧୦୭ ଜଣ ଋଣ ସାହାଯ୍ୟ ପାଇଛନ୍ତି । ସେଠାରେ ସମବେତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଯୋଗାଣ ମନ୍ତ୍ରୀ କହିଲେ ଯେ ଉପଭୋକ୍ତାମାନେ ଏହି ଅର୍ଥର ସଦୁପଯୋଗ କରି ନିଜର ଗୁରୁତ୍ୱରୁଣ ମେଣ୍ଟେଇବା ସଙ୍ଗେସଙ୍ଗେ ନିଜର ଆର୍ଥିକାବସ୍ଥାରେ ଉନ୍ନତି କରିପାରିବେ । ବିଂଶସୂତ୍ରୀ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ସମାଜର ଦରିଦ୍ରତମ ପରିବାରଙ୍କୁ ଆର୍ଥିକ ସହାୟତା ଓ ସମ୍ବଳ ପ୍ରଦାନ କରି ସେମାନଙ୍କର ଅବସ୍ଥା ସ୍ୱଚ୍ଛଳ କରିବାକୁ ଉଦ୍ୟମ କରି ଆସୁଛନ୍ତି ବୋଲି ଶ୍ରୀ କରଣ କହିଥିଲେ । ସରକାର ଯେଉଁସବୁ ଜନହିତକର ଯୋଜନାମାନ କରୁଛନ୍ତି, ସେଗୁଡ଼ିକ କାର୍ଯ୍ୟକାରୀ କରିବାରେ ସରକାରୀ କର୍ମଚାରୀଙ୍କ ନିଷ୍ଠା ଏବଂ ବେସରକାରୀ ବ୍ୟକ୍ତି ବିଶେଷଙ୍କ ସହଯୋଗ ନିତାନ୍ତ ଆବଶ୍ୟକ ବୋଲି ସେ କହିଥିଲେ ।

## ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ

ଜାତୀୟ ଗ୍ରାମ୍ୟ ନିଯୁକ୍ତି କାର୍ଯ୍ୟକ୍ରମ (ଏନ୍. ଆର. ଇ. ପି.) ଷଷ୍ଠ ଯୋଜନାରୁ ଏକ କେନ୍ଦ୍ରୀୟ ଯୋଜନା ରୂପେ କୋରାପୁଟ ଜିଲ୍ଲାରେ କାର୍ଯ୍ୟକାରୀ ହେଉଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମପରିମାଣର ଅର୍ଥ ଏଥିରେ ବିନିଯୋଗ କରୁଛନ୍ତି । ଏହି କୃଷିଭିତ୍ତିକ କାର୍ଯ୍ୟକ୍ରମ, ନାମମାତ୍ର ଚାଷୀ ତଥା ଗ୍ରାମାଞ୍ଚଳରେ ବାସ କରୁଥିବା ଅଭାବଗ୍ରସ୍ତ ଲୋକମାନଙ୍କୁ ଦିରୋଟ ସମୟରେ କାମଧନ୍ଦା ଯୋଗାଇବା ସଙ୍ଗେସଙ୍ଗେ ଗ୍ରାମାଞ୍ଚଳରେ ସ୍ଥାୟୀ ସଂପତ୍ତି ସୃଷ୍ଟି କରିଥାଏ । ଏହାର ଅନ୍ୟୁନ ଶତକଡ଼ା ୧୦ ଭାଗ ଅର୍ଥ ପ୍ରତ୍ୟକ୍ଷ ଭାବେ ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକଙ୍କ କଲ୍ୟାଣାର୍ଥେ ଉପଯୋଗ ହେବା ଉଚିତ୍ ।

ଏହି କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ କୋରାପୁଟ ଜିଲ୍ଲାରେ ୨୧ ଲକ୍ଷ ୫୫ ହଜାର ଶ୍ରମ ଦିବସ ସୃଷ୍ଟି କରି ଲୋକମାନଙ୍କୁ କାମଧନ୍ଦା ଯୋଗାଇଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଗତ ନଭେମ୍ବର ମାସ ଶେଷ ସୁଦ୍ଧା ମୋଟ୍ ୧୮ ଲକ୍ଷ ୬୧ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ଚଳିତ ବର୍ଷ ୫ କୋଟି ୨୬ ଲକ୍ଷ ୮୨ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଥିଲା । ତନ୍ମଧ୍ୟରୁ ଅଦ୍ୟାବଧି ୨ କୋଟି ୯୮ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ

ଏହି ଉକ୍ତ ସମୟରେ ରାଜସ୍ୱ ପର୍ଷଦର ସଭ୍ୟ, ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ, ଚକବନ୍ଦୀ ନିର୍ଦ୍ଦେଶକ ଓ ଅନ୍ୟାନ୍ୟ ସଂପୃକ୍ତ କର୍ମକର୍ତ୍ତାଗଣ ଉପସ୍ଥିତ ଥିଲେ ।

## ଓଡ଼ିଶାରେ ଟିକାଦାନ

ପ୍ରତିଷେଧକ ଟିକାଦାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି ରାଜ୍ୟରେ ଶିଶୁ ମୃତ୍ୟୁ ହାରକୁ ହ୍ରାସ କରିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦୃଢ଼ ପଦକ୍ଷେପ ଗ୍ରହଣ କରି ଆସୁଛନ୍ତି । ରାଜ୍ୟରେ ୭ଟି ଜିଲ୍ଲା ଯଥା—କଟକ, ପୁରୀ, ଗଞ୍ଜାମ, ଫୁଲବାଣୀ, ବାଲେଶ୍ୱର, କେନ୍ଦୁଝର ଓ ସମ୍ବଲପୁରରେ "ସାର୍ବଜନୀନ ଟିକାଦାନ କାର୍ଯ୍ୟକ୍ରମ" କାର୍ଯ୍ୟକାରୀ ହେଉଛି ଏବଂ ଉକ୍ତ ଜିଲ୍ଲାଗୁଡ଼ିକର ସଦର ମହକୁମା ଡାକ୍ତରଖାନା ତଥା ରାଜଧାନୀ ଡାକ୍ତରଖାନାରେ ନବଜାତ ଶିଶୁମାନଙ୍କ ପାଇଁ "ଟିକାଦାନ କାର୍ଡ" ପ୍ରଚଳନ କରାଯାଉଛି । ଅବଶିଷ୍ଟ ୬ଟି ଜିଲ୍ଲା, ଯଥା—କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ଢେଙ୍କାନାଳ, ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲ୍ଲାରେ ଟିକାଦାନ ସଂପ୍ରସାରଣ କାର୍ଯ୍ୟକ୍ରମ' ଚାଲୁଛି । ୧୯୮୮–୮୯ ଓ ୧୯୮୯–୯୦ ମସିହା ବେଳକୁ ଉକ୍ତ ୬ଟି ଜିଲ୍ଲାକୁ 'ସାର୍ବଜନୀନ ଟିକାଦାନ କାର୍ଯ୍ୟକ୍ରମ' ସଂପ୍ରସାରିତ ହେବ । ପ୍ରତିଷେଧକ ବ୍ୟବସ୍ଥା ଫଳରେ ଶିଶୁମାନଙ୍କୁ ପୋଲିଓ, ଡିପ୍‌ଥେରିଆ, ଲହରାକାଶ, ଧନୁଷ୍ଟଙ୍କାର, ଯକ୍ଷ୍ମା ଓ ମିଳିମିଳା ରୋଗ କବଳରୁ ରକ୍ଷା କରାଯାଇ ପାରୁଛି ଏବଂ ଗର୍ଭବତୀ ମହିଳାମାନଙ୍କୁ ଧନୁଷ୍ଟଙ୍କାର ପ୍ରତିଷେଧକ ଇଂଜେକସନ୍ ଦେବା ଦ୍ୱାରା ମା' ତଥା ଗର୍ଭସ୍ଥ ଶିଶୁକୁ ଧନୁଷ୍ଟଙ୍କାର ରୋଗ ସଂକ୍ରମଣରୁ ରକ୍ଷା କରାଯାଇ ପାରୁଛି । ରାଜ୍ୟ ସରକାର ଟିକାଦାନ କାର୍ଯ୍ୟକ୍ରମ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଓ ବହୁସଂଖ୍ୟକ ଶିଶୁଙ୍କୁ ପ୍ରତିଷେଧକ ଟିକା ଦିଆଯାଉଛି । ୧୯୮୬–୮୭ ମସିହା ଭିତରେ ୯୭,୫୩୨ ଜଣ ଶିଶୁଙ୍କୁ ମିଳିମିଳା ରୋଗର ପ୍ରତିଷେଧକ ଟିକା ଓ ୪,୧୪,୦୩୯ ଜଣ ଶିଶୁଙ୍କୁ ଅନ୍ୟାନ୍ୟ ପ୍ରତିଷେଧକ ଟିକା ଦିଆଯାଇଛି । ଏହାଛଡ଼ା ଏହି ବର୍ଷ ଭିତରେ ୪,୪୦,୧୮୪ ଜଣ ଗର୍ଭବତୀ ମହିଳାଙ୍କୁ ଧନୁଷ୍ଟଙ୍କାର ପ୍ରତିଷେଧକ ଦିଆଯାଇଛି । ଚଳିତ ବର୍ଷ ନଭେମ୍ବର ମାସ ଶେଷ ସୁଦ୍ଧା ୧,୨୦,୯୬୪ ଜଣ ଶିଶୁଙ୍କୁ ମିଳିମିଳା ରୋଗର ପ୍ରତିଷେଧକ ଟିକା ଓ ୨,୫୬,୦୨୫ ଜଣ ଶିଶୁଙ୍କୁ ଅନ୍ୟାନ୍ୟ ପ୍ରତିଷେଧକ ଟିକା ଦିଆଯାଇଛି । ଏହା ବ୍ୟତୀତ ଏ ବର୍ଷ ୨,୯୭,୫୬୭ ଜଣ ଗର୍ଭବତୀ ମହିଳାଙ୍କୁ ମଧ୍ୟ ଧନୁଷ୍ଟଙ୍କାର ପ୍ରତିଷେଧକ ଟିକା ଦିଆଯାଇଛି । ଟିକାଦାନ କାର୍ଯ୍ୟକ୍ରମର ଲକ୍ଷ୍ୟ ହାସଲରେ ଦ୍ରୁତ ଅଗ୍ରଗତି ଫଳରେ ଜାତୀୟ ସ୍ତରରେ ଓଡ଼ିଶା ସରକାର ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଏ ବର୍ଷ ମଧ୍ୟ ଆଶା କରାଯାଉଛି ଯେ ଓଡ଼ିଶା ପାଇଁ ଏ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ ସଂପୂର୍ଣ୍ଣ ରୂପେ ହାସଲ କରିବା ସଙ୍ଗେ ସଙ୍ଗେ ଏହାକୁ ଅତିକ୍ରମ କରିବାର ଉଦ୍ୟମ କରାଯାଉଛି ।

ବିନା ମୂଲ୍ୟରେ ଉପରୋକ୍ତ ସବୁ ପ୍ରକାର ପ୍ରତିଷେଧକ ଟିକା ଯୋଗାଇ ଦିଆଯାଉଛି । ଲୋକେ ଏଭଳି କାର୍ଯ୍ୟକ୍ରମର ପୂର୍ଣ୍ଣ ସୁଯୋଗ ନେଇ ପିଲମାନେ ବର୍ଷକର ହେବା ଆଗରୁ ଯେପରି ନିର୍ଦ୍ଦିଷ୍ଟ ସମୟରେ ଟିକା ନିଅନ୍ତି ସେଥିପ୍ରତି ଧ୍ୟାନ ଦେବା ଉଚିତ୍ ।

## ମହିଳା ମହାବିଦ୍ୟାଳୟ

ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ହରିହର କରଣ ଡିସେମ୍ବର ୧୮ରେ ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ । ଉତ୍ସବରେ ଛାତ୍ରୀ ଓ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ସେ କହିଲେ ଯେ ଓଡ଼ିଶା ଭଳି ଏକ ଅନଗ୍ରସର ରାଜ୍ୟକୁ ଭାରତବର୍ଷର ଏକ ଉନ୍ନତ ରାଜ୍ୟଭାବେ ପ୍ରତିଷ୍ଠିତ କରାଇବା ଦିଗରେ ସରକାର ବଦ୍ଧପରିକର । ସେଥିପାଇଁ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ଗରିବ ଲୋକମାନଂକର ଅର୍ଥନୈତିକ ମାନଦଣ୍ଡକୁ ଉନ୍ନତକରିବା ଏବଂ ରାଜ୍ୟରୁ ବେକାରୀ ଦୂରକରିବା ନିମନ୍ତେ ଦୃଢ଼ ପ୍ରତିଜ୍ଞ । ସେଥିପାଇଁ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଉଦ୍ୟମ ଆବଶ୍ୟକ । ଏହି ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାକୁ ହେଲେ, ପ୍ରତ୍ୟେକ ସ୍ତରରେ କଠିନ ପରିଶ୍ରମ ଦରକାର । ଝିଅମାନଙ୍କୁ ଗୁରୁତ୍ୱ ନଦେଇ ପାଠପଢ଼ାକୁ ଭବିଷ୍ୟତ ଜୀବନ ଗଠନ କ୍ଷେତ୍ରରେ ଯୋଜନାବଦ୍ଧ କରିବାକୁ ଶ୍ରୀ କରଣ ପରାମର୍ଶ ଦେଇଥିଲେ ।

ଉତ୍ସବରେ ଲୋକସଭା ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ନାରୀ ଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେ କହିଲେ ଯେ ସମାଜରେ ୫୦ଭାଗ ହେଉଛନ୍ତି ମହିଳା, ଯେଉଁମାନେ କି ଭଗ୍ନୀ, ଜାୟା ଓ ଜନନୀ ରୂପରେ ପରିଚିତ । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ସେମାନଂକୁ ସଂଶ୍ଳିଷ୍ଟକରି ଉତ୍ସାହିତ କରିବାକୁ ସେ ପରାମର୍ଶ ଦେଇଥିଲେ । ନାରୀ ଜାଗରଣର ପ୍ରେରଣା ସୃଷ୍ଟି କରାଗଲେ, ଆମ ରାଜ୍ୟ ତଥା ଦେଶ ନିଶ୍ଚିତଭାବେ ପ୍ରତ୍ୟେକ କ୍ଷେତ୍ରରେ ଆଗୁଆ ହୋଇପାରିବେ । ଶ୍ରୀମତୀ ପଟ୍ଟନାୟକ କହିଲେ ଯେ ଆଜିର ଯୌତୁକଜନିତ ନିର୍ଯ୍ୟାତନା, ସତୀଦାହପରି କୁ-ସଂସ୍କାର ବିରୁଦ୍ଧରେ କେବଳ ଆଇନ ପ୍ରଣୟନ କରିଦେଲେ ଯଥେଷ୍ଟ ହେବନାହିଁ, କିନ୍ତୁ ଏହା ବିରୁଦ୍ଧରେ ଲୋକମତ ସୃଷ୍ଟି ହେବା ଏକାନ୍ତ ଆବଶ୍ୟକ । ପରିବାର ମଧ୍ୟରେ ମା'ଯଦି ଶିକ୍ଷିତହୁଏ, ତେବେ ପରିବାରରେ କେହି ଅଶିକ୍ଷିତ ରହିବେ ନାହିଁ ବୋଲି ସେ ଦୃଢ଼ମତ ପ୍ରକାଶ କରିଥିଲେ ।

କଲେଜ ଅଧ୍ୟକ୍ଷା ସ୍ୱାଗତ ଭାଷଣ ଦେଇଥିଲେ । ଉତ୍ସବରେ ରଣପୁର ବିଧାୟକ ଶ୍ରୀ ରମାକାନ୍ତ ମିଶ୍ର ଓ ନୟାଗଡ଼ ଏସ୍. ଡି. ଓ. ଶ୍ରୀ ଯତୀଂଦ୍ରନାଥ ଖୁଣ୍ଟିଆ ଯୋଗ ଦେଇଥିଲେ ।

ଏହି ଜିଲ୍ଲାର ୬୬୭ଟି ଗ୍ରାମ ସମନ୍ୱିତ ଜନଜାତି ଉନ୍ନୟନ ଉପଯୋଜନା ଅଧୀନରେ ଅଛି । ଜିଲ୍ଲାର ଅଧିକାଂଶ ଗ୍ରାମ ଘନ ଜଙ୍ଗଲ ପରିବେଷ୍ଟିତ । ଜନସଂଖ୍ୟା ଖୁବ୍ କମ୍ ହୋଇଥିବାରୁ ଆଶାନୁରୂପକ ଗ୍ରାହକ ଅଭାବ ପରିଲକ୍ଷିତ ହୁଏ । ଏହାଫଳରେ ଗ୍ରାମ୍ୟ ବିଦ୍ୟୁତ୍‌କରଣ ପାଇଁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ । ପରୀକ୍ଷାମୂଳକ ଭାବେ ସୌର ରଶ୍ମୀ ସାହାଯ୍ୟରେ ଏହି ଜିଲ୍ଲାରେ କେତେକ ଗ୍ରାମକୁ ବିଦ୍ୟୁତ୍‌କରଣ କରିବା ପାଇଁ ଉଦ୍ୟମ କରାଯାଉଛି ।

ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ ଏହି ଜିଲ୍ଲା ପାଇଁ ୧୮ଟି ଯୋଜନା ମଞ୍ଜୁର କରିଛନ୍ତି । ଏଗୁଡ଼ିକ ପୂର୍ଣ୍ଣାଙ୍ଗ ହେବା ପରେ ୮୬୭ଟି ଗ୍ରାମ ଓ ୨୩୩ଟି ପମ୍ପକୁ ବିଦ୍ୟୁତ୍‌ଶକ୍ତି ଯୋଗାଇ ଦିଆଯିବା ସଙ୍ଗେସଙ୍ଗେ ୨୩୭ଟି ହରିଜନ ବସ୍ତିରେ ରାସ୍ତା ଆଲୋକ ବ୍ୟବସ୍ଥା କରାଯାଇ ପାରିବ ।

ଗଙ୍ଗା ଅବବାହିକାରେ ଉତ୍ତର ପ୍ରଦେଶ, ବିହାର, ପଶ୍ଚିମ-ବଙ୍ଗରେ ଏଭଳି ୩୩ଟି କେନ୍ଦ୍ର ଖୋଲା ଯାଇଛି । ସେହିଭଳି ସୁର୍ଟ-ସତଲେଜ ଓ ଯମୁନା ଅବବାହିକାରେ ୨୧ଟି ଓ କୃଷ୍ଣା-ଗୋଦାବରୀ ଅବବାହିକାରେ ୨୦ଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି

## କୋରାପୁଟରେ କର୍ମଯୋଗାଣ

ଗ୍ରାମୀଣ ଭୂମିହୀନଙ୍କୁ ନିର୍ଭରଯୋଗ୍ୟ କର୍ମଯୋଗାଣ କାର୍ଯ୍ୟକ୍ରମ (ଆର. ଏଲ୍. ଇ. ଜି. ପି.) ଅନୁଯାୟୀ ଗତ ନଭେମ୍ବର ମାସ ଶେଷ ସୁଦ୍ଧା ମୋଟ୍ ୨ କୋଟି ୧୦ ଲକ୍ଷ ୬୮ ହଜାର ଟଙ୍କା ବିନିଯୋଗ କରାଯାଇ ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ପାଇଁ ସୃଷ୍ଟି ହୋଇଥିବା ୮.୬୮ ଲକ୍ଷ ଶ୍ରମ ଦିବସ ସମେତ ସର୍ବମୋଟ୍ ୧୦ ଲକ୍ଷ ୫୫ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇଛି ।

ଏହି ସମୟ ମଧ୍ୟରେ ଉକ୍ତ କାର୍ଯ୍ୟକ୍ରମ ଅନୁଯାୟୀ ହାତକୁ ନିଆଯାଇଥିବା କାର୍ଯ୍ୟକ୍ରମ ମଧ୍ୟରେ ୧୬୬୨ଟି ସ୍କୁଲଘର ନିର୍ମାଣ ଅନ୍ତର୍ଭୁକ୍ତ । ତନ୍ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୧୧୫୧ଟି ସ୍କୁଲ ଘରର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି ।

ଏଠାରେ ଉଲ୍ଲେଖନୀୟ ଯେ ଗ୍ରାମାଞ୍ଚଳ ଭୂମିହୀନଙ୍କ କର୍ମସଂସ୍ଥାନ ସୁରକ୍ଷା କାର୍ଯ୍ୟକ୍ରମ (ଆର. ଏଲ୍. ଇ. ଜି. ପି.) ମୁଖ୍ୟତଃ ଦୁଇଟି ଉଦ୍ଦେଶ୍ୟ ନେଇ ରାଜ୍ୟରେ ଗତ ୧୯୮୩-୮୪ରୁ କାର୍ଯ୍ୟକାରୀ କରାଯାଉଛି । ଗ୍ରାମାଞ୍ଚଳର ପ୍ରତ୍ୟେକ ଭୂମିହୀନ ଶ୍ରମିକ ପରିବାରରୁ ଅନ୍ତତଃ ପକ୍ଷେ ଜଣେ ଲୋକକୁ ବର୍ଷକ ମଧ୍ୟରେ ଅନ୍ତତଃ ୧୦୦ ଦିନ ପର୍ଯ୍ୟନ୍ତ କାମ ଯୋଗାଇ ଦେବା ପାଇଁ ଉଦ୍ୟମ କରିବା ଏବଂ ଗ୍ରାମାଞ୍ଚଳ ଗରିବ ଲୋକଙ୍କ ପାଇଁ ଶ୍ରମ ଦିବସ ସୃଷ୍ଟି କରାଯାଇ ସ୍ଥାୟୀ ସାଧାରଣ ସଂପତ୍ତି ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ ମଜୁରୀ ଭାବରେ ଅଧା ଅର୍ଥ ଓ ବାକୀ ଖାଦ୍ୟଶସ୍ୟ ଆକାରରେ ଯୋଗାଇ ଦିଆଯାଇ ଗ୍ରାମାଞ୍ଚଳ ଗରିବ ଲୋକଙ୍କର ଜୀବନ ଧାରଣର ମାନର ଉନ୍ନତି ବିଧାନ କରାଯାଇଥାଏ ।

## ଗୋତି ଶ୍ରମିକ ଥଇଥାନ

ଚଳିତ ଆର୍ଥିକ ବର୍ଷରେ ଗତ ଅକ୍ଟୋବର ସୁଦ୍ଧା ୧୪ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟରେ କଳାହାଣ୍ଡି ଜିଲ୍ଲାରେ ୪୩ ଜଣ ତଫସିଲଭୁକ୍ତ ଜାତି ଓ ୭୬ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକଙ୍କ ସମେତ ୧୩୭ ଜଣ ଗୋତିମୁକ୍ତ ଶ୍ରମିକଙ୍କ ଥଇଥାନ କରାଯାଇଛି । ଏମାନଙ୍କୁ ମିଶାଇ ରାଜ୍ୟରେ ଗୋତି ଶ୍ରମିକଙ୍କ ଥଇଥାନ ଯୋଜନା କାର୍ଯ୍ୟକାରୀ ହେବା ଦିନଠାରୁ ଜିଲ୍ଲାରେ ୩୧୩୫ ଜଣ ଗୋତିମୁକ୍ତ ଶ୍ରମିକଙ୍କ ଥଇଥାନ କରାଯାଇଛି । ସେମାନଙ୍କ ମଧ୍ୟରେ ୭୫୪ ଜଣ ତଫସିଲଭୁକ୍ତ ଜାତି ଓ ୧୩୦୭ ଜଣ ତଫସିଲଭୁକ୍ତ ସଂପ୍ରଦାୟର ଲୋକ ଅନ୍ତର୍ଭୁକ୍ତ ଏବଂ ଏଥିପାଇଁ ୯୮ ଲକ୍ଷ ୯୧ ହଜାର ଟଙ୍କା ଖର୍ଚ୍ଚ ହୋଇଛି ।

## ସଶସ୍ତ୍ର ବାହିନୀର ବାର୍ଷିକୋତ୍ସବ

ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ର ଡିସେମ୍ବର ୧୪ରେ ଭୁବନେଶ୍ୱରସ୍ଥ ୭ମ ବାଟାଲିୟନ୍ ସ୍ୱତନ୍ତ୍ର ସଶସ୍ତ୍ର ଆରକ୍ଷୀ ବାହିନୀର ହାବିଲଦାର ଓ ସିପାହୀ ସଂଘର ୮ମ ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ମହାପାତ୍ର କହିଲେ ଯେ ପୋଲିସ୍ ବିଭାଗର ବିଭିନ୍ନ ଶାଖାରେ ଥିବା ଆରକ୍ଷୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କ କର୍ତ୍ତବ୍ୟ ପରାୟଣତା ଓ କାର୍ଯ୍ୟ କୁଶଳତା ଉପରେ ସରକାରଙ୍କ ସୁନାମ ବହୁ ପରିମାଣରେ ନିର୍ଭର କରେ । ଶାନ୍ତି ଶୃଙ୍ଖଳା ରକ୍ଷା କରିବା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିପନ୍ନ ଲୋକଙ୍କୁ ବିପଦରୁ ଉଦ୍ଧାର କରିବା ଦିଗରେ ଆରକ୍ଷୀ ବାହିନୀଙ୍କ କାର୍ଯ୍ୟ ପ୍ରଶଂସନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ । ସରକାର ସେମାନଙ୍କ ନ୍ୟାୟୋଚିତ ଦାବୀଗୁଡ଼ିକୁ ସୀମିତ ସମ୍ବଳ ମଧ୍ୟରେ ପର୍ଯ୍ୟାୟକ୍ରମେ ପୂରଣ କରୁଛନ୍ତି । ଜନସାଧାରଣଙ୍କ ଧନଜୀବନ ସୁରକ୍ଷା କରିବା ସଙ୍ଗେସଙ୍ଗେ ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ଆରକ୍ଷୀ ବାହିନୀ ଅଧିକ ଉତ୍ସର୍ଗୀକୃତ ମନୋଭାବ ନେଇ କାର୍ଯ୍ୟ କରିବାକୁ ଶ୍ରମ ରାଷ୍ଟ୍ରମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଏହି ଉତ୍ସବରେ ଡି. ଆଇ. ଜି. (ଭିଜିଲାନ୍‌ସ) ଶ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର (ପୂର୍ବତନ କମାଣ୍ଡାଣ୍ଟ) ଏବଂ ଡେପୁଟୀ କମାଣ୍ଡାଣ୍ଟ ଶ୍ରୀ ଆର. ପି. ମିଶ୍ର ମଧ୍ୟ ଉଦ୍‌ବୋଧନ ଦେଇଥିଲେ ।

## ଔଷଧ ଦାନ

ସଚିବାଳୟଠାରେ ହିନ୍ଦୁସ୍ଥାନ ଆଣ୍ଟି-ବାଇଓଟିକ୍ ପକ୍ଷରୁ ସଂସ୍ଥାର ଡିଭିଜନାଲ ମ୍ୟାନେଜର ଶ୍ରୀ ଏ. ମୁଖାର୍ଜୀ ଓଡ଼ିଶାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କୁ ଦୁଇଲକ୍ଷ ଟଙ୍କା ମୂଲ୍ୟର ଆଣ୍ଟି-ବାଇଓଟିକ୍ ଜୀବନ ରକ୍ଷାକାରୀ ଔଷଧ ରାଜ୍ୟର ମରୁଡ଼ିଗ୍ରସ୍ତ ଲୋକଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି । ଏଥିମଧ୍ୟରେ ବିଭିନ୍ନ କିସମର ଆଣ୍ଟି-ବାଇଓଟିକ ଔଷଧ ଓ କ୍ୟାପ୍‌ସୁଲ ସହିତ ୩୦ ହଜାର ପୁଡ଼ିଆ ରି-ହାଇଡ୍ରେସନ୍ ପ୍ୟାକେଟ୍ ଅନ୍ତର୍ଭୁକ୍ତ ଡାଇରିଆ ରୋଗୀକୁ ଆସନ୍ନ ମୃତ୍ୟୁମୁଖରୁ ରକ୍ଷା କରିବା ପାଇଁ ଏହି ଔଷଧ ବିଶେଷ ସହାୟକ ହୋଇଥାଏ ।

## ଚକବନ୍ଦୀ କ୍ୟାମ୍ପରେ ରାଜସ୍ୱ ମନ୍ତ୍ରୀ

ରାଜସ୍ୱ, ଅର୍ଥ ଓ ଆଇନ୍‌ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ କଟକ ଜିଲ୍ଲା ଅନ୍ତର୍ଗତ ଦର୍ପଣ ତହସିଲ ଅଧୀନରେ ମଧୁପୁର ଗଡ଼ରେ ଚକବନ୍ଦୀ କାର୍ଯ୍ୟ ହେଉଥିବା ବିଭିନ୍ନ ଅଭିଯୋଗ ସଂପର୍କରେ ଅନୁଧ୍ୟାନ କରିବାକୁ ମଧୁପୁର ଗଡ଼ ଗସ୍ତ କରିଥିଲେ । ସ୍ଥାନୀୟ ବିଧାୟକ ଶ୍ରୀ କାଙ୍ଗାଳୀ ଚରଣ ପଣ୍ଡା, ରସୁଲପୁର ଓ ଧର୍ମଶାଳା ପଞ୍ଚାୟତ ସମିତିର ଚେୟାରମ୍ୟାନ, ବହୁ ସରପଞ୍ଚ ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ଚକବନ୍ଦୀ କାର୍ଯ୍ୟରେ ହେଉଥିବା ଜମିଜମା ସଂକ୍ରାନ୍ତୀୟ ରେକର୍ଡ ସଂଶୋଧନରେ ବିଭ୍ରାଟ ଓ ତତ୍‌କାଳୀନ ମଧୁପୁରଗଡ଼ ରାଜାଙ୍କ ସମୟରୁ ଜମିଜମାର ଦଖଲ ସତ୍ତ୍ୱ ଓ ତତ୍ ସଂପର୍କୀୟ କାଗଜ ପତ୍ର ପ୍ରସ୍ତୁତ ହୋଇ ନ ଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ପ୍ରକାଶ କରିଥିଲେ ।

ଏ ସଂପର୍କରେ ରାଜସ୍ୱ ମନ୍ତ୍ରୀ ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ପରେ ଲୋକମାନଙ୍କର ଏହି ଅସୁବିଧାର ନିରାକରଣ ପାଇଁ ମଧୁପୁରଗଡଠାରେ ଏକ ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ସେଠାରେ ଉପସ୍ଥିତ ଥିବା ରାଜସ୍ୱ ପର୍ଷଦର ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ । ସ୍ଥାନ ସାଙ୍ଗରେ ଜନସାଧାରଣଙ୍କ ସ୍ୱାର୍ଥକୁ ବ୍ୟାହତ କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ପ୍ରକାଶ କରିଥିଲେ ।

ବ୍ୟଥାର ଜଳଧି ହୃଦୟେ ଉଚ୍ଛୁଳେ
ଅଧୀର ବେଦନା ମୁଖ ମଣ୍ଡଳେ,
ଯେଉଁ ସନ୍ତାନ ମାଆର ଗର୍ବ, ଟେକ
ଆଜି ସେ ହାଣଇ ଖଡ୍ଗ ଅଙ୍ଗେ ତାର
ନିର୍ବିକାର
ଦେଶବୋଲି ସତେ କାହାକୁ କହିବି ଆଜି?
ଭୂମି ଅଛି ସିନା ଦେଶ ଯେ ପଡିଛି ଭାଜି ।
ଜଟିବା ନାମେ ପ୍ରବଂଚନାର ଯାତେ
ଯାହା ଶୁଭ, ଯାହା ମଂଗଳକର
ଶାଶ୍ୱତ ଆଉ ଚିର ସୁନ୍ଦର
ନିଃଶେଷ ପାଇଁ ଶପଥ ନେଇଛୁ ଧ୍ୱଂସର ଅନୁରାଗେ ।
ଗଙ୍ଗାରେ ଭାସେ ଆମର ବିଷର ରେଣୁ
ଶସ୍ୟଶ୍ୟାମଳ ଘଟନଦୀରେ କ୍ରୋଧବିଦ୍ୱେଷ ବେଣୁ,
କୃଷ୍ଣାକାବେରୀ ଜଳ
ପାଣ୍ଡୁର ଆଉ ତପ୍ତ, ପରଶି
ଆମ ହୃଦୟର ତୃଷ୍ଣାର ଦାବାନଳ
ଖୋଜିବୁଲେ ଆଜି ଭାରତଭୂଇଁ
ମୋ କାହିଁ ରେ କାହିଁ
ପୁଣ୍ୟଭୂମି ମୋ କର୍ମଭୂମି
ଧର୍ମଭୂମି ମୋ ଜନ୍ମଭୂମି କାହିଁ ରେ କାହିଁ ?
ଭାରତ ଆଜି ଯାଇଛି ହଜି
ଘଟନଦୀର କୂଳେ,
ଭାରତ ଆଜି ପଡିଛି ଶୋଇ
ସ୍ୱାର୍ଥର କୋଳାହଳେ ।
ଭାରତପ୍ରସୂ ମରଳି ଯାଇଛି
ହିଂସାଅଟବୀ ପଥେ
ଭାରତ ଆମର ମ୍ଳାନ, ମୌନ
ଆମ ବିକୃତି ସାଥେ ।
ମାଟି ପଥରର ତୁଙ୍ଗ ଶିଖର ହିମାଚଳ କେବେ ନୁହେଁ ରେ
ନୁହେଁ,
ପାହାଡରୁ ଝରି ଆସୁଥିବା ଧାର ଗଙ୍ଗା, କାବେରୀ ନୁହେଁ ରେ
ନୁହେଁ,
ଚିର ଅଶାନ୍ତ ସାଗରଲହରୀ ମହୋଦଧି ଅବା ନୁହେଁ ରେ
ନୁହେଁ,
ଜନତାର ଅବା କ୍ଷମତାର ଗାଦୀ ଏ ଭାରତଭୂଇଁ ନୁହେଁ ରେ
ନୁହେଁ ।
ମୁଁ ଆଜି କହୁଛି ବନ୍ଧୁ, ମୁଁ ଅଟେ ଭାରତ ।

ମୋ ହୃଦୟ ହିମାଚଳ
ମୋ ପ୍ରେମର ଧାରା ଗଙ୍ଗା ଓ କାବେରୀ,
ମୋ ପ୍ରାଣର ଭକ୍ତି ଓ ତ୍ୟାଗର ଝଂକାର
ଭାରତର ଇତିହାସ, ଧର୍ମ ଓ କବିତା ।
ମୁଁ ଭାରତୀୟ,
ମୋ ଅନ୍ତରେ ଫୁଟିଉଠେ
ମଣିଷର ଯାହାସବୁ ଶ୍ରେଷ୍ଠ ଓ ସୁନ୍ଦର
ତେଣୁ ମୋ ଭାରତଭୂଇଁ ଅନୁପମ, ଅପୂର୍ବ, ଉଦାର ।

ପ୍ରଶାନ୍ତି ନିଳୟମ୍ A.P

ସର୍ବେ ଭବନ୍ତୁ ସୁଖିନଃ,
ସର୍ବେ ସନ୍ତୁ ନିରାମୟା ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ,
ମା କଶ୍ଚିତ୍ ଦୁଃଖଭାକ୍ ଭବେତ୍ ।

OGP—MP-VI (L. & P. R.) 56—15,000—26-1-1988



# ମୋ ଭାରତ

ବିଜୟ କୁମାର ମିଶ୍ର

ଖୋଜୁଛି ଆଜି ମୋ ଭାରତ ଭୂଇଁ କାହିଁ ରେ କାହିଁ
ପୁଣ୍ୟଭୂମି ମୋ କର୍ମଭୂମି
ଧର୍ମଭୂମି ମୋ ଜନ୍ମଭୂମି କାହିଁ ରେ କାହିଁ ?
ଅନେକ ବର୍ଷ ତଳେ
ବାଳକସୁଲଭ କଳ୍ପନା ଆଉ ପ୍ରୀତିଉତ୍ସାହ ବଳେ,

ବହିପୃଷ୍ଠାରୁ ପଢି
ଗୀତ ଓ କାହାଣୀ ଗଢି
ଭାରତ କହିଲେ ପାରୁଥିଲି ବୁଝି
ସୁନ୍ଦର ଏକ ଦିବ୍ୟମଧୁର ଭୂମି
ଯାହାର ସୌମ୍ୟ ମୁଖପ୍ରାନ୍ତରେ
ସ୍ୱର୍ଗସୁଷମା ଝଳେ ।
ହିମାଚଳ ଯା'ର ଶୁଭ୍ରକିରୀଟ ପରି,
ବିନ୍ଧ୍ୟ ମେଖଳା କଟିକୁ ରହିଛି ଘେରି,
ପଦପ୍ରାନ୍ତରେ
ନନ୍ଦମଧୁରେ
ତରଙ୍ଗ ଆରବ
ଉଲ୍ଲାସଭରେ
ଫେନମୁକ୍ତାକୁ ଢାଳେ ଅଞ୍ଜଳି ଭରି ।
ଗଙ୍ଗା ଯମୁନା ବ୍ରହ୍ମପୁତ୍ର ନଦୀ
ହିମାଚଳ ଅବା ଅମୃତ ଆସେ ସ୍ରବି

ଗୋଦାବରୀ ଆଉ କୃଷ୍ଣା କାବେରୀ
କୋଟି ଅନ୍ତର ବିଶ୍ୱାସ ଧାରା ଧରି
ଏମୋର ଭାରତ ଗିରିକନ୍ଦରେ
ବନ ଓ ପାଦପ ଜନପଦ ଧାରେ
ଗାଇଗାଇ ଯାଏ ମେଘମଲ୍ଲାରେ
ତ୍ୟାଗଭକ୍ତିର
ଜ୍ଞାନଶକ୍ତିର
ମହାମାନବର ଐକ୍ୟମନ୍ତ୍ର ସୁରେ
ଅବିନାଶୀ ଏହି ପୁଣ୍ୟଭୂମିର ଶୁଭସୌରଭ ସ୍ମରି ।
ବିଦ୍ୟାଳୟର ଅଗଣେ ପୁଣି
ଗାନ୍ଧୀ, ବୁଦ୍ଧ, କୃଷ୍ଣ ଚରିତ ଶୁଣି,
ପ୍ରହ୍ଲାଦ ଆଉ ଧ୍ରୁବ ଚରିତ୍ର,
ଭକ୍ତିତପରେ ପୂତପବିତ୍ର,
ଇତିହାସେ ସଦା ବନ୍ଦିତ ଯା'ର ନାମ
ପୁରୁ, ପ୍ରତାପ, ଶିବାଜୀ, ଅଶୋକ
ହରିଶ୍ଚନ୍ଦ୍ର, ଶିବି ଓ ଜନକ
ମଣିଷ ଜାତିର ସଦାବନ୍ଦିତ ମଉଡମଣି
ଜାଣୁଥିଲି ମୋର ଜନ୍ମଭୂମି ଏ ତୀର୍ଥ, ଅମରଧାମ ।
ଆଜି ଦେଖେ ସେଇ ଜନ୍ମଭୂମିର ମୁଖ,
ରିକ୍ତ, ସିକ୍ତ, ଆଖିରେ ଆହତ ଶୋକ,

Licence No. C. R. N. P. 5—Licensed to post without Pre-Payment





ରାଜଭବନର ସାଂସ୍କୃତିକ ଉତ୍ସବରେ
ରାଜ୍ୟପାଳ ପାଣ୍ଡେ ଓ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ




ଭୁବନେଶ୍ୱରରେ
"ଓଡ଼ିଶା ଶ୍ରୀ"
ପ୍ରତିଯୋଗିତା



ଭୁବନେଶ୍ୱରଠାରେ ଅନୁଷ୍ଠିତ ସର୍ବଭାରତୀୟ
କୁକୁର ପ୍ରଦର୍ଶନୀ ଉତ୍ସବର ଉଦ୍‌ଯାପ[illegible]



ସ୍ୱାମୀ ବିବେକାନନ୍ଦ ସମାଜ ରୌପ୍ୟ ଜୟନ୍ତୀରେ ରାଷ୍ଟ୍ରପତି ଆର୍. ଭେଙ୍କଟ ରମଣ



ରେଙ୍ଗୁନର ବାହାଦୁର ଶାହଙ୍କ ସ୍ମୃତିପୀଠରେ ପ୍ରଧାନମନ୍ତ୍ରୀ ଶ୍ରୀ ଗାନ୍ଧୀ